ଚିତ୍ର ଓ ଚରିତ୍ର

ଚିନ୍ତାମଣି ବେହେରା

Digitized by PPRACHIN, SOA

ଚିତ୍ର ଓ ଚରିତ୍ର

ଚିନ୍ତାମଣି ବେହେରା

ଆର୍ଯ୍ୟ ପ୍ରକାଶନ
ଭିକ୍‌ରୋଡ୍‌, କଟକ—୧୨

Digitized by PPRACHIN, SOA

ଚିତ୍ର ଓ ଚରିତ୍ର

ଲେଖକ :
ଚିନ୍ତାମଣି ବେହେରା

ପ୍ରକାଶକ :
ଆର୍ଯ୍ୟ ପ୍ରକାଶନ
ଲିଙ୍କରୋଡ୍, କଟକ—୧୨

ISBN:81-7412-081-5

ପ୍ରଥମ ପ୍ରକାଶ :୧୯୯୭

ମୁଦ୍ରଣ
ଶ୍ରୀ ଜଗନ୍ନାଥ ଲାମିନେଟ୍ସ
ଖାଦାନବାଡ଼ି, କଟକ—୧୨

ପ୍ରଚ୍ଛଦ
ସ୍ୱାହା ମିଶ୍ର

ମୂଲ୍ୟ : ଟ୧୦୦.୦୦

Digitized by PPRACHIN, SOA

ଉତ୍ସର୍ଗ

ମୋର ପରମହିତୈଷୀ

ପ୍ରଫେସର ବକ୍ସି ଜଗବଂଧୁ ବିଦ୍ୟାଧର ମହାପାତ୍ର

ସୁହୃଦ୍‌ବରେଷୁ

Digitized by PPRACHIN, SOA

ସୂଚନା

	ପ୍ରସଙ୍ଗ		ପୃଷ୍ଠାଙ୍କ
୧.	ଜୀବନେ ବିଜୟୀ ଗାନ୍ଧୀ —ମରଣେ ସେ ଗାନ୍ଧୀ	....	୧
୨.	ପ୍ରାଚ୍ୟବିଦ୍ୟାର ବରେଣ୍ୟ ପଥିକୃତ୍ —ସାର୍ ଉଇଲିୟ ଜୋନ୍ସ		୧୬
୩.	ବାଗ୍‌ଦେବୀ ସରସ୍ୱତୀ	....	୩୪
୪.	ତୁଳନାତ୍ମକ ବନାମ ସାର୍ବଜନିକ ସାହିତ୍ୟ		୪୨
୫.	ସାହିତ୍ୟସାଧକ ଦୟାନିଧି ମିଶ୍ର		୬୪
୬.	ମାଣିକ୍ୟସଂଧାନୀ କୃଷ୍ଣପ୍ରସାଦ		୬୮
୭.	ଏକ ବିରଳ ବ୍ୟକ୍ତିତ୍ୱ		୭୩
୮.	କବିପୁତ୍ରର ଗୌରବ		୭୬
୯.	ସ୍ମୃତିର ସୌରଭ	....	୭୯
୧୦.	ଶିକ୍ଷକ ଦିନେ ଯେଉଁଠି ଛାତ୍ର		୮୫
୧୧.	ବୃକ୍ଷର ମିନତି		୯୪
୧୨.	ଚର୍ଯ୍ୟାଗୀତିର ସାଙ୍ଗୀତିକ ସୌନ୍ଦର୍ଯ୍ୟ		୧୦୧
୧୩.	'ବର୍ଷା ସକାଳ' ଓ କବି ସୀତାକାନ୍ତ		୧୦୭
୧୪.	'ସିନ୍ଧୁ ଉପତ୍ୟକା'— ଏକ କାବ୍ୟିକ ପରିକ୍ରମା		୧୨୦
୧୫.	ମୃତ୍ୟୁଞ୍ଜୟ ମାନସିଂହ		୧୨୯

Digitized by PPRACHIN, SOA

୧୬. କବି ମାନସିଂହଙ୍କ ପତ୍ର ୧୩୯

୧୭. ପଶ୍ଚିମ ଓଡ଼ିଶାର ଲୋକଗୀତ ୧୪୬

୧୮. ଯାତ୍ରାଯୁଗରେ ଓଡ଼ିଆ ରଙ୍ଗମଞ୍ଚ ୧୫୫

୧୯. ଓଡ଼ିଆ ସାହିତ୍ୟରେ ଛାୟାବାଦ ଯୁଗର କାବ୍ୟ-ପରଂପରା ୧୬୨

୨୦. ପାଷାଣୀର ପ୍ରାଣ ୧୬୯

୨୧. ସାରଳା ପୁରସ୍କାର - ୧୯୮୧ ୧୭୮

୨୨. ସାହିତ୍ୟିକ ଶିଷ୍ଟାଚାର ୧୮୨

୨୩. ଯନ୍ତ୍ର, ଗଣତନ୍ତ୍ର ଓ ଶିଳ୍ପଜୀବନ ୧୮୫

୨୪. ପଣ୍ୟ ଓ ପ୍ରତିଭା ୧୯୦

୨୫. ରାଷ୍ଟ୍ର, ଶିଳ୍ପ ଓ ବ୍ୟକ୍ତିସ୍ୱାତନ୍ତ୍ର୍ୟ ୧୯୫

୨୬. ସାହିତ୍ୟ ଓ ସଂସ୍କୃତି ୨୦୧

୨୭. ଏକ ଅସମାପ୍ତ କରୁଣ କାବ୍ୟ ୨୧୮

୨୮. ପଶୁପକ୍ଷୀର କାବ୍ୟ ୨୨୫

୨୯. ଚିନ୍ତାମଣିଙ୍କ କବିମାନସ ୨୩୫

୩୦. ଯଦି କାଲି ମରିଯାଏ ୨୪୨

୩୧. ରାଧାନାଥ ଓ ଗଙ୍ଗାଧର ୨୫୧

Digitized by PPRACHIN, SOA

ପୂର୍ବାଭାସ

ପ୍ରବନ୍ଧ ଓ ସମାଲୋଚନା କ୍ଷେତ୍ରରେ 'ଚିତ୍ର ଓ ଚରିତ୍ର' ହେଉଛି ମୋର ଷଷ୍ଠ ସଂକଳନ। ଏଥିପୂର୍ବରୁ 'କାବ୍ୟ ଓ କଳାକାର', 'ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା', 'ବିଦଗ୍ଧ ପାଠକ', 'କଳାଦୃଷ୍ଟି', ଓ 'ସାହିତ୍ୟଚିନ୍ତା', ପ୍ରକାଶିତ ହୋଇ ଓଡ଼ିଶାର ପାଠକ ତଥା ବିଦ୍ୱାନ୍ ଓ ବିଦଗ୍ଧ ମହଲରେ ସମୁଚିତ ଶ୍ରଦ୍ଧା ଓ ଆଦର ଲାଭ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ଏବଂ ସେଇ ରସଗ୍ରାହୀ ଓ ଗୁଣଜ୍ଞମାନଙ୍କ ନିକଟରେ କୃତଜ୍ଞ ହୋଇ ରହିଛି। 'ଚିତ୍ର ଓ ଚରିତ୍ର' ସଂକଳନଟି ଯଦି ପୂର୍ବବତ୍ ସେମାନଙ୍କ ନିକଟରେ ଗ୍ରହଣୀୟ ହୁଏ, ତେବେ ମୁଁ ନିଜକୁ ଭାଗ୍ୟବାନ୍ ମନେ କରିବା ସ୍ୱାଭାବିକ।

'କାବ୍ୟ ଓ କଳାକାର'ର ଚତୁର୍ଥ ସଂସ୍କରଣ ନିକଟ ଅତୀତରେ ପ୍ରକାଶିତ ଏବଂ ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକ ମଧ୍ୟରୁ 'ବିଦଗ୍ଧ ପାଠକ' ଓ 'ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା' ଗ୍ରନ୍ଥଦୁଇଟି ବର୍ତ୍ତମାନ ପାଠକମାନଙ୍କ ନିକଟରେ ସୁଲଭ ନୁହେଁ। ତେଣୁ 'ଆଧୁନିକତାର କ, ଖ ଓ ଅନ୍ୟାନ୍ୟ ଆଲୋଚନା'ରୁ ଅଳ୍ପ କେତୋଟି ଆଲୋଚନା 'ଚିତ୍ର ଓ ଚରିତ୍ର'ରେ ସନ୍ନିବିଷ୍ଟ ହୋଇଛି। ଏଥିପୂର୍ବରୁ ସେଥିରୁ ଆଉ କେତୋଟି ଆଲୋଚନା ମଧ୍ୟ 'କଳାଦୃଷ୍ଟି'ରେ ସଂଯୋଜିତ ହୋଇଥିଲା। 'ଚିତ୍ର ଓ ଚରିତ୍ର'ର ଲେଖାବଳୀରେ କିଛି ପ୍ରବନ୍ଧ ଓ ସାହିତ୍ୟ-ସମାଲୋଚନା ସହିତ ରହିଛି ସାରସ୍ୱତ କ୍ଷେତ୍ରରେ ପ୍ରତିଷ୍ଠିତ ଓ ସ୍ମରଣୀୟ ହୋଇ ରହିଥିବା କେତେକ ବରେଣ୍ୟ ସାହିତ୍ୟସାଧକମାନଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ବିଶ୍ଳେଷଣ ଏବଂ ଏଗୁଡ଼ିକ ସହିତ ମଧ୍ୟ ରହିଛି କିଛି ସ୍ୱକୀୟ ସ୍ମୃତିକଥା ଓ ସମକାଳୀନ ସାରସ୍ୱତ ପରିବେଶର ଚିତ୍ର। ତେଣୁ ସ୍ୱାଭାବିକ ଭାବରେ ସଂକଳନଟିର ନାମକରଣ କରିଛି 'ଚିତ୍ର ଓ ଚରିତ୍ର'। ଏହି ରଚନାଗୁଡ଼ିକ ରସମାଧୁରୀ ବହନ କରି ସାରସ୍ୱତ ଗୁଣସଂପନ୍ନ ହୋଇ ପାରିଛନ୍ତି କି ନା, ତା'ର ବିଚାରକ ମୋର ସହୃଦୟ ଓ ବିଦଗ୍ଧ ପାଠକବୃନ୍ଦ।

ତେବେ ଏଇ ସଂକଳନଟିର ପ୍ରକାଶନ କାଳରେ 'ଆର୍ଯ୍ୟ ପ୍ରକାଶନ'ର ସ୍ୱତ୍ୱାଧିକାରିଣୀ ଓ ଠକ୍କୁର ଗିରୀଶ ଚନ୍ଦ୍ର ମିଶ୍ରଙ୍କୁ ମୋର ଆନ୍ତରିକ ସାଧୁବାଦ ଜ୍ଞାପନ କରୁଛି, ଯେଉଁ ସୁଖୀ ଦଂପତି ଏଥିପୂର୍ବରୁ ମୋର ନିର୍ବାଚିତ କବିତାବଳୀର ସଂକଳନ 'ନିଜେ ନିଜର ସାକ୍ଷୀ'କୁ ପ୍ରକାଶିତ କରିବାର ଦାୟିତ୍ୱ ଶ୍ରଦ୍ଧାର ସହିତ ଗ୍ରହଣ କରିଥିଲେ। ମୋର ଲେଖାବଳୀ ବିଭିନ୍ନ ପତ୍ରପତ୍ରିକାରୁ ସଂଗ୍ରହ କରି ଶ୍ରମ ସ୍ୱୀକାର ପୂର୍ବକ ଏହାର ମୁଦ୍ରଣୋପଯୋଗୀ ପାଣ୍ଡୁଲିପି ପ୍ରସ୍ତୁତ କରିଥିବାରୁ ଏଇ ଅବସରରେ ମୋର ସାନପୁଅ 'ସିଦ୍ଧାର୍ଥ'କୁ ମଧ୍ୟ ମୋର ସ୍ନେହାଶିଷ ପ୍ରଦାନ କରୁଛି। ଅବଶେଷରେ ଏଇ ଗ୍ରନ୍ଥର ପ୍ରଚ୍ଛଦପଟର ଅଙ୍ଗସଜ୍ଜା ପାଇଁ ଶିଳ୍ପୀ ସ୍ୱାହା ମିଶ୍ରଙ୍କୁ ମୋର ସ୍ନେହ – କଲ୍ୟାଣ ଜଣାଉଛି।

—ଲେଖକ—

Digitized by PPRACHIN, SOA

ଜୀବନେ ବିଜୟୀ ଗାଂଧୀ
ମରଣେ ସେ ଗାଂଧୀ

ଏଇ ପ୍ରବନ୍ଧର ଶୀର୍ଷକଟି କବି ବୈକୁଣ୍ଠନାଥଙ୍କର 'ଗଣବନ୍ଧୁ ଗାନ୍ଧୀ' କବିତାରୁ ଗୃହୀତ। ବାସ୍ତବିକ, ଅହିଂସ–ସଂଗ୍ରାମର ସେନାପତି ଭାବରେ ଜୀବଦ୍ଦଶାରେ ସେ ଯେପରି ଥିଲେ ବିଜୟୀ, ମୃତ୍ୟୁରେ ମଧ୍ୟ ସେହିପରି ତାଙ୍କର ଜୀବନ ହୋଇଛି ଅଧିକ ଗୌରବୋଜ୍ଜ୍ୱଳ ଓ ମହିମାନ୍ୱିତ। ମହାପୁରୁଷମାନଙ୍କ ଜୀବନୀ ମହାକାବ୍ୟ ଭଳି ସହସ୍ରଧାରାରେ ଉଚ୍ଚାରିତ। ଗାନ୍ଧୀଜୀଙ୍କ ଜୀବନ କିପରି ଅନନ୍ୟ ଓ ଅସାଧାରଣ ଥିଲା, ତାର ସଂକ୍ଷିପ୍ତ ଅଥଚ ସଂପୂର୍ଣ୍ଣ ଚିତ୍ରଟିଏ ଅଳ୍ପ କେତୋଟି ବାକ୍ୟରେ ଡକ୍ଟର ଫ୍ରାନ୍‌ସିସ୍ ନେଇସନ ତାଙ୍କର "ୟୁରୋପର ଟ୍ରାଜେଡ଼ି" ଗ୍ରନ୍ଥରେ ପ୍ରଦାନ କରିଛନ୍ତି। ସେ ଲେଖିଛନ୍ତି, "ଗାନ୍ଧୀଜୀ ହେଉଛନ୍ତି ଅପୂର୍ବ ଓ ଅନନ୍ୟ। ତାଙ୍କ ଅବସ୍ଥାର ଜଣେ ମନୁଷ୍ୟ ଗୋଟାଏ ବିରାଟ ସାମ୍ରାଜ୍ୟ ବିରୁଦ୍ଧରେ ସଂଗ୍ରାମର ଆହ୍ୱାନ ଯେ ଦେଇପାରେ, ଏଭଳି ଦୃଷ୍ଟାନ୍ତ ବିଶ୍ୱ–ଇତିହାସରେ ଆଦୌ ନାହିଁ। କର୍ମରେ ସେ ହେଉଛନ୍ତି ଦାର୍ଶନିକ ତାଇଓଜିନିସଙ୍କ ପରି, କରୁଣାରେ ସନ୍ଥ ଫ୍ରାନ୍‌ସିସଙ୍କ ପରି ଏବଂ ପ୍ରଜ୍ଞାରେ ସେ ଠିକ୍ ସକ୍ରେଟିସଙ୍କ ସଦୃଶ। ଲକ୍ଷ୍ୟସିଦ୍ଧି ପାଇଁ ଯେଉଁ ରାଜନୀତିଜ୍ଞମାନେ ବାହୁବଳ ବା ସାମରିକ ଶକ୍ତିରେ ବିଶ୍ୱାସୀ, ସେମାନଙ୍କ କର୍ମପନ୍ଥା ଯେ ଅତି ତୁଚ୍ଛ ଓ ଭ୍ରାନ୍ତ, ଏକଥା ବିଶ୍ୱ ସମ୍ମୁଖରେ ସେ ପ୍ରମାଣ କରି ଯାଇଛନ୍ତି। ଆଧ୍ୟାତ୍ମିକ ଶକ୍ତି ସରକାରଙ୍କ ସାମରିକ ବଳ ଉପରେ ଯେ ବିଜୟୀ, ଗାନ୍ଧୀଜୀଙ୍କ ସାଧନା ଦ୍ୱାରା ତାହା ପ୍ରମାଣିତ। ଏହାହିଁ ହେଉଛି ତାଙ୍କର ବିଜୟ, ତାଙ୍କର କୃତିତ୍ୱ ଏବଂ ଏଇଥିପାଇଁ ଇତିହାସରେ ତାଙ୍କର ସ୍ଥାନ ସ୍ୱତନ୍ତ୍ର।" ନବଭାରତର ସର୍ବଶ୍ରେଷ୍ଠ ସ୍ଥପତି, ସବୁଠୁଁ ବଡ଼ ବିଜ୍ଞାଣୀ ଥିଲେ ଗାନ୍ଧୀଜୀ। ପୃଥିବୀ ପୃଷ୍ଠରେ ବହୁ ଧର୍ମପ୍ରଚାରକ ବା ଧର୍ମସଂସ୍କାରକ ଜନ୍ମଗ୍ରହଣ କରି ମନୁଷ୍ୟର ମୃଣ୍ମୟ ଶରୀରକୁ ଚିନ୍ମୟ ଚେତନାରେ ସଂଜୀବିତ ଓ ଉଦ୍‌ବୁଦ୍ଧ କରିବାକୁ ଚେଷ୍ଟା କରିଯାଇଛନ୍ତି। ଦର୍ଶନ, ବିଜ୍ଞାନ, କଳା, ସାହିତ୍ୟ ବା ଇତିହାସ କ୍ଷେତ୍ରରେ ବହୁ ମନୀଷୀ ଦେଶ ଓ ସମାଜକୁ ଅମୂଲ୍ୟ ଦାନ ଦେଇ ନିଜ ପ୍ରତିଭାର ଅମ୍ଳାନ ସ୍ୱାକ୍ଷର ଅଂକନ କରିଯାଇଛନ୍ତି; କିନ୍ତୁ ରାଜନୀତି କ୍ଷେତ୍ରରେ ଗାନ୍ଧୀଜୀ ଯେଉଁ ଅହିଂସା ଅସ୍ତ୍ର ଆମ ହାତରେ ଧରାଇ ଦେଇ ସ୍ୱାଧୀନତା– ସଂଗ୍ରାମ ପାଇଁ ଆମକୁ ପ୍ରସ୍ତୁତ କରିଥିଲେ, ତାର ପଟାନ୍ତର ବିଶ୍ୱସୃଷ୍ଟି କାଳରୁ ଦୁର୍ଲଭ। ଏଇ ଅସ୍ତ୍ର ସାହାଯ୍ୟରେ ସଂଗ୍ରାମ କରି ମନୁଷ୍ୟ ତା'ର ପ୍ରବଳତମ ଶତ୍ରୁକୁ ଯେ ଦମନ କରିପାରେ, ଗାନ୍ଧୀଙ୍କର

Digitized by PPRACHIN, SOA

ଜୀବନରେ ତାହା ହୋଇଛି ପ୍ରମାଣିତ। ପ୍ରାୟ ଦଶବର୍ଷ ତଳେ ଆମେରିକାର ହାରଭାର୍ଡ଼ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଜନ କେନେଥ ଗଲବ୍ରେଥ, ଯିଏ କି ରାଷ୍ଟ୍ରପତି କେନେଡ଼ିଙ୍କ ଶାସନକାଳରେ ଭାରତରେ ଆମେରିକାର ରାଷ୍ଟ୍ରଦୂତ ପଦରେ ଥିଲେ ନିଯୁକ୍ତ, ରିଚାର୍ଡ଼ ୟ୍ୟାଟେନବରୋଙ୍କ "ଗାନ୍ଧୀ" ଚଳଚ୍ଚିତ୍ର ଦେଖିବାପରେ ତାଙ୍କ ଦେଶର "ଫିଲ୍ମ କମେଣ୍ଟସ୍" ପତ୍ରିକାରେ ମତବ୍ୟ ଦେଇ କହିଛନ୍ତି; "ମୋହନଦାସ କରମଚାନ୍ଦ ଗାନ୍ଧୀ ବର୍ତ୍ତମାନ ଶତାବ୍ଦୀର ଅନ୍ୟତମ ମହାନ୍ ପୁରୁଷ। ତା' ସହିତ ସର୍ବକାଳର ରାଜନୈତିକ ଉଦ୍‌ଭାବକମାନଙ୍କ ମଧ୍ୟରେ ଯେଉଁମାନେ ଶ୍ରେଷ୍ଠ, ସେମାନଙ୍କ ଭିତରେ ମଧ୍ୟ ସେ ହେଉଛନ୍ତି ଅନ୍ୟତମ। ସାଧାରଣ ନିୟମରେ କ୍ଷମତାର ସଙ୍ଘର୍ଷରେ ଶକ୍ତି ଦ୍ୱାରା ଶକ୍ତିକୁ, ଅର୍ଥ ଦ୍ୱାରା ଅର୍ଥକୁ, ଅପପ୍ରଚାର ଦ୍ୱାରା ଅପପ୍ରଚାରକୁ ପ୍ରତିହତ କରିବାର ଚେଷ୍ଟା ଚାଲିଥାଏ। ନିଆଁର ତାପକୁ ନିଆଁ ଦ୍ୱାରା ଚପେଇ ଦେବାର ଚେଷ୍ଟା ଭଳି ମନୁଷ୍ୟର ଆଘାତ ଓ ପ୍ରତିଘାତର ସଂପର୍କ। କ୍ରିୟା ଯେପରି, ପ୍ରତିକ୍ରିୟା ମଧ୍ୟ ଠିକ୍ ତାର ଅନୁରୂପ। ଗାନ୍ଧୀଙ୍କର ପ୍ରତିଭା ଏଇଠାରେ ଯେ, ପ୍ରତିକ୍ରିୟାକୁ କ୍ରିୟାର ପଥାବଲମ୍ବୀ ନ କରିବା ମଧ୍ୟରେ ଯେଉଁ ଶକ୍ତି ନିହିତ, ତାହାର ସଂଧାନ ସେ ପାଇଥିଲେ। ହିଂସା ବିପକ୍ଷରେ ସେ ତେଣୁ ଛିଡ଼ା କରାଇଲେ ଅହିଂସା ପ୍ରତି ନିୟତ ଓ ଅବିଚଳିତ ନିଷ୍ଠାକୁ, ଦମନ ପୀଡ଼ନର ସେ ମୁହାଁମୁହିଁ ହେଲେ ଅତି ସଯତ୍ନେ ବିଧିବିଧାନ ଅମାନ୍ୟ କରିବାର ସାଧନା ଦ୍ୱାରା। ବ୍ରିଟିଶ ରାଜତ୍ୱରେ ସେ ଯଦି ସାମରିକ ଶକ୍ତି ବିରୁଦ୍ଧରେ ସାମରିକ ଶକ୍ତି ଘେନି ସଂଗ୍ରାମରେ ଅବତୀର୍ଣ୍ଣ ହୋଇଥାନ୍ତେ, ତେବେ ତାଙ୍କର ପ୍ରତିରୋଧ ଗୋଟିଏ ସପ୍ତାହ ମଧ୍ୟ ତିଷ୍ଠି ପାରିଥାନ୍ତା କି ନା ସନ୍ଦେହ, କିନ୍ତୁ ଅହିଂସ ପ୍ରତିରୋଧରେ ସେ ହୋଇ ଉଠିଲେ ଅଜେୟ। ଏଇ ପଦ୍ଧତି ବ୍ୟବହାର କରି ପରବର୍ତ୍ତୀ କାଳରେ ମାର୍ଟିନ ଲୁଥର କିଙ୍ଗ ଏକା ଧରଣର ସାଫଲ୍ୟ ଅର୍ଜନ କରିଛନ୍ତି।"

ରାଜନୀତିକ ବିଜୟ ହାସଲ କରିବା ଯେଉଁମାନଙ୍କ ଜୀବନବ୍ରତ, ଦେଶଜୟୀ ସମ୍ରାଟ, ରାଜା, ମନ୍ତ୍ରୀ, ସେନାପତି, ବିପ୍ଳବୀ ନେତା ବା ଜନନାୟକ ରୂପେ ସବୁ ଯୁଗର ସବୁଦେଶର ଇତିହାସରେ ଯେଉଁମାନଙ୍କର ନାମ ଓ କୀର୍ତ୍ତିଗାଥା ଲିପିବଦ୍ଧ, ସେମାନଙ୍କ ମଧ୍ୟରେ ଗାନ୍ଧୀଜୀ ହେଉଛନ୍ତି ଏକକ, ଅନନ୍ୟ ଓ ସ୍ୱତନ୍ତ୍ର। ଯାହାଙ୍କର ଜୀବନ ସତ୍ୟର ପରୀକ୍ଷା, ସାଧନା ଓ ଉପଲବ୍ଧି ମଧ୍ୟରେ ଅତିବାହିତ, ଯାହାଙ୍କ ଜୀବନର ପ୍ରତ୍ୟେକଟି ଘଟଣା ଥିଲା ଅସାଧାରଣ, ସେ ଭଳି ମହାପୁରୁଷଙ୍କ ମୃତ୍ୟୁ ଆଉ ସାଧାରଣ ହୁଅନ୍ତା ବା କିପରି? ଗାନ୍ଧୀ–ଜୀବନଠାରୁ ଗାନ୍ଧୀ–ମରଣ ମଧ୍ୟ କମ୍ ଗୌରବମୟ ନୁହେଁ; ବରଂ ଅଧିକ ଭାସ୍ୱର ଓ ମହତ୍ତର। ଗାନ୍ଧୀ– ଜୀବନର ଆଲୋକ ପ୍ରଧାନତଃ ଭାରତ ଭୂଖଣ୍ଡକୁ କରିଥିଲା ଆଲୋକିତ, କିନ୍ତୁ ଗାନ୍ଧୀ–ମରଣ ସମଗ୍ର ବିଶ୍ୱକୁ କଲା ପ୍ରତିଭାତ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଉପବିଷ୍ଟ ତତ୍କାଳୀନ ଭାଇସରାୟ ଲର୍ଡ଼ ମାଉଣ୍ଟବ୍ୟାଟେନଙ୍କ କଣ୍ଠରୁ ସହସା ଉଚ୍ଚାରିତ ହୋଇଉଠିଲା, 'ଠିକ୍ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟଙ୍କ ପରି ମହାତ୍ମାଗାନ୍ଧୀଙ୍କ ସ୍ଥାନ ଇତିହାସରେ ଅମର ହୋଇ ରହିବ।

Digitized by PPRACHIN, SOA

ତାଙ୍କପରି ମହାମାନବଙ୍କ ପାଇଁ ସେପରି ମୃତ୍ୟୁ ଯେପରି ଥିଲା ଯଥାଯୋଗ୍ୟ ଓ ବିଧିନିର୍ଦ୍ଦିଷ୍ଟ। ବିଳାପମୁଖର ଦେଶବାସୀଙ୍କୁ ଆଶ୍ୱସନା ଦେଇ କବି ମାନସିଂହ ଲେଖିଥିଲେ,

"ଦେଶବାସୀ ମୋର ବିକଳ୍ପ ଛ କାହିଁପାଇଁ?
ସେ ମରଣ ତା'ର ଯୋଗ୍ୟ ଯେ,
ଏହା ଭୁଲ ନାହିଁ
ଏହା ଭୁଲ ନାହିଁ।
ଆମ ପାଇଁ ସେ ତ ବରିନେଲା ସଦା ସରଣୀ କଣ୍ଟକିତ
ମରଣ ତାହାର ନୁହଁତା କିପରି କରୁଣ, ରକ୍ତାପିତ?
ଜୀବନେ ଯେ ଦିନେ ଭୋଗ ନ ଖୋଜିଲା,
ମରଣେ ଖୋଜିବ କିଆଁ,
ମୁକ୍ତି ଶେଷଯାଏ ଜଳିଜଳି ନିଜେ
ଜାଳିଗଲା ଆମ ହିଆ।"

ଆଜୀବନ ଗାନ୍ଧୀଭକ୍ତ ଜନ୍ ହେନ୍‌ସ ହୋମ୍‌ସ୍ ତାଙ୍କର "ମୋ ଗାନ୍ଧୀ" ପୁସ୍ତକରେ ଯଥାର୍ଥରେ ତେଣୁ ଲେଖିଛନ୍ତି, "ସମଗ୍ର ବିଶ୍ୱରେ ତାଙ୍କ ଭଳି ଜଣେ ଅହିଂସ ବ୍ୟକ୍ତି ଅବଶେଷରେ ଯେ ହିଂସାର ଶିକାର ହେବ, ଏହା ଭାବିଲେ ବିସ୍ମିତ ହେବାକୁ ପଡ଼ିଥାଏ। ତଥାପି ମନେ ହୁଏ, ମହାତ୍ମା ଏଇ ଭାବରେ ମୃତ୍ୟୁ ବରଣ କରିବେ, ଏହା ଯେପରି ବିଧିର ବିଧାନ ଏବଂ ଏଥିରେ ନାଟକୀୟ ଯାଥାର୍ଥ୍ୟ ମଧ ନିହିତ। XXX ମନୁଷ୍ୟ ହୃଦୟରେ ଅଧିକ ମହିମାନ୍ୱିତ ଭାବରେ ବଞ୍ଚି ରହିବା ପାଇଁ ଗାନ୍ଧୀଜୀ ଯେପରି ମୃତ୍ୟୁ ବରଣ କରିଛନ୍ତି ଏବଂ ସେଇଥିରେ ହିଁ ତାଙ୍କ ଜୀବନର ସାର୍ଥକତା ଓ ଚିରନ୍ତନ ଗୌରବ।" (ପୃ ୧୨୭ ଓ ୧୮୨) ଗାନ୍ଧୀଜୀଙ୍କର ଅନ୍ୟତମ ଜୀବନୀଲେଖକ ଭିନ୍‌ସେଣ୍ଟ ଶିଆନ ମଧ ଠିକ୍ ଅନୁରୂପ ମର୍ମରେ ମନ୍ତବ୍ୟ ଦେଇ ଲେଖିଛନ୍ତି, "ମହାତ୍ମାଙ୍କ ମୃତ୍ୟୁ ପରିପୂର୍ଣ୍ଣ ଜୀବନର ଏକ ଦୃଷ୍ଟାନ୍ତ। XXX ମୃତ୍ୟୁ ତାଙ୍କ ଜୀବନକୁ ଦେଇଛି ପୂର୍ଣ୍ଣତା। ଇତିହାସର ଆଦିକାଳରୁ ଧର୍ମୀୟ ନାଟକର ଏହାହିଁ ହେଉଛି ମୁଖ୍ୟ ଚାରିତ୍ରିକ ଲକ୍ଷଣ। ମାନବଜାତି ପାଇଁ ମୃତ୍ୟୁ ବରଣ କରିବାରେ ଯୀଶୁଖ୍ରୀଷ୍ଟଙ୍କଠାରୁ କୌଣସି ଗୁଣରେ ସେ ଊଣା ନୁହନ୍ତି। ଯେଉଁ ଜୀବନ ଥିଲା ଭକ୍ତି, ପ୍ରେମ, ତ୍ୟାଗ ଓ ଆତ୍ମୋତ୍ସର୍ଗ ଉପରେ ପ୍ରତିଷ୍ଠିତ, ତା'ପାଇଁ ଅନ୍ୟ କୌଣସି ପ୍ରକାର ମୃତ୍ୟୁ ଶୋଭନୀୟ କେବେ ହୋଇନଥାନ୍ତା। ସମସ୍ତ ମଣିଷ ସମାଜକୁ ସମଦୃଷ୍ଟିରେ ସେ ଦେଖୁଥିଲେ ଏବଂ ତାଙ୍କର ସମକକ୍ଷ ପୃଥିବୀରେ କେହି ନ ଥିଲେ। ସକ୍ରେଟିସଙ୍କ ଭଳି ସେ ଥିଲେ ସର୍ବୋତ୍ତମ ପ୍ରାଜ୍ଞପୁରୁଷ ଏବଂ ସକଳ ସୁଗୁଣର ଅଧିକାରୀ।" (ମହାତ୍ମା ଗାନ୍ଧୀ, ପୃ ୧୭୪)।

ବିଶିଷ୍ଟ ଇଂରାଜୀ ପ୍ରାବନ୍ଧିକ ଏମାରସନଙ୍କର ୧୮୪୧ ମସିହାରେ ପ୍ରଦତ୍ତ 'ପ୍ରକୃତିର କ୍ରିୟାପଦ୍ଧତି' ସଂପର୍କିତ ଅଭିଭାଷଣରେ ଉଲ୍ଲିଖିତ ହୋଇଛି ଯେ, "ପ୍ରକୃତି–

Digitized by PPRACHIN, SOA

ରାଜ୍ୟରେ ଜଣେ ନୂତନ ମନୁଷ୍ୟ, ଏକ ଉନ୍ନତ ବ୍ୟକ୍ତିତ୍ୱର ଆବିର୍ଭାବଠାରୁ ଅଧିକ ବିସ୍ମୟକର ପଦାର୍ଥ କିଛି ନାହିଁ। ନିଜର ଆବଶ୍ୟକତା ଅନୁଯାୟୀ ପ୍ରକୃତିମାତା ଏଭଳି ପ୍ରତିଭାବନ୍ତ ସନ୍ତାନମାନଙ୍କୁ ନିଜ କ୍ରୋଡ଼ରେ ଧାରଣ କରିଥାନ୍ତି। ମହାମାନବମାନଙ୍କ ଜୀବନ ଯଦି ଆମେ ଅନୁଧ୍ୟାନ କରିବା, ତେବେ ତାଙ୍କ ଯୁଗର ତଥା ବିଶ୍ୱର ପ୍ରାଣସ୍ପନ୍ଦନ ଓ ଆଶାଆକାଂକ୍ଷା ସହିତ ପରିଚିତ ହୋଇପାରିବା।'' ଏମାରସନ ଅବଶ୍ୟ ତାଙ୍କ ବକ୍ତବ୍ୟର ଦୃଷ୍ଟାନ୍ତ ଭାବରେ ନେପୋଲିୟନ ଓ ଚାଥାମଙ୍କୁ ଗ୍ରହଣ କରିଛନ୍ତି; କିନ୍ତୁ ହୋମସ୍ ତାଙ୍କ ବକ୍ତବ୍ୟର ସୂତ୍ର ଧରି କହିଛନ୍ତି, ''ଗାନ୍ଧୀଜୀ ହେଉଛନ୍ତି ଏ କ୍ଷେତ୍ରରେ ଏକ ମହତ୍ତର ଦୃଷ୍ଟାନ୍ତ। ଜୀବନରେ ତଥା ଆଚରଣରେ ମହାତ୍ମାଙ୍କ ଭଳି ବ୍ୟକ୍ତିତ୍ୱ ଅନନ୍ୟ ଓ ଅସାଧାରଣ ଏବଂ ବିଶ୍ୱଇତିହାସରେ ମଧ୍ୟ ଅପୂର୍ବ। ପ୍ରକୃତିର ପ୍ରୟୋଜନରେ ଏକ ନୂତନ ସୃଷ୍ଟି ରୂପେ ଈଶ୍ୱରଙ୍କ ନିକଟରୁ ସେ ଯେପରି ଅବତୀର୍ଣ୍ଣ ହୋଇ ଆସିଥିଲେ।'' (ପୃ୧୦୭ – ୧୦୮) ବାସ୍ତବରେ ଯେଉଁ ଗାନ୍ଧୀ ଏକଦା ମୃତ୍ୟୁର ଅଳ୍ପକାଳ ପୂର୍ବରୁ ଦୃଢ଼ ଆତ୍ମପ୍ରତ୍ୟୟ ବଳରେ ଦୃପ୍ତ କଣ୍ଠରେ ଘୋଷଣା କରିଥିଲେ, ''ମୋର ଜୀବନ ରକ୍ଷା କରିବାକୁ ଅଥବା ଶେଷ କରିଦେବାକୁ କୌଣସି ବ୍ୟକ୍ତିର କ୍ଷମତା ନାହିଁ, ତାହା କେବଳ ଈଶ୍ୱରଙ୍କ ଇଚ୍ଛା ଓ ଶକ୍ତିର ଅଧୀନ,'' ସେଇ ମହାତ୍ମା ଅବଶେଷରେ ଈଶ୍ୱରଙ୍କ ଇଚ୍ଛାରେ ହିଁ ଯେପରି ଆତତାୟୀର ଗୁଳିରେ ହୋଇଥିଲେ ନିହତ। ତାଙ୍କୁ ଶ୍ରଦ୍ଧାର୍ଘ୍ୟ ଦେଇ '' ନିଉଜ୍ କ୍ରନିକଲ୍' ସେତେବେଳେ ଲେଖିଥିଲା, ''ଗାନ୍ଧୀଜୀ ଏପରି ଏକ ଶକ୍ତି ପ୍ରଦର୍ଶନ କରି ଯାଇଛନ୍ତି, ଯାହାକି ପରମାଣୁ ବୋମାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ। କେବଳ ଈର୍ଷ୍ୟାରେ ନୁହେଁ, ଆଶାର ସହିତ ପଶ୍ଚିମ ଜଗତ ତାହାକୁ ଅନୁଧ୍ୟାନ କରିବା ଆବଶ୍ୟକ।''

ଯୀଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ହେବାର କାହାଣୀ ସହିତ ଗାନ୍ଧୀଜୀଙ୍କ ମୃତ୍ୟୁର ତୁଳନା ଏକ ସାର୍ଥକ ତୁଳନା ତ ନିଶ୍ଚୟ, କିନ୍ତୁ ମହାତ୍ମାଙ୍କ ମୃତ୍ୟୁ ଆମକୁ ସ୍ୱତଃ ସ୍ମରଣ କରାଇଦିଏ ଅନ୍ୟ ଜଣେ ଐତିହାସିକ ତଥା ପୌରାଣିକ ମହାପୁରୁଷଙ୍କର ଧରାପୃଷ୍ଠରୁ ବିଦାୟ ନେବାର କାହାଣୀ ଏବଂ ସେ ହେଉଛନ୍ତି ଶ୍ରୀକୃଷ୍ଣ। ଯେଉଁ ଶ୍ରୀକୃଷ୍ଣ ବୃନ୍ଦାବନବିହାରୀ ଏକନାୟକ, ମଥୁରା–ଦ୍ୱାରକାର ରାଜାଧିରାଜ, ମହାଭାରତ ଯୁଦ୍ଧର ସୂତ୍ରଧର, କୁରୁପାଣ୍ଡବଙ୍କ ଧର୍ମଯୁଦ୍ଧର ପୁରୋହିତ, ସେଇ ଶ୍ରୀକୃଷ୍ଣଙ୍କ ଶେଷ ବିଦାୟର ଲଗ୍ନ କି କରୁଣ, କି ସାଧାରଣ ଓ ମର୍ମସ୍ପର୍ଶୀ! ଯେଉଁ ଶ୍ରୀକୃଷ୍ଣଙ୍କୁ ଆମେ ଚିରକାଳ ଦେଖି ଆସିଥିଲୁ ଅପ୍ରତିହାର୍ଯ୍ୟ ଓ ଅଘାତନୀୟ ପୁରୁଷ ଭାବରେ, ଆମ ଦୃଷ୍ଟିରେ ଯେ ସର୍ବଦା ଥିଲେ ସ୍ୱାସ୍ଥ୍ୟ, ଶକ୍ତି ଓ ଯୌବନର ଅସରନ୍ତି ଉତ୍ସ, ସେ ପୁଣି ପ୍ରାଣତ୍ୟାଗ କଲେ ଅରଣ୍ୟର ଭୂମିଶଯ୍ୟାରେ, ବ୍ୟାଧର ଶରାଘାତ ଦ୍ୱାରା – ତାହା ପୁଣି ବକ୍ଷସ୍ଥଳରେ ନୁହେଁ, ପାଦତଳେ। ମହାଭାରତ ପୃଷ୍ଠାରେ ଭୀଷ୍ମ, କର୍ଣ୍ଣ ଓ ବଳରାମ ପ୍ରଭୃତି କେତୋଟି ଚରିତ୍ରର ଗରୀୟାନ ମୃତ୍ୟୁର ଚିତ୍ର ଅଙ୍କିତ; କିନ୍ତୁ ଶ୍ରୀକୃଷ୍ଣଙ୍କର? ଯିଏ କି ପୁଣି ଭାରତୀୟ ଜନମାନସ ଓ ସାଂସ୍କୃତିକ ଚେତନାରେ ପରମ ପୁରୁଷ ବା ଈଶ୍ୱର

Digitized by PPRACHIN, SOA

ଭାବରେ ପ୍ରକାଶିତ ? ମୋର ମନେହୁଏ, କାବ୍ୟିକ ନ୍ୟାୟ ଦୃଷ୍ଟିରୁ ମହାକାବ୍ୟ ପ୍ରଣେତା ବ୍ୟାସଦେବ ଶ୍ରୀକୃଷ୍ଣଙ୍କ ଐଶୀ ବିଭୂତି ପ୍ରଦର୍ଶନ କରିବାକୁ ଯାଇ ତାଙ୍କର ଏପରି ଏକ ସାଧାରଣ ଓ ଶୋଚନୀୟ ମୃତ୍ୟୁର ଚିତ୍ର ଅଙ୍କନ କରିଛନ୍ତି ଏବଂ ଏଇ କରୁଣ ଓ ମାନବିକ ମୃତ୍ୟୁହିଁ କୃଷ୍ଣ ଚରିତ୍ରକୁ ଐଶ୍ୱରିକ ମହିମାରେ ଅଧିଷ୍ଠିତ କରାଇ ତାଙ୍କୁ ଦେଇଛି ଚିରନ୍ତନତାର ଜୟମାଲ୍ୟ। ମୃତ୍ୟୁର ନିକଷରେ ହିଁ ଜୀବନର ସ୍ୱର୍ଣ୍ଣଦ୍ୟୁତି ପ୍ରକଟିତ ହୋଇଥାଏ। ତେଣୁ ଶ୍ରୀକୃଷ୍ଣଙ୍କର ପୂର୍ବପ୍ରକାଶିତ ସମସ୍ତ କୃତିତ୍ୱ ଓ ଗୌରବର ସଂଶୋଧକ ଓ ସମ୍ପୂରକ ରୂପେ ଏପରି ଏକ ଲୌକିକ ମୃତ୍ୟୁର ଥିଲା ପ୍ରୟୋଜନ; ଯାହା ଫଳରେ ଆମ ହୃଦୟ ନିକଟରେ କେବଳ ଜଣେ ମନୁଷ୍ୟ ମାତ୍ର ନୁହନ୍ତି, ବିଶ୍ୱାସ୍ୟ ଓ ବାସ୍ତବ ଏକ ଦେବତାରେ ସେ ହୋଇଛନ୍ତି ପରିଣତ ଓ ପ୍ରତିଷ୍ଠିତ। ଶ୍ରୀକୃଷ୍ଣଙ୍କର ଏଇ ମୃତ୍ୟୁ, ମାନବେତିହାସରେ ଯାହାକୁ ହୀନତମ ମୃତ୍ୟୁର ଆଖ୍ୟା ଦିଆଯାଇପାରେ, ତାହାହିଁ ଯେପରି ତାଙ୍କ ଈଶ୍ୱରତ୍ୱର ଏକ ବଳିଷ୍ଠ ବ୍ୟଞ୍ଜନା। ଗାନ୍ଧୀଜୀଙ୍କର ମୃତ୍ୟୁ ସେଇପରି ତାଙ୍କ ମାହାତ୍ମ୍ୟର କେବଳ ପରିଚାୟକ ନୁହେଁ, ତାଙ୍କ ଜୀବନରହସ୍ୟ ଓ ସିଦ୍ଧିର ମଧ ପରିମାପକ। ହୋମ୍‌ସ୍ ତାଙ୍କର "ମୋ ଗାନ୍ଧୀ" ପୁସ୍ତକରେ ଗାନ୍ଧୀ–ଜୀବନର ବିଶ୍ଳେଷଣ କରି ତେଣୁ ଲେଖିଛନ୍ତି, "ଆମର ଭୌତିକ ଓ ଆଧାତ୍ମିକ ଜୀବନର ଭବିଷ୍ୟତ ପାଇଁ ଗାନ୍ଧୀଜୀ ହେଉଛନ୍ତି ବନ୍ଧକ। ଏ ଯୁଗର ସବୁ କିଛି ଘଟନା ଆମେ ଯଦି ବିସ୍ମୃତ ହୋଇଯିବା କିମ୍ବା ଉଦାସୀନ ଭାବରେ ସ୍ମରଣ କରିବା, ରାଜା ଓ ଦିଗ୍‌ବିଜୟୀ ବୀରମାନଙ୍କର ମର ଶରୀର ମୃତ୍ତିକାରେ ମିଶି ଯାଇ ତାଙ୍କର ସ୍ମୃତି ମଧ ଯେତେବେଳେ କ୍ଷୀଣ ଅଥବା ଅବଲୁପ୍ତ ହୋଇଯିବ, ସେତେବେଳେ ଏକ ଜ୍ୱଳନ୍ତ, ଉଜ୍ଜ୍ୱଳ ଆଲୋକବର୍ତ୍ତିକା ଭଳି ଗାନ୍ଧୀଜୀ ଆମ ମନରେ ଭାସ୍ୱର ହୋଇ ରହିବେ। ବହୁ ରୋମାନ ସମ୍ରାଟ ଓ ସେନାପତି ଥାଉଁ ଥାଉଁ ପ୍ରଥମ ଶତାବ୍ଦୀ ଯେପରି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିହିତ ହୋଇଛି, ଏ ଯୁଗ ଠିକ୍ ସେଇପରି ମହାତ୍ମାଙ୍କ ନାମରେ ହିଁ ପରିଚିତ ହେବ। ଲୋକେ ତାଙ୍କୁ ହୁଏତ ଭୁଲ ବୁଝିବେ, ତାଙ୍କୁ ନିରାଶ କରିବେ, ତାଙ୍କ ପ୍ରତି ବିଶ୍ୱାସଘାତକତା ମଧ କରିବେ, ତଥାପି ତାଙ୍କର ବାଣୀ ଓ ଜୀବନାଦର୍ଶ ବିଶ୍ୱରେ ବଞ୍ଚି ରହିବ ଏବଂ ପରିଣାମରେ ବିଜୟୀ ମଧ ହେବ।"(ପୃ-୧୩୭)

ଗାନ୍ଧୀଜୀଙ୍କ ଆଦର୍ଶ, ଜୀବନଦର୍ଶନ ଓ ସାଧନାର ସରଣୀଠୁଁ ଆମେ ଓ ଆମର ଭାରତ ଆଜି ବହୁ ଦୂରକୁ ଘୁଞ୍ଚି ଯାଇଛୁ ସତ, କିନ୍ତୁ ତାଙ୍କ ସାଧନା ଓ ସିଦ୍ଧିର ଅମର ଜ୍ୟୋତି ବିଶ୍ୱର ଚିଦାକାଶରେ ଦେଦୀପ୍ୟମାନ। ବୁଦ୍ଧଦେବଙ୍କଠୁଁ ଆରମ୍ଭ କରି ବହୁ ମନୀଷୀ ଓ ମହାପୁରୁଷଙ୍କୁ ଭାରତବାସୀ ପ୍ରତ୍ୟାଖ୍ୟାନ କରି ଆସିଛନ୍ତି; ଠିକ୍ ସେଇପରି ମହାତ୍ମା ଗାନ୍ଧୀଙ୍କୁ ମଧ ସାମୟିକ ଭାବେ ପ୍ରାତିଷ୍ଠାନିକ ଉତ୍ସବମାନଙ୍କରେ ସେମାନେ ମନେ ପକାନ୍ତି, ମାତ୍ର ତାଙ୍କୁ ମନେ ରଖିବାର ଶକ୍ତି ବା ସାହସ ସେମାନଙ୍କର ନାହିଁ। ନିକଟରେ ଗୋଟିଏ ପତ୍ରିକାରେ ପଢ଼ିଥିଲି, ଭାରତବର୍ଷର ମାଟିରେ ଜଣେ ପରାଜିତ ସେନାପତିର ଛବି ରହିଛି ଏବଂ ସେ ସେନାପତି ଜଣକ ହେଉଛନ୍ତି ଭାରତବାସୀର 'ବାପୁ'। କୌଣସି କ୍ୟାଲେଣ୍ଡରରେ ଏ ଛବି ମୁଦ୍ରିତ ହୋଇନାହିଁ,

Digitized by PPRACHIN, SOA

ରାଜଘାଟରେ ମଧ୍ୟ ଏ ଧରଣର କୌଣସି ମୂର୍ତ୍ତି ନାହିଁ। କିନ୍ତୁ ସକାଳବେଳା ଖବରକାଗଜର ପୃଷ୍ଠା ଖୋଲିବା ମାତ୍ରେ ଭାରତବାସୀଙ୍କ ମନରେ ଏ ଛବିଟି ଭାସି ଉଠେ। ଗାନ୍ଧୀଜୀ ହିନ୍ଦୁ-ମୁସଲମାନମାନଙ୍କର ଐକ୍ୟ ଚାହିଁଥିଲେ; ସେ ଐକ୍ୟ ଆଜି ସୁଦୂରପରାହତ। ହିଂସା ମାର୍ଗରୁ ଭାରତବାସୀଙ୍କୁ ଅପସରି ଯିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ; ହିଂସା କିନ୍ତୁ ଆଜି ଭାରତୀୟ ସମାଜରେ ସର୍ବତ୍ର ପରିବ୍ୟାପ୍ତ। ଅହିଂସ ମାର୍ଗରେ ଚାଲିବା ପାଇଁ ଭାରତବର୍ଷକୁ ସେ ଦେଇଥିଲେ ଆହ୍ବାନ; କିନ୍ତୁ ସେ ପଥ ଅତି ଦୁର୍ଗମ ଓ କଠିନ ବୋଲି ଭାରତବାସୀ ତାକୁ ପରିହାର କରିସାରିଛନ୍ତି। ସେଥିପାଇଁ ଏଇ ଅଦୃଶ୍ୟ ଛବିଟି ପ୍ରତିଦିନ ମାନସ ଚକ୍ଷୁରେ ଭାସି ଉଠେ। ବିଶ୍ୱପ୍ରସିଦ୍ଧ ଔପନ୍ୟାସିକ ଦସ୍ତଏଭସ୍କି ତାଙ୍କର ଅମର କୃତି "ବ୍ରାଦାର୍ସ କାରମାଜୋଭ"ରେ ଇଭାନ୍ ତା'ର ସାନଭାଇ ଆଲ୍ୟୋସା ନିକଟରେ ଗୋଟିଏ କବିତା ପଢ଼ୁଥିବାର କଥା ଉଲ୍ଲେଖ କରିଛନ୍ତି। କବିତାଟିର ବିଷୟବସ୍ତୁ ହେଉଛି, ଯୀଶୁଖ୍ରୀଷ୍ଟ ସ୍ୱଦେହରେ ପୁଣି ଥରେ ମର୍ତ୍ତ୍ୟକୁ ଫେରି ଆସିବା ମାତ୍ରେ ତାଙ୍କୁ କାରାକକ୍ଷରେ ସଙ୍ଗେ ସଙ୍ଗେ ଆବଦ୍ଧ କରାଯାଇଛି। ନିଶାର୍ଦ୍ଧରେ ମହାନ୍ ବିଚାରକ ତାଙ୍କ ନିକଟକୁ ଯାଇ କହୁଛନ୍ତି, "ଆପଣ କଅଣ ସେଇ? ଆପଣ...? ଆମେ ତ ଏବେ ଆପଣଙ୍କ ପାଇଁ ଆଉ କାମ କରୁନୁ, ଆମର ପ୍ରଭୁ ହେଉଛନ୍ତି ଆଉ ଜଣେ ଏବଂ ଏହାହିଁ ହେଉଛି ଆମ ଜୀବନର ଗୋପନ ରହସ୍ୟ। ଆପଣ ଦୟା କରି ଏଠାରୁ ଫେରି ଯାଆନ୍ତୁ।" ଇଂରାଜୀ ନାଟ୍ୟକାର ଜର୍ଜ ବାର୍ଣ୍ଣାଡ୍ ଶ' ଏଇ ବର୍ଣ୍ଣନାର ଭାବବୀଜ ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି କି ନା, ମୁଁ ଜାଣେ ନା; କିନ୍ତୁ ସେ ତାଙ୍କର 'ସେଣ୍ଟ ଜୋଆନ୍' ନାଟକର ପରିଶିଷ୍ଟ ଦୃଶ୍ୟରେ ଅନୁରୂପ ଏକ ଘଟଣାର ଅବତାରଣା କରିଛନ୍ତି। ଫ୍ରାନ୍ସ ଓ ଇଂଲଣ୍ଡର ବହୁ ବର୍ଷ ବ୍ୟାପୀ ଯୁଦ୍ଧରେ ସତର ବର୍ଷ ବୟସର କୃଷକକନ୍ୟା ଜୋଆନ୍ ସାମରିକ ନେତୃତ୍ୱ ପ୍ରଦାନ କରି ଫ୍ରାନ୍ସକୁ ଦେଇଥିଲା ବିଜୟର ଗୌରବ, ରାଜା ସପ୍ତମ ଚାର୍ଲସକୁ ସିଂହାସନରେ କରିଥିଲା ଅଭିଷିକ୍ତ; ଅଥଚ ଯୁଦ୍ଧ ଶେଷରେ ରାଜା, ସେନାପତି ଓ ଧର୍ମଯାଜକମାନଙ୍କ ମିଳିତ ଚକ୍ରାନ୍ତ ଫଳରେ ତଥାକଥିତ ବିଚାର ଦ୍ୱାରା ପିଶାଚୀ ବୋଲି ସେ ହୋଇଥିଲା ପ୍ରମାଣିତ ଏବଂ ଅବଶେଷରେ ମହିମାମୟୀ ଜୋଆନ୍ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ହୋଇଥିଲା ନିକ୍ଷିପ୍ତ। ବହୁ ବର୍ଷ ପରେ ଦେଶବାସୀ ଯେତେବେଳେ ଜୋଆନ୍‌ର ଅଲୌକିକ ମହିମା ଓ ଦେଶାତ୍ମବୋଧ ସଂପର୍କରେ ସଚେତନ ହେଲେ, ସେତେବେଳେ ସର୍ବତ୍ର ଜୋଆନ୍ ପ୍ରତିଭାର ପୂଜାର୍ଚ୍ଚନା ଦେଶ ବ୍ୟାପି ବେଶ୍ ଚାଲିଲା। ଏହି ପରିଶିଷ୍ଟ ଦୃଶ୍ୟରେ କୁହାଯାଇଛି, ଦେଶର ସାମନ୍ତ, ସେନାପତି, ଧର୍ମାଧକ୍ଷ, ବିଚାରପତି ଓ ଘାତକ ପ୍ରଭୃତି ପାତ୍ରଗଣ ଅନୁତପ୍ତ ହୃଦୟରେ ପାପର ପ୍ରାୟଶ୍ଚିତ୍ତ ପାଇଁ ଜୋଆନ୍‌ଙ୍କ ପାଖରେ ଆସି କ୍ଷମାଭିକ୍ଷା କରୁଛନ୍ତି। ଜୋଆନ୍ ତାଙ୍କ ଦୃଷ୍ଟିରେ ବର୍ତ୍ତମାନ ଦେବୀ ଓ ଈଶ୍ୱରପୁତ୍ରୀ। କିନ୍ତୁ ଜୋଆନ୍ ଯେତେବେଳେ ସ୍ୱଦେହରେ ପୁଣି ସେମାନଙ୍କ ଭିତରକୁ ଫେରି ଆସିବାକୁ ଚାହିଁଛି, ସମସ୍ତଙ୍କ ମୁହଁ ହଠାତ୍ ହୋଇଯାଇଛି

Digitized by PPRACHIN, SOA

ମଳିନ ଓ ବିଷଣ୍ଣ। ଏ ପୁଣି କଅଣ? ଫେରି ଆସିବାର ପ୍ରଶ୍ନ ପୁଣି କାହିଁକି? ଜୋଆନ୍ ଫେରିଆସିଲେ ସମସ୍ତଙ୍କ ସ୍ୱାର୍ଥରେ ଯେ ବାଧା ନିଶ୍ଚୟ ସୃଷ୍ଟି ହେବ। ତେଣୁ ଜୋଆନ୍‌ର ଛାୟାମୂର୍ତ୍ତି ନିକଟରୁ ସମସ୍ତେ ଅପସରି ଯାଇଛନ୍ତି ଏବଂ ଛାୟାମୂର୍ତ୍ତିଟି ଛିଡ଼ା ହୋଇ ରହିଛି ଏକାକୀ। ପ୍ରକୃତ କଥା ହେଉଛି, ଏପରି ପୁଣ୍ୟାତ୍ମା ବା ମହାତ୍ମାମାନଙ୍କୁ ସ୍ୱାଗତ କରିବା ଲାଗି ଆମର ସଂକୀର୍ଣ୍ଣ ପୃଥିବୀ ଯେପରି ପ୍ରସ୍ତୁତ ନୁହେଁ। ମହାତ୍ମା ଗାନ୍ଧୀ ଆଜି ସ୍ୱଦେହରେ ଭାରତକୁ ଯଦି ପ୍ରତ୍ୟାବର୍ତ୍ତନ କରନ୍ତେ, ତେବେ ତାଙ୍କ ଭାଗ୍ୟରେ ମଧ ଅନୁରୂପ ବିଡ଼ମ୍ବନା ନିଶ୍ଚୟ ଘଟନ୍ତା। ଭାରତର ନେତା ଓ ଶାସକବର୍ଗ ସମସ୍ୱରରେ ହୁଏ ତ ତାଙ୍କୁ ନିବେଦନ କରନ୍ତେ; "ବାପୁଜୀ, ଦେଶ ପାଇଁ ଆପଣ ଯଥେଷ୍ଟ ଦାନ ଦେଇ ଯାଇଛନ୍ତି। ଆଉ ଥରେ ପୁଣି ଫେରି ଆସିବାକୁ କାହିଁକି ଚାହୁଁଛନ୍ତି? ବରଂ ଆପଣ ଦୟା କରି...।" ହଁ, ଏହାହିଁ ହୁଅନ୍ତା ଆମ ଦେଶରେ ବର୍ତ୍ତମାନ ଗାନ୍ଧୀଜୀଙ୍କର ଅବସ୍ଥା।

ବାପୁଜୀଙ୍କ ମୃତ୍ୟୁପରେ ଆମେ ଯେ ତାଙ୍କୁ ବିସ୍ମୃତ ହୋଇଯାଉଛୁ, ତାହା ନୁହେଁ, ତାଙ୍କ ଜୀବଦ୍ଦଶାରେ ହିଁ ଏଇ ପ୍ରତ୍ୟାଖ୍ୟାନ ପର୍ବ ଦେଶରେ ଆରମ୍ଭ ହୋଇ ଯାଇଥିଲା ଏବଂ ତାଙ୍କ ଜୀବନର ଅନ୍ତିମ ଅଧ୍ୟାୟଟି ତେଣୁ ଦ୍ୱନ୍ଦ୍ୱ ଓ ବେଦନାରେ ଥିଲା ପରିପୂର୍ଣ୍ଣ। କଥା ପ୍ରସଙ୍ଗରେ ସେ ଥରେ କହିଥିଲେ, "ମହାତ୍ମାମାନଙ୍କ ଦୁଃଖ କେବଳ ମହାତ୍ମାମାନଙ୍କୁ ହିଁ ଜଣା।" ଦିନେ ରାତିରେ ଦଳେ ଇଂରେଜ ଭଦ୍ରବ୍ୟକ୍ତିଙ୍କ ନିକଟରେ ନିଜର ମାନସିକ ବେଦନା ପ୍ରକାଶ କରି ମଧ କହିଥିଲେ, "ଧର୍ମଗୁରୁ ଓ ଧର୍ମପ୍ରଚାରକମାନଙ୍କ ଉପରକୁ ପଥର ଫିଙ୍ଗିବା ଏବଂ ପରେ ତାଙ୍କ ସ୍ମୃତିରକ୍ଷା ପାଇଁ ଗୀର୍ଜା କରିବା ପୃଥିବୀର ହେଉଛି ଚିରାଚରିତ ପନ୍ଥା ଓ ଆଚରଣ। ଯୀଶୁଖ୍ରୀଷ୍ଟଙ୍କୁ ଆଜି ଆମେ ପୂଜା କରୁଛୁ, କିନ୍ତୁ ସ୍ୱଦେହରେ ଯେତେବେଳେ ସେ ଥିଲେ, ଆମେ ତାଙ୍କୁ କ୍ରୁଶବିଦ୍ଧ କରିଥିଲୁ।" "ମୋର ଫଟୋ ଓ ପ୍ରତିମୂର୍ତ୍ତିକୁ ପୁଷ୍ପମାଲ୍ୟ ଦେବାକୁ ସମସ୍ତେ ବ୍ୟଗ୍ର; କିନ୍ତୁ ମୋର ଉପଦେଶ ଶୁଣିବାକୁ କେହି ପ୍ରସ୍ତୁତ ନୁହନ୍ତି।" ପ୍ରଥମତଃ 'ଦ୍ୱିଜାତି ତତ୍ତ୍ୱ' ଉପରେ ଆଧାରିତ ଭାରତ ଓ ପାକିସ୍ଥାନର ବିଭାଜନକୁ ଗାନ୍ଧୀଜୀ ଆଦୌ ଚାହୁଁନଥିଲେ କିମ୍ବା ଏ ପ୍ରକାର ଭାବନାକୁ ବରଦାସ୍ତ ମଧ କରୁ ନଥିଲେ। କିନ୍ତୁ ବିଭାଜନର ଭିତ୍ତି ଉପରେ ଇଂରେଜ ସରକାରଙ୍କ ସ୍ୱାଧୀନତା ପ୍ରଦାନ ନୀତିକୁ ନେହେରୁ ଓ ପଟେଲ କରୁଥିଲେ ସମର୍ଥନ। ବାପୁଜୀଙ୍କ ପ୍ରାଣରେ ଏହା ଦେଇଥିଲା ଦାରୁଣ ଆଘାତ। ନିଜର ଦୁଃଖ ଓ ନିଃସଙ୍ଗତା ପ୍ରକାଶ କରି ସେ କହିଥିଲେ, "ମୁଁ ଦେଖୁଛି ଯେ ମୁଁ ଆଜି ସଂପୂର୍ଣ୍ଣ ଏକା। ଏପରିକି ପଟେଲ ଓ ନେହରୁ ମଧ କହୁଛନ୍ତି ଯେ ମୁଁ ଭୁଲ କରୁଛି ଏବଂ ଭାରତର ବିଭାଜନ ପାଇଁ ସହମତ ହେଲେ ଦେଶରେ ଶାନ୍ତି କୁଆଡ଼େ ପୁଣି ଫେରି ଆସିବ।" ସ୍ୱାଧୀନତା ପ୍ରାପ୍ତିର ବହୁ ପୂର୍ବରୁ ଗାନ୍ଧୀଜୀଙ୍କ ପ୍ରାଣରେ ସୃଷ୍ଟି ହୋଇ ସାରିଥିଲା ଏଇ ପ୍ରତ୍ୟାଖ୍ୟାନ ଓ ନିଃସଙ୍ଗତାର ବେଦନା।

Digitized by PPRACHIN, SOA

୧୯୩୬ ସାଲରେ ନେହରୁ ୟୁରୋପରୁ ବିମାନଯୋଗେ ଫେରି ଆସନ୍ତି କଂଗ୍ରେସର ଲକ୍ଷ୍ନୌ ଅଧିବେଶନରେ ଯୋଗଦେବାକୁ । ଏଇ ଅଧିବେଶନରେ 'ସମାଜବାଦ'କୁ କଂଗ୍ରେସର ଆଦର୍ଶ କରିବାପାଇଁ ସେ ଥିଲେ ଦୃଢ଼ସଂକଳ୍ପ ଏବଂ ତାଙ୍କରି ସକ୍ରିୟ ଉଦ୍ୟମ ଫଳରେ ହିଁ ସର୍ବପ୍ରଥମ ଲକ୍ଷ୍ନୌ ଅଧିବେଶନରେ କଂଗ୍ରେସ ସମାଜବାଦକୁ ନିଜର ଆଦର୍ଶ ରୂପେ ଗ୍ରହଣ କରି ନେଇଥିଲା । ନେହରୁ 'ସମାଜବାଦ' ପ୍ରସଙ୍ଗରେ ସେତେବେଳେ ଏପରି ଅଭିଭୂତ ଥିଲେ ଯେ ଦୃଢ଼ କଣ୍ଠରେ ଘୋଷଣା କରିଥିଲେ, କେବଳ ସମାଜବାଦ ମାଧ୍ୟମରେ ହିଁ ଦେଶରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ । ଗାନ୍ଧୀଜୀ ଉପଲବ୍ଧି କରିପାରିଥିଲେ, ସେ ତାଙ୍କର ଅହିଂସ ନୀତି ଘେନି କ୍ରମଶଃ ନିଃସଙ୍ଗ ହୋଇପଡ଼ିଛନ୍ତି । ୧୯୩୮ ସାଲର ଗୋଟିଏ ଚିଠିରେ ତାଙ୍କର କ୍ରମବର୍ଦ୍ଧମାନ ନିଃସଙ୍ଗତାର କଥା ନେହରୁଙ୍କୁ ମଧ୍ୟ ସେ ଜଣାଇଥିଲେ । ଏଇ ନିଃସଙ୍ଗତାବୋଧ ସମ୍ଭବତଃ ଏଇ କାରଣରୁ ଦେଖା ଦେଇଥିଲା ଯେ ତାଙ୍କର ଅନୁଗାମୀ ବା ଭାବଶିଷ୍ୟମାନଙ୍କ ସହିତ ଆଦର୍ଶଗତ ଏକ ଦୂରତ୍ୱ ସେ ଅନୁଭବ କରିଥିଲେ । ସେ ବୁଝିପାରିଥିଲେ ଯେ ତାଙ୍କର ଅହିଂସ ନୀତି ଓ 'ସ୍ୱରାଜ'ର ଅର୍ଥ ବୁଝିବା ପାଇଁ କାହାରି ପକ୍ଷରୁ କୌଣସି ଉଦ୍ୟମ ହେଉନାହିଁ । ଅହିଂସା, ସତ୍ୟ ଏବଂ ସ୍ୱରାଜ ଚିନ୍ତାଜଗତରେ ଯେ ଗୋଟିଏ ନୂତନ ଦିଗନ୍ତ ଉନ୍ମୋଚନ କରିଥିଲା, ତାହା ଉପଲବ୍ଧି କରିବା ଭଳି ଧୈର୍ଯ୍ୟ ଓ ବୌଦ୍ଧିକ ମନ ଗାନ୍ଧୀ-ଅନୁଗାମୀମାନଙ୍କର ନଥିଲା । ବରଂ ସମାଜବାଦର ରୋମାଞ୍ଚକର ତର୍ଜନୀ-ସଂକେତ ସେମାନଙ୍କ ନିକଟରେ ଯଥେଷ୍ଟ ପ୍ରଗତିଶୀଳ ବୋଲି ପ୍ରତିଭାତ ହୋଇଥିଲା । ପ୍ରଗତିଶୀଳ ଏବଂ ରକ୍ଷଣଶୀଳ, କଂଗ୍ରେସର ଉଭୟ ଗୋଷ୍ଠୀ ଗାନ୍ଧୀଜୀଙ୍କ ଚିନ୍ତାଜଗତଠାରୁ ବହୁ ଦୂରକୁ ଅପସରି ଯାଇଥିଲେ । କେବଳ ରାଜନୀତିକ ଲାଭ ପାଇଁ ସେମାନେ ହୁଏତ ତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିଲେ, ଆଦର୍ଶ ପ୍ରତି ଅନୁରକ୍ତି ତାଙ୍କର ଥିଲା ଅତି ଶିଥିଳ । ଏଇ ସମୟରେ ନୀତିଶୂନ୍ୟ ରାଜନୀତି ପ୍ରତି ସେ ବାରମ୍ବାର କଂଗ୍ରେସ କର୍ମୀମାନଙ୍କର ଦୃଷ୍ଟି ଆକର୍ଷଣ କରିବାର ଚେଷ୍ଟା କରିଛନ୍ତି । କଂଗ୍ରେସକର୍ମୀମାନେ ବୁଝୁ ନଥିଲେ ଯେ କେବଳ କ୍ଷମତା-ହସ୍ତାନ୍ତର ହୋଇଗଲେ 'ସ୍ୱରାଜ' ଆସି ଯାଏନା । କିମ୍ବା ନୂଆ କରି ସମାଜ ଓ ସାମାଜିକ ମୂଲ୍ୟକୁ ନ ଗଢ଼ିଲେ 'ସ୍ୱରାଜ' କେବେ ପ୍ରକୃତ ସ୍ୱରାଜ ହୋଇନଥାଏ । ବାପୁଜୀ ସ୍ୱାଧୀନତା ଅବଶ୍ୟ ଚାହୁଁଥିଲେ ଏବଂ ସ୍ୱାଧୀନତାର ସଂଗ୍ରାମ ଅଥବା ଆୟୋଜନ ମଧ୍ୟରେ କଂଗ୍ରେସକର୍ମୀଙ୍କର ଅନେକ ସ୍ୱାର୍ଥତ୍ୟାଗ ଯେ ଥିଲା, ତାହା ମଧ୍ୟ ନିଃସନ୍ଦେହ; କିନ୍ତୁ ଗାନ୍ଧୀଜୀ ମନୁଷ୍ୟର ମୁକ୍ତି ମଧ୍ୟ ଚାହୁଁଥିଲେ, ଯାହାକି ସ୍ୱାଧୀନ ଭାରତରେ ଆଜି ଏକ ବିରାଟ ପ୍ରଶ୍ନବାଚୀ ହୋଇ ଦେଖା ଦେଇଛି । ଇଂରେଜ-ବିତାଡ଼ନ ଦ୍ୱାରା ଯେଉଁ ସ୍ୱାଧୀନତା ଆମେ ହାସଲ କଲୁ, ସେ ପ୍ରକାର ସ୍ୱାଧୀନତା ଗାନ୍ଧୀଜୀ ଚାହୁଁନଥିଲେ; ସେ ଚାହୁଁଥିଲେ ଦେଶର ଆତ୍ମଶୁଦ୍ଧି । ଦେଶବାସୀ ସତ୍ୟାଗ୍ରହ ପଥରେ ଯଦି ଚାଲନ୍ତି, ତେବେ ଆତ୍ମଶୁଦ୍ଧି ହେବ ଏବଂ ଇଂରେଜ-ବିତାଡ଼ନ ମଧ୍ୟ ସମ୍ଭବ ହେବ । ସତ୍ୟାଗ୍ରହ ଏପରି ଗୋଟିଏ ଜିନିଷ, ଯାହାଦ୍ୱାରା ଇଂରେଜ

Digitized by PPRACHIN, SOA

ସାମ୍ରାଜ୍ୟ ହଟିଯିବ ଏବଂ ସତ୍ୟାଗ୍ରହୀମାନେ ଭାରତବର୍ଷରେ ଗୋଟିଏ ନୂତନ ଜାତି ଗଠନ କରିବାକୁ ସମର୍ଥ ହେବେ। କିନ୍ତୁ ଏ ପ୍ରକାର ବକ୍ତବ୍ୟକୁ ଗ୍ରହଣ କରି ନେବାର କ୍ଷମତା ଭାରତବାସୀଙ୍କର ସେତେବେଳେ ନଥିଲା; ବର୍ତ୍ତମାନ ମଧ୍ୟ ନାହିଁ। ବସ୍ତୁତଃ, 'ସ୍ୱରାଜ୍ୟ'ର ଅର୍ଥ କଅଣ ଏବଂ ସ୍ୱରାଜ୍ୟ ଅର୍ଜନ କରିବାର କ୍ଷମତା କିପରି ଆୟତ୍ତ କରିବାକୁ ହୁଏ, ସେ ସଂପର୍କରେ ଗାନ୍ଧୀଜୀଙ୍କ ଅନୁଗାମୀମାନଙ୍କ ମଧ୍ୟରୁ ଅଧିକାଂଶ କୌଣସି ଦିନ ଗଭୀର ଭାବରେ ଚିନ୍ତା କରିନାହାନ୍ତି। ଅହିଂସାର ମର୍ମବାଣୀ ମଧ୍ୟ ସେମାନେ ବୁଝିନାହାନ୍ତି କିମ୍ବା ସତ୍ୟର ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଗତିଶୀଳତା ବିଷୟରେ ଯଥାର୍ଥ ଧାରଣା ସେମାନଙ୍କର ନାହିଁ। ଯେଉଁମାନେ ବୁଝିଥିଲେ, ସେମାନେ କ୍ଷମତା ପାଖରେ ପହଞ୍ଚି ପାରି ନଥିଲେ ଏବଂ ପରବର୍ତ୍ତୀ କାଳରେ ପରାଜୟର ଗ୍ଲାନି ଓ ହତାଶା କେବଳ ଭୋଗିଥିଲେ। ତେଣୁ ମୃତ୍ୟୁ ପୂର୍ବରୁ ସ୍ୱାଧୀନ ଭାରତରେ ସେ ଅନ୍ୟ ଗୋଟିଏ ଏବଂ ଶେଷ ଆନ୍ଦୋଳନ ଆରମ୍ଭ କରିବାର କଥା ଚିନ୍ତା କରୁଥିଲେ। ସେ ସ୍ୱପ୍ନ ଥିଲା ଏକ ଆଦର୍ଶ ସମାଜର ପ୍ରତିଷ୍ଠା—ଏକ 'ସର୍ବୋଦୟ' ସମାଜ। ସର୍ବୋଦୟ ସମ୍ମେଳନ ପାଇଁ ସେ ବ୍ୟାକୁଳ ହୋଇ ପଡ଼ିଥିଲେ ଏବଂ ସମ୍ମେଳନର ତାରିଖ ମଧ୍ୟ ନିର୍ଦ୍ଧାରିତ ହୋଇ ସାରିଥିଲା। କିନ୍ତୁ ବିଧିର ବିଡ଼ମ୍ବନା ଓ ଆମର ଦୁର୍ଭାଗ୍ୟ ମଧ୍ୟ, ସମ୍ମେଳନରେ ଶେଷ ପର୍ଯ୍ୟନ୍ତ ସେ ଯୋଗ ଦେଇ ପାରିନଥିଲେ।

ଭଗ୍ନ ଦଶାରେ ଦେଶକୁ ତ ଆମେ ଲାଭ କଲୁ, କିନ୍ତୁ ସ୍ୱାଧୀନତାକୁ ହାତରେ ପାଇ ମଧ୍ୟ ତାକୁ ସାର୍ଥକ ଭାବରେ ଯେ କାର୍ଯ୍ୟରେ ଲଗାଇବାକୁ ଆମେ ଅକ୍ଷମ, ଏହାଠୁଁ ବଳି ଦୁଃଖ ଓ ଲଜ୍ଜାର ବିଷୟ କଅଣ ଥାଇପାରେ ? ସ୍ୱାଧୀନତା ପ୍ରାପ୍ତିପରେ କିଛି ବିଦ୍ୱାନ୍, ବୁଦ୍ଧିଜୀବୀ, ନିଃସ୍ୱାର୍ଥ ବ୍ୟକ୍ତି ଦେଶର ରାଜନୀତିକ ମଞ୍ଚରେ ଅବସ୍ଥାନ କରିଛନ୍ତି; ପରବର୍ତ୍ତୀ କାଳରେ ସେମାନେ କ୍ରମଶଃ ହୋଇଛନ୍ତି ଅବାଞ୍ଛିତ ଓ ପରିତ୍ୟକ୍ତ। ସେଇ ଶୂନ୍ୟସ୍ଥାନ ବର୍ତ୍ତମାନ ପୂରଣ କରିଛନ୍ତି ଯେଉଁମାନେ ଧନାଢ୍ୟ ବ୍ୟବସାୟୀ କିମ୍ବା ପେଶୀ-ଶକ୍ତିଧାରୀ। ସ୍ୱାଧୀନତାକୁ ଆମେ ପ୍ରଥମାବସ୍ଥାରୁ ହିଁ ଅକ୍ଷମ ହାତରେ ଗ୍ରହଣ କରିଛୁ। ଫଳରେ ମୂଲ୍ୟବାନ ସଂପଦକୁ ଯେପରି ଯତ୍ନ ସହକାରେ ସନ୍ତର୍ପଣରେ ବ୍ୟବହାର କରିବାକୁ ହୁଏ, ତାହା ଆମେ କରିନାହୁଁ ଏବଂ କରିବାକୁ ମଧ୍ୟ ଆମେ ଅସମର୍ଥ।

ଏ ସମ୍ପର୍କରେ ଆଉ ଗୋଟିଏ ପ୍ରସଙ୍ଗ ମଧ୍ୟ ସ୍ୱତଃ ସ୍ମରଣକୁ ଆସିଥାଏ ଏବଂ ତାହା ହେଉଛି 'ସ୍ଥାନସଂରକ୍ଷଣ'ର ସମସ୍ୟା। ତଫସିଲଭୁକ୍ତ ଜାତି, ଉପଜାତି, ଆଦିବାସୀ, ହରିଜନ ଏବଂ ପଛୁଆ ବର୍ଗ ବା ଅନଗ୍ରସର ଶ୍ରେଣୀ ପ୍ରଭୃତି ବିଭିନ୍ନ ଗୋଷ୍ଠୀର ଲୋକଙ୍କ ପାଇଁ ଶିକ୍ଷା, ନିଯୁକ୍ତି ଓ ପଦୋନ୍ନତି କ୍ଷେତ୍ରରେ ସରକାର ଯେଉଁ ସ୍ଥାନସଂରକ୍ଷଣ ନୀତି ଅବଲମ୍ବନ କରୁଛନ୍ତି, ତାହା ସମଗ୍ର ଦେଶରେ ଆଜି ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ କରୁଛି। ଏହି ସକଳ ଶ୍ରେଣୀର ଲୋକଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ସୁଯୋଗ ଦେବା କିମ୍ବା ସେମାନଙ୍କର ଆର୍ଥିକ ଅବସ୍ଥା ଅଧିକ ଉନ୍ନତ ଓ ସ୍ୱଚ୍ଛଳ କରିବା ଯେ କୌଣସି ସରକାରର, ବିଶେଷତଃ ଏକ ସ୍ୱାଧୀନ ଗଣତାନ୍ତ୍ରିକ ସରକାରର ହେଉଛି

Digitized by PPRACHIN, SOA

ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ। କିନ୍ତୁ ସଂରକ୍ଷଣ ନାମରେ ଅଯୋଗ୍ୟ ବ୍ୟକ୍ତିକୁ ଯଦି ନିଯୁକ୍ତି ବା ପଦୋନ୍ନତି ଦିଆଯାଏ, ତେବେ ଦକ୍ଷ ଓ ଯୋଗ୍ୟତାସଂପନ୍ନ ବ୍ୟକ୍ତି ତା'ର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେବା ସ୍ୱାଭାବିକ। ତା'ଛଡ଼ା ସରକାରୀ କାର୍ଯ୍ୟାଳୟମାନଙ୍କରେ ଦକ୍ଷତାର ଅଭାବ, କର୍ତ୍ତବ୍ୟରେ ଅବହେଳା ଓ କାର୍ଯ୍ୟରେ ଶିଥିଳତା ଆଦି ଉପସର୍ଗମାନ ପରିଲକ୍ଷିତ ହେବା କିଛି ବିଚିତ୍ର ବା ଅସ୍ୱାଭାବିକ ନୁହେଁ। କିନ୍ତୁ ଆମ ରାଜନୀତିର ବଡ଼ପଣ୍ଡାମାନେ 'ଭୋଟବ୍ୟାଙ୍କ'କୁ ଆଖି ଆଗରେ ରଖି ଗାଦି ଲୋଭରେ ଯେପରି ମୂଳଚାଳ କରୁଛନ୍ତି ଏବଂ ଅବିଚାରିତ ଭାବରେ ସ୍ଥାନ-ସଂରକ୍ଷଣ ନୀତି ଅନୁସରଣ କରି ଚାଲିଛନ୍ତି, ତାହା ସମଗ୍ର ଦେଶ ଓ ଜାତିର ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ। ଏ କଥା ସେମାନେ ଭଲଭାବରେ ହୁଏ ତ ବୁଝିଛନ୍ତି; କିନ୍ତୁ ସିଂହାସନର ଲୋଭ ଓ ତାର ସୁରକ୍ଷା ପାଇଁ ଏ ଅନ୍ୟାୟକୁ ପ୍ରଶ୍ରୟ ଦେବାରେ ତାଙ୍କର ଦ୍ୱିଧା ବା କୁଣ୍ଠା ନାହିଁ। ଅନ୍ୟାୟ ଦୁର୍ନୀତି ପରି ଏ ଅନୀତି ମଧ ସେମାନଙ୍କର ଦେହସୁହା ହୋଇଗଲାଣି। ଇଂରେଜ ସରକାରକୁ ସିନା ଆମେ ଦାୟୀ ଓ ଦୋଷୀ ସାବ୍ୟସ୍ତ କରୁଥିଲୁ 'ଦ୍ୱିଜାତି-ତତ୍ତ୍ୱ'ର ଭେଦନୀତି ପ୍ରୟୋଗ ପାଇଁ; କିନ୍ତୁ ଆମର ଗଣତାନ୍ତ୍ରିକ ସରକାର, ବିଶ୍ୱରେ ଯେତେବେଳେ ଜାତିଭେଦ ଓ ବର୍ଣ୍ଣବୈଷମ୍ୟ ନୀତିର ବିଲୋପ ପାଇଁ ଆନ୍ଦୋଳନ ଓ ଜନଚେତନା ସୃଷ୍ଟି ହେଉଛି, ସେତେବେଳେ ଶ୍ରେଣୀଭେଦ ଓ ଜାତିଭେଦର ବିଷବୀଜ ବପନ କରି ବେଶ୍ ଗୌରବ ଓ ଆତ୍ମଶ୍ଳାଘା ଅନୁଭବ କରୁଛନ୍ତି। ଏକବିଂଶ ଶତାବ୍ଦୀ ବେଳକୁ ଭାରତର ଅବସ୍ଥା କଅଣ ହେବ, ତାହା ମନଶ୍ଚକ୍ଷୁରେ ବେଶ୍ ଅନୁଧ୍ୟାନ କରି ହେଉଛି। ଏ ସଂପର୍କରେ ଗାନ୍ଧୀଜୀଙ୍କର ଚିନ୍ତାଧାରା କଅଣ ଥିଲା, ତାହା ସ୍ମରଣ କରିବା ପ୍ରାସଙ୍ଗିକ ହେବ। ସେ କହିଛନ୍ତି, ''ସରକାରୀ ବିଭାଗଗୁଡ଼ିକର ନିଯୁକ୍ତି କ୍ଷେତ୍ରରେ ସାଂପ୍ରଦାୟିକ ଭାବର ଅନୁପ୍ରବେଶ ଯେ କୌଣସି ଉତ୍ତମ ସରକାର ପକ୍ଷରେ ହେବ ମାରାତ୍ମକ। ଶାସନର ଦକ୍ଷତା ପାଇଁ ଏହା ଯୋଗ୍ୟତମ ବ୍ୟକ୍ତିଙ୍କ ହାତରେ ନ୍ୟସ୍ତ ହେବା ଆବଶ୍ୟକ। ଏ କ୍ଷେତ୍ରରେ ପ୍ରିୟାପ୍ରୀତିର ସ୍ଥାନ ସର୍ବଦୌ ଅବାଞ୍ଛନୀୟ। ଆମେ ଯଦି ପାଞ୍ଚଜଣ ଇଂଜିନିୟରଙ୍କୁ ନିଯୁକ୍ତି ଦେଉ ତେବେ ପାଞ୍ଚୋଟି ସଂପ୍ରଦାୟରୁ ପାଞ୍ଚଜଣଙ୍କୁ ନେବା ଅନୁଚିତ ହେବ। ବରଂ ଯୋଗ୍ୟତା ଭିତ୍ତିରେ ଯଦି ପାଞ୍ଚଜଣଯାକ ମୁସଲିମ ବା ପାର୍ସୀ ସଂପ୍ରଦାୟର ବ୍ୟକ୍ତି ହୁଅନ୍ତି, ତେବେ ସେମାନଙ୍କୁ ଗ୍ରହଣ କରିବା ଶ୍ରେୟସ୍କର ହେବ। ତଳଶ୍ରେଣୀର ଚାକିରୀଗୁଡ଼ିକର ନିଯୁକ୍ତି କ୍ଷେତ୍ରରେ ଗୋଟିଏ ପରୀକ୍ଷା ବ୍ୟବସ୍ଥା ରହିବା ଉଚିତ୍ ଏବଂ ବିଭିନ୍ନ ସଂପ୍ରଦାୟର ସଭ୍ୟଥିବା ଏକ ନିରପେକ୍ଷ ବୋର୍ଡ଼ ସେଇ ପରୀକ୍ଷା ପରିଚାଳନାର ଦାୟିତ୍ୱ ଗ୍ରହଣ କରିବା ଆବଶ୍ୟକ। କିନ୍ତୁ ବିଭିନ୍ନ ସଂପ୍ରଦାୟର ସଭ୍ୟ ଅନୁପାତରେ ଚାକିରୀଗୁଡ଼ିକ ବଣ୍ଟନ କରାଯିବା ଅବାଞ୍ଛନୀୟ। ଯେଉଁ ସଂପ୍ରଦାୟଗୁଡ଼ିକ ଶିକ୍ଷା କ୍ଷେତ୍ରରେ ପଛୁଆ ବା ଅନଗ୍ରସର, ସେମାନଙ୍କ ପାଇଁ ଉତ୍ତମ ଶିକ୍ଷାଦାନର ବ୍ୟବସ୍ଥା ଓ ସୁଯୋଗ ପ୍ରଦାନ ଜାତୀୟ ସରକାରର ହେବ ଦାୟିତ୍ୱ ଓ କର୍ତ୍ତବ୍ୟ ଏବଂ ଏଥିପାଇଁ ଅନୁନ୍ନତ ସଂପ୍ରଦାୟଗୁଡ଼ିକର

Digitized by PPRACHIN, SOA

ଅଧିକାର ମଧ୍ୟ ରହିଛି। ଦକ୍ଷତାର ସହ ଏହା ସଂପନ୍ନ ହେବା ବିଧେୟ। କିନ୍ତୁ ଯେଉଁମାନେ ସରକାରଙ୍କର ଦାୟିତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହେବାକୁ ଆଗ୍ରହୀ, ସେମାନେ ଯୋଗ୍ୟତା-ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ।'' ('ମହାତ୍ମା'-୨ୟ ଖଣ୍ଡ- ଡି.ଜି.ତେଣ୍ଡୁଲକର)

ପୁନଶ୍ଚ ଗାନ୍ଧୀଜୀଙ୍କର ଗୋଟିଏ ପ୍ରଧାନ ପ୍ରତ୍ୟୟ ଥିଲା ଯେ ଭାରତବର୍ଷର ଚେହେରା ତା'ର ସାତ ଲକ୍ଷ ଗ୍ରାମ ମଧ୍ୟରେ ହିଁ ନିହିତ। ସହରଗୁଡ଼ିକ ହେଉଛନ୍ତି ୟୁରୋପ ବା ଆମେରିକାର ତିଆରି। ଜାପାନ୍ ହୁଏତ ଏମାନଙ୍କ ସହିତ ଯୋଗ ଦେଇଛି। ଏଇ ସାତ ଲକ୍ଷ ଗ୍ରାମକୁ ଶୋଷଣ କରିବା ହେଉଛି ସହରମାନଙ୍କର କାମ। ଭାରତବର୍ଷକୁ ବଞ୍ଚାଇବାକୁ ହେଲେ ଗ୍ରାମମାନଙ୍କୁ ହିଁ ଆମକୁ ଯିବା ପାଇଁ ପଡ଼ିବ। ସେଠାରେ ଅବସ୍ଥା ଅତି ଶୋଚନୀୟ। ଗ୍ରାମର ଅଧିକାଂଶ ସ୍ତ୍ରୀ ଓ ପୁରୁଷ ନିରନ୍ନ ଏବଂ ବେକାର ହୋଇ ବସିଛନ୍ତି। ଏମାନଙ୍କର ବୁଭୁକ୍ଷାର ସମାଧାନ ନ ହେଲେ, କର୍ମସଂସ୍ଥାନ ନ ହେଲେ ଅନ୍ୟ କିଛି ହେବା ଅସମ୍ଭବ। ଗାନ୍ଧୀଜୀ ତେଣୁ ସମୟ ସମୟରେ କହିଛନ୍ତି ଯେ, ଏଇ ଗ୍ରାମବାସୀର ସାମ୍ନାକୁ ଈଶ୍ୱର ଯଦି ଆସନ୍ତି, ତେବେ ଖାଦ୍ୟ ରୂପରେ ହିଁ ସେ ଆସିବେ। ଅନ୍ୟ କୌଣସି ଭାବରେ ଆସିବାର ସାହସ ଭଗବାନଙ୍କର ନାହିଁ। ଏଇଥିରୁ ହିଁ ଅରଟ ଓ ସୂତାକଟା ପ୍ରସଙ୍ଗର ଉତ୍ପତ୍ତି। ତା' ସହିତ ଅନ୍ୟାନ୍ୟ କୁଟୀର ଶିଳ୍ପର ବିକାଶ ଉପରେ ଗାନ୍ଧୀଜୀ ଦେଉଥିଲେ ଗୁରୁତ୍ୱ। କିନ୍ତୁ ତାଙ୍କ ଜୀବଦ୍ଦଶାରେ ଆମେ ସେ ପନ୍ଥା ପରିହାର କରି ସମୃଦ୍ଧିର ସ୍ୱର୍ଣ୍ଣମୃଗ ଲୋଭରେ ଯନ୍ତ୍ରଶିଳ୍ପର ପ୍ରତିଷ୍ଠାକୁ କଲୁ ଆଦର୍ଶ। ଏ ସଂପର୍କରେ ଗାନ୍ଧୀ ଓ ନେହେରୁଙ୍କ ମତାଦର୍ଶ ଓ ମତପାର୍ଥକ୍ୟ ଅତି ସୁବିଦିତ। ଗାନ୍ଧୀ-ଅର୍ଥନୀତି ସଂପର୍କରେ ବାସିଲ ମ୍ୟାଥୁସ୍ (Basil Mathews) ଯେତେବେଳେ ପ୍ରଶ୍ନ କରନ୍ତି, "ଆପଣଙ୍କ ଅର୍ଥନୀତିର ସ୍ୱରୂପ ନେହରୁଙ୍କ ଅର୍ଥନୀତିଠୁଁ କଅଣ ଭିନ୍ନ ନୁହେଁ?'' ଗାନ୍ଧିଜୀ ତା'ର ଉତ୍ତର ଦିଅନ୍ତି, "ହଁ, ଗ୍ରାମ-ଉନ୍ନୟନ ଓ ଗ୍ରାମ-ପୁନର୍ଗଠନ ପ୍ରସଙ୍ଗରେ ଆମର ଚିନ୍ତାଧାରା ହେଉଛି ଭିନ୍ନ। ଏଇ ପାର୍ଥକ୍ୟ କେବଳ କାର୍ଯ୍ୟକାରିତାର ଜୋର ମଧ୍ୟରେ ହିଁ ନିହିତ। ଗ୍ରାମ-ଆନ୍ଦୋଳନ ପାଇଁ ବିଶେଷ ଅସମ୍ମତି ତାଙ୍କର ନାହିଁ। କିନ୍ତୁ ଯନ୍ତ୍ରଶିଳ୍ପର ପ୍ରତିଷ୍ଠା ଓ ପ୍ରସାରରେ ସେ ବିଶ୍ୱାସୀ। ଭାରତରେ ତା'ର ଉପଯୋଗିତା ଘେନି ମୁଁ କିନ୍ତୁ ଘୋର ସନ୍ଦିହାନ।'' ଏଇ ମତବିରୋଧ ପରେ ଧୀରେ ଧୀରେ ଚାପା କ୍ଷୋଭରେ ପରିଣତ ହୁଏ ଏବଂ ଏଇ ପ୍ରଚ୍ଛନ୍ନ କ୍ଷୋଭରୁ ଗାନ୍ଧୀଜୀ ଆଉ କୌଣସି ଦିନ ମୁକ୍ତିଲାଭ କରି ନାହାନ୍ତି। ଏପଟେ ନେହରୁଙ୍କୁ ସେ ନିଜର ରାଜନୀତିକ ଉତ୍ତରାଧିକାରୀ ବୋଲି ଘୋଷଣା କରି ସାରିଛନ୍ତି। ତେଣୁ ଯାହା ଘଟିବାର କଥା, ଦେଶରେ ତାହା ଘଟିଗଲା ଏବଂ ସେଇ ସୁନାହରିଣର ଲୋଭରେ ବର୍ତ୍ତମାନ ବି ଆମେ ପ୍ରଲୁବ୍ଧ। ଗ୍ରାମ-ସଂଗଠନ ଭୂମିକାରେ ଗାନ୍ଧୀଜୀଙ୍କର ଅବଦାନ ଯାହା ଥିଲା ଏବଂ ଯାହା ସେ ଚାହୁଁଥିଲେ, ତାକୁ ସଂପୂର୍ଣ୍ଣ ରୂପେ ଆମେ ବିସ୍ମୃତ ହୋଇ ସାରିଛୁ। ଗାନ୍ଧୀଜୀ ପ୍ରକୃତରେ ହେଉଛନ୍ତି

Digitized by PPRACHIN, SOA

ପ୍ରଥମ ସମାଜ-ବିଜ୍ଞାନୀ, ଯେ କି ଗ୍ରାମ-ଉନ୍ନୟନ କ୍ଷେତ୍ରରେ ବିଭିନ୍ନ ବିଜ୍ଞାନ ମଧ୍ୟରେ ପାରସ୍ପରିକ ସମ୍ବନ୍ଧଯୁକ୍ତ ଗୋଟିଏ ସଂପୂର୍ଣ୍ଣ ଉନ୍ନୟନର କଥା କହିଛନ୍ତି। ଅନ୍ତଃଶୃଙ୍ଖଳାର ଆଭିମୁଖ୍ୟ ସହ ପୂର୍ଣ୍ଣାଙ୍ଗ ଉନ୍ନୟନ (Inter-disciplinary approach for integral development) ର କଥା ଗାନ୍ଧୀଜୀଙ୍କ ପୂର୍ବରୁ କେହି ଏପରି ଭାବରେ ଭାବିଛନ୍ତି କି ନା ଏବଂ ତାକୁ ଫଳିତ ରୂପ ଦେବାର ଚେଷ୍ଟା କରିଛନ୍ତି କି ନା, ତାହା ହୁଏ ତ ଆଜି ଗବେଷଣାର ଅପେକ୍ଷା ରଖେ ଏବଂ ମୋର ମନେହୁଏ, ଗାନ୍ଧୀଜୀ ହିଁ ଏ କ୍ଷେତ୍ରରେ ପ୍ରଥମ ପଥିକୃତ୍ ଓ ଅଗ୍ରଣୀ। ଗାନ୍ଧୀଜୀଙ୍କର ବହୁ ଚିନ୍ତାଧାରାକୁ ତାଙ୍କର ଶିଷ୍ୟବର୍ଗ ତଥା ଅନ୍ୟାନ୍ୟ ରାଜନୀତିକ ଦଳ ଓ ଉପଦଳ ଅଳିଆଗଦାକୁ ଫିଙ୍ଗିଦେବା ଭଳି ନିଯୁକ୍ତି ଓ ସ୍ଥାନ ସଂରକ୍ଷଣ, ଗ୍ରାମ-ଉନ୍ନୟନ, କୁଟୀରଶିଳ୍ପ ଓ ଦେଶର ଅର୍ଥନୀତି ସଂପର୍କରେ ତାଙ୍କର ଧ୍ୟାନ ଧାରଣାକୁ ମଧ୍ୟ ସେମାନେ ବହୁକାଳରୁ ପରିତ୍ୟାଗ କରି ସାରିଛନ୍ତି। ଅଥଚ ଋଣପଙ୍କରେ ଦେଶବାସୀ ଆକଣ୍ଠ ନିମଜ୍ଜିତ ହୋଇ ମଧ୍ୟ ସମୃଦ୍ଧିର ମାୟାମୃଗ ପଛରେ ଆଜି ବେଶ୍ ଧାବମାନ। ଏଇପରି ଭାବରେ ଦେଶର ଜଣେ ବିପ୍ଳବୀ ପୁରୁଷ, ମହାନ୍ ଜନନାୟକ ଓ ମହାମନୀଷୀ ବୁଦ୍ଧଦେବଙ୍କୁ ଏବଂ ତାଙ୍କର ମାନବଧର୍ମୀ ମହାବାଣୀକୁ ଦେଶମାଟିରୁ ଆମେ ବିଦାୟ ଦେଇ ସାରିଥିଲୁ; ଏବେ ମହାତ୍ମା ଗାନ୍ଧୀଙ୍କ ମହାନ୍ ବାଣୀ ଓ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରି ଆମେ ବେଶ୍ ତୃପ୍ତି ଓ ଗୌରବର ସହିତ ଭୋଗଲାଳସାର ରାଜପଥରେ ଅଗ୍ରସର। ଧନ୍ୟ ଏ ଦେଶ, ଧନ୍ୟ ଏ ଜାତି !!

ଅନ୍ୟ ଦିଗରେ ଆଜିର ଭୋଗବାଦୀ ଅସ୍ତିତ୍ୱ ଆମର ମନୁଷ୍ୟତ୍ୱ ମୂଳରେ କୁଠାରଘାତ କରି ଚାଲିଛି। ଏଇ ଭୋଗବାଦର ଆମଦାନି ହୋଇଛି ଧନତନ୍ତ୍ରର ପ୍ରୟୋଜନରେ। ଧନତନ୍ତ୍ରର ବୁନିଆଦି ପୁଣି ଶୋଷଣ ସହିତ ସର୍ବଦା ଗ୍ରଥିତ। ଦୂରଦର୍ଶନର ଆଶୀର୍ବାଦରୁ (ନା, ଅଭିଶାପ ?) ସେଇ ଭୋଗବାଦ ଆଜି ଦୂରତମ ଗ୍ରାମର ଦରିଦ୍ରତମ ସଂସାର ମଧ୍ୟରେ ଯାଇ ଉପନୀତ। ଧନିକର ସର୍ବଗ୍ରାସୀ ଲୋଭ ନିର୍ଦ୍ଧନର ପ୍ରଚଣ୍ଡ ଈର୍ଷ୍ୟାର ହୁଏ କାରଣ। ଫଳତଃ ଅତି ଗୋପନ ଭାବରେ ସମାଜ ଶରୀର ମଧ୍ୟରେ ପ୍ରବେଶ କରିଥାଏ ହିଂସା। ଆମେ ସେଇ ହିଂସ୍ର ସମାଜ ମଧ୍ୟରେ ଆଜି ବନ୍ଦୀ। ଅଥଚ ଏପରି ସ୍ୱପ୍ନ ତ ଗାନ୍ଧୀଜୀ ଦେଖି ନଥିଲେ। ହିଂସା ଆଜି ଧର୍ମ ଭିତରେ, ଜାତି ଭିତରେ, ଏପରିକି ଗୋଷ୍ଠୀ-ଗୋଷ୍ଠୀ ଭିତରେ ମଧ୍ୟ ରହିଛି। କଙ୍କଡ଼ାକୁ ଗୋଳିପାଣି ସୁହାଇଲା ଭଳି ଏ ପରିସ୍ଥିତି ରାଜନୀତିକ ନେତାମାନଙ୍କ ପାଇଁ ବେଶ୍ ସହାୟକ ଓ ଲାଭପ୍ରଦ। ଧର୍ମ, ଗୋଷ୍ଠୀ ବା ଜାତି ନାମରେ ଆଜି ଯେଉଁ ରାଜନୀତିକ ବେପାର ବଣିଜ ଚାଲିଛି, ତାହା ଏତେ ସୁଦୃଶ୍ୟ ଯେ ସେ ସଂପର୍କରେ କିଛି ନ କହିବା ବରଂ ଭଲ। ଧର୍ମ ନାମରେ ଏପରି ମୌଳବାଦ ଓ ମତାନ୍ଧତା ଯେ ଆଜି ଦେଖାଦେଇଛି, ତା'ର ମୂଳ ଉତ୍ସ ମଧ୍ୟ ହେଉଛି ଏ ବ୍ୟାବସାୟିକ ରାଜନୀତି। ରବୀନ୍ଦ୍ରନାଥଙ୍କ ପରି ଈଶ୍ୱରପ୍ରେମିକଙ୍କୁ ମଧ୍ୟ ସେଥିପାଇଁ ଦିନେ ନାସ୍ତିକତାର ଆହ୍ୱାନ

Digitized by PPRACHIN, SOA

ଢଣାଇ କହିବାକୁ ପଡ଼ିଥିଲା, "ଆଜି ମିଥ୍ୟା ଧର୍ମକୁ ପୋଡ଼ି ଦେଇ ଭାରତ ଯଦି ଖାଣ୍ଟି ଧର୍ମ ଖାଣ୍ଟି ନାସ୍ତିକତା ପାଏ, ତେବେ ଭାରତ ପ୍ରକୃତରେ ନବଜୀବନ ଲାଭ କରିବ।" ପ୍ରଦୂଷଣ ଆଜି କେବଳ ପରିବେଶ ଭିତରେ ନାହିଁ, ସମାଜର ଗଭୀରତମ ଅନ୍ତର ମଧ୍ୟରେ ତାହା ଅନୁପ୍ରବିଷ୍ଟ। ତା'ର ବାହକ ହେଉଛି ଏକ ସର୍ବନାଶୀ ରାଜନୈତିକ ସଂସ୍କୃତି, –କୃକଲାସ ସୃଷ୍ଟି ହେଉଛି ଯା'ର ବୀଜମନ୍ତ୍ର। 'ରାଜନୀତି' ଶବ୍ଦଟି ଭିତରେ ଏକଦା ଯେଉଁ କୌଳିନ୍ୟ ବା ଆଭିଜାତ୍ୟ ସଂଶ୍ଳିଷ୍ଟ ହୋଇ ରହିଥିଲା, ତାହା ଏବର 'ପଲିଟିକ୍ସ' ବା ରାଜନୀତି ଭିତରେ ଆଉ ନାହିଁ। ତେଣୁ ଅନ୍ୟାନ୍ୟ ବ୍ୟାଧି ବା ମହାମାରୀ ପରି ରାଜନୀତିର ମହାମାରୀ ବା 'ପଲିଟିକ୍ସର ଏପିଡ଼େମିକ' ଆଜି ସମସ୍ତ ସମାଜ ଓ ଜାତିର ସ୍ୱାସ୍ଥ୍ୟକୁ ଯେ କେବଳ ବିପନ୍ନ ବା ସଂକ୍ରମିତ କରିଛି ତା' ନୁହେଁ, ସକଳ ଶୁଭବୁଦ୍ଧି ଓ କଲ୍ୟାଣ ଭାବନାକୁ ତାହା ବିନଷ୍ଟ କରି ଦେଶକୁ ଧ୍ୱଂସ ଆଡ଼କୁ କ୍ରମଶଃ ତାହା ଟାଣି ନେଉଛି। ଆଦର୍ଶର ମହିମାକୀର୍ତ୍ତନରେ ବିଭୋର ଅଥଚ ଉତ୍‌କୋଚ–ଉପଢୌକନରେ ନିଷିକ୍ତ ଏପରି କୃତବିଦ୍ୟ ରାଜନୀତିଜ୍ଞମାନଙ୍କର ସଂଧାନ ଅନ୍ୟ କେଉଁ ଦେଶ, କେଉଁକାଳରେ ଅବା ମିଳିବ? ନୀତିନିଷ୍ଠାରେ ଶିଥିଳତା ଦେଶଭେଦରେ ପ୍ରାୟ ସାର୍ବଜନୀନ, କିନ୍ତୁ ଦୁର୍ନୀତିର ସଂଗଠିତ ଶକ୍ତିର ଆଘାତରେ ଉନ୍ନୟନର ଏପରି ବିପୁଳ ସମ୍ଭାବନାକୁ ଅବରୁଦ୍ଧ କରିବାର ଦୃଷ୍ଟାନ୍ତ ବିଶ୍ୱରେ ବୋଧହୁଏ ଆଜି ବିରଳ। ଅଥଚ କ୍ଷମତାର ଶୀର୍ଷରେ ଆଜି ଯେଉଁମାନେ ଆସୀନ ସେମାନଙ୍କ ସହସ୍ର ଶପଥ ବାକ୍ୟର କିୟଦଂଶ ଯଦି କାର୍ଯ୍ୟରେ ପରିଣତ ହେଉଥାନ୍ତା, ଏ ଦେଶରେ ସୁଖର ବନ୍ୟା ଦେଖାଯାଆନ୍ତା। ଦୁଇଟି ମହାଯୁଦ୍ଧ, ଅସଂଖ୍ୟ ସୀମିତ ଯୁଦ୍ଧ, ଜାତି-ଧର୍ମ-ବର୍ଣ୍ଣ ଘେନି ଅର୍ଥହୀନ ସଂଘର୍ଷ, ଲୋକକ୍ଷୟକାରୀ ସଂଗ୍ରାମ ଏବଂ ଆହୁରି ଅନେକ କଳୁଷ ଘେନି ବିଂଶ ଶତକ ଶେଷ ହେବାକୁ ଚାଲିଲା। ଇତିହାସର ଏଇ ଅଭିଶପ୍ତ ଅଧ୍ୟାୟଟିରେ କିନ୍ତୁ ଏସିଆର ବେଶ୍ କେତୋଟି ଦେଶ ପାଶ୍ଚାତ୍ୟ ସହିତ ଟକ୍କର ଦେଇ ମୁଣ୍ଡ ଟେକି ଛିଡ଼ା ହେବାକୁ ସମର୍ଥ। ଆମ ତୁଳନାରେ ଅନେକ କମ୍ ସମୟ ଧରି ଯାତ୍ରାରମ୍ଭ କରିଥିଲେ ହେଁ ସେ ସବୁ ଦେଶ ସଂପଦସୃଷ୍ଟିରେ ଏବଂ ଦାରିଦ୍ର୍ୟମୋଚନ ପ୍ରୟାସରେ ଆମଠୁଁ ଅନେକ ବେଶୀ ଅଗ୍ରସର। ସେଠାରେ ମଧ୍ୟ ସମାଜ-ରାଜନୀତି ହୁଏ ତ ନିଷ୍କଳଙ୍କ ନୁହେଁ, କିନ୍ତୁ ଆର୍ଥନୀତିକ ପ୍ରସାରର ଲକ୍ଷ୍ୟଭେଦରେ ଜନସାଧାରଣ ଓ ରାଷ୍ଟ୍ରୀୟ ନେତୃତ୍ୱ ଅବିଚଳ। ଆମ ଦେଶର ପରିସ୍ଥିତି କିନ୍ତୁ ଭିନ୍ନ। ଦଳ-ଉପଦଳର ଅବିରାମ ବାଦ-ବିସମ୍ବାଦର ଆବର୍ତ୍ତ ମଧ୍ୟରେ ବୁଡ଼ି ରହିଛି ରାଜନୀତି। ଜାତି, ବର୍ଣ୍ଣ, ଧର୍ମ ଓ ଅଞ୍ଚଳର ବିଭେଦ-ପ୍ରକ୍ଷିପ୍ତ ଭାରତୀୟ ଜନସମାଜ ପ୍ରାଜ୍ଞ ନେତୃତ୍ୱର ଅଭାବରେ ଆଜି ଯେପରି ଦୃଷ୍ଟିହୀନ ଓ ଦିଗ୍‌ଭ୍ରାନ୍ତ। ମନରେ ଦୁଃଖ ଓ ଲଜ୍ଜା ଆସେ, ଯେତେବେଳେ ବିଦେଶୀ ପ୍ରେସ (ନ୍ୟୁୟର୍କ ଟାଇମ୍‌ସ, ନଭେମ୍ବର ୧୦, ୧୯୯୨) ଭାରତରେ ଦୁର୍ନୀତିର ବ୍ୟାପକତାର ବ୍ୟାଖ୍ୟା କରି ଆମକୁ ଚେତାଇ ଦିଏ ଯେ, ଆମ ଦେଶର ଶତକଡ଼ା ନବେ

Digitized by PPRACHIN, SOA

ଭାଗ ଲୋକ ରାଜନୀତି ଭିତରକୁ ଯେଉଁମାନେ ପଶିଛନ୍ତି ସେମାନେ କେବଳ କ୍ଷମତାର ମୋହ ବା ପରାର୍ଥପରତା ପାଇଁ ପଶିନାହାନ୍ତି, ସେମାନଙ୍କ ରାଜନୀତି ଚର୍ଚ୍ଚାର ଏକମାତ୍ର କାରଣ ହେଉଛି ଅର୍ଥ ଉପାର୍ଜନ।

ସ୍ୱୈରତନ୍ତ୍ର ଅଥବା ରାଷ୍ଟ୍ର ହାତରେ କ୍ଷମତାର କେନ୍ଦ୍ରୀକରଣ ଗାନ୍ଧୀଜୀ ଚାହୁଁନଥିଲେ। ବହୁ ବର୍ଷ ପୂର୍ବେ ପାକିସ୍ତାନ ଯେତେବେଳେ ଶିଶୁରାଷ୍ଟ୍ର, ସେତେବେଳେ ‘‘ସୀମାନ୍ତ ଗାନ୍ଧୀ’’ କହିଥିଲେ ଯେ ପଞ୍ଜାବ, ସିନ୍ଧୁ, ବେଲୁଚ, ପାଖତୁନ ପ୍ରଭୃତି ବିଚିତ୍ର ସଂସ୍କୃତିକ ଗୋଷ୍ଠୀର ସ୍ୱାୟତ୍ତଶାସନରେ ଉଦାର ସ୍ୱୀକୃତିର ଭିତ୍ତି ଉପରେ ପାକିସ୍ତାନରେ ଗୋଟିଏ ଶିଥିଳ ଯୁକ୍ତରାଷ୍ଟ୍ରୀୟ ଢାଞ୍ଚା ଗଠିତ ହେବା ବାଞ୍ଛନୀୟ। ବସ୍ତୁତଃ ସମଗ୍ର ଭାରତୀୟ ଉପମହାଦେଶ ପାଇଁ ସ୍ଥାୟୀ ସଂହତି ପ୍ରତିଷ୍ଠାର ଏହା ଅନ୍ୟତମ ପଥ ବୋଲି ବିବେଚିତ ହୋଇପାରେ। ଯୁଦ୍ଧ, ସାଂପ୍ରଦାୟିକ ବିଦ୍ୱେଷ, ଧର୍ମୀୟ ଅସହିଷ୍ଣୁତା କିମ୍ବା ଦମନ-ପୀଡ଼ନ ଦ୍ୱାରା କୌଣସି ଲକ୍ଷ୍ୟ ହାସଲ ଅସମ୍ଭବ। ପରସ୍ପରର ଧର୍ମ ଓ ସଂସ୍କୃତି ସହିତ ପରିଚିତ ହେବାର ଆନ୍ତରିକ ପ୍ରଚେଷ୍ଟା ଆମଠାରେ ପ୍ରକାଶିତ ହେବା ଆବଶ୍ୟକ। ହୁଏତ ଏଇ ଧର୍ମ ଭିତରୁ ହିଁ ନୂତନ ସଂଗଠନ ଓ ସମାଲୋଚନାର ଧାରା ଆରମ୍ଭ ହୋଇପାରେ। ‘‘ଫାସିବାଦ’’ ଓ ‘‘ମୌଳବାଦ’’ ଠିକ୍ ଗୋଟିଏ କଥା ନୁହେଁ। ପ୍ରଥମଟି ବିରୁଦ୍ଧରେ ପ୍ରତିରୋଧର ପ୍ରଚେଷ୍ଟାରେ ପ୍ରାଧାନ୍ୟ ପାଏ ରାଜନୀତି। ଦ୍ୱିତୀୟଟି ବିରୁଦ୍ଧରେ ସଂସ୍କୃତି ସ୍ତରରେ ହିଁ ଗଢ଼ିଉଠେ ସଂଗ୍ରାମ। ରାଜନୀତି ସର୍ବସ୍ୱତା-ନୁହେଁ, ଦଳୀୟତା ନୁହେଁ, ସଂସ୍କୃତିର ରୂପାନ୍ତର ହେଉଛି ଆଜି ସାଂପ୍ରଦାୟିକ ସମସ୍ୟାର ସ୍ଥାୟୀ ସମାଧାନର ପୂର୍ବ ସର୍ତ୍ତ। ‘ଗଣତନ୍ତ୍ର’ ଶବ୍ଦଟିର ଯଥେଚ୍ଛ ବ୍ୟବହାରରେ ମଧ୍ୟ ବିପଦ ଅଛି। ବାଂଲାଦେଶ ଓ ପାକିସ୍ତାନର ରାଷ୍ଟ୍ର ବ୍ୟବସ୍ଥାକୁ ଆମେ ଆଦର୍ଶ ଗଣତାନ୍ତ୍ରିକ ବ୍ୟବସ୍ଥା ବୋଲି କେବେ କହୁନା। ଏଇ ଦୁଇଟି ଦେଶରେ ମୁସଲମାନମାନଙ୍କର ବିପୁଳ ସଂଖ୍ୟାଗରିଷ୍ଠତା ରହିଛି, ତଥାପି ଇସ୍‌ଲାମିକ ରାଷ୍ଟ୍ରକୁ ଗଣତାନ୍ତ୍ରିକ ରାଷ୍ଟ୍ର କହିଲେ ଭୁଲ ହେବ। କୌଣସି ବ୍ୟବସ୍ଥା, କୌଣସି ଆଇନ ଅଥବା ସିଦ୍ଧାନ୍ତ ପଛରେ ସଂଖ୍ୟାଗରିଷ୍ଠର ସମର୍ଥନ ଥିଲେ ତାହା ଗଣତାନ୍ତ୍ରିକ ସିଦ୍ଧାନ୍ତ ହୋଇଯାଏନା। ଗଣତନ୍ତ୍ର ମୂଳରେ କିଛି ଆଦର୍ଶର କଥା ରହିଛି, ମାନବିକ ଅଧିକାରର କଥା ରହିଛି, ଅପର ପ୍ରତି ଏପରିକି ବିରୁଦ୍ଧ ମତାମତ ପ୍ରତି ସହିଷ୍ଣୁତାର ସର୍ତ୍ତ ମଧ୍ୟ ରହିଛି। ଏ ସକଳ ସର୍ତ୍ତ ଗଣତାନ୍ତ୍ରିକ ଐତିହ୍ୟର ଅଙ୍ଗ। ସଂଖ୍ୟାଗରିଷ୍ଠତା ବଳରେ ଯଦି ଏଇ ସବୁ ସର୍ତ୍ତ ଲଂଘନ କରାଯାଏ ତେବେ ତାହା ଗଣତାନ୍ତ୍ରିକ ଐତିହ୍ୟର ହେବ ବିରୋଧୀ ଏବଂ ସେଥିପାଇଁ ତାହା ନିନ୍ଦନୀୟ ମଧ୍ୟ। ତେଣୁ ସଂଖ୍ୟାଗରିଷ୍ଠର ସମର୍ଥନ ଛଡ଼ା କୌଣସି ସିଦ୍ଧାନ୍ତ ଯେପରି ଗଣତାଂନ୍ତ୍ରିକ ସିଦ୍ଧାନ୍ତ ହୋଇପାରେନା, ସେହିପରି ମାନବାଧିକାର ସଂକ୍ରାନ୍ତ କୌଣସି ମୌଳିକ ସର୍ତ୍ତ ଉଲ୍ଲଙ୍ଘନ କରି କୌଣସି ବ୍ୟବସ୍ଥା ଗଣତନ୍ତ୍ରର ମର୍ଯ୍ୟାଦା କେବେ ଦାବୀ କରିପାରେନା। ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଶାସକ ଓ ଶାସିତ ଉଭୟ ଏ କ୍ଷେତ୍ରରେ ଆତ୍ମସଚେତନ ହେବା ଆବଶ୍ୟକ। ମନୁଷ୍ୟର ମୁକ୍ତି ଓ ଦେଶ ଗଠନପାଇଁ ଗାନ୍ଧୀଜୀ ଯେଉଁ ସ୍ୱପ୍ନ

Digitized by PPRACHIN, SOA

ଦେଖିଥିଲେ, ଯେଉଁଥିପାଇଁ ଥିଲା ତାଙ୍କର ଜୀବନବ୍ୟାପି ସଂଗ୍ରାମ ଓ ସାଧନା, ତାହାରି କେତୋଟି ବାଣୀଲିପି ରାଜଘାଟର ସ୍ମୃତିସ୍ତମ୍ଭରେ ଉତ୍କୀର୍ଣ୍ଣ। "ମୁଁ ଭାରତକୁ ଏକ ସ୍ୱାଧୀନ ଓ ଶକ୍ତିଶାଳୀ ରାଷ୍ଟ୍ରଭାବରେ ଦେଖିବାକୁ ଚାହେଁ ଯିଏ କି ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ସ୍ୱେଚ୍ଛାକୃତ ଭାବରେ ଓ ସ୍ୱଚ୍ଛ ମନରେ ନିଜକୁ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ହେବ। ବ୍ୟକ୍ତି ନିର୍ମଳ ହୋଇ ନିଜକୁ ପରିବାର ପାଇଁ, ପରିବାର ଗ୍ରାମ ପାଇଁ, ଗ୍ରାମ ଜିଲ୍ଲାପାଇଁ, ଜିଲ୍ଲା ରାଜ୍ୟ ପାଇଁ, ରାଜ୍ୟ ରାଷ୍ଟ୍ର ପାଇଁ ଏବଂ ରାଷ୍ଟ୍ର ସମସ୍ତ ମାନବସମାଜ ପାଇଁ ତ୍ୟାଗ ସ୍ୱୀକାର କରିବା କର୍ତ୍ତବ୍ୟ। ମୁଁ ପୃଥିବୀରେ ସେଇ ଖୁଦାଙ୍କ ରାଜ୍ୟ ବା ଈଶ୍ୱରଙ୍କ ରାଜ୍ୟ ପ୍ରତିଷ୍ଠିତ ହେବାକୁ ଚାହେଁ।" ଗାନ୍ଧିଜୀଙ୍କର ଏଇ ସ୍ୱପ୍ନ ଓ ଆଦର୍ଶଠୁଁ ଆମେ ଆଜି କେତେ ଦୂରରେ ଅବସ୍ଥାନ କରୁଛୁ, ତାର ସଦୁତ୍ତର ନିଜ ଅନ୍ତର ମଧ୍ୟରୁ ହିଁ ମିଳିପାରିବ। ତଥାପି ଏଇ ଦୁର୍ଦ୍ଦିନରେ, ଜାତୀୟ ସଂକଟର ମୁହୂର୍ତ୍ତରେ, ଆମେ ବାରମ୍ବାର ସ୍ମରଣ କରୁଛୁ ସେଇ ଗାନ୍ଧୀଙ୍କୁ ଯିଏ କି ଆମ ନାଡ଼ୀର ଥିଲେ ଚିହ୍ନରା ଗ୍ରାହକ, ଆମ ମାନସିକ ବ୍ୟାଧିର ଥିଲେ ସର୍ବୋତ୍ତମ ଚିକିତ୍ସକ। ସେଥିପାଇଁ ବିଶ୍ୱର ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଗୁନାର ମିର୍‌ଡାଲ ତାଙ୍କର 'ଏସିଆନ ଡ୍ରାମା' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି ଯେ, ସାଂପ୍ରତିକ ଭାରତରେ ଦୂଷିତ ଓ ବିଷାକ୍ତ ପରିବେଶରୁ ପରିତ୍ରାଣ ପାଇବାକୁ ହେଲେ ବର୍ତ୍ତମାନ ନିହାତି ଆବଶ୍ୟକ, "ଗାନ୍ଧୀଜୀଙ୍କ ଭଳି ଜଣେ ମହାନ୍ ଆଧ୍ୟାତ୍ମିକ ନେତା। କେବଳ ସେତିକି ନୁହେଁ, ଦଳେ ସଚ୍ଚା ଦେଶପ୍ରେମିକ ମଧ୍ୟ ତାଙ୍କ ଚତୁଃପାର୍ଶ୍ୱରେ ରହିଥିବା ପ୍ରୟୋଜନ। ତା'ହେଲେ ଯାଇ, ଆଜି ଯଥେଷ୍ଟ ବିଳମ୍ବ ହୋଇଥିଲେ ବି, ଦେଶର ସାମାଜିକ, ଆର୍ଥନୀତିକ ଓ ରାଜନୀତିକ ପ୍ରତିଷ୍ଠାନମାନଙ୍କରେ ଯେଉଁ ବୈପ୍ଳବିକ ପରିବର୍ତ୍ତନ ଆବଶ୍ୟକ, ତାହାକୁ ତ୍ୱରାନ୍ୱିତ କରିବା ପାଇଁ ଜାତି ପ୍ରାଣରେ ବୈଦ୍ୟୁତିକ ଶକ୍ତିର ସଂଚାର କରିବାକୁ ସେ ସମର୍ଥ ହୋଇପାରିବେ।" ଏଥିପାଇଁ ପଥ ହୁଏତ ଆଜି ଦୁର୍ଗମ। ତଥାପି ତପସ୍ୟାର କ୍ଳେଶ ବରଣ କରି ତାଙ୍କ ଆଦର୍ଶ ବା ସ୍ୱପ୍ନକୁ ଜାତି ଯଦି ବାସ୍ତବ କର୍ମକ୍ଷେତ୍ରରେ ରୂପାୟିତ କରିପାରେ, ତାହାହିଁ ହେବ ସେଇ ମହାମାନବଙ୍କ ପ୍ରତି ଆମ ପ୍ରାଣର ପ୍ରକୃତ ଶ୍ରଦ୍ଧାର୍ଘ୍ୟ। ସେଥିପାଇଁ ସତ୍ୟର ସାଧନ ଓ ପରୀକ୍ଷା ବ୍ୟକ୍ତି ଜୀବନରୁ ହିଁ ପ୍ରଥମ ଆରମ୍ଭ ହେବା ଆବଶ୍ୟକ। କବି ମାନସିଂହଙ୍କ ଭାଷାରେ—

ଜୀବନେ ଯେ ଥିଲା ପରମ-ମୁକ୍ତ
ନିର୍ମଳ ସବୁଠାରେ
ତା'ପାଇଁ କିପାଇଁ ପ୍ରାର୍ଥନା କର ମନ୍ଦିର ଅନ୍ଧାରେ ?
ତା'ର ଉପାସନା-ବତୀ ଜାଳ ଭାଇ ଆପଣା ବକ୍ଷେ ତବ
ତମରି କର୍ମେ ବାପୁଜୀର ହେଉ ସମ୍ଭବ ନବ ନବ।"

■ ■

Digitized by PPRACHIN, SOA

ପ୍ରାଚ୍ୟବିଦ୍ୟାର ବରେଣ୍ୟ ପଥିକୃତ୍
ସାର୍ ଉଇଲିୟମ ଜୋନ୍ସ

କଲିକତାର ପାର୍କ ଷ୍ଟ୍ରୀଟ୍‌ର ସମାଧି କ୍ଷେତ୍ରକୁ (ସାଉଥ ପାର୍କ ଷ୍ଟ୍ରୀଟ୍ ବେରିଯାଲ ଗ୍ରାଉଣ୍ଡ) କେହି ଯଦି କେବେ ଯାଆନ୍ତି, ସେଠାରେ ଏକ ସ୍ମୃତିସ୍ତମ୍ଭର ମର୍ମର ଫଳକରେ ନିମ୍ନଲିଖିତ କେତୋଟି ପଙ୍‌କ୍ତି ଉତ୍କୀର୍ଣ୍ଣ ହୋଇଥିବାର ଲକ୍ଷ୍ୟ କରିବେ।

"HERE WAS DEPOSITED
THE MORTAL PART OF A MAN
WHO FEARED GOD, BUT NOT DEATH
AND MAINTAINED INDEPENDENCE,
BUT SOUGHT NOT RICHES,
WHO THOUGHT
None below him but those base and unjust,
None above him but the wise and virtuous
Who loved
His parents, kindred, friend, country
With an ordour
Which was the chief source of
All his pleasures and pains
AND WHO HAVING DEVOTED
HIS LIFE TO THEIR SERVICE
and To
The improvement of His mind ·
Resigned it Calmly,
Giving glory to his Creator,
Wishing peace on Earth
And with
Good Will To All Creatures."

Digitized by PPRACHIN, SOA

ଏଇ ସ୍ମୃତିସ୍ତମ୍ଭଟି ହେଉଛି ସାର୍ ଉଇଲିୟମ ଜୋନ୍ସଙ୍କର ଏବଂ ତାଙ୍କରି ଇଚ୍ଛା କ୍ରମେ ହିଁ ଉଲ୍ଲିଖିତ ପଙ୍‌କ୍ତିଚୟ ସେଠାରେ ହୋଇଥିଲା ଉତ୍କୀର୍ଣ୍ଣ। ବ୍ୟକ୍ତିଗତ ଜୀବନରେ ସେ କିପରି ଥିଲେ ନ୍ୟାୟପରାୟଣ, ଉଦାରହୃଦୟ, ପରଦୁଃଖକାତର ଓ ମହାନୁଭବ, ତା'ର ପରିଚୟ ଏଇ ପଙ୍‌କ୍ତିଗୁଡ଼ିକ ମଧ୍ୟରେ ନିହିତ।

ଉଇଲିୟମ ଜୋନ୍ସ ୧୭୪୬ ଖ୍ରୀ:ଅ: ସେପ୍ଟେମ୍ବର ୨୮ ତାରିଖରେ ଲଣ୍ଡନ ସହରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ଥିଲେ ଜଣେ ପ୍ରସିଦ୍ଧ ଗଣିତଜ୍ଞ ଏବଂ ଏକ ସମୟରେ 'ରୟାଲ ସୋସାଇଟି'ର ଉପ-ସଭାପତି ରୂପେ ସେ ହୋଇଥିଲେ ନିର୍ବାଚିତ। ଜୋନ୍ସଙ୍କ ଜନ୍ମର ତିନିବର୍ଷ ପରେ ୧୭୪୯ ଖ୍ରୀ:ଅ:ର ଜୁଲାଇ ମାସରେ ତାଙ୍କର ପିତା ପରଲୋକଗମନ କରିଥିଲେ। ଶୈଶବାବସ୍ଥାରେ ହିଁ ଜୋନ୍ସଙ୍କର ଆଉ ଗୋଟିଏ ଭାଇର ହୋଇଥିଲା ମୃତ୍ୟୁ। ଜୋନ୍ସଙ୍କର ମାତା ଥିଲେ ସାତିଶୟ ବୁଦ୍ଧିମତୀ ଓ ବିଦୁଷୀ। ମାଆଙ୍କ ସୁଶିକ୍ଷା ଫଳରେ ଜୋନ୍ସ ଚାରିବର୍ଷ ବୟସରୁ ହିଁ ଶୁଦ୍ଧ ଇଂରାଜୀ ଭାଷା କହିପାରୁଥିଲେ ଏବଂ ଏଇ ବୟସରେ ହିଁ ସେକ୍ସପିୟରଙ୍କ ରଚନାର ଅଂଶବିଶେଷ ଆବୃତ୍ତି କରି ସମସ୍ତଙ୍କୁ ସେ ମୁଗ୍ଧ ଓ ଚମତ୍କୃତ କରି ଦେଉଥିଲେ। ୧୭୫୩ ଖ୍ରୀ:ଅ:ରେ ସେ 'ହ୍ୟାରୋ'ର ପ୍ରସିଦ୍ଧ ବିଦ୍ୟାଳୟରେ ପ୍ରବେଶ କରିଥିଲେ ଏବଂ ବିଦ୍ୟାଳୟରେ ତାଙ୍କର ଅପୂର୍ବ ମେଧା ଓ ସ୍ମୃତିଶକ୍ତିର ପରିଚୟ ତାଙ୍କର ସହପାଠୀ ଓ ଶିକ୍ଷକମାନଙ୍କୁ ମୁଗ୍ଧ କରୁଥିଲା। ମାତ୍ର ୧୦ ବର୍ଷ ବୟସରେ ହିଁ ଜୋନ୍ସ ଫରାସୀ ଭାଷା ଉତ୍ତମ ରୂପେ ଆୟତ୍ତ କରିଥିଲେ। ଅସାଧାରଣ ଛାତ୍ର ଭାବରେ ତାଙ୍କର ଖ୍ୟାତି ଏତେଦୂର ବ୍ୟାପ୍ତ ହୋଇ ପଡ଼ିଥିଲା ଯେ 'ହ୍ୟାରୋ' ବିଦ୍ୟାଳୟ ପରିଦର୍ଶନ କରିବାକୁ ଯାଇ ପରିଦର୍ଶକମାନେ ସେଠାକାର ଜୋନ୍ସ ନାମକ ଅସାଧାରଣ ଛାତ୍ରଟିକୁ ଦେଖି ଆସିବା ପାଇଁ କେବେ ବିସ୍ମୃତ ହେଉ ନ ଥିଲେ। ଜୋନ୍ସଙ୍କ ଲୋକୋତ୍ତର ମେଧା ଲକ୍ଷ୍ୟ କରି ହ୍ୟାରୋ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ଥ୍ୟାକରେ ମନ୍ତବ୍ୟ ଦେଇଥିଲେ ଯେ ଏଇ ବାଳକଟିକୁ ସଲିସବେରିର ଜନଶୂନ୍ୟ ପ୍ରାନ୍ତରରେ ନିରାଶ୍ରୟ ଓ ନଗ୍ନ ଅବସ୍ଥାରେ ଫିଙ୍ଗି ଦେଇ ଆସିଲେ ମଧ୍ୟ ସେ ଜୀବନରେ ଉନ୍ନତିର ପଥ ଖୋଜିନେବ। ହ୍ୟାରୋରେ ଛାତ୍ରାବସ୍ଥାରେ ଜୋନ୍ସ ଅନେକଗୁଡ଼ିଏ କବିତା ଏବଂ ପଶାଖେଳ ବିଷୟକୁ ଅବଲମ୍ବନ କରି ଗୋଟିଏ କାବ୍ୟ ମଧ୍ୟ ରଚନା କରିଥିଲେ।

ସ୍ୱାମୀଙ୍କ ଅକାଳ ମୃତ୍ୟୁପରେ ଜୋନ୍ସ-ଜନନୀ ଅତି କଷ୍ଟ ସହକାରେ ତାଙ୍କର ଏକମାତ୍ର ପୁତ୍ରର ଶିକ୍ଷାବ୍ୟୟ ନିର୍ବାହ କରୁଥିଲେ। ସେଇ ପଠଦ୍ଦଶାରେ ହିଁ ମାଆଙ୍କୁ ସାହାଯ୍ୟ କରିବା ପାଇଁ ୧୭୬୬ ଖ୍ରୀ:ଅ:ରେ ଜୋନ୍ସ ଆର୍ଲ ସେନ୍ସରଙ୍କର ଏକମାତ୍ର ପୁତ୍ରର ଗୃହଶିକ୍ଷକ ଭାବେ ନିଯୁକ୍ତ ହୁଅନ୍ତି। ଜୋନ୍ସଙ୍କର ଏଇ ଛାତ୍ରଟି ପରବର୍ତ୍ତୀ କାଳରେ ଲର୍ଡ଼ ଆଲଥୋପ ଏବଂ ଆହୁରି ପରେ ଆର୍ଲ ଅଫ ସେନ୍ସର(George John Spencer, 1758-1834) ନାମରେ ବିଖ୍ୟାତ ହୋଇଥିଲେ। ୧୭୬୭ ଖ୍ରୀ:ଅ:ରେ

Digitized by PPRACHIN, SOA

ଜୋନ୍ସ ସ୍ପେନ୍ସାର ପରିବାର ସହିତ ୟୁରୋପର ବିଭିନ୍ନ ଦେଶ ପରିଭ୍ରମଣ ସମୟରେ ଜର୍ମାନ୍ ଓ ଚୀନ୍ ଭାଷା ଶିକ୍ଷା କରନ୍ତି। ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ୧୭୬୮ ଖ୍ରୀ:ଅ:ରେ ସେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ସ୍ନାତକତ୍ୱ (ବି.ଏ. ଉପାଧି) ଲାଭ କରନ୍ତି। ୧୭୭୩ ଖ୍ରୀ:ଅ:ରେ ଏହି ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ଡିଗ୍ରୀ ମଧ୍ୟ ସେ ଲାଭ କରନ୍ତି। ପାର୍ସୀ ଓ ଫରାସୀ ଭାଷାର ପଣ୍ଡିତ ରୂପେ ତରୁଣ ଉଇଲିୟମ୍ ଜୋନ୍ସଙ୍କର ନାମ ୟୁରୋପରେ ଏତେ ଦୂର ବିସ୍ତୃତି ଲାଭ କରିଥିଲା ଯେ ଡେନମାର୍କର ରାଜା ଦ୍ୱିତୀୟ ଖ୍ରୀଷ୍ଟିୟାନ (Christian II)ତାଙ୍କ ପାଖରେ ଥିବା ପାର୍ସୀ ଭାଷାରେ ଲିଖିତ ନାଦିରଶାହଙ୍କର ଗୋଟିଏ ଜୀବନୀ ଫରାସୀ ଭାଷାରେ ଅନୁବାଦ କରିଦେବା ପାଇଁ ଜୋନ୍ସଙ୍କୁ ସନିର୍ବନ୍ଧ ଅନୁରୋଧ ଜଣାଇଥିଲେ। ୧୭୬୮-୬୯ ଖ୍ରୀ:ଅ:ରେ ଏହି ଅନୁବାଦଟି ଦୁଇଟି ଖଣ୍ଡରେ ପ୍ରକାଶିତ ହେବାରୁ ଫରାସୀ ଭାଷାରେ ଜୋନ୍ସର ଦକ୍ଷତା ଦେଖି ପ୍ରାନ୍ସବାସୀଗଣ ମୁଗ୍ଧ ହୋଇଯାଆନ୍ତି। ଏଇ ପୁସ୍ତକଟି ପ୍ରକାଶିତ ହେବାରେ ଘଟଣାଚକ୍ରରେ ଫରାସୀ ସମ୍ରାଟ ଷୋଡ଼ଶ ଲୁଇଙ୍କ ସହିତ ତାଙ୍କର ପରିଚୟ ସ୍ଥାପିତ ହୁଏ। ଜୋନ୍ସଙ୍କ ଫରାସୀ ଭାଷାଜ୍ଞାନ ଲକ୍ଷ୍ୟ କରି ଷୋଡ଼ଶ ଲୁଇ ମନ୍ତବ୍ୟ କରିଥିଲେ—'ମନୁଷ୍ୟଟି କି ଅଦ୍ଭୁତ! ଇଏ ମୋ ଜାତିର ଭାଷା ମୋ ଅପେକ୍ଷା ଅଧିକ ଭଲ ଭାବେ ଜାଣନ୍ତି ବୋଲି ମୁଁ ଦେଖୁଛି।' ("He is a most extra-ordinary man. He understands language of my people more than myself")

ଛାତ୍ରଟି ବୟଃପ୍ରାପ୍ତ ହେଉଛି ଏବଂ ତା'ର ଶିକ୍ଷା-ସମାପ୍ତି ପରେ ଗୃହଶିକ୍ଷକତାର ଆଉ ପ୍ରୟୋଜନ ପଡ଼ିବ ନାହିଁ—ଏହା ଚିନ୍ତା କରି ଜୋନ୍ସ ୧୭୭୦ ଖ୍ରୀ:ଅ:ରେ ଆଇନ ବିଦ୍ୟା ଅଧ୍ୟୟନ ପାଇଁ 'ମିଡ଼ଲ ଟେମ୍ପଲ' (Middle temple)ରେ ଯୋଗଦାନ କରନ୍ତି। ଏହି ଆଇନ ଅଧ୍ୟୟନ ପାଇଁ ପ୍ରାଚ୍ୟ ଭାଷା ଓ ସାହିତ୍ୟଚର୍ଚ୍ଚା ସକାଶେ ତାଙ୍କର ଆଗ୍ରହ ଓ ନିଷ୍ଠା କେବେ ବ୍ୟାହତ ହୋଇନାହିଁ। ୧୭୭୦ ଖ୍ରୀ:ଅ:ରେ ଫରାସୀ ଭାଷାରେ ପ୍ରାଚ୍ୟ ଭାଷାର କବିତା ସଂପର୍କରେ ତାଙ୍କର ଗୋଟିଏ ଆଲୋଚନା ହାଫିଜଙ୍କର କେତୋଟି ଗୀତି କବିତାର ଅନୁବାଦ ସହ ପ୍ରକାଶିତ ହୁଏ। ୧୭୭୧ ଖ୍ରୀ:ଅ:ରେ ଜୋନ୍ସ କେତୋଟି ଫରାସୀ ଭାଷାର ଗୋଟିଏ ବ୍ୟାକରଣ ରଚନା କରି ପ୍ରକାଶ କରନ୍ତି (A Grammar of the Persian Language)। ୧୮୪୫ ଖ୍ରୀ:ଅ: ପର୍ଯ୍ୟନ୍ତ କେବଳମାତ୍ର ଲଣ୍ଡନ ସହରରୁ ହିଁ ଏହି ପୁସ୍ତକର ଏଗାରଟି ସଂସ୍କରଣ ପ୍ରକାଶିତ ହୋଇଥିଲା। ୧୭୭୨ ଖ୍ରୀ:ଅ:ରେ ଇଂରାଜୀ ଭାଷାରେ ଆରବୀ, ଫରାସୀ ପ୍ରଭୃତି ପ୍ରାଚ୍ୟଭାଷା ସମୂହରୁ ଅନୂଦିତ ଜୋନ୍ସଙ୍କର କବିତା ସଂଗ୍ରହ ପ୍ରକାଶିତ ହେବାରୁ ତାଙ୍କର କବିଖ୍ୟାତି ପ୍ରତିଷ୍ଠିତ ହୁଏ। ସେଇ ବର୍ଷ ହିଁ ଜୋନ୍ସ ଇଂଲଣ୍ଡର ପ୍ରମୁଖ ବିଦ୍ୱତ୍ ସଂସ୍ଥା 'ରୟାଲ ସୋସାଇଟି'ର 'ଫେଲୋ' ରୂପେ ନିର୍ବାଚିତ ହୁଅନ୍ତି। ଇତିମଧ୍ୟରେ

Digitized by PPRACHIN, SOA

ସେ ବାଗ୍ମୀପ୍ରବର ବାର୍କ (Edmund Burke, 1729-97), ରାଜନୀତିଜ୍ଞ ଓ ନାଟ୍ୟକାର ଶେରିଡ଼େନ(R.B. Sheriden. 1751-1816), ନଟଶ୍ରେଷ୍ଠଙ୍କ ଗ୍ୟାରିକ (David Garrick, 1717-'79), ଐତିହାସିକ ଗିବନ (Edward Gibbon, 1737-'94), ଶିଳ୍ପୀ ଜୋଶୁଆ ରେନଲଡ଼ସ(Sir Joshua Reynolds, 1723-92) ଓ ସୁପ୍ରସିଦ୍ଧ ପଣ୍ଡିତ ଡକ୍ଟର ଜନ୍‌ସନ୍‌ଙ୍କର (Dr. Samuel Johnson, 1709-'84) ଆନ୍ତରିକ ସୌହାର୍ଦ୍ଦ୍ୟ ଲାଭ କରନ୍ତି। ଜୋନ୍ସଙ୍କ ରଚିତ ପାର୍ସୀ ଭାଷାର ବ୍ୟାକରଣ ପ୍ରକାଶିତ ହେବାରୁ ଡକ୍ଟର ଜନ୍‌ସନ୍ ଏହା ପ୍ରତି ଭାରତର ଗଭର୍ଣ୍ଣର-ଜେନେରାଲ ଓ୍ୱାରେନ୍ ହେଷ୍ଟିଂସଙ୍କର ଦୃଷ୍ଟି ଆକର୍ଷଣ କରନ୍ତି। ଡକ୍ଟର ଜନ୍‌ସନ୍‌ଙ୍କ ମତରେ ଜୋନ୍ସ ଥିଲେ ମାନବ-ସମାଜ ମଧ୍ୟରେ ଜଣେ ଶ୍ରେଷ୍ଠ ପ୍ରାଜ୍ଞ-ପୁରୁଷ।

୧୭୭୪ ଖ୍ରୀ:ଅ:ରେ ଜୋନ୍ସ ଆଇନଜୀବୀ ରୂପେ ପରିଗଣିତ ହୁଅନ୍ତି ଏବଂ ଆଇନ-ବ୍ୟବସାୟ ଆରମ୍ଭ କରନ୍ତି। କେତେକ ରାଜନୀତିକ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ରାଜନୀତି ପ୍ରତି ସେ ହୁଅନ୍ତି ଆକୃଷ୍ଟ। ରାଜନୀତି କ୍ଷେତ୍ରରେ ସେ ଆମେରିକାର ସ୍ୱାଧୀନତା ସଂଗ୍ରାମ ସପକ୍ଷରେ ଏବଂ ଦାସତ୍ୱ ପ୍ରଥା ବିରୁଦ୍ଧରେ ସକ୍ରିୟ ଆନ୍ଦୋଳନରେ ବିଶିଷ୍ଟ ଅଂଶ ଗ୍ରହଣ କରନ୍ତି। ସେହି ୧୭୭୪ ଖ୍ରୀ:ଅ:ରେ ଲାଟିନ ଭାଷାରେ ଏସିଆର ଭାଷା ସମୂହରୁ ଅନୂଦିତ ତାଙ୍କର କାବ୍ୟସଂଗ୍ରହ ହୁଏ ପ୍ରକାଶିତ (Commentaries on Asian Poetry)। ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ସୁନାମ ବୃଦ୍ଧି ସହିତ ଆଇନ ବ୍ୟବସାୟରେ ମଧ୍ୟ ଜୋନ୍ସ ସାଫଲ୍ୟଲାଭ କରନ୍ତି। An Essay on Bailments (1781) ଓ Principles of Government (1782) ନାମକ ଦୁଇଟି ପୁସ୍ତକ ରଚନା ଦ୍ୱାରା ଜୋନ୍ସ ଆଇନ ଓ ପ୍ରଶାସନ ବିଷୟକ ରଚନାରେ ମଧ୍ୟ ତାଙ୍କର ଦକ୍ଷତା ପ୍ରମାଣିତ କରନ୍ତି।

ଦୀର୍ଘକାଳ ଧରି ଜୋନ୍ସ ଭାରତରେ କୌଣସି ଗୋଟିଏ ଉପଯୁକ୍ତ ପଦଲାଭର ବାସନା ଅନ୍ତରରେ ପୋଷଣ କରି ଆସିଥିଲେ। ଇଂଲଣ୍ଡରେ କ୍ଷମତାସୀନ ଦଳର ବିରୋଧୀ ପକ୍ଷ ସହିତ ସଂପୃକ୍ତ ରହିବା ଫଳରେ ସହଜରେ ସେ ବାସନା ଚରିତାର୍ଥ ହୋଇପାରି ନଥିଲା। ବହୁ ଅପେକ୍ଷା ପରେ ୧୭୮୩ ଖ୍ରୀ:ଅ: ମାର୍ଚ୍ଚ ମାସରେ ଉଇଲିୟମ୍ ଜୋନ୍ସଙ୍କର କଲିକତାର 'ସୁପ୍ରିମ କୋର୍ଟ'ର ଅନ୍ୟତମ ବିଚାରପତି ନିଯୁକ୍ତିର ସଂବାଦ ଘୋଷିତ ହୁଏ ଏବଂ ସଙ୍ଗେ ସଙ୍ଗେ 'ନାଇଟ' ଉପାଧିରେ ମଧ୍ୟ ସେ ଭୂଷିତ ହୁଅନ୍ତି। ଏହି ସଂବାଦ ପ୍ରକାଶିତ ହେବା ପରେ ଏପ୍ରିଲ ୮ ତାରିଖରେ ଜୋନ୍ସ ଉଇଞ୍ଚେଷ୍ଟାରର ଡିନ୍ ଡକ୍ଟର ଜୋନାଥନ୍ ଶିପ୍‌ଲେଙ୍କର କନ୍ୟା ଆନା ମେରିୟା ଶିପ୍‌ଲେଙ୍କ ପାଣିଗ୍ରହଣ କରନ୍ତି। ଦୀର୍ଘକାଳ ଯାବଦ୍ ଜୋନ୍ସ ଆନାଙ୍କର ଥିଲେ ପ୍ରଣୟାକାଙ୍କ୍ଷୀ। ସୁତରାଂ ଏଇ ବିବାହରେ ନବଦଂପତି ଯେ ସୁଖୀ ହୋଇଥିଲେ, ଏହା କହିବା ବାହୁଲ୍ୟ। ଶୁଭବିବାହର କିଛିଦିନ ପରେ ୧୭୮୩ ଖ୍ରୀ:ଅ: ସେପ୍ଟେମ୍ବର ମାସରେ

Digitized by PPRACHIN, SOA

ଜୋନ୍ସ ଦମ୍ପତି କଲିକତାରେ ପଦାର୍ପଣ କରନ୍ତି ଏବଂ ସେହି ଦିନଟି ଭାରତ-ବିଦ୍ୟାଚର୍ଚ୍ଚାର ଇତିହାସରେ ଚିରସ୍ମରଣୀୟ। ସେହି ବର୍ଷ ଡିସେମ୍ବର ମାସରେ ସାର୍ ଉଇଲିୟମ୍ ଜୋନ୍ସ ଇଷ୍ଟ-ଇଣ୍ଡିଆ-କୋମ୍ପାନୀ ଦ୍ୱାରା ସ୍ଥାପିତ ନ୍ୟାୟାଳୟରେ ଅନ୍ୟତମ ବିଚାରପତି ଭାବେ (Puisne Judge)ଯୋଗଦାନ କରନ୍ତି।

ଏହା ପୂର୍ବରୁ ଇଂଲଣ୍ଡରେ ଥିବା ସମୟରେ ତାଙ୍କର ବିଶାଳ ପାଣ୍ଡିତ୍ୟ, ବିଶେଷତଃ ଗ୍ରୀକ୍ ଓ ଲାଟିନ୍ ଭାଷାରେ ଏବଂ ଆଇନବିଦ୍ୟାରେ ତାଙ୍କୁ ଉଚ୍ଚ ମର୍ଯ୍ୟାଦାର ଆସନରେ ଅଧିଷ୍ଠିତ କରିଥିଲା। ଇଂଲଣ୍ଡରେ ରହି ଆରବୀ, ଫାର୍ସୀ ଓ ତୁର୍କୀ ଏଇ ତିନୋଟି ଭାଷା ସେ ଗଭୀର ଭାବେ ଅଧ୍ୟୟନ କରିଥିଲେ। ଆରବୀ ସାହିତ୍ୟର ପ୍ରାଚୀନତମ କାବ୍ୟସଂଗ୍ରହ "ମୁ' ଆଲାକାତ୍ ଅସ୍-ସବା"ର ଗୋଟିଏ ଇଂରାଜୀ ଅନୁବାଦ, ସମଗ୍ର ଆରବୀ ଗ୍ରନ୍ଥଟିର ରୋମାନ୍ ପ୍ରତିଲିପି ସହିତ ସେ ପ୍ରକାଶ କରିଥିଲେ। ଗ୍ରୀକ୍ ଭାଷାର ଗୋଟିଏ ପ୍ରାଚୀନ ପୁସ୍ତକର ଅନୁବାଦ ମଧ୍ୟ ତାଙ୍କ ଦ୍ୱାରା ହୋଇଥିଲା ପ୍ରକାଶିତ। ଭାରତବର୍ଷ ଆଗମନ ପଥରେ ଜାହାଜ ମଧ୍ୟରେ ହିଁ ତାଙ୍କର ଐତିହାସିକବୋଧ, କଳ୍ପନା ଓ ବିଚାରଶକ୍ତି ବିଶେଷ ଭାବରେ ଉଦ୍‌ବୁଦ୍ଧ ହୋଇଥିଲା ଏବଂ ଅଖଣ୍ଡ ଏସିଆର ପ୍ରାକୃତିକ ଓ ମାନବିକ ସମୀକ୍ଷା ଓ ଜ୍ଞାନାର୍ଜ୍ଜନ ପାଇଁ ତାଙ୍କ ମନରେ ପ୍ରବଳ ବାସନା ଜାଗ୍ରତ ହୋଇଥିଲା। ଏହି ଭାବରେ ଇଂଲଣ୍ଡ ତଥା ୟୁରୋପର ଏକ ଶ୍ରେଷ୍ଠ ବିଦଗ୍ଧ ମନ ମଧ୍ୟରେ, ଏସିଆ ମହାଦେଶ ସମ୍ବନ୍ଧେ ଜ୍ଞାନଲାଭ ପାଇଁ ଯେଉଁ ଆଲୋଡ଼ନ ସୃଷ୍ଟି ହୋଇଥିଲା, ତାହାକୁ ହିଁ ୟୁରୋପର Oriental Studies ବା ପ୍ରାଚ୍ୟ ବିଦ୍ୟାଚର୍ଚ୍ଚାର ଭିତ୍ତି ବୋଲି ଅଭିହିତ କରାଯାଇପାରେ।

ବିଚାରପତି ଭାବରେ ଯୋଗ ଦେବା ପରେ ପ୍ରଥମ କେସ୍‌ଟି ଜୁରୀମାନଙ୍କୁ ବୁଝାଇଦେବା ପାଇଁ ଜୋନ୍ସ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ, ଯଥାଯଥ ଉପସ୍ଥାପନା ଓ ବାକ୍‌ବୈଦଗ୍ଧ୍ୟ ପାଇଁ କଲିକତା ବିଚାରାଳୟର ଦୀର୍ଘ ଇତିହାସରେ ଏ ଯାବତ୍ ତାହା ଆଦର୍ଶ ସ୍ଥାନୀୟ ହୋଇ ରହିଛି। ଜୀବନର ଶେଷଦିନ ପର୍ଯ୍ୟନ୍ତ ଜୋନ୍ସ ବିଚାରପତି ପଦରେ ଥିଲେ ସମାସୀନ। ନ୍ୟାୟପରାୟଣ ଓ ହୃଦୟବାନ୍ ବିଚାରକ ଭାବରେ ପ୍ରଚୁର ଖ୍ୟାତିର ସେ ହୋଇଥିଲେ ଅଧିକାରୀ। ଅନ୍ୟ ବିଚାରପତିମାନଙ୍କ ସହିତ ସହମତ ନ ହୋଇ ଜଣେ ଇଂରେଜ କନଷ୍ଟେବଳ ଫ୍ରେଡ଼େରିକ ଦେଟ୍‌କାର (Frederic Daetker)ଙ୍କ ମାମଲାରେ ସେ ନିଜର ଯେଉଁ ସ୍ୱତନ୍ତ୍ର ବିଚାର ଲିପିବଦ୍ଧ କରିଥିଲେ, ତାହା ତାଙ୍କ ନ୍ୟାୟପରାୟଣତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଦେଟ୍‌କାରଙ୍କୁ ଅପରାଧୀ ବୋଲି ଘୋଷଣା କରିବା ସଂଗେ ସଂଗେ ସମସ୍ତ କ୍ଷତିପୂରଣ ଦେବାକୁ ସେ ନିଜ ରାୟରେ ଉଲ୍ଲେଖ କରିଥିଲେ, କାରଣ ତାହା ହେବ " ....an example of the consequences of attempting to violate the mild and benign laws of that Country, he was living under the sanction and benefit of."

Digitized by PPRACHIN, SOA

ବିଚାରପତିର ଚାକିରି ସେ ଗ୍ରହଣ କରିଥିଲେ ସତ, ପ୍ରାଚ୍ୟବିଦ୍ୟାର ଚର୍ଚ୍ଚା ହିଁ ଥିଲା ଜୋନ୍ସଙ୍କ ଜୀବନର ପରମ ଅଭୀଷ୍ଟ। ଭାରତକୁ ଆସି ତାଙ୍କର ଏହି ଆକାଙ୍କ୍ଷା ଶତଗୁଣରେ ହୋଇଥିଲା ବର୍ଦ୍ଧିତ। ଚାର୍ଲସ ଉଇଲ୍‌କିନ୍‌ସଙ୍କ (ସଂସ୍କୃତ ଭଗବଦ୍‌ଗୀତାର ଇଂରାଜୀ ଅନୁବାଦକ) ଦୃଷ୍ଟାନ୍ତରେ ଅନୁପ୍ରାଣିତ ହୋଇ ଦୀର୍ଘ ଦୁଇବର୍ଷ ଧରି ଦେଶୀୟ ପଣ୍ଡିତମାନଙ୍କ ନିକଟରୁ ସେ ସଂସ୍କୃତ ଭାଷା ଶିକ୍ଷା ଲାଭ କରିଥିଲେ। ସଂସ୍କୃତ ଶିକ୍ଷା ପାଇଁ ତରୁଣ ଶିକ୍ଷାର୍ଥୀମାନଙ୍କ ଭଳି ସେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ଏବଂ ଦୁଇବର୍ଷ ଅଧ୍ୟୟନ ପରେ ପଣ୍ଡିତମାନଙ୍କ ସହିତ କଥୋପକଥନ ପାଇଁ ଉପଯୁକ୍ତ ସଂସ୍କୃତ ଜ୍ଞାନ ସେ ଅର୍ଜନ କରିପାରିଥିଲେ। ଜୋନ୍ସ ଯଥାର୍ଥତଃ ଥିଲେ ବିଦ୍ୟୋତ୍ସାହୀ। କେବଳ ନିଜ ସାଧନା ନେଇ ସନ୍ତୁଷ୍ଟ ରହିବା ଭଳି ସ୍ୱାର୍ଥପର ବ୍ୟକ୍ତି ସେ ନଥିଲେ। ଭାରତକୁ ଆସି ସେ ହୃଦୟଙ୍ଗମ କଲେ ଯେ ପ୍ରାଚ୍ୟ ବିଦ୍ୟାଚର୍ଚ୍ଚା କେବଳ ଏକକ ଉଦ୍ୟମ ଦ୍ୱାରା ସମ୍ଭବ ନୁହେଁ, ବହୁଜନର ସମ୍ମିଳିତ ସାଧନା ଦ୍ୱାରା ପ୍ରାଚ୍ୟ ଜ୍ଞାନଭଣ୍ଡାରର ଦ୍ୱାର ଉନ୍ମୋଚନ ସମ୍ଭବପର ଏବଂ ଏହି କାର୍ଯ୍ୟ ସିଦ୍ଧ କରିବା ପାଇଁ ଉପଯୁକ୍ତ କେନ୍ଦ୍ର ହେଉଛି କଲିକତା ନଗରୀ।

ସଂସ୍କୃତ ଭାଷା ଶିକ୍ଷାଲାଭ ପରେ ସଂସ୍କୃତରେ ରଚିତ ହୋଇଥିବା ବିଶାଳ ଜ୍ଞାନଭଣ୍ଡାର ଆବିଷ୍କାର କରି ସେ କିପରି ମୁଗ୍ଧ ଓ ଚମତ୍କୃତ ହୋଇଥିଲେ, ତାହା ଇଂଲଣ୍ଡବାସୀ ତାଙ୍କର ଜନୈକ ବନ୍ଧୁଙ୍କୁ ଗୋଟିଏ ପତ୍ରରେ ଅତି ଉତ୍ସାହ ସହକାରେ ବର୍ଣ୍ଣନା କରି ଲେଖିଥିଲେ, "Half a million stanzas on sacred history and iiterature, epic and lyric poems innumerable, and (what is wonderful) tragedies and comedies not to be counted, above 2,000 years old, besides works on law (my great object), on medicine, on theology, on arithmetic, on ethics and so on, to infinity." ଲର୍ଡ୍ ମେକଲେ ଯଦି ଜୋନ୍ସଙ୍କର ଏହି ଅନ୍ତର୍ଦୃଷ୍ଟି ଓ ଆବିଷ୍କାର ସହିତ ପରିଚିତ ହୋଇଥାନ୍ତେ, ୧୮୩୫ ଖ୍ରୀ:ଅ:ରେ ଭାରତୀୟ ଶିକ୍ଷାର ସଂକ୍ଷିପ୍ତ ବିବରଣୀରେ (Minute on Education in India) ଯେଉଁ ବିଦ୍ରୂପାତ୍ମକ ଓ ଘୃଣାବ୍ୟଞ୍ଜକ ମନ୍ତବ୍ୟ ସେ ଦେଇଛନ୍ତି, ତା' ହୁଏତ ସେ ପ୍ରଦାନ କରି ନଥାନ୍ତେ। ସେଥିରେ ସେ ଲେଖିଛନ୍ତି, "I have never found one among them (Orientalists) who could deny that a single shelf of a good European library was worth the whole native literature of India and Arbia."

Digitized by PPRACHIN, SOA

ଜୋନ୍ସ ୧୭୮୪ ଖ୍ରୀ:ଅ:ର ଜାନୁୟାରୀ ତା୧୬ ରିଖରେ କଲିକତା ପ୍ରବାସୀ ତିରିଶ ଜଣ ଉଚ୍ଚ ଶିକ୍ଷିତ ଓ ବିଦଗ୍ଧ ଇଂରେଜ ସୁଧୀଜନଙ୍କ ସହିତ ମିଳିତ ହୋଇ "ଏସିୟାଟିକ ସୋସାଇଟି" ନାମକ ଏକ ଯୁଗାନ୍ତର ଆନୟନକାରୀ ପ୍ରତିଷ୍ଠାନ ସ୍ଥାପନ କରିଥିଲେ ଏବଂ ତାଙ୍କର ଉଦ୍‌ବୋଧନୀ ଭାଷଣରେ ସେ ଘୋଷଣା କରିଥିଲେ ଯେ ଏସିଆର ଭୌଗୋଳିକ ସୀମା ମଧ୍ୟରେ ପ୍ରାକୃତିକ ବିଷୟ ଓ ମନୁଷ୍ୟକୃତ କୀର୍ତ୍ତିରାଜିର ଚର୍ଚ୍ଚା ହିଁ ହେବ ଏହି ସୋସାଇଟିର ଉଦ୍ଦେଶ୍ୟ। ("The bounds of its investigations will be the geographical limits of Asia, and within these limits its enqueries will be extended to whatever is Performed by Man or Produced by Nature.") ଯେଉଁ ତିରିଶ ଜଣ ବ୍ୟକ୍ତି ଏହି ସଭାରେ ଉପସ୍ଥିତ ଥିଲେ ସେମାନଙ୍କୁ ସଦସ୍ୟ ଭାବରେ ଗ୍ରହଣ କରି 'ଏସିୟାଟିକ ସୋସାଇଟି' ଗଠିତ ହୋଇଥିଲା। ଏମାନଙ୍କ ମଧ୍ୟରେ କଲିକତା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସାର୍ ରବାର୍ଟ ଚେମ୍ବର୍ସ (1737-1803),ସାର୍ ଜୋନ୍ ଶୋର (1751-1834) ଓ ଚାର୍ଲସ ଉଇଲକିନ୍ସଙ୍କ ନାମ ଉଲ୍ଲେଖଯୋଗ୍ୟ। ଜୋନ୍ସ-କର୍ତ୍ତୃକ ପ୍ରତିଷ୍ଠିତ କଲିକତାର ଏହି 'ଏସିୟାଟିକ୍ ସୋସାଇଟି' ଧାରାବାହିକ ଭାବେ ଗୋଟିଏ ଆନ୍ତର୍ଜାତିକ ପ୍ରତିଷ୍ଠାନ ରୂପେ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି କାର୍ଯ୍ୟ କରି ଆସୁଛି ଏବଂ ବର୍ତ୍ତମାନ ମଧ୍ୟ ସ୍ୱାଧୀନ ଭାରତରେ ଇଂରେଜ-କର୍ତ୍ତୃକ ସ୍ଥାପିତ ସଂସ୍ଥା ହେଲେ ବି ଏହାର କାର୍ଯ୍ୟକାରିତା ଅକ୍ଷୁଣ୍ଣ ରହିପାରିଛି। ପ୍ରସଙ୍ଗତଃ ଏଠାରେ କୁହାଯାଇ ପାରେ ଯେ 'ଏସିୟାଟିକ ସୋସାଇଟି' ସ୍ଥାପନର ଛଅବର୍ଷ ପୂର୍ବରୁ ୧୭୭୮ ଖ୍ରୀ:ଅ:ରେ ପ୍ରାଚ୍ୟବିଦ୍ୟା ଚର୍ଚ୍ଚା ପାଇଁ ଅନୁରୂପ ଗୋଟିଏ ସଂସ୍ଥା ବାଟାଭିୟା (ବର୍ତ୍ତମାନ ଜାକର୍ତ୍ତା)ରେ ଗଠିତ ହୋଇଥିଲା—Kóninklijk Bataviaasch Genoot Schap van Kunst en Wittenschapen, ଅର୍ଥାତ୍ ବାଟାଭିୟାସ୍ଥ ରାଜକୀୟ କଳା ଓ ବିଜ୍ଞାନ ପରିଷଦ। ଏହି ସଂସ୍ଥାଟି ଏସିୟାଟିକ ସୋସାଇଟି ସଦୃଶ କଳା-ବିଜ୍ଞାନ କ୍ଷେତ୍ରରେ ଦୀର୍ଘକାଳ ଧରି ଏସିଆ ତଥା ବିଶ୍ୱର ସେବାରତ ରହି ଇଣ୍ଡୋନେସିଆର ସ୍ୱାଧୀନତା ଲାଭ ପରେ ଧୀରେ ଧୀରେ ଅବଲୁପ୍ତ ହୋଇଯାଇଛି ଏବଂ ଏହି ସଂସ୍ଥାର ବୈଜ୍ଞାନିକ ପତ୍ରିକା ଓ ଅନ୍ୟାନ୍ୟ ସାମୟିକୀର ପ୍ରକାଶନ ସଂପୂର୍ଣ୍ଣ ବନ୍ଦ ହୋଇଯିବା ସଂଗେ ସଂଗେ ଏପରି କି ଦେଶୀୟ ଭାଷାରେ ମଧ୍ୟ ଏହାକୁ ସଜୀବ ବା ସକ୍ରିୟ ରଖିବାର ପ୍ରଚେଷ୍ଟା ହୋଇନାହିଁ।

କଲିକତାରେ 'ଏସିୟାଟିକ ସୋସାଇଟି' ପ୍ରତିଷ୍ଠିତ ହେବା ପରେ ଏହି ସୋସାଇଟି ଆଦର୍ଶରେ ହିଁ ୧୮୨୨ ଖ୍ରୀ:ଅ:ରେ ପ୍ୟାରୀ ନଗରୀରେ 'ସୋସାଇଟି ଏସିୟାଟିକ୍' ଓ ୧୮୨୩ ଖ୍ରୀ:ଅ:ରେ ଲଣ୍ଡନ ନଗରୀରେ 'ରୟାଲ୍ ଏସିୟାଟିକ୍ ସୋସାଇଟି ଅବ୍ ଗ୍ରେଟ୍ ବ୍ରିଟେନ୍ ଯାଣ୍ଡ ଆୟାରଲ୍ୟାଣ୍ଡ' ପ୍ରତିଷ୍ଠିତ ହୁଏ। ଏହି ଦୃଷ୍ଟାନ୍ତ ଅନୁସରଣ

Digitized by PPRACHIN, SOA

କରି ପରବର୍ତ୍ତୀକାଳରେ ଆମେରିକାର 'ଅରିୟେଣ୍ଟାଲ ସୋସାଇଟି' (ଇୟେଲ, ନିଉ ହ୍ୟାଭେନ୍, ୧୮୪୨) ଓ 'ଜର୍ମାନ ଅରିୟେଣ୍ଟାଲ୍ ସୋସାଇଟି' (Deutsche Morgelandische Gesellschaft, ୧୮୪୪) ମଧ୍ୟ ପ୍ରତିଷ୍ଠିତ ହୁଏ। ପରେ ବୋମ୍ବାଇ, ସିଂହଳ, ଚୀନ ଓ ମାଲୟରେ 'ରୟାଲ ଏସିୟାଟିକ ସୋସାଇଟି ଅବ୍ ଗ୍ରେଟ୍ ବ୍ରିଟେନ୍ ଯାଣ୍ଡ ଆୟାରଲ୍ୟାଣ୍ଡ'ର ଶାଖାସମୂହ ପ୍ରତିଷ୍ଠିତ ହୋଇଛି। କଲିକତାର 'ଏସିୟାଟିକ ସୋସାଇଟି' ହିଁ ଏହି ସକଳ ପ୍ରତିଷ୍ଠାନର ପ୍ରଧାନ ପ୍ରେରଣାଦାତା ବୋଲି ନିଃସନ୍ଦେହରେ କୁହାଯାଇପାରେ। 'ଏସିୟାଟିକ୍ ସୋସାଇଟି' ପ୍ରତିଷ୍ଠିତ ହେବା ପରେ ପରେ ଭାରତର ତଦାନୀନ୍ତନ ଗଭର୍ଣ୍ଣର ଜେନେରାଲ ୱାରେନ୍ ହେଷ୍ଟିଂସ୍‌ଙ୍କୁ ଏହାର ସଭାପତି ପଦ ଗ୍ରହଣ ପାଇଁ ଅନୁରୋଧ କରାଯାଏ। ସୋସାଇଟିର ସାଧୁ ଉଦ୍ଦେଶ୍ୟ ପ୍ରତି ପୂର୍ଣ୍ଣ ସମର୍ଥନ ଥିବା ସତ୍ତ୍ୱେ ସମୟାଭାବ ପାଇଁ ଏହି ପଦ ଗ୍ରହଣ କରିବାକୁ ହେଷ୍ଟିଂସ୍ ସମ୍ମତ ନ ହେବାରୁ ତାଙ୍କରି ଅନୁରୋଧ କ୍ରମେ ଜୋନ୍ସ ୧୭୮୪ ଖ୍ରୀ:ଅ: ଫେବୃୟାରୀ ତା୫ ତାରିଖରେ ତାଙ୍କ ପ୍ରତିଷ୍ଠିତ ସୋସାଇଟିର ପ୍ରଥମ ସଭାପତି ରୂପେ ନିର୍ବାଚିତ ହୁଅନ୍ତି ଏବଂ ଜୀବନର ଶେଷଦିନ ପର୍ଯ୍ୟନ୍ତ ଜୋନ୍ସ ଏହି ଆସନରେ ଥିଲେ ଅଧିରୂଢ଼।

ଜୋନ୍ସ ପ୍ରତିବର୍ଷ ଫେବୃୟାରୀ ମାସରେ ସୋସାଇଟିର ସାଧାରଣ ସଭାରେ ପ୍ରାଚ୍ୟବିଦ୍ୟା ସଂପର୍କରେ କୌଣସି ଏକ ବିଷୟରେ ଭାଷଣଦାନ କରୁଥିଲେ। ୧୭୮୪ରୁ ୧୭୯୩ ପର୍ଯ୍ୟନ୍ତ ସେ ଏହିପରି ଭାବରେ ଦଶଟି ଭାଷଣ ପ୍ରଦାନ କରିଥିଲେ। ୧୭୮୬ ଖ୍ରୀ:ଅ:ରେ ଜୋନ୍ସଙ୍କ ବାର୍ଷିକ ଭାଷଣର ବିଷୟବସ୍ତୁ ଥିଲା ହିନ୍ଦୁ ଜାତିର ଇତିହାସ ଓ ସଂସ୍କୃତି। ଏହି ଭାଷଣଦାନ ପ୍ରସଙ୍ଗରେ ଜୋନ୍ସ ମତ ପ୍ରକାଶ କରିଥିଲେ ଯେ, ୟୁରୋପର ପ୍ରାଚୀନ ଭାଷାସମୂହ ଓ ପ୍ରାଚୀନ ପାରସିକ ଭାଷା ଜେନ୍ଦ୍ ଏବଂ ସଂସ୍କୃତ ଭାଷା ସମସୂତ୍ରରୁ ଉଦ୍‌ଭୂତ ଗୋଟିଏ ଗୋଷ୍ଠୀର ହିଁ ଭାଷା। ଜୋନ୍ସଙ୍କ ପୂର୍ବରୁ ଅବଶ୍ୟ ଇଟାଲୀ ଦେଶୀୟ ପଣ୍ଡିତ Sasseti(୧୫୮୫), ଫରାସୀ ପଣ୍ଡିତ Coerdoux (୧୭୬୮) ପ୍ରମୁଖ ୟୁରୋପୀୟ ବିଦ୍ୱାନବୃନ୍ଦ ସଂସ୍କୃତ ସହିତ ଗ୍ରୀକ୍, ଲାଟିନ୍ ପ୍ରଭୃତି ଭାଷାର ସାଦୃଶ୍ୟ ଲକ୍ଷ୍ୟ କରିଥିଲେ କିନ୍ତୁ ସେମାନେ କୌଣସି ସୁନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହୋଇ ପାରି ନଥିଲେ। ଜୋନ୍ସଙ୍କ ଏହି ଘୋଷଣା ଫଳରେ ହିଁ ୟୁରୋପରେ ତୁଳନାତ୍ମକ ବ୍ୟାକରଣ ଶାସ୍ତ୍ରଚର୍ଚ୍ଚାର ହୁଏ ସୂତ୍ରପାତ। ୧୮୦୮ ଖ୍ରୀ: ଅ:ରେ ଜର୍ମାନ୍ ପଣ୍ଡିତ ଫ୍ରେଡ୍‌ରିଖ ଶ୍ଲେଗେଲ (୧୭୭୨-୧୮୨୯) ତାଙ୍କର 'ଭାରତୀୟ ଭାଷା ଓ ତାହାର ଜ୍ଞାନଭଣ୍ଡାର' (Uber die Sprache and Weiheit der Inder, 1808) ଶୀର୍ଷକ ଗ୍ରନ୍ଥରେ ଜୋନ୍ସଙ୍କ ଏହି ଉକ୍ତିର ପ୍ରତିଧ୍ୱନି କରିଥିଲେ। ଜର୍ମାନ୍ ପଣ୍ଡିତ ବୋପ (F. Bopp, 1781-1867) ଜୋନ୍ସଙ୍କ ମତଟିକୁ ସୁଦୃଢ଼ ଭିତ୍ତି ଉପରେ କରିଥିଲେ ପ୍ରତିଷ୍ଠିତ। ଏହି ପ୍ରସଙ୍ଗରେ ଅନ୍ୟ ଏକ ଜର୍ମାନ୍ ପଣ୍ଡିତ ଗ୍ରୀମ (Jakol Ludwing Karl Grimm, 1785-1863)

Digitized by PPRACHIN, SOA

ଓ ଡେନ୍‌ମାର୍କବାସୀ ପଣ୍ଡିତ ରେସମାସ ରାସ୍କଙ୍କ (Rasmus Rask. 1787-1832) ନାମ ମଧ ଉଲ୍ଲେଖଯୋଗ୍ୟ। ଚିନ୍ତାଜଗତରେ ବିପ୍ଳବ ଆନୟନକାରୀ ଜୋନ୍ସଙ୍କ ଅଭିଭାଷଣର କିୟଦଂଶ ଏଠାରେ ଉଲ୍ଲେଖଯୋଗ୍ୟ। ୧୭୮୬ ଖ୍ରୀ:ଅ:ରେ ସଂସ୍କୃତ ଭାଷା ସମ୍ବନ୍ଧରେ ଜୋନ୍ସ ଘୋଷଣା କରିଥିଲେ, "The Sanskrit language, whatever be its antiquity, is of a wonderful structure, more perfect than the Greek, more copious than the Latin, and more exquisitely refined than either, yet bearing to both of them a strong affinity, in the roots of verbs and in the forms of grammar, than could possibly have been produced by accident; so strong indeed that no Philologer could examine them all three without believing them to have sprung from some common source, which perhaps, no longer exists. There is a similar reason though not quite so forcible, for supposing that both the Gothic and the Celtic, though blended with a very different idiom, had the same origin with the Sanskrit; and the old Persian might be added to the same family....."

ଏହି ଯେଉଁ ଦିବ୍ୟଦୃଷ୍ଟିରେ ସାର୍ ଉଇଲିୟମ ଜୋନ୍ସ ଦେଖିଲେ ଯେ ସଂସ୍କୃତ, ଗ୍ରୀକ୍, ଲାଟିନ୍, ପ୍ରାଚୀନ ପାରସିକ, କେଲ୍ଟିକ୍ ଓ ଗଥିକ୍ ପ୍ରଭୃତି ଭାଷାର ପଶ୍ଚାତ୍‌ରେ ସେମାନଙ୍କର ଜନନୀ ସ୍ୱରୂପା ଏକ ଆଦି-ଆର୍ଯ୍ୟଭାଷା ବିଦ୍ୟମାନ ଥିଲା, ଏହାରି ଆଧାରରେ ହିଁ ୟୁରୋପରେ କେତେଗୁଡ଼ିଏ ନୂତନ ମାନବିକ ବିଜ୍ଞାନର ଉଦ୍‌ଭବ ହେଲା—ଯେପରି ତୁଳନାତ୍ମକ ଭାଷାତତ୍ତ୍ୱ, ତୁଳନାତ୍ମକ ଧର୍ମତତ୍ତ୍ୱ, ଭାଷା-ଭିତ୍ତିକ ପ୍ରତ୍ନତତ୍ତ୍ୱ, ଭାଷାଭିତ୍ତିକ-ମନସ୍ତତ୍ତ୍ୱ, ନୃତତ୍ତ୍ୱ ଓ ବାକ୍‌ତତ୍ତ୍ୱ ଇତ୍ୟାଦି। ଏଇ ସକଳ ବିଦ୍ୟା ଦ୍ୱାରା ମନୁଷ୍ୟର ନିଜ ସମ୍ବନ୍ଧରେ ଜ୍ଞାନ ନାନା ନୂତନ ନୂତନ ଜଗତର ସମ୍ବାଦ ଆନୟନ କରିବାକୁ ସମର୍ଥ ହେଲା ଏବଂ ଏହି ଭାବରେ ହିଁ ୟୁରୋପୀୟ ପଣ୍ଡିତବୃନ୍ଦ ୧୮୦୦ ଖ୍ରୀ:ଅ: ପୂର୍ବରୁ ସଂସ୍କୃତ ଓ ଅନ୍ୟାନ୍ୟ ପ୍ରାଚ୍ୟ ଭାଷା ଚର୍ଚ୍ଚାରେ ବ୍ରତୀ ହେଲେ।

ଉପରୋକ୍ତ ଅଭିଭାଷଣଟି ବ୍ୟତୀତ ଜୋନ୍ସଙ୍କ ପ୍ରଦତ୍ତ ବାର୍ଷିକ ଭାଷଣଗୁଡ଼ିକ ନିମ୍ନଲିଖିତ ତାଲିକାରୁ ତାଙ୍କର ଗଭୀର ଓ ବିସ୍ତୃତ ଅଧ୍ୟୟନ ଏବଂ ବିଭିନ୍ନ ବିଷୟରେ ବ୍ୟାପକ ଅନୁସନ୍ଧିତ୍ସାର ପରିଚୟ ମିଳିପାରିବ। ଏହି ବିଷୟବସ୍ତୁଗୁଡ଼ିକ ହେଉଛି: On the Orthography of Asiatik words - 1784; On the Gods of Italy, Greece and India 1785; On the Arabs - 1787, On the Tartars, 1788; On the Persians, 1789; On the Chinese, 1790; On the Borderers (Mountaineers and Islanders of Asia),

Digitized by PPRACHIN, SOA

1791; On the Origin and Family of Nations, 1792; On the Asiatic History, Civil and Natural, 1793। ୧୭୮୯ ଖ୍ରୀ:ଅ:ରେ ଜୋନ୍ସ ମହାକବି କାଳିଦାସଙ୍କ ରଚିତ 'ଅଭିଜ୍ଞାନ ଶାକୁନ୍ତଳମ୍'' ନାଟକଟିର ଇଂରାଜୀ ଅନୁବାଦ Sacontala or the Fatal Ring ନାମରେ ପ୍ରକାଶ କରନ୍ତି। ଏହା ପୂର୍ବରୁ ସଂସ୍କୃତର କୌଣସି ନାଟକ ଇଂରାଜୀରେ ଅନୂଦିତ ହୋଇ ନଥିଲା। କାଳିଦାସଙ୍କ ରଚନାକୁ ଜୋନ୍ସ ସର୍ବପ୍ରଥମ ବହିର୍ବିଶ୍ୱରେ ପ୍ରଚାରିତ କରିଥିଲେ ଏବଂ ଏହାର ମୁଖବନ୍ଧରେ କାଳିଦାସଙ୍କୁ ସେ "Indian Shakespeare" ବୋଲି ବର୍ଣ୍ଣନା କରିଥିଲେ। ଜୋନ୍ସଙ୍କ ଏହି ଇଂରାଜୀ ଅନୁବାଦକୁ ଅବଲମ୍ବନ କରି ୧୭୯୧ ଖ୍ରୀ:ଅ:ରେ ଗେଅର୍ଗ ଫରଷ୍ଟାର ଜର୍ମାନ ଭାଷାରେ ଶକୁନ୍ତଳାର ଅନୁବାଦ ପ୍ରକାଶ କରିଥିଲେ ଏବଂ ତାହା ଜର୍ମାନ ମନୀଷୀ ମହାକବି ଗ୍ୟେଟେ ଓ ହାର୍ଡ଼ାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଶକୁନ୍ତଳାର ରଚନାନୈପୁଣ୍ୟରେ ବିମୋହିତ ହୋଇ ଗ୍ୟେଟେ ଲେଖିଥିଲେ ଯେ ବସନ୍ତର ପୁଷ୍ପ ଓ ପରିଣତ ଫଳ ଏବଂ ସ୍ୱର୍ଗ ଓ ମର୍ତ୍ତ୍ୟର ଦୁର୍ଲଭ ସମାବେଶ କେହି ଯଦି ଦେଖିବାକୁ ଚାହାଁନ୍ତି ତେବେ ଶକୁନ୍ତଳାରେ ହିଁ ସେ ତାହା ପାଇବେ।

୧୭୯୧ ଖ୍ରୀ:ଅ:ରେ ଜୋନ୍ସ ବିଷ୍ଣୁଶର୍ମାଙ୍କ ରଚିତ 'ହିତୋପଦେଶ'ର ଇଂରାଜୀ ଅନୁବାଦ ପ୍ରକାଶ କରନ୍ତି। ତା'ପର ବର୍ଷ (୧୭୯୨) ମହାକବି କାଳିଦାସଙ୍କ ରଚିତ 'ଋତୁ ସଂହାର' କାବ୍ୟଟି ମଧ୍ୟ ସଂପାଦନା କରି ସେ ପ୍ରକାଶ କରିଥିଲେ। ଜୟଦେବଙ୍କ ଲିଖିତ 'ଗୀତଗୋବିନ୍ଦ' କାବ୍ୟଟି ଜୋନ୍ସ ଇଂରାଜୀରେ ସର୍ବ ପ୍ରଥମ ଅନୁବାଦ କରନ୍ତି ଏବଂ ଏହି ଅନୁବାଦଟି ତାଙ୍କ ମୃତ୍ୟୁ ପରେ ତାଙ୍କର ସମଗ୍ର ଗ୍ରନ୍ଥାବଳୀର ଅନ୍ତର୍ଭୁକ୍ତ ହୋଇ ପ୍ରକାଶିତ ହୁଏ।

ଏଠାରେ ସ୍ମରଣୀୟ ଯେ ସାର୍ ଉଇଲିୟମ୍ ଜୋନ୍ସ ଏଙ୍ଗ୍ଲୋ-ଇଣ୍ଡିଆର ହେଉଛନ୍ତି ପ୍ରଥମ କବି ଏବଂ ୧୭୮୩ ଖ୍ରୀ:ଅ:ରେ ଭାରତରେ ତାଙ୍କର ପଦାର୍ପଣ ଇଙ୍ଗ୍-ଭାରତୀୟ ସାହିତ୍ୟର ହେଉଛି ଅୟମାରମ୍ଭ। ଅକ୍ସଫୋର୍ଡ଼ର ଛାତ୍ର ଥିବା ସମୟରେ 'The Palace of Fortune' ଓ 'Seven Fountains' ଶୀର୍ଷକ କବିତା ଯଥାକ୍ରମେ ୧୭୬୭ ଓ ୧୭୬୯ ଖ୍ରୀ:ଅ:ରେ ସେ ରଚନା କରିଥିଲେ ଯେଉଁଥିରେ କି ପ୍ରାଚ୍ୟ ରହସ୍ୟବାଦ ପ୍ରତି ତାଙ୍କର ଗଭୀର ଆକର୍ଷଣ ପ୍ରକଟିତ ହେବା ସଂଗେ ସଂଗେ ପଦଯୋଜନା ଶୈଳୀରେ ମଧ୍ୟ ତାଙ୍କର ଦକ୍ଷତା ହୋଇଥିଲା ପ୍ରକାଶିତ। ଭାରତରେ ଭାଷାତାତ୍ତ୍ୱିକ ଅଧ୍ୟୟନର ଅଗ୍ରଦୂତ ସେ କେବଳ ନ ଥିଲେ, ସେ ଥିଲେ ପ୍ରଥମ ଇଂରେଜ ଯେ କି ଭାରତୀୟ ସାଂସ୍କୃତିକ ପରିବେଶକୁ ତାଙ୍କ କାବ୍ୟସୃଷ୍ଟିରେ କରିଥିଲେ ପ୍ରକାଶିତ। ଅବଶ୍ୟ ଜୋନ୍ସଙ୍କ କାବ୍ୟକୃତି ଅନେକାଂଶରେ ଥିଲା ଛାୟାନୁସରଣ ବା ଅନୁବାଦ, କିନ୍ତୁ ତଥାପି ତାଙ୍କର ଦକ୍ଷତା ସେଗୁଡ଼ିକରେ ବହୁ ପରିମାଣରେ ପ୍ରକଟିତ ହୋଇଥିଲା। ସଂସ୍କୃତ, ଲାଟିନ୍, ଫାର୍ସୀ ଓ ଆରବୀ ପ୍ରଭୃତି ବହୁ ବିଭିନ୍ନ ଭାଷାର କବିତାକୁ

Digitized by PPRACHIN, SOA

ଇଂରାଜୀରେ ରୂପାନ୍ତରିତ କରି ନିଜସ୍ୱ ଦୃଷ୍ଟିଭଂଗୀ ସହ ସେ ପ୍ରକାଶ କରିଥିଲେ। ପ୍ରାଚ୍ୟତତ୍ତ୍ୱବିଦ୍ ଭାବରେ ଏବଂ ଇଙ୍ଗ୍-ଭାରତୀୟ ସାହିତ୍ୟକୁ ତାଙ୍କର ମୌଳିକ ଓ ସ୍ମରଣୀୟ ଦାନ ଭାବରେ ହିନ୍ଦୁମାନଙ୍କ ଦେବଦେବୀ ଉପରେ ୧୭୮୪ରୁ ୧୭୮୮ ମଧ୍ୟରେ ରଚିତ ନଅଟି ସ୍ତୋତ୍ର-କବିତା ମୁଖ୍ୟତଃ ଉଲ୍ଲେଖଯୋଗ୍ୟ। ସେଗୁଡ଼ିକ କାମଦେବ, ପ୍ରକୃତି (ଦୁର୍ଗା ଓ ଭବାନୀ ରୂପରେ), ଇନ୍ଦ୍ର, ସୂର୍ଯ୍ୟ, ଲକ୍ଷ୍ମୀ, ନାରାୟଣ, ସରସ୍ୱତୀ ଓ ଗଙ୍ଗାଙ୍କୁ ଅବଲମ୍ବନ କରି ଲିଖିତ। ପ୍ରତ୍ୟେକଟି ସ୍ତୋତ୍ରର ପ୍ରାକ୍‌ଭାଷା ସ୍ୱରୂପ ପାଶ୍ଚାତ୍ୟ ପାଠକମାନଙ୍କର ବୋଧଗମ୍ୟତା ପାଇଁ ଭାରତୀୟ ପୁରାଣଚେତନାର ଜଟିଳ ତତ୍ତ୍ୱ ସଂପର୍କରେ ଆଲୋଚନା ମଧ୍ୟ ସେ କରିଛନ୍ତି। କାମଦେବଙ୍କ ଉପରେ କବିତାଟି ରଚିତ ହୁଏ ୧୭୮୪ ଖ୍ରୀ:ଅ:ରେ ଏବଂ ଇଂରାଜୀ କବିତାରେ ଭାରତୀୟ ପୁରାଣ—କବିତାର ଏହା ହିଁ ହେଉଛି ପ୍ରଥମ ପରିପ୍ରକାଶ। କାମଦେବଙ୍କ ନାମ ଓ ସ୍ୱଭାବ ଉପରେ ଏହା ହେଉଛି ଏକ ବର୍ଣ୍ଣନାଧର୍ମୀ କବିତା ଏବଂ ଏହାର ଆଲୋଚନାରେ ଜୋନ୍ସ ସୂଚନା ଦେଇଛନ୍ତି ଯେ ସଂସ୍କୃତରେ କାମଦେବଙ୍କର ବିଭିନ୍ନ ନାମାବଳୀ ମଧ୍ୟରୁ ଗୋଟିଏ ନାମ ହେଉଛି 'ଦୀପକ' ଯାହାର କି ଇଂରାଜୀ 'Cupid' ଶବ୍ଦ ସହିତ ଏକ ମୌଳିକ ଭାଷାତାତ୍ତ୍ୱିକ ସଂପର୍କ ରହିଛି। ପ୍ରଣୟ-ଦେବତା କାମଦେବଙ୍କ କବିତାଟିର ଆରମ୍ଭ ଏକ ସ୍ୱାଗତିକା ଭାବରେ ସେ କରିଛନ୍ତି।

Hail, pow'r unknown! for at thy beck
Vales and groves their bosoms deck,
God of the flow'ry shafts and flow'ry bow,
Delight of all above and all below.

ଏଇ ପ୍ରେମ-ଦେବତା ଯଦିଚ ଅନଙ୍ଗ, ସେ କିନ୍ତୁ ସର୍ବବ୍ୟାପୀ; ସେ ହେଉଛନ୍ତି ମୂର୍ତ୍ତିମନ୍ତ ଆନନ୍ଦ ଏବଂ ସକଳ ପାର୍ଥିବ ଓ ଅପାର୍ଥିବ ଆନନ୍ଦର ମୂଳହେତୁ। ପଞ୍ଚେନ୍ଦ୍ରିୟ ହିଁ ହେଉଛି କନ୍ଦର୍ପର କ୍ରୀଡ଼ା ଓ ଲୀଳାଭୂମି ଏବଂ ଋତୁରାଜ ବସନ୍ତ ହେଉଛି ତାଙ୍କର ଚିରନ୍ତନ ସହଚର। ସାଧାରଣତଃ ସେ ଅପରାଜେୟ ବୋଲି ବିବେଚିତ ହେଲେ ହେଁ ମହାଦେବଙ୍କ ଦ୍ୱାରା ସେ କେବଳ ପରାଜିତ ହୋଇ ନଥିଲେ, ହୋଇଥିଲେ ବଶୀଭୂତ ଓ ଭସ୍ମୀଭୂତ।

But when thy daring arm untam'd
At Mahdeo a loveshaft aim'd,
Heav'n shook, and, smit with story wonder,
Told his deep dread in bursts of thunder,
Whilst on thy beauteous limbs an azure fire
Blaz'd forth, which never must expire.

Digitized by PPRACHIN, SOA

କନ୍ଦର୍ପ ତାଙ୍କର ପ୍ରଭାବକୁ ମୃଦୁ କରିବା ପାଇଁ ଅନୁରୋଧ କରି କବିତାଟିର ଉପସଂହାର ଚୋଜ୍ଜ କରିଛନ୍ତି। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ହିନ୍ଦୁ ଦେବତା କାମଦେବ ଗ୍ରୀକ୍ ଦେବତା Eros ଓ ରୋମାନ ଦେବତା Cupid ସହିତ ସମଧର୍ମା । କିନ୍ତୁ ହିନ୍ଦୁ ପୁରାଣ–ଶାସ୍ତ୍ରରେ କାମଦେବଙ୍କ ଜୀବନର ଗୁଣ ଓ ଘଟଣାବଳୀ ଯେପରି ଭାବରେ ବର୍ଣ୍ଣିତ, ସେଥିରୁ କନ୍ଦର୍ପ ନାମରେ ହିଁ ସୌନ୍ଦର୍ଯ୍ୟ, ସଂରାଗ ଓ ରୋମାଞ୍ଚ ସ୍ୱତଃ ସଞ୍ଚାରିତ ହୋଇ ଉଠିଥାଏ। ଏହି କବିତାଟି ଇଂରାଜୀ କବି ସୁଇନବର୍ଣ୍ଣଙ୍କର 'Atlanta in Calydon'ର ପ୍ରଣୟ–ବର୍ଣ୍ଣନାକୁ ସ୍ମରଣ କରାଇଦିଏ।

O Love;
Thy wings make light in the air as the wings of dove,
Thy feet are as winds that divide the stream of the sea;
Earth is thy Covering to hide thee, the garment of thee.

କେବଳ ସେତିକି ନୁହେଁ, ଆଦ୍ୟାଶକ୍ତି ବା ମାତୃଶକ୍ତି ଉପରେ ଲିଖିତ ଦୁଇଟି କବିତା "The Hymn to Durga" ଓ ' The Hymn to Bhavani' ମଧ୍ୟରୁ ଭବାନୀଙ୍କ ଉପରେ ରଚିତ କବିତାର କାବ୍ୟପଙ୍‌କ୍ତି ସମୂହ–

Whilst on the placid waters Blooming,
The sky Perfuming,
And O'pning Lotus rose, and smiling spread
His azure skirts and vase of gold,
While O'er his foliage roll'd
Drops, that impearl Bhavani's orient bed, – ଆମକୁ ସ୍ମରଣ କରାଇ ଦିଏ ସୁଇନ୍‌ବର୍ଣ୍ଣଙ୍କ 'Atlanta in Claydon' କବିତାରେ ଥିବା ପ୍ରଣୟଦେବୀ 'Aphrodite' ଙ୍କ ବର୍ଣ୍ଣନାର ରୂପୈଶ୍ୱର୍ଯ୍ୟ।

When a wonder, a world's delight
A perilious goddess was born;
And the waves of the sea as she came
Clove, and the foam at her feet,
Fawning, rejoiced to bring forth
A fleshly blossom, a flame
Filling the heavens with heat
To cold white ends of the north.

Digitized by PPRACHIN, SOA

ଜୋନ୍ସଙ୍କ 'ସୂର୍ଯ୍ୟସ୍ତୋତ୍ର' (The hymn to Surya) କବିତାଟିର ଉପସଂହାରରେ ଯେଉଁ କାବ୍ୟଧର୍ମୀ ଦାର୍ଶନିକ ଚିନ୍ତାଧାରା ପରିଲକ୍ଷିତ ହୁଏ, ତା' ସହିତ ଶେଲୀଙ୍କ Hymn of Apollo କବିତାର ଭାବଧାରାକୁ କାବ୍ୟଚେତନାର ସାମ୍ୟଦୃଷ୍ଟିରୁ ଅନେକ ସମାଲୋଚକ ତୁଳନା କରିଥାନ୍ତି। ଜୋନ୍ସଙ୍କ କବିତାର–

'He still'd the rude abyss, and bade it shine
Next thee, his flaming minister, bade rise
O'er young and wondering skies,
Since thou, great orb, with all– enlight'ning ray
Rulest the golden day.
How far more glorious He, who said serene
Be and thou wast, – Himself unformed,
Unchang'd, unseen!' ପଙ୍କ୍ତିଗୁଡ଼ିକ ସହିତ ଶେଲୀଙ୍କ କବିତାର–
'Then I arise, and climbing Heaven's blue dome,
I walk over the mountains and the waves,
Leaving my robe upon the ocean foam;
My footsteps pave the clouds with fire; the caves
Are filled with my bright presence, and the air
Leaves the green Earth to my embraces bare,
x x x x x
I am the eye with which the Universe
Beholds itself and itself divine, – ପଙ୍କ୍ତିଗୁଡ଼ିକ ତୁଳନୀୟ।

ଜୋନ୍ସଙ୍କ ' Hymn to Narayana' (ନାରାୟଣ – ସ୍ତୋତ୍ର) ଶେଲୀଙ୍କୁ 'Hymn to Intellectual Beauty' କବିତା ଲେଖିବା ପାଇଁ ପ୍ରେରଣା ଦେଇଥିବାର ପ୍ରମାଣ ଦୁଇଟିଯାକ କବିତାର ତୁଳନାତ୍ମକ ଆଲୋଚନା ମଧ୍ୟରେ ଅତି ସ୍ପଷ୍ଟ। ଜୋନ୍ସଙ୍କ ସମଗ୍ର ରଚନାବଳୀ ଶେଲୀ ଅଧ୍ୟୟନ କରିଥିଲେ। କୀଟସ୍‌ଙ୍କ 'Hyperion' କବିତାର ପ୍ରଥମାଂଶରେ ମଧ୍ୟ ଏହାର ପ୍ରଭାବ ପ୍ରତିଫଳିତ ହୋଇଥିବାର ସମାଲୋଚକମାନେ ଲକ୍ଷ୍ୟ କରିଥାନ୍ତି। ଶେଲୀ ତ ନିଶ୍ଚିତ ଭାବରେ ଥିଲେ ଭାରତପ୍ରେମୀ – ଗୋଟିଏ ଦୁଇଟି କବିତାରେ ଭାରତୀୟ ବିଷୟବସ୍ତୁ ମଧ୍ୟ ତାଙ୍କର ଉପଜୀବ୍ୟ ହୋଇଛି। 'The Indian Serenade' କବିତାଟି ଏ ପ୍ରସଙ୍ଗରେ ସ୍ମରଣୀୟ ଏବଂ ମନେହୁଏ, ଭାରତୀୟ ମାନସ ସହିତ ଶେଲୀଙ୍କ କାବ୍ୟମାନସର କେଉଁଠି ଏକ ଯୋଗସୂତ୍ର ରହିଥିଲା। ଜଣେ ସମାଲୋଚକ ସେଥିପାଇଁ କହିଛନ୍ତି, 'Shelly was an Indian as

Digitized by PPRACHIN, SOA

Keats was a Greek' ଆଉ ଟିକିଏ ଅଧିକ ଅଗ୍ରସର ହୋଇ କେହି କେହି ସାହିତ୍ୟ-ସମୀକ୍ଷକ ମତପୋଷଣ କରିଛନ୍ତି ଯେ ଇଂରାଜୀ ସାହିତ୍ୟରେ ଯେଉଁ Romantic Revival ଯୁଗ ଦେଖାଦେଇଥିଲା, ସେଇ ପୁନରାବର୍ତ୍ତନ ପାଇଁ ଭାରତୀୟ ଚିନ୍ତାଧାରାର ଦାନ ଗୁଣ ଦୃଷ୍ଟିରୁ କୌଣସି ଅଂଶରେ ଊଣା ନୁହେଁ। ତା' ଅବଶ୍ୟ ସ୍ୱତନ୍ତ୍ର ବିଚାରର କଥା।

କେବଳ କାବ୍ୟଚର୍ଚ୍ଚା, ଧର୍ମ ବା ଦାର୍ଶନିକ ତତ୍ତ୍ୱର ଗବେଷଣାରେ ଜୋନ୍ସ ଯେ ନିଜକୁ ବ୍ୟସ୍ତ ରଖିଥିଲେ ତା' ନୁହେଁ, ତାଙ୍କ ଦୃଷ୍ଟିର ଦିଗ୍‌ବଳୟ ଥିଲା ଅଧିକ ବ୍ୟାପକ ଓ ସଂପ୍ରସାରିତ। ହିନ୍ଦୁ ସ୍ମୃତି ଅନୁଯାୟୀ ଭାରତ ଶାସନର ସୁବିଧା ସକାଶେ ଚାର୍ଲସ ଉଇଲକିନ୍‌ସ 'ମନୁ ସଂହିତା'ର ଅନୁବାଦ ଆରମ୍ଭ କରିଥିଲେ; କିନ୍ତୁ ଏକ ତୃତୀୟାଂଶ ଅନୁବାଦ ପରେ ଏହି କାର୍ଯ୍ୟ ସେ ଛାଡ଼ିଦେବାରୁ ଜୋନ୍ସ ସେଇ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ବିପୁଳ ପରିଶ୍ରମ ସହକାରେ ତାହା ସଂପନ୍ନ ମଧ୍ୟ କରିଥିଲେ। ଜୋନ୍ସଙ୍କ ମୃତ୍ୟୁ ପରେ ଏହି ଗ୍ରନ୍ଥଟି ପ୍ରକାଶିତ ହୁଏ (The Instiutes of Hindu Law or the Ordinance of Menu according to glossary of Culluca, 1794)। ଇସଲାମୀ ଉତ୍ତରାଧିକାର ସଂପର୍କରେ ମଧ୍ୟ ଜୋନ୍ସ ଗୋଟିଏ ଗ୍ରନ୍ଥ ରଚନା କରିଥିଲେ (Mohammedan Law of Succession of Property to intestates and Mohammedan Law of inheritance – 1792)। ଭାରତକୁ ଆସି ସେ ଯେ ବିଶେଷ ଆତ୍ମସନ୍ତୋଷ ଲାଭ କରିଥିଲେ ତାହା ତାଙ୍କର ଭୂତପୂର୍ବ ଛାତ୍ର ଲର୍ଡ଼ ଆଲଥୋପଙ୍କ ନିକଟକୁ ଲିଖିତ ଗୋଟିଏ ପତ୍ରରୁ ସ୍ପଷ୍ଟ ଜଣାପଡ଼େ (ଦ୍ର : Asiatic Jones, Arberry, P22)। ୧୭୮୭ ଖ୍ରୀ: ଅ:ରେ ତାଙ୍କରି ନିକଟକୁ ଲିଖିତ ଅନ୍ୟ ଏକ ପତ୍ରରେ ସେ ଜଣାଇଛନ୍ତି ଯେ, ଯେ କୌଣସି ୟୁରୋପୀୟ ଅପେକ୍ଷା ଏ ଦେଶ ସମ୍ବନ୍ଧରେ ଅଧିକ ଜ୍ଞାନାର୍ଜନ ହିଁ ତାଙ୍କ ଜୀବନର ଲକ୍ଷ୍ୟ।

ସଂସ୍କୃତ ଅଧ୍ୟୟନଜନିତ ଗୁରୁ ପରିଶ୍ରମ ଫଳରେ ୧୭୮୭ ଖ୍ରୀ: ଅ: ରେ ଜୋନ୍ସ ଅସୁସ୍ଥ ହୋଇପଡ଼ନ୍ତି। ଏହି ସମୟରେ ରୋଗଶଯ୍ୟାରେ ଥାଇ ଭାରତୀୟ ଉଦ୍‌ଭିଦ-ବିଦ୍ୟା ପ୍ରତି ସେ ଆକୃଷ୍ଟ ହୁଅନ୍ତି ଏବଂ ଉଭିଦ–ବିଦ୍ୟାର ଗବେଷଣା ପାଇଁ ବହୁ ପରିଶ୍ରମରେ ପ୍ରଚୁର ତଥ୍ୟ ମଧ୍ୟ ସଂଗ୍ରହ କରନ୍ତି। ୧୭୯୧ ଖ୍ରୀ: ଅ: ର ଅକ୍ଟୋବର ମାସରେ ଇଂଲଣ୍ଡରେ ରହୁଥିବା ୱାରେନ୍ ହେଷ୍ଟିଙ୍ଗସ୍‌ଙ୍କୁ ଗୋଟିଏ ପତ୍ର ଲେଖି ସେ ଜଣାନ୍ତି ଯେ ଉଦ୍‌ଭିଦ-ବିଦ୍ୟା-ଚର୍ଚ୍ଚା ଏବଂ ପଣ୍ଡିତମାନଙ୍କ ସହିତ ଦେବଭାଷାରେ (ସଂସ୍କୃତ) କଥୋପକଥନ ହିଁ ତାଙ୍କ ପାଇଁ ସର୍ବାପେକ୍ଷା ସୁଖପ୍ରଦ। ଆଧୁନିକ ଭାରତୀୟ ଉଦ୍‌ଭିଦବିଦ୍ୟାରେ ବିଜ୍ଞାନସମ୍ମତ ଗବେଷଣାର ଅନ୍ୟତମ ପ୍ରବର୍ତ୍ତକ ଜୋନ୍ସଙ୍କ ନାମ ଚିରସ୍ମରଣୀୟ କରିବା ପାଇଁ ଉଦ୍‌ଭିଦ୍-ବିଜ୍ଞାନୀ ଡକ୍ଟର ଉଇଲିୟମ୍ ରକ୍ସବାର୍ଗ

Digitized by PPRACHIN, SOA

ଭାରତୀୟ ସାହିତ୍ୟରେ ସୁପରିଚିତ ଅଶୋକ ବୃକ୍ଷକୁ "ଜୋନେସିୟା ଅଶୋକ" (Jonesia Asoka) ବୋଲି ନାମକରଣ କରିଛନ୍ତି। ଉଦ୍ଭିଦ—ବିଜ୍ଞାନ ବ୍ୟତୀତ ଭାରତର ଅତୀତ ଇତିହାସ, ଭୂ-ବୃତ୍ତାନ୍ତ, ହିନ୍ଦୁ-ସଂଗୀତ ଓ ପ୍ରାଣୀ-ବିଜ୍ଞାନ ସଂପର୍କରେ ମଧ୍ୟ ଜୋନ୍ସଙ୍କର ଥିଲା ପ୍ରବଳ ଆକର୍ଷଣ ଏବଂ ଏ ସକଳ ବିଷୟର ଗବେଷଣାରେ ମଧ୍ୟ ସେ ଥିଲେ ପଥିକୃତ୍।

ଜୋନ୍ସଙ୍କ ପତ୍ନୀ ଆନା ଥିଲେ ସ୍ୱାମୀଙ୍କର ଏକାନ୍ତ ଅନୁଗତା ସହଧର୍ମିଣୀ ଏବଂ ସ୍ୱାମୀଙ୍କର ପ୍ରତ୍ୟେକଟି କାର୍ଯ୍ୟରେ ତାଙ୍କର ଆନ୍ତରିକ ଉତ୍ସାହ ଓ ସମର୍ଥନ ରହିଥିଲା। ଭାରତକୁ ଆସି ତାଙ୍କର ଦେହ ଭଲ ରହୁ ନ ଥିଲା; ତଥାପି ଚିକିତ୍ସକମାନଙ୍କ ପରାମର୍ଶ ଅନୁଯାୟୀ ସ୍ୱାମୀଙ୍କୁ ଭାରତରେ ଏକାକୀ ରଖି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ସେ ସମ୍ମତ ହେଉ ନ ଥିଲେ। କିନ୍ତୁ ଭାରତରେ ସ୍ୱାସ୍ଥ୍ୟୋଦ୍ଧାରର କୌଣସି ଆଶା ନ ରହିବାରୁ ଅଗତ୍ୟା ଜୋନ୍ସ—ପତ୍ନୀ ୧୭୯୩ ଖ୍ରୀ:ଅ: ଡିସେମ୍ବର ମାସରେ ଭାରତ ତ୍ୟାଗ କରିଥିଲେ। ଭାରତର ଜ୍ଞାନ—ବିଜ୍ଞାନ ଆହୁରି ଅଧିକତର ଭାବେ ଆୟତ୍ତ ନ କରି ଭାରତ ତ୍ୟାଗ କରିବାର ସ୍ପୃହା ଜୋନ୍ସଙ୍କର ନ ଥିଲା। କିନ୍ତୁ ପତ୍ନୀ—ବିରହ ଦୀର୍ଘକାଳ ପାଇଁ ତାଙ୍କ ଭଳି ଅନୁରକ୍ତ ସ୍ୱାମୀଙ୍କ ପକ୍ଷରେ ସମ୍ଭବପର ନୁହେଁ ବୋଲି ଚିନ୍ତା କରି ସେ ପରିକଳ୍ପନା କରିଥିଲେ ଯେ ଆଉ ଗୋଟିଏ ବର୍ଷ ଅନ୍ତତଃ ଭାରତରେ ରହି ମନୁସ୍ମୃତିର ଅନୁବାଦ ପ୍ରକାଶିତ ହେବା ପରେ ୧୭୯୫ ଖ୍ରୀ: ଅ: ର ପ୍ରଥମ ଭାଗରେ ଭାରତ ତ୍ୟାଗ କରିବେ। ପତ୍ନୀଙ୍କ ସହିତ କେବଳ ମିଳିତ ହେବା ପାଇଁ ଭାରତ – ତ୍ୟାଗର ସିଦ୍ଧାନ୍ତ ସେ ଗ୍ରହଣ କରିଥିଲେ ସିନା, ନତୁବା ଭାରତ—ତ୍ୟାଗର ଇଚ୍ଛା ତାଙ୍କର ପ୍ରାଣରେ ଆଦୌ ନ ଥିଲା। କିନ୍ତୁ, ବିଧାତାଙ୍କର ଅମୋଘ ବିଧାନରେ ସ୍ୱଦେହରେ ଭାରତ-ତ୍ୟାଗ ଜୋନ୍ସଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା ଏବଂ ପତ୍ନୀଙ୍କ ସହିତ ତାଙ୍କର ଇପ୍ସିତ ମିଳନ ମଧ୍ୟ ଇହଲୋକରେ ଆଉ ସଂଘଟିତ ହୋଇ ନ ଥିଲା। ସାଧ୍ୟାତିରିକ୍ତ ଗୁରୁ ପରିଶ୍ରମ ହିଁ ଥିଲା ତାଙ୍କ ସ୍ୱାସ୍ଥ୍ୟଭଙ୍ଗର କାରଣ। ୧୭୯୪ ଖ୍ରୀ: ଅ: ର ୨୦ ଏପ୍ରିଲରେ ଜୋନ୍ସ ଅସୁସ୍ଥବୋଧକରି ଶଯ୍ୟା ଗ୍ରହଣ କରନ୍ତି ଏବଂ ଗୋଟିଏ ସପ୍ତାହ ମଧ୍ୟରେ ଏପ୍ରିଲ୍ ତା୨୭ରିଖରେ କଲିକତାରେ ସେ ପରଲୋକ ଗମନ କରନ୍ତି। ତାଙ୍କର ମରଲୋକଗମନ ସଂବାଦରେ କଲିକତାର ଦେଶୀୟ ବିଦେଶୀୟ ସକଳ ପ୍ରକାର ନାଗରିକ ଶୋକମଗ୍ନ ହୋଇଥିଲେ। ବହୁ ଦେଶୀୟ ପଣ୍ଡିତଙ୍କ ସହିତ ଜୋନ୍ସଙ୍କ ଘନିଷ୍ଠ ସଂବନ୍ଧ ସ୍ଥାପିତ ହୋଇଥିଲା ଏବଂ ତାଙ୍କ ମୃତ୍ୟୁରେ ସେମାନେ ଆତ୍ମୀୟ ବିୟୋଗର ବେଦନା ଅନୁଭବ କରିଥିଲେ। ଉପଯୁକ୍ତ ମର୍ଯ୍ୟାଦା ସହକାରେ ତାଙ୍କର ନଶ୍ୱର ଦେହ ପାର୍କ ଷ୍ଟ୍ରୀଟର ସମାଧି କ୍ଷେତ୍ରରେ ସମାହିତ କରାଯାଇଥିଲା (ସାଉଥ ପାର୍କ ଷ୍ଟ୍ରୀଟ ବରିୟାଲ ଗ୍ରାଉଣ୍ଡ)।

Digitized by PPRACHIN, SOA

ଜୋନ୍ସଙ୍କ ଅକାଳମୃତ୍ୟୁ ପରେ ଇଷ୍ଟ ଇଣ୍ଡିଆ କୋମ୍ପାନୀ ଲଣ୍ଡନର ସେଣ୍ଟପଲସ୍ କ୍ୟାଥିଡ୍ରେଲରେ ତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ସ୍ମାରକସ୍ତମ୍ଭ ଉତ୍ସର୍ଗ କରନ୍ତି। ଜୋନ୍ସଙ୍କର ଗୋଟିଏ ମର୍ମର ମୂର୍ତ୍ତି ମଧ୍ୟ କୋମ୍ପାନୀ ବ୍ୟୟରେ ନିର୍ମିତ ହୋଇ କଲିକତାରେ ସ୍ଥାପନ ନିମିତ୍ତ ପ୍ରେରିତ ହୁଏ। ଜୋନ୍ସ – ପତ୍ନୀ ଆନା ସ୍ୱର୍ଗୀୟ ସ୍ୱାମୀଙ୍କ ସ୍ମୃତିରକ୍ଷା ପାଇଁ ଅକ୍ସଫୋର୍ଡ଼ର ୟୁନିଭର୍ସିଟି କଲେଜର ଭୋଜନାଗାର ପାର୍ଶ୍ୱରେ ଗୋଟିଏ ମର୍ମର ମୂର୍ତ୍ତି ପ୍ରତିଷ୍ଠିତ କରନ୍ତି। ୧୭୯୯ ଖ୍ରୀ: ଅ: ରେ ସେ ଜୋନ୍ସଙ୍କର ସମସ୍ତ ପ୍ରକାଶିତ ରଚନା ଏକତ୍ରିତ କରି ସମ୍ପାଦନା ପୂର୍ବକ ଛଅ ଖଣ୍ଡରେ ପ୍ରକାଶ କରନ୍ତି (The works of Sir William Jones, 6 vols, Ed, by Anna Maria Jones)। ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ତାଙ୍କ ଜୀବନ ଚରିତରେ ଲେଖିଛନ୍ତି ଯେ, ଜୋନ୍ସଙ୍କ ପକ୍ଷରେ ତଦୀୟ ସହଧର୍ମିଣୀ କର୍ତ୍ତୃକ ମୁଦ୍ରିତ ଓ ପ୍ରକାଶିତ ତାଙ୍କର ଗ୍ରନ୍ଥାବଳୀ ହିଁ ହେଉଛି "ସର୍ବାପେକ୍ଷା ସମଧିକ ପ୍ରଶଂସନୀୟ ଓ ଅବିନଶ୍ୱର କୀର୍ତ୍ତିସ୍ତମ୍ଭ।" ଭାରତର ଗଭର୍ଣ୍ଣର ଜେନେରାଲ ସାର୍ ଜନଶୋର (ପରେ ଲର୍ଡ଼ ଟେନମାଉଥ) ଜୋନ୍ସଙ୍କର ଥିଲେ ଜଣେ ଅକୃତ୍ରିମ ବଂଧୁ ଏବଂ ଜୋନ୍ସଙ୍କ ମହାପ୍ରୟାଣ କାଳରେ ତାଙ୍କ ଶଯ୍ୟାପାର୍ଶ୍ୱରେ ସେ ଥିଲେ ଉପସ୍ଥିତ। ଜୋନ୍ସଙ୍କ ଜୀବନୀ ଓ ରଚନାବଳୀ ସମ୍ବନ୍ଧରେ ସେ ଦୁଇ ଖଣ୍ଡରେ ଗୋଟିଏ ମୂଲ୍ୟବାନ ପୁସ୍ତକ ରଚନା କରନ୍ତି (Memoirs of life, Writings and Correspondence of Sir William jones – Lord Teignmouth, London, 1804)। ଜୋନ୍ସଙ୍କର ସମଗ୍ର ରଚନାବଳୀର ଦ୍ୱିତୀୟ ସଂସ୍କରଣ ୧୮୦୭ ଖ୍ରୀ: ଅ: ରେ ତେରଟି ଖଣ୍ଡରେ ପୁନର୍ମୁଦ୍ରିତ ହୁଏ। ଲର୍ଡ଼ ଟେନମାଉଥଙ୍କର ପୁସ୍ତକଟି ଗ୍ରନ୍ଥାବଳୀର ୧ମ ଓ ୨ୟ ଭାଗ ରୂପେ ସନ୍ନିବିଷ୍ଟ। ଏଠାରେ ପ୍ରସଙ୍ଗତଃ ଏହା ଉଲ୍ଲେଖଯୋଗ୍ୟ ଯେ ସାର୍ ଉଇଲିୟମ ଜୋନ୍ସଙ୍କର ମୃତ୍ୟୁ ପରେ ଏସିୟାଟିକ ସୋସାଇଟିର ସଭାପତି ରୂପେ ତାଙ୍କର ଶୂନ୍ୟସ୍ଥାନ ସେ ପୂର୍ଣ୍ଣ କରିଥିଲେ।

ଜୋନ୍ସ ତାଙ୍କ ଜୀବଦ୍ଦଶାରେ ହିଁ "ଏସିୟାଟିକ ଜୋନ୍ସ" ନାମରେ ହୋଇଥିଲେ ପରିଚିତ ଏବଂ ଏସିଆର ଜ୍ଞାନଭଣ୍ଡାରର ଦ୍ୱାର ପ୍ରତୀଚ୍ୟ ଜଗତ ନିକଟରେ ଉନ୍ମୁକ୍ତ କରିଦେବା ଥିଲା ତାଙ୍କ ଜୀବନର ବ୍ରତ। ସେ ହେଉଛନ୍ତି ପ୍ରଥମ ୟୁରୋପୀୟ ଯେ କି ହିନ୍ଦୁ ଓ ଇସଲାମ ଧର୍ମର ମାହାତ୍ମ୍ୟ ଉପଲବ୍ଧ କରିପାରିଥିଲେ ଏବଂ ୟୁରୋପରେ ତାହା ପ୍ରଚାରର ଉଦ୍ୟମ କରିଥିଲେ। ଜୋନ୍ସଙ୍କ ରଚନା ମାଧ୍ୟମରେ ପ୍ରାଚ୍ୟ ଭାବଧାରା ଅଷ୍ଟାଦଶ ଶତକରେ ଇଂରାଜୀ ସାହିତ୍ୟ ଉପରେ ପ୍ରଭାବ ବିସ୍ତାର କରି ଏହାର ପୁଷ୍ଟିସାଧନ କରିଥିଲା। ଏହି ଶତକରେ ସାଦେ (Robert Southey, 1774–1843), ଟମାସ ମୂର Thomas Moore, 1779– 1852), ଶେଲୀ (P. B. Shelly, 1792– 1822) ଏବଂ ପରବର୍ତ୍ତୀ ଶତକର ଟେନିସନ (Alfred Tennyson, 1809) ପ୍ରଭୃତିଙ୍କ ରଚନାବଳୀରେ ଉଇଲିୟମ ଜୋନ୍ସଙ୍କର ପ୍ରଭାବ ପରିଲକ୍ଷିତ ହୁଏ। ଶେଲୀଙ୍କ ପ୍ରଥମ ଜୀବନର ରଚନାରେ ଯେଉଁ ନାସ୍ତିକତା ଓ ବସ୍ତୁତାନ୍ତ୍ରିକତା ଲକ୍ଷ୍ୟ କରାଯାଏ, ଉତ୍ତର କାଳରେ ପ୍ରକୃତିପୂଜା ଓ ଆଧ୍ୟାତ୍ମିକ ଚେତନା ତା'ର ସ୍ଥାନ ଅଧିକାର କରେ।

Digitized by PPRACHIN, SOA

ଉଇଲିୟମ ଜୋନ୍ସଙ୍କ ରଚନାର ପ୍ରଭାବ ହିଁ ଶେଲୀଙ୍କ ମାନସିକ ବିବର୍ତ୍ତନର କାରଣ ରୂପେ ଅନୁମିତ ହୁଏ (ଦ୍ର: Sir William Jones and English Literature, Pinto. V. De. Sola, P. 694)' ଅଧ୍ୟାପକ ହିଉୟେଟଙ୍କ ମତରେ ଜୋନ୍ସଙ୍କର "ହିମସ୍ ଟୁ ନାରାୟଣ" ଦ୍ୱାରା ପ୍ରଭାବିତ ହୋଇ ଶେଲୀ ତାଙ୍କର ପ୍ରସିଦ୍ଧ କବିତା "ହିମସ୍ ଟୁ ଇନ୍‌ଟେଲେକ୍‌ଚୁଆଲ ବିଉଟି" ରଚନା କରନ୍ତି (ଦ୍ର: Harmonious Jones, R.H. Hewitt) । କିଟସ୍‌ଙ୍କର "ହାଇପେରିୟନ" କବିତାର ପ୍ରଥମାଂଶ ଉପରେ ଜୋନ୍ସଙ୍କ 'ହିମସ୍' ଗୁଡ଼ିକର ପ୍ରଭାବ ଲକ୍ଷଣୀୟ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି (ଦ୍ର: Anglo Indian verse – H. Sharp, P. 100)

'କବିରେ ପାବେନା ତାର ଜୀବନଚରିତେ'– କଥାଟି ଅନେକାଂଶରେ ସତ୍ୟ । ଜୋନ୍ସଙ୍କ କ୍ଷେତ୍ରରେ ଅନ୍ୟ ଗୋଟିଏ କଥା ଆହୁରି ଅଧିକ ସତ୍ୟ – 'ତୋମାର ସୃଷ୍ଟିର ଚେୟେ ତୁମି ଯେ ମହତ ।' ବହୁ ଭାଷାବିତ୍ ପଣ୍ଡିତ, ସୁଲେଖକ ଓ ସୁକବି ହିସାବରେ ଜୋନ୍ସ ଅବଶ୍ୟ ସ୍ମରଣୀୟ ପୁରୁଷ କିନ୍ତୁ କଲିକତାରେ ଏସିୟାଟିକ ସୋସାଇଟିର ପ୍ରତିଷ୍ଠାତା ରୂପେ ସେ ଯେଉଁ ଅକ୍ଷୟ କୀର୍ତ୍ତି ରଖିଯାଇଛନ୍ତି ତାହା ତାଙ୍କର ଅପର ସକଳ କୀର୍ତ୍ତିକୁ ବହୁ ଦୂର ଅତିକ୍ରମ କରିଯାଇଛି । ତାଙ୍କର ବ୍ୟକ୍ତିଗତ ଜୀବନ ଥିଲା ସ୍ୱଚ୍ଛ ଓ ଅମଳିନ ଏବଂ ପରଦୁଃଖକାତରତା, ନ୍ୟାୟପରାୟଣତା, ଉଦାର ହୃଦୟବତ୍ତା ଓ ମହାନୁଭବତା ପ୍ରଭୃତି ଉଚ୍ଚ ମାନବିକ ଗୁଣାବଳୀର ସେ ଥିଲେ ଅଧିକାରୀ । ସୋସାଇଟିର ପ୍ରତିଷ୍ଠାତା ଜୋନ୍ସଙ୍କ ପରେ ସୋସାଇଟିର ଉଲ୍ଲେଖଯୋଗ୍ୟ କର୍ମୀମାନଙ୍କର ମଧ୍ୟରେ ଉଇଲକିନ୍ସ, କୋଲବ୍ରୁକ, ଉଇଲସନ, ପ୍ରିନ୍ସେପ, କନିଂହାମ, ବ୍ଲକମ୍ୟାନ (Blochman,1838 – 1878), ବିଭାରିଜ୍, ହଜସନ, କ୍ଷୋମ ଦ୍ୟ କରୋସୀ, ରାଜା ରାଜେନ୍ଦ୍ରଲାଲ ମିତ୍ର (1822-1891), ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ (1853 – 1931) ପ୍ରଭୃତି ଭାରତବିଦ୍ୟାର ବିଭିନ୍ନ କ୍ଷେତ୍ରରେ ଦିକ୍‌ପାଳ ପଣ୍ଡିତ ରୂପେ ପରିଗଣିତ ହୋଇଛନ୍ତି । ଏସିୟାଟିକ ସୋସାଇଟି ତା'ର ଜନ୍ମଲଗ୍ନରୁ ହିଁ ଭାଷାତତ୍ତ୍ୱ, ଇତିହାସ, ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ମୁଦ୍ରାତତ୍ତ୍ୱ, ଶିଳ୍ପକଳା, ଧର୍ମ, ଦର୍ଶନ ଓ ଲୋକ ସାହିତ୍ୟ ଗବେଷଣାର ସୂତ୍ରପାତ କରିଅଛି । ସୋସୋଇଟିରେ ଗବେଷଣା କାର୍ଯ୍ୟ ପାଇଁ ଚାରିଟି ରିସର୍ଚ୍ଚ ଫେଲୋସିପର ବ୍ୟବସ୍ଥା ବର୍ତ୍ତମାନ ରହିଛି । ସେଗୁଡ଼ିକ ହେଉଛି ସାର୍ ଉଇଲିୟମ ଜୋନ୍ସ ଫେଲୋସିପ (ସଂସ୍କୃତ ଗବେଷଣା), ଜେମସ୍ ପ୍ରିନ୍ସେପ ସ୍କଲାରସିପ (ଲିପିତତ୍ତ୍ୱ ଓ ମୁଦ୍ରାତତ୍ତ୍ୱ ବିଷୟକ ଗବେଷଣା), ରାଜା ରାଜେନ୍ଦ୍ରଲାଲ ମିତ୍ର ଫେଲୋସିପ (ବୌଦ୍ଧଶାସ୍ତ୍ର ଗବେଷଣା) ଓ ଆର. ଜି. କେସି ଫେଲୋସିପ (ଇସଲାମୀୟ ଗବେଷଣା) ।

ଉଇଲିୟମ ଜୋନ୍ସ କର୍ତ୍ତୃକ ପ୍ରତିଷ୍ଠା ସମୟରେ ସୋସାଇଟିର ନାମ ଥିଲା 'The Asiatick Society'; ୧୮୨୫ ଖ୍ରୀ:ଅ:ରେ ଏସିଆଟିକ୍ ଶବ୍ଦରୁ 'K' ଅକ୍ଷରଟି ବାଦ୍ ଦିଆଯାଏ । ୧୮୩୨ ଖ୍ରୀ: ଅ: ରେ ଜେମ୍‌ସ ପ୍ରିନ୍ସେପ ସୋସାଇଟିର ଅନୁମତି କ୍ରମେ 'ଗ୍ଲିନିଂସ ଇନ୍ ସାୟେନ୍ସ" ପତ୍ରିକାଟି "ଜର୍ଣ୍ଣାଲ ଅବ୍ ଏସିୟାଟିକ୍ ସୋସାଇଟି" ନାମରେ ପ୍ରକାଶ କରନ୍ତି । ଲଣ୍ଡନରେ "ରୟାଲ ଏସିୟାଟିକ ସୋସାଇଟି"

Digitized by PPRACHIN, SOA

ସହିତ ନାମ ସାଯୁଜ୍ୟ ହେତୁ ପାଠକବୃନ୍ଦ ବିଭ୍ରାନ୍ତ ହେବେ ଭାବି ପ୍ରିନ୍‌ସେପ ଏହାକୁ "ଜର୍ଣ୍ଣାଲ ଅବ୍ ଏସିଯାଟିକ୍ ସୋସାଇଟି ଅବ୍ ବେଙ୍ଗଲ" ନାମରେ ପ୍ରକାଶ କରନ୍ତି। "ଏସିଯାଟିକ ସୋସାଇଟି ଅବ୍ ବେଙ୍ଗଲ" ଅଭିଧାଟି ଜର୍ଣ୍ଣାଲ ମାଧ୍ୟମରେ ସର୍ବତ୍ର ସୁପରିଚିତ ଓ ବହୁ ବ୍ୟବହୃତ ହେବା ଫଳରେ ସୋସାଇଟି ୧୮୫୧ ଖ୍ରୀ: ଅ:-ରୁ କାଗଜପତ୍ରାଦିରେ ସରକାରୀ ଭାବେ ଏହି ନାମଟିର ବ୍ୟବହାର ଆରମ୍ଭ କରନ୍ତି। ୧୯୩୪ ଖ୍ରୀ:ଅ ର ଜାନୁଆରୀ ତା ୧୫ରିଖରେ ସୋସାଇଟିର ୧୫୦ ତମ ପ୍ରତିଷ୍ଠା ବାର୍ଷିକୀ ଅନୁଷ୍ଠିତ ହୁଏ। ଏହି ସମୟରେ ସଦସ୍ୟଗଣ ରାଜକୀୟ ଅନୁମତି ଗ୍ରହଣପୂର୍ବକ ସୋସାଇଟିର ନାମ 'ରୟାଲ ଏସିଯାଟିକ ସୋସାଇଟି' ରଖିବାକୁ ସିଦ୍ଧାନ୍ତ ଗ୍ରହଣ କରନ୍ତି ଏବଂ ଭାରତର ଗଭର୍ଣ୍ଣର ଜେନେରାଲଙ୍କ ନିକଟରୁ ପ୍ରାପ୍ତ ଅନୁମତି ଅନୁସାରେ ୧୯୩୬ ଖ୍ରୀ: ଅ: ରୁ ଏହା 'ରୟାଲ ଏସିଯାଟିକ ସୋସାଇଟି ଅବ୍ ବେଙ୍ଗଲ' ନାମରେ ପରିଚିତ ହୁଏ। ଭାରତର ସ୍ୱାଧୀନତା ପ୍ରାପ୍ତି ପରେ 'ରୟାଲ' ଓ 'ବେଙ୍ଗଲ' କଥା ଦୁଇଟି ବାଦ୍ ଦେଇ ୧୯୫୧ ଖ୍ରୀ: ଅ: ଜୁଲାଇ ମାସରୁ ସୋସାଇଟି ତା'ର ପ୍ରାଚୀନତମ ନାମଟି ଗ୍ରହଣ କରି ଅଧୁନା "ଏସିଯାଟିକ ସୋସାଇଟି" ଭାବରେ ପୁନରାୟ ପରିଚିତ। ଜ୍ଞାନ – ବିଜ୍ଞାନ କ୍ଷେତ୍ରରେ 'ଏସିଯାଟିକ ସୋସାଇଟି'ର ସେବାଧନ୍ୟ ଭାରତ ତଥା ବିଶ୍ୱବାସୀଙ୍କ ଅନ୍ତରରେ ଏହାର ପ୍ରତିଷ୍ଠାତା ମହାମତି ସାର୍ ଉଇଲିୟମ ଜୋନ୍ସଙ୍କର ସ୍ମୃତି ଚିରକାଳ ଯେ ଭାସ୍ୱର ହୋଇ ବିରାଜମାନ କରିବ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ଏବଂ ନିଜର କୀର୍ତ୍ତି ଓ କୃତିତ୍ୱଠାରୁ ମହୀୟାନ୍ ଓ ମହିମାବନ୍ତ ଜୋନ୍ସ ତାଙ୍କର ସୁଯୋଗ୍ୟା ସହଧର୍ମିଣୀ ଆନାଙ୍କ ସହିତ ଆମ ନିକଟରେ ସବୁକାଳ ପାଇଁ ସ୍ମରଣୀୟ ଓ ନମସ୍ୟ ହୋଇ ରହିବେ।

■ ■

ସହାୟକ ଗ୍ରନ୍ଥ ଓ ଲେଖାବଳୀ–

୧। Asiatic Jones– A. J. Arberry, London, 1946

୨। The works of the English Poets, VII– London, 1810.

୩। ଉଇଲିୟମ ଜୋନ୍ସ – ଗୌରାଙ୍ଗ ଗୋପାଳ ସେନଗୁପ୍ତ

୪। 'ଭୂମିକା' (ବିଦେଶୀୟ ଭାରତବିଦ୍ୟା ପଥିକ)–ଡକ୍ଟର ସୁନୀତି କୁମାର ଚଟ୍ଟୋପାଧ୍ୟାୟ

୫। The Hymns of Sir William jones–L. S. R.Krishna Sastry.

୬। Fascination for the Orient (The Hindu – Sep. 22, 1991) – K. S. Srinivasan.

୭। Sir William Jones– The Orientalist, – G. H. Cannon (Jr.) Honolulu, Hawai, 1952.

Digitized by PPRACHIN, SOA

ବାଗ୍‌ଦେବୀ ସରସ୍ୱତୀ

ପୁରାଣ ଓ ପୁରାଣୋତ୍ତର ଆଧୁନିକ ଯୁଗରେ ସରସ୍ୱତୀ ବାକ୍ୟ ବା ଶବ୍ଦର ଅଧିଷ୍ଠାତ୍ରୀ ବାଗ୍‌ଦେବୀ ରୂପେ ପ୍ରସିଦ୍ଧା। ପରବର୍ତ୍ତୀ କାଳରେ ବୈଦିକ ସରସ୍ୱତୀର ଅନ୍ୟ ପରିଚୟ ବିଲୁପ୍ତ ହୋଇଯିବା ଫଳରେ ସେ ବର୍ତ୍ତମାନ କେବଳ ବିଦ୍ୟାର ଅଧିଷ୍ଠାତ୍ରୀ ଦେବୀ ରୂପେ ହିଁ ପ୍ରତିଷ୍ଠିତା। ବେଦରେ ପୁରୁଷ ଦେବତାଙ୍କର ପ୍ରାଧାନ୍ୟ ଓ ସଂଖ୍ୟାଧିକ୍ୟ ଆମେ ଲକ୍ଷ୍ୟ କରୁ। ସ୍ୱଳ୍ପ ସଂଖ୍ୟକ ନାରୀ– ଦେବତାମାନଙ୍କ ମଧ୍ୟରେ ଅପେକ୍ଷାକୃତ ପ୍ରାଧାନ୍ୟ ଲାଭ କରିଛନ୍ତି ଉଷା, ଅଦିତି ଓ ସରସ୍ୱତୀ। ସରସ୍ୱତୀଙ୍କ ସହିତ ଇଡ଼ା ଓ ଭାରତୀ ନାମ୍ନୀ ଦୁଇ ଦେବତାଙ୍କର ନାମ ଅନେକ ସମୟରେ ସଂଶ୍ଳିଷ୍ଟ। ଏଇ ତିନି ଦେବତାଙ୍କୁ ଏକତ୍ର ଆହ୍ୱାନ ବା ସ୍ତୁତି ଅନେକ ସମୟରେ କରାଯାଇଛି।

'ଭାରତୀଚେ ସରସ୍ୱତୀ ଯାବଃ ସର୍ବା ଉପବ୍ରୁବେ।
ତା ନଶ୍ଚୋଦୟତ ଶ୍ରିୟେ।' (ଋକ୍‌ବେଦ– ୧/୧୮୮/୮)

ଅର୍ଥାତ୍, ''ହେ (ଅଗ୍ନିରୂପ) ଭାରତୀ, ସରସ୍ୱତୀ ଓ ଇଳା! ମୁଁ ତୁମ ସକଳଙ୍କୁ ଆହ୍ୱାନ କରୁଛି। ଯାହାଦ୍ୱାରା ମୁଁ ସମୃଦ୍ଧିଶାଳୀ ହୋଇ ପାରିବି, ତାହା କର।'' ସାୟନାଚାର୍ଯ୍ୟ ୩/୪/୮ ଋକ୍‌ର ଭାଷ୍ୟରେ ଇଡ଼ା, ଭାରତୀ ଓ ସରସ୍ୱତୀଙ୍କୁ ତ୍ରିସ୍ଥାନସ୍ଥିତ ସୂର୍ଯ୍ୟାଗ୍ନି ସଂପର୍କିତା ବାକ୍ ରୂପରେ ମଧ୍ୟ ବ୍ୟାଖ୍ୟା କରିଛନ୍ତି। ଇଡ଼ା ଭୂମିସ୍ଥିତା ବାକ୍ ଏବଂ ସରସ୍ୱତୀ ମଧ୍ୟମସ୍ଥାନସ୍ଥିତା ମାଧ୍ୟମିକା ବାକ୍। ଆଚାର୍ଯ୍ୟ ମହୀଧର ଶୁକ୍ଳଯଜୁର୍ବେଦର ୨୦/୬୩ ମନ୍ତ୍ରର ଭାଷ୍ୟରେ କହିଛନ୍ତି, 'ସରସ୍ୱତୀ ମଧ୍ୟସ୍ଥାନା, ଭାରତୀ ଦ୍ୟୁସ୍ଥାନା, ଇଡ଼ା ପୃଥିବୀସ୍ଥାନା।' ଇଡ଼ା, ଭାରତୀ ଓ ସରସ୍ୱତୀ ଏଇ ଦେବୀତ୍ରୟଙ୍କୁ ଏକତ୍ର ଆହ୍ୱାନ କରାଗଲେ ମଧ୍ୟ ଏମାନଙ୍କର କୌଣସି ଗୁଣକର୍ମର ପରିଚୟ ମନ୍ତ୍ର ମଧ୍ୟରେ ନାହିଁ। ତେବେ ଯଜ୍ଞରେ ଏମାନଙ୍କର ଆଗମନ ଓ ଅବସ୍ଥାନ ଏବଂ ଏମାନଙ୍କ ଦ୍ୱାରା ଯଜ୍ଞରକ୍ଷାର ବାରମ୍ବାର ଉଲ୍ଲେଖ ହେତୁ ଏଇ ତିନିଦେବୀଙ୍କୁ ଯଜ୍ଞାଗ୍ନି ରୂପେ ଭାଷ୍ୟକାରଗଣ ଗ୍ରହଣ କରିଛନ୍ତି। ଆଚାର୍ଯ୍ୟ ସାୟନ, ଆଚାର୍ଯ୍ୟ ମହୀଧର ଓ ଆଚାର୍ଯ୍ୟ ଯାସ୍କ ପ୍ରମୁଖ ବେଦର ସୁପ୍ରସିଦ୍ଧ ଭାଷ୍ୟକାରଗଣ ଏଇ ଦେବୀତ୍ରୟଙ୍କୁ ଅଗ୍ନି ବା ଆଦିତ୍ୟ ରୂପରେ ଗ୍ରହଣ କରିଥିବାର ଆମେ ଦେଖୁଁ। ଉଲ୍ଲିଖିତ ୧/୧୮୮/୮ ଋକ୍‌ର ଭାଷ୍ୟରେ ସାୟନାଚାର୍ଯ୍ୟ ଏଇ ତିନିଦେବୀଙ୍କୁ ଦ୍ୟୁଲୋକ, ଭୂଲୋକ ଓ ଅନ୍ତରୀକ୍ଷଲୋକସ୍ଥିତ ଅଗ୍ନି ଅର୍ଥାତ୍ ସୂର୍ଯ୍ୟ,

Digitized by PPRACHIN, SOA

ଅଗ୍ନି ଓ ବିଦ୍ୟୁତ୍ ଅଗ୍ନିର ଏଇ ତିନୋଟି ରୂପ ବୋଲି ବ୍ୟାଖ୍ୟା କରିଛନ୍ତି। ଏଇ ପ୍ରସଙ୍ଗରେ ଡକ୍ଟର ଅମରେଶ୍ୱର ଠାକୁର ଲେଖିଛନ୍ତି, " ଭାରତୀ, ଇଳା ଏବଂ ସରସ୍ୱତୀ – ଏମାନେ କ୍ରମାନ୍ୱୟରେ ଦ୍ୟୁସ୍ଥାନ ଦେବତା ସୂର୍ଯ୍ୟଜ୍ୟୋତି, ପୃଥିବୀସ୍ଥାନ ଦେବତା ଅଗ୍ନି ଏବଂ ମଧ୍ୟମସ୍ଥାନ ଦେବତା ବିଦ୍ୟୁତ୍। ଏଇ ତିନିହେଁ ହେଉଛନ୍ତି ଅଗ୍ନି– ଫଳରେ ତିସ୍ରୋ ଦେବୀଃ ପୃଥିବୀସ୍ଥାନା ବୋଲି କଥିତ।" ପୁଣି ତିନିଦେବୀ ଏକାତ୍ମ ବୋଲି ଅଥର୍ବ ବେଦରେ ତିନିଜଣଙ୍କୁ ହିଁ ତିନି ସରସ୍ୱତୀ ବୋଲି କୁହାଯାଇଛି – ତିସ୍ରଃ ସରସ୍ୱତୀଯଜ୍ଞୁଃ।" (ଅଥର୍ବ– ୬ / ୧୦/ ୧୦୦/୧) – 'ତିନି ସରସ୍ୱତୀ ଦାନ କରନ୍ତୁ।' ଭାଷ୍ୟକାର ସାୟନ କହିଛନ୍ତି, "ଇଡ଼ା, ଭାରତୀ ଓ ସରସ୍ୱତୀଙ୍କର ଏକତ୍ର ଅବସ୍ଥାନ ହେତୁ ତିନିଜଣଙ୍କୁ ଏକତ୍ର ତିନି ସରସ୍ୱତୀ ବୋଲି କୁହାଯାଇଛି।" ଯଜ୍ଞାଗ୍ନିରୂପା ତିନିଦେବୀ ଯେପରି ଅଭିନ୍ନା, ସେହିପରି ସୂର୍ଯ୍ୟାଗ୍ନିର ଅଭିନ୍ନତା ହେତୁ ଏମାନେ ସୂର୍ଯ୍ୟଙ୍କର ମଧ ତେଜ ବା ଜ୍ୟୋତି। ସେଥିପାଇଁ ଏମାନେ ସୂର୍ଯ୍ୟରୂପୀ ଇନ୍ଦ୍ରଙ୍କର ପତ୍ନୀ। ପରବର୍ତ୍ତୀ କାଳର ପୁରାଣମାନଙ୍କରେ ସରସ୍ୱତୀ ବ୍ରହ୍ମା ବା ସୂର୍ଯ୍ୟ – ବିଷ୍ଣୁଙ୍କର ପତ୍ନୀରେ ପରିଣତ ହୋଇଛନ୍ତି। ଆଚାର୍ଯ୍ୟ ଯୋଗେଶ ଚନ୍ଦ୍ର ରାୟ କହିଛନ୍ତି, " ଇଡ଼ାଙ୍କଠାରୁ ପୁରାଣରେ ଲକ୍ଷ୍ମୀ, ଭାରତୀଙ୍କଠାରୁ ଅମ୍ବିକା ଏବଂ ସରସ୍ୱତୀଙ୍କଠାରୁ ଆମମାନଙ୍କର ପୂଜନୀୟା ସରସ୍ୱତୀଙ୍କର ଆବିର୍ଭାବ ଘଟିଛି।" କିନ୍ତୁ ଇଡ଼ା, ଭାରତୀ ଓ ସରସ୍ୱତୀଙ୍କର ଲକ୍ଷ୍ମୀ, ଅମ୍ବିକା–ଦୁର୍ଗା ଓ ସରସ୍ୱତୀରେ ପରିଣତ ହେବାର ବିବର୍ତ୍ତନ ଧାରା ସ୍ପଷ୍ଟ ନୁହେଁ ବରଂ ଏଇ ତିନିଜଣଙ୍କୁ ଏକ ଓ ଅଭିନ୍ନ ଯଜ୍ଞରୂପା ବା ସୂର୍ଯ୍ୟାଗ୍ନିର ତେଜୋରୂପା ରୂପେ ଗ୍ରହଣ କରିବା ଶ୍ରେୟସ୍କର। ପୁରାଣରେ ସରସ୍ୱତୀ ହେଉଛନ୍ତି ଭାରତୀ ଏବଂ ଏ କାଳରେ ମଧ ସରସ୍ୱତୀଙ୍କୁ ଭାରତୀ ବୋଲି କୁହାଯାଏ।

କିନ୍ତୁ ଏଇ ଦେବୀତ୍ରୟଙ୍କୁ ତ୍ରିସ୍ଥାନସ୍ଥିତ ବାକ୍‌ରୂପରେ ମଧ ବ୍ୟାଖ୍ୟା କରାଯାଇଛି। ଏଠାରେ ବାକ୍‌ର ଅର୍ଥ ଯଜ୍ଞୀୟ ମନ୍ତ୍ର ହୁଏତ ହୋଇପାରେ। ପୁଣି ବାକ୍ ସୂର୍ଯ୍ୟାଗ୍ନିର ପ୍ରକାଶ ବା ତେଜ ମଧ ହୋଇପାରେ। ଆଚାର୍ଯ୍ୟ ଶୌନକ 'ବୃହଦ୍ଦେବତା' ନାମକ ଋକ୍‌ବେଦସଂହିତା– ସୂଚିଗ୍ରନ୍ଥରେ କହିଛନ୍ତି, "ଯେଉଁ ତିନି ଦେବତାଙ୍କର କଥା କୁହାଯାଇଛି, ସେମାନେ ତିନିସ୍ଥାନରେ ଅବସ୍ଥିତା– ତିନି ବାକ୍। ତିନି ପ୍ରକାର ତିନୋଟି ନାମରେ ସେ କଥିତ ହୁଅନ୍ତି– ତିନି ପ୍ରକାର ଜ୍ୟୋତିରେ ସେ ଅବସ୍ଥାନ କରନ୍ତି। ଇଳା ଅଗ୍ନିର ସଂପର୍କାନ୍ୱିତା, ସରସ୍ୱତୀ ମଧସ୍ଥାନା ଐନ୍ଦ୍ରୀ, ଭାରତୀ ଦ୍ୟୁଲୋକାଶ୍ରିତା – ଦ୍ୟୁଲୋକ ହିଁ ଭାରତୀ। ସେଇ ତ୍ରିବିଧା ବାକ୍ ଦ୍ୟୁଲୋକରେ, ଆକାଶରେ ବା ଅନ୍ତରୀକ୍ଷରେ ଏବଂ ପୃଥିବୀରେ ପୃଥକ୍ ଭାବରେ ଏବଂ ସମଗ୍ର ଭାବରେ ଅଗ୍ନିରୂପରେ ହିଁ ପୂଜିତ ହୁଅନ୍ତି।" (୩/୧୨/୧୪) ଅଗ୍ନି, ଇନ୍ଦ୍ର ଓ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପ୍ରଜ୍ୱଳିତ ଅଗ୍ନିର ଶବ୍ଦ ବା ପ୍ରଜ୍ୱଳିତ ଯଜ୍ଞାଗ୍ନିରେ ହବନଦାନର ମନ୍ତ୍ର ହିସାବରେ ଇଳା, ଭାରତୀ, ସରସ୍ୱତୀ ହେଉଛନ୍ତି ବାକ୍‌ରୂପା। ତିନି ଦେବତା ସାଯୁଜ୍ୟ ଓ ସାଧର୍ମ୍ୟ – ବଶତଃ

Digitized by PPRACHIN, SOA

ତିନି ସରସ୍ୱତୀ ପରବର୍ତ୍ତୀକାଳରେ ଏକ ବାଗାଧିଷ୍ଠାତ୍ରୀ ସରସ୍ୱତୀରେ ପରିଣତ ହୋଇଛନ୍ତି। ପଣ୍ଡିତ ଅମୂଲ୍ୟଚରଣ ବିଦ୍ୟାଭୂଷଣ ଏ ପ୍ରସଙ୍ଗରେ ଲେଖିଛନ୍ତି, "ଇଡ଼ା, ଭାରତୀ ଓ ସରସ୍ୱତୀ କ୍ରମଶଃ ଅଭିନ୍ନ ହୋଇପଡ଼ିଛନ୍ତି। କ୍ରମେ ଦେବୀ ସରସ୍ୱତୀଙ୍କଠାରେ ସକଳଗୁଣ ଆରୋପିତ ହୋଇଛି ଏବଂ ଦେବୀ ସରସ୍ୱତୀ ହୋଇଛନ୍ତି ପ୍ରଧାନ।"

ଋକ୍‌ବେଦର ଦ୍ୱିତୀୟ ସରସ୍ୱତୀ ନଦୀ– ସରସ୍ୱତୀଙ୍କ ପ୍ରସଙ୍ଗ ମଧ୍ୟ ଏ କ୍ଷେତ୍ରରେ ପ୍ରଣିଧାନଯୋଗ୍ୟ। ଭଲ ଶକ୍ତି ବା ଶୁଭଶକ୍ତି ଯାହା ମନୁଷ୍ୟକୁ ପୋଷଣ କରେ, ଧାରଣ କରେ, ମହତ କରେ, ତାହା ଯେଉଁ ଯେଉଁ ଦେବୀ– ଭାବନା ମଧ୍ୟରେ ରୂପାୟିତ, ସେଗୁଡ଼ିକ ନଦୀ ଅଥବା ଜଳଧାରା ସହିତ ବିଜଡ଼ିତ। ଯେପରି ବିଶେଷ ଭାବରେ ହେଉଛି ସରସ୍ୱତୀ ଓ ବାକ୍‌ର ସଂପର୍କ। ବୈଦିକୋତ୍ତର ଯୁଗରେ ଭାରତବର୍ଷରେ ପବିତ୍ରତା ଓ ମାହାତ୍ମ୍ୟ ଦୃଷ୍ଟିରୁ ଗଙ୍ଗା ନଦୀର ଯେଉଁ ସ୍ଥାନ ସଂସ୍କୃତି, ବାଙ୍ମୟ ଓ ଲୋକାଚାର ମଧ୍ୟରେ ପରିଦୃଷ୍ଟ ହୁଏ, ବୈଦିକଯୁଗରେ ସରସ୍ୱତୀ ନଦୀର ସେଇ ମହିମା ଓ ଉଚ୍ଚସ୍ଥାନ ରହିଥିଲା ଏବଂ ସରସ୍ୱତୀ ନଦୀକୁ ବୈଦିକ କବିର ଧାତ୍ରୀ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଋଗ୍‌ବେଦର ଶେଷ ମଣ୍ଡଳରେ କେବଳ ଥରେ ମାତ୍ର ଗଙ୍ଗାନଦୀର ଉଲ୍ଲେଖ ଆମେ ଲକ୍ଷ୍ୟ କରୁ। ମହାଭାରତରେ ମଧ୍ୟ ସରସ୍ୱତୀ ତୀର୍ଥର ମାହାତ୍ମ୍ୟ ପରିକୀର୍ତ୍ତିତ। କିନ୍ତୁ ନଦୀ– ସରସ୍ୱତୀ ଆର୍ଯ୍ୟଭୂମିର ଅନ୍ୟତମ ପ୍ରଧାନ ନଦୀରୂପେ ବହୁବାର ଉଲ୍ଲିଖିତ ଏବଂ ସ୍ତୁତ ହୋଇଛି। ସାତଟି ସିନ୍ଧୁ ବା ନଦୀବାହିତ ଆର୍ଯ୍ୟଭୂମି ସପ୍ତସିନ୍ଧୁ ନାମରେ ପରିଚିତ। ସପ୍ତସିନ୍ଧୁର ଉଲ୍ଲେଖ ଋଗ୍‌ବେଦରେ ବାରମ୍ବାର ମିଳିଥାଏ। ସମ୍ଭବତଃ ସରସ୍ୱତୀ, ସିନ୍ଧୁ ଓ ତା'ର ପାଞ୍ଚଟି ଉପନଦୀ ଘେନି ଏଇ ସପ୍ତସିନ୍ଧୁର ନାମକରଣ। ବେଦରେ ସର୍ବମୋଟ ପାଞ୍ଚଟି ସୂକ୍ତରେ ସରସ୍ୱତୀଙ୍କର ସ୍ତୁତି କରାଯାଇଛି। ଏଇ ପାଞ୍ଚଟି ସୂକ୍ତ ମଧ୍ୟରୁ ତିନୋଟିରେ (୬/୬୧; ୭/୯୫; ୭/୯୬) କେବଳ ସରସ୍ୱତୀ ଦେବୀ ସ୍ତୁତ ହୋଇଛନ୍ତି। ଅବଶିଷ୍ଟ ସୂକ୍ତ ଦୁଇଟି ମଧ୍ୟରୁ ଗୋଟିକରେ (୧/୩) ମାତ୍ର ଦୁଇଟି ଋକ୍‌ରେ ସ୍ୱରସ୍ୱତୀଙ୍କର ବନ୍ଦନା ରହିଛି ଏବଂ ଅନ୍ୟ ସୂକ୍ତଟିରେ (୧୦ /୧୭) ସରଣ୍ୟୁ, ପୂଷା, ଆପ ପ୍ରଭୃତି ସହିତ ସରସ୍ୱତୀ ଦେବୀଙ୍କର ସ୍ତୋତ୍ର ପରିଦୃଷ୍ଟ ହୁଏ। କିନ୍ତୁ ମନରେ ପ୍ରଶ୍ନ ଜାଗେ ଯେ ଏଇ ସରସ୍ୱତୀ ଦେବୀ କହିଲେ 'ନଦୀ ସରସ୍ୱତୀ' ବୋଧ୍ୟ, ନା 'ବିଦ୍ୟାଧିଷ୍ଠାତ୍ରୀ ସର୍ବଜନବନ୍ଦିତା ବାଗ୍‌ଦେବୀ ସରସ୍ୱତୀ' ବୋଧ୍ୟ ? ସପ୍ତମ ମଣ୍ଡଳର ଗୋଟିଏ ମନ୍ତ୍ରରେ ସରସ୍ୱତୀଙ୍କୁ ନଦୀସମୂହ ମଧ୍ୟରେ ବେଗବତୀ ବୋଲି ସ୍ତୁତି କରାଯାଇଛି (୭/୯୬/୧୬)। ଏଇ ସୂକ୍ତରେ କୁହାଯାଇଛି ଯେ ନଦୀସମୂହ ମଧ୍ୟରେ ଶ୍ରେଷ୍ଠ ସରସ୍ୱତୀର ଉତ୍ସ ହେଉଛି ପର୍ବତ। ସେଠାରୁ ସମୁଦ୍ର ପର୍ଯ୍ୟନ୍ତ ବେଗବତୀ ହୋଇ ସରସ୍ୱତୀ ପ୍ରବହମାନ। ସରସ୍ୱତୀ ତୀରଠୁଁ ଦୂରେଇ ଯିବାକୁ ବୈଦିକ ଋଷି ନିର୍ବାସନ ଭଳି ମନେ କରୁଥିଲେ। ସରସ୍ୱତୀ ନିକଟରେ ତାଙ୍କର ପ୍ରାର୍ଥନା ଥିଲା, "ହେ ସରସ୍ୱତୀ ! ଆମମାନଙ୍କ ପାଖକୁ

Digitized by PPRACHIN, SOA

ତୁମେ ଆହୁରି ଜଳ ଆଣିଦିଅ। ଦୂରକୁ ଯାଅନା, ଆମକୁ ଧ୍ୱଂସ କରନା, ଆମମାନଙ୍କୁ ସୁଖ ଦେଇ ସ୍ଥାୟୀ ବାସ ଦେଇ ତୁମେ ସୁଖୀ ହୁଅ। ଆମେ ଯେପରି ତୁମ ନିକଟରୁ ଦୂର ମରୁସ୍ଥାନକୁ ନ ଯାଉଁ' (୬/୧୧/୧୪)। ନିଘଣ୍ଟୁର ପ୍ରଥମ ଅଧ୍ୟାୟରେ ଉଲ୍ଲିଖିତ ବାକ୍‌ଦେବୀଙ୍କର ସତାବନଟି ନାମ ମଧ୍ୟରେ ଗୋଟିଏ ନାମ ହେଉଛି ସରସ୍ୱତୀ। ପୁଣି ଏଇ ଅଧ୍ୟାୟରେ ଉକ୍ତ ନଦୀର ପଞ୍ଚତ୍ରିଂଶଟି ନାମ ମଧ୍ୟରେ ସରସ୍ୱତୀ ନାମର ଉଲ୍ଲେଖ ମଧ୍ୟ ରହିଛି। ଋଷିକବିଙ୍କ ଦୃଷ୍ଟିରେ ସରସ୍ୱତୀ ନଦୀଶ୍ରେଷ୍ଠା, ଦେବୀଶ୍ରେଷ୍ଠା, ଜନନୀଶ୍ରେଷ୍ଠା – 'ଅମ୍ବିତମେ ନଦୀତମେ ଦେବୀତମେ ସରସ୍ୱତୀ' (୨/ ୪୧/ ୧୬)। ସାୟନାଚାର୍ଯ୍ୟ ମଧ୍ୟ ପ୍ରଥମ ମଣ୍ଡଳର ତୃତୀୟ ସୂକ୍ତର ଗୋଟିଏ ମନ୍ତ୍ରର ବ୍ୟାଖ୍ୟା ସମୟରେ ସରସ୍ୱତୀଙ୍କୁ ନଦୀ ଓ ବିଦ୍ୟାଧିଷ୍ଠାତ୍ରୀ ଉଭୟ ରୂପରେ ବ୍ୟାଖ୍ୟା କରିଛନ୍ତି। ସରସ୍ୱତୀର ନଦୀ ଓ ବାକ୍ ଦୁଇ ରୂପ ନିଘଣ୍ଟୁକାରଙ୍କ ଦ୍ୱାରା ମଧ୍ୟ ସ୍ୱୀକୃତ ହୋଇଛି। ସରସ୍ୱତୀ ଶବ୍ଦର ବ୍ୟୁତ୍ପତ୍ତି ପ୍ରଦର୍ଶନ କରିବାକୁ ଯାଇ ନିଘଣ୍ଟୁକାର କହିଛନ୍ତି, ''ସର୍ବେରସ୍ତୁନ୍ ସରଃ। ଗଦ୍ୟପଦ୍ୟାଦିରୂପେଣ ପ୍ରସରଣମସ୍ୟାସ୍ତୀତି''– ଏଇ ଭାବରେ ଦେବତାରୂପିଣୀ ସରସ୍ୱତୀ ନିର୍ବାଚନ କରାଯାଇଛି। ଗଦ୍ୟପଦ୍ୟାଦି ରୂପରେ ଏଇ ବାକ୍‌ଦେବୀ ଗତିମତୀ। ସୁତରାଂ ସରସ୍ୱତୀ କହିଲେ ନଦୀ ସରସ୍ୱତୀ ଓ ଦେବୀବାକ୍ ଉଭୟ ଦେବତା ହିଁ ବୋଧ। ସେଥିପାଇଁ ସାୟନାଚାର୍ଯ୍ୟ କହିଛନ୍ତି, 'ଦ୍ୱିବିଧା ହିଁ ସରସ୍ୱତୀ ବିଗ୍ରହବଦ୍ଦେବତା ନଦୀରୂପାଚ।' (୧/ ୩/ ୧୨) ସରସ୍ୱତୀ ଦୁଇପ୍ରକାର– ମୂର୍ତ୍ତିମତୀ ଦେବତା ଓ ନଦୀରୂପା। ନଦୀ ଯେପରି ପ୍ରସାରଣଶାଳିନୀ ଏବଂ ଉତ୍ସଠାରୁ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ତା'ର ଗତି, ବିଦ୍ୟାଧିଷ୍ଠାତ୍ରୀ ଦେବୀ ବାକ୍ ମଧ୍ୟ ଠିକ୍ ସେହିପରି ଗତିଶୀଳା। ଗଦ୍ୟପଦ୍ୟମୟୀ ଏଇ ଦେବୀଙ୍କର ଗତିରେ ରହିଛି ଏକ ଚିତ୍ତାକର୍ଷକ ସୁଲଳିତ ଛନ୍ଦ। ମନୁଷ୍ୟ ତା'ର ଜ୍ଞାନରାଜ୍ୟର ପରିକଳ୍ପିତ ସୀମାରେ ପହଞ୍ଚିବାକୁ ସକ୍ଷମ ହୁଏ ଏଇ ଦେବୀ ସରସ୍ୱତୀଙ୍କ କୃପାବଳରେ। ଏଇ ଦେବୀ ଯାହାଙ୍କ ପ୍ରତି ସୁପ୍ରସନ୍ନା ହୁଅନ୍ତି, ତାହାଙ୍କର ଅଭୀଷ୍ଟ କଲ୍ୟାଣ ସାଧିତ ହୁଏ ଏବଂ ଅଭୀଷ୍ଟ ବସ୍ତୁ ତାଙ୍କ ନିକଟରେ ସହଜ ଲଭ୍ୟହୁଏ। ଏଇ ବାକ୍‌ଦେବୀଙ୍କୁ ଦେଖି ମଧ୍ୟ କେହି କେହି ଦେଖିପାରି ନଥାନ୍ତି, ଶୁଣି ମଧ୍ୟ ଶୁଣିପାରି ନଥାନ୍ତି, ଅର୍ଥାତ୍ ସେଭଳି ବ୍ୟକ୍ତି ବାକ୍‌ଦେବୀଙ୍କର ଅନୁଗ୍ରହ ଲାଭରୁ ବଞ୍ଚିତ ହୋଇଥାନ୍ତି।

''ଉତ ତ୍ୱଃ ପଶ୍ୟନ୍ ନ ଦଦର୍ଶ ବାଚମ୍
ଉତ ତ୍ୱଃ ଶୃଣ୍ୱନ୍ ନ ଶୃଣୋତି ଏନାମ୍।
ଉତୋତ୍ୱ ଅସ୍ମୈ ତନ୍ୱଂ ବିସସ୍ରେ
ଜାୟେବ ପତ୍ୟେ ଉଶତୀ ସୁବାସାଃ॥'' (୧୦/୭୧/୪)

Digitized by PPRACHIN, SOA

ବାକ୍‌ଶକ୍ତିର ମାହାତ୍ମ୍ୟ ପ୍ରଦର୍ଶନ କରି ଋଷିକବି କହୁଛନ୍ତି; 'ହୁଏତ କେହି ଦେଖି ମଧ୍ୟ ବାକ୍‌କୁ ଦେଖିଲା ନାହିଁ, ହୁଏତ କେହି ଶୁଣି ମଧ୍ୟ ଶୁଣିପାରିଲା ନାହିଁ। ପୁଣି ହୁଏତ କାହାକୁ ସେ ଦେହ ଅନାବୃତ କରିଦେଇଥାଏ ଯେପରି ଭଲ ପାଇ, ପ୍ରସାଧନ କରି ପତ୍ନୀ ପତି ନିକଟରେ ଆତ୍ମ ସମର୍ପଣ କରେ।''

ଏଇ ଦେବୀ ସରସ୍ୱତୀ 'ପାବକ' ବା ପବିତ୍ରକାରିଣୀ, ବୁଦ୍ଧି ଦ୍ୱାରା ସେ ଅନ୍ନ ଉତ୍ପାଦନରେ ସମର୍ଥା । ଯଜ୍ଞକର୍ମ– ସଫଳକାରିଣୀ ଏଇ ଦେବୀ। ସତ୍ୟକର୍ମ ଏବଂ ଶୋଭନବୁଦ୍ଧିର ପ୍ରେରଣାଦାତ୍ରୀ ଏଇ ବାଗ୍‌ଦେବୀ ସରସ୍ୱତୀ। ବିଶାଳ ଜ୍ଞାନସମୁଦ୍ର ଏଇ ଦେବୀଙ୍କ କୃପାବଳରେ ସୃଷ୍ଟି ହୋଇଛି। କର୍ମଦ୍ୱାରା ସେ ସର୍ବଜନଙ୍କୁ ଚେତନ ଦାନ କରିଥାନ୍ତି। (୧/ ୩/ ୧୦/୧୨) ତେଣୁ ଅତୁଳନୀୟ ହେଉଛି ଏଇ ଦେବୀଙ୍କର ଦାନ ଓ ମହିମା। ଶତସହସ୍ରଧାରାରେ ପ୍ରବହମାନା ନଦୀ ସଦୃଶ ଦେବୀ ସରସ୍ୱତୀ ମଧ୍ୟ ଏଇ ପୃଥିବୀରେ ଭାଷାର ଶତସହସ୍ରଧାରାରେ ରୂପାୟିତ। ପୃଥିବୀର ସର୍ବତ୍ର ଏଇ ଦେବୀଙ୍କର ଅବାଧ ଗତି। ଜାତିଧର୍ମ ନିର୍ବିଶେଷରେ ପୃଥିବୀର ମନୁଷ୍ୟକୁଳ ଏଇ ବାଗ୍‌ଦେବୀଙ୍କର ଅନୁଗ୍ରହ ଲାଭ ପାଇଁ ସର୍ବଦା ସମୁତ୍ସୁକ। ବୈଦିକ ସରସ୍ୱତୀର ଦ୍ୱିବିଧ ରୂପ ତେଣୁ ସ୍ପଷ୍ଟ ରୂପେ ପ୍ରତିଭାତ। ସୂର୍ଯ୍ୟାଗ୍ନିର ଯେଉଁ ଦୀପ୍ତି ପ୍ରଭାତ କାଳରେ ଆକାଶରେ ପରିବ୍ୟାପ୍ତ ହୁଏ, ତାହାକୁ ନଦୀ ରୂପେ ବା ସାଗର ରୂପେ କଳ୍ପନା କରିବା ସହଜ। ତେଣୁ ସରଣବତୀ ଗତିଶୀଳା ଜ୍ୟୋତିର୍ମୟ ସ୍ୱର୍ଗନଦୀର ସାଦୃଶ୍ୟରେ ବୈଦିକ ଯୁଗରେ ଭାରତୀୟ ମାନବଗୋଷ୍ଠୀର ସବୁଠାରୁ ଉପକାରୀ ନଦୀଟିର ନାମକରଣ ହୋଇଥିଲା ସରସ୍ୱତୀ। ଯାସ୍କ ମଧ୍ୟ ଦୁଇପ୍ରକାର ସରସ୍ୱତୀର ଉଲ୍ଲେଖ କରିଛନ୍ତି– 'ତତ୍ର ସରସ୍ୱତୀ ତୋ ତସ୍ୟ ନଦୀବଦ୍‌ଦେବତାବଚ୍ଚ ନିଗମା ଭବନ୍ତି''– ଅର୍ଥାତ୍ ସରସ୍ୱତୀ ଶବ୍ଦଟି ନଦୀ ଅର୍ଥରେ ଓ ଦେବତା ଅର୍ଥରେ ବ୍ୟବହୃତ। ଋଗ୍‌ବେଦ ଯୁଗରେ ମୂର୍ତ୍ତିପୂଜାର ପ୍ରଚଳନ ନଥିଲା। ତେଣୁ 'ବିଗ୍ରହବଦ୍‌ଦେବତା' କହିବାକୁ ଯାଇ ସାୟନାଚାର୍ଯ୍ୟ ସମ୍ଭବତଃ ମନ୍ତ୍ରମୟ ବିଗ୍ରହସଂପନ୍ନା ଜ୍ୟୋତିର୍ମୟୀ ସରସ୍ୱତୀଙ୍କୁ ହିଁ ବୁଝାଇବାକୁ ଚାହିଁଛନ୍ତି। ସୁତରାଂ ଜ୍ୟୋତିରୂପା ସରସ୍ୱତୀ ଓ ନଦୀରୂପା ସରସ୍ୱତୀ– ଏଇ ଦୁଇ ସରସ୍ୱତୀର ଧାରଣା ବୈଦିକ ଯୁଗରେ ବର୍ତ୍ତମାନ ଥିଲା। ଏଇ ଦୁଇ ସରସ୍ୱତୀ ମିଳିମିଶି ଏକାକାର ହୋଇ ପରେ ଏକା ସରସ୍ୱତୀ ଦେବତାଙ୍କର ଆକାର ପରିଗ୍ରହ କରିଛନ୍ତି। ଜ୍ୟୋତିରୂପା ନଦୀରୂପା ସରସ୍ୱତୀ ବାଗ୍‌ଦେବୀ ବା ବିଦ୍ୟାଦେବୀରେ ଯେ ରୂପାନ୍ତରିତ ହୋଇଛନ୍ତି' ତା'ର ଆଦ୍ୟ ସୂଚନା ଋଗ୍‌ବେଦ ମଧ୍ୟରେ ହିଁ ନିହିତ। ସରସ୍ୱତୀର ବାକ୍ୟାଧିଷ୍ଠାତୃତ୍ୱ ବା ବିଦ୍ୟାଧିଷ୍ଠାତୃତ୍ୱ ପ୍ରସଙ୍ଗରେ ଋଷିକବି କହୁଛନ୍ତି, 'ଚୋଦୟିତ୍ରୀ ସୁନୃତାନାଂ ଚେତନ୍ତ୍ୟ ସୁମତୀନାମ୍।' 'ସୁନୃତ (ସତ୍ୟ)– ବାକ୍ୟର ଉତ୍ପାଦୟିତ୍ରୀ, ସୁମତିସଂପନ୍ନ ବ୍ୟକ୍ତିମାନଙ୍କର ଜ୍ଞାନଦାତ୍ରୀ' (୧/ ୩/ ୧୧); 'ଧିୟୋ ବିଶ୍ୱା ବିରାଜତି'– (ସରସ୍ୱତୀ) ସକଳ ଜ୍ଞାନ ଉଦ୍ଦୀପ୍ତ କରନ୍ତି' (୧/୩/ ୧୨); 'ଉପସ୍ତୁତ୍ୟାଚିକିତୁଷା

Digitized by PPRACHIN, SOA

ସରସ୍ୱତୀ'— 'ଜ୍ଞାନୀମାନଙ୍କ ଦ୍ୱାରା ସେ ସ୍ତୁତ ହୁଅନ୍ତି' (୬/୬୧/୧୩)। ବ୍ରାହ୍ମଣରେ ସରସ୍ୱତୀଙ୍କୁ ବାକ୍ ବା ବାକ୍ୟଦେବୀ ଭାବରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। 'ବାଗ୍‌ବୈ ସରସ୍ୱତୀ ବାଚମେବ ତତ୍ ପ୍ରୀଣାତି।— (ବାକ୍ ହିଁ ସରସ୍ୱତୀ, ଏହା (ଯଜ୍ଞ) ବାକ୍‌କୁ ପ୍ରୀତ କରେ' (ସାଂଖ୍ୟାୟନ ବ୍ରାଃ ୫ମ); 'ବାଗ୍‌ବୈ ସରସ୍ୱତୀ, ବାଗ୍ ଯଜ୍ଞଃ'— 'ବାକ୍ ଏଠାରେ ସରସ୍ୱତୀ ଏବଂ ଯଜ୍ଞରୂପା' (ଶତପଥ ବ୍ରାଃ୧/୧/୪); 'ସରସ୍ୱତୀ ସ୍ତୁତୀୟା ଭବନ୍ତି ବାକ୍ ତୁ ସରସ୍ୱତୀ', 'ବାକ୍ ହି ସରସ୍ୱତୀ', 'ବାକ୍ ବୈ ସରସ୍ୱତୀ' (ଐତରୀୟ ବ୍ରାଃ ୩/୧-୩) ଇତ୍ୟାଦି। ସରସ୍ୱତୀ ନଦୀତୀରରେ ଏକଦା ଯଜ୍ଞାଗ୍ନି ପ୍ରଜ୍ୱଳିତ ହୋଇଥିଲା, ଏଇଠାରେ ଋଷି ଲାଭ କରିଥିଲେ ବେଦ, ଋକ୍‌ମନ୍ତ୍ର ଋଷିକଣ୍ଠରୁ ହୋଇଥିଲା ନିର୍ଗତ ଏବଂ ଗୀତ ହୋଇଥିଲା ସାମ ମନ୍ତ୍ର। ସୁତରାଂ ସରସ୍ୱତୀ ହୋଇଥିଲେ ଜ୍ଞାନ ବା ବାକ୍ୟର ଅଧିଷ୍ଠାତ୍ରୀ ଦେବୀ। ସରସ୍ୱତୀ ନଦୀତୀରରେ ପ୍ରଜ୍ୱଳିତ ଯଜ୍ଞାଗ୍ନିରେ ହବିଃ ପ୍ରଦାନ କାଳରେ ବୈଦିକ ମନ୍ତ୍ର ଉଚ୍ଚାରିତ ହୋଇଥିବାରୁ ସରସ୍ୱତୀ ହେଲେ ବିଦ୍ୟାରୂପା ବା ବାକ୍‌ରୂପା— ଜ୍ଞାନର ଉଦ୍ଦୀପନକାରିଣୀ। ତ୍ରିଲୋକରେ ବିଚରଣଶୀଳା ଜ୍ୟୋତିର୍ମୟୀ ସରସ୍ୱତୀ ପ୍ରବହମାନା ଜଳମୟୀ ମର୍ତ୍ତ୍ୟସରସ୍ୱତୀ ରୂପରେ ହେଲେ ଅବତୀର୍ଣ୍ଣା,— ଜଳମୟୀ ନଦୀ ସରସ୍ୱତୀ ଜ୍ଞାନର ଉଦ୍ଦୀପନକାରିଣୀ ହେବା ଫଳରେ ସେ ହେଲେ ବାଗ୍‌ଦେବୀ ବା ବିଦ୍ୟାଦେବୀ। କ୍ରମେ ସରସ୍ୱତୀ ତାଙ୍କର ଅନ୍ୟ ବୈଶିଷ୍ଟ୍ୟଗୁଡ଼ିକ ବିସର୍ଜନ ଦେଇ କେବଳ ମାତ୍ର ବିଦ୍ୟାଦେବୀ ବା ଜ୍ଞାନବିଦ୍ୟାର ଅଧୀଶ୍ୱରୀରେ ପରିଣତ ହେଲେ।

ବୈଦିକ ଯୁଗର ସୁପ୍ରସିଦ୍ଧା ନଦୀ ସରସ୍ୱତୀ ଅଧୁନା ଅବଲୁପ୍ତ ଏବଂ ରାଜପୁତନାର ମରୁଭୂମିରେ ତା'ର ଗତିଧାରା ନିଶ୍ଚିହ୍ନ ହୋଇଯାଇଥିବାର ପ୍ରମାଣ ଗବେଷକମାନେ ପ୍ରଦାନ କରିଛନ୍ତି। ମହାଭାରତ ରଚନାର ପୂର୍ବରୁ ସରସ୍ୱତୀ ଅଦୃଶ୍ୟ ହୋଇଯାଇଥିବାର ଅନୁମାନ, କାରଣ ମହାଭାରତରେ ସରସ୍ୱତୀର ଅଦର୍ଶନର ଉଲ୍ଲେଖ ବାରମ୍ବାର ଦେଖାଯାଏ। ବୈଦିକ ଯୁଗର ଶେଷଭାଗରେ ସରସ୍ୱତୀ ନଦୀର ବିନାଶ ହୁଏତ ଘଟିଥିଲା ଏବଂ ଯୋଗେଶ ଚନ୍ଦ୍ର ରାୟଙ୍କ ମତରେ ତାହା ହେଉଛି 'ଖ୍ରୀଷ୍ଟଜନ୍ମର ଦେଢ଼ ହଜାର ବର୍ଷ ପୂର୍ବରୁ'। ବୈଦିକ ଗବେଷଣାର ଅନ୍ୟତମ ବିଦ୍ୱାନ୍ ଡକ୍ଟର କୁନହାନ ରାଜାଙ୍କର ମତ ହେଉଛି ଭିନ୍ନ। ସେ କହନ୍ତି ଯେ ଆର୍ଯ୍ୟମାନେ ସରସ୍ୱତୀ ନଦୀକୁ କେବଳ ଜନଶ୍ରୁତି ବା ପରଂପରା କ୍ରମେ ହିଁ ଜାଣିଥିଲେ। ବେଦ ରଚନା ପୂର୍ବରୁ ସରସ୍ୱତୀ ନଦୀ ଅନ୍ତର୍ହିତ ହୋଇ ସାରିଥିଲା। ଆବେସ୍ତାର 'ହରକ୍ୱିତୀ' ସହିତ 'ସରସ୍ୱତୀ' ନଦୀର ସାଦୃଶ୍ୟ ଅତି ସ୍ପଷ୍ଟ ଏବଂ 'ହରକ୍ୱିତୀ' ହେଉଛି ପୃଥିବୀର ଷୋଳଟି ପବିତ୍ର ଭୂଖଣ୍ଡ ମଧ୍ୟରୁ ଅନ୍ୟତମ, ଯାହାକୁ ଜରାଥୁଷ୍ଟ୍ର ଧର୍ମର ମହାନ୍ ଦେବତା ଅହୁରମଜଦା ସୃଷ୍ଟି କରିଥିଲେ। ଗ୍ରୀକ୍‌ମାନଙ୍କ ନିକଟରେ ଏହା 'ଆରକୋଶିଆ' ନାମରେ ପରିଚିତ। କେବଳ ସିନ୍ଧୁ ନଦୀ ହିଁ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କ ନିକଟରେ ପ୍ରାଧାନ୍ୟ ଲାଭ କରିଛି ଏବଂ ସିନ୍ଧୁ-ଉପତ୍ୟକା ହିଁ ଥିଲା ଭାରତୀୟ ସଂସ୍କୃତିର ସୂତିକାଗାର। ସରସ୍ୱତୀ

Digitized by PPRACHIN, SOA

ନଦୀ ସେତେବେଳକୁ ଅବଲୁପ୍ତ ହୋଇଯାଇଥିଲା ଏବଂ ତା'ର ସ୍ମୃତି କେବଳ ବହନ କରିଥିଲେ ଆର୍ଯ୍ୟଗଣ। (Because Saraswati was known to people only as a Past memory and not as a fact of experience in their life, that river was described as a goddess also, its feature as a phenomenon of Nature being retained.) ଡକ୍ଟର ରାଜାଙ୍କର ଏଇ ଅଭିମତ କେତେଦୂର ସ୍ପୃହଣୀୟ ଓ ଗ୍ରହଣୀୟ, ତାହା ତର୍କ ଓ ବିଚାର ସାପେକ୍ଷ।

ସେ ଯାହାହେଉ, ପରବର୍ତ୍ତୀ ପୁରାଣ ଯୁଗରେ ଆମେ ଲକ୍ଷ୍ୟ କରୁ ଯେ ବ୍ରହ୍ମାଙ୍କର ହେଉଛନ୍ତି ଦୁଇ ପତ୍ନୀ– ସାବିତ୍ରୀ ଓ ଗାୟତ୍ରୀ; ପ୍ରଥମା ହେଉଛନ୍ତି ସାବିତ୍ରୀ ଏବଂ ଦ୍ୱିତୀୟା ପତ୍ନୀ ହେଉଛନ୍ତି ଗାୟତ୍ରୀ। ଗାୟତ୍ରୀଙ୍କ ସହିତ ବ୍ରହ୍ମାଙ୍କ ପରିଣୟର ଏକ ମନୋଜ୍ଞ କାହାଣୀ ପଦ୍ମପୁରାଣର ସୃଷ୍ଟିଖଣ୍ଡରେ ବର୍ଣ୍ଣିତ ହୋଇଛି। ସେଠାରେ ଗାୟତ୍ରୀ ହେଉଛନ୍ତି ଏକ ଗୋପକନ୍ୟା, ଯାହାଙ୍କୁ ବ୍ରହ୍ମା ଗାନ୍ଧର୍ବ ମତରେ ବିବାହ କରିଥିଲେ। ସବିତାର ସ୍ତ୍ରୀଲିଙ୍ଗ ହେଉଛି ସାବିତ୍ରୀ। ବ୍ରହ୍ମା, ସୂର୍ଯ୍ୟ ବା ପ୍ରାତଃକାଳୀନ ସୂର୍ଯ୍ୟ ହୋଇଥିବାରୁ ସୂର୍ଯ୍ୟଶକ୍ତି ସାବିତ୍ରୀ ବ୍ରହ୍ମାଙ୍କର ପତ୍ନୀ ଭାବରେ ଗୃହୀତ। କାଳିକା ପୁରାଣ ଅନୁଯାୟୀ ସାବିତ୍ରୀ ହେଉଛନ୍ତି ଶୁଭ୍ର, ଅକ୍ଷମାଳା ଧାରିଣୀ ଏବଂ ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥିତା ପଦ୍ମାସନରେ ଆସୀନା। (୨୩/୧୦) ସାବିତ୍ରୀ ସ୍ୱାଭାବିକ ଭାବରେ ହିଁ ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥିତା ଏବଂ ଗାୟତ୍ରୀ ଓ ବ୍ରହ୍ମାଣୀ ସହିତ ଅଭିନ୍ନା। ବ୍ରହ୍ମାଣୀ ଗାୟତ୍ରୀ ଯେଉଁଠି ଭୂଲୋକସ୍ଥିତା, ସେଠାରେ ସେ ହେଉଛନ୍ତି ଅଗ୍ନିରୂପୀ ବ୍ରହ୍ମାଙ୍କର ହିଁ ଶକ୍ତି। ଯଜ୍ଞାଗ୍ନି ବ୍ରହ୍ମାଙ୍କର ପତ୍ନୀ ଗାୟତ୍ରୀ ହେବା କିଛି ଅସ୍ୱାଭାବିକ ନୁହେଁ। ଋଗ୍‌ବେଦର ସାତଟି ଛନ୍ଦ ମଧ୍ୟରେ ପ୍ରଧାନତମା ହେଉଛି ଗାୟତ୍ରୀ ଛନ୍ଦ। ଆଠ ଅକ୍ଷର ବିଶିଷ୍ଟ ତ୍ରିପାଦାତ୍ମିକା ଗାୟତ୍ରୀ ଛନ୍ଦରେ ଋଗ୍‌ବେଦର ପ୍ରଥମ ସୂକ୍ତ ଅଗ୍ନିସୂକ୍ତଟି ବିରଚିତ। ଅତଏବ ଯଜ୍ଞାଗ୍ନି ସହିତ ଗାୟତ୍ରୀ ଛନ୍ଦର ସଂଯୋଗ ଅଚ୍ଛେଦ୍ୟ ହୋଇଥିବାରୁ ପରବର୍ତ୍ତୀ କାଳରେ ଗାୟତ୍ରୀଙ୍କୁ ବ୍ରହ୍ମାଙ୍କ ପତ୍ନୀର ମର୍ଯ୍ୟାଦା ଅର୍ପିତ ହୋଇଛି। ପଦ୍ମପୁରାଣରେ କୁହାଯାଇଛି, ଅଷ୍ଟାକ୍ଷର ପରିଶୁଦ୍ଧା ବେଦମାତା ଗାୟତ୍ରୀ ସପ୍ତବିଧା ବାଣୀସ୍ୱରୂପା ଏବଂ ଦୁର୍ଗତିନାଶିନୀ। (୧୬/୩୦୩) ଗାୟତ୍ରୀର ବର୍ଣ୍ଣନାରେ ଅନ୍ୟତ୍ର କୁହାଯାଇଛି, 'ଏବଂ ସମ୍ପୂଜ୍ୟ ଗାୟତ୍ରୀଂ ବୀଣାକମଳ ଧାରିଣୀମ୍। ଶୁକ୍ଳପୁଷ୍ପାଯତୈର୍ଭକ୍ତ୍ୟା କମଣ୍ଡଳୁପୁସ୍ତକାମ୍।' ଗାୟତ୍ରୀ ଏଠାରେ ବୀଣା, କମଳ, କମଣ୍ଡଳୁ ଓ ପୁସ୍ତକଧାରିଣୀ, ଚତୁର୍ଭୁଜା, ଶ୍ୱେତପୁଷ୍ପ ଓ ଦୂର୍ବା ଦ୍ୱାରା ଅର୍ଚ୍ଚିତା। ଗାୟତ୍ରୀ ସହିତ ସରସ୍ୱତୀଙ୍କ ସାଦୃଶ୍ୟ ସହଜଲକ୍ଷ୍ୟ। ମତ୍ସ୍ୟପୁରାଣ ଓ କାଳିକାପୁରାଣ ଅନୁଯାୟୀ ବ୍ରହ୍ମାଙ୍କ ବାମରେ ସାବିତ୍ରୀ ଏବଂ ଦକ୍ଷିଣରେ ଗାୟତ୍ରୀ। ଗାୟତ୍ରୀଙ୍କ ସ୍ଥାନ ଗ୍ରହଣ କରିଛନ୍ତି ସରସ୍ୱତୀ। ବେଦକର୍ତ୍ତା ବ୍ରହ୍ମାଙ୍କର ଶକ୍ତି ବିଦ୍ୟାଦେବୀ ସରସ୍ୱତୀରେ ହୋଇଛି ପରିଣତ। ଫଳତଃ ବୈଦିକ ଛନ୍ଦ ଗାୟତ୍ରୀ ସରସ୍ୱତୀଙ୍କ ସହିତ ଏକାତ୍ମ

Digitized by PPRACHIN, SOA

ହୋଇଯାଇଛି । କିନ୍ତୁ ବହୁସ୍ଥାନରେ ସରସ୍ୱତୀ ବ୍ରହ୍ମାଙ୍କର କନ୍ୟା ରୂପେ ମଧ ବର୍ଣ୍ଣିତା । 'ତାଣ୍ଡ୍ୟମହାବ୍ରାହ୍ମଣ'ରେ (୧୫/୫/୧୬) ବାକ୍ ବା ସରସ୍ୱତୀ ବ୍ରହ୍ମାଙ୍କର କନ୍ୟା । ସରସ୍ୱତୀଙ୍କର ହଂସବାହନ, ପଦ୍ମାସନ, କମଣ୍ଡଳୁ ଓ ଅକ୍ଷମାଳା ବ୍ରହ୍ମାଙ୍କର ହେଉଛି ସମ୍ପତ୍ତି । ବ୍ରହ୍ମାଙ୍କର ବାହନ ହେଉଛି ହଂସ । ହଂସ ଶବ୍ଦର ଅର୍ଥ ସୂର୍ଯ୍ୟ । ବେଦ ଓ ଉପନିଷଦରେ ସୂର୍ଯ୍ୟଙ୍କୁ ହିଁ ହଂସ ବୋଲି କୁହାଯାଇଛି । ଲୌକିକ ଅର୍ଥରେ ହଂସ ଏକ ଉଭୟଚର ପକ୍ଷୀବିଶେଷ । ପୌରାଣିକ ବ୍ରହ୍ମାଙ୍କର ବାହନ ତେଣୁ ସୂର୍ଯ୍ୟ-ହଂସରୁ ପକ୍ଷୀରୂପତା ଲାଭ କରି ପକ୍ଷୀ-ହଂସରେ ପରିଣତ ହୋଇଛି । ସୂର୍ଯ୍ୟଙ୍କର ସୃଜନୀଶକ୍ତିର ବିଗ୍ରହାନ୍ୱିତ ରୂପ ବ୍ରହ୍ମା ଏବଂ ସୂର୍ଯ୍ୟାଗ୍ନିର ଗତିଶୀଳ କିରଣରୂପା ବ୍ରହ୍ମା-ବିଷ୍ଣୁ- ଶିବ- ଶକ୍ତି ସରସ୍ୱତୀଙ୍କର ବାହନ ତେଣୁ ସଙ୍ଗତ କାରଣରୁ ହୋଇଛନ୍ତି ହଂସ ବା ସୂର୍ଯ୍ୟ । ଏଥିପାଇଁ ବ୍ରହ୍ମା ଓ ସରସ୍ୱତୀଙ୍କର ବାହନ ହେଉଛି ହଂସ ଏବଂ କେବଳ ନାମ ସାଦୃଶ୍ୟରୁ ସୂର୍ଯରୂପୀ ହଂସ ପକ୍ଷୀ ରୂପରେ ପ୍ରକାଶିତ । ତେବେ ପୁରାଣ ଓ ତନ୍ତ୍ରଶାସ୍ତ୍ରମାନଙ୍କରେ ହଂସବାହନ ସରସ୍ୱତୀଙ୍କର ଉଲ୍ଲେଖ ଅପେକ୍ଷାକୃତ କମ୍ ଏବଂ ସରସ୍ୱତୀ ବାରମ୍ବାର ତାଙ୍କର ବାହନ ପରିବର୍ତ୍ତନ କରିଛନ୍ତି । ମେଷ, ସିଂହ, ମୟୂର ଓ ହଂସ- ଏଇ ଚାରୋଟି ପ୍ରାଣୀ ସରସ୍ୱତୀଙ୍କର ବାହନ ରୂପେ ପରିକଳ୍ପିତ ହୋଇଛନ୍ତି । ସେ ଯାହାହେଉ ନା କାହିଁକି ଅତୀତର ଗ୍ରୀକ୍ ଦେବୀ ଏଥେନା ଓ ରୋମୀୟ ଦେବୀ ମିନର୍ଭାଙ୍କ ପରି ବାକ୍‌ଦେବୀ ସରସ୍ୱତୀ ଆଜି ମଧ ଆମର ଆରାଧ୍ୟା ଓ ବନ୍ଦନୀୟା ।

■ ■

ସହାୟକ ଗ୍ରନ୍ଥ :

(କ) ଭାରତୀୟ ସାହିତ୍ୟର ଇତିହାସ-ଡକ୍ଟର ସୁକୁମାର ସେନ

(ଖ) ହିନ୍ଦୁଦେର ଦେବଦେବୀ- ଡକ୍ଟର ହଂସନାରାୟଣ ଭଟ୍ଟାଚାର୍ଯ୍ୟ

(ଗ) ବେଦେର ପରିଚୟ- ଡକ୍ଟର ଯୋଗୀରାଜ ବସୁ

(ଘ) The Quintessence of the Rigveda- Dr. C. Kunhan Raja.

Digitized by PPRACHIN, SOA

ତୁଳନାତ୍ମକ ବନାମ ସାର୍ବଜନିକ ସାହିତ୍ୟ

'ଏକସମ୍ବନ୍ଧିଜ୍ଞାନମ୍ ଅପରସମ୍ବନ୍ଧିସ୍ମାରକମ୍'—ଏହି ନିୟମାନୁଯାୟୀ ଯେଉଁ ଦୁଇଟି ବସ୍ତୁ ମଧ୍ୟରେ ସମ୍ବନ୍ଧ ନିହିତ, ସେମାନଙ୍କ ମଧ୍ୟରୁ ଗୋଟିକୁ ଦେଖିଲେ ଅନ୍ୟ ବସ୍ତୁଟି ସ୍ମୃତିପଥକୁ ସ୍ୱତଃ ଆସିଥାଏ। ଯେ କୌଣସି ସାଦୃଶ୍ୟଜ୍ଞାନ, ସାଯୁଜ୍ୟଜ୍ଞାନ, ସମ୍ବନ୍ଧଜ୍ଞାନ ଦ୍ୱାରା ଚିହ୍ନଠାରୁ ଚିହ୍ନିତରେ ଯଥେଷ୍ଟ ଅର୍ଥ ଉପଲବ୍ଧ ହୁଏ। ସେଥିପାଇଁ ତୁଳନା କରିବାର ଚିତ୍ତବୃତ୍ତି ମନୁଷ୍ୟର ସହଜାତ। ବସ୍ତୁଜଗତ ପାଇଁ ଏଇ ମାନସିକତା ଯେପରି ସତ୍ୟ, ଭାବଜଗତ ପାଇଁ ମଧ୍ୟ ଏହା ସେହିପରି ପ୍ରଯୋଜ୍ୟ। କେବଳ ସାଦୃଶ୍ୟ ବା ସଂପର୍କ ନିରୂପଣ ପାଇଁ ନୁହେଁ, ଉତ୍କର୍ଷ ବା ଅପକର୍ଷ ନିର୍ଣ୍ଣୟ ପାଇଁ ମଧ୍ୟ ତୁଳନାର ପ୍ରୟୋଜନୀୟତା ଆମେ ଅନୁଭବ କରିଥାଉଁ। ସେଇଥିପାଇଁ ତ ସାହିତ୍ୟର ଅଳଂକାର ଶାସ୍ତ୍ରରେ ଉପମା ଓ ଅନ୍ୟାନ୍ୟ ଅଳଂକାରର ଏତେ ପ୍ରାଚୁର୍ଯ୍ୟ। ତୁଳନା ମାଧ୍ୟମରେ ସୃଷ୍ଟିର ଉତ୍କର୍ଷ ବା ଅପକର୍ଷ ନିରୂପଣ କେବଳ ନୁହେଁ, ଜଣେ ସ୍ରଷ୍ଟାର ସୃଷ୍ଟି ଉପରେ ପୂର୍ବସୂରୀମାନଙ୍କର ପ୍ରଭାବ ଏବଂ ଆଲୋଚ୍ୟ ସ୍ରଷ୍ଟାଙ୍କର ନିଜସ୍ୱ ପ୍ରତିଭା ସହିତ ମଧ୍ୟ ଆମେ ପରିଚିତ ହୋଇଥାଉଁ। ସ୍ରଷ୍ଟା ଓ ଆଳଂକାରିକ ରାଜଶେଖର (୯ମ-୧୦ମ ଶତାବ୍ଦୀ)। ନିଜର ପ୍ରସିଦ୍ଧ ଗ୍ରନ୍ଥ 'କାବ୍ୟ ମୀମାଂସା'ରେ ସାରସ୍ୱତ ଜଗତର ଶବ୍ଦହରଣ ଓ ଅର୍ଥହରଣ ସଂପର୍କରେ ତେଣୁ ବିସ୍ତୃତ ଆଲୋଚନା କରିଥିବାର ଆମେ ଲକ୍ଷ୍ୟ କରୁ। ତା'ଛଡ଼ା ସାହିତ୍ୟ, ବିଶେଷତଃ କାବ୍ୟଜଗତରେ ପ୍ରାଚୀନ ସ୍ରଷ୍ଟାମାନଙ୍କ ସହିତ ତୁଳନା ଅନେକ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇ ଉଠିଥାଏ। କାରଣ, କବିମନୀଷୀ ଏଲିୟଟଙ୍କ ଭାଷାରେ କହିବାକୁ ଗଲେ "ଯେ କୌଣସି କବି ବା ଶିଳ୍ପୀର ସ୍ୱତନ୍ତ୍ର ଏକକ ସଂପୂର୍ଣ୍ଣତା ରହି ନପାରେ। ତା'ର ସୃଷ୍ଟିର ମୂଲ୍ୟ ନିର୍ଭର କରିଥାଏ ପ୍ରାଚୀନ ସ୍ରଷ୍ଟାମାନଙ୍କ ସହିତ ତୁଳନାତ୍ମକ ସଂପର୍କର ଭିତ୍ତି ଉପରେ। ଜଣେ କବିର ଏକକ ମୂଲ୍ୟାୟନ ତେଣୁ ଅସମ୍ଭବ-ସେଥିପାଇଁ ଆବଶ୍ୟକ ତାକୁ ପ୍ରାଚୀନମାନଙ୍କ ମଝିରେ ଉପସ୍ଥାପନ କରି ପରୀକ୍ଷା କରିବା।" ଠିକ୍ ଏଇ ମର୍ମରେ ଅଥଚ ଅଧିକ ଗଭୀର ଓ ବଳିଷ୍ଠ ଭାବରେ ସାରସ୍ୱତ ସୃଷ୍ଟିରେ ଇତିହାସ ଚେତନାର ଅପରିହାର୍ଯ୍ୟତା ଅନୁଭବ କରି ମାର୍କିନ

Digitized by PPRACHIN, SOA

ଗଣତନ୍ତ୍ରର କବି ୱାଲ୍ଟ ହୁଇଟମ୍ୟାନ ଏଲିୟଟଙ୍କ ବହୁପୂର୍ବରୁ ୧୮୫୫ ଖ୍ରୀ:ଅ:ରେ 'Leaves of grass' ର ଆଦ୍ୟ ସଂସ୍କରଣର ଭୂମିକାରେ ଘୋଷଣା କରିଥିଲେ, "Past and present and future are not disjoined but joined. The greatest poet forms the consistence of what is to be from what has been and is. He drags the dead out of their coffins and stands them again on their feet....he says to the past, Rise and walk before me that I realize you. He learns the lesson... he places himself where the future becomes present."

କେବଳ ପୂର୍ବସୂରୀମାନଙ୍କ ସହିତ ତୁଳନା ବା ଜଣେ ସ୍ରଷ୍ଟାର ଅନ୍ୟ ଜଣେ ସ୍ରଷ୍ଟା ସହିତ ତୁଳନା ନୁହେଁ, ଜଣେ ଏକକ ସ୍ରଷ୍ଟାର ସୃଷ୍ଟିମାନସର କ୍ରମବିକାଶ ସହିତ ପରିଚିତ ହେବାପାଇଁ ମଧ୍ୟ ତା'ର ସାଧନାର ବିଭିନ୍ନ ସ୍ତରର ସୃଷ୍ଟିସମ୍ଭାର ମଧ୍ୟରେ ସମୀକ୍ଷା ଦୃଷ୍ଟିରୁ ତୁଳନାର ପ୍ରଶ୍ନ ଉଠିଥାଏ । ଦୃଷ୍ଟାନ୍ତ ଭାବରେ କବି ମାୟାଧର ମାନସିଂହ ବା ସଚ୍ଚିଦାନନ୍ଦ ରାଉତରାୟଙ୍କୁ ଗ୍ରହଣ କରାଯାଇପାରେ । 'ଧୂପ' ବା 'ହେମଶସ୍ୟ'ର କବି ମାନସିଂହ ଏବଂ 'ମାଟିବାଣୀ', 'ଜୀବନଚିତା' ବା 'କୃଷ୍ଣ'ର କବି ମାନସିଂହ ଯଦିଚ ଏକ, ତୁଳନାତ୍ମକ ବିଚାରରେ ତାଙ୍କ ସୃଷ୍ଟିମାନସର କ୍ରମବିକାଶ ବା ଉତ୍ତରଣର ଚିତ୍ରଟି ପରିସ୍ଫୁଟ ହୋଇ ଉଠିଥାଏ । ଠିକ୍ ସେହିପରି 'ପାଥେୟ' ଓ 'ପଲ୍ଲୀଶ୍ରୀ'ର କବି ରାଉତରାୟ, 'ବାଜିରାଉତ' ଓ 'ପାଣ୍ଡୁଲିପି'ର କବି ରାଉତରାୟ, 'ଭାନୁମତୀର ଦେଶ', 'ସ୍ୱଗତ' ଓ 'କବିତା-୧୯୬୨'ର କବି ରାଉତରାୟ ଯଦିଚ ଏକ, ସ୍ରଷ୍ଟାମାନସର ସ୍ୱରୂପ ତୁଳନାରେ ତାଙ୍କ ସୃଷ୍ଟି ବୈଚିତ୍ର୍ୟ ଆମ ନିକଟରେ ପ୍ରତିଭାତ ହୋଇ ଉଠିଥାଏ । ସ୍ରଷ୍ଟାମାନସର ଉତ୍ତରଣ ବା ବିକାଶ କେବଳ ନୁହେଁ, ତୁଳନାତ୍ମକ ବିଚାରରେ ସୃଜନଶୀଳତାର ଅବକ୍ଷୟର ଇତିହାସ ମଧ୍ୟ ଆମର ଗୋଚରୀଭୂତ ହୋଇଥାଏ । ଏପରି ଅନେକ ସ୍ରଷ୍ଟା ମଧ୍ୟ ସାହିତ୍ୟର ଇତିହାସରେ ଥାଆନ୍ତି, ଯେଉଁମାନଙ୍କ ସ୍ରଷ୍ଟାମାନସର ଉତ୍ତରଣ ଆଦୌ ସଂଘଟିତ ହୋଇନଥାଏ । ଅର୍ଥାତ୍, ସୃଜନର ଆବେଗ-ଅନୁଭୂତିର ଏକ ନିର୍ଦ୍ଦିଷ୍ଟ ଦିଗ୍‌ବଳୟ ମଧ୍ୟରେ ସେମାନେ ଆଜୀବନ ବନ୍ଦୀ ହୋଇ ରହିଥାନ୍ତି । ସେମାନଙ୍କ ସୃଷ୍ଟିମାନସ ସଂପ୍ରସାରିତ ହୋଇନଥାଏ । ସୃଜନଶୀଳତାର ପରିସର ସୀମିତ ହେଲେ ହେଁ ସାଧନାର ଏକନିଷ୍ଠତା, ଆନ୍ତରିକତା ଓ ସ୍ୱକୀୟ ପ୍ରତିଭା ବଳରେ ସାହିତ୍ୟର ଇତିହାସରେ ତଥାପି ସେମାନେ ଗୌରବମୟ ଆସନ ଅଧିକାର କରିଥାନ୍ତି । ଏହାଛଡ଼ା ଗୋଟିଏ ଭାଷାର ସାହିତ୍ୟ ସହିତ ଅନ୍ୟ ଭାଷାର ସାହିତ୍ୟ, ଗୋଟିଏ ଯୁଗର ସାହିତ୍ୟ ସହିତ ଅନ୍ୟ ଯୁଗର ସାହିତ୍ୟ ଏବଂ ଗୋଟିଏ ଦେଶର ସାହିତ୍ୟ ସହିତ ଅନ୍ୟ ଦେଶର ସାହିତ୍ୟର ତୁଳନା ଦ୍ୱାରା ଆମେ ଗୋଟିଏ

Digitized by PPRACHIN, SOA

ଭାଷାର, ଗୋଟିଏ ଯୁଗର ବା ଗୋଟିଏ ଦେଶର ସାହିତ୍ୟ ସମ୍ବନ୍ଧରେ ଅବହିତ ହେବା ସଂଗେ ସଂଗେ ଅନ୍ୟଠାରୁ ତା'ର ଉତ୍କର୍ଷ ବା ଅପକର୍ଷ ନିର୍ଦ୍ଧାରଣରେ ସାମର୍ଥ୍ୟ ଅର୍ଜ୍ଜନ କରିଥାଉଁ।

ସାହିତ୍ୟ, ବିଶେଷତଃ କାବ୍ୟକବିତାର ଇତିହାସରେ ଦେଖାଯାଇଛି ଯେ ପ୍ରତିଭା ଯେତେ ଉଚ୍ଚକୋଟୀର ଓ ମହାନ୍ ହେଉନା କାହିଁକି, ଅନ୍ୟର ପ୍ରଭାବରୁ କୌଣସି ସ୍ରଷ୍ଟା ନିଜକୁ ସଂପୂର୍ଣ୍ଣ ମୁକ୍ତ କରିପାରି ନାହାନ୍ତି। ବରଂ ପ୍ରଭାବକୁ ଜୀର୍ଣ୍ଣ ଓ ଆତ୍ମୀୟ କରି ସ୍ୱକୀୟ ମୌଳିକତା ପ୍ରଦର୍ଶନ କରିବା ହିଁ ପ୍ରତିଭାର ଚିରାଚରିତ ସ୍ୱଭାବ ଓ ସ୍ୱଧର୍ମ। ଏଇ ସତ୍ୟଟିକୁ ସ୍ୱୀକାର କରି କବି ଏଲିୟଟ୍ ସେଥିପାଇଁ କହିଛନ୍ତି,-"One of the surest of tests is the way in which a poet borrows, immature poets imitate, mature poets steal; bad poets deface what they take, and good poets make it into something better, or at least something different. The good poet wields his theft into a whole of feelling which is unique, utterly different from that, from which it was torn, the bad poet throws it in to something which has no cohesion, "କେବଳ କଥାରେ ଯେ ସେ ଏହା କହିଛନ୍ତି, ତାହା ନୁହେଁ, ସ୍ୱୀକାର ମଧ ସେ କରିଛନ୍ତି,-" I think from Baudelaire I learned first, a precedent for the poetical possibilities, never developed by any poet writing in my own language, of the more sordid aspects of the modern metropolis, of the possibility of fusion between the sordidly realistic and phantasmagorie the possibility of juxtaposition of the matter of fact and fantastic." (To criticise the critic) କେବଳ ସେତିକି ନୁହେଁ, ଏଲିୟଟ ଯେ କେତେ ଅନାୟାସ ଭାବରେ ପ୍ରଭାବିତ ହେବାକୁ ଭଲ ପାଉଥିଲେ, ତାହା "Paris Review" ର ଗୋଟିଏ ସାକ୍ଷାତକାର ପ୍ରସଙ୍ଗରେ ନିଃସଂକୋଚରେ ସେ ପ୍ରକାଶ କରିଛନ୍ତି। ସେ ଏବଂ ଏଜରା ପାଉଣ୍ଡ ନାକି ଡେଓଫିଲ ଗୋତିୟେଙ୍କ କବିତା ପଢ଼ି ଭାବିବାକୁ ଲାଗିଲେ ଯେ ଗୋତିୟେଙ୍କୁ ନିଜ ଶିଳ୍ପକର୍ମରେ ବ୍ୟବହାର କରାଯାଇ ପାରିବ କି ନା ? (Have I anything to say in which this form will be useful?) ପ୍ରଥମ ଯୌବନରେ ଠିକ୍ ଏହିଭଳି ଭାବରେ ହିଁ ଏଡ୍‌ଗାର ଆଲେନ ପୋ, ଓମର ଖୈୟାମ ଏବଂ ବାୟରନଙ୍କର ଅନୁକରଣ କରିବାକୁ ସେ ଚାହିଁଥିଲେ। ପରେ ବୋଦଲେୟାର ଏବଂ ଆର୍ଥାର ସାଇମନସଙ୍କ ଫରାସୀ ପ୍ରତୀକବାଦୀ କବିତା-ବିଷୟକ ଗ୍ରନ୍ଥଟି ତାଙ୍କ

Digitized by PPRACHIN, SOA

ଜୀବନର ଗତିପଥରେ ଆଣିଥିଲେ ପରିବର୍ତ୍ତନ। ପ୍ରଥାଗତ ଅନୁଭବକୁ ଅସ୍ୱୀକାର, ଆବେଗ ସମ୍ପର୍କରେ ଅବଦମିତ ଶ୍ଳେଷ, ତୀବ୍ର ଆତ୍ମସଚେତନତା ଓ ଆତ୍ମବିଦ୍ରୂପ, ଏକ ନୂତନ ଓ ଶିଥିଳ କଥାରୀତି, ଭଙ୍ଗୁର ବସ୍ତୁଜଗତ ପ୍ରତି ସ୍ୱୀକୃତି-ଏଲିୟଟଙ୍କ ଏ ସମସ୍ତ ପ୍ରାଥମିକ ଅଭିନବତ୍ୱର ଅନେକାଂଶ ହିଁ ଲାଫର୍ଗଙ୍କ ନିକଟରୁ ଗୃହୀତ। ଏକାଧିକ ଫରାସୀ ନିବନ୍ଧରେ ଅକପଟ ଭାବରେ ସେ ଜଣାଇଛନ୍ତି ଯେ କବିତା ମାନେ ହିଁ ସେତେବେଳେ ସେ ବୁଝୁଥିଲେ ଫ୍ରାନ୍ସକୁ ଏବଂ ଲାଫର୍ଗଙ୍କୁ। ବୋଦଲେୟାରଙ୍କଠୁଁ ଭାଲେରୀ ପର୍ଯ୍ୟନ୍ତ ଫରାସୀ କବିତାର ଐତିହ୍ୟ ବିନା ଏଲିୟଟଙ୍କ ଉପସ୍ଥିତି ଥିଲା ଅଚିନ୍ତନୀୟ; ଏଇ ଘରାନାର ପ୍ରଭାବ ଆତ୍ମସ୍ଥ କରି ଶେଷ ପର୍ବର ଏଲିୟଟ ଯେତେବେଳେ ଆଧ୍ୟାତ୍ମିକ ମହାକାବ୍ୟିକତା ମଧ୍ୟରେ ନିଜର ଉତ୍ତରଣ ଆବିଷ୍କାର କରନ୍ତି, ସେତେବେଳେ ମଧ୍ୟ ତାଙ୍କର ମନ୍ତ୍ରୋଚ୍ଚାରଣ ଓ ପ୍ରାଜ୍ଞ ଦୃଷ୍ଟିକୁ ପ୍ରଭାବିତ କରନ୍ତି କ୍ଳୋଦେଲ ବା ସାଁ-ଜନ ପାର୍ସ, ଗୀତା ଅଥବା ଉପନିଷଦ, ମିଲ୍‌ଟନ ବା ବୌଦ୍ଧଦର୍ଶନ।

ସାରସ୍ୱତ କ୍ଷେତ୍ରରେ ଏଇ ପ୍ରଭାବ ଅଥବା ପରସ୍ୱ ଏବଂ ସ୍ୱଭାବ ଅଥବା ସ୍ୱକୀୟତା ସଂପର୍କରେ ଭାରତୀୟ ସମୀକ୍ଷକ ବା ଆଳଂକାରିକବୃନ୍ଦ କିପରି ସଚେତନ ଥିଲେ, ତା'ର ବହୁ ଦୃଷ୍ଟାନ୍ତ କାବ୍ୟଶାସ୍ତ୍ରମାନଙ୍କରେ ରହିଛି। ରାଜଶେଖରଙ୍କର ଗୋଟିଏ ପ୍ରସିଦ୍ଧ ଉକ୍ତି ହେଉଛି, "ନାସ୍ତ୍ୟ ଚୌରଃ କବିଜନୋ ନାସ୍ତ୍ୟ ଚୌରଃ ବଣିଗ୍‌ଜନଃ। ସ ନିନ୍ଦତି ବିନା ବାଚ୍ୟଂ ଯୋ ଜାନାତି ନିଗୂହିତୁମ୍।।" ଅର୍ଥାତ୍ "ଏପରି କବି ନାହାନ୍ତି, ଯିଏ କି ଚୋରି କରିନଥାନ୍ତି; ଏପରି ବଣିକ ନାହାନ୍ତି, ଯିଏ କି ଚୋର ନୁହନ୍ତି, କିନ୍ତୁ ଯିଏ ଗୋପନ କରିପାରନ୍ତି ବା ଲୁଚାଇ ପାରନ୍ତି, ସେ ନିନ୍ଦା ମୁହଁରେ ପାଉଁଶ ଦେଇ ଆନନ୍ଦରେ କାଳ କାଟନ୍ତି।" ଏଇ ପ୍ରସଙ୍ଗରେ ସେ ପୁଣି କହିଛନ୍ତି, "କୌଣସି କୌଣସି କବି ପ୍ରତିଭା ଦ୍ୱାରା ଶବ୍ଦାର୍ଥ ଚୟନ କରି କାବ୍ୟସୃଷ୍ଟି କରିଥାନ୍ତି। କୌଣସି କୌଣସି କବି ପୁଣି ନିଜସ୍ୱ ଉକ୍ତି ସହିତ ଅପରର ଉକ୍ତିର ବିନିମୟ ପୂର୍ବକ କାବ୍ୟରଚନା କରିଥାନ୍ତି। ଅନ୍ୟ ଏକ ଶ୍ରେଣୀର କବି, ଅପରର ଉକ୍ତି ବେଶ୍ ସାବଧାନ ଭାବରେ ଲୁଚାଇ ବ୍ୟବହାର କରିଥାନ୍ତି। ପୁଣି ଚତୁର୍ଥଶ୍ରେଣୀର କବି, ଯିଏ କି ଦିନ ଦି'ପହରେ ଡକାୟତି କରିଥାନ୍ତି ଅର୍ଥାତ୍ ଅନ୍ୟ କବିର ସମସ୍ତ କାବ୍ୟଟି ନିଜସ୍ୱ ବୋଲି ପ୍ରଚାର କରିଥାନ୍ତି।" କିନ୍ତୁ ଜଣେ ମହାନ୍ ସ୍ରଷ୍ଟା ସଂପର୍କରେ ତାଙ୍କର ଅଭିମତ ହେଉଛି, "ଶବ୍ଦଜଗତ ଓ ଅର୍ଥଜଗତ, ଅର୍ଥାତ୍ ବାଙ୍ମୟ ଜଗତରେ ଯିଏ ନୂତନ କିଛି ଦେଖିବାକୁ ପାଇଥାନ୍ତି ଏବଂ ସର୍ବପ୍ରଥମ ପ୍ରତିଭା ବଳରେ କୌଣସି କିଛି ଉଦ୍‌ଭାବନ କରି ରଚନା କରିବାକୁ ସମର୍ଥ ହୁଅନ୍ତି, ସେଇ କେବଳ ମହାକବି ନାମର ଯୋଗ୍ୟ।" ରାଜଶେଖରଙ୍କର ଏହି ମତଟି କେତେ ଆଧୁନିକ ଓ ସର୍ବକାଳିକ, ତାହା ଆଧୁନିକ କାବ୍ୟଚେତନାର ଅନ୍ୟତମ ମନ୍ତ୍ରଗୁରୁ କବି ଏଲିୟଟଙ୍କର ବକ୍ତବ୍ୟ ସହ ତୁଳନା କଲେ ସହଜରେ ଆମେ ଉପଲବ୍ଧି କରିପାରିବା। ଏଲିୟଟଙ୍କର ସେଇ

Digitized by PPRACHIN, SOA

ସୁପ୍ରସିଦ୍ଧ ଉକ୍ତିଟି ହେଉଛି,—" I am even prepared to suggest that there is, in all great poetry, something which must remain unaccountable however complete might be our knowledge of the poet, and that is what matters most. Where the poem has been made, something new has happened, something that can not be wholly explained by anything that went before. That, I believe, is what we mean by creation." (Frontiers of criticism) ଯଥାର୍ଥ ସୃଷ୍ଟିର ଯାଦୁକରୀ ଶକ୍ତି, ସ୍ୱକୀୟ ମହିମା ତା'ର ଏଇ 'ଅଘଟନ ଘଟନ ପଟୀୟସୀ ମାୟା' ମଧ୍ୟରେ ହିଁ ନିହିତ। କିନ୍ତୁ ସୃଷ୍ଟି କ୍ଷେତ୍ରରେ ସଂପୂର୍ଣ୍ଣ ପରସ୍ୱାପହାରୀ ଲେଖକ ସବୁକାଳରେ ନିନ୍ଦା ଓ କୁତ୍ସାର ପାତ୍ର ହୋଇଆସିଛି। ଏଭଳି ଲେଖକଙ୍କ ଉଦ୍ଦେଶ୍ୟରେ ପ୍ରାଚୀନ କବି ଜଳଚନ୍ଦ୍ରଙ୍କର ଗୋଟିଏ ଚମତ୍କାର ଶ୍ଳୋକ 'ସଦୁକ୍ତି କର୍ଣ୍ଣାମୃତ' ରେ ଉଦ୍ଧୃତ। ଶ୍ଳୋକଟି ହେଉଛି—

ଧନ୍ୟସ୍ତେ ଭୁବନେ ପୁନନ୍ତି କବୟୋ ଯେଷାମଜସ୍ରଂ ଗବାମ୍
ଉଦ୍ଧାମ ଧ୍ୱନି ପଲ୍ଲବେନ ପରିତଃ ପୂତାଦିଶାଂ ଭିତୟଃ।
ଧିକ୍ ତାନ୍ ନିଃସ୍ୱ ବିଳାସିନଃ କବିଖଲ୍ଲାଁ ଲୋକଦ୍ୱୟ ଦ୍ରୋହିଣୋ
ନିତ୍ୟା କମିତ ଚେତସଃ ପରଗବୀ ଦୋହେନ ଜୀବନ୍ତି ଯେ ॥"

ଅର୍ଥାତ୍, 'ସଂସାରରେ ସେହି କବିଗଣ ହିଁ ଧନ୍ୟ ଯେଉଁମାନଙ୍କ ଅଜସ୍ର ବାଣୀର ଉଦ୍ଧାମ ଧ୍ୱନିର ପ୍ରସ୍ତାବରେ ସବୁ ଦିଗରେ ଦିଗନ୍ତର ମୂଳ ଅବଧି ପବିତ୍ର ହୋଇଅଛି। ଧିକ୍ ସେଇ ପରସ୍ୱବିଳାସୀ କବି-ଚୋରମାନଙ୍କୁ, ଯେଉଁମାନେ ଉଭୟ ଲୋକଦ୍ରୋହୀ, ସର୍ବଦା ଭୀତଚିତ୍ତ ଏବଂ ପରର ଗାଭୀ (ବାଣୀ ଅର୍ଥରେ) ଦୋହନ କରି ବଞ୍ଚନ୍ତି।"

ତେବେ ଉଲ୍ଲିଖିତ ଆଲୋଚନାରୁ ଏକଥା ଅତି ସ୍ପଷ୍ଟ ଯେ ସାହିତ୍ୟ ସୃଷ୍ଟି ବ୍ୟାପାରରେ ଅନ୍ୟର ପ୍ରଭାବ କେବେ ନିନ୍ଦନୀୟ ବା ଦୂଷଣୀୟ ନୁହେଁ। ବରଂ ଜଣେ ସ୍ରଷ୍ଟା ଅନ୍ୟର ପ୍ରଭାବ ମାଧ୍ୟମରେ ନିଜର ମୌଳିକ ପ୍ରତିଭା ପଲ୍ଲବିତ ଓ ପୁଷ୍ପିତ କରିବାକୁ କିମ୍ବା ନିଜର ସ୍ୱତନ୍ତ୍ର କାରିଗରୀ ପ୍ରଦର୍ଶନ କରିବାକୁ ସମର୍ଥ ହୋଇଥାଏ। ପ୍ରଭାବ ଦ୍ୱାରା ପ୍ରତିଭାର ସୃଜନଶକ୍ତି କିପରି ପରିପୁଷ୍ଟ ବା ବିକଶିତ ହୋଇପାରେ, କେତୋଟି କବିତା ବା କାବ୍ୟାଂଶର ତୁଳନା ଦ୍ୱାରା ତାହା ସ୍ପଷ୍ଟ ପ୍ରତିଭାତ ହୋଇ ଉଠିବ। ସେଥିପାଇଁ ଦୁଇଟି ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଯାଇଛି।

(କ) ଇଂରାଜୀ ସାହିତ୍ୟରେ କବି ଶେଲୀଙ୍କର 'Ode to the west wind' ଏକ ପ୍ରସିଦ୍ଧ କବିତା ଏବଂ ଏ କବିତାଟି ଦ୍ୱାରା ବହୁ ଭାରତୀୟ କବି ପ୍ରଭାବିତ। ବଙ୍ଗ ସାହିତ୍ୟରେ କବି ରବୀନ୍ଦ୍ରନାଥଙ୍କ 'ବର୍ଷ ଶେଷେ', ଓଡ଼ିଆ ସାହିତ୍ୟରେ କବି ଅନ୍ନଦାଶଙ୍କର ରାୟଙ୍କର 'ପ୍ରଳୟ ପ୍ରେରଣା', ମାୟାଧର ମାନସିଂହଙ୍କ 'ଦକ୍ଷିଣା ପ୍ରତି',

Digitized by PPRACHIN, SOA

ରାଧାମୋହନ ଗଡ଼ନାୟକଙ୍କ 'ମୌସୁମୀ' କବିତାରେ ଶେଲୀଙ୍କ ସୃଷ୍ଟିର ପ୍ରେରଣା ଓ ପ୍ରଭାବ ବିଦ୍ୟମାନ। ଶେଲୀଙ୍କ କବିତାର କେତୋଟି କାବ୍ୟ-ପଙ୍‌କ୍ତି ହେଉଛି—

"Oh, lift me as a wave, a leaf, a cloud!
I fall upon the thorns of life! I bleed!++
Make me thy lyre, +++
Be through my lips to unawakened earth
The trumpet of a prophecy! Oh, wind
If winter comes, can spring be far behind.'

ଏହି କାବ୍ୟ-ପଙ୍‌କ୍ତିଗୁଡ଼ିକ ସହିତ ଅନ୍ନଦାଶଙ୍କ 'ପ୍ରଳୟ ପ୍ରେରଣା'ର ନିମ୍ନଲିଖିତ କାବ୍ୟପଙ୍‌କ୍ତିଗୁଡ଼ିକ ତୁଳନୀୟ।

'ମୋତେ କର ବଂଶୀ ତବ ବଜାଇବି ଭୈରବ ରାଗିଣୀ
ଝଂଝା ରାଣି! ମୋ ସଙ୍ଗତେ ମିଶୁ ତବ କଙ୍କଣ କିଙ୍କିଣୀ।
ମୁକ୍ତି ମନ୍ତ୍ରେ ଦୀକ୍ଷା ଦିଅ, ଦିଅ ମୋତେ ଜ୍ୱଳନ୍ତ ଜୀବନ
କଣ୍ଠେ ମୋର ବ୍ରଜବାଣୀ, ନେତ୍ରେ ମୋର ପ୍ରଳୟ ଦୀପନ।

ଠିକ୍ ସେହିପରି ଇଂରାଜୀ କବି ଟେନିସନଙ୍କ 'Lotos-Eaters'କବିତାର ଭାବବୀଜ, ଅନ୍ନଦାଶଙ୍କରଙ୍କ 'କମଳବିଳାସୀର ବିଦାୟ', ଗଡ଼ନାୟକଙ୍କର 'ବିଦାୟ ବିପ୍ଳବ' ଏବଂ ସଚ୍ଚି ରାଉତରାୟଙ୍କ 'ପଦ୍ମଭୁକ୍' କବିତା ମଧ୍ୟରେ ଲକ୍ଷଣୀୟ।

(ଖ) ସଂସ୍କୃତ 'ପଦ୍ୟସଂଗ୍ରହ'ରେ ଜନ୍ମସ୍ଥାନ ପ୍ରତି ମମତା ସଂପର୍କରେ କୌଣସି ଅଜ୍ଞାତ କବିଙ୍କର ଶ୍ଳୋକଟିଏ ରହିଛି। ତାହା ହେଉଛି—

"ବାସ କାଞ୍ଚନ ପଞ୍ଜରେ ନୃପକରାମ୍ଭୋବୈଷ୍ଟନୁ ମାର୍ଜିତା
ଭକ୍ଷ୍ୟଂ ସ୍ୱାଦୁ ରସାଳ ଡାଡିମ ଫଳଂ ପୟଂ ସୁଧାଭଂ ପୟଃ।
ପାଠଂ ଶଂସତି ରାମ ନାମ ନିରତଂ ଧୀରସ୍ୟ କୀରସ୍ୟ ମେ,
ହା ହା ହନ୍ତ ତଥାପି ଜନ୍ମବିଟପୀ କ୍ରୋଡ଼େ ମନୋ ଧାବତି॥"

ଏହି ପଙ୍‌କ୍ତିଗୁଡ଼ିକର ଅନ୍ତର୍ନିହିତ ଭାବଚେତନା ସ୍ରଷ୍ଟା ରାଧାନାଥଙ୍କ କଳ୍ପନାଶକ୍ତିକୁ ସଂଜୀବିତ, ପଲ୍ଲବିତ ଓ ପୁଷ୍ପିତ କରିଛି ଏବଂ ଜନ୍ମସ୍ଥାନ ପ୍ରତି ମମତା କେବଳ ନୁହେଁ, ପ୍ରାଣର ମୁକ୍ତିପିପାସା କିପରି ଦୁର୍ମର ଓ ଦୁର୍ନିବାର, ତାହା 'ପାର୍ବତୀ' କାବ୍ୟର ନିମ୍ନ ବର୍ଣ୍ଣନାରୁ ଆମେ ଅନାୟାସରେ ଅନୁଧ୍ୟାନ କରିପାରିବା।

"ବାମଣ୍ଡା-ମଣ୍ଡନ ପ୍ରପାତ-ଶୀକର-ସ୍ନାତ ଘନ ବନସ୍ଥଳୀ
ଛାଡ଼ି ଶ୍ୟାମା ଏବେ ସମ୍ରାଟ-ସଦନେ କରୁଣେ କରେ କାକଳି।
ମଣିଭଦ୍ରା-ଶୈଳେ ମୁନି କୁମାରୀଙ୍କ ନୀବାରମୁଷ୍ଟି ଆସ୍ୱାଦ
ସ୍ମରି ରାଜସଦ୍ମ-ଶିକୁଳିରେ ବଦ୍ଧ ଭଜୁଛି ଶୁକ ବିଷାଦ।

Digitized by PPRACHIN, SOA

ପିଞ୍ଜରେ ଘୂମାଇ ଘୂମାଇ ଶାରିକା ସ୍ମରୁଅଛି ଜନ୍ମସ୍ଥାନ,
ସ୍ୱପ୍ନେ କରୁଅଛି ସପ୍ତକ୍ରୋଶୀ ଗଣ୍ଡେ ବନ୍ୟ ଫଳରସ ପାନ।
ମଙ୍ଗର ଉଦ୍ୟାନେ ସ୍ୱର୍ଣ୍ଣ ଯଷ୍ଟିପରେ ବସି ମୟୂର ମୟୂରୀ,
ମଇନାକ ଶୈଳେ ମେଘାଗମ ସୁଖ ସ୍ମରୁଛନ୍ତି ଝୁରି ଝୁରି।
ଏ ବିଭବେ ଥାଇ ମହାରାଣୀଙ୍କର ମନେ ନାହିଁ ସୁଖ ଲେଶ,
କି କୌଶଳେ କଲା ଶୋକକୀଟ ଏହି କୁସୁମବନେ ପ୍ରବେଶ।''

ପ୍ରତିଭାର ପ୍ରଜ୍ୱଳନ ପାଇଁ ଗୋଟିଏ ସ୍ଫୁଲିଙ୍ଗ ପ୍ରକୃତରେ ଯଥେଷ୍ଟ। ପ୍ରାଚୀନ ବା ମଧ୍ୟଯୁଗୀୟ ଭାରତୀୟ ସାହିତ୍ୟରେ କବିମାନସର ଚାରଣଭୂମି ଥିଲା ସଂସ୍କୃତ ସାହିତ୍ୟର ସୁବିପୁଳ ଗନ୍ତାଘର। ତେଣୁ ପ୍ରାଚୀନ ଓ ମଧ୍ୟଯୁଗୀୟ ଭାରତୀୟ ସାହିତ୍ୟରେ ସଂସ୍କୃତ ସାହିତ୍ୟର ଅଖଣ୍ଡ ପ୍ରଭାବ ଆମେ ଲକ୍ଷ୍ୟ କରୁ। ରେନେସାଁସ ପରେ ପାଶ୍ଚାତ୍ୟ ଜଗତ, ବିଶେଷତଃ ଇଂରାଜୀ ସାହିତ୍ୟ ସହିତ ଭାରତୀୟ କବିମାନସର ସଂସ୍ରବ ଘଟିବା ଫଳରେ ସଂସ୍କୃତ ସହିତ ଇଂରାଜୀ ସାହିତ୍ୟ ଏବଂ ଇଂରାଜୀ ମାଧ୍ୟମରେ ୟୁରୋପୀୟ ତଥା ଅନ୍ୟାନ୍ୟ ବୈଦେଶିକ ସାହିତ୍ୟର ପ୍ରଭାବ ଭାରତୀୟ ସାହିତ୍ୟରେ ପରିଲକ୍ଷିତ ହେଲା। ଦିନ ଥିଲା, ବିଚାର-ବିମର୍ଶ କ୍ଷେତ୍ରରେ ଆମେ ପ୍ରଭାବ-ନିରୂପଣ ପାଇଁ କାଳିଦାସଙ୍କୁ ତୁଳନା କରୁଥିଲୁ ବାଲ୍ମୀକିଙ୍କ ସହିତ କିମ୍ବା ରବୀନ୍ଦ୍ରନାଥଙ୍କୁ ତୁଳନା କରୁଥିଲୁ କାଳିଦାସଙ୍କ ସହିତ। (ବସ୍ତୁତଃ ଏଇ ତିନି ପ୍ରତିଭାର ଏକ ତୁଳନାତ୍ମକ ଅଧ୍ୟୟନ ଡକ୍ଟର ଶଶୀଭୂଷଣ ଦାଶଗୁପ୍ତଙ୍କ 'ତ୍ରୟୀ' ଗ୍ରନ୍ଥରେ ନିହିତ) କିନ୍ତୁ ଆଧୁନିକତାର ପୁରୋଧା ରବୀନ୍ଦ୍ରନାଥଙ୍କ କାବ୍ୟଶିଳ୍ପରେ କେବଳ କାଳିଦାସଙ୍କ ପ୍ରଭାବ ଯେ ନିହିତ ତାହା ନୁହେଁ, ବହୁ ସଂସ୍କୃତ କାବ୍ୟକବିତା, ଉପନିଷଦ, ମଧ୍ୟଯୁଗୀୟ ପଦ୍ୟାବଳୀ ସାହିତ୍ୟ ସହିତ ଇଂରାଜୀ ତଥା ଅନ୍ୟାନ୍ୟ ୟୁରୋପୀୟ ସାହିତ୍ୟର ପ୍ରଭାବ ମଧ୍ୟ ବହୁ ଭାବରେ ପ୍ରତିଫଳିତ।

ତେଣୁ ସାରସ୍ୱତ ଆଲୋଚନା କ୍ଷେତ୍ରରେ ତୁଳନା କରିବାର ଚିତ୍ତବୃତ୍ତି ଓ ପରଂପରା ଅତି ପ୍ରାଚୀନ। କିନ୍ତୁ ଆଧୁନିକ ସମାଲୋଚନା କ୍ଷେତ୍ରରେ 'ତୁଳନାତ୍ମକ ସାହିତ୍ୟ' ବା 'Comparative Literature'ଯେପରି ପ୍ରତିଷ୍ଠା ଓ ସ୍ୱୀକୃତି ଲାଭ କରି ସମୀକ୍ଷା-ପଦ୍ଧତିର ଏକ ସ୍ୱତନ୍ତ୍ର ବିଭାଗ ରୂପେ ଗୃହୀତ ହୋଇଛି, ତାହାର ଐତିହ୍ୟ ଖୁବ୍ ପ୍ରାଚୀନ ନୁହେଁ। 'Comparative' ଶବ୍ଦଟିର ବ୍ୟବହାର ମଧ୍ୟଯୁଗୀୟ ଇଂରାଜୀ ଭାଷାରେ ପ୍ରଥମେ ପରିଲକ୍ଷିତ ହୁଏ, ଯାହାର ବ୍ୟୁତ୍ପତ୍ତି ଲାଟିନ୍ ଭାଷାର 'Comparativus' ଶବ୍ଦରୁ ନିଷ୍ପନ୍ନ। ଇଂରାଜୀ ରେନେସାଁସ ଯୁଗର ଅମର ସ୍ରଷ୍ଟା ସେକ୍ସପିୟର ଏଇ ଶବ୍ଦଟିକୁ ତାଙ୍କର ନାଟକରେ (Henery IV, I.2.90) ପ୍ରଥମେ ବ୍ୟବହାର କରିଥିବାର ଆମେ ଲକ୍ଷ୍ୟକରୁ। ନାଟକର ଅନ୍ୟତମ ଚରିତ୍ର ଫଲଷ୍ଟାଫ ରାଜକୁମାର ହଲ୍‌ଙ୍କ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ ସେଥିରେ କହିଛି 'the most

Digitized by PPRACHIN, SOA

comparative, rascalliest, sweet young prince". ୧୫୯୮ ଖ୍ରୀ:ଅ:ରେ ଫ୍ରାନ୍‌ସିସ୍ ମିରିସ ତାଙ୍କର ଏକ ପ୍ରବନ୍ଧର ଶୀର୍ଷକରେ ଏଇ ଶବ୍ଦଟିକୁ ବ୍ୟବହାର କରି ତା'ର ନାମକରଣ କରନ୍ତି, 'A Comparative Discourse of our English Poets with the Greek, Latin and Italian Poets.' ସପ୍ତଦଶ ଓ ଅଷ୍ଟାଦଶ ଶତକର ବହୁ ଗ୍ରନ୍ଥର ଶିରୋନାମାରେ ଏଇ ଶବ୍ଦଟି ବିଶେଷଣ ଭାବରେ ମଧ୍ୟ ବ୍ୟବହୃତ। କିନ୍ତୁ 'Comparative Literature' ଶବ୍ଦ ଦୁଇଟିର ଏକତ୍ର ପ୍ରୟୋଗ ୧୮୪୮ ଖ୍ରୀ:ଅ:ରେ ଲିଖିତ ମାଥ୍ୟୁ ଆରନଲ୍ଡଙ୍କ ଖଣ୍ଡିଏ ପତ୍ରରେ ପ୍ରଥମେ ପରିଲକ୍ଷିତ ହୁଏ। ୧୯୩୧ ଖ୍ରୀ:ଅ:ରେ ଭ୍ୟାନ ତିଘେମ (Van Tieghem) ତୁଳନାତ୍ମକ ସାହିତ୍ୟର ଆଭିମୁଖ୍ୟ ସଂପର୍କରେ କହନ୍ତି ଯେ, "The object of comparative literature is essentially the study of diverse literatures in their relations with one another." ଅର୍ଥାତ୍, ବିଭିନ୍ନ ବିପରୀତଧର୍ମୀ ସାହିତ୍ୟ ସମୂହର ଏକର ଅନ୍ୟ ସହିତ ଥିବା ସଂପର୍କର ଅଧ୍ୟୟନ ହିଁ ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ହେବା ବିଧେୟ। ଏଥିପାଇଁ ୧୯୫୪ ମସିହାରେ ତୁଳନାତ୍ମକ ସାହିତ୍ୟର ଏକ ଆନ୍ତର୍ଜାତିକ ପରିଷଦ (The International Association of Comparative Literature) ଗଠିତ ହୋଇଥିଲା ଏବଂ ଏହାର ପ୍ରଥମ ଅଧିବେଶନ ୧୯୫୫ ମସିହାରେ ଭେନିସ୍ ସହରରେ ଅନୁଷ୍ଠିତ ହୋଇଥିଲା। ୧୯୬୧ ମସିହାରେ ତୁଳନାତ୍ମକ ସାହିତ୍ୟର ସଂଜ୍ଞାର ପରିସରକୁ ଆଉ ଟିକିଏ ବିସ୍ତୃତ କରି H.H.H. Remak ପ୍ରକାଶ କରିଥିଲେ, "The study of literature beyond the confines of one particular country and the study of the relationships between literature on the one hand and the other areas of knowledge and belief, such as the arts, philosophy, history, the social sciences, the science, religion etc... on the other hand," ଅର୍ଥାତ୍, କୌଣସି ନିର୍ଦ୍ଦିଷ୍ଟ ଦେଶର ଭୌଗୋଳିକ ସୀମା ସରହଦ ଅତିକ୍ରମ କରି ସାହିତ୍ୟର ଅଧ୍ୟୟନ କରିବା, ସାହିତ୍ୟ ସାହିତ୍ୟ ମଧ୍ୟରେ ଥିବା ସଂପର୍କର ଅନୁଶୀଳନ କରିବା ଏବଂ ମାନବିକ ଜ୍ଞାନ ଓ ପ୍ରତ୍ୟୟର ଅନ୍ୟାନ୍ୟ ପରିସର, ଯଥା କଳା, ଦର୍ଶନ, ଇତିହାସ, ସାମାଜିକ ବିଜ୍ଞାନ, ବିଜ୍ଞାନ, ଧର୍ମ ଇତ୍ୟାଦି ସହିତ ସାହିତ୍ୟର ସଂପର୍କ ନିର୍ଣ୍ଣୟ କରିବା ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ହେବା ଆବଶ୍ୟକ। ତେଣୁ ସମାଲୋଚକ ରେନେ ୱେଲେକ୍ (Rene'Wellek) ପୂର୍ବସୂରୀମାନଙ୍କ ଚିନ୍ତାଧାରାର ନିର୍ଯ୍ୟାସ ଗ୍ରହଣ କରି କହିଛନ୍ତି ଯେ ପରିପ୍ରେକ୍ଷିତ ଓ ଭାବଚେତନା ଦୃଷ୍ଟିରୁ ତୁଳନାତ୍ମକ ସାହିତ୍ୟ ସମସ୍ତ ସାରସ୍ୱତ ସୃଷ୍ଟି ଓ ଅଭିଜ୍ଞତା ମଧ୍ୟରେ ନିହିତ ଐକ୍ୟ ସଂପର୍କରେ ସଚେତନ ଓ ଅବହିତ ହୋଇ ଆନ୍ତର୍ଜାତିକ ଦୃଷ୍ଟିକୋଣରୁ ସାହିତ୍ୟର ମୂଲ୍ୟାଙ୍କନ

Digitized by PPRACHIN, SOA

କରିବା କର୍ତ୍ତବ୍ୟ। (It will study all literature from an international perspective, with a consciousness of the unity of all literary creation and experience.)

ତେଣୁ ସାହିତ୍ୟ-ସମୀକ୍ଷା କ୍ଷେତ୍ରରେ 'ତୁଳନାତ୍ମକ ସାହିତ୍ୟ'କୁ ଗୁରୁତ୍ୱ ଓ ମର୍ଯ୍ୟାଦା ଦେବା ସଂଗେ ସଂଗେ ତାହାକୁ ଏକ ସ୍ୱତନ୍ତ୍ର ବିଭାଗର ସ୍ୱୀକୃତି ପ୍ରଦାନ ପାଇଁ ଆଜି ଅନେକ ଦାବି କରୁଥିବାର ଆମେ ଲକ୍ଷ୍ୟ କରୁ। ଏକଥା ଅବଶ୍ୟ ସତ୍ୟ ଯେ ତୁଳନାତ୍ମକ ପଦ୍ଧତି ସବୁକାଳରେ ସମାଲୋଚନାର ଅଙ୍ଗୀଭୂତ ହୋଇ ରହିଥିଲା। କାରଣ, ତୁଳନା ଓ ବିଶ୍ଳେଷଣ ହେଉଛି ସମାଲୋଚକର ଦୁଇଟି ପ୍ରଧାନ ଅବଲମ୍ବନ। ଏଲିୟଟଙ୍କ ଭାଷାରେ କହିବାକୁ ଗଲେ "Comparison and analysis....are the chief tools of the critic. It is ovious indeed that they are tools, to be handled with care, and not employed in an inquiry into the number of times Giraffes are mentioned in the English novel.+++
Comparison and analysis need only the cadavers on the table; but interpretation is always producing parts of the body from its pockets, and fixing them in place." (The function of Criticism) ଏଥିପାଇଁ ତୁଳନାତ୍ମକ ପଦ୍ଧତିରେ ଯେଉଁ ତ୍ରୁଟି ବିଚ୍ୟୁତି ସାଧାରଣତଃ ଦେଖାଯାଏ କିମ୍ବା ଯେଉଁ ଅସୁବିଧା ବା ପ୍ରତିବନ୍ଧକ ଏଥିରେ ନିହିତ, ସେ ସଂପର୍କରେ ବହୁ ବିଦ୍ୱାନ ଓ ସମୀକ୍ଷକ ଆମର ଦୃଷ୍ଟି ଯେ କେବଳ ଆକର୍ଷଣ କରିଛନ୍ତି, ତାହା ନୁହେଁ, ଅନେକ 'ତୁଳନାତ୍ମକ ସାହିତ୍ୟ' କଥାଟିକୁ ମଧ୍ୟ ସଂପୂର୍ଣ୍ଣ ଅର୍ଥହୀନ ବୋଲି ବିବେଚନା କରିଛନ୍ତି। ଏଇ ଶତକର ଦ୍ୱିତୀୟ ଦଶକରେ କର୍ନେଲ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ପ୍ରଫେସର ଲେନ୍ କୁପର (Lane Cooper) ତାଙ୍କର ବିଭାଗଟିର ନାମ 'Comparative Literature' ପରିବର୍ତ୍ତେ "The Comparative Study of Literature" ରଖିବା ପାଇଁ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। କାରଣ, ତାଙ୍କ ମତରେ 'Comparative Literature' ବା 'ତୁଳନାତ୍ମକ ସାହିତ୍ୟ' କଥାଟି ସଂପୂର୍ଣ୍ଣ ଅବାନ୍ତର ଓ ଅର୍ଥହୀନ। ଏହାଛଡ଼ା ଆମେ ଅନେକ ସମୟରେ କାଳିଦାସଙ୍କୁ ସେକସ୍‌ପିୟରଙ୍କ ସହିତ, ପୁଷ୍କିନ୍‌ଙ୍କୁ ବାୟରନଙ୍କ ସହିତ, ଶେଖଫଙ୍କୁ ମୋପାସାଁଙ୍କ ସହିତ, ରବୀନ୍ଦ୍ରନାଥଙ୍କୁ ଗ୍ୟେଟେଙ୍କ ସହିତ କିମ୍ବା ମହାକାବ୍ୟ ଭାବରେ ରାମାୟଣ ଓ ମହାଭାରତକୁ ଇଲିୟାଡ୍ ଓ ଓଡ଼େଶୀ ସହିତ ତୁଳନା କରିଥାଉଁ। ଏହି ତୁଳନା ମାଧ୍ୟମରେ ଆମେ ଯେ କୌଣସି ଦୁଇଜଣ ସ୍ରଷ୍ଟାଙ୍କ ମଧ୍ୟରେ ଅଥବା ଦୁଇଟି ସୃଷ୍ଟି ମଧ୍ୟରେ ନିହିତ ସାମଞ୍ଜସ୍ୟ ବା ଅସାମଞ୍ଜସ୍ୟ ସହିତ ହୁଏତ ପରିଚିତ ହୋଇପାରୁ, ଉଭୟ ସ୍ରଷ୍ଟାଙ୍କ କଳ୍ପନାଶକ୍ତି ଓ ପ୍ରତିଭାର ବୈଚିତ୍ର୍ୟ ସଂପର୍କରେ ହୁଏତ ଧାରଣା କରିପାରୁ, କିନ୍ତୁ ଆମେ ଯଦି

Digitized by PPRACHIN, SOA

ସେମାନଙ୍କ ମଧ୍ୟରେ ଅଭିନ୍ନତା ଆରୋପ କରି କହୁଁ ଯେ 'କାଳିଦାସ ହେଉଛନ୍ତି ଭାରତର ସେକସ୍‌ପିୟର', 'ପୁଷ୍‌କିନ ହେଉଛନ୍ତି ରୁଷିଆର ବାୟରନ୍', 'ଶେକଫ ହେଉଛନ୍ତି ରୁଷିଆର ମୋପାସାଁ' କିମ୍ବା 'ରବୀନ୍ଦ୍ରନାଥ ହେଉଛନ୍ତି ଭାରତର ଗ୍ୟେଟେ', ତେବେ ଏଭଳି ମନ୍ତବ୍ୟ ବା ତୁଳନାତ୍ମକ ବିଚାର ସଂପୂର୍ଣ୍ଣ ଅର୍ଥହୀନ ହୋଇ ଉଠିଥାଏ। କାରଣ ବିଭିନ୍ନ ଯୁଗରେ ବିଭିନ୍ନ ଦେଶରେ ଜନ୍ମଗ୍ରହଣ କରିଥିବା ଲେଖକମାନଙ୍କ ମଧ୍ୟରେ ତୁଳନା ଅନେକ ସମୟରେ ଅଯୌକ୍ତିକ ଓ ସୁଦୂରପରାହତ। ଗୋଟିଏ ଦେଶ ବା ଗୋଟିଏ ଜାତିର ଲୋକଚରିତ୍ର ଓ ସାଂସ୍କୃତିକ ବୈଶିଷ୍ଟ୍ୟ ସାଧାରଣତଃ ତା'ର ପ୍ରତିଭାଧର ଶିଳ୍ପୀଙ୍କ ସୃଷ୍ଟି ମଧ୍ୟରେ ଆତ୍ମପ୍ରକାଶ କରିଥାଏ। କାର୍ଲାଇଲଙ୍କ ଭାଷାରେ କହିବାକୁ ଗଲେ, "The History of a nation's Poetry is the essence of its History, political, economic, scientific, religious...the truest emblem of the national spirit and manner of existence." ଅର୍ଥାତ୍, ଗୋଟିଏ ଜାତିର କବିତାର ଇତିହାସ ହେଉଛି ତା'ର ରାଜନୀତିକ, ଆର୍ଥନୀତିକ, ବୈଜ୍ଞାନିକ ଓ ଧାର୍ମିକ ଚିନ୍ତାଧାରାର ଇତିହାସ ଏବଂ ଜାତିର ମର୍ମବାଣୀ ଓ ଜୀବନଧାରାର ପ୍ରକୃଷ୍ଟ ଓ ବିଶ୍ୱସ୍ତ ପ୍ରତୀକ। ସେଥିପାଇଁ ଅନେକ ସମୀକ୍ଷକ ଶେଖଫଙ୍କୁ ଯେତେବେଳେ ରୁଷିଆର ମୋପାସାଁ ବୋଲି ଅଭିହିତ କଲେ, ସେତେବେଳେ ପ୍ରସିଦ୍ଧ ସମାଲୋଚକ ଇଲିୟା ଇରେନ୍‌ବର୍ଗ (Ilya Ehrenburg) ତା'ର ପ୍ରତିବାଦ ଜଣାଇ କହିଛନ୍ତି, "Chekhov is unlike Maupassant, and one can only wonder how certain critics were able for years on end to call Chekhov 'the Russian Maupassant'. Comparisons between writers of different countries are always far-fetched; an artistic genius reflects the character of a people; there never was and never could be a french Dickens, a Russian Voltaire, a French, English or German Chekhov." ଲକ୍ଷ୍ୟ କରିବାର କଥା, ଇରେନ୍‌ବର୍ଗଙ୍କ ଚିନ୍ତାଧାରା କାର୍ଲାଇଲଙ୍କ ଅଭିମତର ପ୍ରାୟ ସଂପୂର୍ଣ୍ଣ ଅନୁଗାମୀ। ସେହିପରି ଜାତୀୟ ଗୌରବ ପ୍ରଖ୍ୟାପନ ପାଇଁ ଭାବପ୍ରବଣତା ବଶତଃ ଆମେ ଅନେକ ସମୟରେ କହିଥାଉଁ ଯେ 'କାଳିଦାସ ହେଉଛନ୍ତି ଭାରତର ସେକସ୍‌ପିୟର'। କଥାଟି ପ୍ରଥମେ ସାର୍ ଉଇଲିୟମ୍ ଜୋନ୍‌ସ୍‌ ୧୭୮୯ ଖ୍ରୀ:ଅ:ରେ କାଳିଦାସଙ୍କ 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର ଇଂରାଜୀ ଅନୁବାଦ 'Sacontala or the Fatal Ring' ନାମରେ ଯେତେବେଳେ ପ୍ରକାଶ କଲେ, ତାହାରି ମୁଖବଂଧରେ କାଳିଦାସଙ୍କୁ ସେ "Indian Shakespeare" ବୋଲି ଅଭିହିତ କରିଥିଲେ। କିନ୍ତୁ କାଳିଦାସ ଓ ସେକସ୍‌ପିୟର ଦୁଇଟି ଭିନ୍ନ ଯୁଗର ଓ ଦୁଇଟି ଭିନ୍ନ ଜାତିର ସାଂସ୍କୃତିକ ଭାବମାନସର ପ୍ରତିନିଧି ଏବଂ ଲୋକଚରିତ୍ର ଚିତ୍ରଣ

Digitized by PPRACHIN, SOA

ଓ ସୃଜନଶକ୍ତି ଦୃଷ୍ଟିରୁ ଦୁଇ ଅମର ସ୍ରଷ୍ଟାଙ୍କ ମଧ୍ୟରେ ଆକାଶ-ପାତାଳ ବ୍ୟବଧାନ। ସେଥିପାଇଁ ସମାଲୋଚକ ଫ୍ରେଜାର (R.W. Fraser) ଏ ଦୁହିଁଙ୍କ ତୁଳନାର ସମୀଚୀନତା ସଂପର୍କରେ ଯଥାର୍ଥ ଅଭିମତ ଦେଇ କହିଛନ୍ତି—"While Kalidas is universally accepted as the Shakespeare of the Indian drama, it must be remembered that this is merely meant to indicate that his plays represent the purest and according to eastern ideals highest artistic form of the classic drama."

ବର୍ତ୍ତମାନ ବିଶ୍ୱସାହିତ୍ୟର ଦୁଇ ମହାନ୍ ପ୍ରତିଭାଧର ସ୍ରଷ୍ଟା ଗ୍ୟେଟେ ଓ ରବୀନ୍ଦ୍ରନାଥଙ୍କ ତୁଳନା-ପ୍ରସଙ୍ଗ ବିଚାରକୁ ନିଆଯାଉ। ନାଟ୍ୟକାର ଭାବରେ ରବୀନ୍ଦ୍ରନାଥ ଇଉରିପିଦେସ୍, ସେକସ୍‌ପିୟର, ମଲିଏର, ଇବସେନ ଅଥବା ଓ'ନୀଲଙ୍କର ସମକକ୍ଷ ନ ହୋଇପାରନ୍ତି, ଔପନ୍ୟାସିକ ଭାବରେ ତାଙ୍କୁ ସାଁଦାଲ, ଦସ୍ତୟେଭସ୍କି, ଟଲଷ୍ଟୟ, ଟମାସ ମାନ୍ ଅଥବା ପ୍ରୁଷ୍ଟଙ୍କ ସହିତ ହୁଏତ ତୁଳନା କରାଯାଇ ନପାରେ, ଏପରିକି ତାଙ୍କର ବିପୁଳ କବିଖ୍ୟାତି ସତ୍ତ୍ୱେ ରିଲ୍‌କେ, ର୍ୟାଁବୋ, ବୋଦ୍‌ଲେୟର, ଅଥବା ଇୟେଟ୍‌ସଙ୍କ ସାର୍ଥକତମ କବିତା ମଧ୍ୟରେ ଜୀବନର ଯେଉଁ ସମସ୍ତ ଅତଳସ୍ପର୍ଶ ଅଭିଜ୍ଞତାର ପରିଚୟ ଆମେ ପାଇଥାଉଁ ତା'ର ସଂଧାନ ତାଙ୍କ କବିତା ମଧ୍ୟରେ ନ ମିଳିପାରେ, କିନ୍ତୁ ସୃଷ୍ଟି କ୍ଷେତ୍ରରେ ପ୍ରତିଭାର ଏପରି ପ୍ରାଚୁର୍ଯ୍ୟ ଓ ବହୁମୁଖୀନତା ସେ ଯେପରି ପ୍ରଦର୍ଶନ କରିଛନ୍ତି, ତା'ର ତୁଳନା ବିଶ୍ୱ ସାହିତ୍ୟରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ସେମାନଙ୍କ ମଧ୍ୟରୁ ଅନେକେ ଆପଣା ଆପଣା କ୍ଷେତ୍ରରେ ରବୀନ୍ଦ୍ରଙ୍କ ତୁଳନାରେ ଅଧିକ ସାର୍ଥକତା ହୁଏତ ଅର୍ଜନ କରିଛନ୍ତି, କିନ୍ତୁ ଏତେ ବିଚିତ୍ର କ୍ଷେତ୍ରରେ ସେମାନେ କେହି ସିଦ୍ଧିର ଅଧିକାରୀ ହୋଇନାହାନ୍ତି, ଏପରିକି ବିଚରଣ ମଧ୍ୟ କରିନାହାନ୍ତି। ନା, ଦାନ୍ତେ ନୁହନ୍ତି, ସେକସ୍‌ପିୟର ନୁହନ୍ତି କିମ୍ବା ଟଲଷ୍ଟୟ ମଧ୍ୟ ନୁହନ୍ତି। ପଶ୍ଚିମୀ ରେନେସାଁସ ଯୁଗରେ ଯାହାକୁ କୁହାଯାଉଥିଲା ବୈଶ୍ୱିକ ମାନବ ବା I'uomouniversale, ସାହିତ୍ୟିକମାନଙ୍କ ମଧ୍ୟରେ ରବୀନ୍ଦ୍ରନାଥ ହେଉଛନ୍ତି ତାହାର ଆଶ୍ଚର୍ଯ୍ୟ ଦୃଷ୍ଟାନ୍ତ। ରବୀନ୍ଦ୍ରନାଥଙ୍କ ପରି ବିଚିତ୍ର ପ୍ରତିଭା କେବଳ ଏ ଦେଶରେ କାହିଁକି ସାରାପୃଥିବୀରେ ମଧ୍ୟ କେବଳ ଜଣକ ବ୍ୟତୀତ ଦ୍ୱିତୀୟ କେହି ଦୃଷ୍ଟିଗୋଚର ହୋଇନଥାନ୍ତି ଏବଂ ସେ ହେଉଛନ୍ତି ଯୋହାନ୍ ହ୍ୱୋଲ୍‌ଫ୍‌ଗାଙ୍ଗ ଗ୍ୟେଟେ।

ଗ୍ୟେଟେ ମୁଖ୍ୟତଃ ସାହିତ୍ୟିକ ଏବଂ ତାଙ୍କର ପ୍ରତିଭା ରବୀନ୍ଦ୍ରନାଥଙ୍କ ପରି ବିଚିତ୍ରମୁଖୀ। ଗଦ୍ୟ ଏବଂ ପଦ୍ୟ ଉଭୟ କ୍ଷେତ୍ରରେ ସେ ହେଉଛନ୍ତି ସିଦ୍ଧହସ୍ତ; ଜର୍ମାନ୍ ସାହିତ୍ୟର ପ୍ରାୟ ଏପରି କୌଣସି ବିଭାଗ ବା ଶାଖା ପ୍ରଶାଖା ନାହିଁ ଯେଉଁଥିରେ ତାଙ୍କର ପ୍ରତିଭାର ସ୍ୱାକ୍ଷର ଅଙ୍କିତ ନ ହୋଇଛି। ସେ ମଧ୍ୟ କିଛିକାଳ ଚିତ୍ରକଳାର ଚର୍ଚ୍ଚା କରିଥିଲେ, ତେବେ ରବୀନ୍ଦ୍ରନାଥଙ୍କ ଭଳି ପରିଣତ ବୟସରେ ନୁହେଁ, ପ୍ରଥମ

Digitized by PPRACHIN, SOA

ଯୌବନରେ । ତାଙ୍କର ବିଜ୍ଞାନ ସାଧନା ରବୀନ୍ଦ୍ରନାଥଙ୍କ ତୁଳନାରେ ଅଧିକ ତନ୍ନିଷ୍ଠ; ଉଦ୍ଭିଦ ବିଜ୍ଞାନ ଏବଂ ଅଙ୍ଗସଂସ୍ଥାନ ଶାସ୍ତ୍ରରେ ତାଙ୍କର ଗବେଷଣା ସମକାଳୀନ ବୈଜ୍ଞାନିକ ସମାଜରେ ସ୍ୱୀକୃତି ଲାଭ କରିଥିଲା । ଏପରିକି ପଦାର୍ଥ ବିଜ୍ଞାନ ମଧ୍ୟ ତାଙ୍କ ଦୃଷ୍ଟିରୁ ବାଦ୍ ଯାଇନଥିଲା । ରବୀନ୍ଦ୍ରନାଥ ଯେପରି ପ୍ରତିଷ୍ଠା କରିଥିଲେ 'ବିଶ୍ୱଭାରତୀ,' ଗ୍ୟେଟେ ମଧ୍ୟ ସେହିପରି ପ୍ରତିଷ୍ଠା କରିଥିଲେ 'ହ୍ୱାଇମାର ରଙ୍ଗମଞ୍ଚ' । କେବଳ ସେତିକି ନୁହେଁ, ମାତ୍ର ଛବିଶ ବର୍ଷ ବୟସରେ ସେ ହ୍ୱାଇମାରର ଅନ୍ୟତମ ମନ୍ତ୍ରୀପଦରେ ନିଯୁକ୍ତି ଲାଭ କରିଥିଲେ । ଅର୍ଥ, କୃଷି ଓ ଖଣିଜ ଦପ୍ତର ଥିଲା ତାଙ୍କ ଅଧୀନରେ । ଦଶବର୍ଷ ଧରି ଏହି ଦାୟିତ୍ୱ ବିଶେଷ ଯୋଗ୍ୟତା ସହ ସେ ପାଳନ କରିଥିଲେ । ରବୀନ୍ଦ୍ରନାଥଙ୍କ ପରି ସେ ମଧ୍ୟ କୃଷି ବ୍ୟବସ୍ଥାର ଉନ୍ନତିକଳ୍ପେ ବିସ୍ତର ଚିନ୍ତା ଓ ଚେଷ୍ଟା କରିଥିଲେ । ଫଳତଃ ରବୀନ୍ଦ୍ରନାଥଙ୍କ ଭଳି ଗ୍ୟେଟେ ମଧ୍ୟ ଥିଲେ ଜୀବନଶିଳ୍ପୀ ଏବଂ ମୁଖ୍ୟତଃ ଉଭୟେ ସାହିତ୍ୟିକ ହେଲେ ମଧ୍ୟ ସାହିତ୍ୟ ସେମାନଙ୍କ ନିକଟରେ ଥିଲା ଜୀବନର ଗୋଟିଏ ଦିଗ ମାତ୍ର; ଜୀବନଠାରୁ ବୃହତ୍ତର ବୋଲି ତାହା କେବେ ସ୍ୱୀକୃତି ଲାଭ କରିନଥିଲା ।

ଏହାଛଡ଼ା ଯେଉଁ ବିଶେଷ ଐତିହାସିକ ପରିବେଶ ବା ପଟଭୂମିରେ ଗ୍ୟେଟେ ଓ ରବୀନ୍ଦ୍ରନାଥ ଆବିର୍ଭୂତ ହୋଇଥିଲେ ସେଠାରେ ମଧ୍ୟ ସେମାନଙ୍କ ମଧ୍ୟରେ ଆଶ୍ଚର୍ଯ୍ୟ ସାଦୃଶ୍ୟ ଦେଖାଯାଏ । ଗ୍ୟେଟେଙ୍କ ଜନ୍ମ ୧୭୪୯ ଖ୍ରୀ:ଅ:ରେ ଏବଂ ସେତେବେଳେ ଜର୍ମାନୀର ସାମାଜିକ ଓ ସାଂସ୍କୃତିକ ଜୀବନ ଥିଲା ଗାଢ଼ ତମସାଚ୍ଛନ୍ନ । ତାଙ୍କର ବୟଃପ୍ରାପ୍ତି କାଳରେ ଜର୍ମାନୀର ସାଂସ୍କୃତିକ ଜୀବନରେ ୟୁରୋପୀୟ ରେନେସାଁସ-ଆନ୍ଦୋଳନର କିଛି କିଛି ପ୍ରଭାବ ପରିସ୍ଫୁଟ ହୋଇ ଉଠିଥିଲା । କାଣ୍ଟଙ୍କର ଯୁକ୍ତିବାଦୀ ଦର୍ଶନ, ହ୍ୱିଙ୍କେଲ୍‌ମାନଙ୍କ ଶିଳ୍ପତତ୍ତ୍ୱ, ଲେସିଙ୍ଗଙ୍କ ସାହିତ୍ୟ ବିଚାର ଏବଂ ହେର୍ଡ଼ରଙ୍କ ଇତିହାସ ତତ୍ତ୍ୱ ମାଧ୍ୟମରେ ପ୍ରାଚୀନ ଗ୍ରୀସ୍ ଏବଂ ଆଧୁନିକ ଇଂଲଣ୍ଡ, ଫ୍ରାନସ୍ ଓ ଇଟାଲୀ, ଜର୍ମାନ ଜାତିର ମାନସରେ ପ୍ରବେଶ ଲାଭ କରିଥିଲେ । ରିଫର୍ମେସନ ଜର୍ମାନୀକୁ ରେନାସାଁସର ମହତ୍ ଉତ୍ତରାଧିକାରରୁ ବଂଚିତ କରଥିଲା ସତ, କିନ୍ତୁ ଏମାନଙ୍କ ପ୍ରୟାସ ଫଳରେ ଅଷ୍ଟାଦଶ ଶତକର ଜର୍ମାନୀରେ ସାଂସ୍କୃତିକ ଉଜ୍ଜୀବନର ସମ୍ଭାବନା ଦେଖା ଦେଇଥିଲା । ଏହିମାନଙ୍କ କର୍ଷିତ ଜମିରେ ହିଁ ଫସଲ ଫଳାଇଥିଲେ ଗ୍ୟେଟେ । ତିରିଶି ବର୍ଷ ବ୍ୟାପୀ ଦୀର୍ଘ ଜୀବନର ପ୍ରଚେଷ୍ଟା ଫଳରେ ସେ ଜର୍ମାନୀକୁ ରେନେସାଁସର ଉତ୍ତରସାଧକମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ କରିପାରିଥିଲେ । ତାଙ୍କ ପୂର୍ବରୁ ଜର୍ମାନୀରେ ସାହିତ୍ୟ କହିଲେ ବିଶେଷ ଉଲ୍ଲେଖଯୋଗ୍ୟ କିଛି ନଥିଲା; ଯେପରି ଦରିଦ୍ର ଥିଲା ଜର୍ମାନ ଭାଷା, ସେପରି ଅପୁଷ୍ଟ ଥିଲା ଜର୍ମାନମାନସ । ଗ୍ୟେଟେ ଜର୍ମାନ ସାହିତ୍ୟକୁ ପ୍ରାଦେଶିକତା ସ୍ତରରୁ ଉନ୍ନୀତ କରି ବିଶ୍ୱସାହିତ୍ୟ ସ୍ତରରେ ତାହାକୁ ଉପନୀତ କରାଇଥିଲେ । ତାଙ୍କ ରଚନା ମାଧ୍ୟମରେ ଜର୍ମାନମାନସ ୟୁରୋପୀୟ ସଂସ୍କୃତିର ଉତ୍ତରାଧିକାର ଦ୍ୱାରା ସମୃଦ୍ଧ ଓ ପରିପୁଷ୍ଟ ହୋଇ ଉଠିଥିଲା । ରେନେସାଁସର ମାନବତନ୍ତ୍ରୀ ଐତିହ୍ୟ ୟୁରୋପର

Digitized by PPRACHIN, SOA

ଅନ୍ୟାନ୍ୟ ଦେଶରେ ଯେତେବେଳେ କ୍ଷୀଣ ହୋଇ ଆସୁଥିଲା ଗ୍ୟେଟେ ସେତେବେଳେ ସେଥିରେ ନୂତନ ଭାବରେ ପ୍ରାଣସଂଚାର କରିଥିଲେ। କେବଳ ଜର୍ମାନୀର ଉଜ୍ଜୀବନ ଯେ ସେ ଘଟାଇଥିଲେ, ତାହା ନୁହେଁ, ସେ ବହନ କରି ଆଣିଥିଲେ ସମଗ୍ର ୟୁରୋପର ପୁନରୁଜ୍ଜୀବନର ପ୍ରତିଶ୍ରୁତି। ରବୀନ୍ଦ୍ରନାଥଙ୍କର ଐତିହାସିକ ପଟଭୂମି ଏ ଦୃଷ୍ଟିରୁ ଗ୍ୟେଟେଙ୍କ ପଟଭୂମି ସହିତ ପ୍ରାୟ ସମାନ। ଗ୍ୟେଟେଙ୍କ ମୃତ୍ୟୁ ହୁଏ ୧୮୩୨ ସାଲରେ ଏବଂ ରବୀନ୍ଦ୍ରନାଥଙ୍କ ଜନ୍ମ ତା'ଠାରୁ ପ୍ରାୟ ତିରିଶି ବର୍ଷ ପରେ, ୧୮୬୧ରେ। ରବୀନ୍ଦ୍ରନାଥଙ୍କ ଜନ୍ମ ସମୟରେ ଭାରତର ଦଶା ଗ୍ୟେଟେଙ୍କ ଜନ୍ମକାଳର ଜର୍ମାନୀ ସହିତ ପ୍ରାୟ ସମାନ। ଏ ଦେଶର ସ୍ଥବିର ସମାଜ ଏବଂ ଜୀବନବିମୁଖ ସଂସ୍କୃତି ଉପରେ ପଶ୍ଚିମୀ ରେନେସାଁସର ଆଘାତ ସେତେବେଳେ ତରଙ୍ଗ ସୃଷ୍ଟି କରିବାକୁ ଆରମ୍ଭ କରିଛି ମାତ୍ର। କାଣ୍ଟ, ହ୍ୱିଙ୍କେଲ୍‌ମାନ୍, ଲେସିଙ୍ଗ୍ ଏବଂ ହେର୍ଡ୍‌ର ଯେପରି ଭୌଗୋଳିକ ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠି ପ୍ରାଚୀନ ଗ୍ରୀସ୍ ଓ ରୋମ୍ ଏବଂ ଆଧୁନିକ ଫ୍ରାନସ୍ ଓ ଇଂଲଣ୍ଡର ଚିନ୍ତାକୁ ଜର୍ମାନୀରେ ସ୍ୱାଗତ କରିଥିଲେ, ଏ ଦେଶରେ ଠିକ୍ ସେହିପରି ବଙ୍କିମଚନ୍ଦ୍ର, ରାମମୋହନ, ବିଦ୍ୟାସାଗର, ମାଇକେଲ୍ ମଧୁସୂଦନ ପ୍ରମୁଖ ସଂସ୍କାରକ ଓ ସାହିତ୍ୟିକବୃନ୍ଦ ୟୁରୋପର ନବାଗତ ସଂସ୍କୃତିର ଧାରାକୁ ଏ ଦେଶର ମାଟିରେ ପ୍ରବାହିତ କରିବାକୁ ଚେଷ୍ଟା କରିଥିଲେ। ଭାରତବର୍ଷର ବହୁ ବିଳମ୍ବିତ ରେନେସାଁସ ଆନ୍ଦୋଳନର ଉପକ୍ରମ କାଳ ଭାବରେ ଊନବିଂଶ ଶତକର ପ୍ରଥମ ଛଅଟି ଦଶକ ତେଣୁ ସବିଶେଷ ସ୍ମରଣୀୟ। କିନ୍ତୁ ଏମାନେ କେବଳ ଭୂମିକା ରଚନା କରିବାକୁ ସମର୍ଥ ହୋଇପାରିଥିଲେ ଏବଂ ଏହି ଭୂମିକାର ନିର୍ଦ୍ଦେଶ ଅନୁସରଣ କରି ଭାରତବର୍ଷର ସାଂସ୍କୃତିକ ପୁନରୁଜ୍ଜୀବନ ଘଟାଇବାର ଦାୟିତ୍ୱ ଘେନି ଆବିର୍ଭୂତ ହୋଇଥିଲେ ରବୀନ୍ଦ୍ରନାଥ। ଯେହେତୁ ଗ୍ୟେଟେ ଓ ରବୀନ୍ଦ୍ରନାଥ ଉଭୟେ ନିଜ ନିଜ ଦେଶରେ ରେନେସାଁସ-ଐତିହ୍ୟର ପ୍ରଧାନ ଉତ୍ତରସାଧକ, ସେ ହେତୁ ଉଭୟଙ୍କ ମାନସିକ ଗଠନରେ ମଧ ବହୁ ସାମଞ୍ଜସ୍ୟ ରହିବା ସ୍ୱାଭାବିକ। ଉଭୟେ ତେଣୁ ଯୁକ୍ତିବାଦୀ, ବ୍ୟକ୍ତିର ସ୍ୱତଃସିଦ୍ଧ ମୂଲ୍ୟରେ ବିଶ୍ୱାସୀ ଏବଂ ବିଶ୍ୱମାନବତାର ଅକୁଣ୍ଠ ସମର୍ଥକ। କହିବାକୁ ଗଲେ ରବୀନ୍ଦ୍ରନାଥ ହେଉଛନ୍ତି ବିଶ୍ୱମାନବିକତାର ଐତିହ୍ୟରେ ଗ୍ୟେଟେଙ୍କର ମହତ୍ ଉତ୍ତରସାଧକ। ତଥାପି ଗ୍ୟେଟେ ଓ ରବୀନ୍ଦ୍ରନାଥଙ୍କ ମଧରେ ବୈଷମ୍ୟ ବା ବିରୋଧ ଯେ ନ ରହିଛି, ତାହା ନୁହେଁ ଏବଂ ସେ ବିରୋଧ ହେଉଛି ଅସ୍ତିତ୍ୱତନ୍ତ୍ରୀ ସହିତ ଭାବବାଦୀର, ସତ୍ୟସନ୍ଧିତ୍ସୁ ସହିତ ଶାନ୍ତିକାମୀର। ରବୀନ୍ଦ୍ରନାଥଙ୍କ ମାନବତନ୍ତ୍ର ଗ୍ୟେଟେଙ୍କ ମାନବତନ୍ତ୍ର ତୁଳନାରେ ଅସ୍ତିତ୍ୱନିଷ୍ଠା କ୍ଷେତ୍ରରେ ଅନେକାଂଶରେ ଦୁର୍ବଳ। ତାଙ୍କର କଳ୍ପନା ଥିଲା ମନୁଷ୍ୟର ଭାବରୂପକୁ ଘେନି ବ୍ୟସ୍ତ, ତା'ର ସମଗ୍ର ରୂପଟିକୁ ସ୍ୱୀକାର କରିବାର ପ୍ରାଜ୍ଞ ଦୁଃସାହସ ହୁଏତ ଅର୍ଜନ କରିବାକୁ ସେ ଥିଲେ ଅସମର୍ଥ। ଏହିଠାରେ ହିଁ ବିଶ୍ୱଭୂମିକା କ୍ଷେତ୍ରରେ ରବୀନ୍ଦ୍ରନାଥଙ୍କ ତୁଳନାରେ ଗ୍ୟେଟେଙ୍କ ଶ୍ରେଷ୍ଠତ୍ୱ ଏବଂ ତାଙ୍କର ଜୀବନବୋଧ ରବୀନ୍ଦ୍ରନାଥଙ୍କ ତୁଳନାରେ ଅନେକ ବେଶୀ ବଳିଷ୍ଠ,

Digitized by PPRACHIN, SOA

ପରିଣତ ଓ ଦାୟିତ୍ୱଶୀଳ। ଅସ୍ତିତ୍ୱର ସମଗ୍ର ରୂପଟିକୁ ଉପଲବ୍ଧ କରିବାକୁ ଗ୍ୟେଟେ ମୁକ୍ତମନ ଧରି କରିଥିଲେ ସାଧନା ଏବଂ ସେହି ଉପଲବ୍ଧିକୁ ସାହିତ୍ୟ, ବିଜ୍ଞାନ ଓ ନିଜ ଜୀବନରେ ଦେଇଥିଲେ ସେ ଅଭିବ୍ୟକ୍ତି। "ମୁଁ ହେବାକୁ ଚାହେଁ ପ୍ରକୃତି ସଦୃଶ, କୃତ୍ରିମତା ମୁକ୍ତ, ଭଲ ଓ ମନ୍ଦର ମିଶାମିଶି, ସମସ୍ତ ସାମାଜିକ ଔଚିତ୍ୟ ବନ୍ଧନର ଉର୍ଦ୍ଧ୍ୱରେ।" ଏହା ହେଉଛି ତାଙ୍କ ପ୍ରଥମ ଯୌବନର ଉଦ୍‌ଘୋଷଣା। ବୃଦ୍ଧ ବୟସରେ ଏକରମାନଙ୍କ ସହିତ ଆଳାପରେ ବାରଂବାର ଏଇ ପ୍ରତ୍ୟୟର କଥା ଉଲ୍ଲେଖ କରିଛନ୍ତି। ଶିଳ୍ପୀକୁ ବିମୂର୍ତ୍ତ ସାମାନ୍ୟ ଭାବର ମୋହ ଅତିକ୍ରମ କରି ଦେହାଶ୍ରିତ ବିଶେଷ ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ। 'ଯାହାର ଜୀବନରେ ମତବାଦ ଯେତେ ପ୍ରବଳ, ସେ ସେତେ ଖରାପ ଲେଖେ; ବାସ୍ତବ ଜୀବନରେ ଅଭିନିବିଷ୍ଟ ହୋଇପାରିଲେ ତା'ହେଲେ ଯାଇ ଖାଣ୍ଟି ଲେଖକ ହେବା ସମ୍ଭବ।' 'ସତ୍ୟଠାରୁ କୌଣସି କିଛି ବଡ଼ ନୁହେଁ।' 'ପ୍ରତିଭା ନିକଟରୁ ଆମର ପ୍ରଥମ ଓ ଶେଷ ଦାବି ସତ୍ୟାନୁଗତ୍ୟ।' ସାହିତ୍ୟ ବିଚାରରେ ଏହାହିଁ ଥିଲା ତାଙ୍କର ମାନଦଣ୍ଡ। ଗ୍ୟେଟେ ଏଇ ଅବବୋଧ ବଳରେ ହିଁ ହୋମାର, ବେଦବ୍ୟାସ, ଲିଓନାର୍ଡୋ ଓ ସେକ୍‌ସପିୟରଙ୍କର ସମକକ୍ଷ ସ୍ରଷ୍ଟା ଭାବରେ ସମ୍ମାନିତ। ମାତ୍ର ଏଇ ମୌଳିକ ତ୍ରୁଟିପାଇଁ ଆଧୁନିକ ଭାରତର ଶ୍ରେଷ୍ଠ ଲେଖକ ରବୀନ୍ଦ୍ରନାଥଙ୍କୁ ବିଶ୍ୱର ଚିରକାଳର ଶ୍ରେଷ୍ଠ ଲେଖକ ଭାବରେ ଗ୍ରହଣ କରିବାକୁ କେତେକ ସମାଲୋଚକ କୁଣ୍ଠାପ୍ରକାଶ କରିଥାନ୍ତି।

ଅନ୍ୟ ଦୃଷ୍ଟିରୁ ବିଚାର କଲେ ଗ୍ୟେଟେ ଓ ରବୀନ୍ଦ୍ରନାଥଙ୍କ ତୁଳନା କେତେକାଂଶରେ ଅପ୍ରାସଙ୍ଗିକ ମଧ୍ୟ ମନେହୁଏ। କାରଣ, ଗ୍ୟେଟେ ହେଉଛନ୍ତି ୟୁରୋପୀୟ ଏବଂ ତାହା କେବଳ ଆକ୍ଷରିକ ଅର୍ଥରେ ନୁହେଁ, ଆଦର୍ଶ ଦୃଷ୍ଟିରୁ ମଧ୍ୟ। ଏକଥା ଅବଶ୍ୟ ସତ୍ୟ ଯେ ନିଖିଳ-ୟୁରୋପୀୟ ଚେତନାର ସେ ହେଉଛନ୍ତି ଜନକ ଏବଂ ସେହି କାରଣରୁ ପ୍ରତୀଚୀ ପକ୍ଷରେ ସେ ଅପରିହାର୍ଯ୍ୟ। 'ବିଶ୍ୱ ସାହିତ୍ୟ' (Weltliteratur) ଧାରଣାଟିର ମଧ୍ୟ ସେ ପ୍ରବକ୍ତା। ଏହା ତାଙ୍କ ଜୀବନର ଅନ୍ତିମ ଦଶକର ଅନୁଭୂତି ଓ ଅଭିଜ୍ଞତାଲବ୍ଧ ଉପାର୍ଜନ (୧୮୨୭ ଖ୍ରୀ:ଅ)। କିନ୍ତୁ ତାଙ୍କ ଭଳି ସର୍ବାନ୍ୱୟୀ ମନୀଷୀ ବହୁ ପୂର୍ବରୁ ଯେ ବିଶ୍ୱସାହିତ୍ୟ ସଂପର୍କରେ ନିଜସ୍ୱ ବୀକ୍ଷା ସ୍ପଷ୍ଟଭାବରେ ପ୍ରକାଶ କରିନଥିଲେ, ତାହା ଭାବିଲେ ବିସ୍ମିତ ଓ ଅବାକ୍ ହେବାକୁ ପଡ଼ିଥାଏ। ବିଶେଷତଃ ଇତିହାସର ସୌଜନ୍ୟରୁ ଆମେ ଯେତେବେଳେ ଦେଖୁ ଯେ ଗ୍ୟେଟେଙ୍କ ବହୁପୂର୍ବରୁ ସମାଲୋଚକ ଶ୍ଲେଗେଲ ଭ୍ରାତୃଦ୍ୱୟ 'ବିଶ୍ୱ ସାହିତ୍ୟ'ବ୍ୟାପାରଟିକୁ ସନାକ୍ତ ଓ ସଂଜ୍ଞାୟିତ କରି ସାରିଥିଲେ। ଆଉଗୁଷ୍ଟ ଭିଲହେଲମ ଶ୍ଲେଗେଲ ତାଙ୍କର ବର୍ଲିନ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଭାଷଣମାଳାରେ (୧୮୦୨) ଜଣାଇଥିଲେ ଯେ ବିଶ୍ୱ ସାହିତ୍ୟ କେବଳ ମାତ୍ର ବିଭିନ୍ନ ଜାତୀୟ ସାହିତ୍ୟର ଆଗ୍ରହ ଚରିତାର୍ଥ କରିବ ନାହିଁ, ତାହା ଆବିଶ୍ୱ ଏପରି ଏକ କାବ୍ୟଧାରା ଉଦ୍‌ବୁଦ୍ଧ କରିବ ଯାହାକି ଅନଶ୍ୱର। କହିବା ବାହୁଲ୍ୟ, ଏହି ଉଚ୍ଚାରଣ ଯେତେ

Digitized by PPRACHIN, SOA

ବୋଧିଦୀପ୍ତ ଥିଲା ସେ ଅନୁପାତରେ ତାହା ସେତେ ତଥ୍ୟନିଷ୍ଠ ନଥିଲା । ବରଂ ସେ ତୁଳନାରେ ଫ୍ରୀଡ୍‌ରୀଶ ଶ୍ଳେଗେଲ ଛଅବର୍ଷ ପୂର୍ବରୁ (୧୭୯୬) ପ୍ରସଙ୍ଗତଃ ଯାହା କହିଥିଲେ, ତା'ର ପ୍ରାସଙ୍ଗିକତା ଏବେ ମଧ ଉଜ୍ଜ୍ୱଳ । ସେ କହିଥିଲେ "ପାରସ୍ପରିକ ପ୍ରଭାବ ମଧ୍ୟରୁ ହିଁ ଅନ୍ତର୍ଲୀନ ଯୋଗାଯୋଗର ବାସ୍ତବତା ଦେଖାଯାଏ । ଆଧୁନିକ କବିତାର ସମବାୟୀ ଚରିତ୍ର ହେଉଛି ତା'ର ପ୍ରମାଣ; ଏହି କବିତା ବୃହତ୍ତର ସମଗ୍ରର ହିଁ ଗୋଟିଏ ଅଂଶବିଶେଷ ।" ସେ ଯାହାହେଉ, ଗ୍ୟେଟେ ନିଜର ୟୁରୋପୀୟ ଚୈତନ୍ୟ ମଧ୍ୟରୁ ହିଁ ଏକ ଆଦର୍ଶ ଜଗତର ସ୍ୱପ୍ନ ଦେଖୁଥିଲେ ଯାହାକି ତାଙ୍କ ଦୃଷ୍ଟିରେ ହେବ ସର୍ବମାନବର ମିଳନସ୍ଥଳ । 'ସର୍ବମାନବ' କଥାଟି କହିବା କିମ୍ବା ଲେଖିବା ଅତି ସହଜ, କିନ୍ତୁ ତା'ର ଉପଲବ୍ଧି ଅତି ଦୁରୂହ । ଅଧିକାଂଶ ଶ୍ୱେତାଙ୍ଗମାନଙ୍କ ନିକଟରେ, ଏପରିକି ଅଧିକାଂଶ ବୁଦ୍ଧିଜୀବୀ ଶ୍ୱେତାଙ୍ଗମାନଙ୍କ ନିକଟରେ ମଧ 'ପ୍ରତୀଚୀ' ଓ 'ଜଗତ୍' ଆଜି ପର୍ଯ୍ୟନ୍ତ ପ୍ରାୟ ସମାର୍ଥକ ଶବ୍ଦ; ପ୍ରତୀଚୀ ବାହାରେ ଭୌଗୋଳିକ ବା ଐତିହାସିକ ପୃଥିବୀ ଯେ ରହିଛି ତାହା ସେମାନେ ଜାଣନ୍ତି, କିନ୍ତୁ ସେମାନଙ୍କ ସମକାଳୀନ ସାହିତ୍ୟିକ ଚୈତନ୍ୟ ନିକଟରେ ତାର ଅସ୍ତିତ୍ୱ ଅତି ଅସ୍ପଷ୍ଟ । କିନ୍ତୁ ପ୍ରାୟ ଶହେ ସତୁରି ବର୍ଷ ତଳେ ଗ୍ୟେଟେ ବୁଝିଥିଲେ ଯେ ଏକ 'ଆନ୍ତର୍ଜାତିକ କଥୋପକଥନ'ର ନାମାନ୍ତର ହେଉଛି ସାହିତ୍ୟ ଏବଂ 'ଏହି ଜଗତ, ତାହା ଯେତେ ବିଶାଳ ହେଉନା କାହିଁକି, ତାହା ସଂପ୍ରସାରିତ ମାତୃଭୂମି ବ୍ୟତୀତ ଅନ୍ୟ କିଛି ନୁହେଁ ।' କିନ୍ତୁ ଯେଉଁ ବିଶ୍ୱବୋଧ ଗ୍ୟେଟେ ସଚେତନ ଓ ସଚେଷ୍ଟ ଭାବରେ ଆୟତ୍ତ କରିଥିଲେ, ତାହା ରବୀନ୍ଦ୍ରନାଥଙ୍କ ନିକଟରେ ଥିଲା ସ୍ୱଜ୍ଞା ପ୍ରସୂତ; ଗ୍ୟେଟେଙ୍କ ପକ୍ଷରେ ଯାହା ଥିଲା ବାର୍ଦ୍ଧକ୍ୟର ଉପାର୍ଜନ, ରବୀନ୍ଦ୍ରନାଥଙ୍କ ପାଖରେ ତାହା ଥିଲା ଆଯୌବନ ଅବିଚ୍ଛେଦ୍ୟ । ଯେଉଁମାନବ ଶିଶୁକୁ 'ଜଗତ୍-ପାରାବାର ତୀରରେ' କ୍ରୀଡ଼ା କରୁଥିବାର ରବୀନ୍ଦ୍ରନାଥ ଲକ୍ଷ୍ୟ କରିଥିଲେ, ସେଇ ରବୀନ୍ଦ୍ରଙ୍କ କଣ୍ଠରୁ ହିଁ ଉଚ୍ଚାରିତ ହୋଇଥିଲା, 'ସବୁ ଠାଇଁ ମୋର ଘର ଆଛେ, ଆମି/ ସେଇ ଘର ମରି ଖୁଁଜିୟା । ଦେଶେ ଦେଶେ ମୋର ଦେଶ ଆଛେ, ଆମି/ ସେଇ ଦେଶ ଲବ ଯୁଝିୟା ।' ଏ ଦୃଷ୍ଟିରୁ ଆମେ କହିପାରୁ ଯେ ଗ୍ୟେଟେଙ୍କ ସ୍ୱପ୍ନ ଯେଉଁ ମନୁଷ୍ୟ ମଧ୍ୟରେ ପ୍ରଥମ ସାର୍ଥକତା ଅର୍ଜନ କଲା, ସେ ହେଉଛନ୍ତି ରବୀନ୍ଦ୍ରନାଥ ।

'ବିଶ୍ୱକବି' କଥାଟି ମଧ୍ୟରେ ଦୁଇଟି ଭିନ୍ନ ଅର୍ଥର ଇଙ୍ଗିତ ନିହିତ । ଯେଉଁମାନେ ଚିରାୟତ କବି, ଅର୍ଥାତ୍ ସବୁ ଦେଶ ଓ ସବୁ କାଳରେ ଯେଉଁମାନଙ୍କର କୌଣସି ନା କୌଣସି ରଚନାର କିଛି କିଛି ଗୁଣଗ୍ରାହୀ ପାଠକ ରହିଛନ୍ତି, ଏ ଉପାଧି ନିଶ୍ଚୟ ସେମାନଙ୍କର ପ୍ରାପ୍ୟ ଏବଂ ୟୁରୋପୀୟ ଭାଷାରେ ଏମାନଙ୍କୁ କୁହାଯାଏ 'କ୍ଲାସିକ୍' । ପୁଣି ଏପରି କବିଙ୍କୁ ମଧ 'ବିଶ୍ୱକବି' କହିବା ସଙ୍ଗତ, ଯାହାଙ୍କ ଚିନ୍ତାଧାରାରେ ଜଗତର ସାହିତ୍ୟ ଏକ ଓ ଅଭିନ୍ନ; ରୂପାୟନରେ ଅସୀମ ବୈଚିତ୍ର୍ୟ ରହିଥିଲେ ହେଁ ନିର୍ଯ୍ୟାସରେ ତାହା ହେଉଛି ଏକ; ଯେଉଁଠି ସବୁ ଯୁଗ ଓ ସବୁ ଜାତି ଏକତ୍ରିତ;

Digitized by PPRACHIN, SOA

ଯାହାଙ୍କ ମନରେ ସାହିତ୍ୟ ଏକ ବିଶାଳ ଓ ବିରତିହୀନ ଉତ୍ସବଭଳି ଉପସ୍ଥିତ ଏବଂ ସେ ମଧ୍ୟ କ୍ଷଣକାଳ ସକାଶେ ଯାହାର ଆହ୍ୱାନ ପାଇ ସାଧନାରତ। ସର୍ବୋତ୍ତମ କବିମାନଙ୍କ ପକ୍ଷରେ ସାଧାରଣତଃ ଏଇ ଦୁଇଟି ଅର୍ଥ ସଂପୃକ୍ତ ବା ଅନ୍ୟୋନ୍ୟ ନିର୍ଭର; କିନ୍ତୁ ଦ୍ୱିତୀୟ ଗୁଣଟି ବିରଳତର ଏବଂ ଗ୍ୟେଟେଙ୍କ ଧାରଣାର ଅଧିକ ଅନୁଗାମୀ। ଏହି ବିଶ୍ୱବୋଧ ହିଁ ବିଶେଷ ଭାବରେ ରବୀନ୍ଦ୍ରନାଥଙ୍କର ଚରିତ୍ର ଲକ୍ଷଣ। ଏଠାରେ ସ୍ମରଣଯୋଗ୍ୟ ଯେ ଗ୍ୟେଟେଙ୍କ ଜୀବନକାଳ ତୁଳନାରେ 'ବିଶ୍ୱ'ର ଆୟତନ ବର୍ତ୍ତମାନ ବୃହତ୍ତର; ତା'ର ସାଂସ୍କୃତିକ ଅବୟବରେଖା ମଧ୍ୟ ଏକ ନୁହଁ। ରୁଷ୍ ସାହିତ୍ୟର ଉତ୍‌ଥାନ, ଆମେରିକାର ଆତ୍ମୋପଲବ୍ଧି, ପୂର୍ବ ପୃଥିବୀର ପ୍ରାଚୀନତର ସଭ୍ୟତାଗୁଡ଼ିକର ନବ ଜାଗରଣ-ଗ୍ୟେଟେଙ୍କ ମୃତ୍ୟୁ ପରେ ଏ ସମସ୍ତ ଘଟନା ଜଗତର ମାନସଚିତ୍ର ପରିବର୍ତ୍ତନ କରିଦେଇଛି। ଗ୍ୟେଟେଙ୍କ ଚିନ୍ତାକୁ ଫଳପ୍ରସୂ କରିବା ପାଇଁ ବିଶ୍ୱ ଆଜି ପ୍ରସ୍ତୁତ ଓ ସଚେଷ୍ଟ ଏବଂ ଏଇ ପ୍ରୟାସର ପରିଧି ମଧ୍ୟରୁ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ବାଦ୍ ପଡ଼ିନାହାନ୍ତି। ସକଳ ବିଭିନ୍ନ ସାହିତ୍ୟ ମଧ୍ୟରେ ଗୋଟିଏ ଆନ୍ତର ସମ୍ବନ୍ଧ ବିଦ୍ୟମାନ, ଏଇ ବିଶ୍ୱାସ ଉପରେ ଗଡ଼ିଉଠିଛି ସେଇ ଆଧୁନିକ ବିଦ୍ୟା ଯାହାକୁ ଶିକ୍ଷାବ୍ରତୀଗଣ ନାମ ଦେଇଛନ୍ତି 'ତୁଳନାତ୍ମକ ସାହିତ୍ୟ'। 'ତୁଳନାତ୍ମକ ସାହିତ୍ୟ' ଯାହାର ଲକ୍ଷ୍ୟ ଓ ଆଭିମୁଖ୍ୟ ହେଉଛି ବିଶ୍ୱ ସାହିତ୍ୟର ଅନୁଶୀଳନ, ସେ ସଂପର୍କରେ ରବୀନ୍ଦ୍ରନାଥ 'ବିଶ୍ୱ ସାହିତ୍ୟ' ପ୍ରବନ୍ଧରେ (୧୯୦୫) କହିଛନ୍ତି, ''ପୃଥିବୀ ଯେପରି ମୋର ଖେତ, ତୁମର ଖେତ ଅଥବା ତାହାର ଖେତ ନୁହେଁ, ପୃଥିବୀକୁ ସେପରି ଭାବରେ ଜାଣିବା ଅର୍ଥ ଅତ୍ୟନ୍ତ ଗ୍ରାମ୍ୟ ଭାବର ଜାଣିବା, ଠିକ୍ ସେହିପରି ସାହିତ୍ୟ ମୋର ରଚନା, ତୁମର ରଚନା କିମ୍ବା ତାହାର ରଚନା ନୁହେଁ। ଆମେ ସାଧାରଣତଃ ସାହିତ୍ୟକୁ ଏଇପରି ଗ୍ରାମ୍ୟ ଭାବରେ ହିଁ ଦେଖିଥାଉଁ।'' ଏଇ ପ୍ରବନ୍ଧ ରଚନାର ଆଠବର୍ଷ ପୂର୍ବରୁ (୧୮୯୭) 'ଗ୍ରାମ୍ୟ ସାହିତ୍ୟ' (ଲୋକସାହିତ୍ୟ ଅର୍ଥରେ, କାରଣ ତାଙ୍କର ଦୃଢ଼ ଧାରଣା ଲୋକସାହିତ୍ୟରୁ ହିଁ ବିଦଗ୍ଧ ବା ଶୀଳିତ ସାହିତ୍ୟର ଉଦ୍‌ଭବ)' ପ୍ରବନ୍ଧରେ ମଧ୍ୟ ସେ ପ୍ରକାଶ କରିଛନ୍ତି, ''ସେଇ ଗ୍ରାମ୍ୟ ସଂକୀର୍ଣ୍ଣତାରୁ ନିଜକୁ ମୁକ୍ତିଦେଇ ବିଶ୍ୱ ସାହିତ୍ୟ ମଧ୍ୟରେ ବିଶ୍ୱମାନବକୁ ଦେଖିବାର ଲକ୍ଷ୍ୟ ଆମେ ସ୍ଥିର କରିବୁ, ପ୍ରତ୍ୟେକ ଲେଖକଙ୍କର ରଚନା ମଧ୍ୟରେ ଗୋଟିଏ ସମଗ୍ରତାକୁ ହିଁ ଗ୍ରହଣ କରିବୁ ଏବଂ ସେହି ସମଗ୍ରତା ମଧ୍ୟରେ ସକଳ ମନୁଷ୍ୟର ପ୍ରକାଶ ଚେଷ୍ଟାର ସମ୍ବନ୍ଧ ଲକ୍ଷ୍ୟ କରିବୁ, ଏହି ସଂକଳ୍ପ ସ୍ଥିର କରିବାର ସମୟ ଉପସ୍ଥିତ।'' ତୁଳନାତ୍ମକ ସାହିତ୍ୟ ପ୍ରଥମତଃ ଏଇ କଥିତ ଲୋକସାହିତ୍ୟର ଅଧ୍ୟୟନ ଓ ଅନୁଶୀଳନ ଦାୟିତ୍ୱ ହିଁ ଗ୍ରହଣ କରିଥିଲା ଏବଂ ଲୋକକଥାର ଉତ୍ପତ୍ତି, ତା'ର ବ୍ୟାପକତା ଓ ଦେଶାନ୍ତର ଅନୁପ୍ରବେଶ ଏବଂ ବିଦଗ୍ଧ ସାହିତ୍ୟ ମଧ୍ୟରେ ତାହାର ଅଙ୍ଗୀଭୂତ ହେବାର କାହାଣୀ ତା'ର ଆଲୋଚନାର ଥିଲା ଅନ୍ତର୍ଭୁକ୍ତ। ଏ ଦୃଷ୍ଟିରୁ ହାନ୍‌ସ୍ ଏପେଲଶାଇମାରଙ୍କଦ୍ୱାରା ୧୯୭୧ ମସିହାରେ ପ୍ରକାଶିତ 'ୟୁରୋପୀୟ ବିଶ୍ୱସାହିତ୍ୟର

Digitized by PPRACHIN, SOA

ଇତିହାସ' ଗ୍ରନ୍ଥଟି ଉଲ୍ଲେଖଯୋଗ୍ୟ। କିନ୍ତୁ କେବଳ ଏତିକି ମଧ୍ୟରେ ତୁଳନାତ୍ମକ ସାହିତ୍ୟର ଲକ୍ଷ୍ୟ ସୀମିତ ବା ସଙ୍କୁଚିତ ନୁହେଁ। ସାହିତ୍ୟର ବିଭିନ୍ନ ପୃଥକ୍ ପରିସର ଓ ସମସ୍ୟା ସମୂହର ଅଧ୍ୟୟନ ଓ ଅନୁଶୀଳନ ସହିତ ଦୁଇ ବା ତତୋଧିକ ସାହିତ୍ୟ ନିହିତ ସମ୍ବନ୍ଧର ଅନୁଶୀଳନ ଏବଂ ସାହିତ୍ୟର ସାମଗ୍ରିକ ଓ ସଂପୂର୍ଣ୍ଣ ସ୍ୱରୂପର ଅନୁଶୀଳନ ପୂର୍ବକ ସାଧାରଣ, ସାର୍ବଜନୀନ ବା ବିଶ୍ୱ ସାହିତ୍ୟ ସହିତ ତାହାର ତୁଳନାତ୍ମକ ବିଚାର ହେଉଛି, 'ତୁଳନାତ୍ମକ ସାହିତ୍ୟ'ର ସାଂପ୍ରତିକ ଆଭିମୁଖ୍ୟ। ସାଧାରଣ, ସାର୍ବଜନିକ ବା ବିଶ୍ୱସାହିତ୍ୟ ସହିତ ତୁଳନାତ୍ମକ ସାହିତ୍ୟର ଆନ୍ତରିକ ସଂପର୍କ ଓ ଯୋଗାଯୋଗ ଯେପରି ବିଦ୍ୟମାନ, ଜାତୀୟ ସାହିତ୍ୟ ଓ ବିଶ୍ୱସାହିତ୍ୟ ମଧ୍ୟ ଠିକ୍ ସେହିପରି ପରସ୍ପରର ପରିପୂରକ ଏବଂ ସାର୍ବଜନିକତା ବା ବିଶ୍ୱଭୌମିକତାର ସ୍ପର୍ଶ ଓ ଆବେଦନ ବିନା ତଥାକଥିତ 'ଜାତୀୟ ସାହିତ୍ୟ' ଅତି ସୀମିତ ଓ ସଙ୍କୁଚିତ। ଗ୍ୟେଟେଙ୍କ ଭାଷାରେ ଯେପରି "ଜାତୀୟତା ଏବଂ ସଭ୍ୟତା ପରସ୍ପରର ଆମରଣ ଶତ୍ରୁ", ରବୀନ୍ଦ୍ରଙ୍କ ଚିନ୍ତାରେ ମଧ୍ୟ ସେହିପରି "National ସାହିତ୍ୟ କୂପମଣ୍ଡୁକର ସାହିତ୍ୟ।" "Nationalism" (ଜାତୀୟତା) ପ୍ରବନ୍ଧମାଳାରେ ରବୀନ୍ଦ୍ରନାଥ ସ୍ପଷ୍ଟ ଭାବରେ ଦେଖାଇଛନ୍ତି ଯେ ଜାତୀୟତା ଏକ ପାଖରେ ମନୁଷ୍ୟକୁ ମନୁଷ୍ୟଠାରୁ ବିଚ୍ଛିନ୍ନ କରି ତା'ର ମନୁଷ୍ୟତ୍ୱକୁ ଗଣ୍ଡୀବଦ୍ଧ କରିଥାଏ ଏବଂ ଅନ୍ୟପାଖରେ ଏକ କାଳ୍ପନିକ ସମଷ୍ଟି ହାତରେ ବ୍ୟକ୍ତିକୁ ବଳିଦେଇ ମନୁଷ୍ୟର ସମସ୍ତ ସୃଷ୍ଟିଶୀଳ ବିକାଶର ପଥ ଅବରୁଦ୍ଧ କରିଥାଏ। 'ନେଶନ' (Nation) ଯେ ବ୍ୟକ୍ତିକୁ କେବଳ ଯନ୍ତ୍ରରେ ପରିଣତ କରେ ତାହା ନୁହେଁ, ତା'ର ଭିତ୍ତି କ୍ଷମତା ଓ ଆତଙ୍କ ଉପରେ ପ୍ରତିଷ୍ଠିତ। ତେଣୁ ସେ କହିଛନ୍ତି, "ମାନବତାର ତାଗିଦରେ ଆମକୁ ସିଧା ଛିଡ଼ାହୋଇ ସମସ୍ତଙ୍କୁ ହୁସିଆର କରିଦେବାକୁ ପଡ଼ିବ ଯେ ଜାତୀୟତା ହେଉଛି ଏକ ନିଷ୍ଠୁର ମହାମାରୀ ଯେଉଁ ପାପ ଓ ବ୍ୟାଧି ଆଜି ମାନବଜଗତରେ ପରିବ୍ୟାପ୍ତ ହୋଇ ତାର ନୈତିକ ପ୍ରାଣଶକ୍ତିକୁ ଜୀର୍ଣ୍ଣ କରି ପକାଇଛି।"..."for the sake of humanity, we must stand up and give warning to all that Nationalism is a cruel epidemic of evil that is sweeping over the human world of the present age and eating into its moral vitality") 'ସବୁଜ ପତ୍ର' (ଭାଦ୍ର ୧୩୨୮) ରେ ତେଣୁ ସେ ଲେଖିଥିଲେ, "ଆମେମାନେ ବିଶ୍ୱର ମନୁଷ୍ୟ, କେବଳ ମାତ୍ର ଦେଶର ମନୁଷ୍ୟ ନୁହେଁ।" ଠିକ୍ ସେଇ ବର୍ଷ C.F. Andrews ଙ୍କ ନିକଟକୁ ଏକ ପତ୍ରରେ ସେ ଲେଖିଥିଲେ, "We must make room for man, the guest of this age and let not the National of this age obstruct his path." ତେଣୁ 'ମନୁଷ୍ୟର ବହୁ ବିଚିତ୍ର ସୃଷ୍ଟି ମଧ୍ୟରେ ଏକାନୁଭୂତିର ଅନୁସରଣ' ସାହିତ୍ୟସୃଷ୍ଟିର ଲକ୍ଷ୍ୟ ହେବା କର୍ତ୍ତବ୍ୟ ବୋଲି

Digitized by PPRACHIN, SOA

୧୯୦୮ ମସିହାରେ ପ୍ରକାଶିତ 'ବିଶ୍ୱବିଦ୍ୟାଳୟ' ପ୍ରବନ୍ଧରେ ସେ ଉଲ୍ଲେଖ କରିଛନ୍ତି। ତେଣୁ ଏହା ଅତି ସ୍ପଷ୍ଟ ଯେ ରେନେସାଁସର ଯେଉଁ ମାନବତନ୍ତ୍ରୀ ସାଧନା ସତ୍ୟ—ସନ୍ଧିତ୍ସା, ବ୍ୟକ୍ତିସ୍ୱାତନ୍ତ୍ର୍ୟବୋଧ ଓ ବିଶ୍ୱମାନବତାର ପ୍ରତ୍ୟୟ ଉପରେ ହୋଇଥିଲା ପ୍ରତିଷ୍ଠିତ ଏବଂ ଯାହାର ସିଦ୍ଧ ସାଧକ ହେଉଛନ୍ତି କବିଗୁରୁ ଗ୍ୟେଟେ, ସେହି ସାଧନାର ମହାନ୍ ଉତ୍ତର ସାଧକ ହେଉଛନ୍ତି ଭାରତୀୟ କବି ରବୀନ୍ଦ୍ରନାଥ।

ପୂର୍ବରୁ ଉଲ୍ଲିଖିତ ହୋଇଛି ଯେ ତୁଳନାତ୍ମକ ଓ ସାଧାରଣ ସାହିତ୍ୟ ଯେପରି ପରସ୍ପର ମଧ୍ୟରେ ନିମଜ୍ଜିତ, ଜାତୀୟ ଓ ବିଶ୍ୱସାହିତ୍ୟ ମଧ୍ୟ ସେହିପରି ପରସ୍ପରର ପରିପୂରକ। ତେଣୁ ସାହିତ୍ୟ, ସାହିତ୍ୟ ମଧ୍ୟରେ ତୁଳନାର ପ୍ରଶ୍ନ ଯେତେବେଳେ ଉଠିଥାଏ, ସେତେବେଳେ ସମଗ୍ର ଜାତୀୟ ସାହିତ୍ୟ ସହିତ ସେମାନଙ୍କ ସଂପର୍କ ବା ଅନୁଷଙ୍ଗ ଦୃଷ୍ଟିରୁ ଆମର ବିଚାର ପଦ୍ଧତି ଶୃଙ୍ଖଳିତ ଓ ନିୟନ୍ତ୍ରିତ ହେବା ଆବଶ୍ୟକ। ପୁଣି ଜାତୀୟ ସାହିତ୍ୟର ଆଲୋଚନା କ୍ଷେତ୍ରରେ ଆନ୍ତର୍ଜାତିକ ବା ବିଶ୍ୱସାହିତ୍ୟର ପଟଭୂମି ମଧ୍ୟ ଗୃହୀତ ହେବା ବାଞ୍ଛନୀୟ। ଅନ୍ୟଥା ସୃଷ୍ଟିର ଉତ୍ସ ସଂଧାନ, ପ୍ରଭାବ ନିରୂପଣ ଓ କବିଖ୍ୟାତିର ତୁଳନା ପ୍ରଭୃତି ବାହ୍ୟ ସମସ୍ୟାର ଅନୁଶୀଳନ ମଧ୍ୟରେ ତୁଳନାତ୍ମକ ସାହିତ୍ୟର ଦୃଷ୍ଟିକୋଣ ସୀମିତ ଓ ସଙ୍କୁଚିତ ହୋଇ ପଡ଼ିଥାଏ। "Comparisons between literatures, if isolated from concern with the total national literatures, tend to restrict themselves to external problems of sources and influences, reputation and fame." ଏହାଛଡ଼ା ଗୋଟିଏ ଦେଶ ବା ଜାତିର ସାହିତ୍ୟ ସହିତ ଅନ୍ୟ ଦେଶ ବା ଜାତିର ସାହିତ୍ୟ କିମ୍ବା ଗୋଟିଏ ଦେଶର ଜଣେ ସ୍ରଷ୍ଟାଙ୍କ ସହିତ ଅନ୍ୟ ଦେଶର ଜଣେ ସ୍ରଷ୍ଟାଙ୍କୁ ଆମେ ଯେତେବେଳେ ତୁଳନାତ୍ମକ ବିଚାର-ପରିଧି ମଧ୍ୟକୁ ଆଣିଥାଉଁ, ସେତେବେଳେ ଉଭୟ ଦେଶର ଭୌଗୋଳିକ ପରିବେଶ, ଐତିହାସିକ ଚେତନା, ସାଂସ୍କୃତିକ ପରଂପରା, ଲୋକଚରିତ୍ର ଓ ଚଳଣି ସହିତ ନିବିଡ଼ ଭାବରେ ପରିଚିତ ହେବା ଯେପରି ଆବଶ୍ୟକ, ଠିକ୍ ସେହିପରି ଉଭୟ ସ୍ରଷ୍ଟାଙ୍କ ମାନସିକତା, ଜୀବନ ଓ ଜଗତ ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ସେମାନଙ୍କ ଜୀବନଗତ ପରିବେଶ ଓ ପରିସ୍ଥିତି ପ୍ରତି ସଚେତନ ରହିବା ଯେ କୌଣସି ସମାଲୋଚକର ପ୍ରାଥମିକ ଦାୟିତ୍ୱ ଓ କର୍ତ୍ତବ୍ୟ। କାରଣ ଯେ କୌଣସି ସୃଷ୍ଟି ଆନ୍ତର୍ଜାତିକ ଓ ଆନ୍ତର୍ଦ୍ଦେଶିକ ହେଲେ ମଧ୍ୟ ତା'ର ଏକ ଦେଶକାଳୋପଯୋଗୀ ଦାୟବଦ୍ଧତା ରହିଛି। ଦୃଷ୍ଟାନ୍ତ ସାହାଯ୍ୟରେ ଏପରି ବକ୍ତବ୍ୟର ପ୍ରାସଙ୍ଗିକତା ଓ ଯଥାର୍ଥ ବିଚାର କରାଯାଉ। ଏ କାଳର କବିତା ବିଚାରରେ କେହି କେହି କହିଛନ୍ତି ଯେ ଯୁକ୍ତିବାଦ ଓ ମାନବତାବାଦର ସମନ୍ୱୟ ହେଉଛି ଆଧୁନିକତା ଏବଂ ତା' ସହିତ ରହିବା ପ୍ରୟୋଜନ ଆନ୍ତର୍ଜାତିକ ଚେତନା ଓ ବ୍ୟକ୍ତିକତା। ଯେ କୌଣସି ସ୍ଥାୟୀ ପ୍ରଥା ବିରୁଦ୍ଧରେ, ତାହା ଭାବରେ ହେଉ ଅଥବା ଭାଷାରେ ହେଉ,

Digitized by PPRACHIN, SOA

ବିଦ୍ରୋହ ହେଉଛି ଆଧୁନିକତାର ସ୍ୱରୂପ। "ପ୍ରତିଷ୍ଠାନ ବିରୁଦ୍ଧରେ, ଐତିହ୍ୟ ବିରୁଦ୍ଧରେ, ପ୍ରାଚୀନ ରୀତିନୀତି ବିରୁଦ୍ଧରେ କ୍ରମାଗତ ଆଘାତ, ତାକୁ ପରିବର୍ତ୍ତନ କରିବାର ତୀବ୍ର ଆକାଂକ୍ଷା ଓ ପ୍ରଚେଷ୍ଟା, ପ୍ରତିନିୟତ ନୂତନ ପଥରେ ମାନବନିୟତିର ଅବସ୍ଥାନ ଓ କାର୍ଯ୍ୟକାରଣ ଅନ୍ୱେଷଣ ଆଧୁନିକ ମନୁଷ୍ୟର ହେଉଛି ନିୟତି।" (ଡଃ ଉତ୍ତମ ଦାଶ ସଂପାଦିତ 'ଆଧୁନିକ ପ୍ରଜନ୍ମର କବିତା', ୧୯୯୦) ବସ୍ତୁତଃ ସାହିତ୍ୟ କ୍ଷେତ୍ରରେ ଆଧୁନିକତା ହେଉଛି ଗୋଟିଏ ଜୀବନଦର୍ଶନ, ବୈଜ୍ଞାନିକ ପ୍ରଜ୍ଞା ଓ କଲ୍ୟାଣମୁଖୀ ମାନବିକତାର ଭିତ୍ତି ଉପରେ ତା'ର ପ୍ରତିଷ୍ଠା, ଐତିହାସିକ ବିବର୍ତ୍ତନର ପଥରେ ତା'ର ଜନ୍ମ ଏବଂ କାଳଗତ ବିଚାର ଦିଗରୁ ତାହା ଶେଷତମ ଗୋଟିଏ ଉଦ୍‌ଭବ। ଏହି ଆଧୁନିକ କାବ୍ୟଚେତନାର ପ୍ରଥମ ପୁରୋଧା, ଦିକ୍‌ପାଳ ଓ ଦିବ୍ୟଦ୍ରଷ୍ଟା ଭାବରେ ଫରାସୀ କବି ବୋଦ୍‌ଲେୟାର ଆଜି ବିଶ୍ୱସ୍ୱୀକୃତି ଲାଭ କରିଛନ୍ତି ଏବଂ ତାଙ୍କର କାବ୍ୟପ୍ରତିଭା ମୁଖ୍ୟତଃ 'ଲେ ଫ୍ଲ୍ୟୁର ଦ୍ୟୁ ମାଲ' ବା 'Flowers of Evil' କାବ୍ୟଗ୍ରନ୍ଥ (ଏହାର ଅନୁବାଦ 'ପାପର ଫୁଲ' ବା 'ପାପ-ପ୍ରସୂନ' ଏବଂ 'ଅଶୁଭ ପୁଷ୍ପ' ଶିରୋନାମାରେ କେହି କେହି ପ୍ରକାଶ କରିଛନ୍ତି) ଉପରେ ପ୍ରତିଷ୍ଠିତ। ଫରାସୀ ପ୍ରତୀକବାଦୀ କବିଗୋଷ୍ଠୀ ଭେରେଲେନ, ରାଁବୋ, ମାଲାର୍ମେ ଓ ଭାଲେରୀଙ୍କ ସୃଷ୍ଟି ମାଧମରେ କାବ୍ୟଲକ୍ଷ୍ମୀ ଯେଉଁ ରତ୍ନମୁକୁଟ ପରିଧାନ କଲେ ଏବଂ ଯାହା ଏଲୁଆରଙ୍କ ରାଜନୀତିକ ଉତ୍ତର ଜୀବନର କାବ୍ୟସୃଷ୍ଟିରେ ମଧ ଦୀପ୍ୟମାନ, ତା'ର ଉଜ୍ଜ୍ୱଳତମ କୋହିନୂର ହେଉଛନ୍ତି ସେଇ ଏକ ଓ ଏକମେବାଦ୍ୱିତୀୟ ଶାର୍ଲ ବୋଦ୍‌ଲେୟାର। କିନ୍ତୁ ଏଇ 'ପ୍ରଥମ ଦ୍ରଷ୍ଟା' ଓ 'କବିମାନଙ୍କ ରାଜା' ବୋଦ୍‌ଲେୟାରଙ୍କ ସୃଷ୍ଟିସୌନ୍ଦର୍ଯ୍ୟ ଉପଲବ୍ଧ କରିବାକୁ ହେଲେ ଆମକୁ ତାଙ୍କ ସମକାଳୀନ ଯୁଗର ପରିବେଶ, ତାଙ୍କର ପାରିବାରିକ ଜୀବନ ଓ ସ୍ୱକୀୟ ଜୀବନଚର୍ଯ୍ୟା ଏବଂ ପାପ-ପୁଣ୍ୟ ସଂପର୍କରେ ପଶ୍ଚିମୀ ଜଗତର ଦାର୍ଶନିକ ଧ୍ୟାନଧାରଣା ସହିତ ଘନିଷ୍ଠ ଭାବରେ ପରିଚିତ ହେବାକୁ ପଡ଼ିବ। ବୋଦ୍‌ଲେୟାର (୧୮୨୧-୧୮୬୭)ଙ୍କ ବ୍ୟକ୍ତିଜୀବନର କେତୋଟି ସ୍ୱୀକାରୋକ୍ତି ପ୍ରଥମେ ଲକ୍ଷ୍ୟ କରନ୍ତୁ। 'ଏକ ନିର୍ଜନତାର ଅନୁଭୂତି ଆଶୈଶବ ମୋର ସହଚର। ଆତ୍ମୀୟସ୍ୱଜନ ଓ ପରିବାର ସତ୍ତ୍ୱେ ଏବଂ ବନ୍ଧୁବାନ୍ଧବମାନଙ୍କ ଗହଣରେ ମଧ ମୁଁ ପ୍ରାୟ ଅନୁଭବ କରିଛି ମୋର ସେଇ ଚିର ନିର୍ଜନତାର ନିୟତି।' ପୁଣି ୧୮୫୪ର ଏକ ଚିଠିରେ ସେ ଉଲ୍ଲେଖ କରିଛନ୍ତି, "ମୁଁ ଜାଣେ, ମୋର ଜୀବନ ପ୍ରଥମରୁ ହିଁ ଅଭିଶପ୍ତ ଏବଂ ତାହା ଚିରକାଳ ମଧ ରହିବ। ତଥାପି ଜୀବନ ଓ ଇନ୍ଦ୍ରିୟର ପିପାସା ମୋର ଅତି ପ୍ରଚଣ୍ଡ।" ଏଇ ନିର୍ଜନତା ଓ ବିଷଣ୍ଣତାର ଅନୁଭୂତି ଘେନି ପ୍ୟାରିସ୍ ସହରର ନାଗରିକ ପରିବେଶ ମଧ୍ୟରେ ସେ ସଚେତନ ଭାବରେ କରିଛନ୍ତି ପାପର ଅନୁଶୀଳନ ଏବଂ ପାପଚର୍ଚ୍ଚାରେ ହିଁ ପାଇଛନ୍ତି ଆନନ୍ଦବୋଧ। ତାଙ୍କର ଧାରଣା, ପୃଥିବୀର ସବୁକିଛି ମୂଳରେ ରହିଛି ମନ୍ଦ, ଖରାପ, ଏକ ଚରମ ପ୍ରସୂତ ପାପ ଏବଂ ଯେହେତୁ ଏଇ ପୃଥିବୀର ସବୁକିଛି ହେଉଛି ପାପ, ସୁନ୍ଦରର

Digitized by PPRACHIN, SOA

ପ୍ରକାଶ ଘଟିପାରିବ କେବଳ ଏଇ ପାପର ମଧ୍ୟ ଦେଇ; ପାପ ହେଉଛି ସୁନ୍ଦରର ଗୋଟିଏ ଅତି ବିଶିଷ୍ଟ, ଅତି ପ୍ରଧାନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଏଇଠାରେ ହିଁ ତାଙ୍କର ଆତ୍ମଚେତନା ଓ ଅହଂବୋଧ, ଯାହା ତାଙ୍କର କବିଜୀବନର ବ୍ରହ୍ମାସ୍ତ୍ର; କେବଳ ତାଙ୍କର ନୁହେଁ, ତାଙ୍କର ଅନୁଗାମୀ ପରବର୍ତ୍ତୀ ସମସ୍ତ କବିଗୋଷ୍ଠୀର। ୧୮୬୧ରେ "Flowers of Evil"ର ଦ୍ୱିତୀୟ ସଂସ୍କରଣ ଯେତେବେଳେ ପ୍ରକାଶିତ ହୁଏ, ସେତେବେଳେ ମାଆଙ୍କୁ ଏକ ପତ୍ରରେ ଦୃଢ଼ୋକ୍ତି ପ୍ରକାଶ କରି ସେ ଲେଖିଥିଲେ, 'ଏ ବହିଟି ହେବ ପୃଥିବୀର ସବୁକିଛି ପ୍ରତି ମୋର ଚରମ ଘୃଣା ଓ ବିରାଗର ଶେଷ ଜମାନବନ୍ଦୀ।' ଖ୍ରୀଷ୍ଟାନ ଧର୍ମ ଓ ଦର୍ଶନରେ ବୀଜ ଆକାରରେ ଅନ୍ତତଃ ଏଇ ଆଧ୍ୟାତ୍ମିକ ପାପବୋଧ ରହିଥିଲା ଏବଂ ରହିଛି, କିନ୍ତୁ ବୋଦ୍‌ଲେୟରଙ୍କ ନିକଟରେ ତାହା ଏକ ପରମ ପରିପକ୍ୱ ରୂପରେ ହେଲା ପ୍ରକଟିତ। ଏଇ ପାପବୋଧକୁ ସେ ତାଙ୍କର ସହଯାତ୍ରୀ କବି ଓ ଶିଳ୍ପୀମାନଙ୍କ ରକ୍ତରେ କରିଥିଲେ ସଂକ୍ରାମିତ, ଯେଉଁକବି ଓ ଶିଳ୍ପୀବୃନ୍ଦ 'ଅଭିଶପ୍ତ' ନାମରେ ନିଜକୁ ଚିହ୍ନିତ କରିବାକୁ ଚାହିଁଥିଲେ ରୀତିମତ ଗୋଟିଏ ଗୋଷ୍ଠୀ ଭାବରେ। ତେଣୁ ବିସ୍ମିତ ହେବାର କିଛି ନାହିଁ ଯେ ଗତ ଶତାବ୍ଦୀର ସକଳ ନୂତନ ଆଲୋକମୁଖୀ ଫରାସୀ କବିତା 'ଲେ ଫ୍ଲୁର ଦ୍ୟୁ ମାଲ'କୁ କରିଥିଲେ ତାଙ୍କର ସ୍ତବ କବଚମାଳା। ଖ୍ରୀଷ୍ଟପୂର୍ବ ଇହୁଦୀ ପୁରାଣରେ ଆମେ ପାଉଁ ମନୁଷ୍ୟ ଓ ଜଗତ ସଂପର୍କରେ ଏକ ଅନ୍ଧକାରାଚ୍ଛନ୍ନ ଧାରଣା; ସେଥିରେ କେବଳ ସବୁକିଛିର ଚରମ ପାପ ଓ ଅପକର୍ମର କଥାହିଁ କୁହାଯାଇଛି। ପ୍ଲେଟୋ କହିଲେ ଯେ ଈଶ୍ୱର ହେଉଛନ୍ତି ନିଷ୍ପାପ, କିନ୍ତୁ ତା' ସହିତ ପାପକୁ ଏକ ସ୍ୱତନ୍ତ୍ର ମୌଳିକ ଉପାଦାନ ଭାବରେ ସ୍ୱୀକୃତି ଦେଲେ। ଜରଥୁସ୍ତ୍ରଙ୍କ ଧର୍ମରେ ଦୁଇ ଦେବତାଙ୍କର ହେଉଛି ସମାନ ଆସନ; ଓର୍ମୁଜ୍‌ଦ, ଯେ କି ହେଉଛନ୍ତି ଶୁଭର ଦେବତା ଏବଂ ପାପର ଦେବତା ହେଉଛନ୍ତି ଅଃରିମନ। ପାପ ପ୍ରସଙ୍ଗରେ ଖ୍ରୀଷ୍ଟୀୟ ଧର୍ମଦର୍ଶନରେ ମନୁଷ୍ୟର ଆଦିପତନ ପାଇଛି ଦୁଇ-ତୃତୀୟାଂଶ ସ୍ଥାନ-ଆଦମର ପାପ, ଯାହାକି ଖ୍ରୀଷ୍ଟାନ୍ ମତରେ ହେଉଛି ସମଗ୍ର ମାନବ ଜାତିର ଆଧ୍ୟାତ୍ମିକ ଓ ନୈତିକ ଭାଗ୍ୟବିଧାତା। ଅବଶ୍ୟ ବ୍ୟାବହାରିକ ଜଗତରେ ଏଇ ଧର୍ମଦର୍ଶନ ଦ୍ୱାରା ଖ୍ରୀଷ୍ଟାନ୍ ବିବେକ ଖୁବ୍ ବେଶୀ ପୀଡ଼ିତ ନୁହେଁ-ପାପ କହିଲେ ବିଶେଷ ଭାବରେ ସେ ବୁଝିବାକୁ ଚାହିଁଛି ମନୁଷ୍ୟର କାର୍ଯ୍ୟ ଓ ଆଚରଣ ଜନିତ ପାପ, ଯାହାକି ମୂଳତଃ ନୈତିକ ମାତ୍ର, ଆଧ୍ୟାତ୍ମିକ ନୁହେଁ। ସେ ଯାହାହେଉ, ପାପର ଆଲୋକରେ ବୋଦ୍‌ଲେୟର ସୁନ୍ଦରକୁ ଦେଲେ ଗୋଟିଏ ନୂତନ ଭୂମିକା ଏବଂ ଏହି ଦାନ ହିଁ ନିଃସନ୍ଦେହରେ ହେଉଛି ତାଙ୍କର ପ୍ରଧାନତମ।

ବର୍ତ୍ତମାନ ପଶ୍ଚିମୀ ଧର୍ମଦର୍ଶନ ସହିତ ଭାରତୀୟ ଧର୍ମଦର୍ଶନର ପାର୍ଥକ୍ୟ ଦେଖାଯାଉ। ଏହି ପାର୍ଥକ୍ୟ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ, ଭଲ ଓ ମନ୍ଦ ଅଥବା ପାପ ଓ ଅପାପର ନୈତିକ ଓ ଆଧ୍ୟାତ୍ମିକ ଚେତନା ଏବଂ ସୃଜନଶୀଳ ମନୁଷ୍ୟର ସୁନ୍ଦରର ସ୍ୱରୂପ

Digitized by PPRACHIN, SOA

ବ୍ୟାଖ୍ୟା ମଧ୍ୟରେ ନିହିତ। ପ୍ରଥମତଃ, ଭାରତରେ ବହୁମୁଖୀ ଚିନ୍ତା ଓ ଅନନ୍ତ ବୈପରୀତ୍ୟ ମଧ୍ୟରେ ଯାହା ଏକ ଓ ଅନନ୍ୟ, ତାହାକୁ ଚିରକାଳ ଧରି ଆମେ ସ୍ୱୀକାର କରି ଆସିଛୁ। ଏହି ଚିନ୍ତା ଓ ଚେତନା ମୂଳତଃ ଅବଶ୍ୟ ବୈଦାନ୍ତିକ; କିନ୍ତୁ ଏହା କେବଳ ପୋଥି ବା ଶିକ୍ଷାଳୟର ତତ୍ତ୍ୱ ମାତ୍ର ନୁହେଁ, ଏହା ଆମ ମହତ୍ତର ଜୀବନର ଅନୁଭୂତି ଓ ଅଭିଜ୍ଞତାର ଏକ ପ୍ରବାହମାନ ସ୍ରୋତସ୍ୱିନୀ। ଏହାରି ଆଲୋକରେ ଉଦ୍‌ବୁଦ୍ଧ ଭାରତର ସମସ୍ତ ଅଳଙ୍କାରଶାସ୍ତ୍ର, ରସ ଓ ସୁନ୍ଦରର ସ୍ୱରୂପ; କେବଳ ସାହିତ୍ୟ ବା କାବ୍ୟ—ଶିଳ୍ପ ନୁହେଁ, ଚିତ୍ର ଓ ଲଳିତକଳାର ଅନ୍ୟାନ୍ୟ କ୍ଷେତ୍ର ମଧ୍ୟ। 'ଈଶୋପନିଷଦ' ଯାହାକୁ କହିଛି 'ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ' (ସମସ୍ତଙ୍କ ଅନ୍ତରରେ, ପୁଣି ବାହାରେ ମଧ୍ୟ), ରସର ବ୍ୟାଖ୍ୟା କ୍ଷେତ୍ରରେ ତାହାହିଁ 'ସାହିତ୍ୟ ଦର୍ପଣ'ର ଲେଖକଙ୍କ ନିକଟରେ ପ୍ରତିଭାତ ହୋଇଛି, 'ପରସ୍ୟ ନ ପରସ୍ୟେତି ମମେତି ନ ମମେତି ଚ' (ପରର, କିନ୍ତୁ ପରର ନୁହେଁ; ମୋର କିନ୍ତୁ ମୋର ମଧ୍ୟ ନୁହେଁ)। ପଶ୍ଚିମୀ ଚିନ୍ତା ସହିତ ଆମର ଅନ୍ୟ ଗୋଟିଏ ମୌଳିକ ପ୍ରଭେଦ ହେଉଛି, ଯେପରି ସଂଗୀତରେ, ସେହିପରି ସାହିତ୍ୟ ଓ ଅନ୍ୟାନ୍ୟ ଆର୍ଟରେ, ବ୍ୟକ୍ତିର ସତ୍ତା ଭାରତରେ କେବେ ଗୋଟିଏ ଭିନ୍ନ ଏକକ ହୋଇ ଛିଡ଼ାହୋଇନି। ସ୍ରୋତସ୍ୱିନୀ ସଦୃଶ ତାହା ବାରମ୍ବାର ସମ୍ମିଳିତ ହୋଇଛି ଚିରକାଳର ସମୁଦ୍ରରେ; ତା'ର ବ୍ୟକ୍ତିତ୍ୱ ବର୍ଣ୍ଣନାର ନୂତନତ୍ୱ ମଧ୍ୟରେ, ସେଇ ଅଜ ଓ ଶାଶ୍ୱତ ଏକର ନୂତନତର ପ୍ରକାଶ ବା ପ୍ରକାଶଭଂଗୀ ମଧ୍ୟରେ ନିହିତ। ତେଣୁ ଭାରତୀୟ ସଂଗୀତରେ ନାହାନ୍ତି ବିଠୋଫେନ ବା ଭାରତୀୟ କାବ୍ୟରେ ନାହାନ୍ତି ବୋଦ୍‌ଲେୟାର। ଭାରତରେ ନୈତିକ ଓ ଏକ ପ୍ରକାର ବାହ୍ୟିକ ଅର୍ଥରେ ପାପ ଅବଶ୍ୟ ବିଦ୍ୟମାନ, କିନ୍ତୁ ତାହା ଅନ୍ତରର ପାପ ନୁହେଁ କିମ୍ବା ତାହା ଗୋଟିଏ ଆଦି ବା ମୌଳିକ ପତନ ନୁହେଁ ଯାହା କବଳରୁ ମନୁଷ୍ୟ ଜୀବନର ମୁକ୍ତି ନାହିଁ। ସୁନ୍ଦର ଓ ସମ୍ପୂର୍ଣ୍ଣର ଅନୁସରଣର ସାଧନା ସ୍ୱୀକାର କରେ ଯେ ସୁନ୍ଦର ଓ ସମ୍ପୂର୍ଣ୍ଣର ବିପରୀତ ଦିଗ ମଧ୍ୟ ରହିଛି ଏବଂ ତାହାକୁ ଅତିକ୍ରମ କରିବା ହେଉଛି ଶିଳ୍ପୀର ସ୍ୱଧର୍ମ। ତେଣୁ ଭାରତୀୟ ଦୃଷ୍ଟିରେ କବିର ବେଦନାମିଶ୍ରିତ ଆନନ୍ଦର ରୂପ ଆଦିସ୍ରଷ୍ଟାଙ୍କ ବେଦନାର ଅନୁରୂପ। କିନ୍ତୁ ଏଇ ବେଦନା ବା ବିପ୍ରଲମ୍ଭ ଏବଂ ବୋଦ୍‌ଲେୟାରଙ୍କର ସୁନ୍ଦର ପ୍ରତି nostalgiaଗୋଟିଏ ବସ୍ତୁ ନୁହନ୍ତି, ଯେପରି ଏକ ନୁହନ୍ତି ବୋଦ୍‌ଲେୟାରଙ୍କ ସୁନ୍ଦରର ଧାରଣାରେ bizarreର ଅଂଶ ଏବଂ ଭାରତୀୟ ରସର ଅଲୌକିକତା।

ତେଣୁ ତୁଳନାତ୍ମକ, ସାର୍ବଜନିକ ବା ବିଶ୍ୱସାହିତ୍ୟ କ୍ଷେତ୍ରରେ ସାହିତ୍ୟ ବିଚାର ପାଇଁ ତୁଳନାତ୍ମକ ପଦ୍ଧତି ପ୍ରଧାନ ଅବଲମ୍ବନ ହେଲେ ହେଁ ସେଥିରେ କିଛି ଅନ୍ତରାୟ ଓ ପ୍ରତିବନ୍ଧକ ମଧ୍ୟ ରହିଛି ଏବଂ ସେ ସକଳ ବାଧାବିଘ୍ନ ପ୍ରତି ସଚେତନ ରହି ତାହାକୁ ଅତିକ୍ରମ କରିଯିବା ଏବଂ ସାହିତ୍ୟର ଚିରନ୍ତନ ଓ ଯଥାର୍ଥ ସ୍ୱରୂପଟିକୁ

Digitized by PPRACHIN, SOA

ଉଦ୍‌ଘାଟନ କରିବା, ସତ୍ ଓ ମହତ୍ ସମାଲୋଚକର ହେଉଛି ଦାୟିତ୍ୱ। ଆଜିର ପୃଥିବୀରେ ଏହି ଦୃଷ୍ଟିଭଙ୍ଗୀର ଆବଶ୍ୟକତା ଯେ ଯଥେଷ୍ଟ ବେଶୀ, ତାହା ବୁଝାଇ କହିବା ନିଷ୍ପ୍ରୟୋଜନ। ଉମ୍‌ବେର୍ତୋ ଏକୋ ତାଙ୍କର ପ୍ରାମାଣିକ ରଚନା 'ମୁକ୍ତ ରଚନାର କାବ୍ୟତତ୍ତ୍ୱ' (The Poetics of the Open Work ୧୯୮୯, ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ ପ୍ରକାଶିତ The Open Work ଗ୍ରନ୍ଥର ପ୍ରଥମ ପ୍ରବନ୍ଧ)ର ଉପସଂହାରରେ ତେଣୁ ଯଥାର୍ଥତଃ କହିଛନ୍ତି, "ଇତିହାସର ନାନାପ୍ରକାର ପ୍ରଭାବର ଛାୟା ହେତୁ ଏବଂ ବର୍ତ୍ତମାନ ବିଶ୍ୱବୀକ୍ଷାର ବିଭିନ୍ନ ଦିଗଗୁଡ଼ିକ ସହିତ କୃଷ୍ଟିଗତ ପାରସ୍ପରିକ ଯୋଗାଯୋଗ ଫଳରେ ଶିଳ୍ପବୋଧର ସାଂପ୍ରତିକ ଅବସ୍ଥାଟି ଏକ ନିରନ୍ତର-ଉନ୍ନୟନର ଅବସ୍ଥାରେ ଆସି ଉପନୀତ। ଏହାର ପରିପୂର୍ଣ୍ଣ ବ୍ୟାଖ୍ୟା ବା ତାଲିକା ଦେବା ଦୂରେ ଥାଉ, ବିଭିନ୍ନ ଅଂଶରେ ଏଇ ଶିଳ୍ପସ୍ଥିତି ବହୁବିଧ ସମସ୍ୟା ହିଁ ସୃଷ୍ଟି କରିଛି। ସଂକ୍ଷେପରେ କହିବାକୁ ଗଲେ ଏହା (ସୃଜନଶିଳ୍ପର ନିଜକୁ ବୁଝିବାର କାର୍ଯ୍ୟ) ଗୋଟିଏ ଚଳମାନ 'ମୁକ୍ତ' ପରିସ୍ଥିତି ଏବଂ ରଚନାଟି ବର୍ତ୍ତମାନ ମଧ୍ୟ ହୋଇ ଚାଲିଛି।"

(ତା ୧୧।୨।୯୪ରେ ଯାଜପୁରର ନୃସିଂହ ଚୌଧୁରୀ ମହାବିଦ୍ୟାଳୟରେ 'ବିରଜା ବକ୍ତୃତାମାଳା' କାର୍ଯ୍ୟକ୍ରମରେ ପ୍ରଦତ୍ତ ଅଭିଭାଷଣ।)

■ ■

ସହାୟକ ଗ୍ରନ୍ଥ ଓ ପ୍ରବନ୍ଧାବଳୀ :

୧. Discriminations-Rene' Wellek.
୨. Theory of Literature-Rene' Wellek and Austin Warren.
୩. Chekhov, Stendhal and other Essays-Ilya Ehrenburg.
୪. ଦ୍ୱିତୀୟ ଭୁବନ-ଆଲୋକରଞ୍ଜନ ଦାଶଗୁପ୍ତ
୫. ରବୀନ୍ଦ୍ରନାଥ ଓ ଗ୍ୟେଟେ (ପ୍ରବନ୍ଧ)-ଶିବନାରାୟଣ ରାୟ
୬. ରବୀନ୍ଦ୍ରନାଥ: ବିଶ୍ୱକବି ଓ ବଙ୍ଗାଳି (ପ୍ରବନ୍ଧ)-ବୁଦ୍ଧଦେବ ବସୁ
୭. ରବୀନ୍ଦ୍ରନାଥେର ବିଶ୍ୱକବିତ୍ୱ (ପ୍ରବନ୍ଧ)-ନୀରେନ୍ଦ୍ରନାଥ ରାୟ
୮. ଟି.ଏସ୍. ଏଲିୟଟ: ବାଙ୍ଗାଳୀ ମନ ଓ ମନନେ-ସଂପାଦନା, ତାପସ ବସୁ
୯. ବୋଦ୍‌ଲେୟର ଥେକେ ଏଲିୟଟ ଓ ବାଂଲା କବିତା-ବାରୀନ୍ଦ୍ର ବସୁ
୧୦. ଏକ ଦିଗନ୍ତ ଦିନାନ୍ତେର-ଲୋକନାଥ ଭଟ୍ଟାଚାର୍ଯ୍ୟ

Digitized by PPRACHIN, SOA

ସାହିତ୍ୟ-ସାଧକ ଦୟାନିଧି ମିଶ୍ର

ସାହିତ୍ୟସାଧକ ଅଭିଧା କେବଳ ସେହିମାନଙ୍କର ପ୍ରାପ୍ୟ ଯେଉଁମାନେ ସାହିତ୍ୟକୁ ଜୀବନଚର୍ଯ୍ୟାର ମୁଖ୍ୟ ବ୍ରତ ରୂପେ ଗ୍ରହଣ କରିଥାନ୍ତି ଏବଂ ସାହିତ୍ୟହିଁ ହୋଇଥାଏ ଯେଉଁମାନଙ୍କ ଜୀବନର ଶ୍ରେଷ୍ଠତମ ସ୍ୱପ୍ନ, ଏକନିଷ୍ଠ ସଂକଳ୍ପ ଓ ଗଭୀରତମ ସାଧନା। ଏଭଳି ଜଣେ ସାରସ୍ୱତ ସାଧକ ଥିଲେ ସ୍ୱର୍ଗତ ଦୟାନିଧି ମିଶ୍ର ଯେ କି ଜନ୍ମଗ୍ରହଣ କରିଥିଲେ ଆଜକୁ ଶହେ ବର୍ଷ ତଳେ ୧୮୯୧ ମସିହା ଜୁନମାସ ତା ୨୦ ତାରିଖରେ। ଓଡ଼ିଆ ସାହିତ୍ୟର ଇତିହାସରେ ସେ ମୁଖ୍ୟତଃ ଜଣେ କଥାଶିଳ୍ପୀ ଭାବରେ ପରିଚିତ ହେଲେ ହେଁ କାବ୍ୟଶିଳ୍ପ ଓ କଥାଶିଳ୍ପ ଉଭୟ କ୍ଷେତ୍ରରେ ଥିଲା ତାଙ୍କ ସିଦ୍ଧହସ୍ତତାର ସବ୍ୟସାଚିତ୍ୱ। ତାଙ୍କ ପ୍ରଣୀତ ଐତିହାସିକ ଉପନ୍ୟାସ 'ସଂଯୁକ୍ତା' ଓ 'ରାଣା ପ୍ରତାପ ସିଂହ', ସାମାଜିକ ଉପନ୍ୟାସ 'ନୟନତାରା' ଓ 'ମାନଭଂଜନ', କ୍ଷୁଦ୍ରଗଳ୍ପର ସଂକଳନ 'କଥାକଦମ୍ବ' ପ୍ରଭୃତିରେ କଥାଶିଳ୍ପର ସିଦ୍ଧି-ସ୍ୱାକ୍ଷର ଯେପରି ଅଙ୍କିତ, 'ବିରହ ବଂଶୀ', 'କବିତାକୁଞ୍ଜ' ଓ ଅନ୍ୟାନ୍ୟ ଦେଶାତ୍ମବୋଧକ କବିତା ବା ସଙ୍ଗୀତାବଳୀରେ ତାଙ୍କ କାବ୍ୟସାଧନାର ଉଜ୍ଜ୍ୱଳ ମୁଦ୍ରା ସେହିପରି ସ୍ପଷ୍ଟ। ଏତଦ୍‌ଭିନ୍ନ ପୌରାଣିକ ଚେତନାକୁ ଆଧାର କରି ମଧ ସେ 'ସୁଭଦ୍ରା', 'ରୋହିଣୀ' ଓ 'ଧ୍ରୁବ' ଶୀର୍ଷକ ତିନୋଟି ପୁସ୍ତକ ପ୍ରଣୟନ କରିଛନ୍ତି ଯେଉଁଗୁଡ଼ିକ ତାଙ୍କ ଶିଳ୍ପମାନସର ପରିଚୟପାଇଁ ଏକାନ୍ତ ଅପରିହାର୍ଯ୍ୟ। ଓଡ଼ିଆ ଉପନ୍ୟାସର ଆଦିପର୍ବ ଯେଉଁମାନଙ୍କ ଲେଖନୀ ଚାଳନା ଦ୍ୱାରା ହୋଇଥିଲା ବର୍ଣ୍ଣାଢ୍ୟ ଓ ସମୃଦ୍ଧ, ସେମାନଙ୍କ ମଧରେ ସ୍ୱର୍ଗତ ଦୟାନିଧି ମିଶ୍ର ଥିଲେ ଏକ ସ୍ୱତନ୍ତ୍ର ଓ ସମ୍ମାନିତ ଆସନର ଅଧିକାରୀ। ଉମେଶ ଚନ୍ଦ୍ର ସରକାର, ରାମଶଙ୍କର ରାୟ, ଗୋପାଳବଲ୍ଲଭ ଦାସ ଓ ଫକୀରମୋହନ ସେନାପତି ଥିଲେ ଏ ଯୁଗର ଅଗ୍ରଜ ଓ ବରେଣ୍ୟ ଶିଳ୍ପୀ ଏବଂ ଏଇମାନଙ୍କ ପଙ୍‌କ୍ତିରେ ହିଁ ଦୟାନିଧି ମିଶ୍ରଙ୍କ ଆସନ ଥିଲା ସୁନିର୍ଦ୍ଦିଷ୍ଟ। ତାଙ୍କର 'ନୟନତାରା' ଉପନ୍ୟାସ ସମ୍ପର୍କରେ ପ୍ରଥିତଯଶା ଔପନ୍ୟାସିକ ଗୋପୀନାଥ ମହାନ୍ତି ଯଥାର୍ଥରେ କହିଛନ୍ତି, "ଏ ଉପନ୍ୟାସଟି ଓଡ଼ିଆ ଉପନ୍ୟାସମାନଙ୍କ କ୍ରମରେ ଅଷ୍ଟମ ବା ନବମ, ସଂପୂର୍ଣ୍ଣ ଉପନ୍ୟାସ କ୍ରମରେ ଷଷ୍ଠ ଓ ଏ ଔପନ୍ୟାସିକ ଓଡ଼ିଆ ଔପନ୍ୟାସିକଙ୍କ ପର୍ଯ୍ୟାୟରେ ସମ୍ଭବତଃ ଚତୁର୍ଥ ଔପନ୍ୟାସିକ।" ଏହି ଉପନ୍ୟାସଟିର ରଚନାକାଳ ୧୯୧୫ ମସିହା। ମାତ୍ର ଦୀର୍ଘକାଳ ତମିସ୍ରା ଗର୍ଭରେ ରହିବା ପରେ ଗ୍ରନ୍ଥାକାରରେ ପ୍ରକାଶନର ପ୍ରଥମ ଆଲୋକ ଦେଖିଥିଲା ୧୯୭୩ ମସିହାରେ। ଦୟାନିଧିଙ୍କ ଐତିହାସିକ ଉପନ୍ୟାସ 'ସଂଯୁକ୍ତା' ଓ 'ରାଣା ପ୍ରତାପସିଂହ'ର ପ୍ରକାଶନ (ଯଥାକ୍ରମେ ୧୯୨୧ ଓ ୧୯୨୩ ମସିହା) ପୂର୍ବରୁ କଥାସମ୍ରାଟ

Digitized by PPRACHIN, SOA

ଫକୀରମୋହନଙ୍କ ଐତିହାସିକ ଉପନ୍ୟାସ 'ଲଛମା' ୧୯୦୧ରେ ପ୍ରକାଶିତ ହୋଇଥିଲା ସତ, କିନ୍ତୁ ଇତିହାସକୁ ଆଧାର ବା ଉପଜୀବ୍ୟ କରି କ୍ଷୁଦ୍ର ଗଳ୍ପ ରଚନା କ୍ଷେତ୍ରରେ ଦୟାନିଧି ଥିଲେ ଓଡ଼ିଆ ଗଳ୍ପ ସାହିତ୍ୟରେ ବିଶିଷ୍ଟ ପଥିକୃତ୍। ତାଙ୍କର 'ଅରୁଣା', 'ଶାନ୍ତି' ଓ 'ମିଳନ' ପ୍ରଭୃତି ଗଳ୍ପ ଏ କ୍ଷେତ୍ରରେ ଗୋଟିଏ ଗୋଟିଏ ସାର୍ଥକ ଓ ଉଜ୍ଜ୍ୱଳ ନିଦର୍ଶନ। ଗଳ୍ପ-ଉପନ୍ୟାସର ରଚନାପାଇଁ ତାଙ୍କ ଶିଳ୍ପମାନସର ମୁଖ୍ୟ ଚାରଣଭୂମି ଥିଲା ଐତିହାସିକ ଓ ପୌରାଣିକ ଜଗତ ଏବଂ ଯେଉଁ ବାସ୍ତବ ବା କାଳ୍ପନିକ ଚରିତ୍ରାବଳୀ ଶୌର୍ଯ୍ୟ-ବୀର୍ଯ୍ୟ ଓ ଚାରିତ୍ରିକ ଗୌରବରେ ଥିଲେ ଦୀପ୍ତିମନ୍ତ ଓ ମହାନ୍, ସେଇମାନଙ୍କୁ ଅବଲମ୍ବନ କରି ସେ ସୃଷ୍ଟି କରି ଯାଇଛନ୍ତି ତାଙ୍କ କଥା-ଶିଳ୍ପର ଉଜ୍ଜ୍ୱଳ ଆଲେଖ୍ୟ।

ସ୍ରଷ୍ଟାର ଶିଳ୍ପମାନସ ତା'ର ବ୍ୟକ୍ତିତ୍ୱର ସାମଗ୍ରିକ ସତ୍ତା ଦ୍ୱାରା ହୁଏ ନିୟନ୍ତ୍ରିତ ଏବଂ ତା'ର ସୃଷ୍ଟିସମ୍ଭାର ମଧ୍ୟରେ ବ୍ୟକ୍ତିତ୍ୱର ଅଲିଭା ମୁଦ୍ରା ପରିଦୃଶ୍ୟ। ବ୍ୟକ୍ତି—ଜୀବନରେ ଦୟାନିଧି ଥିଲେ ଭାରତୀୟ ଆର୍ଯ୍ୟ ଜୀବନଧାରା ଓ ସଂସ୍କୃତିର ଉପାସକ; ସ୍ୱାଧୀନଚେତା ଓ ଅକୁତୋଭୟ ଏବଂ ଦେଶ ଓ ଜାତିପ୍ରାଣର ଅଭ୍ୟୁଦୟକାମୀ ଜଣେ ସାରସ୍ୱତ କର୍ମୀ ଓ ନାଗରିକ। ଉଚ୍ଚଶିକ୍ଷା ସମାପନ ପରେ ସେ କାଳରେ ବହୁ ଆକର୍ଷଣୀୟ ପଦ-ପଦବୀର ମୋହ ପରିତ୍ୟାଗ କରି ସେ ବରଣ କରି ନେଇଥିଲେ ଜଣେ ଶିକ୍ଷକ ଓ ଶିକ୍ଷାବିତ୍‌ର ଜୀବନ ଏବଂ ସେଥିରେ ମଧ୍ୟ ସେ ଥିଲେ ଏକ ସମ୍ମାନଜନକ ପଦବୀର ଅଧିକାରୀ। ମାତ୍ର ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ଆହ୍ୱାନରେ ଦେଶମାତୃକାର ମୁକ୍ତିସ୍ୱପ୍ନରେ ବିଭୋର ହୋଇ ଏହି ଉଚ୍ଚ ପଦବୀ ସେ ପରିତ୍ୟାଗ କରିଥିଲେ ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ସ୍ୱାଧୀନ ଜୀବନ ଯାପନ କରିଥିଲେ। ସେ ସମୟରେ ଏ ଭଳି ଘଟଣା ଆମ ରାଜ୍ୟରେ ଥିଲା ବିରଳ। ସେହି ସମୟରୁହିଁ ଗାନ୍ଧୀ ଓ ଗୋପବନ୍ଧୁଙ୍କ ଭାବାଦର୍ଶର ଦୀକ୍ଷାରେ ସେ ହୋଇଥିଲେ ମନ୍ତ୍ରିତ ଓ ଦୀକ୍ଷିତ। ଭାରତର ମୁକ୍ତି ସହିତ ପୂର୍ଣ୍ଣାଙ୍ଗ ଉତ୍କଳର ପ୍ରତିଷ୍ଠା ଓ ଜାତୀୟ ଜୀବନର ସର୍ବାଙ୍ଗୀନ ବିକାଶ ତାଙ୍କ ଜୀବନର ହୋଇଥିଲା ବ୍ରତ ଓ ସାଧନା। ଉତ୍କଳୀୟମାନଙ୍କୁ ଉଦ୍‌ବୋଧନ ଦେଇ ସେ ଲେଖିଛନ୍ତି—

'ଗାନ୍ଧୀଙ୍କର ମନ୍ତ୍ରେ
ଗୋପବନ୍ଧୁ ଆଜି
ଅହିଂସା ଧର୍ମର ବ୍ରତୀ,
ଆଳସ୍ୟ ତେଜିଣ,
ଜାଗ ଉତ୍କଳୀୟ
ଦେଶ ପ୍ରେମେ ଯାଅ ମାତି।

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

ମାଣିକ୍ୟ ସନ୍ଧାନୀ କୃଷ୍ଣପ୍ରସାଦ

ବନ୍ଧୁ କୃଷ୍ଣପ୍ରସାଦ ମିଶ୍ର ମୋ କାଳର ଜଣେ ଯଶସ୍ୱୀ ଲେଖକ। ଗଳ୍ପ, ଉପନ୍ୟାସ, ଭ୍ରମଣକାହାଣୀ, ପ୍ରବନ୍ଧ ଓ ସମାଲୋଚନା ପ୍ରଭୃତି ସାହିତ୍ୟର ବିଭିନ୍ନ ବିଷୟରେ ତାଙ୍କ ସୃଷ୍ଟି– ପ୍ରତିଭାର ସ୍ୱାକ୍ଷର ସେ ଅଙ୍କନ କରିଯାଇଛନ୍ତି। ଏଇ କାଲିପରି ଲାଗୁଛି, ସେ ବିଦାୟ ନେଇଛନ୍ତି ଆମମାନଙ୍କ ଗହଣରୁ। ଆଜି ସେ ଦିବ୍ୟଲୋକର ବାସିନ୍ଦା। ମାତ୍ର ଜଣେ କଳାକାର ମୃତ୍ୟୁବରଣ କଲେ ମଧ ସେ ମୃତ୍ୟୁଞ୍ଜୟ ହୁଏ ତା'ର ସୃଷ୍ଟି ଶିଳ୍ପକଳାର ମାଧମରେ। ଅସ୍ଥିର ଓ ନଶ୍ୱର ମର୍ତ୍ତ୍ୟଭୂମିରେ ଅକ୍ଷରକୀର୍ତ୍ତି ସ୍ଥିର ରହେ ବୋଲି ତେଣୁ ଜନମାନସରେ ପ୍ରଚଳିତ ବିଶ୍ୱାସ ଅଛି। କୃଷ୍ଣ ପ୍ରସାଦ ଆଜି ନାହାନ୍ତି ସତ, ସେ କିନ୍ତୁ ବଞ୍ଚିଛନ୍ତି ତାଙ୍କର ଅକ୍ଷରକୀର୍ତ୍ତି ମଧରେ।

କୃଷ୍ଣବାବୁଙ୍କ ସହିତ ସାଧାରଣ ପରିଚୟ ଓ ସୌଜନ୍ୟମୂଳକ କଥାବାର୍ତ୍ତା ପୂର୍ବରୁ ମୋର ରହିଥିଲା; କିନ୍ତୁ ବନ୍ଧୁତ୍ୱର ବନ୍ଧନରେ ଆମେ ଆବଦ୍ଧ ହେଲୁ ୧୯୭୨ ମସିହାଠୁଁ ଯେତେବେଳେ କି 'ପ୍ରଜାତନ୍ତ୍ର ପ୍ରଚାର ସମିତି' ଦ୍ୱାରା ଗଳ୍ପ ଓ କବିତା ପାଇଁ ସେ ଓ ମୁଁ ଗୋଟିଏ ମଞ୍ଚରେ ଦୁହେଁ ସମ୍ମାନିତ ଓ ପୁରସ୍କୃତ ହୋଇଥିଲୁ। ସେଇକାଳଠୁଁ ଆମ ବନ୍ଧୁତ୍ୱ ଓ ଆନ୍ତରିକ ସଂପର୍କ ହୋଇଥିଲା ମଧୁର ଓ ଅନାବିଳ। ମଣିଷ ଭାବରେ ସେ ଥିଲେ ଅତି ବିନୟୀ, ବନ୍ଧୁବତ୍ସଳ ଓ ନିଷ୍କପଟ। ଶୈଶବର ସାରଲ୍ୟ ଓ କୈଶୋରର କୌତୂହଳ ପ୍ରକାଶ ପାଉଥିଲା ତାଙ୍କର କଥାବାର୍ତ୍ତାରେ। ଖାଣ୍ଟି ଶିଳ୍ପୀ ବା କଳାକାରଟିଏ ଯାହା ହେବା କଥା, ତାହାହିଁ ତାଙ୍କ ଆଚରଣରେ ହେଉଥିଲା ପ୍ରକଟିତ। ମୋ କାଳର ବହୁ ପ୍ରତିଷ୍ଠିତ ଲେଖକମାନଙ୍କୁ ମୁଁ ଜାଣିଛି। କେତେକଙ୍କ ସହିତ ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱ ମଧ ସୃଷ୍ଟି ହୋଇଛି। କିନ୍ତୁ କାଳକ୍ରମେ ମୁଁ ଅନୁଭବ କରିଛି, ଲେଖକ ଭାବରେ ଯଶସ୍ୱୀ ବା ପ୍ରତିଷ୍ଠିତ ହେଲେ ହେଁ କେତେକ ଲେଖକ ସାଧାରଣ ମଣିଷପଣିଆର ମାପକାଠିରେ ମଧ ଅତି କ୍ଷୁଦ୍ର, ନ୍ୟୂନ ଓ ଅନୁଦାର। ଅଥଚ ବାହାରେ ସେମାନେ ବେଶ୍ ଭଦ୍ରତା, ସୌଜନ୍ୟ ଏବଂ ଏପରିକି ଧର୍ମଭାବର ମୁଖା ପରିଧାନ କରି ବିଚରଣ କରୁଥାନ୍ତି। ତାହାଦ୍ୱାରା ସେମାନଙ୍କ ସୃଷ୍ଟିର ଯେ କୌଣସି ଅଙ୍ଗହାନି ଘଟିଛି, ସେ କଥା ମୁଁ କହୁନାହିଁ। ଏପରି କ୍ଷେତ୍ରରେ ବ୍ୟକ୍ତିତ୍ୱର ମଣିଷପଣ ଓ ସ୍ରଷ୍ଟାର ବ୍ୟକ୍ତିତ୍ୱ ହେଉଛି ସ୍ୱତନ୍ତ୍ର ଏବଂ ଆମେ ବ୍ୟକ୍ତିପୁରୁଷକୁ ବାଦ୍ ଦେଇ ଶିଳ୍ପୀପୁରୁଷକୁ ହିଁ କେବଳ ବିଚାର କରୁ। କିନ୍ତୁ ଯେଉଁଠି ସୃଷ୍ଟି ମଧରେ

Digitized by PPRACHIN, SOA

ସ୍ରଷ୍ଟା ଓ ବ୍ୟକ୍ତି ଏକ ଓ ଅଭିନ୍ନ ହୋଇଯାଆନ୍ତି, ସେଠାରେ ଘଟିଥାଏ ମଣିକାଞ୍ଚନର ସଂଯୋଗ। ବିଶ୍ୱସାହିତ୍ୟର ଇତିହାସରେ ଏଭଳି ବ୍ୟକ୍ତି ଓ ସ୍ରଷ୍ଟା ବିରଳ। ଗ୍ୟେଟେ, ଟଲଷ୍ଟୟ, ରୋମ୍ୟା ରୋଲାଁ ବା ରବୀନ୍ଦ୍ରନାଥ ପ୍ରଭୃତି ହେଉଛନ୍ତି ଏଇ ଧରଣର ମହାନ୍ ଶିଳ୍ପୀ। ଡିକେନ୍ସ, ଡୁମା, ବାଲ୍‌ଜାକ୍, ହ୍ୟୁଗୋ, ଶେଖଫ, ମୋପାସାଁ, ଫ୍ଲବେୟାର, ସ୍ତାଁଦାଲ ବା ଦସ୍ତୟେଭସ୍କି ପ୍ରଭୃତି ବିଶ୍ୱର ପ୍ରମୁଖ କଥାଶିଳ୍ପୀଙ୍କ କୃତିରେ ମଧ୍ୟ ଜୀବନସତ୍ୟ ଓ ଶୈଳ୍ପିକ ସତ୍ୟର ଅପୂର୍ବ ସମନ୍ୱୟ ଘଟିଛି। ଓଡିଆ କଥାଶିଳ୍ପ କ୍ଷେତ୍ରରେ ଫକୀରମୋହନ ଓ ସୁରେନ୍ଦ୍ର ମହାନ୍ତିଙ୍କୁ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇପାରେ।

କିନ୍ତୁ ଅନ୍ୟଦିଗରେ ଜଣେ ବ୍ୟକ୍ତି ଉନ୍ନତ ମାନବିକ ଗୁଣାବଳୀର ଅଧିକାରୀ ହେଲେ ତାଙ୍କର ଶିଳ୍ପସୃଷ୍ଟି ଯେ ଉନ୍ନତ ବା ଉଚ୍ଚାଙ୍ଗ ହେବ, ସେପରି କୌଣସି ନୀତି ବା ନିୟମ ନାହିଁ। ମଣିଷ ଭାବରେ ସେ ସଭିଙ୍କର ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇପାରନ୍ତି, କିନ୍ତୁ ତାଙ୍କର ଶିଳ୍ପକଳା ହୁଏ ତ ଉଚ୍ଚମାନର ନହୋଇ ନିକୃଷ୍ଟ ବୋଲି ବିବେଚିତ ହୋଇପାରେ। ଏଭଳି ଭଲ ମଣିଷ ତଥା ଲେଖକ ସଚରାଚର ମଧ୍ୟ ଅଛନ୍ତି। କୃଷ୍ଣବାବୁ ଯେଉଁ ଭଳି ଉଚ୍ଚକୋଟୀର ମଣିଷଟିଏ ଥିଲେ, ତାଙ୍କର ଶିଳ୍ପସୃଷ୍ଟି ସେଇଭଳି ଉଚ୍ଚକୋଟୀର କି ନା, ତାହା ବିଚାର କରିବାର କ୍ଷେତ୍ର ଏ ନୁହେଁ। କାରଣ ସମକାଳୀନ ଯୁଗର ଶିଳ୍ପବିଚାର ବା ସମୀକ୍ଷା ଅନେକ ସମୟରେ ଅଗଭୀର ଓ ଏକପାକ୍ଷିକ ହୋଇଥିବାର ଆମେ ଲକ୍ଷ୍ୟକରୁ। ଯେଉଁ ଦସ୍ତୟେଭସ୍କିଙ୍କୁ ସମକାଳୀନ ଯୁଗ ମହତ୍ ସ୍ରଷ୍ଟାର ସମ୍ମାନ ଦେବାକୁ କୁଣ୍ଠିତ ହୋଇଥିଲା, ସେ ଆଜି ବିଶ୍ୱସାହିତ୍ୟର ଅନ୍ୟତମ ବରେଣ୍ୟ ଦିଗ୍‌ପାଳ। ଲେଖକମାନଙ୍କର ଲେଖକ ଭାବରେ ସେ ଆଜି ବିଶ୍ୱବନ୍ଦିତ। ଯେଉଁ ଶେଖଫ ନିଜ ଜୀବଦ୍ଦଶାରେ ଭାବୁଥିଲେ ଯେ ତାଙ୍କ ଗଳ୍ପ ସୃଷ୍ଟିର ଆୟୁଷ ଗୋଟିଏ ଦୁଇଟି ଦଶନ୍ଧି ମଧରେ ନିଃଶେଷ ହୋଇଯିବ ଏବଂ ସମକାଳୀନ ସମୀକ୍ଷକମାନେ ମଧ ତାଙ୍କୁ ନିକୃଷ୍ଟ ଶ୍ରେଣୀର ଲେଖକ ଭାବରେ ଗଣନା କରୁଥିଲେ, ସେଇ ଶେଖଫ ଆଜି ବିଶ୍ୱର ମୁଷ୍ଟିମେୟ ବରେଣ୍ୟ କଥାଶିଳ୍ପୀଙ୍କ ମଧରେ ଅଗ୍ରଗଣ୍ୟ। କାଳହିଁ ହେଉଛି କଳାର ଯଥାର୍ଥ କଷଟି। ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀ ଚାଳନା କରିଥିଲେ ହେଁ କୃଷ୍ଣବାବୁ ମୁଖ୍ୟତଃ ଥିଲେ କଥାଶିଳ୍ପୀ ଏବଂ କଥାଶିଳ୍ପ ହେଉଛି ତାଙ୍କର ସ୍ୱରାଜ୍ୟ। ଉପନ୍ୟାସ ହେଉଛି ତାଙ୍କର ତିନୋଟି – 'ମୃଗତୃଷ୍ଣା', 'ସିଂହକଟୀ' ଓ 'ନେପଥ୍ୟେ'। କିନ୍ତୁ ପ୍ରଚୁର ଗଳ୍ପସଂକଳନ ତାଙ୍କର ପ୍ରକାଶିତ ହୋଇଛି ଏବଂ ସେଗୁଡ଼ିକର ସଂଖ୍ୟା ପ୍ରାୟ ଦଶଟି ବା ତତୋଧିକ। ଏଇ ସକଳ କଥାଶିଳ୍ପରେ ତାଙ୍କ ସ୍ରଷ୍ଟାମାନସ ସହଜ ଓ ସ୍ୱଚ୍ଛନ୍ଦ ଭାବରେ ବିଚରଣ କରିଛି।

ଯେ କୌଣସି ଶିଳ୍ପସୃଷ୍ଟି ପାଇଁ ପ୍ରାଥମିକ ପ୍ରୟୋଜନ ହେଉଛି ଜୀବନର ଅନୁଭୂତି ଓ ଅଭିଜ୍ଞତା। କିନ୍ତୁ କେବଳ ଅନୁଭୂତି ଓ ଅଭିଜ୍ଞତା ଥିଲେ କାର୍ଯ୍ୟସିଦ୍ଧି

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

ଦୂରପନେୟ ଦୁଃଖର ବେଦନା ଯାହାକି ହୋଇପାରେ ସମ୍ପୂର୍ଣ୍ଣ ପାରିବାରିକ ଅଥବା ଶିଳ୍ପୀସୁଲଭ ଉଚ୍ଚାକାଂକ୍ଷା-ସଂଜାତ କୌଣସି ସିଦ୍ଧିର ଅପ୍ରାପ୍ତିଜନିତ ବିଷାଦ। ଦ୍ୱିତୀୟଟି ଅଧିକ ସମ୍ଭବପର ବୋଲି ମୋର ଧାରଣା କାରଣ ଆର୍ଥିକ ସ୍ୱଚ୍ଛଳତାର ଅଭାବ ଅଥବା ପାରିବାରିକ ବିଭ୍ରାଟର କୌଣସି ଲକ୍ଷଣ ତାଙ୍କଠାରେ କେବେ ପରିଲକ୍ଷିତ ହୋଇନଥିଲା। ସେ ନିଜେ ମଧ ଲେଖିଛନ୍ତି, "ଦୁଃଖ କେବଳ ଈଶ୍ୱରଚେତନା ପାଇଁ ନୁହେଁ, ସାହିତ୍ୟିକ ଚେତନା ପାଇଁ, ଦାର୍ଶନିକ ଚେତନାପାଇଁ, ଜୀବନର ସକଳ ଗଭୀର ଅନୁଭୂତିପାଇଁ ରାଜଦ୍ୱାରପରି" (ନିଜକୁ ନାୟକ କରି)। ଅନୁରୂପ ଅନୁଭୂତିର ଚିତ୍ର ପ୍ରଦାନ କରିଛନ୍ତି ଔପନ୍ୟାସିକ ଫକୀରମୋହନ। "ଆମ୍ଭେମାନେ ବିପଦ ନାମରେ ଅଧୈର୍ଯ୍ୟ ହୋଇପଡୁଁ। ହେଲେ, ବିପଦ ମନୁଷ୍ୟତ୍ୱ ଆଣିଦିଏ। ସଂସାରକୁ ଚିହ୍ନାଇଦେବାପାଇଁ ବିପଦରୁ ବଳି ଆଉ କେହି ବନ୍ଧୁ ନାହିଁ"। (ପ୍ରାୟଶ୍ଚିତ୍ତ) ବାସ୍ତବିକ୍ ଦୁଃଖ– ବିପଦ ହିଁ ମନୁଷ୍ୟତ୍ୱର ସୂତିକାଗାର ଏବଂ ଏହି ମନୁଷ୍ୟତ୍ୱ ହିଁ ସକଳ କଳାସୃଷ୍ଟିର ମୌଳିକ ଓ ଅପରିହାର୍ଯ୍ୟ ସର୍ତ୍ତ। ଶିଳ୍ପ କ୍ଷେତ୍ରରେ ଯାହାକିଛି ସେ ସୃଷ୍ଟି କରିଛନ୍ତି ଏବଂ ବିନିମୟରେ ଯେଉଁ ଶ୍ରଦ୍ଧା–ସମ୍ମାନ ବା ପ୍ରତିଷ୍ଠା ପାଠକ ସମାଜଠୁଁ ସେ ପାଇଛନ୍ତି, ତାଠୁଁ ଅଧିକ ସିଦ୍ଧି ଓ ଯଶୋଲାଭ ପାଇଁ ସେ ଥିଲେ ଅଭିଳାଷୀ ଏବଂ ସେଥିପାଇଁ ତାଙ୍କ ପ୍ରାଣ ସର୍ବଦା ଥିଲା ଅସ୍ଥିର, ବିଷାଦମୟ ଓ ସଂଗ୍ରାମରତ। ଏଇଥିପାଇଁ ସେ ହୋଇପାରିଥିଲେ ଜଣେ ଲେଖକ ଏବଂ ଅଧିକ ଯଶଖ୍ୟାତିସମ୍ପନ୍ନ ଜଣେ ବରେଣ୍ୟ ଓ ମହତ୍ ସ୍ରଷ୍ଟା ହେବାପାଇଁ ତାଙ୍କ ପ୍ରାଣର ଥିଲା ଅଦମ୍ୟ ଅଭିଳାଷ ଓ ଆକାଂକ୍ଷା। ସେ ଯାହାହେଉ, ଏଇ ଉଚ୍ଚାକାଂକ୍ଷାରୁ ହିଁ ଆମେ ପାଇପାରିଛୁ ତାଙ୍କର ପ୍ରକାଶିତ ସୃଷ୍ଟି-ସମ୍ଭାର। ଅଧିକ ତାଙ୍କଠୁଁ ଆମେ ଆଶାୟୀ ହୋଇରହିଥିଲୁ; କିନ୍ତୁ କାଳ ଆମ ଆଶାର ଚରିତାର୍ଥତା ଦିଗରେ ହେଲା ଅନ୍ତରାୟ। ତେଣୁ ଇହ ଜୀବନର ଯେଉଁ ତପସ୍ୟା ତାଙ୍କର ରହିଯାଇଛି ଅପୂର୍ଣ୍ଣ, ତାକୁ ପରିପୂରଣ କରିବାପାଇଁ ଏବଂ ମହତ୍ତର ଶିଳ୍ପ ସିଦ୍ଧିର ଅଧିକାରୀ ହେବାପାଇଁ ପୁଣିଥରେ ଏଇ ମର୍ତ୍ତ୍ୟଧାମକୁ ସେ ମାଣିକ୍ୟ ସନ୍ଧାନ ପାଇଁ ଆସନ୍ତୁ; କାରଣ କଥା ଅଛି ଯେ ଶିଳ୍ପୀ ବା ସ୍ରଷ୍ଟାର ଆତ୍ମା ଭବ ବନ୍ଧନରୁ କେବେ ମୁକ୍ତି ଲାଭ କରିନଥାଏ। "କବି, କମାର, ଚିତ୍ରକର–ନାହିଁ ତିନିଙ୍କ ଭବପାର।" ପୁନର୍ଜନ୍ମର ଦର୍ଶନ-ବିଶ୍ୱାସୀ ଏବଂ ସର୍ଜନାଭିଳାଷୀ ଲେଖକ ଓ ଦାର୍ଶନିକ ବନ୍ଧୁ କୃଷ୍ଣପ୍ରସାଦଙ୍କୁ ଏ ତଥ୍ୟ କିଛି ଅଜ୍ଞାତ ନୁହେଁ।

■ ■

Digitized by PPRACHIN, SOA

ଏକ ବିରଳ ବ୍ୟକ୍ତିତ୍ୱ

ଓଡ଼ିଶାର ସାରସ୍ୱତ କ୍ଷେତ୍ରରେ ଜଗଦୀଶ ପାଣି ହେଉଛନ୍ତି ଏକ ବିରଳ ବ୍ୟକ୍ତିତ୍ୱ। ସାହିତ୍ୟର ଇତିହାସରେ ଏପରି କେତେକ ବ୍ୟକ୍ତିଙ୍କର ଆବିର୍ଭାବ ଘଟିଥାଏ ଯେଉଁମାନେ ନିଜେ ହୁଏତ ଉଚ୍ଚକୋଟୀର ସ୍ରଷ୍ଟା ବା ସାରସ୍ୱତ ପ୍ରତିଭାର ଅଧିକାରୀ ନୁହନ୍ତି, କିନ୍ତୁ ସେମାନଙ୍କ ସଂକଳ୍ପ ଓ ସାଧନା ଯୋଗୁଁ ସାହିତ୍ୟ ଓ ସଂସ୍କୃତିର ବିକାଶ ଓ ସମୃଦ୍ଧି ସମ୍ଭବପର ହୋଇଥାଏ। ଜଗଦୀଶବାବୁ ନିଜେ ହୁଏତ ସେପରି ଜଣେ ସ୍ରଷ୍ଟା ଓ ଉଚ୍ଚମାନର ଲେଖକ ନଥିଲେ, କିନ୍ତୁ ତାଙ୍କର ପ୍ରୟାସ ଓ ପ୍ରଯତ୍ନ ଫଳରେ 'ସମାବେଶ' ପତ୍ରିକା ଜନ୍ମଲାଭ କରି ତାଙ୍କରି ନେତୃତ୍ୱ ଓ ସଂପାଦନାରେ ଦୀର୍ଘକାଳ ଧରି ଓଡ଼ିଆ ସାହିତ୍ୟର ଯେଉଁ ସେବା ଏ ଯାବତ୍ କରି ଆସିଛି, ତାହା ବାସ୍ତବିକ ତାଙ୍କ ଏକକ ଓ ଅନନ୍ୟ ବ୍ୟକ୍ତିତ୍ୱର ପରିଚାୟକ। ଜୀବନରେ ବହୁ ଝଡ଼ଝଂଜା ଓ ଘାତ ପ୍ରତିଘାତ ଭିତରେ ସେ ଗତି କରିଛନ୍ତି ସତ, କିନ୍ତୁ ନିଜର ଦୃଢ଼ ଓ ଅନମନୀୟ ବ୍ୟକ୍ତିତ୍ୱ ବଳରେ 'ସମାବେଶ' କୁ ସର୍ବଦା ସଂଜୀବନୀ ମନ୍ତ୍ରରେ ପ୍ରାଣୋଚ୍ଛଳ କରିବା ସଂଗେ ସଂଗେ ତାହାକୁ ଏକ ଉତ୍କୃଷ୍ଟ ମାନର ସାହିତ୍ୟ ପତ୍ରିକାରେ ସେ ଯେପରି ପରିଣତ କରିପାରିଥିଲେ, ତା'ର ପଟାନ୍ତର ସମକାଳୀନ ଭାରତୀୟ ସାହିତ୍ୟରେ ଦୁର୍ଲଭ। 'ସମାବେଶ' ଥିଲା ଯଥାର୍ଥରେ ତାଙ୍କର ମାନସପୁତ୍ର। ତା'ର ପ୍ରକାଶନ, ପ୍ରତିଷ୍ଠା ଓ ଉତ୍କର୍ଷସାଧନ ପାଇଁ ଆଜୀବନ ସେ ସଂଗ୍ରାମ କରି ଆସିଛନ୍ତି। ସେ ହେଉଛନ୍ତି ଓଡ଼ିଶାର ଏକମାତ୍ର ସଂପାଦକ ଯାହାଙ୍କ ସହିତ ଓଡ଼ିଶାର ଅଗଣିତ ସ୍ରଷ୍ଟା ଓ ଶିଳ୍ପୀଙ୍କର ଥିଲା ନିବିଡ଼ ଓ ଅନ୍ତରଙ୍ଗ ଯୋଗାଯୋଗ। ସ୍ରଷ୍ଟାମାନଙ୍କ ସହିତ ଆନ୍ତରିକ ସଖ୍ୟ ଓ ଆତ୍ମୀୟ ସଂପର୍କ ସ୍ଥାପନରେ ସେ ଥିଲେ ବିଶ୍ୱାସୀ। ପ୍ରାତ୍ୟହିକ ଜୀବନର ସାଧାରଣ ମନୁଷ୍ୟଟି ଭିତରେ ଆତ୍ମଗୋପନ କରି ରହିଥିଲା ଏକ ଅସାଧାରଣ ଦରଦୀ, ମରମୀ ଓ ଶିଳ୍ପରସିକ ପୁରୁଷ। ନିଜେ ସୃଜନପ୍ରତିଭାର ଅଧିକାରୀ ସେ ନଥିଲେ ସତ, କିନ୍ତୁ ସୃଷ୍ଟିର ଗୁଣାଗୁଣ ନିର୍ଣ୍ଣୟ କରିବାରେ ସେ ଥିଲେ ଜଣେ ଜହୁରୀ। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ତାଙ୍କ ଉନ୍ନତ ଶିଳ୍ପବୋଧ ଓ ଶିଳ୍ପରୁଚି ସଂପର୍କରେ ସେମାନେ ନିଶ୍ଚୟ ଅବହିତ ହୋଇଥିବେ।

Digitized by PPRACHIN, SOA

କେବଳ ଜଣେ ସଂପାଦକ ବା ସାମ୍ବାଦିକ ଭାବରେ ନୁହେଁ, ଜଣେ ମଣିଷ ଭାବରେ ଯେଉଁ ସକଳ ସୁଗୁଣର ସେ ଅଧିକାରୀ ଥିଲେ, ତାହା ଏ ଯୁଗରେ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ସ୍ନେହାର୍ଦ୍ର ଚିତ୍ତବୃତ୍ତି, ବନ୍ଧୁବତ୍ସଳତା, ଆତିଥେୟତା ଓ ଆତ୍ମୀୟତାର ପରିଚୟ ଯିଏ ଥରେ ଲାଭ କରିଛି, ସେ ତାହା ଜୀବନରେ କେବେ ବିସ୍ମୃତ ହୋଇଯିବା ସମ୍ଭବ ନୁହେଁ। ଅସହାୟ ଓ ବିପନ୍ନ ବ୍ୟକ୍ତି ପ୍ରତି ତାଙ୍କର ସାହାଯ୍ୟ ଓ ସଂପ୍ରୀତିର ହସ୍ତ ସର୍ବଦା ଥିଲା ସଂପ୍ରସାରିତ। ଯିଏ ଯେତେବେଳେ କୌଣସି ଦୁଃଖ ବା ବିପଦରେ ପଡ଼ି ପ୍ରତିକାର ଆଶାରେ ତାଙ୍କର ସାହାଯ୍ୟ ପାଇଁ ଦ୍ୱାରସ୍ଥ ହେଉଥିଲା, ସେ କେବେ ନିରାଶ ହୋଇ ତାଙ୍କଠୁ ଫେରୁନଥିଲା। କିଛି ନା କିଛି ପ୍ରତିକାରର ଉପାୟ ସେ ବତାଉଥିଲେ ଏବଂ ତାଙ୍କ ସହିତ ଆଳାପ–ଆଲୋଚନା ଦ୍ୱାରା ଦୁଃଖର ଅର୍ଦ୍ଧାଂଶ ଯେପରି ପ୍ରଥମେ ଲାଘବ ହୋଇଯାଉଥିଲା। ସେ ନିଜେ ରାଜନୀତିଜ୍ଞ ନଥିଲେ କିନ୍ତୁ ରାଜନୀତି ଚର୍ଚ୍ଚାରେ ସେ ନିଜର ପ୍ରଖର ବୁଦ୍ଧିମତ୍ତା ଓ ପ୍ରବୀଣତାର ପରିଚୟ ଦେଉଥିଲେ। କହିବାକୁ ଗଲେ ଓଡ଼ିଶାର ବିଭିନ୍ନ ରାଜନୀତିକ ଦଳ ଓ ସେଗୁଡ଼ିକର ନେତୃସ୍ଥାନୀୟ ତୁଙ୍ଗ ବ୍ୟକ୍ତିମାନଙ୍କ ସହିତ ତାଙ୍କର ସଖ୍ୟ ଓ ସଦ୍‌ଭାବ ଥିଲା ଅନାବିଳ ଓ ଅନ୍ତରଙ୍ଗ। ପରସ୍ପରବିରୋଧୀ ବିଭିନ୍ନ ମତବାଦର ବ୍ୟକ୍ତି ତାଙ୍କୁ ଯେ କେବଳ ବନ୍ଧୁ ଭାବରେ ଗ୍ରହଣ କରୁଥିଲେ ତା' ନୁହେଁ, ତାଙ୍କଠି ସେମାନେ ଅଖଣ୍ଡ ବିଶ୍ୱାସ ମଧ୍ୟ ସ୍ଥାପନ କରୁଥିଲେ। ନିଜର ବର୍ଣ୍ଣାଢ଼୍ୟ ବ୍ୟକ୍ତିତ୍ୱ ଦ୍ୱାରା ଏହା କେବଳ ସମ୍ଭବ ହୋଇପାରୁଥିଲା। ଅତି ସାଧାରଣ ପରିବାର ଓ ପରିବେଶରୁ ଆସି ନାନା ଉତ୍‌ଥାନପତନ ମଧ୍ୟରେ ଜୀବନ ସହିତ ସଂଗ୍ରାମ କରି ସେ ନିଜକୁ ଯେପରି ପ୍ରତିଷ୍ଠିତ କରି ଯାଇଛନ୍ତି, ସମସ୍ତଙ୍କ ହୃଦୟରେ ଯେପରି ଶ୍ରଦ୍ଧା ଓ ସମ୍ମାନର ଆସନ ଲାଭ କରିଛନ୍ତି, ତାହା ଭାବିଲେ ପ୍ରକୃତରେ ବିସ୍ମିତ ହେବାକୁ ପଡ଼ିଥାଏ। ତାଙ୍କ ବ୍ୟକ୍ତିତ୍ୱରେ ଥିଲା ଏକ ପ୍ରବଳ ଆକର୍ଷଣୀ ଶକ୍ତି ଯାହାର ଚୁମ୍ବକୀୟ ସ୍ପର୍ଶରେ ଗୋଟିଏ ମୁହୂର୍ତ୍ତରେ ପର ହୋଇ ଉଠୁଥିଲା ଏକାନ୍ତ ଆପଣାର – ସତେ ଯେପରି ନିଜ ପରିବାରର ଜଣେ ଆତ୍ମୀୟ।

ଏଇ ମୋହିନୀ ବ୍ୟକ୍ତିତ୍ୱଧାରୀ ଉଜ୍ଜ୍ୱଳ ପୁରୁଷଟି ସହିତ ମୋର ବନ୍ଧୁତ୍ୱ ଦୀର୍ଘ ଚାଳିଶ ବର୍ଷର ଏବଂ ଆମ ସହଯାତ୍ରାର ପଥ କଲିକତାଠୁ ଭୁବନେଶ୍ୱର ପର୍ଯ୍ୟନ୍ତ ପ୍ରଲମ୍ବିତ। ଏଇ ଦୀର୍ଘ କାଳ ମଧରେ କେବଳ ସାରସ୍ୱତ ସଂପର୍କ ନୁହେଁ, ଆମର ବ୍ୟକ୍ତି – ସଂପର୍କ ମଧ୍ୟ ଥିଲା ଅତି ନିବିଡ଼ ଓ ଘନିଷ୍ଠ। ଆମ ଉଭୟଙ୍କ ଜୀବନଚର୍ଯ୍ୟା ଓ ଜୀବନଶୈଳୀରେ କେଉଁଠି କିଛି ସାମ୍ୟ ଥିଲା କେଜାଣି, ଆମେ ପରସ୍ପର ମଧରେ ନିଜକୁ ନିମଜ୍ଜିତ କରି ପାଉଥିଲୁ ଅସୀମ ଆନନ୍ଦ ଓ ପରିତୃପ୍ତି। ସେ ଆନନ୍ଦ

Digitized by PPRACHIN, SOA

ଓ ସୁଖସମ୍ଭୋଗରୁ ମୁଁ ଆଜି ବଂଚିତ। ଜଣେ ଅକୃତ୍ରିମ, ଅନ୍ତରଙ୍ଗ ଓ ସଦାଶୁଭେଚ୍ଛୁ ବଂଧୁର ବିୟୋଗ କେତେ ପୀଡ଼ାପ୍ରଦ ଓ ଆତ୍ମଦାହୀ, ତାହା ମର୍ମେ ମର୍ମେ ମୁଁ ଆଜି ଅନୁଭବ କରୁଛି। ବର୍ତ୍ତମାନ କେବଳ ଏକା ମୋର ନୁହେଁ, ଯେଉଁ ସାହିତ୍ୟିକ ବଂଧୁମାନଙ୍କ ସହିତ ମମତାର ବନ୍ଧନରେ ସେ ଥିଲେ ଆବଦ୍ଧ, ଆମ ସମସ୍ତଙ୍କର ଲକ୍ଷ୍ୟ ଓ କର୍ତ୍ତବ୍ୟ ହେବା ଉଚିତ ତାଙ୍କର ମାନସପୁତ୍ର, 'ସମାବେଶ'କୁ ସ୍ଥାୟୀ ଓ ସଂଜୀବିତ କରି ରଖିବା ଏବଂ ମୁଁ ଭାବୁଛି, ଏହାହିଁ ହେବ ତାଙ୍କର ଅମର ଆତ୍ମା ପ୍ରତି ବନ୍ଧୁସମାଜର ଯଥାର୍ଥ ସମାଦର ଓ ସମ୍ମାନ। ଜୀବନର ଦ୍ୟୁତି ମୃତ୍ୟୁର ନିକଷରେ ଉଦ୍‌ଭାସିତ ହୁଏ ବୋଲି କୁହାଯାଏ। ତେଣୁ ଜଗଦୀଶବାବୁ ଆଜି ନାହାନ୍ତି ସତ, କିନ୍ତୁ ତାଙ୍କର ସ୍ୱର୍ଣ୍ଣାଭ ଗୁଣାବଳୀ ଓଡ଼ିଶାର ସାରସ୍ୱତ ଇତିହାସରେ ଚିରକାଳ ଯେ ଲିପିବଦ୍ଧ ଓ ଅବିସ୍ମରଣୀୟ ହୋଇ ରହିବ, ଏଥିରେ କାହାରି ତିଳେ ମାତ୍ର ସନ୍ଦେହ ନାହିଁ। ପ୍ରକୃତରେ ମଣିଷ ପରି ସେ ଥିଲେ ଜଣେ ମଣିଷ ଏବଂ କେବଳ ମଣିଷପଣିଆ ନୁହେଁ, ପୌରୁଷଦୀପ୍ତ ମଣିଷପଣ ତାଙ୍କ ଜୀବନର ଥିଲା ବ୍ରତ ଓ ବୈଶିଷ୍ଟ୍ୟ। ଏଇ ମଣିଷପଣ, ସଂଗ୍ରାମୀ ସଂକଳ୍ପ, ଆତ୍ମୀୟତା ଓ କୁଟୁମ୍ବିତାର ଭାବନା ତାଙ୍କର ବ୍ୟକ୍ତିତ୍ୱ ଆଜି ଆମକୁ ଶିକ୍ଷା ଦେଉ। ତାଙ୍କର ଏକକତା ଓ ଅନନ୍ୟତା ଆମ ଚଲାବାଟର ହେଉ ଅନୁପ୍ରେରଣା।

■ ■

Digitized by PPRACHIN, SOA

କବିପୁତ୍ରର ଗୌରବ

ସ୍ୱତନ୍ତ୍ର ସ୍ରଷ୍ଟା ଭାବରେ ନୁହେଁ, କେବଳ କବିପୁତ୍ର ଭାବରେ ଓଡ଼ିଶାରେ ଏବଂ ଓଡ଼ିଆ ସାହିତ୍ୟରେ କେହି ଯଦି ସମସ୍ତଙ୍କର ଶ୍ରଦ୍ଧାଭାଜନ ହେବା ସଂଗେ ସଂଗେ ପିତୃଗୌରବର ଅଧିକାରୀ ହୋଉଥାନ୍ତି, ସେ ହେଉଛନ୍ତି ବରେଣ୍ୟ ସ୍ରଷ୍ଟା ଗଙ୍ଗାଧର ମେହେରଙ୍କ ସୁଯୋଗ୍ୟ ସନ୍ତାନ ଭଗବାନ ମେହେର। ପିତାଙ୍କ ଭଳି ଉଚ୍ଚକୋଟୀର ସ୍ରଷ୍ଟା ସେ ନଥିଲେ ସତ, କିନ୍ତୁ ଦାୟାଦ ଭାବେ ପିତାଙ୍କ ସକଳ ମାନବିକ ସୁଗୁଣର ସେ ଥିଲେ ଅଧିକାରୀ। ନମ୍ରତା ଓ ବିନୟ, ସ୍ୱଚ୍ଛ ଅଥଚ ମିଷ୍ଟଭାଷିତା, ଈଶ୍ୱରଚିନ୍ତା ଓ ଅକୁତୋଭୟତା ତାଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱର ଥିଲା ଭୂଷଣ। ମନୁଷ୍ୟତାର ମହିମାରେ ସେ ଥିଲେ ମହୀୟାନ୍ – ଜଣେ ଉଚ୍ଚକୋଟୀର ମଣିଷ।

କବି ଗଙ୍ଗାଧର ମେହେରଙ୍କୁ ଦେଖିବାର ସୌଭାଗ୍ୟ ମୋ ଜୀବନରେ ଘଟିନାହିଁ। କିନ୍ତୁ ଭଗବାନ ବାବୁଙ୍କୁ ଯେତେବେଳେ ମୁଁ ଭେଟିଛି ଓ ତାଙ୍କ ସାନ୍ନିଧ୍ୟରେ ଆସିଛି, ସେତେବେଳେ ତାଙ୍କରି ବ୍ୟକ୍ତିତ୍ୱ ମାଧ୍ୟମରେ ମୁଁ ଅନୁଭବ କରିଛି ଗଙ୍ଗାଧରଙ୍କ ମହିମାନ୍ୱିତ ବ୍ୟକ୍ତିତ୍ୱର ଅଶରୀରୀ ସାନ୍ନିଧ ଓ ସ୍ପର୍ଶ। ଗଙ୍ଗାଧର ମେହେର କଲେଜରେ ମୁଁ ଅଧାପକ ଥିଲି ଦୀର୍ଘ ପାଞ୍ଚବର୍ଷ, ୧୯୫୪ ରୁ ୧୯୫୯ ପର୍ଯ୍ୟନ୍ତ। ତା'ପରେ ମୁଁ ଚାଲିଆସିଲି ସ୍ଥାନାନ୍ତରିତ ହୋଇ ରେଭେନ୍ସା କଲେଜକୁ। କିନ୍ତୁ ସମ୍ବଲପୁରରେ ମୋର ଏଇ ପାଞ୍ଚବର୍ଷର ରହଣି କାଳ ମୋ ଜୀବନରେ ଏକ ସ୍ମୃତିବହୁଳ ଅବିସ୍ମରଣୀୟ ଅଧ୍ୟାୟ। ସୃଷ୍ଟି ଓ ସମୀକ୍ଷା କ୍ଷେତ୍ରରେ ମୋର ଆଜି ଯେଉଁ ସାମାନ୍ୟ ପ୍ରତିଷ୍ଠା, ତା'ର ବହୁଳାଂଶ ଅର୍ଜିତ ହୋଇଛି ସମ୍ବଲପୁରର ମମତାମୟୀ ମାଟିର ପୁଣ୍ୟ ସ୍ପର୍ଶରେ – ମୋର ଏଇ ପାଞ୍ଚବର୍ଷର ରହଣି କାଳ ମଧ୍ୟରେ। ସେକାଳର ସ୍ୱନାମଧନ୍ୟ ଅଧ୍ୟକ୍ଷ ଡକ୍ଟର ମାୟାଧର ମାନସିଂହ, ପ୍ରଫେସର ପ୍ରହ୍ଲାଦ ପ୍ରଧାନ, ଡକ୍ଟର ବ୍ରଜବନ୍ଧୁ ମିଶ୍ରଙ୍କର ମୋ ପ୍ରତି ସ୍ନେହାନୁରାଗ ଯେପରି ଭୁଲିବାର ନୁହେଁ, ସେହିପରି ମଧ୍ୟ ଭୁଲିବାର ନୁହେଁ ସାମୟିକ ହେଲେ ବି ସମ୍ମାନାସ୍ପଦ ଭଗବାନ ମେହେର, ଡାକ୍ତର ଆଇଛାକ୍ ସାନ୍ତ୍ରା, ସମ୍ବଲପୁରୀ ବସ୍ତ୍ରଶିଳ୍ପର ବରେଣ୍ୟ ପ୍ରତିଷ୍ଠାତା ଓ ପ୍ରଚାରକ କୃତାର୍ଥ ଆଚାର୍ଯ୍ୟ, ସାମ୍ବାଦିକ ବିଶ୍ୱକେଶନ ବହିଦାର, ସମାଜସେବୀ ଶ୍ରଦ୍ଧାକର ସୂପକାର ପ୍ରଭୃତିଙ୍କ ମୋ ପ୍ରତି ମମତାତପ୍ତ ସ୍ନେହ – ସଦିଚ୍ଛା ଏବଂ ନୂତନ ସୃଷ୍ଟି ଓ ସମୀକ୍ଷା ପାଇଁ ସେମାନଙ୍କର ପରାମର୍ଶ ଓ ପ୍ରେରଣା।

Digitized by PPRACHIN, SOA

ଭଗବାନ ମେହେରଙ୍କୁ ମୁଁ ଭେଟିଛି ଅଧ୍ୟକ୍ଷ ମାୟାଧର ମାନସିଂହ ଓ ପ୍ରହ୍ଲାଦ ପ୍ରଧାନଙ୍କ ନିବାସରେ ଦୁଇବାର ଏବଂ ଥରେ ତାଙ୍କ ନିଜସ୍ୱ ନିବାସ ବରପାଲୀରେ ଶ୍ରାବଣ ପୂର୍ଣ୍ଣିମାର ଗଙ୍ଗାଧର ଜୟନ୍ତୀ ଅବକାଶରେ। ସେ କାଳରେ ଗଙ୍ଗାଧର ଜୟନ୍ତୀ କେବଳ ନୁହେଁ, କଲେଜର ସାଂସ୍କୃତିକ ସପ୍ତାହ ପାଳନ କ୍ଷେତ୍ରରେ ଛାତ୍ରସମାଜର ଯେଉଁ ସ୍ୱତଃସ୍ଫୂର୍ତ୍ତ ଆବେଗ ଓ ଉତ୍ସାହ ଥିଲା ଏବଂ ସେ ସବୁ ଯେପରି ନିଷ୍ଠାପର ଓ ଶୁଚିବନ୍ତ ଭାବରେ ଅନୁଷ୍ଠିତ ହେଉଥିଲା, ଅନୁଭବୀ ପକ୍ଷରେ ତାହା ଆଜି କେବଳ ସ୍ୱପ୍ନ ଓ କଳ୍ପନା ମାତ୍ର। କଲେଜରେ ଛାତ୍ରମାନଙ୍କ ଦ୍ୱାରା ଶୋଭାଯାତ୍ରା ଓ ସଭା ଇତ୍ୟାଦି ଅନୁଷ୍ଠିତ ହେବା ସଂଗେ ସଂଗେ ବହୁଛାତ୍ର ସେହି ପୁଣ୍ୟତିଥିରେ ବରପାଲୀ ପର୍ଯ୍ୟନ୍ତ ଯାଇ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ନିକଟରେ ନିଜନିଜର ଶ୍ରଦ୍ଧାର୍ଘ୍ୟ ଅର୍ପଣ କରି ପ୍ରତ୍ୟାବର୍ତ୍ତନ କରୁଥିଲେ। ସେଠାରେ ମଧ୍ୟ ସଭାର ଆୟୋଜନ କରାଯାଉଥିଲା ଏବଂ ତା'ର ପ୍ରଧାନ ଉଦ୍ୟୋକ୍ତା ଓ ପୃଷ୍ଠପୋଷକ ଥିଲେ କବିପୁତ୍ର ଭଗବାନ ମେହେର। ଛାତ୍ରମାନଙ୍କ ପ୍ରତି ତାଙ୍କର ସ୍ନେହାଦର ଓ ଆତିଥେୟତାରେ ସମସ୍ତେ ମୁଗ୍ଧ ହୋଇ ଫେରୁଥିଲେ। ସେ ଥିଲେ ସ୍ୱଳ୍ପବାକ୍ ଏବଂ କୋମଳ—ମଧୁର କଥାରେ ସମସ୍ତଙ୍କୁ ସେ ଆପଣାର କରି ନେଉଥିଲେ। ପିତାଙ୍କ ପରି ତଥାକଥିତ ଉଚ୍ଚଶିକ୍ଷାର ସେ ଅଧିକାରୀ ନଥିଲେ ସତ, କିଂତୁ ନିଜର ଆଚରଣ ଓ ଜୀବନଚର୍ଯ୍ୟା ବଳରେ ଯେଉଁ ଆତ୍ମସଂସ୍କୃତି ସେ ଅର୍ଜନ କରିଥିଲେ, ତାହାହିଁ ତାଙ୍କୁ ଦେଇଥିଲା ମଣିଷପଣିଆର ଅମଳିନ ମୁକୁଟ। ମନୁଷ୍ୟକୁ ମନୁଷ୍ୟତାର ମାନଦଣ୍ଡରେ ବିଚାର କରିବା, ମନୁଷ୍ୟତା ନିଜେ ଅର୍ଜନ କରିବା ଏବଂ ମନୁଷ୍ୟ ତଥା ପ୍ରାଣୀସମାଜ ପ୍ରତି ସ୍ନେହପ୍ରବଣ ଓ ସଂବେଦନଶୀଳ ହେବା ହିଁ ତ ଶିକ୍ଷାର ଶେଷକଥା – ଚରମ ଓ ପରମ ଲକ୍ଷ୍ୟ। ଏ ଲକ୍ଷ୍ୟ ସିଦ୍ଧି ସ୍କୁଲ—କଲେଜରେ ଅଧ୍ୟୟନ କଲେ କେବଳ ହୋଇନଥାଏ— ତା' ସମ୍ଭବ ହୁଏ କେବଳ ବ୍ୟକ୍ତିର ଉପଯୁକ୍ତ ଜୀବନଚର୍ଯ୍ୟା, ଉଦାର ଓ ମୁକ୍ତ ମାନସିକତା ଏବଂ ପ୍ରାତ୍ୟହିକ ଆଚରଣ ଓ ସ୍ୱକୀୟ ସାଧନା ବଳରେ। ଭଗବାନବାବୁ ନିଜସ୍ୱ ସାଧନା ଓ କର୍ମ ବଳରେ ଶିକ୍ଷାର ସେହି ଶେଷ ଲକ୍ଷ୍ୟ ଓ ସିଦ୍ଧି ଆୟତ୍ତ କରିପାରିଥିଲେ। ଆଜି ଆମର ଚାରିପାଖରେ ସମାଜ ଓ ପରିବେଷ୍ଟନୀରେ ମନୁଷ୍ୟତାର ଉତ୍କଟ ଅଭାବ ଯେତେବେଳେ ପରିଲକ୍ଷିତ, ମାନବିକ ମୂଲ୍ୟବୋଧର ଅବକ୍ଷୟ ଯେତେବେଳେ ପରିଦୃଶ୍ୟ, ସରଳତା, ସାଧୁତା, ନମ୍ରତା ଓ ନ୍ୟାୟପରାୟଣତା ଆଦି ଗୁଣାବଳୀ ଯେପରି ଉପେକ୍ଷିତ ଅଥବା ଅପମାନିତ, ସେତେବେଳେ ଭଗବାନ ବାବୁଙ୍କ ପରି ଜଣେ ଜଣେ ବ୍ୟକ୍ତିଙ୍କର ଆଦର୍ଶ ଦୀପସ୍ତମ୍ଭ ପରି ଆମ ସମ୍ମୁଖରେ ବିରାଜିତ ହେବା ସ୍ୱାଭାବିକ। ସେକାଳର ଏକ କ୍ଷୁଦ୍ର ପଲ୍ଲୀ ବରପାଲୀରେ ଦୀପ ସଦୃଶ ଜଳିଜଳି ନିଜର ଆଲୋକଶିଖା ଅନ୍ୟମାନଙ୍କ ପାଇଁ ସେ ବିକିରଣ କରିଯାଇଛନ୍ତି। ସେଇ ଅମାୟିକ ଓ ଆଦର୍ଶ

Digitized by PPRACHIN, SOA

ପୁରୁଷଟି ପାଇଁ ତାଙ୍କର ଶତବାର୍ଷିକୀ ଜୟନ୍ତୀ ଅବସରରେ ଆଜି ଯେଉଁମାନେ ଶ୍ରଦ୍ଧାର୍ଘ୍ୟ ଅର୍ପଣ ପୂର୍ବକ ଅର୍ଚ୍ଚନା କରିବାକୁ ଆଗଭର, ସେମାନେ କେବଳ ନିଜ ଅଂଚଳର ନୁହେଁ, ସମଗ୍ର ଓଡ଼ିଶା ଓ ଓଡ଼ିଆ ଜାତି ପକ୍ଷରୁ ଏକ ମହତ କର୍ତ୍ତବ୍ୟ ସଂପାଦନ କରିବାକୁ ଯାଉଛନ୍ତି ଏବଂ ଏହି ଅବକାଶରେ ଉଦ୍ୟୋକ୍ତାମାନଙ୍କ ସହ ମୁଁ ମୋର ଭକ୍ତିର ପ୍ରଣତି ଓ ଶ୍ରଦ୍ଧାଞ୍ଜଳି ଭଗବାନବାବୁଙ୍କୁ ଅର୍ପଣ କରି ନିଜକୁ କୃତାର୍ଥ ମନେକରିବା ସଂଗେ ସଂଗେ ଆଶା କରୁଛି ଯେ ତାଙ୍କର ଆଦର୍ଶ ଓ ମହତ୍ ଗୁଣାବଳୀ ବର୍ତ୍ତମାନ ପୀଢ଼ିର ନରନାରୀ, ଯୁବକଯୁବତୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂଚାରିତ ହୋଇ ଦେଶ ଓ ଜାତି ପକ୍ଷରେ ହେଉ ଶୁଭଙ୍କର ଓ ମଙ୍ଗଳପ୍ରଦ। ପୂଜ୍ୟପୂଜାର ବ୍ୟତିକ୍ରମ ହେଲେ, ଗୁଣୀର ସଦ୍‌ଗୁଣ ନବୁଝି ଦୋଷଦର୍ଶୀ ହେଲେ କିମ୍ବା ମହତ୍‌ର ଅବମାନନା ହେଲେ ବ୍ୟକ୍ତି ଓ ସମାଜ ଜୀବନରେ ଦେଖାଦିଏ ଅମଙ୍ଗଳ ଓ ଅକଲ୍ୟାଣ। ମହାକବି କାଳିଦାସଙ୍କର ସେଇ ଚିରନ୍ତନୀ ଚେତାବନୀ, 'ପ୍ରତିବଧ୍ନାତି ହି ଶ୍ରେୟଃ ପୂଜ୍ୟପୂଜା ବ୍ୟତିକ୍ରମଃ' ଆମକୁ ସର୍ବଦା ସ୍ମରଣ ରଖିବାକୁ ପଡ଼ିବ କିମ୍ବା ଶ୍ରୀମଦ୍ ଭାଗବତର ସେଇ ଅମରବାଣୀ,

> ''ଆୟୁଃ ଶ୍ରିୟଂ ଯଶୋ ଧର୍ମଂ ଲୋକାନାଶୀଷ ଏବ ଚ।
> ହନ୍ତି ଶ୍ରେୟାଂସି ସର୍ବାଣି ପୁଂସୋ ମହଦତିକ୍ରମଃ॥'' (୧୦/୪/୪)

'ମହତର ମର୍ଯ୍ୟାଦା ଲଂଘନ କଲେ ମାନବର ଆୟୁ, ଶ୍ରୀ, ଯଶ, ଧର୍ମ, ଧର୍ମାଦିସାଧ୍ୟ ସ୍ୱର୍ଗାଦିଲୋକ ଏବଂ ସକଳ ସାଧନର ମୂଳୀକୃତ କଲ୍ୟାଣ ବିନଷ୍ଟ ହୋଇଯାଏ।'– ଆମକୁ ମନେ ରଖି ଜୀବନଚର୍ଯ୍ୟାରେ ବ୍ରତୀ ଓ ଅଗ୍ରସର ହେବାକୁ ପଡ଼ିବ।

■ ■

Digitized by PPRACHIN, SOA

ସ୍ମୃତିର ସୌରଭ

କବି ରାଧାନାଥ 'ନନ୍ଦିକା'ର ପ୍ରଣୟ–ପ୍ରସଙ୍ଗ ସଂପର୍କରେ କହିବାକୁ ଯାଇ ଲେଖିଛନ୍ତି, "ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର/ ପାରିଲେ ଫିଙ୍ଗି ସେ ଲଭନ୍ତା ନିସ୍ତାର।" ନନ୍ଦିକାର ପ୍ରଣୟିନୀ ଜୀବନରେ କେବଳ ନୁହେଁ, ଆମ ସମସ୍ତଙ୍କ ସାମଗ୍ରିକ ଜୀବନରେ ସ୍ମୃତି ହେଉଛି ଅମୂଲ୍ୟ ସଂପଦ। କହିବାକୁ ଗଲେ ଆମର ଜୀବନ, ବ୍ୟକ୍ତିତ୍ୱ ଏବଂ ଚେତନ, ଅବଚେତନ ବା ନିର୍ଜ୍ଞାନ ମନ ଉପରେ ସ୍ମୃତିର ପ୍ରଭାବ ଯେପରି ଅତଳାନ୍ତିକ, ସେହିପରି ସୁଦୂରପ୍ରସାରୀ ମଧ୍ୟ। ସ୍ମୃତିଶୂନ୍ୟ ଶରୀର ଓ ପ୍ରାଣ ମୃତବତ୍ ଓ ଶ୍ମଶାନ ସଦୃଶ। କବି, ଶିଳ୍ପୀ ଓ କଳାକାରଙ୍କ ନିକଟରେ ସ୍ମୃତି ତେଣୁ ଦେବୀ ରୂପେ ସମ୍ମାନିତା ଓ ବନ୍ଦିତା। ଏଇ ସ୍ମୃତି ସୁଖର ହେଉ ବା ଆନନ୍ଦର ହେଉ, ଦୁଃଖର ହେଉ ବା ବେଦନାର ହେଉ, ସେଥିରେ କିଛି ଯାଏ ଆସେ ନା। କାରଣ ବ୍ୟକ୍ତିତ୍ୱର ନିର୍ମାଣ ପାଇଁ ପ୍ରତ୍ୟେକଟିର ଦାନ ଓ ଭୂମିକା ଅପରିହାର୍ଯ୍ୟ। ଅବଶ୍ୟ ତୁଳାଦଣ୍ଡରେ ତଉଲିଲେ ଆନନ୍ଦ ଅପେକ୍ଷା ବେଦନାର ସ୍ମୃତି ଅଧିକ ଗଭୀର, ନିବିଡ଼ ଓ ସ୍ଥାୟୀ। ସେଥିପାଇଁ ପ୍ରାପ୍ତିଜନିତ ସୁଖସ୍ମୃତି ଅପେକ୍ଷା ହରାଇବାର ବେଦନାଜନିତ ସ୍ମୃତି ଆମ ପ୍ରାଣରେ ଗଭୀର ରେଖାପାତ କରିଥାଏ। ସ୍ମୃତିର ଦାନ ଓ ଐଶ୍ୱର୍ଯ୍ୟକୁ ଅସ୍ୱୀକାର କରିବା କିମ୍ବା ବିସ୍ମୃତ ହେବା ଅର୍ଥ ନିଜେ ଦରିଦ୍ର ଓ ଆତ୍ମଘାତୀ ହେବା। ସେଥିପାଇଁ କବି ମଧୁସୂଦନ ଲେଖିଛନ୍ତି–

"ହଜି ନାହିଁ ଯା'ର କେଭେ କିଛି ହିଁ ରତନ,
ଏ ମର୍ତ୍ତ୍ୟ ସଂସାରେ ସେହି ଦୀନ ଅକିଞ୍ଚନ।
ସେ ପୁଣି ଦରିଦ୍ରତର, ହରାଇ ରତନ
ଏ ଭବ ଭବନେ ତାହା ପାଶୋରେ ଯେ ଜନ।
ସେ ପୁଣି ଦରିଦ୍ରତମ କୃପାପାତ୍ର ଅତି
ହରାଇ ପାଶୋରିବାକୁ ବଳେ ଯା'ର ମତି।" (ବିଚ୍ଛେଦ)

ଏଇ ସଂକ୍ଷିପ୍ତ ଗୌରଚନ୍ଦ୍ରିକା ଦେବାର ଲକ୍ଷ୍ୟ ହେଉଛି ଡକ୍ଟର ହରେକୃଷ୍ଣ ମହତାବଙ୍କ ସଂପର୍କରେ ମୋର ବ୍ୟକ୍ତିଗତ ସ୍ମୃତିଚାରଣ। ତାଙ୍କ ନାଆଁଟି ଭିତରେ ଏପରି କିଛି ଐନ୍ଦ୍ରଜାଲିକ ଶକ୍ତି ପ୍ରଚ୍ଛନ୍ନ ହୋଇ ରହିଥିଲା, ଯାହାଫଳରେ ତାଙ୍କ ଜୀବଦ୍ଦଶାରେ ସେ ଥିଲେ ଉତ୍କଳର ଅପ୍ରତିଦ୍ୱନ୍ଦ୍ୱୀ ନେତା। ଏକ ବିରାଟକାୟ ବନସ୍ପତି

Digitized by PPRACHIN, SOA

ଅରଣ୍ୟଭୂମିକୁ ଛାୟାଚ୍ଛନ୍ନ କରି ରଖିବା ଭଳି ଆମର ରାଜନୀତିକ, ସାମାଜିକ, ସାରସ୍ୱତ ଓ ସାଂସ୍କୃତିକ ଜୀବନରେ ତାଙ୍କର ପ୍ରଭାବ ଓ ପ୍ରତିଷ୍ଠା ଥିଲା ଅଖଣ୍ଡ ଓ ଅପ୍ରତିହତ। ବସ୍ତୁତଃ ଉତ୍କଳଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପରେ ଗୋଟିଏ ଜାତିର ସାରଥି ଭାବରେ ତାଙ୍କ ନେତୃତ୍ୱର ଭୂମିକା ଅବିସ୍ମରଣୀୟ। ଏପରି ଏକ ଓଜସ୍ୱୀ ଓ ଗରିମାମୟ ବ୍ୟକ୍ତିତ୍ୱ ସହିତ ପରିଚିତ ହେବା, ତାଙ୍କର ସାନ୍ନିଧ ଲାଭକରିବା କିମ୍ବା ତାଙ୍କର ସ୍ନେହଭାଜନ ହେବା ଯେକୌଣସି ବ୍ୟକ୍ତି ପକ୍ଷରେ ନିଶ୍ଚୟ ଗର୍ବ ଓ ଗୌରବର ବିଷୟ। ମୋ ପରି ଜଣେ ସାଧାରଣ ଲେଖକ ତାଙ୍କ ସଂପର୍କରେ ଯେ ଆସିଛି ଏବଂ ତାଙ୍କର ସ୍ନେହ–ଅନୁକଂପା ଜୀବନରେ ଲାଭ କରିପାରିଛି, ତାହାହିଁ ମୋ ପକ୍ଷରେ ମହାର୍ଘ ବିଭୂତି। ସେଇ ସଂପର୍କଜନିତ ଅନୁଭୂତିର ଅମୂଲ୍ୟ ମଣିମାଣିକ୍ୟ ମୋର ସ୍ମୃତିକୋଷରେ ଚିର ସଂଚିତ ହୋଇ ରହିଛି। ସେ ସ୍ମୃତିସବୁ ଜୀବନସଂଗ୍ରାମର ଧୂଳିଧୂମ–ସମାକୀର୍ଣ୍ଣ ଚଲାପଥରେ ଅନ୍ତରର ଅତଳ ପ୍ରଦେଶକୁ ଆଜି ଚାଲିଯାଇଛନ୍ତି ସତ, କିନ୍ତୁ ସେଗୁଡ଼ିକର ଦୀପ୍ତି ଓ ସୌରଭ ଅମଳିନ ଓ ଅତୁଟ ହୋଇ ରହିଛି। ଘଟଣାଚକ୍ରରେ ଯେତେବେଳେ ସେଗୁଡ଼ିକ ସ୍ମୃତିପଥର ପୁରୋଭାଗକୁ ଚାଲିଆସନ୍ତି, ସେତେବେଳେ ସେଇ ମଉଳା ଫୁଲର ମହକରେ ମଧ ପ୍ରାଣ ହୁଏ ସୁରଭିତ ଓ ଆମୋଦିତ। ପ୍ରକୃତି – ଜଗତରେ ଆମେ ଦେଖୁଁ କେତେଗୁଡ଼ିଏ ଫୁଲ, ଯଥା ମଲ୍ଲୀ, ଚମ୍ପା ଓ ବଉଳ ପ୍ରଭୃତି, ଯେଉଁଗୁଡ଼ିକ ମଉଳି ପଡ଼ିଥିଲେ ବି ତାଙ୍କ ଦେହରୁ ସୌରଭ ସହଜରେ ଯାଇନଥାଏ। ସ୍ମୃତି ମଧ ସେଇଭଳି ଏକ ଫୁଲ, ଯାହାର ମହକ ସହଜରେ ମଉଳି ଯିବାର ନୁହେଁ। ବରଂ ଦିନ ଯେତେ ଗଡ଼ିଚାଲେ, ତା'ର ସୌରଭ ହୁଏ ସେତିକି ପ୍ରଗାଢ଼ ଏବଂ ପ୍ରଭା ହୁଏ ସେତିକି ପ୍ରଦୀପ୍ତ। ଏସବୁ ଲେଖିବା ବେଳେ ମନେ ହେଉଛି, ଆଜି ମଧ ସେ ଯେପରି ସ୍ୱଦେହରେ ତାଙ୍କ 'ଏକାମ୍ର ନିବାସ'ରେ ସେଇ ପରିଚିତ ଚେୟାରଟି ଉପରେ ଉପବିଷ୍ଟ ଏବଂ ତାଙ୍କୁ ଭେଟିବା ପାଇଁ, ତାଙ୍କର ଉପଦେଶ ଓ ପରାମର୍ଶ ନେବାପାଇଁ ବିଭିନ୍ନ ଶ୍ରେଣୀର ଲୋକଙ୍କର ସୁଅ ଅବାରିତ ଭାବରେ ଛୁଟିଚାଲିଛି। କିନ୍ତୁ ହାୟ! ସେ ଆଜି ଆଉ ନାହାନ୍ତି ଏବଂ ମହାକାଳର ପ୍ରାଚୀର ଆମ ଭିତରେ ସୃଷ୍ଟି କରିଛି ଅନନ୍ତ କାଳର ବ୍ୟବଧାନ। ତାଙ୍କର ସ୍ମୃତିହିଁ ହୋଇଛି ଆମ ଜୀବନର ଏକମାତ୍ର ସଂପଦ। ଇତିହାସର ସ୍ରଷ୍ଟା ଆଜି ହୋଇଛନ୍ତି ଇତିହାସର ଏକ ଉଜ୍ଜ୍ୱଳ ପୁରୁଷ।

ଏଇ ସ୍ୱନାମଧନ୍ୟ ଉଜ୍ଜ୍ୱଳ ପୁରୁଷଙ୍କ ସହିତ ମୋର ପ୍ରଥମ ସାକ୍ଷାତ ହୁଏ ୧୯୫୯ ମସିହାର ଆଦ୍ୟଭାଗରେ। ଠିକ୍ ମାସ ଓ ଦିନ ଆଜି ମୋର ମନେ ନାହିଁ। କିନ୍ତୁ ସେଇ ପ୍ରଥମ ସାକ୍ଷାତର ସ୍ମୃତି ଏବେ ମଧ ମନରେ ଦୀପ୍ୟମାନ ଓ ଦୁର୍ମର ହୋଇ ରହିଛି। ସେତେବେଳେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ଭାବରେ ସେତେବେଳେ ସେ ଆସିଥାନ୍ତି ସମ୍ବଲପୁର ଗସ୍ତରେ। ତାଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତରେ ଥାଏ ଗଙ୍ଗାଧର ମେହେର କଲେଜର ଛାତ୍ରମାନଙ୍କ ବାର୍ଷିକୋତ୍ସବରେ ଯୋଗଦାନ ଏବଂ ଛାତ୍ରମାନଙ୍କୁ ଉଦ୍‌ବୋଧନପ୍ରଦାନ। ମୁଁ ସେତେବେଳେ ସେଇ କଲେଜର ଓଡ଼ିଆ ବିଭାଗର ଜଣେ ଅଧ୍ୟାପକ। ଡକ୍ଟର ମାୟାଧର ମାନସିଂହଙ୍କ ପରେ ଅଧ୍ୟକ୍ଷ ଭାବରେ ଡକ୍ଟର ବ୍ରଜବନ୍ଧୁ ମିଶ୍ର କଲେଜରେ ଯୋଗ ଦେଇ ସାରିଥାନ୍ତି। ସେ ଯେପରି ନୀତିନିଷ୍ଠ, ସେହିପରି ବ୍ୟକ୍ତିତ୍ୱସଂପନ୍ନ ମଧ୍ୟ। ଡକ୍ଟର ମହତାବ କଲେଜରେ ପହଞ୍ଚିବାର ଅବ୍ୟବହିତ ପୂର୍ବରୁ ଡକ୍ଟର ମିଶ୍ର କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ତାଙ୍କ ସହିତ ପରିଚିତ କରାଇଦେବା ପାଇଁ ଷ୍ଟାଫ୍ କମନ୍‌ରୁମ୍‌ରେ ପ୍ରସ୍ତୁତ କରିରଖିଥାନ୍ତି। ଡକ୍ଟର ମହତାବ ନିର୍ଦ୍ଧାରିତ ସମୟରେ ଷ୍ଟାଫ୍– କମନ୍‌ରୁମ୍‌ରେ ଆସି ପହଞ୍ଚିଗଲେ। ତାଙ୍କ ପଦକ୍ଷେପ ସହିତ ଗତି କରି ଅଧ୍ୟକ୍ଷ ମହୋଦୟ ଜଣଜଣ କରି ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପରିଚିତ କରାଇ ଦେଉଥାନ୍ତି। ଡକ୍ଟର ମହତାବ ପ୍ରତ୍ୟେକଙ୍କ ସହିତ କରମର୍ଦ୍ଦନ କରି, କାହାକୁ ବା ପ୍ରତିନମସ୍କାର କରି, କାହା ସହିତ ପଦେ ଦି'ପଦ କଥାବାର୍ତ୍ତା ହୋଇ ଧୀରେଧୀରେ ଆଗେଇ ଚାଲିଥାନ୍ତି। କିଛି ସମୟ ପରେ ମୋର ପାଳି ଆସି ପଡ଼ିଗଲା ଏବଂ ଅଧ୍ୟକ୍ଷଙ୍କ ସହିତ ଡକ୍ଟର ମହତାବ ମୋ ସାମ୍ନାରେ ଆସି ଛିଡ଼ା ହୋଇଗଲେ। ତାଙ୍କ ପରି ବିରାଟ ବ୍ୟକ୍ତିତ୍ୱ ନିକଟରେ ମୁଁ ନିଜକୁ ନିଷ୍ପ୍ରଭ ଓ ସଙ୍କୁଚିତ ମନେ କରୁଥାଏ। ମୋର ଅବସ୍ଥା ସେତେବେଳେ 'ଖର ସୌରକରେ ତାରକା ଯେସନ/ଅସ୍ମିତା ବିସ୍ମୃଯେ ହେଲା ନିମଗନ'ର ଅନୁରୂପ। ମନକୁ କେବଳ ଅଶ୍ୱାସନା ଦେଉଥାଏଁ ଯେ ମୁହୂର୍ତ୍ତକ ପରେ ଅନ୍ୟ ନିକଟକୁ ସେ ଘୁଞ୍ଚି ଯିବା ପରେ ମୋର ଏ ଅବସ୍ଥା ସୁଧୁରିଯିବ। କିନ୍ତୁ କାର୍ଯ୍ୟତଃ ହେଲା କଅଣ ? ଡକ୍ଟର ମହତାବ ପ୍ରାୟ ୫/୬ ମିନିଟ ଧରି ମୋ ପାଖରେ ଛିଡ଼ା ହୋଇରହିଲେ ଏବଂ ମୋ ସହିତ କଥାବାର୍ତ୍ତା ଆରମ୍ଭ କରିଦେଲେ। କଥାବାର୍ତ୍ତାରେ ମୁଖ୍ୟତଃ ଥିଲା ସମ୍ବଲପୁରରେ ମୋର ରହଣିକାଳ, ମୋର ଲେଖାଲେଖି ଏବଂ କଲେଜରୁ ପ୍ରକାଶ ପାଉଥିବା 'ମେହେର ପ୍ରଦୀପ'ର ପ୍ରସଙ୍ଗ। ମୋର ଅନେକ କବିତା ଓ ସମାଲୋଚନା ସେତେବେଳକୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଝଙ୍କାର' ପତ୍ରିକାରେ ପ୍ରକାଶିତ ହୋଇ ସାରିଥାଏ। ମୁଁ ଅନୁମାନ କରିପାରିଲି ଯେ ଡକ୍ଟର ମହତାବଙ୍କ ଦୃଷ୍ଟିକୁ ମୋର ଲେଖାସବୁ ଆସିଛି ଏବଂ ମୋ ପ୍ରତି ତାଙ୍କର ଏକ ସ୍ନେହଶୀଳ ଦୃଷ୍ଟିଭଙ୍ଗୀ ସୃଷ୍ଟି ହୋଇସାରିଛି। ତାଙ୍କର କଥାବାର୍ତ୍ତା ଏପରି ସହଜ, ସ୍ୱାଭାବିକ ଓ ସ୍ନେହସିକ୍ତ ଥିଲା ଯେ ମୁଁ ମନେମନେ ଅନ୍ୟମାନଙ୍କ ନିକଟରେ ନିଜକୁ ଗର୍ବିତ ଓ ଗୌରବାନ୍ୱିତ ମନେ କରୁଥାଏଁ। ପ୍ରାଣରେ ସୃଷ୍ଟି ହେଉଥାଏ ଆନନ୍ଦର ପ୍ଲାବନ। ମୁହୂର୍ତ୍ତକ ଭିତରେ କଟିଗଲା ମନର ସେଇ ସଙ୍କୋଚ ଓ ଅବସାଦ। ଚିଲିକା ସନ୍ଦର୍ଶନରେ କବି ରାଧାନାଥଙ୍କର ଥିଲା ଯେଉଁ ଉପଲବ୍ଧି, 'ସ୍ନିଗ୍ଧ ରୂପ ତୋର

Digitized by PPRACHIN, SOA

ଚିତ୍ତ- ଉଲ୍ଲାସକ / ସୁମଧୁର ଦ୍ୱୈତଭାବର ଦ୍ୟୋତକ', ସେହି ଅନୁଭୂତି ସହସା ମନରେ ସଂଚାରିତ ହୋଇ ଉଠିଲା ଏବଂ ନିଜକୁ ସହଜ ଓ ସ୍ୱାଭାବିକ କରି ତାଙ୍କ ପ୍ରଶ୍ନାବଳୀର ଉତ୍ତର ସେତେବେଳେ ମୁଁ ଦେଉଥିଲି। କିଛି ସମୟ ପରେ କଥାବାର୍ତ୍ତା ଶେଷ କରି ଅନ୍ୟ ନିକଟକୁ ସେ ଚାଲିଗଲେ ଏବଂ ମୁଁ ନିଜସ୍ଥାନରେ ଛିଡ଼ା ହୋଇ ରହିଲି। ଯା' ପରେ କଲେଜର କାର୍ଯ୍ୟକ୍ରମ ଶେଷ କରି ଡକ୍ଟର ମହତାବ ସମସ୍ତଙ୍କଠୁଁ ବିଦାୟ ନେଲେ। ସେ ଚାଲିଯିବା ପରେ ମୋର ସହକର୍ମୀ ବନ୍ଧୁ-ଅଧ୍ୟାପକମାନେ ମୋତେ ସପ୍ରଶଂସ ଦୃଷ୍ଟିରେ ଦେଖିବା ସଙ୍ଗେ ସଙ୍ଗେ କହିଲେ ଯେ ଡକ୍ଟର ମହତାବଙ୍କ ଶୁଭ ଦୃଷ୍ଟିରେ ମୁଁ ଯେତେବେଳେ ପଡ଼ିଲିଣି, ସେ ନିଶ୍ଚୟ ଯା'ପରେ ରେଭେନ୍ସା କଲେଜକୁ ମୋତେ ବଦଳି କରି ନେଇଯିବେ। ବସ୍ତୁତଃ କେତେଟା ମାସପରେ ମୁଁ ପାଇଲି ରେଭେନ୍ସା କଲେଜରୁ ମୋର ବଦଳିର ଆଦେଶ। ତେଣୁ ମୁଁ ମନେମନେ ସ୍ଥିର ନିଶ୍ଚିତ ହେଲି ଯେ ଏଇ ବଦଳି ଆଦେଶ ମୂଳରେ ଡକ୍ଟର ମହତାବଙ୍କର ହାତ ନିଶ୍ଚୟ କାର୍ଯ୍ୟ କରିଛି। ମୁଁ ବିଷଣ୍ଣ ଚିତ୍ତରେ ସମ୍ବଲପୁର ସେଇ ୧୯୫୯ ମସିହାରେ ଛାଡ଼ି ରେଭେନ୍ସା କଲେଜରେ ଆସି ଯୋଗ ଦେଲି ସତ, କିନ୍ତୁ ସମ୍ବଲପୁରର ସ୍ନେହସଜଳ ସ୍ମୃତି ଏବେ ମଧ ପ୍ରାଣରେ ଜୀବନ୍ତ ହୋଇ ରହିଛି ଏବଂ ଆଜୀବନ ରହିବ ମଧ। କାରଣ ସମ୍ବଲପୁରରେ ମୋର ପାଞ୍ଚବର୍ଷର ରହଣିକାଳ ସୃଜନଶୀଳତା ଦିଗରୁ ମୋ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ତା' ଛଡ଼ା ଶିକ୍ଷାୟତନରେ ସେକାଳର ଅନ୍ତରଙ୍ଗ ପରିବେଶ, ଛାତ୍ର—ଶିକ୍ଷକ ସଂପର୍କରେ ମଧୁରତା ଏବଂ ସାହିତ୍ୟ—ସଂସ୍କୃତି ପ୍ରତି ଛାତ୍ରସମାଜର ଆନ୍ତରିକ ଅନୁରାଗ ବର୍ତ୍ତମାନ ଦୁଷ୍ପ୍ରାପ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ।

କଟକ ଆସିବା ପରେ ତାଙ୍କ ସହିତ ଯେ ଖୁବ୍ ବେଶୀ ସାକ୍ଷାତ ହୋଇଛି, ତା' ମଧ ନୁହେଁ। 'ବିଷୁବ ମିଳନ' ଭଳି ସାରସ୍ୱତ ସମ୍ମେଳନମାନଙ୍କରେ ତାଙ୍କ ସହିତ ସାକ୍ଷାତ ଓ ଆଳାପ ଅବଶ୍ୟ ହୋଇଛି, ତାହା କିନ୍ତୁ ଅତି ସାଧାରଣ ଓ ଗତାନୁଗତିକତା ମଧ୍ୟରେ ସୀମିତ। ତଥାପି ସେଇ ସାକ୍ଷାତ୍କାରର ସ୍ୱଳ୍ପ ସମୟ ମଧ୍ୟରେ ମୋ ପ୍ରତି ଥିବା ତାଙ୍କର ସସ୍ନେହ ମନୋଭାବ ଓ ଆନ୍ତରିକତାର ପରିଚୟ ମୁଁ ପାଉଥାଏଁ। ତାଙ୍କ ସହିତ ନିବିଡ଼ ଓ ଘନିଷ୍ଠ ସଂପର୍କରେ ମୁଁ ଆସିଲି ୧୯୭୬ ମସିହା ପରଠୁଁ, ଯେତେବେଳେ ପୁରୀ ସାମନ୍ତ ଚନ୍ଦ୍ରଶେଖର କଲେଜରୁ ବଦଳି ହୋଇ ଆସିଲି ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟକୁ। ସେଇ ସମୟଠୁଁ ତାଙ୍କର ତିରୋଭାବ ପର୍ଯ୍ୟନ୍ତ ଏଇ ଆନ୍ତରିକ ସଂପର୍କ ଥିଲା ଅଚ୍ଛିନ୍ନ। ସମୟ ଓ ସୁଯୋଗ ମିଳିବା ମାତ୍ରେ 'ଏକାମ୍ର ନିବାସ'କୁ ଯାଇ ତାଙ୍କୁ ସାକ୍ଷାତ୍ କରି ଆସୁଥିଲି କିମ୍ବା କେତେବେଳେ ତାଙ୍କ ଡାକରା ପାଇ ତାଙ୍କ ନିକଟରେ ଯାଇ ଉପସ୍ଥିତ ହେଉଥିଲି। ଆମର କଥାବାର୍ତ୍ତା ବା ଆଳାପ—ଆଲୋଚନା ମୁଖ୍ୟତଃ ଥିଲା ସାହିତ୍ୟଭିତ୍ତିକ। ତା'ଛଡ଼ା

Digitized by PPRACHIN, SOA

ଜୀବନରେ ଯେତେବେଳେ କୌଣସି ଦୁର୍ଯୋଗ ବା ବାଧାବିପତ୍ତି ଆସିଛି, ତାଙ୍କର ସାହାଯ୍ୟ ଓ ପରାମର୍ଶ ନେବା ପାଇଁ ତାଙ୍କର ଦ୍ୱାରସ୍ଥ ମଧ୍ୟ ମୁଁ ହୋଇଛି ଏବଂ ଅତି ଅକୁଣ୍ଠ ଚିତ୍ତରେ ସେ ମୋତେ ନିଜ ସୀମା ବାହାରକୁ ଯାଇ ମଧ୍ୟ ସାହାଯ୍ୟ କରିବା ସକାଶେ ଆଗେଇ ଆସିଛନ୍ତି। ଏ ଋଣ ପରିଶୋଧ ହେବାର ନୁହେଁ କିମ୍ବା ବିସ୍ମୃତ ହେବାର ମଧ୍ୟ ନୁହେଁ। ଅନେକ ସମୟରେ ମୁଁ ଅନୁଭବ କରିଛି ତାଙ୍କ ବ୍ୟକ୍ତିତ୍ୱର ରହସ୍ୟମୟତା। ବହୁ ଲୋକ ବହୁ ସମୟରେ ତ ଆସୁଥିଲେ ତାଙ୍କ ନିକଟକୁ, ଭିନ୍ନ ଭିନ୍ନ ସମସ୍ୟା ଘେନି ଏବଂ ତା'ର ସମାଧାନ ପାଇଁ। ସେମାନଙ୍କ ସହିତ ଆଚରଣରେ ମୁଁ ଲକ୍ଷ୍ୟ କରିଛି ତାଙ୍କ ବ୍ୟକ୍ତିତ୍ୱର ଦୁଇଟି ଦିଗ; ଗୋଟିଏ କଠୋର ଓ ଗମ୍ଭୀର ଏବଂ ଅନ୍ୟଟି ସହଜ ଓ ସୁକୋମଳ। ସେତେବେଳେ ମୋର ମନେ ପଡ଼ିଛି ରାମଚନ୍ଦ୍ରଙ୍କ ଚରିତ୍ରକୁ ଲକ୍ଷ୍ୟ କରି କବି ଭବଭୂତି କହିଥିବା ଦୁଇଟି କାବ୍ୟ—ପଙ୍‌କ୍ତି, "ବଜ୍ରାଦପି କଠୋରାଣି ମୃଦୂନି କୁସୁମାଦପି। ଲୋକୋତ୍ତରାଣାଂ ଚେତାଂସି କୋ ନୁ ବିଜ୍ଞାତୁମର୍ହତି।" (ଯେଉଁମାନେ ଲୋକୋତ୍ତର ଶକ୍ତିର ଅଧିକାରୀ, ସେମାନଙ୍କର ଚିତ୍ତ ବଜ୍ରଠୁଁ ମଧ୍ୟ କଠୋର ଅଥଚ କୁସୁମସୁକୋମଳ— ଆମେ ବା କଅଣ ବୁଝିବୁ?) ଏଇଥିପାଇଁ କବିଗୁରୁ ଗ୍ୟେଟେ ବୋଧହୁଏ କହିଛନ୍ତି "Unknown are the ways of greatmen" – 'ମହାନ୍ ବ୍ୟକ୍ତଙ୍କର ଜୀବନଯାତ୍ରା ସର୍ବଦା ରହସ୍ୟମୟ।'

ଡକ୍ଟର ମହତାବଙ୍କର ଏଇ କଠୋର-କୋମଳ ବ୍ୟକ୍ତିତ୍ୱ ମଧ୍ୟରେ ଅନ୍ତଃସଳିଳା ଫଲ୍‌ଗୁ ପରି ପ୍ରଚ୍ଛନ୍ନ ହୋଇ ରହିଥିଲା ତାଙ୍କର ରସିକତା ଓ କୌତୁକପ୍ରିୟତା। ଏହା ହେବା ମଧ୍ୟ ସ୍ୱାଭାବିକ। କାରଣ, ରାଜନୀତିର ଜଟିଳତା ଓ କଠିନତାକୁ ଅତିକ୍ରମ କରି ତାଙ୍କ ଭିତରେ ବଞ୍ଚି ରହିଥିଲା ସାରସ୍ୱତ ମଣିଷଟିଏ ଏବଂ ସେ ନିଜେ ମଧ୍ୟ ଥିଲେ ଜଣେ ସ୍ରଷ୍ଟା। ଏଇ ସୃଜନପ୍ରକ୍ରିୟା ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଥିଲା ତାଙ୍କର ସହଚର। ତାଙ୍କର ରସିକତା ଓ କୌତୁକପ୍ରିୟତାର ଗୋଟିଏ ଦୃଷ୍ଟାନ୍ତ ଦେଇ ଏଇ ଲେଖାଟିର ଉପସଂହାର ମୁଁ କରୁଛି। ଘଟଣାଟି ହେଉଛି ୧୯୮୩ ମସିହା ଶେଷ ଡିସେମ୍ବର। ସେ ବର୍ଷ 'ଗାଁ ମଜଲିସ' ପାଇଁ ସେ ପାଇଥାନ୍ତି କେନ୍ଦ୍ରୀୟ 'ସାହିତ୍ୟ ଏକାଡ଼େମୀ' ପୁରସ୍କାର। ପୁରସ୍କାର ଘୋଷଣା ହେବା ପରେ ପରେ ତାଙ୍କ 'ଏକାମ୍ରନିବାସ'କୁ ମୁଁ ଯାଇଥାଏଁ ତାଙ୍କୁ ସମ୍ମାନ ଓ ଅଭିନନ୍ଦନ ଜଣାଇବା ପାଇଁ। ସେ ବସିଥିଲେ ତାଙ୍କ କକ୍ଷଟିର ସେଇ ପରିଚିତ ଚେୟାରଟିରେ। ମୁଁ ଲକ୍ଷ୍ୟକଲି ତାଙ୍କ ମୁଖମଣ୍ଡଳରେ ପ୍ରଶାନ୍ତି ଓ ପ୍ରସନ୍ନତାର ଦୀପ୍ତି। ତାଙ୍କୁ ପ୍ରଣାମ କରିବା ସଙ୍ଗେ ସଙ୍ଗେ ସହସା ସେ କହି ପକାଇଲେ, "ହଇହୋ ଚିନ୍ତାମଣି ବାବୁ, ଆପଣମାନେ (ଓଡ଼ିଆ ସାହିତ୍ୟିକବୃନ୍ଦ) ଇଏ କଅଣ କଲେ? ଜଣେ ବୁଢାବରକୁ ଗୋଟିଏ ଷୋଡ଼ଶୀ କନ୍ୟା ଆପଣମାନେ ବାହା କରେଇଦେଲେ। ତାକୁ ନେଇ ଏ ବୟସରେ ମୁଁ କଅଣ କରିବି?" ତାଙ୍କ କଥାର ଶ୍ଳେଷ ଓ ବ୍ୟଞ୍ଜନା ମୁଁ ବେଶ୍ ଅନୁଭବ କଲି ଏବଂ

Digitized by PPRACHIN, SOA

ଆମୋଦିତ ମଧ ହେଲି। ତଥାପି ତାଙ୍କୁ ଉତ୍ତର ଦେଇ କହିଲି, "କାହିଁକି ସାର୍, ଅନ୍ୟାୟ ତ କିଛି କରାଯାଇନି। ଆପଣଙ୍କ ବୟସର ଲୋକେ ତ ପାଶ୍ଚାତ୍ୟ ଦେଶମାନଙ୍କରେ ଏବେ ମଧ ବିବାହ କରୁଛନ୍ତି। ତା'ଛଡ଼ା ଏ ପୁରସ୍କାର ଆପଣଙ୍କର ସମ୍ମାନ ବା ଗୌରବ ବୃଦ୍ଧି ନକଲେ ମଧ ଆମର ଓ ଓଡ଼ିଆ ସାହିତ୍ୟର ଗୌରବବୃଦ୍ଧି କରିଛି। ସେଥିପାଇଁ ଆମେ ଗର୍ବ ଅନୁଭବ କରୁଛୁ। ପୁରସ୍କାର ଯୋଗ୍ୟ ବ୍ୟକ୍ତିଙ୍କ ନିକଟକୁ ଗଲେ ସେ ନିଜେ ପୁରସ୍କୃତ ଓ ସମ୍ମାନିତ ହୋଇଥାଏ।" ମୋର ଏଇ କଥା କେଇପଦ ଶୁଣି ସେ ନୀରବ ହୋଇଗଲେ। କିନ୍ତୁ ତାଙ୍କ ମୁହଁରେ ଉକୁଟି ଉଠୁଥାଏ ଆନନ୍ଦର ଝଲକ। ସେ ମୁହୂର୍ତ୍ତର ସେଇ ଆନନ୍ଦୋଜ୍ଜ୍ୱଳ ମୁଖମଣ୍ଡଳର ଛବିଟି ଏ ପର୍ଯ୍ୟନ୍ତ ମୋ ପ୍ରାଣରେ ଅକ୍ଷୁଣ୍ଣ ଓ ଅମ୍ଳାନ ହୋଇ ରହିଛି। ତା'ପରେ ସେ କହିଲେ, "ହଉ, ହଉ, ବସନ୍ତୁ। (କାରଣ, ସେ ପର୍ଯ୍ୟନ୍ତ ମୁଁ ଛିଡ଼ା ହୋଇ କଥାବାର୍ତ୍ତା କରୁଥିଲି।) ଆଉ ଆପଣଙ୍କ ଓଡ଼ିଶା ସାହିତ୍ୟ ଏକାଡେମୀର ଖବର କଅଣ? (ମୁଁ ସେତେବେଳେ ଥିଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଂପାଦକ)" ମୁଁ ତାଙ୍କ ସାମ୍ନାରେ ଗୋଟିଏ ଚେୟାରରେ ବସି ପଡ଼ିବାପରେ ଘଣ୍ଟି ବଜାଇ ତାଙ୍କ ସେବକଟିକୁ ଡାକିଲେ ଏବଂ ଦୁଇ କପ୍ କଫି ଆଣିବା ପାଇଁ ବରାଦ ଦେଲେ।

କଥାରେ ଅଛି, 'ଦିନ ଯାଏ, ଚିହ୍ନ ରହେ।' ସେ ଆଜି ଆମମାନଙ୍କ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅସଂଖ୍ୟ କୀର୍ତ୍ତି ଓ କୃତିତ୍ୱ ତାଙ୍କ ନାଆଁ ସହିତ ବିଜଡ଼ିତ ହୋଇ ରହିଛି ଏବଂ ଚିରକାଳ ରହିବ ମଧ। ଓଡ଼ିଶା ଓ ଓଡ଼ିଆ ଜାତି ଥିବାଯାଏ ଦେଶ ଓ ଜାତିର ମାନସପଟରେ ସେ ଅବିନଶ୍ୱର ହୋଇ ରହିବେ। ଏପରି ଜଣେ ଯୁଗଜନ୍ମା ମହାନ୍ ବ୍ୟକ୍ତିଙ୍କର ସ୍ନେହ, ସାନ୍ନିଧ ଓ ସଂସର୍ଗ ଲାଭ କରିଥିବାରୁ ମୁଁ ନିଜକୁ ଭାଗ୍ୟବାନ ଓ ଗୌରବାନ୍ୱିତ ମନେକରେ। ସାମନ୍ତ ଚନ୍ଦ୍ରଶେଖରଙ୍କୁ ଲକ୍ଷ୍ୟ କରି କବି ରାଧାନାଥ କହିଛନ୍ତି, 'ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ'। ସେହିପରି ଡକ୍ଟର ମହତାବ ସୂକ୍ଷ୍ମ ଶରୀରରେ ଅର୍ଥାତ୍ ଯଶୋଦେହରେ ଚିରଞ୍ଜୀବୀ ହୋଇ ରହିଛନ୍ତି। ସେଇ ଅମର ଆତ୍ମାଙ୍କ ଶୁଭ ଜନ୍ମତିଥି ଅବସରରେ ପ୍ରାଣର ଭକ୍ତିପୂତ ଅର୍ଘ୍ୟ ଅର୍ପଣ ପୂର୍ବକ ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧା ନିବେଦନ ଆଜି କରୁଛି।

■ ■

Digitized by PPRACHIN, SOA

ଶିକ୍ଷକ ଦିନେ ଯେଉଁଠି ଛାତ୍ର

ମନୁଷ୍ୟ ତା'ର ଛାତ୍ର ଜୀବନ ଯେଉଁଠି ଅତିବାହିତ କରିଥାଏ, ସେଇ ସକଳ ଶିକ୍ଷାୟତନମାନଙ୍କ ପ୍ରତି ପରବର୍ତ୍ତୀ ଜୀବନରେ ତା'ର ମମତା ରହିବା ଏକାନ୍ତ ସ୍ୱାଭାବିକ। ତାହା ଚାଟଶାଳୀ ହେଉ, ସ୍କୁଲ ହେଉ, କଲେଜ ବା ବିଶ୍ୱବିଦ୍ୟାଳୟ ହେଉ, ସେଥିରେ କିଛି ଯାଏ – ଆସେନା। କିନ୍ତୁ କୌଣସି ଶିକ୍ଷାୟତନରେ ଏକଦା ଅଧ୍ୟୟନ କରିଥିବା ଛାତ୍ରଟିଏ ତା'ର ଭବିଷ୍ୟତ ଜୀବନରେ ଯଦି ସେଇ ପ୍ରତିଷ୍ଠାନକୁ ପୁଣି ଶିକ୍ଷକ ଭାବରେ ପ୍ରତ୍ୟାବର୍ତ୍ତନ କରିଥାଏ ଏବଂ ସେଠାରେ ଛାତ୍ରମାନଙ୍କୁ ଶିକ୍ଷାଦାନ କରିବାର ସୁଯୋଗ ସେ ଜୀବନରେ ଲାଭ କରେ, ତେବେ ସେଇ ଶିକ୍ଷା–ପ୍ରତିଷ୍ଠାନ ପ୍ରତି ତା'ର ମମତା, ଆସକ୍ତି ଓ ଅନ୍ତରଙ୍ଗତା କେବଳ ନିବିଡ଼ ନୁହେଁ, ତାହା ଦ୍ୱିଗୁଣିତ ହେବା ସୁନିଶ୍ଚିତ। ଚଳିତବର୍ଷ ଫକୀରମୋହନ କଲେଜର 'ସୁବର୍ଣ୍ଣଜୟନ୍ତୀ' ପାଳିତ ହେବାକୁ ଯାଉଛି। ସେଇଥିପାଇଁ ମୋର ଉଲ୍ଲିଖିତ ନାନ୍ଦୀମୁଖର ଅବତାରଣା। କାରଣ, ଏଇ କଲେଜରେ ଏକଦା ମୁଁ ଥିଲି ଛାତ୍ର ଏବଂ ପରବର୍ତ୍ତୀ ଜୀବନରେ ସେଠାରେ ଶିକ୍ଷାଦାନ କରିବାର ସୁଯୋଗ ମଧ୍ୟ ମୁଁ ପାଇଥିଲି। ଉଭୟ ଦୃଷ୍ଟିରୁ ଫକୀରମୋହନ କଲେଜ ମୋ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ମୋର ମନୋଭୂମିରେ ତା'ର ସ୍ଥିତି ଓ ପ୍ରତିଷ୍ଠା ଅତି ସୁଦୃଢ଼।

ପ୍ରଥମେ ଛାତ୍ରଜୀବନର କଥା ମୁଁ କହୁଛି। ୧୯୪୪ ମସିହା। ସେ ବର୍ଷ ପୁରୀ, ସମ୍ବଲପୁର ଓ ବାଲେଶ୍ୱରରେ ନୂତନ କଲେଜମାନ ପ୍ରତିଷ୍ଠିତ ହୋଇଥାଏ। ତା' ପୂର୍ବରୁ ଉଚ୍ଚଶିକ୍ଷାର ଏକମାତ୍ର ଖ୍ୟାତିସମ୍ପନ୍ନ ତୀର୍ଥସ୍ଥଳୀ ଥିଲା ରେଭେନ୍ସା ମହାବିଦ୍ୟାଳୟ। ଓଡ଼ିଶାର ବହୁ ଦୂରଦୂରାନ୍ତର ସ୍ଥାନରୁ ଛାତ୍ରମାନେ ଆସି ସେଠାରେ ଅଧ୍ୟୟନ କରିବାକୁ ଜୀବନର ପରମ ସୌଭାଗ୍ୟ ଓ ଗୌରବ ବୋଲି ବିବେଚନା କରୁଥିଲେ। କିନ୍ତୁ ଉଚ୍ଚଶିକ୍ଷା ଆଶାୟୀ ସବୁ ଛାତ୍ରଙ୍କ ଭାଗ୍ୟରେ ସେ ସୁଯୋଗ ଆସୁ ନଥିଲା। ତା'ର ଏକମାତ୍ର ଅନ୍ତରାୟ ଥିଲା ଅର୍ଥ। ଧନାଢ଼୍ୟ ପରିବାରର ପିଲାଙ୍କ ବ୍ୟତୀତ ଅନ୍ୟ ପିଲାମାନଙ୍କର ଅଭିଭାବକମାନେ ଆର୍ଥିକ ସମ୍ବଳର ଅଭାବରୁ ରେଭେନ୍ସା କଲେଜରେ ନିଜ ପିଲାକୁ ପଢ଼ାଇବାର ସୁଯୋଗରୁ ହେଉଥିଲେ ବଞ୍ଚିତ। ତେଣୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶା ଥିଲା ଅନଗ୍ରସର। ଏଇ ଅଭାବର ପରିପୂରଣ ଏବଂ ଶିକ୍ଷାର ପ୍ରଗତି ପାଇଁ ସେଇ ସମୟର ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ଏବଂ ତତ୍କାଳୀନ ଡି.ପି.ଆଇ.

Digitized by PPRACHIN, SOA

(ଉଚ୍ଚଶିକ୍ଷା ନିର୍ଦ୍ଦେଶକ) ତଥା ଶିକ୍ଷାବିତ୍ ଶ୍ୟାମଚନ୍ଦ୍ର ତ୍ରିପାଠୀଙ୍କ ପ୍ରଯତ୍ନ ଫଳରେ ବାଲେଶ୍ୱର, ପୁରୀ ଓ ସମ୍ବଲପୁରଠାରେ କଲେଜମାନ ପ୍ରତିଷ୍ଠିତ ହୋଇ ପାରିଥିଲା। କେବଳ କଲେଜ ନୁହେଁ, ସେମାନଙ୍କ ଉଦ୍ୟମରେ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା 'ଉତ୍କଳ ବିଶ୍ୱବିଦ୍ୟାଳୟ'। 'ଉତ୍କଳ ବିଶ୍ୱବିଦ୍ୟାଳୟ' ଅଧୀନରେ ହିଁ ପ୍ରଥମେ ଆମେମାନେ ମାଟ୍ରିକ୍ ପାଶ୍ କରିଥିଲୁ। ମାଟ୍ରିକ୍ ପାଶ୍ କରିବା ସଙ୍ଗେ ସଙ୍ଗେ ଘରେ ଉଠିଥିଲା କଲେଜରେ ପଢ଼ିବାର ପ୍ରଶ୍ନ। ସୌଭାଗ୍ୟବଶତଃ ମାଟ୍ରିକ୍‌ରେ ମୁଁ ପାଇଥିଲି ପ୍ରଥମ ଶ୍ରେଣୀ। ବାପାଙ୍କର ତେଣୁ ଜିଦ୍ ଯେକୌଣସି ପ୍ରକାରେ ସେ ମୋତେ କଲେଜରେ ନିଶ୍ଚୟ ପଢ଼ାଇବେ। ସେଥିପାଇଁ ଜମିବାଡ଼ି ବିକ୍ରି ହେଲେ ମଧ୍ୟ କୌଣସି ଦୁଃଖନାହିଁ। ତାଙ୍କର ଏଇ ଅଭିଳାଷରେ ସେତେବେଳେ ଇନ୍ଧନ ଯୋଗାଇଥିଲେ ସ୍ୱର୍ଗତ ବନମାଳି ବେହୁରା, ଯିଏ କି ହେଉଛନ୍ତି ଡକ୍ଟର ମାୟାଧର ମାନସିଂହଙ୍କ ଶ୍ୱଶୁର। ଉଦଳାରେ ସେତେବେଳେ ସେ ଥିଲେ ପୋଲିସ୍ ଦାରୋଗା। ତାଙ୍କ ଅଧୀନରେ ବାପା ଥିଲେ ଜଣେ ତହସିଲ ମେମ୍ବର। ପୋଡ଼ାଡ଼ିହା ଗସ୍ତରେ ଆସୁଥିବା ସମୟରେ ମୋର ଉଚ୍ଚଶିକ୍ଷା ପାଇଁ ବାପାଙ୍କୁ ସେ ଦେଉଥିଲେ ପରାମର୍ଶ। ବାପା ତେଣୁ ଅଣ୍ଟାଭିଡ଼ି ବାହାରିଲେ କଲେଜରେ ମୋତେ ପଢାଇବା ପାଇଁ। ମୋତେ ଟଙ୍କା ପଇସା ଦେଇ କଟକର ରେଭେନ୍ସା କଲେଜରେ ନାମ ଲେଖାଇବାକୁ ପଠାଇଦେଲେ। ମୁଁ ଟଙ୍କା ଧରି ଆସିଲି ବାରିପଦା। ସେଠାରେ ଆଉ କେତେଜଣ ପିଲାଙ୍କ ସହିତ ମିଶି ଆମେ ସ୍ଥିର କଲୁ ପ୍ରଥମେ ବାଲେଶ୍ୱର କଲେଜର ହାଲଚାଲ ବୁଝିବା ପାଇଁ। ଉଦ୍ଦେଶ୍ୟ ହେଲା, ଯଦି ସୁବିଧା ହୁଏ ବାଲେଶ୍ୱର କଲେଜରେ ଆମେ ନପଢ଼ି ଏତେ ଦୂରସ୍ଥାନ କଟକ ପର୍ଯ୍ୟନ୍ତ ବା ଯିବା କାହିଁକି? ମୋର ଯାହା ମନେପଡୁଛି, ଆମେ କେତେଜଣ ବାଲେଶ୍ୱର କଲେଜରେ ଆସି ପହଞ୍ଚିଥିଲୁ। ସେ କାଳର ବାଲେଶ୍ୱର ଜିଲ୍ଲାସ୍କୁଲ କଲେଜରେ ହୋଇଥାଏ ରୂପାନ୍ତରିତ। ଅଳ୍ପଦିନ ପାଇଁ ତା'ର ପ୍ରଥମ ଅଧକ୍ଷ ଥିଲେ ଶ୍ରୀ ବି. ଏନ୍. ରୋହାତଗୀ ଏବଂ ତା'ପରେ ଆସିଲେ କିଶୋରୀ ମୋହନ ଦ୍ୱିବେଦୀ। ଅନ୍ୟ ଯେଉଁ ଅଧ୍ୟାପକମାନେ ଥିଲେ ସେମାନଙ୍କ ମଧ୍ୟରୁ ଅର୍ଥନୀତିର ଅଧ୍ୟାପକ ଏସ୍. ମୁଖୋପାଧ୍ୟାୟ, ଇତିହାସର ଅଧ୍ୟାପକ ପି. ଆର୍.ରାଜଗୋପାଳନ୍, ଗଣିତର ଅଧ୍ୟାପକ ଶିବକୁମାର ପଣ୍ଡା, ଇଂରାଜୀର ଅଧ୍ୟାପକ ରାଜକିଶୋର ରାୟ, ଓଡ଼ିଆ ସାହିତ୍ୟର ଅଧ୍ୟାପକ ପଦ୍ମଲୋଚନ ଉପାଧ୍ୟାୟ, ତର୍କଶାସ୍ତ୍ରର ଅଧ୍ୟାପକ ଦେବେନ୍ଦ୍ରନାଥ ଦତ୍ତଙ୍କ ନାମ ସ୍ମୃତିକକ୍ଷରେ ଦୀପ୍ୟମାନ। ଛାତ୍ରମାନଙ୍କ ପ୍ରତି ସେମାନଙ୍କର ସ୍ନେହଶୀଳ ଆଚରଣ କେବେ ବିସ୍ମୃତ ହେବାର ନୁହେଁ। ସେ ଯାହାହେଉ, ଆମେ କେତେକ ଛାତ୍ର ବାରିପଦାରୁ ଆସି କଲେଜରେ ପହଞ୍ଚିବା ପରେ ସେଇ କଲେଜରେ ନାମ ଲେଖାଇବାକୁ କେତେଜଣ ଅଧ୍ୟାପକ ଆମକୁ ପରାମର୍ଶ ଦେଲେ ଏବଂ ପ୍ରଲୋଭନ ମଧ୍ୟ ଦେଖାଇଲେ ଯେ ଯେଉଁମାନେ ପ୍ରଥମ ଶ୍ରେଣୀର ଛାତ୍ର, କଲେଜରେ ସେମାନଙ୍କର କଲେଜ ଫିସ୍ ମଧ୍ୟ ଛାଡ଼ କରିଦିଆଯିବ। ମୁଁ

Digitized by PPRACHIN, SOA

ମନେମନେ ଭାବିଲି, ଏ ସୁବିଧା–ସୁଯୋଗ ହାତଛଡ଼ା କରିବାର ନୁହେଁ। କଲେଜ ପାଠ ତ ସବୁଠି ସମାନ। ଏଠାରେ ତେବେ ନ ପଢ଼ିବି କାହିଁକି ? ବାପାଙ୍କଠୁଁ ମାସିକ ଖର୍ଚ୍ଚ ଯଥାରୀତି ଆଣିବି। ତା' ସହିତ ଏଇ କଲେଜ ଫିକ୍ସଟି ହେବ ମୋର ଉପୁରି ଲାଭ ଯାହାକି ବାପା ଆଦୌ ଜାଣିପାରିବା ସମ୍ଭବ ନୁହେଁ। ତେଣୁ ଅନ୍ୟ କେତେକ ସାଙ୍ଗ କଟକ ଅବଶ୍ୟ ଯାଇଥିଲେ ବିଜ୍ଞାନ ପଢ଼ିବା ଆଶାରେ। ମୁଁ କିନ୍ତୁ ନାମ ଲେଖାଇ ଦେଲି ବାଲେଶ୍ୱର କଲେଜରେ। ଏହି କଲେଜ ପରେ ୧୯୪୯ ମସିହାରେ ଓଡ଼ିଶାର କାଳଜୟୀ କଥାଶିଳ୍ପୀ ଓ କବି ଫକୀରମୋହନଙ୍କ ନାମରେ ନାମିତ ହୋଇଥିଲା। ନାମ ଲେଖାଇସାରି ଘରକୁ ଯେତେବେଳେ ଫେରିଲି ଜିନିଷପତ୍ର ଆଣି ହଷ୍ଟେଲରେ ରହିବା ପାଇଁ, ପ୍ରଥମେ ବାପାଙ୍କଠୁଁ ପରସ୍ତେ ଗାଳି ମୁଁ ଶୁଣିଲି ଏବଂ ତା'ର କାରଣ ହେଉଛି, ରେଭେନ୍ସା ଭଳି ବଡ଼ କଲେଜରେ ନପଢ଼ି ନୂଆ ହୋଇ ଖୋଲିଥିବା କଲେଜଟିରେ ମୁଁ କାହିଁକି ଭର୍ତ୍ତିହେଲି। କ୍ରମେ ସେ ଅବଶ୍ୟ ଶାନ୍ତ ହୋଇଗଲେ ଏବଂ ମୁଁ ବିଛଣାପତ୍ର ଧରି ହଷ୍ଟେଲରେ ଆସି ରହିଲି।

ବାଲେଶ୍ୱରରେ ଯେଉଁ ଦୁଇବର୍ଷ ୧୯୪୪ ରୁ ୪୬ ପର୍ଯ୍ୟନ୍ତ ମୁଁ ପଢ଼ିଥିଲି, ତା'ର ସ୍ମୃତି ଏବେ ମଧ୍ୟ ଭାସ୍ୱର। ଅଧ୍ୟାପକମାନେ ସବୁବେଳେ ଆମକୁ ସାହାଯ୍ୟ କରିବାପାଇଁ ଆଗଭର ହୋଇ ଆସୁଥିଲେ। ଏଇ ଦେଶରେ ଦିନ ହୁଏତ ଥିଲା, ଯେତେବେଳେ ଗୁରୁ–ଶିଷ୍ୟର ସମ୍ପର୍କ ଥିଲା ନିବିଡ଼ ଓ ଅନ୍ତରଙ୍ଗ। ଶିଷ୍ୟମାନେ ଆଚାର୍ଯ୍ୟଙ୍କୁ ପିତା ଭଳି ଜ୍ଞାନ କରୁଥିଲେ ଏବଂ ଆଚାର୍ଯ୍ୟଗଣ ମଧ୍ୟ ଶିଷ୍ୟମାନଙ୍କୁ ପୁତ୍ରତୁଲ୍ୟ ମନେକରୁଥିଲେ। ଆଚାର୍ଯ୍ୟ ଏବଂ ଶିଷ୍ୟ ଉଭୟେ ଏଇ ସମ୍ପର୍କ ବଜାୟ ରଖିବାକୁ ସର୍ବଦା ଥିଲେ ସଚେଷ୍ଟ। ପ୍ରାତ୍ୟହିକ ଶିକ୍ଷାର ସମାରମ୍ଭରେ ଆଚାର୍ଯ୍ୟଙ୍କ ଦ୍ୱାରା ଉଚ୍ଚାରିତ ମନ୍ତ୍ରଟି ମଧ୍ୟରେ ଏଇ ସତ୍ୟଟି ଉଦ୍‌ଘାଟିତ ହୋଇଉଠିଛି। ସେ ମନ୍ତ୍ରଟି ହେଉଛି –

"ଓଁ ସହ ନାବବତୁ ସହ ନୌ ଭୁନକ୍ତୁ ସହ ବୀର୍ଯ୍ୟଂ କରବାବହୈ,
ତେଜସ୍ୱିନା ବଧୀତମସ୍ତୁ ମା ବିଦ୍ୱିଷା ବହୈ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।"

ଅର୍ଥାତ୍, "ବ୍ରହ୍ମ ଆମ ଉଭୟଙ୍କୁ ରକ୍ଷାକରନ୍ତୁ। ସେ ଆମକୁ ଏକତ୍ର ବହନ କରନ୍ତୁ। ଆମେମାନେ ଏକତ୍ର ଜ୍ଞାନଲାଭର ଶକ୍ତି ଯେପରି ଅର୍ଜନ କରୁ। ଆମମାନଙ୍କର ଶିକ୍ଷା ଯେପରି ତାଙ୍କର ପ୍ରକୃତ ବୈଶିଷ୍ୟଟି ପ୍ରକାଶ କରିପାରେ ଅଥବା ଆଲୋକ ସଦୃଶ ତାହା ସୁଦୀପ୍ତ ହୋଇଉଠିପାରେ। ଆମମାନଙ୍କ ମଧ୍ୟରେ ଯେପରି କୌଣସି ସମୟରେ ବିଦ୍ୱେଷଭାବ ସୃଷ୍ଟି ନହୁଏ।" ବୈଦିକଯୁଗର ଏଇ ଶିକ୍ଷାଦର୍ଶ ବିଂଶ ଶତକର ପଞ୍ଚମ ଦଶକରେ ହୁଏତ ନଥିଲା ଏବଂ ତାହା ଆଶା କରିବା ମଧ୍ୟ ବିଡ଼ମ୍ବନା, ତଥାପି ଶିକ୍ଷକ ଓ ଛାତ୍ର ମଧ୍ୟରେ ଯେଉଁ ସୁସମ୍ପର୍କ ସେତେବେଳେ ରହିଥିଲା, ଯେଉଁ ପ୍ରକାର

Digitized by PPRACHIN, SOA

ମୂଲ୍ୟବୋଧ ଶିକ୍ଷା ପ୍ରଣାଳୀକୁ ନିୟନ୍ତ୍ରିତ କରୁଥିଲା, ତା'ର ଅବକ୍ଷୟ ବର୍ତ୍ତମାନ ସ୍ୱଚକ୍ଷୁରେ ଦେଖି ମନରେ ଗଭୀର ବେଦନା ଓ ନୈରାଶ୍ୟ ସ୍ୱତଃ ସୃଷ୍ଟି ହୋଇଥାଏ। କବି ରାଧାନାଥଙ୍କ ସେଇ ସୁପରିଚିତ କାବ୍ୟପଙ୍‌କ୍ତି 'କି ଥିଲା ଏ ରାଜ୍ୟ କି ହୋଇଛି ଆଜ' କୁ ସାମାନ୍ୟ ପରିବର୍ତ୍ତନ କରି ବର୍ତ୍ତମାନ ନିଃସଙ୍କୋଚରେ କୁହାଯାଇପାରେ 'କି ଥିଲା ସେ ଶିକ୍ଷା କି ହୋଇଛି ଆଜ'।

ଇଂରାଜୀ ଓ ବାଧ୍ୟତାମୂଳକ ଓଡ଼ିଆ ବ୍ୟତୀତ ଇଚ୍ଛାଧୀନ ବିଷୟ ଭାବରେ ମୁଁ ନେଇଥିଲି ଇତିହାସ, ତର୍କବିଜ୍ଞାନ ଓ ଓଡ଼ିଆ। ଇଂରାଜୀ ଅଧ୍ୟାପକ ରାଜକିଶୋର ରାୟଙ୍କର ଅଧ୍ୟାପନା ଶୈଳୀ ଥିଲା ଅତି ଚମତ୍କାର, ନାଟକୀୟ ଓ ଆକର୍ଷଣୀୟ। ମୋର ମନେଅଛି, ଗୋଲ୍ଡ଼ସ୍ମିଥ୍‌ଙ୍କ 'ଡେଜାର୍‌ଟେଡ୍ ଭିଲେଜ' (Deserted village) ପଢ଼ାଇବା ସମୟରେ ସେଥିରେ ଥିବା 'Sidelong glance' କୁ 'କଟାକ୍ଷ ଦୃଷ୍ଟି' ବୋଲି ଓଡ଼ିଆରେ ଅର୍ଥ କରିଦେବା ସଙ୍ଗେ ସଙ୍ଗେ ଆମ ଶ୍ରେଣୀରେ ପଢୁଥିବା ଏକମାତ୍ର ଝିଅଟି ପ୍ରତି ସେ ଏପରି କଟାକ୍ଷପାତ କରିଥିଲେ ଯେ ସମସ୍ତ ଶ୍ରେଣୀକକ୍ଷ ଆମୋଦ ଓ ଆନନ୍ଦରେ ଉଦ୍‌ବେଳିତ ହୋଇଉଠିଥିଲା। ଓଡ଼ିଶାର ସେ ଜଣେ ଖ୍ୟାତନାମା ଗଳ୍ପସ୍ରଷ୍ଟା କେବଳ ନୁହନ୍ତି, ସେ ଜଣେ ରସିକ, ପ୍ରେମିକ ଓ ସୁପୁରୁଷ ମଧ୍ୟ। ନମ୍ବର ଦେବାରେ ସେ ଥିଲେ କିନ୍ତୁ ଭାରି କୃପଣ। ଟେଷ୍ଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ସେ ଦେଇଥିଲେ '୫୫' ରାଖାଲଚନ୍ଦ୍ର ଦାସଙ୍କୁ, ଯିଏକି ଭଦ୍ରକର ବର୍ତ୍ତମାନ ଜଣେ ସ୍ୱନାମଧନ୍ୟ ଏଡ଼୍‌ଭୋକେଟ୍। ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଁ ପାଇଥିଲି ମାତ୍ର '୫୩'। ଓଡ଼ିଆ ବ୍ୟତୀତ ଅନ୍ୟାନ୍ୟ ସବୁ ବିଷୟ ଇଂରାଜୀ ମାଧ୍ୟମରେ ହିଁ ପଢ଼ାଯାଉଥିଲା ଏବଂ ସେ ପରଂପରା ବହୁଦିନ ଧରି ଥିଲା ଅବିଚ୍ଛିନ୍ନ। ଏବେ ସେ ପରମ୍ପରା ବ୍ୟାହତ ହୋଇଛି ଏବଂ ଅନେକ କଲେଜରେ ଇଂରାଜୀ ବ୍ୟତୀତ ଅନ୍ୟାନ୍ୟ ବିଷୟକୁ ମଧ ଓଡ଼ିଆ ମାଧ୍ୟମରେ ହିଁ ପଢ଼ାଯାଉଛି। ଓଡ଼ିଆ ଅଧ୍ୟାପକ ପଦ୍ମଲୋଚନ ଉପାଧ୍ୟାୟଙ୍କ ଅଧ୍ୟାପନାରେ ଛାତ୍ରମାନେ ବିଶେଷ ଆନନ୍ଦଲାଭ କରୁନଥିଲେ। ସେ ଥିଲେ ସଂସ୍କୃତରେ ଅବଶ୍ୟ ପଣ୍ଡିତ। କିନ୍ତୁ 'ପ୍ରଣୟବଲ୍ଲରୀ' ଭଳି ରସାଳ କାବ୍ୟକୁ ପଢ଼ାଇବା ସମୟରେ ଗତାନୁଗତିକ ଭାବରେ ଶବ୍ଦାର୍ଥ ଓ ବାକ୍ୟ ପଂକ୍ତିଗୁଡ଼ିକର ସାମାନ୍ୟ ବ୍ୟାଖ୍ୟା ବ୍ୟତୀତ ଅଧିକ ସେ କିଛି କରୁନଥିଲେ। ମୁଁ ନିଜେ ମଧ୍ୟ ଏଥିରେ ଅସନ୍ତୁଷ୍ଟ ହୋଇ ସେତେବେଳେ ଶରଣ ନେଇଥିଲି ଜିଲ୍ଲା ସ୍କୁଲର ସାହିତ୍ୟ ଶିକ୍ଷକ କୁବେର ଦଳାଇଙ୍କର। 'ପ୍ରଣୟବଲ୍ଲରୀ' ଉପରେ ସରସ ଆଲୋଚନାଟିଏ ସେ ଲେଖିଦେଇଥିଲେ ଏବଂ ତାହାହିଁ ଥିଲା ପରୀକ୍ଷା ପାଇଁ ମୋର ପାଥେୟ। କୁବେରବାବୁ ଆଜି ନାହାନ୍ତି। ସରସ ପଲ୍ଲୀକବିତା ସେ ଲେଖୁଥିଲେ ଏବଂ ପତ୍ରପତ୍ରିକାରେ ମଧ୍ୟ ତାହା ପ୍ରକାଶିତ ହେଉଥିଲା। ବହୁବର୍ଷ ପରେ ମୁଁ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର

Digitized by PPRACHIN, SOA

ସଂପାଦକ ଥିବା ସମୟରେ କିଛି ଆର୍ଥିକ ସାହାଯ୍ୟ ଆଶାରେ ତାଙ୍କର ପୁଅ ମୋତେ ଆସି ସାକ୍ଷାତ କରିଥିଲେ ଏବଂ ସେ ଦିଗରେ କିଛି ବ୍ୟବସ୍ଥା ମଧ୍ୟ ମୁଁ କରିଦେଇଥିଲି। ତର୍କବିଜ୍ଞାନର ଅଧ୍ୟାପକ ଦେବେନ୍ଦ୍ର ନାଥ ଦତ୍ତଙ୍କ ଶାନ୍ତ, କୋମଳ ଓ ନମ୍ର ବ୍ୟକ୍ତିତ୍ୱ ଏବେ ସୁଦ୍ଧା ମନରେ ଜୀବନ୍ତ। ଇତିହାସ ଅଧ୍ୟାପକ ପି.ଆର. .ରାଜଗୋପାଳନଙ୍କ ସୁଶ୍ରୀ ଚେହେରା ଓ ଇଂରାଜୀ ଉଚ୍ଚାରଣର ମଧୁରଶୈଳୀ ମଧ୍ୟ ମନମଧ୍ୟରୁ ଏଯାବତ୍ ବିସ୍ମୃତ ହୋଇନାହିଁ। ପରେ ସେ I.P.S. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପୋଲିସ ବିଭାଗରେ ଏବଂ ଅର୍ଥନୀତିର ଅଧ୍ୟାପକ ଏସ୍.ଆର୍. ମୁଖୋପାଧ୍ୟାୟ I. A. S. ପରୀକ୍ଷାରେ ସାଫଲ୍ୟ ଅର୍ଜନ କରି ପ୍ରଶାସନିକ ସେବାରେ ଯୋଗଦେଇଥିଲେ ବୋଲି ଆମେ ଶୁଣିଥିଲୁ।

ମୋର ସହାଧ୍ୟାୟୀ ବଂଧୁମାନଙ୍କ ମଧ୍ୟରେ ବିଜୟକୁମାର ପାଣିଗ୍ରାହୀ, ଯଦୁନାଥ ଦାସ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ଶୋଭେଶ ଚନ୍ଦ୍ର ରାୟ ପ୍ରଭୃତି ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଆଜି ଯଶ ଓ ପ୍ରତିଷ୍ଠାର ଅଧିକାରୀ। ଶୋଭେଶବାବୁଙ୍କୁ ଛାଡ଼ିଦେଲେ ଅନ୍ୟମାନଙ୍କ ସହିତ ମୋର ଆନ୍ତରିକ ସଂପର୍କ ଏଯାବତ୍ ଅକ୍ଷୁଣ୍ଣ ହୋଇରହିଛି। ଗୋଟିଏ ବର୍ଷ ପରେ ଆମ ତଳଶ୍ରେଣୀରେ ଆସି ଯୋଗଦେଇଥିଲେ ଗୋବିନ୍ଦ ଚନ୍ଦ୍ର ସେନାପତି, ଯାହାଙ୍କ ସହିତ ପ୍ରାଣର ଅନାବିଳ ସଂପର୍କ ଓ ଘନିଷ୍ଠତା ଆଜି ପର୍ଯ୍ୟନ୍ତ ଅତୁଟ ଓ ଅମଳିନ। ବୈତ୍ୟାରି ଦାସ ଥିଲେ ମୋର ସହାଧ୍ୟାୟୀ। ପରବର୍ତ୍ତୀ କାଳରେ ରାଉରକେଲାରେ ସେ ଆଇନ ବ୍ୟବସାୟ କରୁଥିଲେ ଏବଂ ବର୍ତ୍ତମାନ ସେ ସ୍ୱର୍ଗଧାମର ଅଧିବାସୀ।

ଛାତ୍ରାବାସ ଜୀବନରେ ଅଧ୍ୟାପକ ଶିବକୁମାର ପଣ୍ଡା ଏବଂ ଏସ୍. ଆର. ମୁଖୋପାଧ୍ୟାୟ ଆମମାନଙ୍କର ଯତ୍ନ ଯେପରି ସ୍ନେହ ସହକାରେ ନେଉଥିଲେ, ତାହା ମଧ୍ୟ ମନରେ ଅକ୍ଷୟ ସଂପଦ ହୋଇ ରହିଛି। ମେସ୍‌ର ଟହଲିଆ 'କନ୍ଦର୍ପ' ଏବଂ ଖେଳ ଚପରାସୀ 'ଭାଗବତ' ଏ ଦୁହେଁ ମଧ୍ୟ ଆଜି ସୁଦ୍ଧା ବେଳେବେଳେ ମନ ଭିତରେ ଆସି ଦେଖାଦିଅନ୍ତି। ସେତେବେଳେ ମେସ୍ ତରକାରିରେ ମୁଖ୍ୟ ଅଂଶ ଥିଲା 'ବୋଇତିକଖାରୁ'। ସେଥିପାଇଁ ବଜାର ସଉଦା କରୁଥିବା 'କନ୍ଦର୍ପ'କୁ ଆମେ ଅନ୍ତେବାସୀମାନେ ବେଳେବେଳେ ଖୁବ୍ ବିରକ୍ତ ହେଉଥିଲୁ ଏବଂ ତା'ର କନ୍ଦର୍ପଦୁର୍ଲଭ ରୂପକାନ୍ତିକୁ ଥଟ୍ଟା– ପରିହାସ ମଧ କରୁଥିଲୁ, କାରଣ ତା'ର ଦେହ ଥିଲା କୃଷ୍ଣବର୍ଣ୍ଣ। ଏବର 'ବଡ଼ଦିନ' ଛୁଟିଟି ସେ ସମୟରେ 'ମେଲେରିଆ ଛୁଟି' ନାମରେ ଥିଲା ପରିଚିତ ଏବଂ ଅନ୍ୟ ବଡ଼ ବଡ଼ ଛୁଟିଦିନକୁ ହ୍ରାସ କରାଯାଇ ତାକୁ କରାଯାଇଥିଲା ଈଷତ୍ ଦୀର୍ଘ। ବାଲେଶ୍ୱର ସହରଟି ବାଉଁଶବଣରେ ଯେପରି ଥିଲା ପରିପୂର୍ଣ୍ଣ, ମଶାମାନଙ୍କର ମଧ ତାହା ସେହିପରି ଥିଲା ଅଭୟାରଣ୍ୟ। ସେ ଯାହାହେଉ, ସେଠାରେ ଦୁଇବର୍ଷ ଆଇ. ଏ. ପଢ଼ି ପାଶ୍ କରିସାରିବା ପରେ ଓଡ଼ିଆରେ ସେଠାରେ ଅନର୍ସ ଶ୍ରେଣୀ ନଥିବା ହେତୁ ମୁଁ ୧୯୪୬ରେ ରେଭେନ୍‌ସା କଲେଜରେ ଯାଇ ନାମ ଲେଖାଇଲି ଏବଂ ଯଦୁବାବୁ ଓ ମୁଁ ଏକସଙ୍ଗରେ ସେଠାରେ ଯାଇ ପହଞ୍ଚିଥିଲୁ।

Digitized by PPRACHIN, SOA

ଏଇଟ ଗଲା ଫକୀରମୋହନ କଲେଜରେ ମୋର ଛାତ୍ରଜୀବନର ଆଂଶିକ ସ୍ମୃତିଚାରଣ। ବର୍ତ୍ତମାନ ଶିକ୍ଷକ ଜୀବନକଥା କହୁଛି। ଲେଖାଟି ଦୀର୍ଘ ହୋଇଯାଉଥିବାରୁ ଯଥାସମ୍ଭବ ସଂକ୍ଷିପ୍ତ ଆକାରରେ ତାହା ପରିବେଷଣ କରୁଛି। କହିବାକୁ ଅନେକ କଥା ତ ଥାଏ; କିନ୍ତୁ ସବୁ ସମୟରେ ସବୁକଥା କହିବା ସମ୍ଭବପର ହୁଏ ନାହିଁ। ସମୟ ହେଉଛି ୧୯୬୨ ମସିହା। ରେଭେନ୍ସା କଲେଜରେ ୩ବର୍ଷ ଅଧ୍ୟାପନା କରିବା ପରେ ମୋର ବଦଳି ହୋଇଥାଏ ଅନୁଗୁଳ ବିଜ୍ଞାନ କଲେଜକୁ। ସେଠାରୁ ମୋ ସ୍ଥାନକୁ ଆସିବାର ଥାଏ ଅଧ୍ୟାପକ ଗୋପାଳଚନ୍ଦ୍ର ମିଶ୍ରଙ୍କର। ମୁଁ କିନ୍ତୁ ଅନୁଗୁଳ ଯିବାକୁ ଥାଏ ଅସମ୍ମତ ଓ କୁଣ୍ଠିତ ଏବଂ ସେଥିପାଇଁ ବଦଳି ଆଦେଶକୁ ପରିବର୍ତ୍ତନ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଥାଏଁ। କିନ୍ତୁ ବଦଳି ସୁନିଶ୍ଚିତ ହେବାର ଜାଣି ମୁଁ ଇଚ୍ଛାକଲି ଫକୀରମୋହନ କଲେଜକୁ ଯିବା ପାଇଁ। ସେତେବେଳେ ଶିକ୍ଷାମନ୍ତ୍ରୀ ଥାଆନ୍ତି ପବିତ୍ର ମୋହନ ପ୍ରଧାନ। କଟକରେ ଥିବା ସମୟରେ ମୋ ବସାରେ ଅଧିକାଂଶ ସମୟରେ ଆସି ରହୁଥାନ୍ତି କବି ରାଧାମୋହନ ଗଡ଼ନାୟକ ଏବଂ ମୋ ପ୍ରତି ତାଙ୍କର ସ୍ନେହମମତା ଥିଲା ପ୍ରଗାଢ଼। ତାଙ୍କରି ଉଦ୍ୟମରେ ହିଁ ବଦଳି ଆଦେଶ ପରିବର୍ତ୍ତିତ ହୋଇଥିଲା ଏବଂ ମୁଁ ଆସି ଯୋଗଦେଇଥିଲି ଫକୀରମୋହନ କଲେଜରେ। ଫକୀରମୋହନ କଲେଜରେ ଯୋଗ ଦେବା ପରେ ସହରର ସାରସ୍ୱତ ବଂଧୁ ଏବଂ କଲେଜର ସହକର୍ମୀମାନଙ୍କର ଆନ୍ତରିକ – ସ୍ନେହ – ଶ୍ରଦ୍ଧା ୧୯୬୭ ମସିହାରେ ବାଲେଶ୍ୱର ଛାଡ଼ିବା ପର୍ଯ୍ୟନ୍ତ ମୁଁ ଯେପରି ପାଇଥିଲି, ତାହା ଆଜୀବନ ମୋ ସ୍ମୃତିରେ ଅଭୁଲା ହୋଇ ରହିବ। ଅଧ୍ୟାପକ ବସନ୍ତ କୁମାର ଶତପଥୀ, ଯଦୁମଣି ମହାପାତ୍ର, ଗୋପୀନାଥ ମିଶ୍ର, ବିକ୍ରମ ଜେନା ପ୍ରଭୃତିଙ୍କର ଆନ୍ତରିକ ସୌହାର୍ଦ୍ଦ୍ୟ କେବେ ବିସ୍ମୃତ ହେବାର ନୁହେଁ। ସାରସ୍ୱତ ବଂଧୁମାନଙ୍କର ସ୍ନେହ–ଶ୍ରଦ୍ଧା ଲାଭ କରି 'ଫକୀର ମୋହନ ସାହିତ୍ୟ ପରିଷଦ'ର ମୁଁ ହୋଇଥିଲି ସଭାପତି ଏବଂ ଯଦୁନାଥ ଦାଶ ମହାପାତ୍ର ଓ ହରିବନ୍ଧୁ ଶତପଥୀ ଯଥାକ୍ରମେ ପରିଷଦର ହୋଇଥିଲେ ଉପସଭାପତି ଓ ସଂପାଦକ। ବାଲେଶ୍ୱରରୁ ବଦଳି ହେବା ପର୍ଯ୍ୟନ୍ତ ଏ ଗୌରବ ସେମାନେ ମୋତେ ଅର୍ପଣ କରିଥିଲେ। ଫକୀରମୋହନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ଅତି ସମାରୋହରେ ପ୍ରତିବର୍ଷ ପ୍ରତିପାଳିତ ହେଉଥିଲା। ମୋର ମନେଅଛି, ଜୟନ୍ତୀ ଦିବସର ଅତି ପ୍ରତ୍ୟୁଷରେ ପ୍ରଭାତଫେରି ପାଇଁ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରୁଥିଲା ଏବଂ ସେଥିରେ ସହରର ବିଶିଷ୍ଟ ବୁଦ୍ଧିଜୀବୀ, ଅଧ୍ୟାପକ ଓ ଛାତ୍ର ଏବଂ ଫକୀରମୋହନପ୍ରେମୀ ବ୍ୟକ୍ତିବୃନ୍ଦ ଆନନ୍ଦ ସହକାରେ ଯୋଗଦାନ କରୁଥିଲେ। ଏହି ଶୋଭାଯାତ୍ରାରେ ପରିଷଦର ବିଶିଷ୍ଟ କର୍ମୀ ଶରତ ଚନ୍ଦ୍ର ଦାଶ, ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ଜ୍ଞାନରଂଜନ ପଟ୍ଟନାୟକ, ଏଡ଼ଭୋକେଟ୍ ଅଚ୍ୟୁତାନନ୍ଦ ଦାସ, ସ୍ୱରସାଧକ ଓ ସଂଗୀତଶିଳ୍ପୀ ସୁକୁମାର ସାହୁ,

Digitized by PPRACHIN, SOA

ଅଧ୍ୟାପକ ବସନ୍ତକୁମାର ଶତପଥୀ ଓ ଯଦୁମଣି ମହାପାତ୍ର ଏବଂ କବି ବ୍ରଜନାଥ ରଥଙ୍କ ଭୂମିକା ଥିଲା ମୁଖ୍ୟ। 'ଫକୀରମୋହନ ସାହିତ୍ୟ ପରିଷଦ'ର ଆନୁକୂଲ୍ୟରେ ୧୯୬୫ ମସିହାରେ ଏକ ଜିଲ୍ଲାସ୍ତରୀୟ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଏବଂ ଏକ ସୁଶୋଭନ ସ୍ମରଣିକା ମଧ୍ୟ ସେତେବେଳେ ମୋର ସଂପାଦନାରେ ଆତ୍ମପ୍ରକାଶ କରିଥିଲା। ହରିବନ୍ଧୁ ଶତପଥୀ ଓ ଜୟକୃଷ୍ଣ ବିଶ୍ୱାଳ ଥିଲେ ଏଇ ସମ୍ମିଳନୀ ପାଇଁ ଗଠିତ କାର୍ଯ୍ୟନିର୍ବାହିକା ସମିତିର ଯୁଗ୍ମ ସଂପାଦକ। ଅଧ୍ୟାପକ ବସନ୍ତ କୁମାର ଶତପଥୀ, ଗଙ୍ଗାଧର ବଳ, ଶ୍ରୀମତୀ ବୀଣାପାଣି ମହାନ୍ତି, ବ୍ରଜନାଥ ରଥ, ଡାକ୍ତର ବିଜୟକୁମାର ଗିରି ଓ ଦିଗମ୍ବର ଦାସ ପ୍ରଭୃତି ଥିଲେ ଏଇ କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ। ଅନ୍ୟମାନଙ୍କ ନାମ ହଠାତ୍ ସ୍ମରଣକୁ ଆସୁନାହିଁ ଏବଂ ସେଥିପାଇଁ ବଂଧୁମାନେ ମୋତେ କ୍ଷମା କରିବେ ବୋଲି ନିବେଦନ। ୧୯୬୨ ମସିହାରେ ରବୀନ୍ଦ୍ରନାଥଙ୍କ 'ଜନ୍ମ ଶତବାର୍ଷିକୀ' ମଧ ପରିଷଦ ଆନୁକୂଲ୍ୟରେ ଆଡ଼ମ୍ବର ସହକାରେ ପ୍ରତିପାଳିତ ହୋଇଥିଲା ଏବଂ ସାହିତ୍ୟ ସଭାରେ ସଂଗୀତସାଧକ ସୁକୁମାର ସାହୁ ଯେଉଁ ସଂଗୀତ ପରିବେଷଣ କରିଥିଲେ ତା'ର ମୂର୍ଚ୍ଛନା ଏବେ ମଧ ପ୍ରାଣତନ୍ତ୍ରୀରେ ଝଙ୍କୃତ। ବାଲେଶ୍ୱରରେ ଥିବା ସମୟରେ କବି ବ୍ରଜନାଥ ରଥଙ୍କ 'ବିଶ୍ୱଶ୍ରୀ ପ୍ରେସ' ଥିଲା ସାହିତ୍ୟିକ ବନ୍ଧୁମାନଙ୍କର ସାନ୍ଧ୍ୟକାଳୀନ ସାରସ୍ୱତ ଆଡ୍ଡା ବା ମିଳନର ସ୍ଥାନ। ସନ୍ଧ୍ୟା ପରେ ଅନେକ ସାହିତ୍ୟିକ ବନ୍ଧୁ ସେଠାରେ ସମବେତ ହେଉଥିଲେ ଏବଂ ନାନା ପ୍ରକାର ଆଲୋଚନାରେ ବାତାବରଣ ବେଶ୍ ସରଗରମ ହୋଇ ଉଠୁଥିଲା। ଏଇ ଆଡ୍ଡାରେ ବିଭିନ୍ନ ସମୟରେ ଯେଉଁ ବଂଧୁମାନେ ଏକାଠି ହେଉଥିଲେ ସେମାନଙ୍କ ମଧରେ ବସନ୍ତ କୁମାର ଶତପଥୀ, ଚଣ୍ଡୀଚରଣ କର, ଚନ୍ଦ୍ରକୁମାର ମହାନ୍ତି, ଶରତ ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ମହାନ୍ତି, ପ୍ରହରାଜ ସତ୍ୟ ନାରାୟଣ ନନ୍ଦ, ମିହିର କୁମାର ଆଚାର୍ଯ୍ୟ, ଶୁଭେନ୍ଦୁ ମୋହନ ଦାସ, ସୁକୁମାର ସାହୁ, ଯଦୁନାଥ ଦାଶ ମହାପାତ୍ର, ଅଚ୍ୟୁତାନନ୍ଦ ଦାସ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ। କବି ବ୍ରଜନାଥ ରଥ ଚା'ପାନ ରେ ସଭିଙ୍କୁ ଆପ୍ୟାୟିତ କରୁଥିଲେ। ଏଇ ଆଡ୍ଡାର ସବୁଠୁଁ ସରସ ପୁରୁଷ ଓ ବିଦଗ୍ଧ ନାୟକ ଥିଲେ ସ୍ୱର୍ଗତ ବସନ୍ତ କୁମାର ଶତପଥୀ। ମୟୂରଭଞ୍ଜରୁ ପ୍ରକାଶିତ 'ଭଂଜ ପ୍ରଦୀପ'ର ସେ ଥିଲେ ଏକଦା ସଂପାଦକ ଏବଂ ସେତେବେଳେ ତାଙ୍କର କିଛି ସମାଲୋଚନା ଓ ଅନ୍ୟାନ୍ୟ ଲେଖାବଳୀ ମଧ ପ୍ରକାଶିତ ହୋଇଥିଲା। ମାତ୍ର ପତ୍ନୀବିୟୋଗ ପରେ ଲେଖାଲେଖି ସେ ପ୍ରାୟ ଛାଡ଼ିଦେଇଥିଲେ ଏବଂ ରସିକତା ଓ ବିଦୂଷକତା ହୋଇ ଉଠିଥିଲା ତାଙ୍କ ଜୀବନର ମୁଖ୍ୟ ପ୍ରବୃତ୍ତି। ବିଦଗ୍ଧ ହୃଦୟ ସହିତ ଜ୍ଞାନ, ଅନୁଭୂତି ଓ ଅଭିଜ୍ଞତା ତାଙ୍କର ଥିଲା ପ୍ରଚୁର ଓ ପ୍ରଗାଢ଼। ମୁଁ ଦିନେ ତାଙ୍କୁ ବିଦୂଷକତା ପରିହାର କରି ସଂଚିତ ଅନୁଭୂତି ଓ ଅଭିଜ୍ଞତାକୁ ସୃଷ୍ଟିକର୍ମରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲି

Digitized by PPRACHIN, SOA

ଏବଂ ତାଆରି ଫଳରେ ତାଙ୍କ ଲେଖକ ଜୀବନର ହୋଇଥିଲା ନୂତନ ଅଭ୍ୟୁଦୟ। ଏଇ ଘଟନାର କେଇଟା ଦିନପରେ 'କାଣୀ ଚିଆଁ' ଗଳ୍ପଟି ଲେଖି ତାହାକୁ ସେ ପଢ଼ି ଶୁଣାଇଲେ ଏବଂ ଗଳ୍ପଟି ଶୁଣି ତାଙ୍କ ପ୍ରତିଭାରେ ଆମେ ବିସ୍ମିତ ହେବା ସଂଗେ ସଂଗେ ଆନନ୍ଦରେ ଆତ୍ମହରା ହୋଇଉଠିଥିଲୁ। ପରେ ସେ ଆହୁରି କେତୋଟି ଉଚ୍ଚକୋଟୀର ଗଳ୍ପ ଲେଖିଥିଲେ ଏବଂ ସେଗୁଡ଼ିକ ପରେ 'ଏଣ୍ଟି ରୋମାଣ୍ଟିକ୍' ନାମରେ ଗଳ୍ପଗ୍ରନ୍ଥ ଭାବରେ ଆତ୍ମପ୍ରକାଶ କରିଥିଲା। ଏଇ ଗଳ୍ପ ସଂକଳନଟି ପରେ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ' ଦ୍ୱାରା ପୁରସ୍କୃତ ମଧ ହୋଇଥିଲା। ଓଡ଼ିଶାର ସାରସ୍ୱତ ରାଜ୍ୟରେ ତାଙ୍କର ଏଇ ଯେ ଦ୍ୱିତୀୟ ଗସ୍ତ ଆରମ୍ଭ ହେଲା, ତାହା ତାଙ୍କ ଜୀବନର ଅନ୍ତିମ ଲଗ୍ନ ପର୍ଯ୍ୟନ୍ତ ଥିଲା ଅବ୍ୟାହତ। ବହୁ ଗଳ୍ପ, ରମ୍ୟରଚନା, ନାଟକ, ଅନୁବାଦ ଓ ଆତ୍ମଜୀବନୀ (ଅପୂର୍ଣ୍ଣ) ଆମମାନଙ୍କ ପାଇଁ ସେ ଛାଡ଼ିଯାଇଛନ୍ତି ଏବଂ ଏଇ ମାନସସନ୍ତାନଗୁଡ଼ିକ ତାଙ୍କ ପ୍ରତିଭାର ଅମର ସ୍ମାରକୀ ହୋଇ ରହିବେ। କେବଳ ସାରସ୍ୱତ ବଂଧୁ ନୁହନ୍ତି, ସେ ଥିଲେ ମୋ ପରିବାରର ଜଣେ ହିତୈଷୀ ବନ୍ଧୁ ଓ ଅଭିଭାବକ ସଦୃଶ। ନିଜ ବ୍ୟକ୍ତି ଜୀବନର ଦୋଷ – ଦୁର୍ବଳତା ମଧ ଅକୁଣ୍ଠ ଚିତ୍ତରେ ସେ ମୋ ନିକଟରେ ପ୍ରକାଶ କରୁଥିଲେ ଯଦିଚ ବୟସରେ ମୁଁ ତାଙ୍କଠୁଁ ଯଥେଷ୍ଟ ସାନ। ତାଙ୍କର ପତ୍ରାବଳୀ ମୋ ନିକଟରେ ଏବେ ଅମୂଲ୍ୟ ଐଶ୍ୱର୍ଯ୍ୟ ହୋଇ ରହିଛି। ଏଇ ଆତ୍ମୀୟତା, ଆନ୍ତରିକତା ଓ ସହମର୍ମିତା ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୋ ନିକଟରେ ଅବିସ୍ମରଣୀୟ ହୋଇ ରହିବ। ବାଲେଶ୍ୱରରେ ଥିବା ସମୟରେ ଦୁଇଟି ଦୁଃଖଦାୟକ ଘଟଣା ଏବେ ମଧ ପ୍ରାଣରେ କରୁଣ ରସ ସଂଚାର କରିଥାଏ। ଗୋଟିଏ ହେଉଛି ଶିବରାତ୍ରି ଦିନ ବସନ୍ତ ବାବୁଙ୍କ ପୁଅର ମୃତ୍ୟୁ ଏବଂ ଅନ୍ୟଟି ହେଉଛି ଗୋପୀନାଥବାବୁଙ୍କର ଏକମାତ୍ର କନ୍ୟାର ମୃତ୍ୟୁ। ଜଳାଶୟରେ ବୁଡ଼ିଯାଇ ଏ ଦୁଇଟିଯାକ ଅପମୃତ୍ୟୁ ଘଟିଥିଲା। ଗୋପୀନାଥବାବୁଙ୍କ କନ୍ୟାର ବିୟୋଗରେ ମୁଁ 'ଗୋଟିଏ ନକ୍ଷତ୍ର ଖସେ' ଶୀର୍ଷକ କବିତାଟିଏ ମଧ୍ୟ ଲେଖିଥିଲି, ଯାହାକି ମୋର 'ତୃତୀୟ ଚକ୍ଷୁ' କବିତା ସଂକଳନରେ ସ୍ଥାନ ପାଇଛି।

ହଁ, ଏଇ ବାଲେଶ୍ୱରରେ ଥିବା ସମୟରେ ମୁଁ ଅନୁବାଦ କରିଥିଲି ରବୀନ୍ଦ୍ରନାଥଙ୍କ 'ନିବନ୍ଧମାଳା'ର ଦ୍ୱିତୀୟ ଭାଗ ଏବଂ ଏଇ କାର୍ଯ୍ୟରେ ମୋତେ ସାହାଯ୍ୟ କରିଥିଲେ ଅଧ୍ୟାପକ ଯଦୁମଣି ମହାପାତ୍ର ଓ ମୋର ଛାତ୍ର ପ୍ରହରାଜ ସତ୍ୟନାରାୟଣ ନନ୍ଦ। ଅଧକ୍ଷ ଭାବରେ ଅଜୟ ଚନ୍ଦ୍ର ବୀରଙ୍କର ମୋ ପ୍ରତି ଯେଉଁ ସ୍ନେହ-ମମତା, ତାହା ଏବେ ସୁଦ୍ଧା ମୋ ପ୍ରାଣରେ ସଂଚିତ ହୋଇ ରହିଛି। ପରିଷଦର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ବରାବର ସାହାଯ୍ୟ-ସହଯୋଗ ପ୍ରଦାନ କରୁଥିଲେ। ସେକାଳରେ କଲେଜର ସାଂସ୍କୃତିକ ଉତ୍ସବ ମଧ ବେଶ୍ ଜାକ୍‌ଜମକରେ ପ୍ରାୟ ସପ୍ତାହ

Digitized by PPRACHIN, SOA

କାଳ ବ୍ୟାପି ଅନୁଷ୍ଠିତ ହେଉଥିଲା । ସେଥିରେ ଥିଲା ଯଥେଷ୍ଟ ଆବେଗ ଓ ପ୍ରାଣବନ୍ତତା ଏବଂ ଛାତ୍ରଛାତ୍ରୀମାନେ ଆନ୍ତରିକତାର ସହିତ ସାରସ୍ୱତ ଉତ୍ସବମାନଙ୍କରେ ଯୋଗଦାନ କରୁଥିଲେ । ପରିଷଦ ତଥା କଲେଜର ସାଂସ୍କୃତିକ ଉତ୍ସବମାନଙ୍କୁ ବିଶିଷ୍ଟ ସ୍ରଷ୍ଟା, ସାରସ୍ୱତସାଧକ ଓ ବିଦ୍ୱାନବୃନ୍ଦ ନିମନ୍ତ୍ରିତ ହୋଇ ହୋଇ ଆସୁଥିଲେ । ମୋର ଯାହା ମନେପଡୁଛି, ଯଦୁବାବୁ ରାଜନୀତିକ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବା ଫଳରେ କବି ବ୍ରଜନାଥ ରଥ 'ପରିଷଦ'ର ହୋଇଥିଲେ ଉପସଭାପତି ଏବଂ ପରେ ସଭାପତି ଭାବରେ ପରିଷଦର ଦାୟିତ୍ୱ ବହୁ ବର୍ଷ ଧରି ସେ ତୁଲାଇଛନ୍ତି । ଏବେ ଦାୟିତ୍ୱରୁ ସେ ଅବ୍ୟାହିତ ନେଇଥିବାର ମୁଁ ଜାଣୁଛି । ରାଜନୀତି ଆଜି ସର୍ବତ୍ର ସଂସ୍କୃତିକୁ ସଂକ୍ରମିତ କଲା ଭଳି 'ପରିଷଦ'କୁ ତାହା ଆକ୍ରାନ୍ତ କରିଛି କି ନା, ମୁଁ ଜାଣେ ନା । କିନ୍ତୁ ମୋର ବ୍ୟକ୍ତିଗତ ବିଶ୍ୱାସ, କେବଳ 'ପରିଷଦ' କାହିଁକି ଯେକୌଣସି ସାଂସ୍କୃତିକ ପ୍ରତିଷ୍ଠାନ ରାଜନୀତି ଓ ବ୍ୟକ୍ତିଗତ ସ୍ୱାର୍ଥଲିପ୍ସାରୁ ସର୍ବଦା ମୁକ୍ତ ରହିବା ବାଂଛନୀୟ । 'ଫକୀର ମୋହନ ସାହିତ୍ୟ ପରିଷଦ' ର କର୍ମକର୍ତ୍ତାବୃନ୍ଦ ଏ ଦିଗରେ ସଚେତନ ରହିବେ ବୋଲି ମୋର ଆଶା । ସେ ଯାହାହେଉ, କବି ବ୍ରଜନାଥ ରଥଙ୍କୁ ମୁଁ ସର୍ବଦା ନିଜର ଅନୁଜ ଭଳି ଜ୍ଞାନ କରି ଆସିଛି ଏବଂ ବାଲେଶ୍ୱରରେ ମୋର ପାଞ୍ଚବର୍ଷର ରହଣି କାଳ ମଧ୍ୟରେ ତାଙ୍କର ମୋ ପ୍ରତି ମମତା, ଶ୍ରଦ୍ଧା ଓ ସାହାଯ୍ୟ–ସହଯୋଗ ବସନ୍ତବାବୁଙ୍କ ସ୍ମୃତି ସହିତ ମୋ ଜୀବନରେ ସର୍ବଦା ଭାସ୍ୱର ହୋଇ ରହିବ । ଏଇ ସ୍ମୃତିଚାରଣ ଲେଖିବା ସମୟରେ ଯେଉଁ ବନ୍ଧୁ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ନାମୋଲ୍ଲେଖ ମୁଁ କରିଛି, ସେମାନଙ୍କ ମଧ୍ୟରୁ କେତେଜଣ ଆଜି ଇହଧାମ ତ୍ୟାଗ କରିସାରଛନ୍ତି ଏବଂ ସେମାନେ ଯଦି ଆଜି ଥାଆନ୍ତେ, କଲେଜର 'ସୁବର୍ଣ୍ଣ ଜୟନ୍ତୀ' ସମାବେଶଟି ସେମାନଙ୍କ ଉପସ୍ଥିତ ଅଥବା ଆଶୀର୍ବାଣୀ ଦ୍ୱାରା ଅଧିକତର ସରସ ଓ ବର୍ଣ୍ଣାଢ୍ୟ ହୋଇ ଉଠିଥାନ୍ତା । ତେଣୁ ସେଇ ପୂତନାମା ବନ୍ଧୁ, ବିଦ୍ୱାନ୍ ଓ ସ୍ରଷ୍ଟାମାନଙ୍କ ଉଦ୍ଦେଶ୍ୟରେ ନିଃଶବ୍ଦ ଅଶ୍ରୁ–ଅର୍ଘ୍ୟ ଅର୍ପଣ କରି ଲେଖାଟିକୁ ମୁଁ ଏଇଠାରେ ଶେଷ କରୁଛି ।

■ ■

Digitized by PPRACHIN, SOA

ବୃକ୍ଷର ମିନତି

ଆମେରିକାର ଏସେକ୍ସ ପାର୍କ କମିଶନର "ବୃକ୍ଷର ମିନତି" ଶୀର୍ଷକ ଗୋଟିଏ ପ୍ରାଚୀରପତ୍ର ରହିଛି, ଯେଉଁଥିରୁ ବନର ଭୂମିକା ସଂପର୍କରେ ସ୍ପଷ୍ଟ ବିବରଣ ମିଳିଥାଏ। ସେଥିରେ ଲେଖାଅଛି, "ମୁଁ ତୁମକୁ ଯୋଗାଇଥାଏଁ ଶୀତରେ ନିଆଁ ଏବଂ ଗ୍ରୀଷ୍ମରେ ଛତା। ମୋର ଫଳ ଖାଇ ପଥଶ୍ରମର ତୃଷ୍ଣା ତୁମେ ନିବାରଣ କର। ମୁଁ ହିଁ ତୁମ ମଥାଉପରେ ଘରର ଚାଳ ଧରିରଖେଁ—ତୁମମାନଙ୍କର ଟେବୁଲ, ଶଯ୍ୟା, ନୌକା ମୋଅରିଠାରୁ ଉତ୍ପନ୍ନ। ମୁଁ ହେଉଛି ତୁମମାନଙ୍କର ଲଙ୍ଗଳ, ଦରଜାର କବାଟ, ଶିଶୁର ଦୋଳି, ଏପରିକି ମୃତର କଫିନ ବା ଶବାଧାର। ମୁଁ ଯୋଗାଇଦିଏଁ ଖାଦ୍ୟ ଏବଂ ମନୋରମ ପୁଷ୍ପ। ମୋର କେବଳ ମିନତି ଏଇ ଯେ, ମୋ ନିକଟକୁ ଆସି କେହି ମୋର ଅନିଷ୍ଟ କରନା।" କିନ୍ତୁ ପରବର୍ତ୍ତୀ କାଳରେ ଆମେ ଲକ୍ଷ୍ୟ କରୁ ଯେ ବୃକ୍ଷର ଏଇ କରୁଣ ମିନତି କେବଳ ଆମେରିକାରେ ନୁହେଁ, ପୃଥିବୀର ସର୍ବତ୍ର ଆଜି ଅରଣ୍ୟ ରୋଦନରେ ପରିଣତ ହୋଇଛି।

ବନି ହିଁ ହେଉଛି ମନୁଷ୍ୟର ଆଦି ବସତି। କିନ୍ତୁ ମନୁଷ୍ୟ ସଭ୍ୟତାର ଜୟରଥରେ ବସି ଆଜି ଏପରି ଅବସ୍ଥା ସୃଷ୍ଟି କରିଛି ଯେ, ତା'ର ବସତି ପାଇଁ ସେ ଖୋଜୁଛି ବନହୀନ ପ୍ରାନ୍ତର, ବନକୁ ହିଁ ଧ୍ୱଂସ କରି। ଅରଣ୍ୟଚାରୀ ପଶୁ ନିକଟରୁ ଆତ୍ମରକ୍ଷା କରିବାପାଇଁ ଗୋଷ୍ଠୀବଦ୍ଧ ହୋଇ ନିରାପଦ ସ୍ଥାନକୁ ଆସି ସେ ଦିନେ ସମାଜ-ଜୀବନ ରଚନା କରିଥିଲା। ଫଳରେ ଗଢ଼ିଉଠିଥିଲା ଗ୍ରାମଗୁଡ଼ିକ। ସମାଜ-ଜୀବନର କ୍ରମବିବର୍ତ୍ତନର ପ୍ରଥମ ସ୍ତରରେ ଅରଣ୍ୟର ପଶୁ ହିଁ ମନୁଷ୍ୟକୁ ସମାଜ-ଜୀବନ ଗଢ଼ିତୋଳିବାକୁ ବାଧ କରିଥିଲା। କିନ୍ତୁ ତା'ସତ୍ତ୍ୱେ ମନୁଷ୍ୟ ନାନା କାରଣରୁ ବନ ସହିତ ତା'ର ସଂପର୍କ ତ୍ୟାଗ କରିନି। ବିଂଶ ଶତାବ୍ଦୀର ଶେଷରେ ମଧ୍ୟ ପୃଥିବୀର ବହୁ ଦେଶରେ ଅରଣ୍ୟଚର ଯାଯାବର ଜାତିର ମନୁଷ୍ୟ ଦେଖିବାକୁ ମିଳିଥାନ୍ତି। ଭାରତବର୍ଷର ତ କଥାଇ ନାହିଁ।

ଆମେ ଯେଉଁ ଦିଗକୁ ଚାହୁଁନା କାହିଁକି, ଦେଖୁଁ ବଣ ଜିନିଷର ହିଁ ଛଡ଼ାଛଡ଼ି। ଘରବାଡ଼ି, ଝର୍କା-ଦରଜା, ଟେବୁଲ, ଚେୟାର ଏସବୁ ବନର ସାମଗ୍ରୀ। ବନର ଶକ୍ତ କାଠରୁ ଏସବୁ ଜିନିଷ ତିଆରି ହୁଏ। ମୋଟର, ଲରି, ନୌକା, ଲଞ୍ଚ,

Digitized by PPRACHIN, SOA

ଜାହାଜର ଛାଞ୍ଚ ସବୁ ହେଉଛି କାଠର ତିଆରି। ରେଳ-ଲାଇନ୍ ତିଆରି କରିବାକୁ ଯେଉଁସବୁ ସ୍ଲିପାର ଦରକାର ହୁଏ, ସେସବୁ ମଧ୍ୟ କାଠ ତିଆରି। କାଗଜ, ଦିଆସିଲି, ପ୍ଲାଇଉଡ୍, ପ୍ୟାକିଂବାକ୍ସ, ପ୍ଲାଷ୍ଟିକ୍ ଶିଳ୍ପର କଞ୍ଚାମାଲ—ସବୁ କିଛି ସେଇ ବନରୁ ହିଁ ମିଳିଥାଏ। ଆମର ପୋଷାକ-ପରିଚ୍ଛଦରେ ମଧ୍ୟ ବନଜ ଦ୍ରବ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି—ଯେପରି ରେୟନ ତିଆରିର ମଣ୍ଡ ପ୍ରସ୍ତୁତ ହୁଏ ବନଜ ଦ୍ରବ୍ୟାଦି ଦ୍ୱାରା। ସିନେମା ଶିଳ୍ପରେ ମଧ୍ୟ ରହିଛି ବନଜ ସଂପଦର ବିରାଟ ଭୂମିକା। ସେଲୋଫେନ୍ ଓ ସେଲୁଲଏଡ୍‌ର କଞ୍ଚାମାଲ ଏଇ ବନରୁ ହିଁ ଆସିଥାଏ। ବିଭିନ୍ନ ପ୍ରକାର ପ୍ରସାଧନୀ ଦ୍ରବ୍ୟ, ତେଲ ପ୍ରଭୃତି ବନରୁ ମିଳିଥାଏ। ସିଟ୍ରୋନେଲା ତେଲ (ମଶାମାରିବା ତେଲ) ତିଆରି ହୁଏ ଏକପ୍ରକାର ଘାସରୁ। ଏଇ ତେଲରୁ ପୁଣି ସାବୁନ ମଧ୍ୟ ତିଆରି ହୁଏ। କାଠ ଓ ବାଉଁଶ ଛଡ଼ା ବନରୁ ମିଳିଥାଏ ନାନାରକମର ବୃକ୍ଷଲତା, ଯେଉଁଗୁଡ଼ିକ ମନୁଷ୍ୟର ବହୁ ପ୍ରୟୋଜନରେ ଲାଗିଥାଏ। ବିଡ଼ିପତ୍ର, ନାନାପ୍ରକାର ରଙ୍ଗ, ଅଠା, ତେଲ, ରବର, ତନ୍ତୁ, ଆଂଶୁ ପ୍ରଭୃତି ମଧ୍ୟ ବଣର ଗଛଲତାଠୁଁ ମିଳିଥାଏ। ଚନ୍ଦନ, ଅଗୁରୁ, ପାଇନ ତେଲ, କର୍ପୂର ପ୍ରଭୃତି ମଧ୍ୟ ବନଜ ସଂପଦ। ବଣର ବିଭିନ୍ନ ଗଛର ଚେର, ଲତାପତ୍ରରୁ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ ହୁଏ। ତା'ଛଡ଼ା ଭାରତବର୍ଷର ଶତକଡ଼ା ପ୍ରାୟ ଅଶିଭାଗ ମନୁଷ୍ୟ ଜାଳେଣି କାଠ ବ୍ୟବହାର କରିଥାନ୍ତି। ବନର ନୈସର୍ଗିକ ସୌନ୍ଦର୍ଯ୍ୟ ମଧ୍ୟ ଏକାନ୍ତଭାବେ ଉପଭୋଗର ସାମଗ୍ରୀ। ସ୍ନାୟୁ ଉପରେ ଚାପ ହ୍ରାସ ପାଇଁ ତା'ର ଦ୍ୱିତୀୟ ତୁଳନା ବୋଧହୁଏ ଆଉ କିଛି ନାହିଁ। ବନର ପ୍ରାକୃତିକ ସାନ୍ନିଧ୍ୟ ଦେହ ଓ ମନ ଉଭୟକୁ ତାଜା ରଖେ।

ଗ୍ରାମର ଜଣେ ସାଧାରଣ ମନୁଷ୍ୟ ନିକଟରେ ତ ବନର ପ୍ରୟୋଜନ ଓ ଗୁରୁତ୍ୱ ଅପରିସୀମ। ତା'ର ଘରତିଆରି କାଠ ଓ ଖୁଣ୍ଟ, ଲଙ୍ଗଳର ଈଷ, ବାଡ଼ିବଗିଚାରେ ବାଡ଼ ଦେବାପାଇଁ ଖୁଣ୍ଟି ଓ ଝଟା, ଜାଳେଣି କାଠ ସବୁ ସେ ପାଇଥାଏ ବଣରୁ। ତା'ର ଗୋରୁ, ଛେଳି, ମେଣ୍ଢା, ମଇଁଷି ବଣରେ ହିଁ ଚରିଥାନ୍ତି। ବଣରୁ ସେ ତା'ର ପ୍ରୟୋଜନୀୟ ଫଳମୂଳ ସଂଗ୍ରହ କରିଥାଏ। ଏ ସବୁ ଦୃଷ୍ଟିରୁ ପରିବେଶ ସଂରକ୍ଷଣରେ ଗଛର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିବେଶକୁ ସୁଚାରୁରୂପେ ସଂରକ୍ଷଣ କରିବାକୁ ହେଲେ ବନଭୂମିକୁ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କାରଣ ଗଛପତ୍ର ଦୂଷିତ ଅଙ୍ଗାରକାମ୍ଳ ବାଷ୍ପ ଶୋଷିନେଇ ବିଶୁଦ୍ଧ ଅମ୍ଳଜାନ ବାଷ୍ପ ଛାଡ଼ିଥାନ୍ତି, ଯାହାକି ମନୁଷ୍ୟର ଜୀବନଧାରଣ ପାଇଁ ଏକାନ୍ତ ଅପରିହାର୍ଯ୍ୟ। ସୋଭିଏତ ରୁଷିଆର ଏକ ସାମ୍ପ୍ରତିକ ସମୀକ୍ଷାରୁ ଜଣାଯାଇଛି ଯେ, ସେଠାକାର ଏକ ହେକ୍ଟର ହାରାହାରି ବନ ପ୍ରାୟ ଚାରିଟନ୍ ଅଙ୍ଗାରକାମ୍ଳ ବାଷ୍ପ ଟାଣିନିଏ ଏବଂ ପ୍ରାୟ ଦୁଇଟନ୍ ଅମ୍ଳଜାନ

Digitized by PPRACHIN, SOA

ବାଷ୍ପ ପ୍ରତିବର୍ଷ ଛାଡ଼ିଥାଏ। ଭାରତବର୍ଷରେ ମଧ୍ୟ ବନ ଓ ପରିବେଶ ନେଇ ନାନା ପରୀକ୍ଷା ନିରୀକ୍ଷା କରାଯାଇଛି ଏବଂ ହେଉଛି ମଧ୍ୟ। ସେଥିରୁ ଜଣାଯାଇଛି ଯେ ବନଭୂମି ନଷ୍ଟହେଲେ ଭୂମିକ୍ଷୟ, ବନ୍ୟା ଓ ଖରାର ପ୍ରକୋପ ବଢ଼ିଯାଏ। ଜଳ ଧରିରଖିବା କାମରେ ମଧ୍ୟ ଗଛ ଅସାଧାରଣ ଭୂମିକା ପାଳନକରେ। ପରୀକ୍ଷାରେ ପ୍ରମାଣିତ ହୋଇଛି ଯେ, ପ୍ରତି ହେକ୍ଟର ଘନ ବନରେ ପ୍ରତିବର୍ଷ ଭୂମିକ୍ଷୟର ପରିମାଣ ଯେଉଁଠି ଏକରୁ ଦୁଇ ଟନ୍ ମଧ୍ୟରେ, ସେଠାରେ ସମପରିମାଣ ଚାଷଜମିରେ ପ୍ରତିବର୍ଷ ଭୂମିକ୍ଷୟର ପରିମାଣ ହେଉଛି ମୋଟାମୋଟି ପ୍ରାୟ ପଚାଶ ଟନ୍। ଗଛର ଅନ୍ୟ ଏକ ଉପକାରୀ ଭୂମିକା ହେଉଛି ବାୟୁଦୂଷଣ, ଶବ୍ଦଦୂଷଣ, ଜଳଦୂଷଣ ପ୍ରଭୃତି ପ୍ରତିରୋଧ କରିବାର ମାଧ୍ୟମ ଭାବରେ। ଗଛର ଏହିସବୁ ଅଦ୍ଭୁତ ଉପକାରୀ ଭୂମିକାପାଇଁ ଜଣେ କେହି ବିଦେଶୀ ବିଜ୍ଞାନୀ ମନ୍ତବ୍ୟ ଦେଇଛନ୍ତି ଯେ, ମନୁଷ୍ୟ ପୃଥିବୀକୁ ଆସେ ଗଛର ଅତିଥି ହେବାପାଇଁ। ଆମ ଦେଶର ସଂସ୍କାର ଓ ବିଶ୍ୱାସରେ ମଧ୍ୟ ବୃକ୍ଷ କେବଳ ଜଡ଼ ଉଦ୍ଭିଦମାତ୍ର ନୁହେଁ। ସେ ହେଉଛି ଜୀବନ୍ତ ଓ ପ୍ରାଣବନ୍ତ। ମହାଭାରତର ଶାନ୍ତିପର୍ବରେ କୁହାଯାଇଛି, "ସୁଖଦୁଃଖର ଗ୍ରହଣ ହେତୁ, ଛିନ୍ନ ଅଙ୍ଗର ପୁନରୁଦ୍‌ଗମ ହେତୁ ମୁଁ ବୃକ୍ଷସମୂହର ଜୀବ (ପ୍ରାଣ) ଦେଖୁଅଛି, ଅଚୈତନ୍ୟ କିଛି ଦେଖୁ ନାହିଁ।" ମହର୍ଷି ମନୁ ମଧ୍ୟ କହିଛନ୍ତି, "ଏମାନଙ୍କ ପ୍ରତ୍ୟେକର ଭିତରେ ଭିତରେ ସଂଜ୍ଞା ବା ଚେତନା ରହିଅଛି—ଏଗୁଡ଼ିକ ପ୍ରତ୍ୟେକଟି ସୁଖଦୁଃଖ ସମନ୍ୱିତ।" ବାଲ୍ମୀକି, କାଳିଦାସ ପ୍ରଭୃତି ଭାରତର ମହାନ୍ କବିମାନଙ୍କ କାବ୍ୟକବିତାରେ ପ୍ରକୃତି ସର୍ବଦା ଜୀବନ୍ତରୂପେ ଚିତ୍ରିତ ହୋଇଛି। ମନୁଷ୍ୟ ଓ ପ୍ରକୃତି କିପରି ପରସ୍ପର ନିର୍ଭରଶୀଳ, ତା'ର ବହୁ ଉଲ୍ଲେଖ ଆମର ପ୍ରାଚୀନ ବୈଦିକ ସାହିତ୍ୟରେ ମଧ୍ୟ ରହିଛି। ଜଗଦୀଶଚନ୍ଦ୍ର ବୋଷଙ୍କ ପରି ବରିଷ୍ଠ ଉଦ୍ଭିଦବିଜ୍ଞାନୀ ନିଜର ଗବେଷଣା ମାଧ୍ୟମରେ ବୃକ୍ଷର ଚେତନଶକ୍ତି ରହିଥିବା ବିଷୟ ପ୍ରମାଣିତ କରିଯାଇଛନ୍ତି। ଭାରତୀୟ ସଂସ୍କୃତିରେ ସମଗ୍ର ବିଶ୍ୱ ପ୍ରକୃତି ଏକ ମୂଳ ଶକ୍ତିଠାରୁ ଉତ୍ପନ୍ନ; ତାର କୌଣସି ଏକ ଅଂଶରେ କ୍ଷତି ଘଟିଲେ ପ୍ରକୃତିର ଭାରସାମ୍ୟ ନଷ୍ଟ ହୁଏ ଏବଂ ଜୀବନର ବିକାଶଧାରା ବାଧାପ୍ରାପ୍ତ ହୁଏ।

ଜଳ, ବାୟୁ, ମାଟି, ବନ ଏବଂ ପ୍ରାଣୀ—ଏଇ ପାଞ୍ଚଟି ହେଲା ଜୈବିକ ପୋଷଣତନ୍ତ୍ରର ମୌଳିକ ଉପାଦାନ। ଏମାନେ ପରସ୍ପର ସୁସମ୍ପର୍କଯୁକ୍ତ ଓ ନିର୍ଭରଶୀଳ ରହି ପ୍ରାକୃତିକ ଭାରସାମ୍ୟ ରକ୍ଷା କରନ୍ତି ଏବଂ ଏହାରି ଫଳରେ ସୁସ୍ଥିର ବାସ୍ତବତନ୍ତ୍ର ଗଢ଼ିଉଠେ। ସ୍ୱାଭାବିକ ଭାବରେ ବଞ୍ଚିରହିବା ପାଇଁ ପ୍ରତ୍ୟେକ ଜୀବର ଯଥେଷ୍ଟ ପରିମାଣ ଜଳବାୟୁ ଓ ଖାଦ୍ୟ ପ୍ରୟୋଜନ। ଏଗୁଡ଼ିକ ମଧ୍ୟରେ ବାୟୁ ହେଉଛି ପୁଣି ସବୁଠୁଁ ଅଧିକ ପ୍ରୟୋଜନୀୟ। ମନୁଷ୍ୟ କିଛି ସମୟ ଖାଦ୍ୟ ବିନା ବଞ୍ଚିପାରେ, ଜଳ ବିନା

Digitized by PPRACHIN, SOA

ମଧ କିଛିକ୍ଷଣ ବଞ୍ଚିପାରେ, କିନ୍ତୁ ବାୟୁ ବ୍ୟତୀତ ବଞ୍ଚିବା ସମ୍ପୂର୍ଣ୍ଣ ଅସମ୍ଭବ। ବାୟୁର ସ୍ୱାଭାବିକ ଉପାଦାନ ହେଉଛି, ନାଇଟ୍ରୋଜେନ (୭୮.୦୩ ଶତାଂଶ), ଅକ୍ସିଜେନ୍ (୨୦.୯୯ ଶତାଂଶ), କାର୍ବନ-ଡାଇ-ଅକ୍ସାଇଡ୍ (.୦୩ ଶତାଂଶ), ମିଥେନ ଓ ଅପରାପର ନିଷ୍କ୍ରିୟ ଗ୍ୟାସ୍ ବାକି ସାମାନ୍ୟ ପରିମାଣ। କିନ୍ତୁ ଏହାଛଡ଼ା ଯେ କୌଣସି କାର୍ବନ୍, ତରଳ ବା ଗ୍ୟାସୀୟ ପଦାର୍ଥ ବେଶୀ ପରିମାଣରେ ଅଥବା ବେଶୀ ସମୟପାଇଁ ବାୟୁରେ ମିଶି ଯଦି ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଜୀବଜଗତର କ୍ଷତିସାଧନ କରେ, ତେବେ ତାକୁ ଆମେ ଦୂଷିତ ବାୟୁବୋଲି କହିଥାଉଁ। ଏହି ଧରଣର ପ୍ରାଥମିକ ଭାବେ ଦୂଷଣକାରକ ପଦାର୍ଥ ହିସାବରେ କଳକାରଖାନା, ଘରର କାମପାଇଟି ଓ ଯାନବାହନ ମଧରୁ ଯାହା ବାହାରିଥାସେ ତାହା ହେଲା—ଭାସମାନ ବସ୍ତୁକଣା, ସାଲଫାର-ଡାଇ-ଅକ୍ସାଇଡ୍ ଓ ଅନ୍ୟାନ୍ୟ ସାଲଫାର ଗଠିତ ଯୌଗ। କାର୍ବନ୍-ମନୋ-ଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍, ହାଇଡ୍ରୋ-କାର୍ବନ୍, କ୍ଲୋରାଇଡ୍ସ୍ ଏବଂ ଭାରୀ ଧାତୁ ଓ ଅନ୍ୟାନ୍ୟ ଦୂଷିତ ଗ୍ୟାସ୍। ସମୀକ୍ଷାରେ ଜଣାଯାଇଛି ଯେ, ଗୋଟିଏ ଏରୋପ୍ଲେନ୍ ପ୍ରତିଟି ଅନ୍ତର୍ଦ୍ଦେଶୀୟ ଯାତ୍ରାରେ ପ୍ରାୟ ସତୁରୀରୁ ଅଶି ଟନ୍ ମଧରେ ଅକ୍ସିଜେନ୍ ପୋଡ଼ିଥାଏ। ଗୋଟିଏ ମଟର ଗାଡ଼ି ପ୍ରତି ହଜାର କିଲୋମିଟର ଯାତ୍ରାରେ ଜଣେ ମନୁଷ୍ୟର ଗୋଟିଏ ବର୍ଷର ଅକ୍ସିଜେନ୍ ପୋଡ଼ିଥାଏ ଏବଂ ପ୍ରାୟ ସମପରିମାଣ ଅକ୍ସିଜେନ୍ ଆବଶ୍ୟକ ହୁଏ ପ୍ରତି ଟନ୍ କୋଇଲା ପୋଡ଼ିବା ଲାଗି। ଅନୁମାନ କରାହୋଇଛି, ପ୍ରାୟ ଦୁଇ ହଜାର ସାଲ ପାଖାପାଖି କେବଳ ମାତ୍ର କଳକାରଖାନାର ପ୍ରୟୋଜନରେ ସ୍ଥଳଭାଗର ବୃକ୍ଷଲତା ଦ୍ୱାରା ସୃଷ୍ଟ ଅକ୍ସିଜେନ୍ର ଶତକଡା ପ୍ରାୟ ୯୦ ଭାଗ ଶେଷ ହୋଇଯିବ। ସେତେବେଳେ ମନୁଷ୍ୟ ଭାଗରେ ପଡ଼ିବ ବାକି ଶତକଡା ୧୦ ଶତାଂଶ ମାତ୍ର। ଏ କଥା ଚିନ୍ତା କଲେ ଶଙ୍କାରେ ମନ ଶିହରି ଉଠେ।

ପ୍ରକୃତି ସଂରକ୍ଷଣ ଓ ଯାନ୍ତ୍ରିକ ସଭ୍ୟତାର ବିକାଶ, ଦୁଇଟିଯାକ ମନୁଷ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଅପରିହାର୍ଯ୍ୟ। କିନ୍ତୁ ମାନବ ସଭ୍ୟତା ଆଜି ଏକ ବିରାଟ ଦ୍ୱନ୍ଦର ସମ୍ମୁଖୀନ। ଏ ଦୁଇଟିର ସଂଘର୍ଷ ଫଳରେ ପ୍ରକୃତି ହେଉଛି ରିକ୍ତ, ମାନବ ସଭ୍ୟତା ହେଉଛି ବାଧାପ୍ରାପ୍ତ ଓ ପରାଜିତ। କ୍ରମବର୍ଦ୍ଧମାନ ଜନସଂଖ୍ୟା ଏଇ ସମସ୍ୟାକୁ ପ୍ରତିଦିନ ଜଟିଳରୁ ଜଟିଳତର କରି ଚାଲିଛି। ତେଣୁ ଆଜି ସମସ୍ତଙ୍କୁ ଚିନ୍ତା କରିବାକୁ ପଡୁଛି ସଂରକ୍ଷଣ ବା ସଭ୍ୟତାର ବିକାଶ କେଉଁଟିକୁ ମନୁଷ୍ୟ ତା'ର ଭବିଷ୍ୟତ କର୍ମପନ୍ଥା ହିସାବରେ ବାଛିନେବ। କଠୋର ବିକାଶପନ୍ଥୀ ଯନ୍ତ୍ରବିଜ୍ଞାନୀମାନେ କହୁଛନ୍ତି, ଏକକ ପ୍ରତି ଉତ୍ପାଦନ ବୃଦ୍ଧି ନ ଘଟିଲେ ମନୁଷ୍ୟ ଜୀବନ ବିପନ୍ନ ହେବ।ସଂପଦର ବିଜ୍ଞାନସମ୍ମତ ବିକାଶ ତେଣୁ ଏକ ଅପରିହାର୍ଯ୍ୟ କର୍ମକାଣ୍ଡ।ଅନ୍ୟ ଦିଗରେ ପ୍ରକୃତି—ବିଜ୍ଞାନୀଗଣ କହୁଛନ୍ତି ଅନ୍ୟ କଥା।ସେମାନଙ୍କ ମତରେ ସମସ୍ତ ପ୍ରାକୃତିକ ସଂପଦକୁ କଠୋର

Digitized by PPRACHIN, SOA

ଭାବରେ ସଂରକ୍ଷଣ କରିବା ବିଶେଷ ପ୍ରୟୋଜନ । ଏହାଦ୍ୱାରା ଅତୀତର ଅତି ବ୍ୟବହାରଜନିତ ପ୍ରାକୃତିକ ସଂପଦ ସୁରକ୍ଷିତ ହୋଇପାରିବ । ଏହି ଦୁଇ ବିରୁଦ୍ଧ ମତବାଦର ଜଟିଳ ଆବର୍ତ୍ତ ମଧରେ ପଡ଼ି ପୃଥିବୀର ବନ ଆଜି ବିରାଟ ଆହ୍ୱାନର ସମ୍ମୁଖୀନ, କ୍ଷୟିଷ୍ଣୁ ଓ ବିପନ୍ନ । ଏକଥା ଆଜି ବୋଧହୁଏ କହିବା ନିଷ୍ପ୍ରୟୋଜନ ଯେ ଉଦ୍ଭିଦ ଓ ପ୍ରାଣୀ ଗୋଟିଏ ଅନ୍ୟଟିର ପରିପୂରକ ଏବଂ ପ୍ରାକୃତିକ ଭାରସାମ୍ୟ ରକ୍ଷାକରିବା କ୍ଷେତ୍ରରେ ପ୍ରତ୍ୟେକଟି ପ୍ରାଣର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି, ଯାହାକି ଏକାବେଳେକେ ସ୍ୱତନ୍ତ୍ର ଓ ଅପରିବର୍ତ୍ତନୀୟ ।

୧୯୮୦ ସାଲର ଆନ୍ତର୍ଜାତିକ ସମ୍ମେଳନରେ ପୃଥିବୀର ସଂରକ୍ଷଣ ନୀତିର ତିନୋଟି ମୌଳିକ ପନ୍ଥା ଚିହ୍ନିତ ହୋଇଥିଲା । ସେଗୁଡ଼ିକ ହେଲା, ପ୍ରୟୋଜନୀୟ ପ୍ରାକୃତିକ ଭାରସାମ୍ୟ ରକ୍ଷା କରିବା, ପ୍ରକୃତିର ମୂଳ ବଂଶଗତ ବୈଚିତ୍ର୍ୟର ସଂରକ୍ଷଣ ଏବଂ ବିଭିନ୍ନ ପ୍ରାଣ-ପ୍ରଜାତି ଓ ପରିବେଶ-ପଦ୍ଧତିର ପ୍ରୟୋଜନଭିତ୍ତିକ ସୁଷ୍ଠୁ ବ୍ୟବହାର । ପୃଥିବୀର ବିଭିନ୍ନ ଦେଶ ଅବଶ୍ୟ ଉନ୍ନତିର ବିଭିନ୍ନ ସୋପାନରେ ରହିଛନ୍ତି ବୋଲି ପ୍ରକୃତିର ଏ ସମସ୍ୟାକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖିଥାନ୍ତି । ଉନ୍ନତିଶୀଳ ଦେଶଗୁଡ଼ିକ ନିକଟରେ ମନୁଷ୍ୟର ଦାରିଦ୍ର୍ୟ ଆଜି ଏକ ବିରାଟ ସମସ୍ୟା; ଅନ୍ୟ ଦିଗରେ ଉନ୍ନତ ଦେଶଗୁଡ଼ିକ ନିକଟରେ ପରିବେଶ ଦୂଷଣ ଏକ ବିରାଟ ସମସ୍ୟା । ପୃଥିବୀର ମୋଟ୍ ବନ-ପରିମାଣର ଶତକଡ଼ା ପ୍ରାୟ ୪୨ ଭାଗ ରହିଛି ଉନ୍ନତ ଦେଶଗୁଡ଼ିକରେ ଏବଂ ସେସବୁ ବନକୁ ମୂଳତଃ 'ଟେମ୍ପୋରେଟ୍' ବା ନାତିଶୀତୋଷ୍ଣ ବନ କୁହାଯାଇପାରେ । ଅନ୍ୟ ବାକି ଶତକଡ଼ା ୫୮ ଭାଗ ବନ ରହିଛି ଉନ୍ନତିଶୀଳ ଦେଶଗୁଡ଼ିକର ସୀମା ମଧରେ ଏବଂ ଏଇସବୁ ବନକୁ ମୋଟାମୋଟି ଭାବରେ 'ଟ୍ରପିକାଲ' ବା ଗ୍ରୀଷ୍ମମଣ୍ଡଳୀୟ ବନ ବୋଲି ଅଭିହିତ କରାଯାଇପାରେ । ଏହି ସକଳ ଗ୍ରୀଷ୍ମମଣ୍ଡଳୀୟ ବନର ମୋଟ ପରିମାଣ ଜମି ପରିମାଣର ପ୍ରାୟ ଏକ-ତୃତୀୟାଂଶ । ଏଇ ଗ୍ରୀଷ୍ମମଣ୍ଡଳୀୟ ବନ ଆଜି ଉନ୍ନତିଶୀଳ ଦେଶର ମନୁଷ୍ୟର ବାଣିଜ୍ୟ, ଖାଦ୍ୟ ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ଏକ ବିରାଟ ଭୂମିକା ଗ୍ରହଣ କରିବାକୁ ସକ୍ଷମ, ଯଦି ଏଇ ବନକୁ ତା'ର ଉପଯୁକ୍ତ ଭୂମିକା ଗ୍ରହଣ କରିବାକୁ ସାହାଯ୍ୟ କରାଯାଏ । କାଠ ଉତ୍ପାଦନ ବ୍ୟତୀତ ଏଇ ବନ ଆମର ବିଭିନ୍ନ ପ୍ରୟୋଜନୀୟ ତେଲ, ରେସିନ୍, ଟ୍ୟାନିନ୍, ବିଭିନ୍ନ ଖାଦ୍ୟସାମଗ୍ରୀ, ଫଳ ଓ ଔଷଧପତ୍ର ଯୋଗାଇଥାଏ । କିନ୍ତୁ ଦୁଃଖର ବିଷୟ, ମନୁଷ୍ୟର ଅସ୍ତିତ୍ୱ ବିକାଶ ପକ୍ଷରେ ଅପରିହାର୍ଯ୍ୟ ବନସମ୍ପଦ ଆଜି ଦ୍ରୁତ କ୍ଷୟ ଓ ଧ୍ୱଂସ ପଥରେ ଉପନୀତ । ଏକ ସାଂପ୍ରତିକ ଆନ୍ତର୍ଜାତିକ ପ୍ରତିବେଦନରୁ ଜଣାଯାଏ ଯେ, ଆଜି ପୃଥିବୀରେ ଶହେକୋଟି ମନୁଷ୍ୟ ବନ୍ୟା, ଖରା, ଜାଳେଣି ସଙ୍କଟ ଓ ଭୂମିକ୍ଷୟ ପ୍ରଭୃତି ସମସ୍ୟାରେ ଜର୍ଜ୍ଜରିତ-ଯାହାର ମୂଳ କାରଣ ହେଉଛି ଗ୍ରୀଷ୍ମମଣ୍ଡଳୀୟ ବନର ଧ୍ୱଂସପ୍ରାପ୍ତି ।

Digitized by PPRACHIN, SOA

ସ୍ୱାଧୀନତାପ୍ରାପ୍ତି ପରେ ଭାରତବର୍ଷରେ ଅତି ଦ୍ରୁତ ବନସଂହାର ଚାଲିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ କର୍ତ୍ତୃକ 'ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ, ୧୯୮୭'ରୁ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ଆମେ ଜାଣିପାରିବା। ଆମ ଦେଶରେ ବର୍ତ୍ତମାନ ମୁଣ୍ଡପିଛା ବନର ପରିମାଣ ୦.୧ ହେକ୍ଟର, ଯଦିଓ ମୁଣ୍ଡପିଛା କୃଷିକ୍ଷେତ୍ରର ପରିମାଣ ୦.୨ ହେକ୍ଟର। ସମଗ୍ର ପୃଥିବୀରେ ଅବଶ୍ୟ ବନର ମୁଣ୍ଡପିଛା ପରିମାଣ ଏକ ହେକ୍ଟର ଏବଂ କୃଷିକ୍ଷେତ୍ରରେ ଅନୁରୂପ ପରିସଂଖ୍ୟାନ ୦.୩ ହେକ୍ଟର। ୧୯୮୯ ମସିହାର ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଭାରତବର୍ଷରେ ବନର ଆୟତନ ଭୌଗୋଳିକ ଆୟତନର ଶତକରା ୧୯.୪୭। କିନ୍ତୁ ବନଭୂମିର ଅବସ୍ଥିତି ସମତାହୀନ। ଜାତୀୟ ବନନୀତି ଅନୁଯାୟୀ ଭୌଗୋଳିକ ଆୟତନର ଶତକରା ୩୩.୩୩ ଭାଗ ବନ ରହିବା ପ୍ରୟୋଜନ। ୧୯୮୭ ମସିହାର ପରିସଂଖ୍ୟାନ ଅନୁଯାୟୀ ଜଣାଯାଏ ଯେ, ଭାରତବର୍ଷରେ ପ୍ରାୟ ୪୩ ଲକ୍ଷ ୨୮ ହଜାର ହେକ୍ଟର ବନଭୂମି ବନ ବ୍ୟତୀତ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହୋଇଚି; ବନ ସଂରକ୍ଷଣକୁ ଆଖିମିଟିକା ମାରି ପ୍ରାୟ ୭ ଲକ୍ଷ ହେକ୍ଟର ବନଭୂମି ମନୁଷ୍ୟର ଶସ୍ୟ କ୍ଷେତ୍ରରେ ପରିଣତ ହୋଇଛି; ପ୍ରାୟ ୪୩ ଲକ୍ଷ ୫ ହଜାର ଭୂମି କ୍ଷେତ୍ରରେ ପୋଡୁ ଚାଷ କରାଯାଇଛି, ଯାହାକି ବିଜ୍ଞାନୀମାନଙ୍କ ମତରେ ପରିବେଶ ସଂହାରମୂଳକ କର୍ମକାଣ୍ଡର ଅନ୍ତର୍ଗତ। କେବଳ ସେତିକି ନୁହେଁ, ଉଲ୍ଲିଖିତ ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୧୯୭୫-୭୬ ସାଲରେ ଭାରତରେ ୧୩୩୦ ଲକ୍ଷ ଟନ୍ ଜାଳେଣି କାଠ ବ୍ୟବହାର କରାଯାଇଛି, ଯଦିଚ ଏହି ସମୟରେ ଜାଳେଣି ସଂଗ୍ରହର ସରକାରୀ ପରିସଂଖ୍ୟାନ ହେଉଛି ୩.୦ ଲକ୍ଷ ଟନ୍ ମାତ୍ର। ଚାହିଦା ଓ ଯୋଗାଣର ବ୍ୟବଧାନ ଆପାତଦୃଷ୍ଟିରେ ଚାରି ଗୁଣରୁ ଅଧିକ। ଆହୁରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପରିବେଷିତ ହୋଇଛି ଏ ରିପୋର୍ଟରେ। ଭାରତବର୍ଷରେ ପ୍ରାୟ ଚାଳିଶ କୋଟି ଗବାଦି ପଶୁଗୋଷ୍ଠୀ ମଧ୍ୟରେ ପ୍ରାୟ ନଅ କୋଟି ବଣରେ ଚରିବୁଲନ୍ତି, ଆଇନସମ୍ମତ ଅଥବା ବେଆଇନ ଭାବରେ, ଯଦିଚ ବନର ସହନ କ୍ଷମତା ତାଠୁଁ ଅନେକାଂଶରେ କମ୍। କହିବା ବାହୁଲ୍ୟ, ମନୁଷ୍ୟର ଏଇ ସବୁ ଅମାନବିକ କର୍ମକାଣ୍ଡ ଫଳରେ ବନର ସ୍ୱାଭାବିକ କ୍ଷମତା ଅନେକାଂଶରେ କମିଯାଇଛି ଓ ଯାଉଛି ମଧ୍ୟ। ଅବଶ୍ୟ ଏ ଘଟନା କେବଳ ଭାରତବର୍ଷରେ ଯେ ଘଟୁଛି ତା ନୁହେଁ। ପୃଥିବୀର ପ୍ରାୟ ସବୁଦେଶରେ ହିଁ ଏ ଘଟନା ବିଭିନ୍ନ ଉପାୟରେ ଘଟିଚାଲିଛି।

କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ଗ୍ରାମ ଓ ପରିବେଶ ଦୁଇ ଅଭିନ୍ନ ସତ୍ତା। ପ୍ରାଣର ଚରମ ଉତ୍କର୍ଷ ମନୁଷ୍ୟ ସୃଷ୍ଟି ମଧ୍ୟରେ ଏବଂ ପରିବେଶ

Digitized by PPRACHIN, SOA

ସୃଷ୍ଟି ମାଧମରେ ହିଁ ଖୋଜିପାଇଛି ଚରମ ସାର୍ଥକତା । ମନୁଷ୍ୟ ସଭ୍ୟତାର ବିକାଶସାଧନରେ ଶିକ୍ଷାର ପ୍ରସାର ଯେ ଏକାନ୍ତ ପ୍ରୟୋଜନ, ସେ କଥା ଆଜି କେହି ଅସ୍ୱୀକାର କରିବେ ନାହିଁ। ସେଥିପାଇଁ ବୋଧହୁଏ ଜ୍ଞାନବିଜ୍ଞାନ କ୍ଷେତ୍ରରେ ମନୁଷ୍ୟ ବିଗତ କାଳ ଅପେକ୍ଷା ଆଜି ଉନ୍ନତିର ଶୀର୍ଷ ଆସନରେ ଆସୀନ। କିନ୍ତୁ ଅତ୍ୟନ୍ତ ଦୁଃଖର କଥା ଯେ ସଭ୍ୟତାର ଜୟରଥର ପଥ ସୁଗମ କରିବାକୁ ଯାଇ ଆମେ ହରାଉଛୁ ପ୍ରକୃତି, ଯେ କି ଆମର ମୂଳ କଲ୍ୟାଣୀ ମାତୃଶକ୍ତି। ଆଜି ମାଟି ହେଉଛି କ୍ଷୟପ୍ରାପ୍ତ, ପାହାଡ଼ ହୋଇ ଉଠୁଛି ଊଷର, ତା'ର ନୀଳକାନ୍ତି ଅପସାରିତ ହୋଇ ରୁକ୍ଷ ନିର୍ମମତା ସର୍ବତ୍ର ସ୍ପଷ୍ଟ ହୋଇ ଦେଖାଦେଉଛି। ଶିଳ୍ପପ୍ରସାରଣଜନିତ ସଭ୍ୟତାର ବିଷବାଷ୍ପ ଶ୍ୱାସରୋଧ କରିବାକୁ ଚାହୁଁଛି ସଭ୍ୟ ମନୁଷ୍ୟର। ଆକ୍ରମଣ ଘଟୁଛି ନିତ୍ୟ ନୂତନ ବ୍ୟାଧିର। ନିଃଶ୍ୱାସ ମାରି ବଞ୍ଚିବା ପାଇଁ ନଗରୀ ପ୍ରାନ୍ତରେ ଆଜି ଖଣ୍ଡିଏ ସବୁଜଭୂଇଁ ଦୁର୍ଲଭ। ମନୁଷ୍ୟ ଓ ପ୍ରକୃତିର ଏଇ ସଂଘାତ କଅଣ ସଭ୍ୟତା ବିଲୁପ୍ତିର ପୂର୍ବାଭାସ ? ଭବିଷ୍ୟତ ହିଁ ଦେବ ଏହାର ଜବାବ। ଆମେ ଆଶାରେ ହିଁ ବଞ୍ଚିରହିଛୁ। ସେଥିପାଇଁ ତ ମନୁଷ୍ୟ ଏହାରି ମଧରେ ଠିଆ ହୋଇ ଅଭିଯାନ ଚଳାଇଛି ଗ୍ରହରୁ ଗ୍ରହାନ୍ତର ଏବଂ ଖୋଜି ଚାଲିଛି ନିତ୍ୟ ନୂତନ ବସତି। ସେ ଚାହୁଁଛି ପ୍ରାକୃତିକ ସମ୍ପଦର ପୁନର୍ନବୀକରଣ, ଯୁଦ୍ଧ ଉତ୍ପାଦନାର ଅବସାନ, ନିରସ୍ତ୍ରୀକରଣର ଆଲୋଚନା। ସେ ଆଜି ବାହାରିପଡ଼ିଛି ବିକଳ୍ପ ଖାଦ୍ୟ ଓ ଶକ୍ତିର ଉତ୍ସ ସନ୍ଧାନରେ, ପ୍ରୟାସୀ ହେଉଛି ବାୟୁ, ଜଳ ଓ ମାଟିକୁ ଗ୍ଳାନିମୁକ୍ତ କରିବାପାଇଁ। କିନ୍ତୁ ସକଳ ପ୍ରୟୋଗର କେନ୍ଦ୍ରବିନ୍ଦୁ ହେଉଛି ସବୁ ମନୁଷ୍ୟଙ୍କର ସ୍ୱେଚ୍ଛାକୃତ ଯୋଗଦାନ, କାରଣ କୌଣସି ପ୍ରକଳ୍ପ ମନୁଷ୍ୟର ସଦିଚ୍ଛା ଛଡ଼ା ସଫଳ ହୋଇ ନ ପାରେ। ମନୁଷ୍ୟତ୍ୱର ଜୟରେ ପ୍ରକୃତିର ମଧ ଜୟ। ବନର ପ୍ରକୃତିକୁ ଅବକ୍ଷୟରୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ସାମିଲ ହେବାକୁ ପଡ଼ିବ ସମସ୍ତଙ୍କ ସ୍ୱାର୍ଥପାଇଁ ଏବଂ ଆମ ନିଜର ତଥା ପ୍ରାଣୀଜଗତର କଲ୍ୟାଣପାଇଁ "ବୃକ୍ଷର ମିନତି"ଟିକୁ ସର୍ବଦା ସ୍ମରଣରଖି କାର୍ଯ୍ୟ କରିବାକୁ ପଡ଼ିବ।

■ ■

Digitized by PPRACHIN, SOA

ଚର୍ଯ୍ୟାଗୀତିର ସାଙ୍ଗୀତିକ ସୌନ୍ଦର୍ଯ୍ୟ

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର ଗୀତିସୌନ୍ଦର୍ଯରେ ମୁଗ୍ଧ ହୋଇ କବି ରାଧାନାଥ ସଙ୍ଗୀତର ସମ୍ମୋହିନୀ ଶକ୍ତି ସମ୍ପର୍କରେ ଯଥାର୍ଥରେ କହିଛନ୍ତି, 'ସଙ୍ଗୀତ ଆବେଶେ ନାନାରୂପେ ମନ। ଅତୀନ୍ଦ୍ରିୟ ଦେଶେ କରେ ବିଚରଣ,/ ଚାଲିଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ / କି ଛୋଡ଼ିବା ଆଶେ ସେହି ତା' ନ ଜାଣେ।' ସୌନ୍ଦର୍ଯ୍ୟର ସାଧନା ବା ଭାବପ୍ରକାଶନର ସାର୍ଥକତାରେ ସଙ୍ଗୀତର ସ୍ଥାନ ହେଉଛି ପ୍ରଧାନ, କାରଣ ବାଣୀ ସହିତ ସ୍ୱର ସଂଯୁକ୍ତ ହୋଇ ଅପୂର୍ବ ପ୍ରାଣୈଶ୍ୱର୍ଯ୍ୟରେ ଗାନ ହୁଏ ବିମଣ୍ଡିତ। ପ୍ରତିଭାଶାଳୀ କବି କବିତାର ଛନ୍ଦ ଏବଂ ରସାତ୍ମକ ଭାବଘନ ଶବ୍ଦର ମାୟାଜାଲ ବିସ୍ତାର କରି ମାନବ ହୃଦୟର ବହୁ ସୂକ୍ଷ୍ମ ଭାବାନୁଭୂତିକୁ ବନ୍ଦୀ କରିପାରନ୍ତି, କିନ୍ତୁ ମନୁଷ୍ୟର ଅନ୍ତରଲୋକର ଅନିର୍ବଚନୀୟକୁ ପ୍ରକାଶ କରିବାକୁ ସକ୍ଷମ ଏକମାତ୍ର ହିଁ ସ୍ୱର। ତେଣୁ ଶିଳ୍ପସୃଷ୍ଟି ମଧ୍ୟରେ ସଙ୍ଗୀତର ସ୍ଥାନ ସର୍ବୋଚ୍ଚ ଏବଂ ସକଳ ଶିଳ୍ପସୃଷ୍ଟିର ଶେଷ ଲକ୍ଷ୍ୟ ହେଉଛି ସଙ୍ଗୀତର ସୁଧାମୟ ରାଜ୍ୟରେ ଉପନୀତ ହେବା।

କବିତାର ଅଥବା କାବ୍ୟସମ୍ଭୋଗର ସ୍ୱର୍ଣ୍ଣଯୁଗରେ କାବ୍ୟରସିକବୃନ୍ଦ ଚକ୍ଷୁ ଦ୍ୱାରା କବିତା ପଢୁ ନଥିଲେ, କର୍ଣ୍ଣଦ୍ୱାରା ହିଁ ଶୁଣୁଥିଲେ। କବି ଦୀନକୃଷ୍ଣଙ୍କ ଭାଷାରେ କହିଲେ କର୍ଣ୍ଣତୁଣ୍ଡରେ ହିଁ ସେମାନେ କାବ୍ୟରସ ପାନ କରୁଥିଲେ। ସଭ୍ୟତାର ଉଷାଲଗ୍ନରେ ସମାଜରେ ଯେତେବେଳେ ଶିକ୍ଷିତ ଓ ଅଶିକ୍ଷିତର ପ୍ରଭେଦ ସ୍ପଷ୍ଟ ହୋଇ ଉଠି ନଥିଲା, ସାହିତ୍ୟର ଥିଲା କେବଳ ଗୋଟିଏ ମାତ୍ର ରୂପ – ସେ ରୂପ ଥିଲା କବିତାର। କି ବ୍ୟକ୍ତିଗତ ସୁଖଦୁଃଖ, କି ଗୋଷ୍ଠୀଗତ ଅଭୀପ୍ସା–ଅଭିଜ୍ଞତା, କି ଗଳ୍ପ – କାହାଣୀ, କି ଆଦିମ ଦର୍ଶନ ବା ନୀତିଚିନ୍ତା, ସବୁ କିଛି ରଚିତ ହେଉଥିଲା ଛନ୍ଦୋବଦ୍ଧ ଭାଷାରେ; ପ୍ରଚାରିତ, ରକ୍ଷିତ ଏବଂ ପୁରୁଷାନୁକ୍ରମିକ ସ୍ମୃତିରେ ସଂଚାରିତ ହେଉଥିଲା କେବଳମାତ୍ର ଏଇ କର୍ଣ୍ଣ ସାହାଯ୍ୟରେ। ସତ୍ କାବ୍ୟ ପକ୍ଷରେ ସହୃଦୟ–ହୃଦୟ–ସଂବେଦନ ଅପେକ୍ଷାକୃତ ଥିଲା ଅନେକ ସହଜସାଧ୍ୟ। କବି ଓ ତା'ର ପାଠକ ବା ଶ୍ରୋତା ମଧ୍ୟରେ କେବଳ ଆଦାନ– ପ୍ରଦାନ ନ ଥିଲା, ଥିଲା ସହଜ–ସ୍ୱୀକୃତ ଆତ୍ମୀୟତା। ମଧ୍ୟଯୁଗ ପର୍ଯ୍ୟନ୍ତ କବି–ପାଠକ ମଧ୍ୟରେ ଏଇ ଅନ୍ତରଙ୍ଗତା ମୋଟାମୋଟି ପ୍ରାୟ ଦେଖାଯାଏ। ଏଇ ସେଦିନ ପର୍ଯ୍ୟନ୍ତ ବୈଷ୍ଣବ କବିଙ୍କ କଣ୍ଠରୁ ଆମେ ଶୁଣିଥିଲୁ, 'ସଇ, କେବା ଶୁନାଇଲ ଶ୍ୟାମନାମ/ କାନେର ଭିତର ଦିୟା, ମରମେ ପଶିଲ ଗୋ ଆକୁଲ କରିଲ ମୋର ପ୍ରାନ'।

Digitized by PPRACHIN, SOA

ମଧ୍ୟଯୁଗ ପର୍ଯ୍ୟନ୍ତ ଏହାହିଁ ଯେପରି ଥିଲା କବିତା ଓ ସଙ୍ଗୀତରେ ମଧୁର ମିଳନର ରାକ୍ଷୀବନ୍ଧନ।

ଚର୍ଯ୍ୟାପଦ ବା ଚର୍ଯ୍ୟାଗୀତିଗୁଡ଼ିକ ଆନୁମାନିକ ଖ୍ରୀଷ୍ଟୀୟ ୧୦ମରୁ ଦ୍ୱାଦଶ ଶତକ ମଧ୍ୟରେ ରଚିତ ବୋଲି ବିଦ୍ୱାନ ଆଲୋଚକବୃନ୍ଦ ମତପୋଷଣ କରିଥାନ୍ତି। ଏଗୁଡ଼ିକର ଅନ୍ତର୍ନିହିତ ସାଧନତତ୍ତ୍ୱର ନାମ ହେଉଛି ବଜ୍ରଯାନ ବା ସହଜଯାନ। ଚର୍ଯ୍ୟାଗୀତିର ରଚୟିତା ସିଦ୍ଧାଚାର୍ଯ୍ୟଗଣ ୮୪ ସିଦ୍ଧ ପରଂପରାର ଅନ୍ତର୍ଭୁକ୍ତ ଏବଂ ଏମାନେ ସମସ୍ତେ ଥିଲେ ତାନ୍ତ୍ରିକ ବୌଦ୍ଧ ସହଜିୟା ସାଧକ। ଆଚାର୍ଯ୍ୟ ଲୁଇପାଦ ସହଜିୟା ସଂପ୍ରଦାୟର ପ୍ରତିଷ୍ଠାତା ରୂପେ ଅଭିହିତ। ଅନେକଙ୍କର ଧାରଣା, ଲୁଇପାଦ ଏବଂ ମତ୍ସ୍ୟେନ୍ଦ୍ରନାଥ ହେଉଛନ୍ତି ଜଣେ ବ୍ୟକ୍ତି। ଲୁଇ-ପା'ର ତିବ୍‌ବତୀ ଅର୍ଥ ହେଉଛି 'ମତ୍ସ୍ୟୋଦର' ଏବଂ ତିବ୍‌ବତୀ ଟୀକାକାରଗଣ ତାଙ୍କୁ ଧୀବର ବର୍ଣ୍ଣର ସିଦ୍ଧାଚାର୍ଯ୍ୟ ବୋଲି ଆଖ୍ୟାତ କରିଛନ୍ତି। ସେ ଯାହାହେଉ, 'ଚର୍ଯ୍ୟାଶ୍ଚର୍ଯ୍ୟବିନିଶ୍ଚୟ'ରେ ଯେଉଁ ସବୁ ସିଦ୍ଧାଚାର୍ଯ୍ୟଙ୍କର ପଦ ସଂଗୃହୀତ ହୋଇଛି ସେମାନେ ସମସ୍ତେ ଥିଲେ ବୌଦ୍ଧ ଶ୍ରମଣ; ବିଭିନ୍ନ ବିହାରରେ ସେମାନେ ବସବାସ କରୁଥିଲେ ଏବଂ ସମବତଃ ସଂଘବଦ୍ଧ ଭାବରେ ସଂକୀର୍ତ୍ତନ କରୁଥିଲେ। ଏଇ ଚର୍ଯ୍ୟାଗୀତିଗୁଡ଼ିକ ହିଁ ଥିଲା ସେମାନଙ୍କ ଅଧ୍ୟାତ୍ମ-କ୍ଷୁଧା ଓ ରସ-ତୃଷ୍ଣା ପାଇଁ ଖାଦ୍ୟ ଓ ପାନୀୟ। କିନ୍ତୁ ସାଧନତତ୍ତ୍ୱ ଦୃଷ୍ଟିରୁ ଏଇ ଚର୍ଯ୍ୟାପଦଗୁଡ଼ିକରେ ନ ଥିଲା କୌଣସି ନାମକୀର୍ତ୍ତନ; ଥିଲା ସହଜ ଅଧ୍ୟାତ୍ମ ଅନୁଭୂତିର ଲୀଳାକୀର୍ତ୍ତନ ବା ରସକୀର୍ତ୍ତନ।

ବୈଷ୍ଣବ ପଦାବଳୀ ବା ପଦ୍ୟାବଳୀ ସାହିତ୍ୟକୁ ସାଧାରଣତଃ ତିନୋଟି ଦିଗରୁ ବିଚାର କରାଯାଇଥାଏ। ପ୍ରଥମତଃ ସାହିତ୍ୟ ଦୃଷ୍ଟିରୁ ଏଗୁଡ଼ିକ ଗୀତିକବିତା; ଦ୍ୱିତୀୟତଃ ସଂଗୀତ ଦିଗରୁ ଏଗୁଡ଼ିକ କୀର୍ତ୍ତନ ଏବଂ ତୃତୀୟତଃ ଆଧ୍ୟାତ୍ମିକ ଦିଗରୁ ଏଗୁଡ଼ିକ ଭଗବଦ୍‌ଭଜନ। ଠିକ୍ ସେହିପରି ଚର୍ଯ୍ୟାଗୀତିଗୁଡ଼ିକ କେବଳ ସାହିତ୍ୟ ନୁହନ୍ତି, ଆଧ୍ୟାତ୍ମିକ ଭାବସଂପଦରେ ମଧ୍ୟ ସଂପନ୍ନ। ସାହିତ୍ୟ ଦୃଷ୍ଟିରୁ ଏଗୁଡ଼ିକ 'ଲିରିକ୍' ବା ଗୀତିକବିତା; ସଂଗୀତ ଦୃଷ୍ଟିରୁ ଏଗୁଡ଼ିକ ସଂଘୀୟ ଧର୍ମାଚାରର ସଂକୀର୍ତ୍ତନ ଏବଂ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ସହଜିୟା ସାଧନ ତତ୍ତ୍ୱର ଏଗୁଡ଼ିକ ବାହକ। ଚର୍ଯ୍ୟାଗୀତିଗୁଡ଼ିକ ପଦାବଳୀ ବା ପଦ୍ୟାବଳୀ ସାହିତ୍ୟର ଆଦ୍ୟରୂପ କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ସଂଘୀୟ ଧର୍ମାନୁଷ୍ଠାନମାନଙ୍କରେ ଗାନ କରାଯାଇଥିବାରୁ ପ୍ରତ୍ୟେକ ଚର୍ଯ୍ୟାର ରାଗ ସେଥିପାଇଁ ସୁନିର୍ଦ୍ଦିଷ୍ଟ। ଚର୍ଯ୍ୟାଗୀତିଗୁଡ଼ିକରେ ପଟମଞ୍ଜରୀ ଗଉଡ଼ା, ମାଳସୀ, ମଲ୍ଲାରୀ, ଗୁଞ୍ଜରୀ, ଗୁର୍ଜରୀ, ରାମକ୍ରୀ, ଦେଶାଖ୍ୟ, ଭୈରବୀ, କାମଦ, ବରାଡ଼ି, ଶବରୀ, ଅରୁ, ଦେବକ୍ରୀ, ଧନସୀ, ବଙ୍ଗଲା ଓ ଇନ୍ଦ୍ରତାଳ ଇତ୍ୟାଦି ବିଭିନ୍ନ ରାଗ ବା ଛନ୍ଦର ପ୍ରୟୋଗ ହୋଇଥିବାର ଆମେ ଲକ୍ଷ୍ୟ କରୁ। ଏକ ନିର୍ଦ୍ଦିଷ୍ଟ ପଦ୍ଧତିର ସଂଗୀତ ରୂପେ ଚର୍ଯ୍ୟାଗୀତିଗୁଡ଼ିକ ଯେ ଗୃହୀତ ହୋଇଥିଲା, ଶାର୍ଙ୍ଗଦେବଙ୍କ ପ୍ରଣୀତ 'ସଂଗୀତ ରତ୍ନାକର' ନାମକ ସଂଗୀତ ଶାସ୍ତ୍ରରୁ ତାହା ଜଣାଯାଏ।

Digitized by PPRACHIN, SOA

ଶତଶତ ବର୍ଷର ବ୍ୟବଧାନ ପରେ ଚର୍ଯ୍ୟାର ସହଜତତ୍ତ୍ୱ ଅପେକ୍ଷା ତା'ର କବିତ୍ୱ ଓ ସାଙ୍ଗୀତିକ ସୌନ୍ଦର୍ଯ୍ୟ ଆଜି ଆମ ନିକଟରେ ଅଧିକ ଆସ୍ୱାଦ୍ୟ ଓ ଉପଭୋଗ୍ୟ ହୋଇ ରହିଛି।

ଚର୍ଯ୍ୟାର ଭାଷାସଂପଦ ମଧ ଏକାନ୍ତ ଭାବରେ ଲୌକିକ। ସାମାଜିକ ଉଚ୍ଚବର୍ଣ୍ଣର ଭାଷା ଏବଂ ରାଜସଭାଶ୍ରିତ ଭାଷା ଗୋଟିଏ ଗୋଷ୍ଠୀବଦ୍ଧ ସୀମା ମଧରେ ବିଚରଣ କରୁଥିଲା; କିନ୍ତୁ ଚର୍ଯ୍ୟା ବିଶେଷ କୌଣସି ଗୋଷ୍ଠୀ ମଧରେ ବିନିମୟ ପାଇଁ ରଚିତ ହୋଇ ନଥିଲା। ତା'ର ଆବେଦନ ବୃହତ୍ତର ସମାଜ ମନୁଷ୍ୟର ନିକଟରେ ଏବଂ ସେଥିପାଇଁ ବୃହତ୍ତର ସମାଜ–ମନୁଷ୍ୟର ଭାଷା ହିଁ ଏଥିରେ ପ୍ରତିଷ୍ଠା ଅର୍ଜନ କରିଛି। ଏହି ଲୌକିକ ଭାଷା ସହିତ ରହିଛି ଲୋକଜୀବନର ସ୍ୱୀକୃତି। ତେଣୁ ଅଧିକାଂଶ ଚର୍ଯ୍ୟା ପଦରେ ନିହିତ ଚିତ୍ରରୂପ ଅତ୍ୟନ୍ତ ସଜୀବ ଓ ଗତିଶୀଳ। ଗଭୀର ଅଧ୍ୟାତ୍ମ ଉପଲବ୍ଧିକୁ ପ୍ରକାଶ କରିବା ପାଇଁ ଚର୍ଯ୍ୟାଗୀତିକାରଗଣ ସାଧାରଣ ଜୀବନର ଅତି ପରିଚିତ ଅଭିଜ୍ଞତାକୁ ହିଁ ଅବଲମ୍ବନ କରିଛନ୍ତି। ଶିକାର କରିବା, ଜୁଆ ଖେଳିବା, ମଦ ରାନ୍ଧିବା, ଚାଙ୍ଗୁଡ଼ି ବୁଣିବା, କାଠ କାଟିବା, ନଉକା ବାହିବା, ନଉକା ଗଢ଼ିବା, ତୂଳା ଭିଣିବା, ନାଟୁଆ ସାଜି ନାଚଗୀତ କରିବା ଇତ୍ୟାଦି ପ୍ରାତ୍ୟହିକ କର୍ମ ମାଧ୍ୟମରେ ଏବଂ ଏହିଗୁଡ଼ିକରୁ ଉପମା–ରୂପକ ସଂଗ୍ରହ ପୂର୍ବକ ତାଆରି ଭିତରେ ନିଜର ମନୋଭାବ ସେମାନେ ପ୍ରକାଶ କରିଛନ୍ତି। ଏଥି ସହିତ ସାଧାରଣ ଜୀବନର ଖଣ୍ଡ ଖଣ୍ଡ ଏବଂ ପରିପୂର୍ଣ୍ଣ ଚିତ୍ର ମଧ ଏଇ ସକଳ ଗୀତରେ ନିହିତ। ଆଧ୍ୟାତ୍ମିକ ଉପଲବ୍ଧି ଏବଂ ସତ୍ୟପ୍ରକାଶର ବାହନ ହିସାବରେ ଏଇସବୁ ଉପମା ଓ ଚିତ୍ରର ମୂଲ୍ୟ ପ୍ରଧାନ ନୁହେଁ, କାରଣ ସିଦ୍ଧାଚାର୍ଯ୍ୟଗଣ ଏଗୁଡ଼ିକର ଅନ୍ତର୍ନିହିତ ଭାବ ଓ ଅର୍ଥକୁ ହିଁ ଜ୍ଞାପନ କରିବାକୁ ଚାହୁଁଥିଲେ–ଚିତ୍ରଗୁଡ଼ିକୁ ନୁହେଁ। କିନ୍ତୁ ଅନ୍ୟ ଦିଗରୁ ଏଇ ସବୁ ଚିତ୍ରର ମୂଲ୍ୟ ତୁଚ୍ଛ ବା ଉପକ୍ଷେଣୀୟ ନୁହେଁ। କାରଣ ଏଗୁଡ଼ିକ ବାସ୍ତବ ସାମାଜିକ ସତ୍ୟ। ଜୀବନର ରୂପ ସେତେବେଳେ କଅଣ ଥିଲା, ସାମାଜିକ ଆଦର୍ଶ କିଭଳି ଥିଲା, ସମାଜ ସଂଗଠନ ଗତି କେଉଁ ଦିଗରେ ରହିଥିଲା,– ତା'ର ପ୍ରତ୍ୟକ୍ଷ ପରିଚୟ ଏଇ ସବୁ ଚିତ୍ର ସହିତ ବିଜଡ଼ିତ ଏବଂ ସେ ଦୃଷ୍ଟିରୁ ଏଗୁଡ଼ିକର ଗୁରୁତ୍ୱ ଯଥେଷ୍ଟ।

ଭାବଜଗତରେ ଗୀତିକାରଗଣ ଯେପରି ଇନ୍ଦ୍ରିୟର ଆସ୍ୱାଦନ–ଲିପ୍ସା ବା ପ୍ରାପ୍ତିର ଆଶଙ୍କା ପରିହାର କରିପାରିନାହାନ୍ତି, ସେହିପରି ନିର୍ବାଣ କେଉଁଠି ଏବଂ କିପରି ତାହା ଲାଭ କରାଯାଏ, ତା'ର ଆଲୋଚନା ଓ ସଂଧାନରେ ଏଇ ସ୍ଥୂଳ ପୃଥିବୀକୁ ସେମାନେ ଅସ୍ୱୀକାର କରିନାହାନ୍ତି। ବରଂ ଏଇ ଦେହ – ମନ୍ଦିରରେ ସେମାନେ ପ୍ରାଣର ଠାକୁର ଏବଂ ପୃଥିବୀ ମଧରେ ହିଁ ନିର୍ବାଣର ଆନନ୍ଦ ଉପଲବ୍ଧି କରିବାକୁ ଚାହିଁଛନ୍ତି। ଉଦାହରଣ ସ୍ୱରୂପ କାହ୍ନୁପାଦ କହିଛନ୍ତି, "ଭବ ଜାଇ ଣ ଆବଇ

Digitized by PPRACHIN, SOA

ଏଥୁ ଜୋଇ” (ଏଇ ପୃଥିବୀରୁ କିଛି ଚାଲିଯାଏନା, ପୁଣି କିଛି ମଧ ଆସି ନ ଥାଏ); ଅଥବା ଚାଟିଲପାଦଙ୍କର “ନିୟଡି ବୋହି ଦୂର ନା ଜାହି” (ନିକଟରେ ହିଁ ବୋଧି ରହିଛି, ସେଥିପାଇଁ ଦୂରକୁ ଯିବାକୁ ପଡ଼ି ନଥାଏ)। ସରହପାଦ ମଧ ଗୋଟିଏ ଦୋହାରେ କହିଛନ୍ତି, “ଏଇଠାରେ ହିଁ ଅର୍ଥାତ୍ ଏଇ ଦେହ ମଧରେ ସୁରେଶ୍ୱରୀ ବା ଗଙ୍ଗା ଓ ଯମୁନା, ଏଇଠାରେ ଗଙ୍ଗାସାଗର ତୀର୍ଥ; ଏଇଠାରେ ପ୍ରୟାଗ–ବାରାଣସୀ, ଏଇଠାରେ ହିଁ ଚନ୍ଦ୍ର ଓ ଦିବାକର। ଏଇଠି ରହିଛି କ୍ଷେତ୍ର, ପୀଠ, ଉପପୀଠ; ଏଇଠାରେ ହିଁ ମୁଁ ଭ୍ରମଣ କରେ। ଦେହ ଭଳି ତୀର୍ଥ ଏବଂ ଏଠାକାର ଭଳି ସୁଖ ମୁଁ ଅନ୍ୟ କେଉଁଠି ଦେଖିନି।” ଅନ୍ୟ ଗୋଟିଏ ଦୋହାରେ କୁହାଯାଇଛି, ‘ଅସରୀର କୋଇ ସରୀରଇ ଲୁକ୍କୋ/ଜୋ ତହି ଜାଣଇ ସୋ ତହି ମୁକ୍କୋ।’ ଅର୍ଥାତ୍ ଏଇ ଶରୀର– ମଧରେ କୌଣସି ଅଶରୀରୀ ଲୁଚି ରହିଛନ୍ତି। ଯେ ତାକୁ ଜାଣିପାରନ୍ତି, ସେ ମୁକ୍ତ ହୁଅନ୍ତି। ଚର୍ଯ୍ୟାଗୀତିକାରଗଣ ଏହି ଦେହ ମଧରେ ସେହି ଅଶରୀରୀକୁ, ନିର୍ବାଣକୁ ଲାଭ କରିବାର କଥା କହିଛନ୍ତି।

ଚର୍ଯ୍ୟାଗୀତିଗୁଡ଼ିକରେ ଲୌକିକ ଭାଷା ସହିତ ଜୀବନର ବାସ୍ତବତାବୋଧ ଏବଂ ରସାଢ଼ କବିତ୍ୱ ସହିତ ସାଙ୍ଗୀତିକ ମୂର୍ଚ୍ଛନାର ସମନ୍ୱୟ ସଂଘଟିତ ହୋଇଥିବାର ଆମେ ଲକ୍ଷ୍ୟ କରୁ। ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କ ଦ୍ୱାରା ଅନୂଦିତ ଗୋଟିଏ ଦୋହାର ଅର୍ଥ ହେଉଛି, – “ପ୍ରିୟେ ଯୋଗିନୀ, ତୁମେ ତୁମର ଜଘନ ମେଖଳା ପୀଡ଼ିତ କରି ମୋତେ ଗାଢ଼ ଆଲିଙ୍ଗନରେ ଆବଦ୍ଧ କର। ପଦ୍ମ ଓ ବଜ୍ରର ସେହି ମିଳନରେ ଆଜିର ଏ ସଂଧ୍ୟା କାଳହୀନ ହେଉ। ଯୋଗିନୀ ଗୋ, ତୁମ ବିରହରେ ମୁଁ କ୍ଷଣମାତ୍ର ବଞ୍ଚିପାରିବି ନାହିଁ। ତୁମର ମୁଖଚୁମ୍ବନ କରି ପଦ୍ମ–ମଧୁପାନ କରିବା ପାଇଁ ମୋର ପ୍ରାଣ ତୃଷାର୍ତ୍ତ। ମୋର ପ୍ରିୟା ଯୋଗିନୀ ବଡ଼ ଅଭିମାନିନୀ। ବିରାଗ ହେଲେ ଆଉ ଧରାଦିଏନା। ମୁହୂର୍ତ୍ତକରେ ଶାଶୁଘର ଗାଁ ମଣିକୁଳକୁ ପଛରେ ପକାଇଦେଇ ବାପ ଘର ଗାଁ ଓଡ଼ିଆଣକୁ ପଳାଇଯାଏ। ଶାଶୁଘରେ ତାଲା ପଡ଼େ। ଚନ୍ଦ୍ର ସୂର୍ଯ୍ୟ ସାକ୍ଷ୍ୟ କରି ଯେଉଁ ଦାମ୍ପତ୍ୟବନ୍ଧନ ଗଢ଼ି ଉଠିଥାଏ, ତାହା ଛିନ୍ନ ହୋଇଯାଏ। ପ୍ରେମତତ୍ତ୍ୱ–ପ୍ରବୀଣ ଗୁଣ୍ଡରୀ ଏକଥା କହନ୍ତି। ତାଙ୍କର ଜୟପତାକା ନିଖିଳ ନରନାରୀଙ୍କ ମଧରେ ଆଜି ଉଡ୍ଡୀୟମାନ।” ତାତ୍ତ୍ୱିକ ଦିଗ ବାଦ୍ ଦେଲେ ମଧ ଏ କବିତାଟି ଏକ କାଳୋତ୍ତୀର୍ଣ୍ଣ ପ୍ରେମ କବିତା। କୃଷ୍ଣାଚାର୍ଯ୍ୟପାଦଙ୍କ ଗୋଟିଏ ଦୋହାରେ ସାଧକ ସେହିପରି ପ୍ରଣୟ – ସାଧନାର ଆହ୍ୱାନ ଜଣାଇ ତା’ର ପ୍ରଣୟିନୀକୁ କହୁଛି, “ପ୍ରଦୀପ ପ୍ରଜ୍ୱଳନରେ ତୋର କଅଣ ଲାଭ ଅଥବା ନୈବେଦ୍ୟ ସଜାଡ଼ିବାରେ ତୋର କଅଣ ଲାଭ? ମନ୍ତ୍ରଜପ କରି ଏବଂ ତୀର୍ଥ–ତପୋବନ ଯାଇ ମଧ ତୋର କ’ଣ ଲାଭ? ସ୍ନାନାଦି କରି କ’ଣ ମୁକ୍ତିଲାଭ କରିବାକୁ ତୁ ଭାବିଛୁ? ହେ ତରୁଣି! ତୁ ତୋର ଏଇ ସବୁ ଜପ–ହୋମ ଇତ୍ୟାଦି ମଙ୍ଗଳକର୍ମ ନେଇ ବାହ୍ୟ ଧର୍ମରେ ଦିନ କାଟିଲୁ।

Digitized by PPRACHIN, SOA

ତୁ କଅଣ ଜାଣିନାହୁ ଯେ ପ୍ରେମ ଛଡ଼ା ମୁକ୍ତି ନାହିଁ। ପ୍ରେମ ବିନା ଏଇ ଦେହରେ କ'ଣ ଜ୍ଞାନଲାଭ ଘଟିଥାଏ।'' ଏ ପ୍ରସଙ୍ଗରେ 'ନଗର ବାହିରେ ରେ ଡୋମ୍ବୀ ତୋହରି କୁଡ଼ିଆ/ ଛୋଇଛୋଇ ଜାହି ସୋ ବ୍ରାହ୍ମଣ ନାଡ଼ିଆ' ପଦ ସମ୍ବଳିତ କାହ୍ନୁପାଙ୍କ ଚର୍ଯ୍ୟାଗୀତିଟି ,କିମ୍ୱା ଶବରପାଙ୍କ ବିରଚିତ ''ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଳୀ/ ମୋରଙ୍ଗୀ ପୀଛ ପରହିତା ଶବରୀ ଗିବତ ଗୁଞ୍ଜରୀ ମାଳୀ/ ଉମତ ସବରୋ ପାଗଳ ସବରୋ ମା କର ଗୁଲୀ ଗୁହାଡ଼ୀ ତୋହରି/ ଣିଅ ଘରିଣୀ ନାମେ ସହଜସୁନ୍ଦରୀ।' ପଦ ସମ୍ବଳିତ୍ ଚର୍ଯ୍ୟାଗୀତିଟି ଏକାନ୍ତ ଭାବରେ ସ୍ମରଣୀୟ। ପ୍ରଣୟର ଆଶା-ଆଶଙ୍କା ଜନିତ ଦ୍ୱନ୍ଦ୍ୱ ସହିତ ମିଳନ-ସମ୍ଭୋଗ ପାଇଁ ପ୍ରେମିକାର ତପ୍ତ ଓ ଅତୃପ୍ତ ପିପାସାର ମନୋଜ୍ଞ ଚିତ୍ର ଏହି ଦୁଇଟି ଚର୍ଯ୍ୟାଗୀତିରେ କିପରି ପରିସ୍ଫୁଟ, ମରମୀ ପାଠକ ମାତ୍ରେଇ ତାହା ଉପଲବ୍ଧି କରିପାରିବେ। କେବଳ ସେତିକି ନୁହେଁ ପ୍ରଣୟସୃଷ୍ଟି ପାଇଁ ପାର୍ବତ୍ୟ- ପ୍ରକୃତିର ମଂଜୁଳ ପରିବେଶ ଏବଂ ସମ୍ଭୋଗଜନିତ ଆନନ୍ଦୋଲ୍ଲାସର ଚିତ୍ର ରଚନା ଦୁଇଟିକୁ କିପରି ରସୋତ୍ତୀର୍ଣ୍ଣ କରିଛି, ତାହା ମଧ୍ୟ ଲକ୍ଷ୍ୟ କରିବାର ବିଷୟ।

ଆମ ଦେଶର ସଙ୍ଗୀତଶାସ୍ତ୍ରୀଗଣ କହିଛନ୍ତି, ପ୍ରତି ରାଗ- ରାଗିଣୀର କୁଆଡ଼େ ନିଜସ୍ୱ ଗୋଟିଏ ରୂପ ରହିଛି ଏବଂ ଏ ଦେଶର ଚିତ୍ରଶିଳ୍ପୀମାନେ ମଧ୍ୟ ସେ ସବୁ କଳ୍ପିତ ରୂପକୁ ରଙ୍ଗ ଓ ରେଖାରେ ଅଙ୍କନ ମଧ୍ୟ କରିଛନ୍ତି। ହାଇନେ ଏବଂ ତାଙ୍କ ପରେ ଫରାସୀ ପ୍ରତୀକବାଦୀ କବିବୃନ୍ଦ କାନ ଏବଂ ଆଖିର ଏଇ ନିଗୂଢ଼ ପରସ୍ପରନିର୍ଭରତାର କଥା ଆମକୁ ଭୁଲିବା ପାଇଁ ନିଷେଧ କରିଛନ୍ତି। ସୁସ୍ପଷ୍ଟ ଚିତ୍ରରୂପ କଥାଟି ହୁଏତ ଅତିରଂଜନ, କିନ୍ତୁ ଧ୍ୱନିତରଙ୍ଗ ମଧ୍ୟରୁ ଚିତ୍ରରୂପର ଆଭାସ କଳ୍ପନାରେ ଯେ ସଂଚାରିତ ହୋଇଥାଏ, ସେଥିରେ କୌଣସି ସଂଦେହ ନାହିଁ। ଅନ୍ତତଃ କବିତା କ୍ଷେତ୍ରରେ ଏ ତତ୍ତ୍ୱର ବହୁ ପ୍ରତ୍ୟକ୍ଷ ପ୍ରମାଣ ରହିଛି।

କାବ୍ୟରୂପରେ ଶବ୍ଦର ଧ୍ୱନିଗତ ମୂଲ୍ୟ ପ୍ରଧାନତଃ ତିନୋଟି ସ୍ତରରେ ଲକ୍ଷ୍ୟ କରାଯାଏ। ପ୍ରଥମତଃ ଅକ୍ଷରଧ୍ୱନିର, ଦ୍ୱିତୀୟତଃ ଧ୍ୱନିଗୁଚ୍ଛର ଏବଂ ତୃତୀୟତଃ ଧ୍ୱନିତରଙ୍ଗର। କାବ୍ୟ ସମ୍ଭୋଗରେ ଏହି ସ୍ତର ତିନୋଟି ଅବଶ୍ୟ ସ୍ୱତନ୍ତ୍ର ହୋଇ ରହି ନଥାଏ; ସେଗୁଡ଼ିକ ପରସ୍ପର ଅନୁସ୍ୟୂତ ହୋଇ ଗୋଟିଏ ସମଗ୍ର ଅଭିଜ୍ଞତା ସୃଷ୍ଟି କରିଥାନ୍ତି। ତେବେ ସମ୍ଭୋଗ ପାଇଁ କର୍ଣ୍ଣର ପ୍ରସ୍ତୁତି ଉଦ୍ଦେଶ୍ୟରେ ସେଗୁଡ଼ିକୁ ପୃଥକ୍ ଭାବରେ ଦେଖାଯାଇପାରେ। ଦାନ୍ତେ ସେଥିପାଇଁ ଧ୍ୱନି ଦୃଷ୍ଟିରୁ ଶବ୍ଦର ନାନା ରକମ ଜାତିବିଭାଗ କରିଛନ୍ତି। କୌଣସି ଶବ୍ଦ ହୁଏ ତ କର୍କଶ, କେଉଁଟି ମସୃଣ, କେଉଁଟି କଠିନ, କେଉଁଟି କୋମଳ, କେଉଁଟି ଗମ୍ଭୀର, କେଉଁଟି ଲଘୁ, କେଉଁଟି ମନ୍ଥର ଏବଂ କେଉଁଟି ବା ଦ୍ରୁତ। ବିଭିନ୍ନ ଧ୍ୱନିର ସଙ୍ଗମରେ ଯେଉଁ ବିଚିତ୍ର ଧ୍ୱନିସୁଷମାର ଉଦ୍‌ଭବ ହୁଏ, ତା'ର ସମଗ୍ର ଆବେଦନ ଏହି ସବୁ ଧ୍ୱନି- ଉପାଦାନର ଚରିତ୍ର ଦ୍ୱାରା ହିଁ ନିର୍ଦ୍ଦିଷ୍ଟ ହୋଇଥାଏ। କିନ୍ତୁ ଧ୍ୱନି-ସଂଗଠନର ଏଇ ପ୍ରତ୍ୟକ୍ଷ ଆବେଦନ ବ୍ୟତୀତ

Digitized by PPRACHIN, SOA

କାବ୍ୟ ସଂଯୋଗରେ ଧ୍ୱନିର ଆହୁରି ଗୋଟିଏ ନିଗୂଢ଼ ଏବଂ ସୂକ୍ଷ୍ମ ଅଂଶ ରହିଛି। ସେଇ ଅଂଶର ବାହକ ହେଉଛି ଛନ୍ଦ। ଛନ୍ଦର ସତ୍ତା ଅବଶ୍ୟ ଧ୍ୱନି ସହିତ ଏକ ନୁହେଁ। ସମସ୍ତ ଶିଳ୍ପରୂପର ହିଁ ପ୍ରାଣ ହେଉଛି ଛନ୍ଦ; ତେବେ ବିଭିନ୍ନ ଶିଳ୍ପରୂପରେ ତାହା ବିଭିନ୍ନ ଭାବରେ ପ୍ରକାଶ ପାଇଥାଏ। ରୂପର ପରିମିତି ସହିତ ପ୍ରାଣର ଅନିର୍ଦ୍ଦେଶ୍ୟତାର ସଙ୍ଗମ ଫଳରେ ଛନ୍ଦର ହୁଏ ଜନ୍ମ। ଯେଉଁଠି ବିଶୁଦ୍ଧ ନିୟମାନୁଗତ୍ୟ ପ୍ରାଣର ଟୋଟି ଚିପି ଧରେ ସେଠାରେ ରୂପ ମଧ୍ୟରେ ପ୍ରାଣର ସଂଚାର ଘଟେନା। ପୁଣି ଯେଉଁଠି ପ୍ରାଣର ଗତି ସୌଷମ୍ୟର ନିର୍ଦ୍ଦେଶକୁ ପୂରାପୂରି ଅସ୍ୱୀକାର କରେ, ସେଠାରେ ଛନ୍ଦ ଗଢ଼ି ଉଠିବାର ଅବକାଶ ପାଇ ନଥାଏ। ଛନ୍ଦ ଯେ ଆମମାନଙ୍କର ଅସ୍ତିତ୍ୱରେ ପୁଲକ ସଂଚାର କରେ, ତା'ର କାରଣ ଛନ୍ଦ ମଧ୍ୟରେ ପ୍ରାଣର ସ୍ୱାଦ ନିହିତ। ଅପର ପକ୍ଷରେ ଛନ୍ଦ ଆମମାନଙ୍କର ଅନୁଭୂତି ଶକ୍ତିକୁ ମାର୍ଜିତ ଓ ସୂକ୍ଷ୍ମତର କରି ଯେ ତୋଳିଥାଏ, ତା'ର କାରଣ ଛନ୍ଦର ସୁମିତି ହେଉଛି ନିୟମନିର୍ଭର। ପରିମିତି ପ୍ରାଣକୁ ଯଦି ଦିଏ ରୂପ, ତେବେ ପ୍ରାଣ ପରିମିତିକୁ ଦିଏ ବ୍ୟଞ୍ଜନା। ଛନ୍ଦ ମଧ୍ୟରେ ପ୍ରାଣ ଓ ପରିମିତିର ବିରୋଧ ଦାମ୍ପତ୍ୟରେ ହୁଏ ରୂପାନ୍ତରିତ। ଯେଉଁ ଶିଳ୍ପକର୍ମରେ ଏ ରୂପାନ୍ତର ଘଟି ନଥାଏ, ତା'ର ଦଶା ସେଇ ପରିବାର ଭଳି ଯେଉଁଠି ସ୍ୱାମୀ ସ୍ତ୍ରୀ ମଧ୍ୟରେ କେବଳ ସାମାଜିକ ସଂପର୍କ ସ୍ଥାପିତ ହୋଇଛି, କିନ୍ତୁ ଦେହ—ମନର ମିଳନ ଘଟିନାହିଁ। ମୋର ବିଶ୍ୱାସ, ଚର୍ଯ୍ୟାଗୀତିଗୁଡ଼ିକ କେବଳ ସାଧନତତ୍ତ୍ୱ ବା କବିତ୍ୱ ଦୃଷ୍ଟିରୁ ନୁହେଁ, ଛନ୍ଦ, ଧ୍ୱନି ଓ ବ୍ୟଞ୍ଜନା ଏବଂ ସାଙ୍ଗୀତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମଧ୍ୟ ଐଶ୍ୱର୍ଯ୍ୟମଣ୍ଡିତ ଓ ଉପଭୋଗ୍ୟ।

(ଆକାଶବାଣୀ, କଟକ କେନ୍ଦ୍ରରୁ ପ୍ରଚାରିତ ଆଲୋଚନାର ପୂର୍ଣ୍ଣାଙ୍ଗ ରୂପ)

■ ■

ସହାୟକ ଗ୍ରନ୍ଥ :

୧। 'ଚର୍ଯ୍ୟାଗୀତିକା' – ଡକ୍ଟର ଖଗେଶ୍ୱର ମହାପାତ୍ର
୨। 'ମାନବ ଧର୍ମ ଓ ବାଂଲା କାବ୍ୟେ ମଧ୍ୟଯୁଗ'– ଡକ୍ଟର ଅରବିନ୍ଦ ପୋଦ୍ଦାର
୩। 'ନାଥପନ୍ଥ'– ଡକ୍ଟର ଶ୍ରୀମତୀ କଲ୍ୟାଣୀ ମଲ୍ଲିକ
୪। 'କୀର୍ତ୍ତନ' – ଶ୍ରୀ ଖଗେନ୍ଦ୍ରନାଥ ମିତ୍ର
୫। 'ସାହିତ୍ୟଚିନ୍ତା'– ଶିବନାରାୟଣ ରାୟ
୬। 'ସୌନ୍ଦର୍ଯ୍ୟ ଦର୍ଶନ' – ଶ୍ରୀ ପ୍ରବାସ ଜୀବନ ଚୌଧୁରୀ

Digitized by PPRACHIN, SOA

'ବର୍ଷା ସକାଳ' ଓ କବି ସୀତାକାନ୍ତ

'ତୁ କି ଜାଣୁ ଗଛ ଯାହା
ମଣିଷ ଜୀବନ ତାହା
ପତ୍ର ଫୁଲ ଫଳ ନୁହେଁ,
ଗଛ ପରି ମଣିଷର ସୁଗଭୀର ପରିଚୟ
ଅନ୍ଧାରି ମାଟିରେ ସ୍ୱପ୍ନ ଓ ଉଷ୍ଣତା
ଖୋଜୁଥିବା କୁନି କୁନି ଚେର'। (ଚେର)

କିମ୍ବା

'ମୁଁ ନ ଥାଏ
ସମ୍ଭୋଗରେ, ସ୍ୱର୍ଗରେ, ପ୍ରାପ୍ତିରେ
ପରିପୂର୍ଣ୍ଣତାର ଉନ୍ମାଦନାରେ,
ମୁଁ ଜିଇ ରହେ
ଶୂନ୍ୟ ପ୍ରତୀକ୍ଷାରେ,/କାମନାର ନର୍କରେ, ଅତୃପ୍ତ ତୃଷ୍ଣାରେ।'

(ମୁଁ ନଥାଏ)

ଉଲ୍ଲିଖିତ କବିତା ପଙ୍କ୍ତିଗୁଡ଼ିକ ଆମେ ଯେତେବେଳେ ଅଧ୍ୟୟନ କରୁ ସେତେବେଳେ ଆମର ମନେହୁଏ ଯେ କବିତା କେବଳ ଅଧିକୃତ ହେବାର ବିଷୟବସ୍ତୁ ନୁହେଁ, ତାହାର ଦାବୀ ହେଉଛି ଆବିଷ୍କୃତ ହେବାର ଏବଂ ମହତ୍ କବିତା ଚିରକାଳ ହେଉଛି ସନ୍ଧାନଧର୍ମୀ ଓ ଆବିଷ୍କାରପ୍ରବଣ। ବିଶ୍ୱର ଆପାତବିଦୃଶ ବସ୍ତୁରାଶି – ଆମମାନଙ୍କ ବ୍ୟାବହାରିକ ଜୀବନରେ ଯେଉଁଗୁଡ଼ିକ ପରସ୍ପରର ସୁଦୂର ଓ ଅପରିଚିତ ବୋଲି ମନେହୁଅନ୍ତି – ସେଗୁଡ଼ିକ ମଧ୍ୟରେ କବି ସ୍ଥାପନ କରେ ଏକ ଇଙ୍ଗିତମୟ ଓ ଇନ୍ଦ୍ରିୟଗ୍ରାହ୍ୟ ସମ୍ବନ୍ଧ। କବି ତେଣୁ ସେଇ କ୍ଷେତ୍ରରେ ହିଁ ମହାନ୍ ଯେଉଁଠି ସେ ହେଉଛି ଆବିଷ୍କାରକ, ଅନୁସନ୍ଧାନୀ ଓ ସେତୁନିର୍ମାତା; ଆମର ମାନସ୍ୱଜଗତରେ ସେ ନୂଆ ନୂଆ ରାଜ୍ୟ ଯୋଜନା କରିଥାନ୍ତି। ଦୂର ଓ ନିକଟ, ଦୃଶ୍ୟ ଓ ଅଦୃଶ୍ୟ, ଅତୀତ ଓ ବର୍ତ୍ତମାନ – ଏଇ ସମସ୍ତ ପ୍ରଥାସିଦ୍ଧ ଭେଦ କବିତାର କାଉଁରୀ ସ୍ପର୍ଶରେ ହୋଇଥାଏ ବିଦୂରିତ। ସ୍ରଷ୍ଟା ବା ଶିଳ୍ପୀର ତେଣୁ ପ୍ରଥମ କର୍ତ୍ତବ୍ୟ ହେଉଛି ନିଜକୁ ଆବିଷ୍କାର କରିବା ଏବଂ ସେଥିପାଇଁ ନିଜ ମନର ଅତଳ ଗଭୀର ମଧ୍ୟରେ ତାକୁ ଅବତରଣ କରିବାକୁ ପଡ଼ିଥାଏ। ତାକୁ ପହଞ୍ଚିବାକୁ ପଡ଼ିଥାଏ ମାଟି ଖୋଳି ଖୋଳି ସେଇ ଗହନ ପ୍ରଦେଶରେ, ଯେଉଁଠି କାଦୁଅ ପଥର ଆବର୍ଜନାର ସ୍ତୂପର ଫାଙ୍କେ–ଫାଙ୍କେ

Digitized by PPRACHIN, SOA

ସ୍ତରେ–ସ୍ତରେ, ସଞ୍ଚିତ ରହିଛି ତା'ର ସାର୍ଥକ ଅଭିଜ୍ଞତା, ଯେପରିକି ମୂଲ୍ୟବାନ ଧାତୁର ତାହା ହେଉଛି ଆଦିମ ରୂପ, ତମିସ୍ରା ମଧ୍ୟରେ ପ୍ରଚ୍ଛନ୍ନ ହୋଇ ପଡ଼ିରହିଛି ହାତର ସ୍ପର୍ଶ ଓ ହାତୁଡ଼ିର ଆଘାତରେ ରୂପାନ୍ତରିତ ହେବାର ପ୍ରତୀକ୍ଷା ଘେନି। ଏଇ ଆତ୍ମ–ଆବିଷ୍କାର, ଆତ୍ମପ୍ରକାଶର ସୁଦୀର୍ଘ ପ୍ରକ୍ରିୟାଟି ଯେପର୍ଯ୍ୟନ୍ତ ଚାଲିଥାଏ– ଶିଳ୍ପୀ ପକ୍ଷରେ ଯାହା ଆଜୀବନ ଚାଲିବା ବାଞ୍ଛନୀୟ– ସେପର୍ଯ୍ୟନ୍ତ ଶିଳ୍ପୀର ସ୍ୱାଧୀନ ସତ୍ତା ଓ କାରିଗରୀ ନିପୁଣତା ଥାଏ ଅତୁଟ ଓ ଅକ୍ଷୁଣ୍ଣ। କବି ସୀତାକାନ୍ତଙ୍କର 'ବର୍ଷା ସକାଳ'ର କବିତାବଳୀ ଆମେ ଯେତେବେଳେ ଅଧ୍ୟୟନ କରୁ, ସୃଷ୍ଟିପ୍ରକ୍ରିୟାର ଏଇ ଗୋପନ ରହସ୍ୟଟି ଆମେ ସେତେବେଳେ ମର୍ମେ ମର୍ମେ ଅନୁଭବ କରୁ। 'ବର୍ଷା ସକାଳ' ହେଉଛି କବିଙ୍କର ସଦ୍ୟତମ କବିତା–ସଂକଳନ। 'ଦୀପ୍ତି ଓ ଦ୍ୟୁତି'ରୁ କବିଜୀବନର ଯେଉଁ ଯାତ୍ରାରମ୍ଭ ହୋଇଥିଲା ଏବଂ 'ଫେରି ଆସିବାର ବେଳ' ପର୍ଯ୍ୟନ୍ତ ସୁଦୀର୍ଘ ଯାତ୍ରାପଥରେ କାବ୍ୟମାନସର ଯେଉଁ କ୍ରମବିକାଶ ଓ ଉତ୍ତରଣ ଆମେ ଲକ୍ଷ୍ୟ କରିଥିଲୁ, ତାଆରି ଉଜ୍ଜ୍ୱଳ ସିଦ୍ଧିର ସ୍ୱାକ୍ଷର 'ବର୍ଷା ସକାଳ'ର କବିତାବଳୀରେ ବର୍ତ୍ତମାନ। ଏଇ ସଂକଳନର କବିତାଗୁଡ଼ିକୁ ତାଙ୍କ ପରିପକ୍ୱ କାବ୍ୟମାନସର ଫସଲ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ବସ୍ତୁତଃ 'ବର୍ଷା ସକାଳ'ରେ ଆମେ କବିଙ୍କୁ ଭେଟୁ ଜଣେ ଆବିଷ୍କାରକ, ଅନୁସନ୍ଧାନୀ ଓ ସେତୁନିର୍ମାତା ସ୍ରଷ୍ଟା ଭାବରେ। ଏଠାରେ ଜ୍ଞାନ ନୁହେଁ, ପ୍ରଜ୍ଞା ହିଁ ହେଉଛି ତାଙ୍କ କବିତ୍ୱର ମୂଳ ଉତ୍ସ ବା ଚେର। ବହୁ ଜ୍ଞାନର ଅଧିକାରୀ ହେବା କବି ପକ୍ଷରେ ଖୁବ୍ ବଡ଼ କଥା ନୁହେଁ; ଯଥାଯଥ ଇନ୍ଦ୍ରିୟାନୁଭବ, ସମ୍ବେଦନଶୀଳତା, ଗଭୀର ଜୀବନୋପଲବ୍ଧି, କାବ୍ୟିକ ପ୍ରକୃତି ଓ ସୁଗଭୀର ଭାଷାଜ୍ଞାନ ହିଁ ହେଉଛି କବିତ୍ୱର ମୂଳକଥା। 'ବର୍ଷା ସକାଳ'ର କବିତାଗୁଡ଼ିକରେ ଏହି ମନ୍ତବ୍ୟର ସାର୍ଥକ ଅଭିବ୍ୟକ୍ତି ଓ ପରିଚୟ ବିଦ୍ୟମାନ।

ଏଇ ପ୍ରବନ୍ଧର ସୀମିତ ଓ କ୍ଷୁଦ୍ର କଳେବର ମଧ୍ୟରେ ସଂକଳନଟିର ସମସ୍ତ କବିତାର ଆଲୋଚନା ଆଦୌ ସହଜ ବା ସମ୍ଭବପର ନୁହେଁ। ତଥାପି ଅଳ୍ପ କେତୋଟି କବିତାକୁ ଆଧାର କରି ସୀତାକାନ୍ତଙ୍କ କାବ୍ୟମାନସର ବିଭିନ୍ନ ବିଭାବ ଓ ବିଭବକୁ ସାମଗ୍ରିକ ଭାବରେ ଉପଲବ୍ଧ କରିବାକୁ ଆମେ ଚେଷ୍ଟା କରିବା। କାବ୍ୟଗ୍ରନ୍ଥର ପ୍ରଥମ କବିତା ହେଉଛି 'ଆକାଶ' ଏବଂ ଏଥିରେ କାବ୍ୟପୁରୁଷର ଅନୁଭୂତି ଓ ଅଭିଜ୍ଞତା ସାର୍ଥକ ରୂପକଳ୍ପ ମାଧ୍ୟମରେ ଯେପରି ରସରମ୍ୟତା ଅର୍ଜନ କରିଛି, ତା'ର ପଟାନ୍ତର ଓଡ଼ିଆ କାବ୍ୟ କ୍ଷେତ୍ରରେ ଦୁର୍ଲଭ। କବି ମଧୁସୂଦନ ରାଓଙ୍କ 'ଆକାଶ ପ୍ରତି' କବିତା ଆମେ ପଢ଼ିଥିଲୁ ଏବଂ ସେଥିରେ 'ସକଳ ସୃଷ୍ଟି ପ୍ରକ୍ରିୟାର ସାକ୍ଷୀ' ଓ 'ସୌନ୍ଦର୍ଯ୍ୟଲୀଳାର ଉତ୍ସଙ୍ଗ' ଆକାଶର ଉଦାର ଓ ଗମ୍ଭୀର ରୂପ ଆମେ ଲକ୍ଷ୍ୟ କରିଥିଲୁ। କିନ୍ତୁ କବିତାଟି ମୁଖ୍ୟତଃ ବର୍ଣ୍ଣନାଧର୍ମୀ ଏବଂ ଆକାଶର ପ୍ରଶସ୍ତି ଓ ମହିମା କୀର୍ତ୍ତନରେ ପରିପୂର୍ଣ୍ଣ। ସେଥିରେ ଆମେ ପାଉନା ଆତ୍ମାବିଷ୍କାରର ଆନନ୍ଦ କିମ୍ବା ଜୀବନ– ମୃତ୍ୟୁର ରହସ୍ୟୋପଲବ୍ଧିଜନିତ ଅନୁଭୂତି ବା ଅଭିଜ୍ଞତାର ଆସ୍ୱାଦ। ସୀତାକାନ୍ତଙ୍କ 'ଆକାଶ' ପଢ଼ିବା ସମୟରେ ଠିକ୍ ସମଧର୍ମୀ ନ ହେଲେ ବି ଆଉ ଏକ

Digitized by PPRACHIN, SOA

ଏକ ସମାନ୍ତର କବିତା ଆମ ସ୍ମୃତିପଥକୁ ଆସିଥାଏ ଏବଂ ସେଇଟି ହେଉଛି କବି ଶେଲୀଙ୍କର 'ମେଘ' ବା 'Cloud' କବିତା। ସେଥିରେ ମେଘ କହୁଛି, ' I am the daughter of Earth and Water,/And the nursling of the sky; / I pass through the Pores of ocean and shores; / I change but I cannot die./ Like a child form the womb, like a ghost from the tomb,/ I arise and unbuild it again.'' ଏଥିରେ ଧ୍ୱଂସ ଏବଂ ସୃଷ୍ଟିର ଅବାରିତ ଗମନାଗମନର ଚିତ୍ର ଅବଶ୍ୟ ଅଙ୍କିତ। କବି ରବୀନ୍ଦ୍ରନାଥ ମଧ୍ୟ ଆକାଶ ମଧରେ ନିଜ କାବ୍ୟିକ ଉପଲବ୍ଧିର ଚିତ୍ର ପ୍ରଦାନ କରିବାକୁ ଯାଇ କହିଛନ୍ତି।

''ବିରାଟ ସୃଷ୍ଟିର କ୍ଷେତ୍ରେ
ଆତସବାଜୀର ଖେଲା ଆକାଶେ ଆକାଶେ
ସୂର୍ଯ ତାରା ଲୟେ
ଯୁଗ ଯୁଗାନ୍ତରେର ପରିମାପେ।
ଅନାଦି ଅଦୃଶ୍ୟ ହତେ ଆମିଓ ଏସେଛି
କ୍ଷୁଦ୍ର ଅଗ୍ନିକଣା ନିୟେ
କତ ପ୍ରାନ୍ତେ କ୍ଷୁଦ୍ର ଦେଶେ କାଲେ...
ଦେଖିଲାମ ଚାହି,
ଶତ ଶତ ନିର୍ବାପିତ ନକ୍ଷତ୍ରେର
ନେପଥ୍ୟ ପ୍ରାଙ୍ଗଣେ,
ନଟରାଜ ନିସ୍ତବ୍ଧ ଏକାକୀ।''

(ଆରୋଗ୍ୟ, ଉଦୟନ, ଫେବୃଆରୀ ୧୯୪୧)

କିନ୍ତୁ 'ଆକାଶ' କବିତାରେ କବି ବୁଦ୍ଧିର ସାମଗ୍ରୀକୁ ବୋଧିର ସ୍ତରକୁ ଯେପରି ଉନ୍ନୀତ କରିଛନ୍ତି, ଦାର୍ଶନିକ ତତ୍ତ୍ୱର ଶୁଷ୍କତାକୁ ଜୀବନ ଓ ଜଗତର ଉପଲବ୍ଧିରେ ଯେପରି ଉତ୍ତୀର୍ଣ୍ଣ ଓ ରୂପାନ୍ତରିତ କରିଛନ୍ତି ଏବଂ ସର୍ବୋପରି କବିର ବ୍ୟକ୍ତିସତ୍ତା ଓ ବ୍ୟକ୍ତିମାନସ କବିତାଟିରେ ଯେପରି ଅନୁପ୍ରବିଷ୍ଟ, ତାହା ଅନ୍ୟ କବିତାଗୁଡ଼ିକ ସହିତ ପ୍ରକୃତରେ ତୁଳନାହୀନ। ସୀତାକାନ୍ତଙ୍କ 'ଆକାଶ' କେତେବେଳେ 'କ୍ଲାନ୍ତ ବାଟୋଇ' ତ କେତେବେଳେ 'ଉଚ୍ଛନ୍ନ ପ୍ରେମିକ'। ପୁଣି କବିଦୃଷ୍ଟିରେ ''ଗହୀରି ବିଲର ଏକେଲା ତାଳଗଛଟିକୁ / କି ସୁନ୍ଦର ଶୂନ୍ୟତା ପ୍ରେମ୍‌ରେ ଯିଏ ବାନ୍ଧିରଖେ / ମା' ଯଶୋମାତା ହୋଇ / ଶିଶୁ କୃଷ୍ଣଟିକୁ / ଜାକିଧରେ ଆପଣା କୋଳରେ / ସେଇ ଅପାସୋରା ସ୍ନେହମୟ / ବିଭୂତିର ନାଁ ଆକାଶ।'' ଏଇ ଆକାଶ ସୃଜନ ଓ ସୌନ୍ଦର୍ଯ୍ୟଲୀଳାର ସୂତିକାଗାର। ସେ 'ହସାଏ, ରସାଏ, ନଚାଏ / ରଙ୍ଗବେରଙ୍ଗ ବଉଦକୁ'– 'ନଚାଏ ମୟୂରକୁ, କନ୍ଦାଏ ପ୍ରେମିକକୁ' – 'ସିନ୍ଦୂରଟୋପା ପରି ଥାପିଦିଏ / ସକଳ ସୃଷ୍ଟିର

Digitized by PPRACHIN, SOA

ଜନକ ସୂର୍ଯ୍ୟଦେବଙ୍କୁ' ଏବଂ 'ବ୍ରତଚାରୀ କପାଳରେ ଚନ୍ଦନବିନ୍ଦୁ ପରି ପୂନେଇଁ ଜହ୍ନକୁ'। କବି ଦୃଷ୍ଟିରେ ସେ ଯେପରି ଏକ 'ଅଖଳା ଯାଦୁକର'। ପୁଣି ସସୀମ ଓ ଅସୀମ, ମୂର୍ତ୍ତ ଓ ବିମୂର୍ତ୍ତ, ପୂର୍ଣ୍ଣ ଓ ଅପୂର୍ଣ୍ଣ, ଜୀବନ ଓ ମୃତ୍ୟୁର ନିବିଡ଼ ରହସ୍ୟକୁ ବୈଦାନ୍ତିକ ପରିଭାଷାରେ ଘଟାକାଶ ଓ ମହାକାଶ ବା ପୂର୍ଣ୍ଣାକାଶର ଉପମା ମଧ୍ୟରେ ଯେପରି ତୁଳନା କରାଯାଇଛି ଏବଂ ଋଷିକବିଙ୍କ କଣ୍ଠରେ ଯେପରି ସୃଷ୍ଟିର ବୀଜମନ୍ତ୍ର ଉଚ୍ଚାରିତ ହୋଇଛି " ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ / ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ।" – ତାହାକୁ ନିଜ କାବ୍ୟିକ ଉପଲବ୍ଧିରେ ଆତ୍ମୀକୃତ କରି କବି କହିଛନ୍ତି, ଆକାଶ 'ସ୍ଫୁରି ଥାଏ / ଶତେକ ଜଳଘଟରେ ଗୋଷ୍ପଦ ସଲିଳରେ / ନିର୍ଜନ ସିନ୍ଧୁରେ, ଛଳଛଳ ଶିଶିରବିନ୍ଦୁରେ / ଅଥଚ କେବେ ନଥିଲା – କୋଉଠି ନଥାଏ / ସେଇ ଅନ୍ତିମ ଅନୁପସ୍ଥିତିର ନାଁ ତ ଆକାଶ'। କିନ୍ତୁ କବିତାଟିକୁ ନିଟୋଳ, ରସଘନ ଓ ବିଶ୍ୱତୋମୁଖୀ କରିଛି ସେଇ କେତୋଟି କାବ୍ୟ – ପଙ୍‌କ୍ତି ଯେଉଁଥିରେ କବିଙ୍କର ବ୍ୟକ୍ତିସତ୍ତା ଓ ବ୍ୟକ୍ତିମାନସ ଅନୁପ୍ରବିଷ୍ଟ। କବି ଆକାଶକୁ ଅବଶେଷରେ କହୁଛନ୍ତି,

"କାର୍ଯ୍ୟ ଆଉ କାରଣର, ଜନମ ଓ ମରଣର କ୍ରୀତଦାସ
ପ୍ରତ୍ୟେକ ପଦପାତରେ ହସକାନ୍ଦ, ହାନିଲାଭ କର୍ମବଶ
ମୁଁ ଅନାଏ ଶୂନ୍ୟତାକୁ ଓ ପଚାରେ
ଆତ୍ମାରାମ, ଶୂନ୍ୟମୟ ଆହେ ନିରଞ୍ଜନ
ମୁଁ କି କେବେ ହେବିନି ଆକାଶ ?"

ଏହି ପଙ୍‌କ୍ତିଗୁଡ଼ିକରେ ମୃତ୍ୟୁଚେତନାର ବିଶ୍ୱରୂପତା ହୁଏତ ଅନ୍ତର୍ଭୁକ୍ତ କିନ୍ତୁ ପାଠକ ପ୍ରାଣରେ ଅନୁଭବ କରେ ଯେ କବି ନିଜର ବ୍ୟକ୍ତିସତ୍ତାକୁ ବିଶ୍ୱଜୀବନର ସତ୍ତା ସହିତ ସମ୍ମିଳିତ ହେବାକୁ କେବଳ ଚାହୁଁନାହାନ୍ତି, ସେ ଆଶାୟୀ ଓ ଅପେକ୍ଷମାଣ ସେଇ ଅମୃତ ଲଗ୍ନର ଯେତେବେଳେ କି ତାଙ୍କ କାବ୍ୟକୃତିର ସୌରଭ ସମଗ୍ର ବିଶ୍ୱରେ ହେବ ପରିବ୍ୟାପ୍ତ। ପଙ୍‌କ୍ତିଗୁଡ଼ିକ ପଢ଼ିବା ସମୟରେ ଚୀନ୍ ଦେଶର ସୁପ୍ରାଚୀନ ଦାର୍ଶନିକ ଚୁୟାଂଡ୍‌ସେଙ୍କର ଅନ୍ତିମ ଜୀବନର କେଇପଦ କଥା ସ୍ୱତଃ ସ୍ମୃତିପଥକୁ ଆସିଥାଏ। ଶିଷ୍ୟମାନେ ଆଡ଼ମ୍ବର ସହକାରେ ଗୁରୁଙ୍କ ସତ୍‌କାରର ଆୟୋଜନ କରୁଥିବାର ଲକ୍ଷ୍ୟକରି ସେ କହିଥିଲେ, 'ଆକାଶ ଓ ପୃଥିବୀ ମୋର ଶବାଧାର। ସୂର୍ଯ୍ୟ ଚନ୍ଦ୍ର ନକ୍ଷତ୍ରବୃନ୍ଦ ମୋର ଶବଶଯ୍ୟାର ସଜ୍ଜା। ଜଗତର ସକଳ ଜୀବ ମୋର ଶବଯାତ୍ରାର ସଙ୍ଗୀ। ଏଇଥିରେ ହିଁ ମୋର ମୃତ୍ୟୁର ଉତ୍ସବ କଅଣ ସମ୍ପନ୍ନ ହେବ ନାହିଁ ?" ଏଇ ଧରଣର ଏକ ଆତ୍ମିକ ଅଭିଳାଷ ସୀତାକାନ୍ତଙ୍କ 'ଆକାଶ' ମଧ୍ୟରେ ନିହିତ।

ମୃତ୍ୟୁଚେତନାର ଝଲକ 'ବର୍ଷା ସକାଳ'ର ବହୁ କବିତାରେ ବିଦ୍ୟମାନ। 'ମୃତ୍ୟୁ', 'ଗୋଟିଏ କିଶୋରର ମୃତ୍ୟୁରେ', 'ଜହ୍ନ ଆଲୁଅରେ ଗାଁ ଶ୍ମଶାନ', 'କୁଆଡ଼େ ଗଲେ ସେମାନେ ?', 'ଯା ଦେବୀ' ଓ 'ନାରୀ' ପ୍ରଭୃତି କବିତାରେ କବିଙ୍କ ମୃତ୍ୟୁଚେତନାର

Digitized by PPRACHIN, SOA

ସ୍ୱରୂପ ସହିତ ଆମର ପରିଚୟ ଘଟିଥାଏ। ମୃତ୍ୟୁ ଆମର ଆଜନ୍ମ ସାଥୀ ଓ ସହଚର। କିନ୍ତୁ ତା'ର ଉପସ୍ଥିତି ଓ ସହଯାତ୍ରିତ୍ୱ ସମ୍ପର୍କରେ ଆମେ ପ୍ରାୟ ଉଦାସୀନ ବା ଅଚେତନ କହିଲେ ଚଳେ। କବି ରାଧାନାଥଙ୍କ ଭାଷାରେ, "ଲଗାଇଛି ପାଶ ସେହୁ ସମସ୍ତଙ୍କ ଗଳେ ++/ ସେ ଗୁପତ ପାଶୁଁ କେହି ନୁହନ୍ତି ମୁକତ,/ ଜନ୍ମିବା ଆଗରୁ ସେଇ ପାଶ ପିନ୍ଧି ଗଳେ/ ଭୂମିଷ୍ଠ ହୁଅଇ ଜୀବ ଜନନୀ ଜଠରୁ।" ମାତ୍ର ସୀତାକାନ୍ତଙ୍କ ଦୃଷ୍ଟିରେ ମୃତ୍ୟୁ ହେଉଛି ଜୀବନର ପରିପୂର୍ଣ୍ଣତା, ବିଶ୍ୱରୂପତାର ପରିପ୍ରକାଶ। ତେଣୁ କବି ମୃତ୍ୟୁକୁ ବନ୍ଧୁ ଓ ସଖା ଭାବରେ ଗ୍ରହଣ କରିଛନ୍ତି ଏବଂ ତା'ର ସ୍ୱାଗତିକା ରଚନା କରି କହିଛନ୍ତି, "ଆସୁଛ ତ ଆସ/ ପରଲଘେରା ଆଖିରୁ ଲୁହଧାର ପୋଛିଦିଅ/ ପୋଛିଦିଅ ଧୂଳି ଓ ଅଙ୍ଗାର ଯେତେ ମୋ ଆତ୍ମାରୁ/ ତୁମେ କି ଜାଣନି ବନ୍ଧୁ ମୁଁ ତୁମରି ଅପେକ୍ଷାରେ / ଆଖି ଫିଟିବା ଦିନରୁ?/ ଧୀର ପାଦ ଚାଲିଆସ, ପାଖେ ଟିକେ ବସ।" (ମୃତ୍ୟୁ) କବି ଦୃଷ୍ଟିରେ ମୃତ୍ୟୁ ମଧ୍ୟ ଏକ ମହାନ୍ କବି, ବିଚ୍ଛେଦ ତା'ର ସ୍ୱରୂପ ହେଲେ ହେଁ ଶିବ ଓ ସୁନ୍ଦର ତା'ର ସ୍ୱଧର୍ମ। ଭାରତୀୟ ସଂସ୍କୃତି ଓ ଦର୍ଶନ ଚିରକାଳ ଆମକୁ ଶୁଣାଇ ଆସିଛନ୍ତି ଆତ୍ମା ହେଉଛି ଅବିନାଶୀ, ନିତ୍ୟ, ଅଜ ଓ ଅବ୍ୟୟ। କଠୋପନିଷଦର କବି ଆମକୁ କହିଛନ୍ତି, 'ନ ଜାୟତେ ମ୍ରିୟତେ ବା ବିପଶ୍ଚିନ୍ନାୟଂ କୁତଶ୍ଚିନ୍ନ ବଭୂବ କଶ୍ଚିତ୍/ ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ।" ଏଇ ଦାର୍ଶନିକ ସତ୍ୟକୁ ସାମାନ୍ୟ ଏପଟ ସେପଟ କରି ଗୀତାରେ କୁହାଯାଇଛି, 'ନ ଜାୟତେ ମ୍ରିୟତେ ବା କଦାଚିତ୍/ ନାୟଂ ଭୂତ୍ୱାଽଭବିତା ବା ନ ଭୂୟଃ।/ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ/ ନ ହନ୍ୟତେ ହନ୍ୟମାନେ ଶରୀରେ।" ଭାରତୀୟ ସଂସ୍କୃତି ଓ ଦର୍ଶନ ପ୍ରତି ବିଶ୍ୱସ୍ତ ସୀତାକାନ୍ତଙ୍କ କାବ୍ୟମାନସ ଏହି ସତ୍ୟକୁ ସ୍ୱକୀୟ ଉପଲବ୍ଧିରେ ଅଙ୍ଗୀଭୂତ କରି ବିଭିନ୍ନ କବିତାରେ ରୂପଦାନ କରିଥିବା ଭଳି ଆମେ ଅନୁଭବ କରୁ। 'ଯା ଦେବୀ' କବିତାରେ କବିପ୍ରାଣର ପ୍ରାର୍ଥନା ଆମେ ତେଣୁ ଶୁଣୁ,

"ତମେ ଆସ, ଆଗୋ ଦେବୀ
ନୀଳ ଆଖି, ନୀଳ ଭୂରୁ, ନୀଳ ନାଭି, ନୀଳ ସ୍ତନ
ନୀଳ ଯୋନି, ସୁନୀଳ ଜଘନ
ତମେ ଆସ ଆଗୋ ତୃଷ୍ଣା, ଆଗୋ ରାତ୍ରି
ଆଗୋ ଭ୍ରାନ୍ତି, ଆଗୋ ମୁକ୍ତି
ମୋତେ ମିଳୁ ନୀଳ—ସ୍ୱପ୍ନ, ନୀଳ—ମୃତ୍ୟୁ
ନୀଳ—ନିର୍ବାପନ।"

କବି ମୃତ୍ୟୁ—ସଚେତନ ଓ ମୃତ୍ୟୁର ରୂପକାର ହେଲେ ମଧ୍ୟ ଏଇ ପୃଥିବୀ ପ୍ରତି ତାଙ୍କର ମାୟା ଓ ମମତା ଅତି ନିବିଡ଼ ଓ ଅନ୍ତରଙ୍ଗ। କାରଣ ନିର୍ବାଣ ମଧ୍ୟରେ ସୃଷ୍ଟିର ଅନ୍ତ ଯେ ସନ୍ଧାନ କରେ ସେ ଯୋଗୀ ହୁଏ ତ ହୋଇପାରେ, କିନ୍ତୁ ସେ କବି ବା ଶିଳ୍ପୀ ନୁହେଁ। ବରଂ ଅନ୍ତହୀନ ସୃଷ୍ଟିର ପ୍ରଦୀପ୍ତ ଶିଖା ଯାହା

Digitized by PPRACHIN, SOA

ପ୍ରାଣରେ ଅନିର୍ବାଣ ପ୍ରଜ୍ୱଳିତ, ସେଇ ହେଉଛି କବି ଓ ଶିଳ୍ପୀ। ' Enternity is here and now' – ଏଇଠି ଏଇ ବର୍ତ୍ତମାନର ମୂହୂର୍ତ୍ତରେ ହିଁ ମହାକାଳର ରୂପ ଓ ସତ୍ତା ବିଦ୍ୟମାନ। ଶିଳ୍ପୀ ନିକଟରେ ଏହାହିଁ ହେଉଛି ଜୀବନର ସତ୍ୟ ଓ ସୃଷ୍ଟିର ବୀଜମନ୍ତ୍ର। ତେଣୁ ପୃଥିବୀର ମାଟି, ପାଣି, ପଥରଠୁଁ ଆରମ୍ଭ କରି ଫୁଲ, ଫଳ, ବୃକ୍ଷଲତା, ପଶୁପକ୍ଷୀ, ସରୀସୃପ, କୀଟପତଙ୍ଗ, ଦୂବ ଦାରୁ ଓ ଗ୍ରହତାରା ପର୍ଯ୍ୟନ୍ତ ସବୁ ତା' ନିକଟରେ ଆତ୍ମୀୟ ଓ ଆଦରଣୀୟ ଏବଂ ସବୁକିଛି ତା'ର ସୃଷ୍ଟିମାନସର ଅମୂଲ୍ୟ ସମ୍ପଦ। ଏଇ ବିଶ୍ୱଗ୍ରନ୍ଥର ଅସଂଖ୍ୟ ପୃଷ୍ଠାରୁ ସେ ଖୋଜିନିଏ ତା' ସୃଷ୍ଟିର ଉପାଦାନ– ଖୋଜିପାଏ କବିତାର ଭାଷା ଓ ଅକ୍ଷର। ଏଇ ବିରାଟ ବିଶ୍ୱ ତା' ନିକଟରେ ପ୍ରତୀକର ଏକ ଅକ୍ଷୟ ଭଣ୍ଡାର। ଅଧ୍ୟାପକ ଉମ୍ବର୍ତୋ ଏକୋ ତାଙ୍କର ଏକ ବିଶ୍ୱ– ଆଲୋଡ଼ନକାରୀ ଉପନ୍ୟାସ 'The Name of the Rose' (ଗୋଲାପର ନାମ) ରେ ଉଇଲିୟାମ ଚରିତ୍ର ମୁହଁରେ ଯାହା କହିଛନ୍ତି, ତାହା ପ୍ରସଙ୍ଗତଃ ଏଠାରେ ସ୍ମରଣୀୟ। ଉଇଲିୟାମ ତା'ର ନବୀନ ଶିକ୍ଷାର୍ଥୀ ଓ ସହଚର ଆଡ୍‌ସୋଙ୍କୁ କହୁଛନ୍ତି, ''ଏଇ ଜଗତ ଗୋଟିଏ ମହାନ୍ ଗ୍ରନ୍ଥ ସଦୃଶ। ଈଶ୍ୱର ତା' ମଧରେ ଅଜସ୍ର ସାକ୍ଷ୍ୟ ବା ପ୍ରମାଣଚିହ୍ନ ସଜାଇ ରଖି ଆମମାନଙ୍କ ସହିତ କଥାବାର୍ତ୍ତା କରିଥାନ୍ତି। ...କେବଳ ବ୍ରହ୍ମାଣ୍ଡ ଯେ ଏକ ଅନ୍ତହୀନ ଚିହ୍ନମାଳା ମାଧମରେ ଆମକୁ ଚରମ ତତ୍ତ୍ୱ ଶିକ୍ଷା ଦିଏ, ତା' ନୁହେଁ। ବରଂ ଠିକ୍ ଭାବରେ ପଢ଼ି ଜାଣିଲେ ଜଗତରେ ପରିବ୍ୟାପ୍ତ ହୋଇ ରହିଛି ଆହୁରି ନିକଟତର ଓ ସହଜତର ଅନେକ ଚିହ୍ନ, ଯାହା ମୁଖର ଭାଷାରେ ଆମକୁ ଦିଏ ଦୈନନ୍ଦିନ ଜାଗତିକ ସତ୍ୟର ନିଶାଣ।'' କବି ସୀତାକାନ୍ତଙ୍କ କାବ୍ୟସୃଷ୍ଟି ମଧରେ ଏହାର ଯାଥାର୍ଥ୍ୟ ଆମେ ମର୍ମେ ମର୍ମେ ଅନୁଭବ କରିଥାଉଁ। ଏଇ ପୃଥିବୀର ମୋହିନୀ ରୂପରେ ମୁଗ୍‌ଧ ହୋଇ କବି ତେଣୁ କହିଛନ୍ତି,

''କୁହ ତ ତମକୁ ଛାଡ଼ି ଆଉ କେଉଁ ସ୍ୱର୍ଗ
ତମ ବିନା କେଉଁ ଅଣିମାଦି ଅଷ୍ଟବର୍ଗ ?
ଗଛର ହଳଦିଆ ପତ୍ର ମୁଁ
ତମକୁ ଚିହ୍ନେ, ତମକୁ ଜାଣେ, ପ୍ରଣମେ
ଆଉ କେଉଁ ଆଶ୍ରା, ଆଉ କେଉଁ ଭରସା
ଲୋଡ଼ି ବସିବି, ପୃଥିବୀ
ତୁମେ ତ କାଳେ କାଳେ, ସବୁକାଳେ ଏଇଠି
ଇହକାଳ, ପରକାଳ ମୋର ପୃଥିବୀ।।''

(କୋଉ ଆଦିମ କାଳରୁ ପୃଥିବୀ)

'ସୂର୍ଯ୍ୟ' କବିତାର, ''କେତେ ଜନ୍ମ, କେତେ ମୃତ୍ୟୁ ଡେଇଁ/ ତମରି ଅରୂପ ସତ୍ତା ସତତ ଯେ ଝଲସଇ/ ହାଡ଼, ମାଂସ, ହୃଦୟ ଓ ଆତ୍ମା ମୋର/ ତମ ନାମ ଜପୁଥାଏ, ତମକୁ ହିଁ ଚିହ୍ନେ।' କିମ୍ବା 'ଦିନ' କବିତାର, ''ଆବିଷ୍କାର କରେ ମୋତେ/

Digitized by PPRACHIN, SOA

ମୋର ଆରଦିନ ଆର ଜନ୍ମର ଶୋକଙ୍କୁ/ ନୂଆ ଆନନ୍ଦ, ନୂଆ ଯନ୍ତ୍ରଣାର ସା ରେ ଗା ମା କୁ / ନୂଆ ସ୍ୱପ୍ନଙ୍କର ଶବ୍ଦଲିପିକୁ / କ୍ରମଶଃ ମୁକୁଳି ଆସୁଥିବା ବିସ୍ମୟର/ ଶୁଭ୍ର ଜ୍ୟୋତିରେଖାକୁ।'' ପ୍ରଭୃତି କାବ୍ୟପଙ୍‌କ୍ତି ସମୂହ କବିଙ୍କର ମର୍ତ୍ତ୍ୟପ୍ରୀତିର ବାଙ୍‌ମୟ ଅଭିବ୍ୟକ୍ତି। ଜର୍ମାନ୍ ଭାଷାର ସତ୍ୟସନ୍ଧୀ କବି ରିଲକେ (Rainer Maria Rilke, 1875– 1926) କାବ୍ୟଧର୍ମ ସମ୍ପର୍କରେ କହିବାକୁ ଯାଇ ଯଥାର୍ଥରେ ତେଣୁ କହିଛନ୍ତି ଯେ କବିର କର୍ତ୍ତବ୍ୟ ହେଉଛି,... "to stamp this provisional, pershing earth into ourselves so deeply, so painfully, so passionately, that its being may rise again "invisibly to us". ବୃକ୍ଷ ନୁହେଁ, ବିଚ୍ଛିନ୍ନ ବୃକ୍ଷଠାରୁ ତା'ର 'ବୃକ୍ଷତ୍ୱ', ପୁଷ୍ପ ନୁହେଁ, ତା'ର 'ପୁଷ୍ପତ୍ୱ', ଗୋଲାପ ନୁହେଁ, ତା'ର 'ଗୋଲାପତ୍ୱ', ପକ୍ଷୀ ନୁହେଁ, ତା'ର 'ପକ୍ଷୀତ୍ୱ', କିମ୍ବା ସାମାନ୍ୟ ଦୂର୍ବାଦଳ ନୁହେଁ, ତା'ର 'ଦୂର୍ବାଦଳତ୍ୱ'– ଏ ସବୁକୁ କବି ଗ୍ରହଣ କରିନିଏ ତା'ର ସୃଷ୍ଟିଶୀଳ ଚେତନା ମଧ୍ୟରେ ଏବଂ ବାହାରର ବସ୍ତୁରାଶିକୁ ନିଜ ଅନ୍ତଃଚେତନାର ବକଯନ୍ତ୍ର ସାହାଯ୍ୟରେ ରୂପାନ୍ତରିତ କରି ସେ ପ୍ରସ୍ତୁତ କରେ ତା'ର କବିତ୍ୱର ମଧୁ ବା ମଦିରା। କବିଙ୍କ ନିକଟରେ ଦୂବଘାସ ତେଣୁ ହୋଇଉଠେ ଅନନ୍ତ ଜୀବନର ଅକ୍ଷୟ ପ୍ରତୀକ। ଏଇ ଦୂବଘାସର ଆନନ୍ଦ–ବେଦନା ଓ ଜୀବନ ରହସ୍ୟକୁ ଚିହ୍ନି, ପର୍ଯ୍ୟବେକ୍ଷଣ କରି କବି ସୀତାକାନ୍ତ ତା' ସହିତ 'କ୍ଷୁଧା, ତୃଷ୍ଣା, ଅପେକ୍ଷାର ଶେଷହୀନ ଉନିଦ୍ର ପ୍ରହର ଏକାଠି' ତେଣୁ ଭୋଗିଛନ୍ତି; ଜୀବନର ଯନ୍ତ୍ରଣା ଓ ଅନ୍ଧକାର ମଧ୍ୟରେ ଆହ୍ଲାଦ ମଧ୍ୟ ଅନୁଭବ କରିଛନ୍ତି; ତା' ଦେହରେ 'ଆନନ୍ଦ ଓ ଯନ୍ତ୍ରଣା ଶିଳାଲେଖ' ସେ ପଢ଼ିଛନ୍ତି ଏବଂ ଅବଶେଷରେ ତା' ସହିତ ଏକାତ୍ମ ହୋଇ ତାକୁ ଲକ୍ଷ୍ୟକରି କହିଛନ୍ତି,

"ଏଇ ମୋ ଆଡ଼କୁ ଚାହଁ
କଅଁଳ ପତ୍ର ଆଖିରେ
କ'ଣ ପାଇଁ ମୁଁ ଘୁଞ୍ଚୁରେ ଏ ମରୁରେ
ଶୂନ୍ୟତାରୁ ଶୂନ୍ୟତାକୁ
ଅନ୍ଧାରରୁ ଘୋର ଅନ୍ଧାରକୁ
ପ୍ରଥମ କୁଆଁ କୁଆଁର ଏକୁଡ଼ିଶାଳରୁ
ଶବ୍ଦହୀନ ଶେଷ ମୁହୂର୍ତ୍ତକୁ।"

'ଚିତ୍ରନଦୀ'ର 'ଘାସଫୁଲ' ପରି ଏ କବିତାଟି ଏକ ପ୍ରାଣୋଚ୍ଛଳ ଓ ରସୋତ୍ତୀର୍ଣ୍ଣ କବିତା। ଠିକ୍ ସେଇପରି 'ଚଳଦ୍‌ଶକ୍ତିହୀନ ନିର୍ବାକ୍ ପଥର' ସହିତ ଆତ୍ମୀୟତା ଅନୁଭବ କରି କବି କହିଛନ୍ତି, " ବେଳେବେଳେ ଲାଗେ/ ମୁଁ ନିଜେ ସେଇ ନିର୍ବାକ୍ ପଥର/ ସେଇ ଶୁଖିଲା ମଞ୍ଜି/ ସେଇ ଝରି ପଡୁଥିବା ପତର/ ଆପଣା ଖାଁ ଖାଁ ଶୂନ୍ୟତା ଭିତରେ/ ଆପଣାର କି ଆଉ କାହାର/ ସ୍ୱପ୍ନ ଯଦି ଅଜଣାରେ ଲୁଚି ବସି ସ୍ୱପ୍ନ ଦେଖୁଥାଏ/

Digitized by PPRACHIN, SOA

ମୋତେ ନାହିଁ ଚିହ୍ନିଏ ଖବର/ ଯା' ବାହାରେ ଯଦି କିଏ ଥାଅ ହେ ଈଶ୍ୱର/ ହୁଏତ ତା' ତୁମକୁ ଗୋଚର!!।'' (ଅଲୋଡ଼ା) ଜଗତରେ ଯେକୌଣସି ସାମଗ୍ରୀ, ଯେଉଁଗୁଡ଼ିକ ଆମ ଚତୁଃପାର୍ଶ୍ୱରେ ବିକ୍ଷୁରିତ ହୋଇ ରହିଛନ୍ତି, ତାହା ସାମାନ୍ୟ ପଥର ହେଉ ବା ପିପୀଲିକା ହେଉ, ସଭିଙ୍କର କ୍ଷମତା ରହିଛି ଆମକୁ ସାର୍ଥକ ଅଭିଜ୍ଞତାର ଅଧିକାରୀ କରିବାର ଏବଂ ତାଆରି ମଧ୍ୟଦେଇ ଆମର ଧ୍ୟାନର ସାମଗ୍ରୀ ହୋଇ ଉଠିବାର ଓ ଜଗତ୍‌–ସତ୍ୟକୁ ବ୍ୟକ୍ତ କରିବାର। କ୍ଷୁଦ୍ରତମ ପତଙ୍ଗ ମଧ୍ୟରେ ଅପରୂପ ବିଶ୍ୱଜାଗତିକ ସାର୍ଥକତାର ପ୍ରକାଶ ଅନୁଭବ କରି କବି ରିଲକେ ଠିକ୍ ଏଇ ମର୍ମରେ ତେଣୁ କହିପାରିଛନ୍ତି, " Oh, bliss of tiny creatures that remain/ for ever the womb that brought them forth.''

ଆଲୋଚ୍ୟ କାବ୍ୟଗ୍ରନ୍ଥର ଅନ୍ୟ ଏକ ବିଶିଷ୍ଟ କବିତା ହେଉଛି 'ବର୍ଷା ସକାଳ', ଯେଉଁ କବିତାଟି ପ୍ରତି କବିପ୍ରାଣର ସର୍ବାଧିକ ଆସକ୍ତି ହେତୁ ହୁଏତ ସଂକଳନଟିର ନାମକରଣ ସେଇ ଶୀର୍ଷକରେ ହିଁ କରିବା ପାଇଁ କବି ଆଗ୍ରହାନ୍ୱିତ ହୋଇଉଠିଛନ୍ତି। ବର୍ଷା, ବିରହ ଓ ପ୍ରେମ– ଏଇ ତିନୋଟି ପ୍ରସଙ୍ଗ କେତେବେଳେ ସ୍ୱତନ୍ତ୍ର ଭାବରେ ଏବଂ କେତେବେଳେ ଏକତ୍ର ଓ ଏକୀଭୂତ ହୋଇ ଭାରତୀୟ କାବ୍ୟସାହିତ୍ୟରେ ଆତ୍ମପ୍ରକାଶ କରିଆସିଛନ୍ତି। ଏହାର ଗୋଟିଏ ପ୍ରଧାନ କାରଣ ହୁଏତ କାଳିଦାସଙ୍କ 'ମେଘଦୂତ'ର ଆବହମାନ ପ୍ରତିପତ୍ତି। ତେଣୁ ବୈଷ୍ଣବକବିମାନଙ୍କ ପଦାବଳୀ ହେଉ ଅଥବା ରବୀନ୍ଦ୍ରନାଥ କିମ୍ବା ନନ୍ଦକିଶୋର ବଳଙ୍କ ବର୍ଷାଚେତନା ସମ୍ୱଳିତ କବିତାବଳୀ ହେଉ, ସେଗୁଡ଼ିକ ମାଧ୍ୟମରେ ପ୍ରକୃତି ଓ ପ୍ରଣୟର ଯୁଗ୍ମଚେତନା ଆମ ନିକଟରେ ଆସ୍ୱାଦ୍ୟ ଓ ଅନ୍ତରଙ୍ଗ ହୋଇଉଠିଛି। କିନ୍ତୁ ଲକ୍ଷ୍ୟ କରିବାର କଥା, 'ମେଘଦୂତ' ପରବର୍ତ୍ତୀ କାବ୍ୟସାହିତ୍ୟରେ ବର୍ଷା–ସଂଶ୍ଳିଷ୍ଟ ପ୍ରଣୟଚେତନା ମୁଖ୍ୟତଃ ପରକୀୟା ପ୍ରୀତିକୁ ଆଧାର କରି ହିଁ ପ୍ରକଟିତ। କିନ୍ତୁ ସୀତାକାନ୍ତଙ୍କ ସକଳ କାବ୍ୟସୃଷ୍ଟି ମଧ୍ୟରେ ତାଙ୍କର ପ୍ରଣୟଚେତନା ସର୍ବଦା ନିର୍ମଳ ଦାମ୍ପତ୍ୟ ପ୍ରେମକୁ ଅବଲମ୍ୱନ କରି ଅଭିବ୍ୟକ୍ତ। 'ବର୍ଷା ସକାଳ' କବିତାଟି ମଧ୍ୟ ତାହାର ଏକ ସାର୍ଥକ ନିଦର୍ଶନ।

''ବରଷା ଆସିଛି ଏବେ
ମୃତ୍ୟୁ ଅଛି ସୁଦୀର୍ଘ ଛୁଟିରେ
ଦୂର ବିଦେଶରେ
ବିରହୀ ଜୀବନ ଖୋଜେ ନୀରବେ ଯିବାକୁ ହଜି
ମେଘର ଶୁଭ୍ର ମଲ୍ଲାର କରୁଣ ରାଗରେ।''

କବିଦୃଷ୍ଟିରେ ବର୍ଷା କେବଳ ପ୍ରେମ ଓ ବିରହର ଋତୁ ନୁହେଁ, ସେ ହେଉଛି ମିଳନର, ସ୍ୱପ୍ନର, ଜୀବନର ଏବଂ ଫସଲ ଓ ପ୍ରଜନନର ମଧ୍ୟ ଋତୁ। ଯେତେବେଳେ 'ଘନ ଦେଖି କେକୀ ସମ ବରଷାକାଳ ନିରେଖି / ପିଲା ମନ ଓ ମରଣ ଉଭୟେ ଅଥୟ' ସେତେବେଳେ–

Digitized by PPRACHIN, SOA

"ସ୍ୱପ୍ନ ଆସି ଆପେ ଆପେ ଧରାଦିଏ
ବାଟଭୁଲା ପ୍ରଜାପତିଟିଏ ହୋଇ
ନିରୋଳା ଏ ବଉଦ ଲଗ୍ନରେ
କ'ଣ ଭାବି ତମେ ଉଠ
ଇସ୍ତ୍ରୀ କର ମୋ ପୋଷାକ ଆଉ ରଖ
(ସତେ ଅବା ଆର ଜନ୍ମ ପାଇ)
ପରିଚ୍ଛନ୍ନ କଙ୍କାଳର ଅଲ୍ଲଗୁଣିଟିରେ।"

ବର୍ଷାସ୍ନାତ ପ୍ରକୃତିର ମନୋଜ୍ଞ ପରିବେଶ କେବଳ ଅତୀତ ବା ପୂର୍ବଜନ୍ମର ପ୍ରଣୟ ସ୍ମୃତିର ବାହକ ହୋଇ ଏଠାରେ ରହିନାହିଁ, ସୀତାକାନ୍ତଙ୍କ କାବ୍ୟପୁରୁଷ ନିକଟରେ ତାଙ୍କର ଦାମ୍ପତ୍ୟ ପ୍ରେମ ଏ ପଙ୍‌କ୍ତିଗୁଡ଼ିକରେ ଆଗାମୀ ବା ପରଜନ୍ମ ପାଇ ମଧ ମିଳନ—ପିପାସାର ହୋଇଛି ଉଦ୍‌ବୋଧକ। ପ୍ରକୃତିର ମଧୁର ଓ ମଦିର ରୂପ ସନ୍ଦର୍ଶନରେ ବିରହୀ ପ୍ରାଣରେ ଅତୀତ ପ୍ରଣୟର ସ୍ମୃତି କିପରି ସଂଜୀବିତ ଓ ଜାଗ୍ରତ ହୋଇ ଉଠିଥାଏ, ତା'ର ଏକ ଚିରନ୍ତନୀ ଚିତ୍ର କାଳିଦାସଙ୍କ ସୃଷ୍ଟିରେ ଆମେ ପାଇଥାଉଁ।

"ରମ୍ୟାଣି ବୀକ୍ଷ୍ୟମଧୁରାଂଶ୍ଚ ନିଶମ୍ୟ ଶବ୍ଦାନ୍
ପର୍ଯ୍ୟୁତ୍ସୁକୀ ଭବତି ଯତ୍ ସୁଖିତୋଽପି ଜନ୍ତୁଃ।
ତତ୍ ଚେତସା ସ୍ମରତି ନୂନମ୍ ଅବୋଧପୂର୍ବଂ
ଭାବସ୍ଥିରାଣି ଜନନାନ୍ତର ସୌହୃଦାନି॥"

(ଶକୁନ୍ତଳା, ୫ମ ଅଙ୍କ)

ଅର୍ଥାତ୍, ରମ୍ୟ ଦୃଶ୍ୟ ଦେଖି କିମ୍ବା ମଧୁର ଶବ୍ଦ ଶୁଣି ସୁଖୀ ମନୁଷ୍ୟ ମଧ ଯେ ଉତ୍‌କଣ୍ଠିତ ହୋଇ ଉଠିଥାଏ, ତା'ର କାରଣ ହେଉଛି ଅଜ୍ଞାତସାରରେ ତାହାର ଚିତ୍ତ ଭାବ ବା ବାସନା ଦ୍ୱାରା ସ୍ଥିରତ୍ୱପ୍ରାପ୍ତ ଗତଜନ୍ମର ପ୍ରେମକୁ ହିଁ ସ୍ମରଣ କରିଥାଏ। କିନ୍ତୁ ସୀତାକାନ୍ତଙ୍କ 'ବର୍ଷା ସକାଳ'ର ଅନୁଭୂତି କେବଳ ଗତଜନ୍ମର ନୁହେଁ (ଯାହାକି ଉହ୍ୟ ମାତ୍ର ଅନୁଭବ୍ୟ), ପରଜନ୍ମ ପାଇଁ ମଧ ମିଳନ ସଙ୍ଗୀତର ସଂବାହକ। 'ପରିଚ୍ଛନ୍ନ କଙ୍କାଳର ଅଲ୍ଲଗୁଣିଟିରେ' କବିପ୍ରେୟସୀ ଓ ପତ୍ନୀ ତାଙ୍କର ପୋଷାକକୁ ସତେ ଯେପରି ସଜାଡ଼ି ରଖୁଛନ୍ତି ସେହି ପରଜନ୍ମର ମିଳନ ଓ ସହାବସ୍ଥାନ ପାଇଁ। ସେହି ପରଜନ୍ମର ମିଳନପର୍ବର ପ୍ରସ୍ତୁତି ପାଇଁ କବିଙ୍କର ବ୍ୟକ୍ତିସତ୍ତା ଇହଜନ୍ମର ମୃତ୍ୟୁକୁ ଉତ୍ତୀର୍ଣ୍ଣ ହୋଇ ଏଠାରେ ଯେପରି 'ପରିଚ୍ଛନ୍ନ କଙ୍କାଳର ଅଲ୍ଲଗୁଣିଟିରେ' ପରିଣତ ଓ ରୂପାନ୍ତରିତ। ସେକ୍ସପିୟରଙ୍କର 'ଟେମ୍ପେଷ୍ଟ' ନାଟକରେ ଜଳମଗ୍ନ ମୃତ ନାବିକର ଆଶ୍ଚର୍ଯ୍ୟ 'ସିନ୍ଧୁ-ରୂପାନ୍ତର'ର ବର୍ଣ୍ଣନା ନିମ୍ନୋକ୍ତ କାବ୍ୟାଂଶଟିରେ ଆମେ ପଢ଼ିଥିଲୁ।

"Full fathom five thy father lies:
Of his bones are coral made:

Digitized by PPRACHIN, SOA

Those are Pearls that were his eyes;
Nothing of him that doth fade,
But doth suffer a sea-change
Into somethng rich and strange.'

ଅସ୍ଥି ଓ ଚକ୍ଷୁର ପ୍ରବାଳ ଓ ମୁକ୍ତାରେ ରୂପାନ୍ତର ଭଳି ମୃତ୍ୟୁ ପରେ କଙ୍କାଳର ଅଣୁପରମାଣୁରେ ରୂପାନ୍ତର ଆମ ମନରେ ବିସ୍ମୟ ସୃଷ୍ଟି କରିବା ସଂଗେ ସଂଗେ ପରିଣୟ ଓ ପ୍ରଣୟର ଚିରଞ୍ଜୀବୀ ବନ୍ଧନ ପ୍ରତି ଆମକୁ ସଚେତନ କରିଥାଏ। ତା'ଛଡ଼ା ଆମ ଜୀବନର ଅର୍ଦ୍ଧାଂଶ ହେଉଛି ତ ପକ୍ଷୀର, ସ୍ୱପ୍ନର, କଳ୍ପନାର, ଆକାଶର ଓ ଜଙ୍ଗମ ସତ୍ତାର ଏବଂ ଅନ୍ୟ ଅର୍ଦ୍ଧାଂଶଟି ହେଉଛି ବୃକ୍ଷର, ଉଦ୍ଭିଦର ଓ ସ୍ଥାବର ସତ୍ତାର। ସେଥିପାଇଁ କବି ରିଲ୍‌କେଙ୍କର ଉପଲବ୍ଧି—

"A single space spreads through all
things that be,
World's inner space, the birds are flying still
Through us, and through across, O, I that will
Grow, I look out, and in me grows the tree."

ତେଣୁ କଙ୍କାଳର ଉଦ୍ଭିଦ-ନିର୍ମିତ ଅଣୁପରମାଣୁରେ ରୂପାନ୍ତର ଯେତିକି ବୈଚିତ୍ର୍ୟପୂର୍ଣ୍ଣ, ସେତିକି ଜନ୍ମାନ୍ତର ଚେତନାର ସ୍ମୃତିବାହକ ମଧ୍ୟ।

ଅବଶ୍ୟ ନାରୀ ପ୍ରତି କବିଙ୍କର ସାମଗ୍ରିକ ଦୃଷ୍ଟିଭଙ୍ଗୀ ରବୀନ୍ଦ୍ରନାଥଙ୍କ 'ଦୁଇନାରୀ' କବିତାରେ ନିହିତ ଦୃଷ୍ଟିକୋଣ ସହିତ ପ୍ରାୟ ସମଧର୍ମୀ ଏବଂ ଭାରତୀୟ ସାହିତ୍ୟରେ ଏଇ ଭାବଧାରାର ବହୁଳ ଅଭିବ୍ୟକ୍ତି ଆମେ ଲକ୍ଷ୍ୟ କରୁ। ନାରୀ ଏକ ପକ୍ଷରେ ଯେପରି ଜୀବନଦାୟିନୀ ଓ ଅମୃତମୟୀ, ଅନ୍ୟ ଦିଗରେ ସେଇପରି ଜୀବନନାଶିନୀ ଓ ହଳାହଳମୟୀ। ସୀତାକାନ୍ତଙ୍କ କାବ୍ୟଦୃଷ୍ଟିରେ,

"ଗୋଟିଏ ହାତରେ ତା'ର ନିଦ୍ରାଦାୟୀ ହଳାହଳ
ଆଉ ହାତେ ଉଜ୍ଜୀବନ, ନୀଳ-ସ୍ୱପ୍ନ ଭ୍ରୂଣ
ସିଏ ସବୁ ଇହଲୋକ, ପରଲୋକ ମୃତ୍ୟୁ ଓ ଫଗୁଣ।"

ତଥାପି କବି କହିଛନ୍ତି,

"ଛାୟାଘେରା ନାଭିପଦ୍ମ ସ୍ତବ୍ଧ ସେଇ କାବ୍ୟ ଇଲାକାରେ
ଫଗୁଣକୁ, କାମନାର ପଳାଶକୁ ଓ ମୃତ୍ୟୁକୁ
ଶବ୍ଦ ମୋର ଚିରକାଳ ଆବାହନ କରେ॥" (ନାରୀ)

କିନ୍ତୁ 'ରାତ୍ରିର ଉପକୂଳରେ ଦୁଇଟି ଶାମୁକା' ସଦୃଶ କବି ଓ କବିପତ୍ନୀଙ୍କ ପ୍ରଣୟ ଧୂପର ମହକ ଭଳି ଚିରକାଳ ଯେପରି ପ୍ରଜ୍ୱଳିତ ଓ ସୁରଭିତ। କୌଣସି ଏକ ମୁହୂର୍ତ୍ତରେ ପତ୍ନୀଙ୍କୁ ଲକ୍ଷ୍ୟକରି କବି ତେଣୁ କହିଛନ୍ତି,

Digitized by PPRACHIN, SOA

"ପ୍ରିୟତମା, ତମେ ଚାହିଁ ବସିଥିଲ ଆକାଶକୁ
ପଶ୍ଚିମର ଆକାଶର ତାରା ଆଲୁଅରେ
ତମେ ଗୋଟେ ଛାୟାମୂର୍ତ୍ତି ମନେହେଲା ମୁଁ ତୁମକୁ
ଏମିତି ଭେଟିଛି କେତେ ଜନ୍ମଜନ୍ମାନ୍ତରେ।"

(ଶବ୍ଦ ଆଉ ଶବ୍ଦ ନୁହେଁ)

କବିଙ୍କ ପ୍ରଣୟଚେତନାର ସାର୍ଥକତମ ଅଭିବ୍ୟକ୍ତି ବୋଧହୁଏ ଘଟିଛି 'ଶେଷ ସରଳ ଭାଷାର ହେ ଆରାଧ୍ୟା ଦେବୀ' କବିତାଟିରେ। ଏଥିରେ ପ୍ରିୟତମା କାବ୍ୟସୃଷ୍ଟିର ପ୍ରେରଣାଦାତ୍ରୀ ସ୍ୱୟଂ ବାଗ୍‌ଦେବୀରେ ଯେପରି ରୂପାନ୍ତରିତା ଏବଂ କବି କେବଳ ତାଙ୍କର ମୁଗ୍ଧ ସ୍ତାବକ ଓ ପୂଜାରୀ। ଏଇ ପ୍ରଣୟ-ପ୍ରତିମା ପ୍ରିୟତମାଙ୍କ ରୂପସତ୍ତା ଏପରି ବିଶ୍ୱରୂପତା ଅର୍ଜନ କରିଛି ଯେ ଜୀବନସତ୍ୟର ପ୍ରକାଶ ପାଇଁ ନିରାବରଣ ଓ ନିରାଭରଣ ଭାଷା-ସମ୍ପଦର ଅଧିକାରୀ ହେବାକୁ କବି ତାଙ୍କୁ ଆବେଦନ ଜଣାଇ କହିଛନ୍ତି,

"ପ୍ରିୟତମା, ଶେଷ ସରଳ ଭାଷାର ହେ ଆରାଧ୍ୟା ଦେବୀ,
ଖୋଲିଦିଅ ନ କରି ଆଉ ବିଳମ୍ବ
ସେ ଭାଷାର ଅପ୍ରମିତ ବାଉନ ଭଣ୍ଡାର।"

କବି ସୀତକାନ୍ତଙ୍କ କାବ୍ୟଭାଷା ସର୍ବଦା ସରଳ ଓ ସହଜ, ମାତ୍ର ତାହା ସରସ ଓ ସାବଲୀଳ; ନିରଳଙ୍କାର କିନ୍ତୁ ସେଇ ସ୍ୱଭାବୋକ୍ତିର ବାଚ୍ୟାର୍ଥ ହିଁ ହୋଇଉଠେ ଅନନ୍ୟ, ପରମ ଓ ମହାଶକ୍ତିମାନ। ବ୍ୟଙ୍ଗ୍ୟାର୍ଥ ବା ଅଳଂକାର ପରିବର୍ତ୍ତେ ତାଙ୍କ କବିତାରେ ଆମେ ଯାହା ପାଇଥାଉଁ ତା' ହେଉଛି ଏକ ଦୂରସ୍ପର୍ଶୀ ଓ ବିକୀର୍ଯ୍ୟମାନ ପ୍ରଭାବ ଏବଂ ତାହାହିଁ ହେଉଛି ତାଙ୍କ କବିତାର ବ୍ୟଞ୍ଜନା ବା ରସଧ୍ୱନି। 'ମୃତ୍ୟୁ ଅଛି ସୁଦୀର୍ଘ ଛୁଟିରେ/ ଦୂର ବିଦେଶରେ', 'ବଜ୍ରର ପାହାର୍ ଶୁଭେ/କଳାଘୁମ ମେଘଙ୍କର କହ୍ଲାରଶାଳରୁ', 'ଘନ ଦେଖି କେକୀ ସମ ବରଷାକାଳ ନିରେଖି/ପିଲାମନ ଓ ମରଣ ଉଭୟେ ଅଥୟ', 'ଶୁଭେ ପୁଣି ଶୁଭେନାହିଁ/ ନିର୍ମମ କୋଇଲି କୁହୁ, ପଳାଶରେ ରକ୍ତର କ୍ରନ୍ଦନ', 'ତମରି ପରି, କୁରୁକ୍ଷେତ୍ର ପରି/ମୋତେ ବି କର ଏକ ନିରପରାଧ ନିରୀହ ପ୍ରାନ୍ତର', 'ପିଲାଙ୍କ ହସ୍ତାକ୍ଷରରେ ତାରା ଲୁକ୍ଲୁକ୍ କରେ/ ମଇଳା ଜାମାରେ ଶୁଭେ ତାରାର କ୍ରନ୍ଦନ', 'ଏମିତି ନଦୀ ନ ଥାନ୍ତା/ ଯା'ର ଖାଲି ଏକମାତ୍ର କୂଳ?/ ଏମିତି ସ୍ୱପ୍ନ ନଥାନ୍ତା/ ଯା'ର ଆଦି ଅନ୍ତ ନାହିଁ, ଶୂନ୍ୟେ ଯା'ର ମୂଳ?,' 'ଅସହାୟ କାଗଜରେ ଶୂନ୍ୟତା ହିଁ ଶୋଇରହେ', 'ମୁଁ ଜିଇ ରହେ/ ଶୂନ୍ୟ ପ୍ରତୀକ୍ଷାରେ, କାମନାର ନର୍କରେ, ଅତୃପ୍ତ ତୃଷ୍ଣାରେ', 'ଆମ ଶିରା ଧମନୀର ରକ୍ତ ନଈ କୂଳେ କୂଳେ/ପାଇଟଣା ସ୍ମୃତିର ଡଙ୍ଗାରେ', କିମ୍ବା 'ମନେହେବ ବୈକୁଣ୍ଠର ଅନ୍ୟନାମ ନିର୍ଜନତା/ ଯାହାକୁ ଆବୋରି ବହେ ସ୍ମୃତି ଆଉ ସମୟର ନଈ' ପ୍ରଭୃତି କାବ୍ୟପଙ୍‌କ୍ତିଗୁଡ଼ିକୁ

Digitized by PPRACHIN, SOA

କବିଙ୍କ ଭାଷାପ୍ରୟୋଗର ସିଦ୍ଧି ଭାବରେ ଗ୍ରହଣ କରାଯାଇପାରେ। ଲକ୍ଷ୍ୟ କରିବାର କଥା, ଏହି କାବ୍ୟାଂଶଗୁଡ଼ିକ ଅନେକ ସ୍ଥଳରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଟିଏ ଗୋଟିଏ ଆଶ୍ଚର୍ଯ୍ୟ ଚିତ୍ରକଳ୍ପରେ ମଧ୍ୟ ପରିଣତ ହୋଇ ଉଠିଛନ୍ତି। ଏଗୁଡ଼ିକରେ ନାହିଁ କୌଣସି ପ୍ରସାଧନ ବା ଅଳଂକରଣ, କିନ୍ତୁ ବ୍ୟବହୃତ ଶବ୍ଦାବଳୀ ନିଟୋଳ ମୁକ୍ତା ପରି ଲାବଣ୍ୟଯୁକ୍ତ ଏବଂ ଦ୍ରାକ୍ଷାଫଳ ପରି ରସଘନ। ମହତ୍ କବିଙ୍କ ସୃଷ୍ଟି ଚିରକାଳ ଏଇପରି ସରଳ, ସରସ ଓ ନିରାଭରଣ; ସେଥିରେ ନଥାଏ କୌଣସି କୃତ୍ରିମ ସାଜସଜ୍ଜା ବା ଆଳଂକାରିକତାର କାଳ୍ପିକ ପ୍ରବଞ୍ଚନା। ସେଇଥିପାଇଁ ତ ସହଜସୁନ୍ଦରୀ କାବ୍ୟଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ବିଶ୍ୱବିଶ୍ରୁତ ସ୍ପେନୀୟ କବି ଜିମ୍‌ନେଜ (Juan Ramo'n Jimnez)ଯଥାର୍ଥରେ କହିଛନ୍ତି, "Oh, Passion of all my life! Oh, Poetry, naked and mine for ever." (J.B. Trendଙ୍କ ଦ୍ୱାରା ଅନୂଦିତ)।

କବି ହେଉଛି ଭାଷା-ଶିଳ୍ପର କାରିଗର ଏବଂ 'ଶବ୍ଦ-ରୂପ ସନ୍ଦର୍ଶନ' ହିଁ ତା'ର କାବ୍ୟକର୍ମର ଏକମାତ୍ର ଧର୍ମ। 'କେତୋଟି ମାତର ଶବ୍ଦ-ଶେଷହୀନ ଅସରା ଅର୍ଥ ଓ ଭାବ'—ଏଇ ଲକ୍ଷ୍ୟରେ ହିଁ ତା'ର ଶିଳ୍ପଯଜ୍ଞର ଆୟୋଜନ ଓ ଆତ୍ମିକ ତପସ୍ୟା। ସେଥିପାଇଁ 'ଶବ୍ଦକୁ ପଦେ' କବିତାରେ କବି ନିଜକୁ ନିଜେ କହୁଛନ୍ତି,

"ଅନ୍ଧାରରୁ ଅନ୍ଧାରକୁ
ଗୋଟିଏ ଅସମାଧିତ ପ୍ରଶ୍ନଠାରୁ
ଆରେକ ପ୍ରଶ୍ନକୁ
ଚତେ ହିଁ ଯିବାକୁ ହେବ
ଅର୍ଥ ଖୋଜି, ସ୍ୱପ୍ନ ଖୋଜି, ଟେନାଏ ପୁଲକ ଖୋଜି
ମୁଣ୍ଡ ନୋଇଁ ନୋଇଁ,
ଭିତରେ କାନ୍ଦୁଥିଲେ ବି ଓଠରେ ହସ ରଖିବୁ
ତା'ହେଲେ ବା' ଅପ୍ରମିତ ଆରତର ସାମ୍ରାଜ୍ୟରେ
କାହାରି ହୃଦୟଟିଏ ପାରିବୁ ତୁ ଛୁଇଁ।।"

କାରଣ ଏଇ ବିରାଟ ବିଶ୍ୱକାବ୍ୟରେ "ତାରା କ'ଣ କହୁଛି/ଆକାଶ, ନୀଳ ଆକାଶ କ'ଣ କହୁଚି/ ଗଛସବୁ କାକରରେ ଓଦା ହୋଇ କ'ଣ କହୁଛନ୍ତି/ କୋଉ ଅନାଦି କାଳରୁ ଶୂନ୍ୟତା କ'ଣ କହୁଛି/ ପ୍ରାଣର ପୀଡ଼ା, ଆତ୍ମାର ଆକୂତି କ'ଣ କହୁଚି/ ତାକୁ ଶୁଣି ସାରିଲେ ପରେ ସିନା ସେ କ'ଣ ପଦେ କହିବ।" ନୀରବତା, ଅନ୍ଧକାର ଓ ଶୂନ୍ୟତାର ସାମ୍ରାଜ୍ୟରୁ କବି ଖୋଜି ପାଏ ତା'ର ସୃଷ୍ଟିର ଉପକରଣ; ପୁଣି ଅନ୍ୟ ଦିଗରେ ଆଲୋକର ଲୀଳାଖେଳା ଓ ରହସ୍ୟର ଉପଲବ୍ଧି ପରେ ତା'ର ସୃଷ୍ଟିର ଶତଦଳ ସେଇ ନୀରବତା, ଅନ୍ଧକାର ଓ ଶୂନ୍ୟତା ଆଡ଼କୁ ବ୍ୟାକୁଳ ନେତ୍ରରେ ଊର୍ଦ୍ଧ୍ୱବାହୁ ଓ ଉନ୍ମୁଖ ହୋଇ ରହିଥାଏ। ସେଥିପାଇଁ ତ ବ୍ଲାନଚୋଟ (Blanchot) କହିଛନ୍ତି, 'ସାହିତ୍ୟର ଚରମ ଲକ୍ଷ୍ୟ ଓ ତାତ୍ପର୍ଯ୍ୟ ହେଉଛି ନୀରବତା;

Digitized by PPRACHIN, SOA

ଅପ୍ରକଟ ଓ ଅପ୍ରକାଶ୍ୟକୁ ବ୍ୟକ୍ତ କରିବା ହେଉଛି ତା'ର ଏକମାତ୍ର ପ୍ରାଣଧର୍ମ।' (Silence is the ultimate significance of literature. The ineffable is the only thing left to express) ଏଥିପାଇଁ ପୃଥିବୀ, ମଣିଷ ଓ ଜୀବନ ପ୍ରତି ବିଶ୍ୱସ୍ତ ଓ ଅଙ୍ଗୀକାରବଦ୍ଧ ଜୀବନ-ମୃତ୍ୟୁର ଶିଳ୍ପୀ ସୀତାକାନ୍ତ ପ୍ରିୟ ପାଠକମାନଙ୍କୁ ବୋଦ୍‌ଲେୟାରଙ୍କ ଭଳି ନିଜର ଶିଳ୍ପଧର୍ମ ଓ ସୃଷ୍ଟିରହସ୍ୟ ସମ୍ପର୍କରେ ଅବହିତ କରାଇ କହିଛନ୍ତି,

> "ଯେତିକି ବୁଝିଚି, ଯେତିକି ପାରିଚି
> ଶବ୍ଦଙ୍କୁ ଥରଥର ଆଙ୍ଗୁଠିରେ ଯୋଡ଼ିଚି
> ସେତିକି ନୀଳ ସରସ୍ୱତୀଙ୍କୁ ସଅଁପି ଦେଇଚି।
> ମୋର ସେଇ ଦରଗଢ଼ା ଶବ୍ଦଙ୍କ ଭଣ୍ଡାର,
> ମୋର ସେଇ କବିତା ପଢ଼ିଛ
> ମୋ ଶବ୍ଦର ଘାସ ଓ ଶିଶିରର
> ଦୁକୁଦୁକୁ ଛାତିକୁ ଛୁଇଁଚ;
> ଅନ୍ଧାରରେ ସେମାନେ ଯେତିକି ଦେଖିଛନ୍ତି
> ଅଜଣାରୁ ଯେତିକି ବୁଝିଛନ୍ତି
> ସେତିକି କହିଦେବା ପାଇଁ ତାଙ୍କର ଦୁର୍ବାର ଅଭିଳାଷକୁ ଦେଖିଛ
> ତମରି ଭିତରେ ମୁଁ ବି ତାକୁ ପୁଣି ଥରେ ସୁମରିଛି, ଚିହ୍ନିଚି
> ହଁ ଏକାଠି ଆମେ ଘନଘୋର ଅନ୍ଧାରରେ
> ମଣିଷର ଆତ୍ମାର ଉଚ୍ଚାରଣରେ କ୍ଷୀଣ ଦୀପଶିଖାର
> ସେଇ ଜଳିବାର ପ୍ରଚେଷ୍ଟାକୁ ଦେଖିଚେ॥
> ଏଥୁଁ ବଳି, ପ୍ରିୟ ପାଠକ
> ଆଉ ବା' କଅଣ
> ଚାହିଁପାରେ, କବିଟିଏ ?"

(ଏଥୁଁ ବଳି ଆଉ ବା କଅଣ ?)

ହେ ପ୍ରିୟ କବି ! ତୁମ କାବ୍ୟସାଧନା ଓ ସୃଷ୍ଟିର ସୌରଭ ତୁମରି 'ଆକାଶ' ଭଳି ଦିଗଦିଗନ୍ତରେ ବିଚ୍ଛୁରିତ ଓ ପରିବ୍ୟାପ୍ତ ହେଉ ଏବଂ କାବ୍ୟଯଶର ନିଶାଣ ବିଶ୍ୱର କାବ୍ୟାମୋଦୀ ପାଠକପ୍ରାଣକୁ ଆମୋଦିତ କରୁ, ଏହାହିଁ ଆଜି ଭାଦ୍ରର ବାଦଲଭରା ଏକ ବର୍ଷା-ସକାଳରେ କାମନା କରିବା ବ୍ୟତୀତ ଆଉ ଅଧିକ ବା କଅଣ ଚାହିଁପାରେ ପ୍ରିୟ ପାଠକଟିଏ ?

■ ■

Digitized by PPRACHIN, SOA

'ସିନ୍ଧୁ ଉପତ୍ୟକା'– ଏକ କାବ୍ୟିକ ପରିକ୍ରମା

ସଂସ୍କୃତ ସାହିତ୍ୟର ସୁପ୍ରସିଦ୍ଧ ବୈୟାକରଣ, ଦାର୍ଶନିକ ଓ କବି ଭର୍ତ୍ତୃହରିଙ୍କୁ ଅନୁବାଦ ମାଧମରେ ସଂସ୍କୃତ-ଅନଭିଜ୍ଞ ଓଡ଼ିଆ ପାଠକ, କାବ୍ୟପ୍ରେମୀ ଓ ସ୍ରଷ୍ଟାଙ୍କ ନିକଟରେ ସୁପରିଚିତ କରାଇବାରେ ଓଡ଼ିଆ ସାହିତ୍ୟରେ ସ୍ମରଣୀୟ କୃତିତ୍ୱର ଅଧିକାରୀ ହୋଇଛନ୍ତି ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ। ବସ୍ତୁତଃ ଜଣେ ସୃଜନଶୀଳ କାବ୍ୟମାନସର ଅଧିକାରୀ ହୋଇନଥିଲେ ଏବଂ ଉଭୟ ଭାଷାରେ (ମୂଳ ଭାଷା ଓ ନିଜ ଭାଷା) ଗଭୀର ଅବଗାହନ, ପ୍ରଭୁତ୍ୱ ଓ ପ୍ରବଣତା ଅର୍ଜନ କରି ନ ଥିଲେ ଅନୁବାଦ କର୍ମ ପରି ଏକ କଠିନ କଳାରେ ସିଦ୍ଧି ଅର୍ଜନ କରିବା ଅସମ୍ଭବ। ରବୀନ୍ଦ୍ରନାଥଙ୍କ ଭାଷାରେ ଅନୁବାଦ ଏକ କଳା ଏବଂ ତାହା 'ନବଜନ୍ମର ନୂତନ ଶ୍ରୀ'ର ଅଧିକାରୀ। ଏ ଦିଗରେ କବି ଫିଟ୍‌ଜେରାଲଡ୍‌ଙ୍କର ପାରସିକ କବି 'ଓମର ଖୟାମ'ଙ୍କ ଚୌପଦୀଗୁଡ଼ିକର ଅନୁବାଦ ବିଶ୍ୱସାହିତ୍ୟରେ ସାର୍ଥକ ଦୃଷ୍ଟାନ୍ତ ରୂପେ ଗୃହୀତ। ଅନୁବାଦକଠାରେ ସ୍ରଷ୍ଟାର ସୃଜନ-ପ୍ରତିଭା ନ ଥିଲେ ଅନୁବାଦ ପରି ଏକ ମହତ୍ କର୍ମରେ ତା'ର ହାତ ଦେବା ନିଶ୍ଚୟ ନିଷ୍ପ୍ରୟୋଜନ। ଶ୍ରୀଯୁକ୍ତ ପଟ୍ଟନାୟକ ଭର୍ତ୍ତୃହରିଙ୍କ ଅନୁବାଦରେ (ନୀତି ଶତକ, ଶୃଙ୍ଗାର ଶତକ ଓ ବୈରାଗ୍ୟ ଶତକ) ସେଇ ସ୍ରଷ୍ଟାମାନସର ସାର୍ଥକ ପରିଚୟ ପୂର୍ବରୁ ପ୍ରଦାନ କରିସାରିଛନ୍ତି। ମାତ୍ର ମୌଳିକ ସୃଜନ-ପ୍ରତିଭାର ସ୍ୱାକ୍ଷର ବହନ କରିଥିବା ତାଙ୍କର ଏକ କବିତାଗୁଚ୍ଛ ନିକଟ ଅତୀତରେ (ଦଶହରା, ୧୯୮୭) 'ସିନ୍ଧୁ ଉପତ୍ୟକା' ଶୀର୍ଷକ ଧାରଣ କରି 'ବିଦ୍ୟାପୁରୀ' ପ୍ରକାଶନ ସଂସ୍ଥା ଦ୍ୱାରା ଆତ୍ମପ୍ରକାଶ କରିଛି। 'ପ୍ରାକ୍ କଥନ'ରେ ଲେଖକ ନିଜର ସ୍ୱଭାବସୁଲଭ ବିନୟର ପରିଚୟ ପ୍ରଦାନ କରି କହିଛନ୍ତି, 'ଅନେକ କବିତା ଲେଖା ଯାଇଛି, ଯାହାର ପାଣ୍ଡୁଲିପି ବର୍ତ୍ତମାନ ପ୍ରାପ୍ୟ ନୁହେଁ। କାରଣ ପୁସ୍ତକ ଆକାରରେ ଏ ସବୁ କବିତାଗୁଡ଼ିକ ପ୍ରକାଶ କରିବାର ଅଭୀପ୍ସା ନ ଥିଲା। ନିୟମିତ ଭାବରେ ମଧ ମୁଁ କବିତା ଲେଖେ ନାହିଁ। ବେଳେବେଳେ ପ୍ରବଳ ଆଗ୍ରହ ହେଲେ ଏଥିରେ ମନୋନିବେଶ କରେ।' ଏଇ 'ପ୍ରବଳ ଆଗ୍ରହ' ଅଥବା ସ୍ୱତଃସ୍ଫୂର୍ତ୍ତ ଆବେଗ ବା ଉଲ୍ଲାସ ହିଁ ତ କାବ୍ୟସୃଷ୍ଟିର ମୂଳକଥା ଏବଂ ତାହା ହିଁ ତ ଏକ ସହଜାତ ପ୍ରତିଭାର ମୌଳିକ ଧର୍ମ ମଧ। କବିତା ଜନ୍ମ ହୁଏ କବିର ମନ, ଅନୁଭୂତି ଓ ସମଗ୍ର ଶିରା ପ୍ରଶିରାର ରକ୍ତପ୍ରବାହରୁ। ତେଣୁ ତାହା ସଂଜ୍ଞାହୀନ ଏବଂ ରସଧ୍ୱନି ବା ରସଆବେଦନ

Digitized by PPRACHIN, SOA

ହେଉଛି ତା'ର ପ୍ରଧାନ ଆଭିମୁଖ୍ୟ। ବଙ୍ଗୀୟ କବି ଜୀବନାନନ୍ଦ 'କବିତାର କଥା' ଆଲୋଚନା କରିବାକୁ ଯାଇ ପ୍ରଥମେ ତେଣୁ ଉଲ୍ଲେଖ କରିଛନ୍ତି, 'ସମସ୍ତେ କବି ନୁହନ୍ତି, କେହି କେହି କବି' ଏବଂ ତାଙ୍କର ଏହି ମନ୍ତବ୍ୟଟି ଆକ୍ଷରିକ ଅର୍ଥରେ ସତ୍ୟ। କବି ହେବାର ବାସନା ବହୁ ବ୍ୟକ୍ତିଙ୍କଠାରେ ଦେଖାଯାଏ; କିନ୍ତୁ ଶେଷପର୍ଯ୍ୟନ୍ତ 'କବି'ଟିଏ ହେବା, ସାଧନାର କ୍ଷୁରଧାର ମାର୍ଗରେ ଗତି କରି କବି ସ୍ୱୀକୃତି ଲାଭ କରିବା କେବଳ କଠିନ ତପସ୍ୟା ଓ ଜୀବନଯଜ୍ଞରେ ସଂପୂର୍ଣ୍ଣ ଆତ୍ମାହୁତି ଦ୍ୱାରା ହିଁ ସମ୍ଭବ। ଗୋଟିଏ ଯୁଗର, ଗୋଟିଏ ଜାତିର ଏବଂ ସର୍ବୋପରି ଜଣେ ସର୍ବକାଳିକ ମନୁଷ୍ୟର ଚିନ୍ତା ଓ ଚେତନା, ଅନୁଭୂତି ଓ ବେଦନା କବି ଲେଖନୀକୁ ଆଶ୍ରୟ କରି ରସମୟ ମାର୍ଗରେ ଓ ମର୍ମସ୍ପର୍ଶୀ ଭାଷାରେ ଆତ୍ମପ୍ରକାଶ କରିଥାଏ। ତେଣୁ ପ୍ରତିଯୁଗର କବି ଜାତି ଓ ଯୁଗର ନିଭୃତ ଚିତ୍ତଗହନର କଥାକାର—ଜୀବନର ଆନନ୍ଦ ବେଦନାର ଅପୂର୍ବ ରସଭାଷ୍ୟର ସେ ନିର୍ମାତା। ତେଣୁ ଯୋଗ୍ୟ କବି ବା ମହତ୍ କବିଙ୍କର ସଂଖ୍ୟା ପ୍ରତିଯୁଗରେ ବିରଳ। ଏ ପ୍ରସଙ୍ଗରେ କବି ବାଣଭଟ୍ଟ 'ହର୍ଷ ଚରିତ'ରେ ଏକ ନିର୍ମମ ସତ୍ୟର ଅବତାରଣା କରି କହିଛନ୍ତି, 'ସନ୍ତି ଶ୍ୱାନ ଇବାସଂଖ୍ୟା ଜାତିଭାଜୋ ଗୃହେ ଗୃହେ। ଉତ୍ପାଦକା ନ ବହବଃ କବୟଃ ଶରଭା ଇବ॥'– ଅର୍ଥାତ୍, କେବଳ ଜନ୍ମସୂତ୍ରରେ କୁକୁର, ଏପରି କୁକୁର ଯେପରି ଘରେ ଘରେ ଅସଂଖ୍ୟ, ସେଇପରି କେବଳ ନାମମାତ୍ରକ କବି, ଏପରି କବି ମଧ୍ୟ ଅଜସ୍ର। କିନ୍ତୁ ଶରଭ ସଦୃଶ କବିଙ୍କର ସଂଖ୍ୟା ଅତ୍ୟନ୍ତ କମ୍, ଯେଉଁମାନେ କି ଯଥାର୍ଥରେ ଉତ୍ପାଦକ (ଶରଭ ପକ୍ଷରେ ଊର୍ଦ୍ଧ୍ୱଚରଣ, କବିପକ୍ଷରେ ସୃଜନଶୀଳ)।

'ସିନ୍ଧୁ ଉପତ୍ୟକା'ର କବିତାଗୁଚ୍ଛ ଅଧ୍ୟୟନ କରିବା ପରେ ଏବଂ ସାମଗ୍ରିକ ଭାବରେ ସେଗୁଡ଼ିକର କାବ୍ୟଶ୍ରୀ ଓ କାବ୍ୟରସ ଅବଲୋକନ ଓ ଆସ୍ୱାଦନ କରିବାପରେ ଯେକୌଣସି ସହୃଦୟ ବିଦଗ୍ଧ ପାଠକର ସ୍ୱାଭାବିକ ମନେ ହେବ ଯେ ଏଗୁଡ଼ିକର ସ୍ରଷ୍ଟା ବା କବି ଜଣେ ସାଧାରଣ ଶିଳ୍ପୀ ନୁହନ୍ତି, ଶରଭ ସଦୃଶ ସେ ଜଣେ ସୃଜନଶୀଳ କାବ୍ୟପୁରୁଷ ଯେ କି ସାମ୍ୟବାଦିକତା ଓ ରାଜନୀତିର ପ୍ରଣୟପାଶରେ ବଶୀଭୂତ ଓ ମନ୍ତ୍ରମୁଗ୍ଧ ହୋଇ ଜୀବନର ପରିଣୀତା ବଧୂ କାବ୍ୟଲକ୍ଷ୍ମୀଙ୍କ ପ୍ରତି ଏଯାବତ୍ ଘୋର ଅବିଚାର ଓ ଅବହେଳା ପ୍ରଦର୍ଶନ କରି ଆସିଛନ୍ତି। ଆଳଂକାରିକ ରାଜଶେଖରଙ୍କ ଭାଷାରେ କବି 'ସହଜା' ବା ସ୍ୱଭାବସିଦ୍ଧା ସାରସ୍ୱତ ପ୍ରତିଭାର ଅଧିକାରୀ ହୋଇ ମଧ୍ୟ ତା'ର ସଂପୂର୍ଣ୍ଣ ବିନିଯୋଗ କ୍ଷେତ୍ରରେ ଚରମ ଉଦାସୀନତା ପ୍ରକାଶ କରିଆସିଛନ୍ତି। କବି ଅଡ଼େନ୍ (W.H. Auden) ଯଥାର୍ଥରେ କହିଥିଲେ, 'Poets like husbands are good, bad and indifferent.' କବି ଶ୍ରୀ ପଟ୍ଟନାୟକଙ୍କର ଏହି ଉଦାସୀନତା ଓ ଅବହେଳା ଯୋଗୁଁ ଓଡ଼ିଆ ବାଣୀଭଣ୍ଡାର

Digitized by PPRACHIN, SOA

ବିଚିତ୍ର ବିଭବ ପ୍ରାଚୁର୍ଯ୍ୟରୁ ଯେ ବଞ୍ଚିତ ହୋଇଛି, ଏହା ଯେ କେହି ପାଠକ ମୁକ୍ତ ମନରେ ସ୍ୱୀକାର କରିବେ।

'ସିନ୍ଧୁ ଉପତ୍ୟକା'ର ବିଭିନ୍ନ କବିତାରେ କବିଙ୍କର ଜୀବନ ଜିଜ୍ଞାସା ଓ ଜୀବନଦର୍ଶନ, ପ୍ରକୃତି ଓ ସୌନ୍ଦର୍ଯ୍ୟ ଚେତନା, ମନୁଷ୍ୟ ଓ ଜୀବନପ୍ରୀତି ଏବଂ ଜାତୀୟତା ଓ ସ୍ୱଦେଶପ୍ରେମ ବର୍ଣ୍ଣାଢ୍ୟ ଭାବରେ ବିକଶିତ ଓ ପ୍ରକଟିତ। ଏହି ସଂକଳନଟିରେ ଏପରି କେତୋଟି କବିତା ସ୍ଥାନ ପାଇଛନ୍ତି ଯେଉଁ ଗୁଡ଼ିକର ରଚନା ଜଣେ ପ୍ରଥମ ଶ୍ରେଣୀର ପ୍ରତିଭା ଓ ତା'ର ଅନ୍ତର୍ଦୃଷ୍ଟି ପକ୍ଷରେ ହିଁ କେବଳ ସମ୍ଭବ ଏବଂ ରୂପରମ୍ୟତା ଓ ରସଚେତନା ଦୃଷ୍ଟିରୁ ପାଠକ ହୃଦୟରେ ଅବିସ୍ମରଣୀୟ ଆସନର ଅଧିକାରୀ। ଅଳ୍ପ କେତୋଟି ସାର୍ଥକ କବିତାକୁ ଘେନି କବି ସବୁ ଦେଶରେ ଓ ସବୁ କାଳରେ ଚିରଂଜୀବୀ ହୁଏ ଜାତିର ଚିରଲୋକରେ ଏବଂ 'ସିନ୍ଧୁ ଉପତ୍ୟକା'ର 'ଜ୍ୟୋତିଶିଖା', 'ଗୋଟିଏ ଲଣ୍ଡାଗଛ', 'ଗୋଟିଏ ଦୀପଶିଖାର ମୃତ୍ୟୁ', 'ସରୀସୃପ', 'ତିନୋଟି ଘଟଣା', 'ଅଗ୍ନିଶିଖା', 'ଇନ୍ଦିରା ଲୋକମାତା ମା', 'ହେ ବିନୋବା କାଳଜୟୀ' ଓ 'ସିନ୍ଧୁ ଉପତ୍ୟକା' କବିତାଗୁଡ଼ିକ ଓଡ଼ିଆ କାବ୍ୟ ସାହିତ୍ୟରେ କବିଙ୍କୁ ସେହି ଅକ୍ଷୟ ଆୟୁଷର ଅବିନାଶୀ ସମ୍ମାନ ଦେବାକୁ ସମର୍ଥ। ଏଇ ସବୁ କବିତାର କେତେକ ସ୍ଥଳରେ ସମକାଳୀନ ଯୁଗର ବିଶ୍ୱସ୍ତ ଚିତ୍ର ଅଙ୍କିତ ହୋଇଛି ସତ, କିନ୍ତୁ ଏଗୁଡ଼ିକରେ ପ୍ରାଧାନ୍ୟ ଲାଭ କରିଛି ସେଇ ଚିରନ୍ତନ କଳାଦୃଷ୍ଟି ଯାହା ପାଠକକୁ ପ୍ରଦାନ କରେ ଜୀବନରହସ୍ୟର ଅବବୋଧ ଏବଂ ସଂଘଟିତ କରାଏ ତା'ର ଆତ୍ମିକ ଉତ୍ତରଣ।

ଏହି କାବ୍ୟ ସଂକଳନଟିର ଦୀର୍ଘତମ କବିତା ହେଉଛି 'ସିନ୍ଧୁ ଉପତ୍ୟକା' ଏବଂ ସେଇ ଶିରୋନାମା ବହନ କରି କାବ୍ୟଗ୍ରନ୍ଥଟି ମଧ୍ୟ ପ୍ରକାଶିତ। ସୂଚନାରେ କବି କହିଛନ୍ତି, ଏଇ କବିତାଟି ପ୍ରଥମେ 'ଇଂରେଜ ଯାଏ' ନାମରେ ୧୯୪୮ ମସିହାରେ ଆତ୍ମପ୍ରକାଶ କରିଥିଲା। କବିର କାବ୍ୟଜୀବନରେ ଏପରି ଗୋଟିଏ ଗୋଟିଏ କବିତା ରଚିତ ହୋଇଥାନ୍ତି, ଯେଉଥିରେ କି କାବ୍ୟପୁରୁଷର ସମଗ୍ର ଶିଳ୍ପସତ୍ତା, କବିର ଶିଳ୍ପମାନସ ଓ ବ୍ୟକ୍ତିତ୍ୱ ଏକାଧାରରେ ଅତି ପ୍ରୋଜ୍ଜ୍ୱଳ ଭାବରେ ପ୍ରକଟିତ ହୋଇ ଉଠିଥାନ୍ତି। ସେହିପରି ଶ୍ରୀ ପଟ୍ଟନାୟକଙ୍କର ଏକ ସାର୍ଥକ ଓ ରସୋତ୍ତୀର୍ଣ୍ଣ କବିତା ହେଉଛି 'ସିନ୍ଧୁ ଉପତ୍ୟକା'। ଏଥିରେ ବୈଚିତ୍ର୍ୟମୟ କବି-ବ୍ୟକ୍ତିତ୍ୱର ବିଭିନ୍ନ ବିଭାବ ଯେପରି ଅଭିବ୍ୟକ୍ତି ଲାଭ କରିଛି, ତା'ର ପଟାନ୍ତର ଅନ୍ୟତ୍ର ମିଳିବା ଦୁର୍ଲଭ। 'ସିନ୍ଧୁ ଉପତ୍ୟକା' ହରପ୍ପା ସଂସ୍କୃତି ବା ସୈନ୍ଧବ ସଭ୍ୟତାର ଜନ୍ମଭୂମି କେବଳ ନୁହେଁ, ଆର୍ଯ୍ୟ ସଂସ୍କୃତିର ମଧ୍ୟ ତାହା ମୂଳ ଉତ୍ସଙ୍ଗ ଏବଂ ଉଭୟ ସଂସ୍କୃତିର ମିଳନଭୂମି। କବି ତାହାକୁ ତେଣୁ ମୂଳାଧାର କରି ପ୍ରାଗୈତିହାସିକ ପ୍ରସ୍ତର ଯୁଗଠୁଁ

Digitized by PPRACHIN, SOA

ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ବହୁ ଶତାବ୍ଦୀର ଭାରତୀୟ ସାଂସ୍କୃତିକ ଇତିହାସକୁ ଯେପରି କାବ୍ୟିକ ପରିକ୍ରମା କରିଛନ୍ତି ଏବଂ କବିତାଟି ମଧ୍ୟରେ ନିଜର ଇତିହାସ ଓ ସଂସ୍କୃତି ଚେତନା, ସ୍ୱଦେଶପ୍ରୀତି ଓ ଜାତୀୟତାବୋଧ, ଶାନ୍ତି ଓ ସଂହତିକାମୀ ବିଦ୍ରୋହୀ ଶିଳ୍ପମାନସର ପରିଚୟ ଯେପରି ପ୍ରଦାନ କରିଛନ୍ତି, ତାହା କବିତାଟିକୁ ସମଗ୍ର କାବ୍ୟମାଳାର ସମୁଜ୍ଜ୍ୱଳ ମଧ୍ୟମଣିରେ ପରିଣତ କରିଛି। ଆପାତ ଦୃଷ୍ଟିରେ କେହି କେହି ଆଲୋଚକ କେବଳ ଇତିହାସର ଅବତାରଣା ଦୃଷ୍ଟିରୁ ରବୀନ୍ଦ୍ରନାଥଙ୍କ 'ଭାରତତୀର୍ଥ' କବିତା ସହିତ ଏହାର ଆଂଶିକ ସାମ୍ୟ ଲକ୍ଷ୍ୟ କରିପାରନ୍ତି। କିନ୍ତୁ ମନେ ରଖିବାକୁ ହେବ, ଉଭୟ କବିତାର ଆଭିମୁଖ୍ୟ ହେଉଛି ଭିନ୍ନ ଓ ସ୍ୱତନ୍ତ୍ର। ରବୀନ୍ଦ୍ରନାଥ 'ଭାରତତୀର୍ଥ' କବିତାଟିରେ ଇଂରେଜ ଜାତିକୁ ସ୍ୱାଗତ ଜଣାଇ କହିଛନ୍ତି, 'ଏସୋ ଏସୋ ଆଜ ତୁମି ଇଂରାଜ, ଏସୋ ଏସୋ ଖ୍ରୀଷ୍ଟାନ୍' ଯାହାକି ଶ୍ରୀ ପଟ୍ଟନାୟକଙ୍କ 'ସିନ୍ଧୁ ଉପତ୍ୟକା'ରେ ଅନୁପସ୍ଥିତ; ବରଂ ଭାରତର ଜନସମୁଦ୍ରରେ ମିଶିପାରି ନଥିବା ଲୁଣ୍ଠନକାରୀ ଧୂର୍ତ୍ତ ଇଂରେଜ ଜାତି ବିରୁଦ୍ଧରେ କାବ୍ୟମାନସର ବୈପ୍ଳବିକ ଉଚ୍ଚାରଣ କବିତାଟିରେ ଅତି ସ୍ପଷ୍ଟ। ଏହି କବିତାଟିର ରଚନାକାଳ ୧୯୪୭ ମସିହା ଅକ୍ଟୋବର ମାସ ବୋଲି ଲେଖକ ସୂଚନାରେ ପ୍ରକାଶ କରିଛନ୍ତି। ମହାତ୍ମା ଗାନ୍ଧୀ ସେତେବେଳେ ଜୀବିତ ଥିଲେ। ତେଣୁ ତାଙ୍କ ପ୍ରତି 'ପ୍ରାଚ୍ୟର ଦଧୀଚି' ବିଶେଷଣଟିର ପ୍ରୟୋଗ ଅସଙ୍ଗତ ହେବ ବୋଲି କବିତା ରଚନା ସମୟରେ ଲେଖକଙ୍କର ମନେ ହୋଇଥିଲା। ମାତ୍ର ଅସୁର ଶକ୍ତିର ବିନାଶ ପାଇଁ ଦଧୀଚିଙ୍କର ଆତ୍ମ ବଳିଦାନ ପରି ପରବର୍ତ୍ତୀ କାଳରେ ମହାତ୍ମା ଗାନ୍ଧୀଙ୍କର ଆତ୍ମବଳି କବିଙ୍କର କାବ୍ୟିକ ଆବେଗ ଓ ବିଶ୍ୱାସକୁ କିପରି ବାସ୍ତବ ସତ୍ୟରେ ପରିଣତ କରିଥିଲା, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। କବିର ଅନ୍ତର୍ଦୃଷ୍ଟି ବା ତୃତୀୟ ଚକ୍ଷୁ କାଳର ପ୍ରାଚୀର ବନ୍ଧନକୁ ଭେଦ କରି ଅନାଗତ ଭବିଷ୍ୟତକୁ କିପରି ଅବଲୋକନ କରିପାରେ, ଏହା ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଅନୁରୂପ ଏକ ଘଟଣା ଲିପିବଦ୍ଧ ହୋଇଛି ଋଷିକବି ରବୀନ୍ଦ୍ରନାଥଙ୍କ ଜୀବନରେ। ରବୀନ୍ଦ୍ରନାଥ ନିଜର କାବ୍ୟଜୀବନ ମଧ୍ୟରେ ମୂଳ ଇଂରାଜୀରେ ଗୋଟିଏ ମାତ୍ର କବିତା ୧୯୩୧ ମସିହାରେ ରଚନା କରିଛନ୍ତି, ଯାହାର ଶୀର୍ଷକ ହେଉଛି, 'The Child'। ୧୯୩୦ ମସିହାରେ ମହାତ୍ମାଗାନ୍ଧୀଙ୍କର ଦାଣ୍ଡୀ-ପଦଯାତ୍ରାର ଅନୁପ୍ରେରଣା ଏହି କବିତାଟି ମଧ୍ୟରେ ବର୍ତ୍ତମାନ। କେବଳ ସେତିକି ନୁହେଁ, ଜର୍ମାନୀର ବେଭରିଆ ଅଞ୍ଚଳ ଅନ୍ତର୍ଗତ 'ଓବେରାମେରଗାଁ'ଠାରେ ଅଭିନୀତ ହୋଇଥିବା ଯୀଶୁଖ୍ରୀଷ୍ଟଙ୍କ କ୍ରୁଶବିଦ୍ଧ ଜୀବନକାହାଣୀ ସମ୍ବଳିତ ଏକ ଧର୍ମୀୟ ନାଟକ (Passion play) ଯାହାକୁ ଉପଭୋଗ କରିବାର ସୁଯୋଗ ରବୀନ୍ଦ୍ରନାଥ ସେତେବେଳେ ପାଇଥିଲେ, ତାହାର ପ୍ରଚ୍ଛନ୍ନ ପ୍ରେରଣା ମଧ୍ୟ କବିତାଟିରେ ବିଦ୍ୟମାନ ବୋଲି ସମାଲୋଚକମାନେ ଲକ୍ଷ୍ୟ କରିଛନ୍ତି। ପରିପୂର୍ଣ୍ଣତାର ଦୁଷ୍ପ୍ରବେଶ୍ୟ ପୂତାପୀଠ

Digitized by PPRACHIN, SOA

ଆଡ଼କୁ ନରନାରୀଙ୍କର ଚିରନ୍ତନ ତୀର୍ଥଯାତ୍ରାର ରୂପକଚିତ୍ର ଏହି ନାଟକଟି ମଧ୍ୟରେ ନିହିତ। ଏହି କବିତାଟି (The Child) ଆଜି ଯେତେବେଳେ ପାଠକ ପଢ଼ିଥାଏ, ସେ ବିସ୍ମୟରେ ଅଭିଭୂତ ହୋଇପଡ଼େ, ଏଇଥିପାଇଁ ଯେ ରବୀନ୍ଦ୍ରନାଥ ଆର୍ଷଦୃଷ୍ଟିରେ ହୁଏତ ଦେଖିପାରିଥିଲେ ଗାନ୍ଧୀଜୀ ମାନବାତ୍ମାର ମୁକ୍ତିପାଇଁ ଦିନେ ଅମର ଶହୀଦରେ ପରିଣତ ହେବେ। କାରଣ, ସେ ଲେଖିଛନ୍ତି– 'We refused him in doubt, we killed him in anger, now we shall accept him in love,

For in his death he lives in the life of us all,

the great victim".

'Cultural heritage of India Vol,V,

'English'– K.R. Srinivasa Iyenger, M.A.,D. Litt

ଏ ସଂସାରରେ କେତେକ କ୍ଷଣଜନ୍ମା ମହାପୁରୁଷ ବା ମହୀୟସୀ ନାରୀ ଥାଆନ୍ତି ଯେଉଁମାନେ କି ଜନ୍ମଗ୍ରହଣ କରିଥାନ୍ତି ଦିଗ୍‌ଭ୍ରାନ୍ତ ମାନବ ସମାଜକୁ ଆଲୋକର ପଥ ପ୍ରଦର୍ଶନ ପୂର୍ବକ ମାନବାତ୍ମାର ମୁକ୍ତିର ସଙ୍ଗୀତ ଗାନ କରିବାକୁ–ସେମାନେ ହେଉଛନ୍ତି ଆଲୋକର ଦେବଦୂତ, ମାନବାତ୍ମାର କାରିଗର। ଏଇ ପର୍ଯ୍ୟାୟରେ ଆମେ ସ୍ମରଣ କରୁ ବୁଦ୍ଧ, ଖ୍ରୀଷ୍ଟ ବା ଗାନ୍ଧୀଙ୍କୁ କିମ୍ବା ପରବର୍ତ୍ତୀକାଳର ସନ୍ଥ ବିନୋବା ଓ ଇନ୍ଦିରାଗାନ୍ଧୀଙ୍କୁ। କବି ଶ୍ରୀ ପଟ୍ଟନାୟକ ଦୁଇଟି କବିତାରେ (ଇନ୍ଦିରା ଲୋକମାତା ମା' ଓ ହେ ବିନୋବା କାଳଜୟୀ) ବିନୋବା ଓ ଇନ୍ଦିରାଙ୍କୁ ଯେଉଁ କାବ୍ୟ-ଅର୍ଘ୍ୟ ଅର୍ପଣ କରିଛନ୍ତି, ତାହା କବି-କଳ୍ପନାର ଯାଥାର୍ଥ୍ୟ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ପାଠକ ପ୍ରାଣରେ ସେମାନଙ୍କ ପ୍ରତି ଭକ୍ତିପୂତ ଭାବନାର ସୌରଭ ସୃଷ୍ଟି କରିଥାଏ। ପୁରାଣ ଚେତନାର ରୂପକ ନେଇ କବି ବିନୋବାଙ୍କୁ ଯାଜ୍ଞବଲ୍କ୍ୟ, ବିଦୁର ଓ ଶାରିପୁତ୍ରଙ୍କ ସହିତ ତୁଳନା କରିବା ଯେପରି ଯୋଗ୍ୟ ଓ ଯଥାର୍ଥ, ଇନ୍ଦିରାଙ୍କୁ ଲକ୍ଷ୍ୟ କରି ଯେତେବେଳେ ସେ ଲେଖିଛନ୍ତି–

"ଏଇ ବିକ୍ଷୁବ୍ଧ ଧରିତ୍ରୀରେ
ତୁମେ ଥିଲ
ଶାନ୍ତି, ମୈତ୍ରୀ, ନ୍ୟାୟର
ଏକ ଅକୁତୋଭୟ ତେଜୋମୟୀ ମୂର୍ତ୍ତି।
ଇନ୍ଦିରା
ଲୋକମାତା ମା'

Digitized by PPRACHIN, SOA

କ୍ଷୀରାବ୍ଧିତନୟା ରମା''– ପଂକ୍ତିଗୁଡ଼ିକ ଠିକ୍ ସେହିପରି କାବ୍ୟିକ ନ୍ୟାୟର ବାର୍ତ୍ତାବହ। ବିଶ୍ୱର ରାଜନୀତିକ ଇତିହାସରେ ମୃତ ବା ଜୀବିତ ବ୍ୟକ୍ତିମାନଙ୍କ ମଧ୍ୟରେ ତାଙ୍କ ବ୍ୟକ୍ତିତ୍ୱର ପଟାନ୍ତର ଖୋଜିବା ବିଡ଼ମ୍ବନା ମାତ୍ର। ସେ କେବଳ ଏ ଯୁଗର ନୁହନ୍ତି ଚିରନ୍ତନ କାଳର ଜଣେ ମହୀୟସୀ ମହିଳା ଏବଂ କାଳର କପୋଳରେ ତାଙ୍କର ଐତିହାସିକ ବ୍ୟକ୍ତିତ୍ୱ ଶୁଭ୍ର, ସମୁଜ୍ଜ୍ୱଳ ଦୀପ୍ତିରେ ଆଜି ଦେଦୀପ୍ୟମାନ। ଲୋକସଭାରେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ସେଦିନ ଖୁସ୍‌ବନ୍ତ ସିଂ ଯଥାର୍ଥରେ କହିଥିଲେ– "Before her the great figures of history, the Caesars of Rome and the Tsars of Russia, the Bonapartes of France and the Kaisers of Germany, the monarchs of England, Presidents and Prime Ministers of our times pale into littleness."

କବି ଶ୍ରୀ ପଟ୍ଟନାୟକଙ୍କର ରୂପପ୍ରାଣତା, ପ୍ରକୃତି ଓ ସୌନ୍ଦର୍ଯ୍ୟ ଚେତନା ତାଙ୍କର ବହୁ କବିତାରେ ପ୍ରକଟିତ ଏବଂ ଏ କ୍ଷେତ୍ରରେ ତାଙ୍କର 'ଫ୍ଲେମିଙ୍ଗୋ', 'ସରୀସୃପ', 'ଶିମିଳିପାଳ', 'ଅର୍କମଣିକା' ଓ 'ହୀରାକୁଦ' ପ୍ରଭୃତି କବିତାଗୁଡ଼ିକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରାଯାଇପାରେ। ଏରା ପକ୍ଷୀ ବା ଫ୍ଲେମିଙ୍ଗୋ ରୂପସୀ ଚିଲିକାର ଏକ ବିଶିଷ୍ଟ ଓ ଅଭିନବ ସୌନ୍ଦର୍ଯ୍ୟର ଉପାଦାନ। 'ଚିଲିକା' କାବ୍ୟରେ କବି ରାଧାନାଥ ଏଇ ଏରାପକ୍ଷୀଙ୍କ ସୌନ୍ଦର୍ଯ୍ୟ ବର୍ଣ୍ଣନା କରି କହିଛନ୍ତି– 'କଳରବେ ଏରା ଉଡ଼ିଣ ଦୁଦରୁ/ ଅରଣ୍ୟେ ଲୋଡ଼ନ୍ତି ଯେଝା ନୀଡ଼ ତରୁ/ପୀତ ଅସ୍ତ-କର ହେବାରୁ ପତିତ/ଡେଣା ଦିଶେ ଯେହ୍ନେ ସୁବର୍ଣ୍ଣ-ମଣ୍ଡିତ।' ନୃତ୍ୟନିପୁଣା ବାଲେରିନା ଦଳ ପରି ଏଇ ଏରାପକ୍ଷୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କବି ଶ୍ରୀ ପଟ୍ଟନାୟକ କହିଛନ୍ତି, – 'ନଗ୍ନପାଦ ନଗ୍ନ ଶିର ଈଷତ ଲୋହିତ। ଅର୍କେଷ୍ଟ୍ରାର ତାଳେ ତାଳେ ସୁରୁ ହୁଏ ନୃତ୍ୟ'/ଏକ ସଙ୍ଗେ ଉଠେ ପଡ଼େ ଡେଣା/ ସେ ଡେଣାରେ କେତେ ଫଗୁ କେତେ ଲାଲ କେତେ ଅରୁଣିମା।' ଓଡ଼ିଆ କାବ୍ୟ ସାହିତ୍ୟରେ କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ପାଶୋରି ଦେଲି ରେ ଶିମିଳିପାଳ' ଏକ ସ୍ମରଣୀୟ କବିତା। କବି ଶ୍ରୀ ପଟ୍ଟନାୟକ ମଧ 'ଶିମିଳିପାଳ' ଉପରେ ଏକ ରସୋତ୍ତୀର୍ଣ୍ଣ କବିତା ରଚନା କରିଛନ୍ତି। 'ମେଘର ଧ୍ୱନିରେ/ଯେତେବେଳେ ପ୍ରକୃତିର/ପୁରୁଣା ମାଦଳ ବାଜି ଉଠେ/ ମୁଁ ତାର ନୃତ୍ୟ ଦେଖେ/ ମୟୂରର ବେଶରେ/ ଏକ ମୁଗ୍ଧ ନର୍ତ୍ତକୀର;/ବାଉଁଶ ବଣର ରନ୍ଧ୍ରେ ରନ୍ଧ୍ରେ/ ପବନର ତାଳେ ତାଳେ/ ବାଜେ ବନର ବାଂଶରୀ।'–ପଙ୍‌କ୍ତିଗୁଡ଼ିକ ଶ୍ରୀ ପଟ୍ଟନାୟକଙ୍କର ରମ୍ୟ ପ୍ରକୃତିପ୍ରାଣତାର ସାର୍ଥକ ନିଦର୍ଶନ। ସେହିପରି 'ହୀରାକୁଦ' କବିତାରେ ଯେତେବେଳେ ସେ ଲେଖିଛନ୍ତି, 'ରାତ୍ରି ଆସେ/ଜ୍ୟୋତ୍ସ୍ନାରଚେ ରୂପସୀର ମାୟା। ଅରଣ୍ୟ ବିସ୍ତାରେ

Digitized by PPRACHIN, SOA

ତା'ର ତିମିରିତ କାୟା/ଶାଳବନେ ନାଚେ ଛାୟା/ଆଲୋକର ସଙ୍ଗେ। ବାଉଁଶର ରନ୍ଧ୍ରେ ରନ୍ଧ୍ରେ/ପବନର ତରଙ୍ଗେ ତରଙ୍ଗେ/ବିମୋହନ ଧ୍ୱନି ଆସେ ଭାସି/ ଆକାଶ ପୃଥିବୀ ହ୍ରଦ/ ମିଶିଯାନ୍ତି ଦୂର ଦିଗ୍‌ବଳୟେ/ ଆନନ୍ଦ ବିସ୍ମୟେ।' ସେତେବେଳେ ପାଠକପ୍ରାଣରେ ତାହା ଇନ୍ଦ୍ରିୟୋତ୍ତର ଏକ ରୂପ ଓ ରସଚେତନା ସୃଷ୍ଟି କରିଥାଏ। ପ୍ରକୃତିର ମୋହିନୀ ରୂପରେ କବି କେବଳ ମୁଗ୍‌ଧ ହୋଇନାହାନ୍ତି, ସ୍ଥଳବିଶେଷରେ ନିଜର ରୂପପ୍ରାଣତା ମଧ୍ୟରେ ପ୍ରକୃତି ଓ ଜୀବନର ରହସ୍ୟ ମଧ୍ୟ ଉପଲବ୍‌ଧି କରିବାକୁ ସେ ପ୍ରୟାସୀ ହୋଇଛନ୍ତି। 'ସରୀସୃପ' କବିତାର 'ଆଦିମ ପ୍ରକୃତି ତା'ର ରଙ୍ଗମଞ୍ଚ/ସମୁଦ୍ର ଅରଣ୍ୟ ନଦୀ/ ସ୍ଥଳଚର ଜଳଚର ସ୍ଥାବର ଜଙ୍ଗମ/ଅଗଣିତ ଅଭିନେତା ଅଭିନେତ୍ରୀ/ନାଟ୍ୟ ଏକ ହୁଅଇ ରଚିତ।' କିମ୍ବା 'ଅର୍କମଶିଳା' କବିତାର 'କିଏ ଏହି ପ୍ରକୃତିର ଚିତ୍ରକାର ?/ ପାଷାଣ କଠୋର/ ନିଛକ ଶିଳାର ଗର୍ଭୁ/କିପରି ଜନ୍ମିଲା/ପାର୍ବତୀୟ ବାଳା/ଅବା ଏ ଛଗଲ—/କାହାଣୀ ଏ ଏକ ବିସ୍ମୟର'—ପ୍ରଭୃତି କାବ୍ୟ-ପଙ୍‌କ୍ତିଗୁଡ଼ିକ ସ୍ରଷ୍ଟାମାନସର ସେଇ ପ୍ରକୃତି ଓ ଜୀବନରହସ୍ୟ ଉପଲବ୍‌ଧିର ଉଜ୍ଜ୍ୱଳ ଦୃଷ୍ଟାନ୍ତ ମାତ୍ର। ଏ କ୍ଷେତ୍ରରେ କବିଙ୍କର 'ତିନୋଟି ଘଟଣା' ଶୀର୍ଷକ କବିତାଟି ଏକ ସାର୍ଥକ ଗଦ୍ୟ-କବିତା। ପ୍ରକୃତିର ରଙ୍ଗମଞ୍ଚରେ ସଂଘଟିତ ତିନୋଟି ଘଟଣା କବିଙ୍କୁ ଜୀବନରହସ୍ୟ ସମ୍ପର୍କରେ କେବଳ ଯେ ସଚେତନ କରିଛି ତା' ନୁହେ, ତାଙ୍କୁ ମଧ୍ୟ ପ୍ରଦାନ କରିଛି ଏକ ନିର୍ଦ୍ଦିଷ୍ଟ ଜୀବନ-ପ୍ରତ୍ୟୟ ଏବଂ ତା' ହେଉଛି—'ଜୀବନ ହାରିବା ପାଇଁ ନୁହେଁ/ପଡ଼ି ଉଠି ନିଜର ପ୍ରାପ୍ୟ ଲାଭ କରିବା ପାଇଁ।'

କବିଙ୍କର ସ୍ୱକୀୟ ଜୀବନଦର୍ଶନ ତାଙ୍କର ଅନ୍ୟ କେତୋଟି କବିତାରେ ମଧ୍ୟ ଅଭିବ୍ୟକ୍ତି ଲାଭ କରିଛି ଏବଂ ଏ ପ୍ରସଙ୍ଗରେ 'ଜ୍ୟୋତିଶିଖା', 'ଗୋଟିଏ ଦୀପଶିଖାର ମୃତ୍ୟୁ' ଓ 'ଅସୂୟା' କବିତାଗୁଡ଼ିକ ଉଲ୍ଲେଖଯୋଗ୍ୟ। 'ଜୀବନେ ସଳିତା କରି/ ଉଠିବି ମୁଁ ଜଳି/ ଘୁମନ୍ତ ରଜନୀ ବୁକୁ ଚିରି/ଜ୍ୟୋତିଶିଖା/ଆଶାର ମୁଁ ଜାଗ୍ରତ ପ୍ରହରୀ।' ଏହାହିଁ ଯେପରି କବିଙ୍କର ଜୀବନବାଣୀ। ଅନ୍ଧକାର ବିରୁଦ୍ଧରେ କବିଙ୍କର ଅଭିଯାନ ଅପ୍ରତିହତ ଏବଂ ମାନବାତ୍ମାର ଅପରାଜେୟ ସଂଗ୍ରାମୀ ଶକ୍ତିରେ ସେ ବିଶ୍ୱାସୀ। 'ଗୋଟିଏ ଦୀପଶିଖାର ମୃତ୍ୟୁ'ରେ ଏହା ପ୍ରତୀକାତ୍ମକ ଭାବରେ ଆତ୍ମପ୍ରକାଶ କରିଛି। 'ଅସୂୟା' କବିତାରେ ମଧ୍ୟ କବି କହିଛନ୍ତି, 'ଆସୁ ଝଞ୍ଜାଝଡ଼/ଆସୁ ଯେତେ ବାଧାର ପାହାଡ଼/ କନକ ମୁକୁଟ ଚାହେଁ ନାହିଁ/କଣ୍ଟା ଲାଗେ ଭଲ/ ଏ କଣ୍ଟାରେ ଫୁଟୁ ଫୁଲ/ ଆଗାମୀ କାଲିର/ସେଇ ଫୁଲ ପାଇଁ ମୋର/ ସବୁ ଶ୍ରମ ସ୍ୱେଦ ଅଶ୍ରୁ ଶୋଣିତର ଧାର।' ଅନ୍ତହୀନ ଯାତ୍ରା ଓ ସଂଗ୍ରାମ ପାଇଁ ଅବିଚଳିତ ପୌରୁଷ ଓ ଅନାହତ ବିଶ୍ୱାସ ହିଁ ଯେପରି କବିଙ୍କର ପାଥେୟ—ଅସରନ୍ତି ପ୍ରାଣପାଚୁର୍ଯ୍ୟର କବି ପୂଜାରୀ ଏବଂ 'ଚରୈବେତି' 'ଚରୈବେତି' ଗତିମନ୍ତ୍ରର ଉପାସକ। ଜୀବନର ଯାତ୍ରା ପଥରେ କବି ଯେଉଁଠି ଶୋଷଣ, ପୀଡ଼ନ

Digitized by PPRACHIN, SOA

ଓ ଅନାଚାର ଲକ୍ଷ୍ୟ କରିଛନ୍ତି, ସେଠାରେ ତାଙ୍କର ଲେଖନୀ ଅନ୍ୟାୟର ପ୍ରତିବାଦ କରି କେବଳ ନୀରବ ରହିନାହିଁ, ସେହି ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ ଶିଙ୍ଗାନାଦ- 'ଯୁଦ୍ଧଂ ଦେହି'ର ଆହ୍ୱାନ ସେ ଶୁଣାଇଛନ୍ତି। ଏ ପ୍ରସଙ୍ଗରେ 'ପଥର ପାଞ୍ଚାଳୀ' କବିତାଟି ଉଲ୍ଲେଖଯୋଗ୍ୟ। ଯୁଗ ଯୁଗ ଧରି ପୁରୁଷପ୍ରଧାନ ଅନ୍ଧ ସମାଜ ନାରୀଜାତି ପ୍ରତି ଯେଉଁ ଅନ୍ୟାୟ ଓ ଅବିଚାର ପ୍ରଦର୍ଶନ କରିଆସିଛି, ସେଥିରେ କବିପ୍ରାଣ ବ୍ୟଥିତ ହେବା ସଙ୍ଗେ ସଙ୍ଗେ ବିଦ୍ରୋହର ବଜ୍ରଧ୍ୱନି ସୃଷ୍ଟି କରି କହିଛି, 'ହେଉ ଥରେ ଭୂମିକମ୍ପ/ଫାଟୁ ଏ ଧରଣୀ/ଉଠନ୍ତୁ ସେ ଦଶଭୁଜା ମହିଷମର୍ଦ୍ଦିନୀ/ଧର୍ମଧ୍ୱଜୀ, ପ୍ରପଞ୍ଚକ/ପଙ୍କପାଙ୍କ ଗୋଷ୍ଠୀ/ଧ୍ୱଂସ ହେଉ ନୂଆ ହେଉ ସୃଷ୍ଟି।' ନାରୀଜାତିର ଅଭ୍ୟୁଦୟ ଓ ତା'ର ସମ୍ମାନ ପ୍ରତିଷ୍ଠା ପାଇଁ କବି-ହୃଦୟର ମହିମ୍ନଗୀତିକା ଏ କବିତାଟିରେ ଯେପରି ଶ୍ରୁତିଗୋଚର, ଠିକ୍ ଅନୁରୂପ ସ୍ୱରରେ କୁଳବୃଦ୍ଧ ଓ ମନସ୍ୱୀ ମଧୁସୂଦନ ଦିନେ ଦେଶ-ମାତୃକାର ସେବା ପାଇଁ 'ଉତ୍କଳସନ୍ତାନ'କୁ ଉଦ୍‌ବୋଧନ ଦେଇ ଲେଖିଥିଲେ, 'ଭୂମିକମ୍ପ ହେବ ଧରଣୀ ଫାଟିବ ଉଠିବେ ସହସ୍ରଭୁଜା/ ସେହି ତୋର ମାତା ସେହି ତୋର ଭ୍ରାତା କର ସେହି ପଦପୂଜା।' ସ୍ୱରସାମ୍ୟ ପରିଲକ୍ଷିତ ହେଲେ ବି ଦୁଇ କବିଙ୍କ କାବ୍ୟଚେତନାର ଆଭିମୁଖ୍ୟ ଓ ଅଭିବ୍ୟକ୍ତି ଭିନ୍ନ ଓ ସ୍ୱତନ୍ତ୍ର। ଅବଶ୍ୟ ସ୍ୱଦେଶର ମାଟି ଓ ମନୁଷ୍ୟ ପ୍ରତି କବିପ୍ରାଣର ଗଭୀର ମମତା ଓ ପ୍ରୀତିର ପରିଚୟ ବହନ କରିଥିବା କାବ୍ୟ-ପଙ୍‌କ୍ତି ସଂକଳନର ବହୁ କବିତାରେ ସୁଲଭ, କିନ୍ତୁ 'ସିନ୍ଧୁ ଉପତ୍ୟକା' ସହିତ 'ଖୋରଧାଗଡ଼' କବିତାଟି ଏ ପ୍ରସଙ୍ଗରେ ଏକାନ୍ତ ଭାବରେ ସ୍ମରଣୀୟ।

ବର୍ତ୍ତମାନ ଶ୍ରୀ ପଟ୍ଟନାୟକଙ୍କର ଏକ ନିର୍ଦ୍ଦିଷ୍ଟ କବିତାର ଆଲୋଚନାର ଅବତାରଣା କରି ସିନ୍ଧୁ-ଉପତ୍ୟକାର ପରିକ୍ରମା ଶେଷ କରିବାକୁ ଯାଉଛି। ସେ କବିତାଟିର ଶୀର୍ଷକ ହେଉଛି, 'ଗୋଟିଏ ଲଣ୍ଡା ଗଛ' ଏବଂ କବିଙ୍କର ଅନ୍ୟ କେତୋଟି ସାର୍ଥକ ଓ ରସୋତ୍ତୀର୍ଣ୍ଣ କବିତାମଧ୍ୟରୁ ଏହା ଅନ୍ୟତମ ବୋଲି ପୂର୍ବରୁ ଉଲ୍ଲେଖ କରିଛି। ଲଣ୍ଡା ଗଛଟିଏ—ତା'ର ଡାଳ, ପତ୍ର, ଫୁଲ, ଫଳ କିଛି ହେଲେ କିଛ ନାହିଁ— ସେ ସଂପୂର୍ଣ୍ଣ ଉଲଗ୍ନ। ତାଆରି ଉପରେ ଦୂରରୁ ଉଡ଼ି ଆସି ବଗଟିଏ ଏକାକୀ ଧ୍ୟାନମଗ୍ନ ଭାବରେ ବସିଛି। ବାସ୍, ଏତିକି ହେଉଛି କବିତାଟିର ମୁଖ୍ୟ ଚିତ୍ରକଳ୍ପ। ଏ ଚିତ୍ରକଳ୍ପଟି ମୁହୂର୍ତ୍ତକ ପାଇଁ ପାଠକର ଅବଚେତନରେ ସ୍ମରଣ କରାଇଦିଏ ଉପେନ୍ଦ୍ର ଭଞ୍ଜଙ୍କର ସେଇ ଦୁଇଟି କାବ୍ୟପଙ୍‌କ୍ତି— 'ବକ ବସିଥିଲା ଧ୍ରୁବ ଉପରେ/ ବିଷ୍ଣୁ ପଦକୁ ଭଜିଲା ଉଭାରେ।' ଛବିଟି କେବଳ ସମାନ, କିନ୍ତୁ କବିଙ୍କର ଚିନ୍ତା, ଚେତନା ଓ ରସବୋଧ ସଂପୂର୍ଣ୍ଣ ଭିନ୍ନ ସ୍ତରର। ଯା'ପରେ ପାଠକର ସ୍ମୃତିଲୋକରେ ସଜାଗ ହୋଇଉଠେ କବି ଗୋପବନ୍ଧୁଙ୍କର ଗୋଟିଏ କବିତା, 'ଗ୍ରୀଷ୍ମେ ଖୁଣ୍ଟା ଗଛ'। ଏ କବିତାଟିରେ ଗୋଟିଏ ଲଣ୍ଡା ଗଛର ରୂପଚିତ୍ର ରହିଛି ସତ, କିନ୍ତୁ ଏଥିରେ ବର୍ଣ୍ଣିତ ହୋଇଛି ଯୌବନର କ୍ଷଣଭଙ୍ଗୁରତା,

Digitized by PPRACHIN, SOA

ବୃକ୍ଷ-ଜୀବନର ଅତୀତ ବିଭବ ଓ ବର୍ତ୍ତମାନର ଯତି-ଜୀବନ, ଭାରତର ଅତୀତ ଗୌରବର ସ୍ମୃତି ଏବଂ ବର୍ତ୍ତମାନ ଭାରତର ଅଭ୍ୟୁଦୟ ପାଇଁ କବି-ଜୀବନର ସ୍ୱପ୍ନ। କାବ୍ୟରସ ଅପେକ୍ଷା ଆଦର୍ଶ ଜୀବନଦର୍ଶନର ଅଭିବ୍ୟକ୍ତି ଏହାର ମୁଖ୍ୟ ଲକ୍ଷ୍ୟ ଓ ଆଭିମୁଖ୍ୟ। ମାତ୍ର ଶ୍ରୀ ପଟ୍ଟନାୟକଙ୍କର 'ଗୋଟିଏ ଲଣ୍ଡାଗଛ' ସଂପୂର୍ଣ୍ଣ ଭିନ୍ନ କିସମର କବିତା ଏବଂ ଏହାର ସ୍ୱାଦ ଓ ରସବୋଧ ମଧ ଭିନ୍ନ ପର୍ଯ୍ୟାୟର। ଲଣ୍ଡା ଗଛଟିକୁ ଆଧାର କରି ମାନବଜୀବନର ପରିପୂର୍ଣ୍ଣ ରୂପସଂପଦର ସଜଳଶ୍ରୀ ସହିତ ତା'ର ସର୍ବଶୂନ୍ୟତାର ନିଃସହାୟ ଅଶ୍ରୁକାରୁଣ୍ୟ, ଜୀବନର ସ୍ୱାଭାବିକ ଗତି, ବିକାଶ ଓ ପରିଣତି ସମ୍ପର୍କରେ କବିପ୍ରାଣର ସଚେତନତା ଓ ରହସ୍ୟବୋଧ, ନିୟତିର ଅଲଂଘନୀୟ ଅନୁଶାସନ ଏବଂ ସର୍ବୋପରି ସର୍ବହରା ପ୍ରାଣ ପ୍ରତି କବି ହୃଦୟର ସାନ୍ତ୍ୱନା ଓ ସମ୍ବେଦନଶୀଳତା କବିତାଟିରେ ଯେପରି ସୂକ୍ଷ୍ମ ଓ ସୁଷ୍ଠୁ ଅଭିବ୍ୟକ୍ତି ଲାଭ କରିଛି, ତା'ର ପଟାନ୍ତର ଓଡ଼ିଆ କାବ୍ୟଭଣ୍ଡାରରେ ଦୁର୍ଲଭ।

'ସିନ୍ଧୁ-ଉପତ୍ୟକା' କାବ୍ୟ-ସଂକଳନଟି ଶ୍ରୀ ପଟ୍ଟନାୟକଙ୍କୁ ଓଡ଼ିଆ କାବ୍ୟ ଜଗତରେ ଯେ ପ୍ରତିଷ୍ଠିତ ଓ ସମ୍ମାନିତ କରିଛି, ଏଥିରେ ସନ୍ଦେହ ନାହିଁ। କବି ମାନସିଂହ ପଣ୍ଡିତ ନୀଳକଣ୍ଠଙ୍କୁ ଲକ୍ଷ୍ୟ କରି ଲେଖିଛନ୍ତି, ରାଜନୀତିକ ନୀଳକଣ୍ଠ ହୁଏତ ଦିନେ ବିସ୍ମୃତ ହୋଇଯାଇପାରନ୍ତି, ମାତ୍ର 'କୋଣାର୍କ'ର କବି ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ—ତାଙ୍କର କାବ୍ୟଯଶ ଚିରକାଳ ଅବିନାଶୀ ହୋଇରହିବ। ସେହିପରି ତାଙ୍କୁ ଅନୁସରଣ କରି ନିଃସଂକୋଚରେ କୁହାଯାଇପାରେ, ରାଜନୀତିକ ଜାନକୀବଲ୍ଲଭଙ୍କୁ ଓଡ଼ିଆ ଜାତି କେବେ ହୁଏତ ସ୍ମରଣ କରି ନ ପାରେ—କିନ୍ତୁ 'ସିନ୍ଧୁ-ଉପତ୍ୟକା'ର କବି ଜାନକୀବଲ୍ଲଭଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ ଥିବାଯାଏ ଓଡ଼ିଆ ଜାତି ସ୍ମରଣ କରିବାକୁ ନିଶ୍ଚୟ ବାଧହେବ। ଏଇ ବାଣୀପୁତ୍ର ଓଡ଼ିଆ କାବ୍ୟ ଭଣ୍ଡାରକୁ ଦାନର ପ୍ରାଚୁର୍ଯ୍ୟ ଦ୍ୱାରା ଅଧିକ ଋଦ୍ଧିମନ୍ତ କରନ୍ତୁ, ଜଣେ ବିଦଗ୍ଧ ପାଠକ ଭାବରେ ଏହା ଆଶା କରିବା ଆଜି ଏକାନ୍ତ ସ୍ୱାଭାବିକ।

■ ■

Digitized by PPRACHIN, SOA

ମୃତ୍ୟୁଂଜୟ ମାନସିଂହ

'ସବୁଜ ଯୁଗ'ର ଠିକ୍ ପଛେ ପଛେ ଆସି ଦେଖା ଦେଇଥିଲେ ହେଁ ମାୟାଧର ମାନସିଂହଙ୍କ ପ୍ରତିଭା ସବୁଜ ଧାରାରୁ ଏକ ବଳିଷ୍ଠ ଓ ଅପ୍ରତ୍ୟାଶିତ ବ୍ୟତିକ୍ରମ। 'ସବୁଜ ବିଦ୍ୟାଳୟ'ର ସ୍ରଷ୍ଟାମାନଙ୍କପ୍ରତି ଏହି ପ୍ରାୟ-ସମସାମୟିକ କବି ମାନସିଂହଙ୍କ 'ପରଧର୍ମ' ପ୍ରବନ୍ଧରେ ଯେଉଁ କାବ୍ୟିକ ପ୍ରତିବାଦ ନିହିତ, ତାହାରି ମଧ୍ୟରେ ହିଁ ମାନସିଂହଙ୍କର ସୃଷ୍ଟି ମୌଳିକତାର ସାର୍ଥକ ପରିଚୟ ବିଦ୍ୟମାନ। ଏହି ସ୍ରଷ୍ଟା ପ୍ରାୟ ଗତ ଅର୍ଦ୍ଧଶତାବ୍ଦୀ ଧରି ଏହି ଜାତିକୁ ତାଙ୍କର ଗୀତିକବିତା, କଥା ବା ଗାଥାକବିତା, ଚତୁର୍ଦ୍ଦଶପଦୀ କବିତା, ବ୍ୟଙ୍ଗ କବିତା, କାବ୍ୟ, ନାଟକ, କାବ୍ୟ-ନାଟିକା, ସମୀକ୍ଷାଧର୍ମୀ ସାରସ୍ୱତ ପ୍ରବଂଧ, ସାହିତ୍ୟର ଇତିହାସ, ପୁଣି ଶିକ୍ଷା, କଳା ଓ ସଂସ୍କୃତି ସଂବନ୍ଧୀୟ ପ୍ରବଂଧାବଳୀ ଦାନ କରି ଆସିଛନ୍ତି। ଜାତିପ୍ରତି ତାଙ୍କର ଏହି ଅଜସ୍ର ଦାନ ମଧ୍ୟରେ ଶ୍ରୀ ମାନସିଂହଙ୍କର ସୃଷ୍ଟି-ପ୍ରତିଭା ମୁଖ୍ୟତଃ କାବ୍ୟଧର୍ମୀ ବୋଲି ସ୍ୱୀକୃତ ହେଉଥିଲେ ହେଁ ତାଙ୍କ ସୃଷ୍ଟିର ଅନ୍ୟାନ୍ୟ ବିଭାବ ଓ ବିଭବ (ସ୍ଥଳବିଶେଷକୁ ପରିହାର କଲେ) ସ୍ୱକୀୟତା-ମାଧୁରୀରେ ସ୍ନିଗ୍ଧ ଏବଂ ଶକ୍ତିମାନ୍, ସୃଷ୍ଟି-ବ୍ୟଞ୍ଜନା ଦୃଷ୍ଟିରୁ ଅନବଦ୍ୟ ଓ କାଳଜୟୀ।

ମାନସିଂହଙ୍କ ସୃଷ୍ଟି-ପ୍ରତିଭାକୁ ଆଲୋଚନାର ସହଜ ଅବବୋଧ ପାଇଁ ମୁଖ୍ୟତଃ ସୌନ୍ଦର୍ଯ୍ୟ, ପ୍ରଣୟ ଓ ପରିଣୟ, ସତ୍ୟ ଓ ମାନବିକତା ଏବଂ ପରିଶେଷରେ ଐଶୀଚେତନା ଓ ସାର୍ବଭୌମିକ ପରିକଳ୍ପନା ଦୃଷ୍ଟିରୁ ଆଲୋଚନା କରାଯାଇପାରେ। ଅଳ୍ପକଥାରେ କହିଲେ, ଏହି ପ୍ରତିଭା ଭାରତୀୟ ସାହିତ୍ୟ ଓ ସଂସ୍କୃତିର ପରଂପରା ଦୃଷ୍ଟିରୁ ସର୍ବଦା 'ସତ୍ୟ, ଶିବ ଓ ସୁନ୍ଦର'ର ପୂଜାରୀ ଏବଂ 'ସତ୍ୟ'ହିଁ ତାଙ୍କ ସମସ୍ତ ସୃଷ୍ଟି ମଧ୍ୟରେ ଏକ ସକ୍ରିୟ ଭୂମିକାରୂପେ ତାଙ୍କର ସଂବେଦନଶୀଳ ଆତ୍ମା ଓ ସହଜ ବୌଦ୍ଧିକ ଚିନ୍ତାର ବାହକ ହୋଇ ଆସିଛି। ଭୌଗୋଳିକ ପରିବେଶ ବା ସାମସମୟିକ ରାଜନୀତିକ-ସ୍ଲୋଗାନମୁକ୍ତ ତାଙ୍କର ସୃଷ୍ଟି-ଜୀବନ ସର୍ବଦା ହୋଇଆସିଛି ମାନବାତ୍ମାର ମୁକ୍ତିସଂଧାନୀ।

Digitized by PPRACHIN, SOA

ପଲ୍ଲୀକବି ମାନସିଂହ

ଏହି କାବ୍ୟ-ପୁରୁଷଙ୍କର ଜନ୍ମ, ସ୍ନିଗ୍ଧ ପ୍ରାକୃତିକ-ପରିବେଶ-ମଂଡ଼ିତ ଏକ କ୍ଷୁଦ୍ର ପଲ୍ଲୀଗ୍ରାମରେ, ଯାହାର ଛବିକ ସୌନ୍ଦର୍ଯ୍ୟର ଚିତ୍ର କବି ନିଜେ ତାରୁଣ୍ୟର ତରଳତା ଦେଇ ଅଂକନ କରିଛନ୍ତି—

"ବିସ୍ତୀର୍ଣ୍ଣ ପ୍ରକୃତି ଯହିଁ ଦିଗମ୍ବର ବେଶେ
ବୃକ୍ଷହୀନ-ହେମକାଂତ-ସିକତା ବିସ୍ତାରେ
ମହୋଦଧି ତଟପ୍ରାଂତେ । ସିଂଧୁ-ସିକତାରେ
କ୍ରୀଡ଼ଂତି ନିଶୀଥେ ତହିଁ ଜଳକନ୍ୟାଗଣ
କିଆକୁଂଜେ ଲୁଚକାଳି, କୋମଳ ଚରଣ
ବୁଡ଼େ ନାହିଁ ବାଲୁକାରେ । ବର୍ଷାରଂଭେ ତହିଁ
ପୁନ୍ନାଗ କୁସୁମ ଗଂଧ ପ୍ରାଣଦିଏ ଦହି
ବିରହୀ ତରୁଣଂକର । କ୍ଷୁବ୍ଧ ପାରାବାର
ଢାଳେ ଚୂର୍ଣ୍ଣ-ମଣି-ଚୂଡ଼ ଦୀର୍ଘ ଊର୍ମିବାର
ସେ ଭୂମିର ପଦତଳେ; ତା' ଗୁରୁଗର୍ଜନ
ରଚେ ତହିଁ ଶାଶ୍ୱତିକ ମୃଦଙ୍ଗ ଘୋଷଣ ।"

ପଲ୍ଲୀ-କ୍ରୋଡ଼ରେ ଲାଳିତ-ପାଳିତ ଏହି କାବ୍ୟପ୍ରତିଭା ନିଜର କୈଶୋର ଓ ଯୌବନରେ ବହୁ କାବ୍ୟ-କବିତା ରଚନା କରିଯାଇଛି ଯାହା ତାଙ୍କର ସେହି ପଲ୍ଲୀଜୀବନବୋଧର ଉଜ୍ଜ୍ୱଳ ଓ ଅଭ୍ରାଂତ ସ୍ମାରକୀ । 'ଘରପଶା', 'ପଲ୍ଲୀସ୍ନାନଘାଟେ', 'ମାଳୁଣୀ' 'ରେଂଗୁନଚିଠି', 'ବିଲଲକ୍ଷ୍ମୀ' 'ବର୍ଷାସଂଧ୍ୟା' 'ପଲ୍ଲୀପ୍ରିୟା' 'ପଲ୍ଲୀସଂଧ୍ୟା' ଓ 'ତଅପୋଇବିଳାପ' ପ୍ରଭୃତି କବିତାବଳୀ ଏବଂ 'ସାଧବଝିଅ' ଓ 'ଜେମା' କାବ୍ୟମାନ ତାଙ୍କର ଏହି ସୃଜନ-ଧାରାର ସାର୍ଥକ ନିଦର୍ଶନ । ଓଡ଼ିଆ ସାହିତ୍ୟରେ ପ୍ରଥମ ପଲ୍ଲୀକବି ନଂଦକିଶୋର ଓ ପରବର୍ତ୍ତୀ 'ପଲ୍ଲୀଶ୍ରୀ'ର କବି ସଚ୍ଚିଦାନନ୍ଦଙ୍କ ମଧ୍ୟରେ ମାନସିଂହଙ୍କ ପଲ୍ଲୀରସାଶ୍ରୟୀ କାବ୍ୟ-କବିତାମାନ ଯଥାର୍ଥରେ ଏକ ମନୋଜ୍ଞ ସଂଯୋଗସେତୁ ।

ସ୍ୱଦେଶକବି ମାନସିଂହ

ଏହି ଶତକର ଦ୍ୱିତୀୟ ଦଶଂଧିର ପ୍ରାରଂଭରେ କବି ମାନସିଂହଙ୍କ କାବ୍ୟ-ପ୍ରତିଷ୍ଠାର ଆବିର୍ଭାବ ଆମେ ଯେତେବେଳେ ପ୍ରଥମେ ଲକ୍ଷ୍ୟକରୁଁ ତାହାର ପ୍ରଥମ ପଦଚାରଣ ସ୍ୱଦେଶର ପ୍ରକୃତିମାଧୁରୀ, ମାନବିକ କୀର୍ତ୍ତିକଳାପ ଓ ଆତ୍ମିକ ରସ-ସଂପଦକୁ ନେଇ ହିଁ ଗଠିତ ଥିଲା । 'କୋଣାର୍କ' 'ବାରବାଟୀ' 'ମହାନଦୀରେ ଜ୍ୟୋତ୍ସ୍ନାବିହାର' ବା 'ଗୋପତର୍ପଣ' ପ୍ରଭୃତି କବିତା ତାଂକ ପ୍ରତିଭାର ଏହି ଆଦ୍ୟ ଲାବଣ୍ୟ ଓ ସୌଷ୍ଠବ

Digitized by PPRACHIN, SOA

ବହନ କରିଛନ୍ତି। ଏହି ସୃଷ୍ଟିସୌନ୍ଦର୍ଯ୍ୟର ବିକାଶ ଆମେ ପରେ ପୁଣି ତାଙ୍କର 'ବାପୁ ତର୍ପଣ' 'ରାଜକବି' 'ବାରବାଟୀ' 'ସାଧବଝିଅ' ବା 'ପୂଜାରିଣୀ' ପ୍ରଭୃତି ପରବର୍ତ୍ତୀ କବିତା, ନାଟକ ଓ କାବ୍ୟନାଟିକା ପ୍ରଭୃତିରେ ମଧ୍ୟ ଦେଖୁଁ। ଏ ଦେଶର ମୂକ ଶିଳାଖଣ୍ଡର ପ୍ରାଣସ୍ୱପ୍ନ, ଏ ଦେଶର ଗୁଳ୍ମଲତାର ପ୍ରାଣବର୍ତ୍ତା, ଏ ଦେଶ ମଣିଷର ଗୌରବମୟ ଇତିହାସର ଆଲେଖ୍ୟ, ଏ ଦେଶର ପ୍ରେମିକ-ପ୍ରେମିକାର ମିଳନ-ବିରହଜନିତ ଶଂକା, ସଂଶୟ ଓ ଅଶ୍ରୁଳ ପ୍ରାଣସ୍ପନ୍ଦନ ଏବଂ କେବଳ ଏ ଦେଶର ନୁହେଁ, ସର୍ବଦେଶୀୟ ଓ ସର୍ବକାଳିକ ଜଣେ ସାଧାରଣ ମନୁଷ୍ୟର ଅନୁଭୂତି ଓ ହୃଦୟାବେଗ ହିଁ ତାଙ୍କର ଏହି ସବୁ ସୃଷ୍ଟି ମଧ୍ୟରେ ରୂପ ଓ ରସରମ୍ୟତା ଯେ ଅର୍ଜନ କରିଛି ଏହା ନିଃସନ୍ଦେହ। ଅଥଚ ଏ ଦେଶର ମଧ୍ୟଯୁଗୀୟ ଇତିହାସର ଗୌରବୋଜ୍ଜ୍ୱଳ ଅତୀତ ତାଙ୍କ ଶିଳ୍ପପୁର ମଧ୍ୟରେ ଯେପରି ପୁନର୍ଜୀବିତ, ସେହିପରି ମଧ୍ୟ ନବଯୁଗର ଆଶା-ଆକାଙ୍‌କ୍ଷା ଓ ଆନନ୍ଦବେଦନା ମୂର୍ତ୍ତିମଂତ ଓ ଜୀବଂତ। ଯେକୌଣସି ମହାନ୍ ସ୍ରଷ୍ଟାଙ୍କ ପରି କବି ମାନସିଂହଙ୍କର ସୃଷ୍ଟିପ୍ରତିଭା ଏକାଧାରରେ ପରଂପରାଧର୍ମୀ ଓ ପୁରୋଦୃଷ୍ଟିସଂପନ୍ନ। ତେଣୁ ତାଙ୍କ ସୃଷ୍ଟି-ସୌଧ ମୂଳରେ ସ୍ୱଦେଶୀ ଓ ବିଦେଶୀ, ଜାତୀୟ ଓ ବିଜାତୀୟ ବହୁ ଅଗ୍ରଜ ଶିଳ୍ପସୂରୀଙ୍କର କାବ୍ୟସାଧନାର ପରଂପରା ଆମେ ଲକ୍ଷ୍ୟକରୁ। କେବଳ ଐତିହ୍ୟକୁ ମୂଳଧନ ବା ପାଥେୟ ନ କରି ଏହି ଉଚ୍ଚକୋଟିର ପ୍ରତିଭା, ନିଜ ଭାବୈଶ୍ୱର୍ଯ୍ୟର ବିକାଶ ସାଧନ କଲାଭଳି ଗୃହୀତ-ପରଂପରା ଓ ଶିଳ୍ପାଦର୍ଶ ଉପରେ ହିଁ ସ୍ୱକୀୟ ନୂତନ ଓ ବିଚିତ୍ର ରସସରଣୀ ନିର୍ମାଣର ସୌଭାଗ୍ୟ ଅର୍ଜନ କରିଛନ୍ତି।

ରୂପ ଓ ପ୍ରଣୟର କବି

ସ୍ୱଦେଶୀୟ ମୃତ୍ତିକା, ମନୁଷ୍ୟ ଓ ଇତିହାସକୁ ଆଧାର କରି ମାନସିଂହଙ୍କର କାବ୍ୟ-ଜୀବନର ଅୟମାରମ୍ଭ ହୋଇଥିଲେ ହେଁ ମାନବିକ ସୌନ୍ଦର୍ଯ୍ୟ ଓ ପ୍ରଣୟର ବର୍ଣ୍ଣାଢ୍ୟ ଯୁଗ୍ମଚିତ୍ର ମଧ୍ୟରେ ହିଁ ତାଙ୍କ ପ୍ରତିଭାର ପ୍ରତିଷ୍ଠା ଏ ଦେଶରେ ପ୍ରଥମେ ସ୍ୱୀକୃତି ଅର୍ଜନ କରିଛି। ତେଣୁ ତାଙ୍କ ଶିଳ୍ପସୃଷ୍ଟିର ଦେବାଳୟ ମଧ୍ୟରେ ପାଠକ ଯେତେବେଳେ ପ୍ରବେଶ କରେ ସେତେବେଳେ ସେ ପ୍ରଥମେ ଲକ୍ଷ୍ୟ କରିଥାଏ ଯେ ପ୍ରୀତି-ପୁଲକିତ ଓ ଭାବବିହ୍ୱଳ ଏକ ମୁଗ୍ଧ ଶିଳ୍ପୀପ୍ରାଣ ସାରସ୍ୱତ ଆରାଧନାରେ ନିବିଷ୍ଟ ଚିତ୍ତରେ ସର୍ବଦା ଯେପରି ଧ୍ୟାନରତ। ତରୁଣ ମାନସିଂହଙ୍କର "ନିବିଡ଼ ଅଂତରେ, ପ୍ରଣୟ ଛଳଛଳ ଜାଗଇ" ଏବଂ ପ୍ରଣୟ-ଛଳଛଳ ସେହି ପ୍ରୀତି-ଧୂପ-ଦଗ୍ଧ କବିପ୍ରାଣହିଁ ତାଙ୍କ ସାରସ୍ୱତ ଆରାଧନାର ଯେପରି ପ୍ରଧାନ ପ୍ରତୀକ। ତାଙ୍କର ପ୍ରଣୟାଭିସିଂଚିତ ତାରୁଣ୍ୟର ଏହି ପ୍ରାଥମିକ ଧୂପକାଠିଗୁଡ଼ିକ ପୁଣି ବହୁ ବର୍ଣ୍ଣ ଓ ସୌରଭର। ମାନବିକ

Digitized by PPRACHIN, SOA

ପ୍ରଣୟର ତାରୁଣ୍ୟ-ଜନିତ ଉଦ୍‌ବେଳ ସୌରଭ, ତପ୍ତ ଓ ଅତୃପ୍ତ ପ୍ରେମର ଅସ୍ଥିର ପିପାସା, ବିରହର ବିଷାଦ-କାରୁଣ୍ୟଭରା ବିଗଳିତ ଅଶ୍ରୁବାଷ୍ପ, ଦେହଜ ପ୍ରେମ ସହିତ ଦେହାତୀତ ପ୍ରେମର ସମ୍ମିଳିତ ରାକ୍ଷୀ-ବନ୍ଧନର ଚଟୁଳ ଓ ଛବିଳ ଅଭିଜ୍ଞତା, ଏହି ଧୂପକାଠି ଗୁଡ଼ିକରୁ ପାଠକ ପ୍ରଚୁର ଆଘ୍ରାଣ, ଆସ୍ୱାଦନ ଓ ଅନୁଭବ-ସୁଖ ପାଇଥାଏ। ତେଣୁ କବିଙ୍କର 'ଧୂପ' କବିତା ଗ୍ରନ୍ଥହିଁ ତାଙ୍କ ପ୍ରତିଭା-ପ୍ରତିଷ୍ଠାର ପ୍ରଥମ ସ୍ମାରକୀ ରୂପେ ଆଜି ବିବେଚିତ। ଏହି ଗ୍ରନ୍ଥ-ନିହିତ କବିତାବଳୀ ମାନବିକ ପ୍ରଣୟର ସଫଳ ଓ ବାସ୍ତବ ପ୍ରୀତିର ଯେପରି ଗୀତିହାର, ସେହିପରି ତାହା ଅରୂପ ଓ ଅତୀନ୍ଦ୍ରିୟର ସଂଜ୍ଞା-ସଂଧାନୀ ଏକ ଦେହ-ବ୍ୟର୍ଥ ପ୍ରଣୟର ପ୍ରଶ୍ନବାଚୀ। ଅଥଚ ମନେ ହୁଏ ଯେପରି କି ମାନସିଂହ-କାବ୍ୟ-ପୁରୁଷର ନବନବ ଜନ୍ମପାଇଁ ଏହି ପ୍ରଥମ ପ୍ରୀତି-ଧୂପ ହିଁ ସାର୍ଥକ ସାଂକେତିକ ଓ ଦିଗ୍‌ଦର୍ଶକ। ଏହି ପ୍ରଣୟର ଆଦିମ ଜିଜ୍ଞାସାହିଁ ହୁଏତ କବିଙ୍କୁ ନିତ୍ୟ-ଜୀବନ, ସୌନ୍ଦର୍ଯ୍ୟ ଏବଂ ସତ୍ୟ ଓ ଧର୍ମପଥରେ ଅଗ୍ରସର କରାଇ ନେଇଛି। 'ଧୂପ'ର କବି ମାନସିଂହଙ୍କର ପରବର୍ତ୍ତୀ କାବ୍ୟଜୀବନକୁ ଗତି କରିବା ପୂର୍ବରୁ ତାଙ୍କର 'ଧୂପ'-ନିହିତ କବିତାବଳୀ ମଧ୍ୟରୁ 'ତରୁଣ କବିର ଆଶା','ପାପ ଓ ପ୍ରେମ', 'ପ୍ରଣୟ-ସାଧନା' 'ଆଷାଢ଼ ଅଭିସାର', 'ମୌନବିଦାୟ', 'ରାସପଲ୍ଲୀ', 'ପ୍ରେମର ଭାଷା' ଏବଂ 'ପ୍ରେମ ଓ ମୃତ୍ୟୁ' କବିତାଗୁଡ଼ିକ ସ୍ମରଣୀୟ। ଏହି ବିଦଗ୍‌ଧ ଧୂପର ସୌରଭ କବିଙ୍କର 'ପୁଷ୍ପିତା' 'ପୂଜାରିଣୀ' ଓ 'ସାଧବଝିଅ' ରେ ମଧ୍ୟ ଆମେ ଆଘ୍ରାଣ କରିଥାଉଁ।

ହେମଶସ୍ୟ

ତାରୁଣ୍ୟର ରୂପସାଗରରେ ଅବଗାହନ କରି କବି ନିଜ ଯୌବନରେ କବିତାର ଯେଉଁ ଅରୂପ-ରତ୍ନ ଲାଭ କରିଥିଲେ ତାହା କ୍ରମଶଃ ଆତ୍ମଜ୍ୟୋତିରେ କିପରି ଅମ୍ଳାନ ଓ ଉଦ୍ଭାସିତ ହୋଇଉଠିଛି, ତା'ର ନିର୍ଭୀକ ସାକ୍ଷୀ ହେଉଛି କବିଙ୍କର ପରବର୍ତ୍ତୀ କବିତାଗୁଚ୍ଛ 'ହେମଶସ୍ୟ'। 'ଧୂପ'ରେ ଯେଉଁ ପ୍ରଣୟାନୁଭୂତି ମୁଖ୍ୟତଃ ରୂପ ଓ ଇନ୍ଦ୍ରିୟଧର୍ମୀ ଥିବାର ଆମେ ଲକ୍ଷ୍ୟକରୁ, ତାହା 'ହେମଶସ୍ୟ'ରେ ରୂପୋତ୍ତର ଓ ଆତ୍ମସଂବଳୀ ହୋଇଉଠିଛି। ଅଶ୍ରୁସଂବଳୀ ପ୍ରାଣ ଯେ ପ୍ରୀତିର ସୂତିକାଗାର ଏବଂ ଶରବିଦ୍ଧ ହୃଦୟର ଅବ୍ୟକ୍ତ ଯନ୍ତ୍ରଣା ଯେ ପ୍ରକୃତ ପ୍ରଣୟ, ତାହା ନିଜର ପରିଣୀତ ଜୀବନପଥରେ କବି କ୍ରମଶଃ ଅନୁଭବ କରିଛନ୍ତି। 'ଧୂପ'ର ପ୍ରେମସ୍ରୋତ ଏକ ବର୍ଷାକାଳୀନ ନଦୀପ୍ରବାହ; ତାହା ଉଚ୍ଛ୍ୱାସମୟୀ ଓ ଅପ୍ରତିରୋଧ ବନ୍ୟଗତିରେ ନିରଂତର ଆବେଗମୟୀ। ସେଥିରେ ଅଛି ଉଦ୍ଦାମତା, କ୍ଷିପ୍ରତା ଓ କ୍ଷୁବ୍‌ଧତାର ବୈପ୍ଳବିକ କଂଠସ୍ୱର। ମାତ୍ର 'ହେମଶସ୍ୟ'ର ବହୁ କବିତାରେ ନାହିଁ ଏହି ଉଦ୍ଦାମ ଆବେଗ, କ୍ଷିପ୍ରତା ଓ ଦୀପ୍ତ ତେଜସ୍ୱିତା।

Digitized by PPRACHIN, SOA

ତାର ଅଂତର୍ନିହିତ ପ୍ରେମସ୍ରୋତ ଯେପରି ଏକ ଶରତ୍କାଳୀନ ନଦୀପ୍ରବାହ; ତାହା ଧୀରା, ନିର୍ମଳା ଓ ମୃଦୁଭାଷିଣୀ। ଭାବ, ଭାଷା ଓ ଛଂଦଦୃଷ୍ଟିରୁ 'ହେମଶସ୍ୟ' ସଂଯମ-ଗୌରବ ଅର୍ଜନ କରିଥିଲେହେଁ 'ଧୂପ'ର ସରସ ଶିଳ୍ପ-ଗୌରବ ତାହା ବହୁ ପରିମାଣରେ ହରାଇଥିବା ସାଧାରଣ ପାଠକ ଅନୁଭବ କରିଥାଏ। "ତୁଂଭର ପ୍ରଣୟ ଦେଲା ମୋତେ ନାରୀତ୍ୱର ସତ୍ୟ ପରିଚୟ", "ସୁରାପାନ ପରେ, ପ୍ରେମ ତବ ସୁଧାସମ ପ୍ରାଣେ କାର୍ଯ୍ୟ କରେ", "ସୁଖ ସେ ପ୍ରେମରେ, ଗ୍ରହଣ ନ କରି ଖାଲି ତ୍ୟାଗ ପରସ୍ପରେ", "କିନ୍ତୁ ଗୋ ଆମ୍ଭର ସୌନ୍ଦର୍ଯ୍ୟ ତର୍ହିରୁବଳି, ଯାର ସମ୍ମୁଖରେ ମନୁଷ୍ୟ ନୁଆଁଏ ମଥା", "ପ୍ରଣୟ ଆମ୍ଭର, ରୂପ-ପର ଥିଲା ଦିନେ ଆଜି ରୂପୋତ୍ତର", "ସ୍ମରଣର ପ୍ରଦୀପ ଲଗାଇ, ଆଲୋକିବି ଆତ୍ମା ବିରହୀର" ଅଥବା "ତେବେ ପରାଜୟ ବରିନେଲି, ତୋ' ଗୌରବ ହେଉ ବିଶ୍ୱମୟ" ପ୍ରଭୃତି କାବ୍ୟପଙ୍କ୍ତିଗୁଡ଼ିକ ପରିଣୟ ଦେଇ କବି ମାନସିଂହଙ୍କର ଜନ୍ମାଂତରର ପରିଚାୟକ ଏବଂ ସ୍ୱଦେଶୀ-ବିଦେଶୀ ପ୍ରଣୟ-ସାହିତ୍ୟର ପରଂପରା ତାଙ୍କ ସୃଷ୍ଟି ମଧ୍ୟରେ ଆମେ ସ୍ଥଳବିଶେଷରେ ଚେତନା ଓ ଚିତ୍ରଣରେ ଲକ୍ଷ୍ୟ କରୁଥିଲେହେଁ, ସମକାଳୀନ ଓଡ଼ିଆ କାବ୍ୟସାହିତ୍ୟରେ ମାନସିଂହ ଏକ ଅଦ୍ୱିତୀୟ ଶିଳ୍ପୀ ରୂପେ ଦଣ୍ଡାୟମାନ ଯେ କି ରୂପ ଓ ଅରୂପର ମିଳନରେ ନିଜ ସିଦ୍ଧହସ୍ତତା ଓ ସୃଷ୍ଟିଦକ୍ଷତାର ରୁଚିବଂତ ଓ ଶୁଚିଦୀପ୍ତ ପରିଚୟ ପ୍ରଦାନ କରିଛନ୍ତି। ମିଳନଚିତ୍ର ଦେବାରେ ତାଙ୍କର ତୂଳୀ ଯେପରି ନିପୁଣ, ବିରହାଲେଖ୍ୟ ଅଂକନ କରିବାରେ ସେ ତୂଳୀ ସେହିପରି ଶକ୍ତିଶାଳୀ।

ପ୍ରଣୟାନୁଭୂତିର ଚିତ୍ରପର୍ଯ୍ୟାୟରେ କବି ମାନସିଂହଙ୍କର ତୂଳୀନିପୁଣତାର ସାର୍ଥକ ପରିଚୟ ଆମେ ତାଙ୍କର ଅନ୍ୟାନ୍ୟ ସୃଷ୍ଟି 'ସାଧବଝିଅ' 'ପୂଜାରିଣୀ' 'ଜେମା' 'କୋଣାର୍କ' 'ଶୁଭଦୃଷ୍ଟି' ଓ 'ନିକ୍ୱଣ' ପ୍ରଭୃତି କାବ୍ୟ, କାବ୍ୟନାଟିକା ଓ ଖଣ୍ଡକାବ୍ୟ ବା ଦୀର୍ଘ କବିତାଗୁଡ଼ିକରେ ମଧ୍ୟ ପାଇଥାଉଁ। 'ସାଧବଝିଅ' ବା 'ଜେମା' ମାନବଜୀବନର ମଧୁଯାମିନୀ ନୁହେଁ, ତାହା ଅଶ୍ରୁ-ଜାଗର-ଯାପିତ ବିରହର ଅମାନିଶି। କବିଂକ 'ସାଧବଝିଅ'ର ହୃଦୟ-ସଂଖାଳି ସାଧବପୁଅ ନାରୀ-ହୃଦୟ ଓ ନାରୀ-ଲୁହ ଘେନି ବାଣିଜ୍ୟ କରିବା ଭଳି, କବି ମଧ୍ୟ ସ୍ୱକୀୟ ଭାବରାଜ୍ୟରେ ଏହି ପ୍ରୀତି-ବାଣିଜ୍ୟ ବହୁ ସମୟରେ କରିଛନ୍ତି ସତ, କିନ୍ତୁ ସେଥିରେ ଅସାଧୁତା ବା ବିଶ୍ୱାସଘାତକତା କେଉଁଠି ପ୍ରକାଶିତ ହୋଇନାହିଁ,– ବରଂ ପ୍ରକାଶ ପାଇଛି ଶିଳ୍ପୀପ୍ରାଣର ନିଷ୍ଠା, ବିଶ୍ୱାସ ଓ ଆଂତରିକତା। ଏହି ଆଂତରିକତା ଓ ନିଷ୍ଠା ଘେନି ହିଁ କବି ଆଙ୍କିଛନ୍ତି ମିଳନ-ବିରହର ଜୀବନ୍ତ ଓ ବିଶ୍ୱସ୍ତ ଚିତ୍ର।

Digitized by PPRACHIN, SOA

କବିଙ୍କର ଜୀବନଜିଜ୍ଞାସା ସୌନ୍ଦର୍ଯ୍ୟସଂବଳୀ ପ୍ରେମ ଦିନେ ରୂପୋତ୍ତର ହେବା ଭିତର ଦେଇ ଏପରି ଏକ ସ୍ତରରେ ଆସି ଉପନୀତ ହୋଇଛି, ଯେତେବେଳେ ଜୀବନ-ଦେବତାଙ୍କର ରହସ୍ୟ ଉପଲବ୍ଧି ପାଇଁ ଅନୁଭୂତି-କକ୍ଷର ଊର୍ଦ୍ଧ୍ୱ ବାତାୟନ କବିପ୍ରାଣରେ ଆପେ ଆପେ ଉନ୍ମୋଚିତ ହୋଇ ଉଠିଛି। ସେତେବେଳ ଏହି ରୂପାତୀତ ପ୍ରେମ କବି ନିକଟରେ ହୋଇଉଠିଛି 'ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ଦର୍ପଣ'' ଏବଂ ବିଶ୍ୱମାନବର ଅଶ୍ରୁବେଦନା ତା' ମଧ୍ୟରେ ହୋଇଛି ପ୍ରତିବିମ୍ବିତ। ଇଂରାଜୀ କବି ରସେଟିଂଙ୍କ ପ୍ରତି ସମାଲୋଚକଙ୍କର ମନ୍ତବ୍ୟ, "Deepst down lay a mystical passion for the beauty which culminates in the human form, which, like everything else in the man, was not a sentiment but a strong constraining influence. To him the forms of human loveliness were in themselves dear and adorable, but they were only, so to speak, the first steps in a shining stairway that led among the stars; they were but the alphabet of a passion whose finished scrolls were written by the very fingers of God"– ର ପରମ ସାର୍ଥକତା କବି ମାନସିଂହଙ୍କର କାବ୍ୟଜୀବନରେ ହିଁ ଆମେ ଉପଲବ୍ଧି କରିଥାଉଁ। 'ହେମପୁଷ୍ପ'ର 'ବିଶ୍ୱଦେବାଳୟ' କବିତା, 'ଅକ୍ଷତ'ର 'କବିଗୌରବ' ଓ 'କ୍ରୁଶବହନ' କବିତା, 'ଜୀବନ ଚିତା'ର 'ନିଦ୍ରିତ ଭଗବାନ', 'ଧରଣୀବାସ', 'ବିଶ୍ୱରୂପ', 'ଦେବପୂଜା', ତୁମର ପ୍ରୟୋଜନ' ଓ 'ଅଶ୍ରୁପୂଜା' ପ୍ରଭୃତି କବିତା ଏବଂ 'କ୍ରୁଶ'ର 'ଏକାନ୍ତ ଏକାକୀ' 'ନୂତନପ୍ରଣୟ', 'ଈଶ୍ୱର ସାଧାରଣ', 'ଅମୃତତ୍ତ୍ୱ ଲୋଡ଼ାନାହିଁ', 'ମୋ କ୍ରୁଶ', 'କ୍ରୁଶ କୋଟି କୋଟି', 'ନିଜେଇ ବୋହିବ' ପ୍ରଭୃତି କବିତାବଳୀରେ କବିଙ୍କର ଏହି ନୂତନ ଜୀବନବୋଧ ଓ ଜୀବନ-ଜିଜ୍ଞାସା,

* ଓଡ଼ିଆ ଅନୁବାଦ—

"(କବି ରସେଟିଂଙ୍କର) ଆତ୍ମାର ଗଭୀର ଅତଳ ସ୍ତରରେ ସୌନ୍ଦର୍ଯ୍ୟ ପ୍ରତି କୌଣସି ଏକ ଗୂଢ଼ ପିପାସା ନିହିତ ଥିଲା, ଯାହାର ଶେଷ ପ୍ରକାଶ ବୋଧହୁଏ ମାନବିକ ପ୍ରତିମାରେ କିନ୍ତୁ ମନୁଷ୍ୟର ଅନ୍ୟ ପ୍ରତ୍ୟେକ ଅନ୍ତର୍ନିହିତ ଗୁଣ ପରି, ଯେଉଁ ରୂପ-ତୃଷ୍ଣା ମଧ୍ୟ, ମନୁଷ୍ୟକୁ ଭାବ-ପ୍ରବଣତାରେ ଭସାଇ ନଦେଇ, ତାର ବ୍ୟକ୍ତିତ୍ୱକୁ ସଂଯତ କରିଥାଏ। ମାନବ-ପ୍ରତିମା-ନିହିତ ରୂପୈଶ୍ୱର୍ଯ୍ୟ ପ୍ରତି କବି ରସେଟିଂଙ୍କର ଆକର୍ଷଣ ସଂପୂର୍ଣ୍ଣ ଅହେତୁକ ଥିଲେ ହେଁ, ତାହା ମଧ୍ୟ ଥିଲା ଜ୍ୟୋତିର୍ମୟ ନିଃଶ୍ରେଣୀର କେବଳ ପ୍ରଥମ ଧାପ, ଯାହାକି ତାଙ୍କୁ ଊର୍ଦ୍ଧ୍ୱରେ ନକ୍ଷତ୍ର-ମଣ୍ଡଳରେ ନେଇ ପହଁଚାଇ ପାରୁଥିଲା। ତାଙ୍କର ନର-ସୌନ୍ଦର୍ଯ୍ୟ-ସ୍ତବକୁ ଧରାଯାଇପାରେ ମାତ୍ର ଏକ ଆଦ୍ୟରେଖା, ଯାହାଦେଇ ହିଁ ସ୍ୱୟଂ ବିଶ୍ୱସ୍ରଷ୍ଟାଙ୍କର ଆଙ୍ଗୁଳିଜାଲ ରଚନା କରିଛି ବିଶ୍ୱ-ପ୍ରକୃତିର ନିପୁଣ ଚିତ୍ରାବଳି।"

Digitized by PPRACHIN, SOA

ଆତ୍ମ-ଅନ୍ୱେଷା ଓ ଦିବ୍ୟ-ପିପାସାର ସ୍ୱାକ୍ଷର ସ୍ପଷ୍ଟ। 'ଧୂପ' ଓ 'ହେମଶସ୍ୟ'କୁ କବିଙ୍କର ଯଦି ଯୌବନ-ସଂଗୀତ ବୋଲି ଗ୍ରହଣ କରାଯାଏ ତେବେ 'ଜୀବନ ଚିତା' ଓ 'କ୍ରୁଶ'କୁ ତାଙ୍କର ଜୀବନ-ସଂହିତା ରୂପେ ବିବେଚନା କରାଯିବା ଉଚିତ। "ନିବିଡ଼ ଦୁଃଖାନଳେ ଜଳି ମୁଁ ମରେ ପଛେ, ତମରି ଲୀଳା ପରକାଶୁ ହେ, ନିବିଡ଼ ନିରାଶାର ଅଂତ ଭେଦି ପ୍ରଭୋ, ଗଭୀର ବିଶ୍ୱାସ ଆସୁହେ। ଆଜି ମୋ ପ୍ରାଣେ ପ୍ରଭୋ, ସେହି ତ ଆୟୋଜନ, ବକ୍ଷେ ତବଲାଗି, ପ୍ରାଣର ଇଂଧନ, ମୋର ଏ ହୋମାନଳ-ଦଗ୍ଧ-ଚିତା-ଧୂଳି ଲୋଡ଼ାରେ ତବ ହେଲେ ଆସୁ ହେ" ବା "ଜୀବନେ ଜୀବନେ ଜଳୁ ରକ୍ତ ମୋର ଦେଇ। ମେଂଟିବି ମାନବଦୁଃଖ କ୍ରୁଶ ଅଂଗେ ନେଇ।", "ଜୀବନ ମମ, ଘୋର ଯେ ନାଥ, ଚଂଦନ ପରିହେ/ସିକ୍ତକର, ଅଂଗ ମମ, ଲାଂଛନା ବାରିରେ। ନୟନ ମମ, ଓଦାଅ ନିତ୍ୟ, ଲୋତକ ଅଂଚଳେ/ ନେବ କି ଧରି, କେବେ ହେ ତବ, ଦେଉଳ ଅଂଗନେ ?" ବା "ବିରାଟୁ ବିରାଟ ଯେହୁ କଳ୍ପନାର ପାରେ, 'ମୁହିଁ ତାକୁ ଜାଣେ' ବୋଲି ଘାସ କହିପାରେ।" "ଅମୃତତ୍ୱ ଲୋଡ଼ାନାହିଁ ପ୍ରତ୍ୟେକ ମୃତ୍ୟୁରେ/ ଯଦି ଫୁଲ ହୋଇ ଫୁଟେ ଜୀବନର କୁଢେ।।" ବା "ଜଣେ ନୁହେଁ କୋଟି କୋଟି ଜନ ଏ ଧରାର/ ଚାଲେ ବୋହି ଶୋଣତାକ୍ତ ପୃଷ୍ଠେ କ୍ରୁଶ-ଭାର।।" ଅଥବା "ତୁମ-ହାସ୍ୟଅଶ୍ରୁ ସୁଖଦୁଃଖ ହିଁ ଈଶ୍ୱର/ ସେହି କ୍ରୁଶ, ବୋହିବ କି ତାକୁ କେ ଅପର ?" ପ୍ରଭୃତି କାବ୍ୟ-ପଙ୍‌କ୍ତି ଗୁଡ଼ିକରେ ମନୁଷ୍ୟ ପ୍ରତି କବିପ୍ରାଣର ନିର୍ମଳ ଶ୍ରଦ୍ଧା ଓ ସହାନୁଭୂତି, ନିଜର ଆତ୍ମ-ଦର୍ଶନ ଓ ଜୀବନ-ଜିଜ୍ଞାସା ଏବଂ ମାନବାତ୍ମା ଓ ଦେବାତ୍ମାର ନିଗୂଢ଼ ରହସ୍ୟାକର୍ଷଣର ଚିତ୍ର ଉତ୍‌କୀର୍ଣ୍ଣ।"+++ each man is responsible for the action of the entire human race and the entire human race is responsible for the action of each man."–ଏହି ମହାଭାବର ବାଣୀ ତାଙ୍କର ଏହି କବିତାଗୁଡ଼ିକ ମଧରେ ମୂର୍ତ୍ତ।

ଆର୍ତ୍ତମାନବାତ୍ମାର କବି

ପୁଣି, ଅତୀନ୍ଦ୍ରିୟ ଜଗତରେ ନିବିଡ଼ ରହସ୍ୟାନୁଭୂତି କବି ସ୍ୱୀୟ ପ୍ରାଣରେ ଅନୁଭବ କରିଥିଲେ ହେଁ ଧରଣୀର ଜୀବନ ଓ ଜଗତ ପ୍ରତି ଶିଳ୍ପୀପ୍ରାଣର ସହଜାତ ସହାନୁଭୂତି ଓ ମଣିଷର ଦୁଃଖବିପାକ ପ୍ରତି ଅନ୍ତରର ସମବେଦନା ନିଜ ଶିଳ୍ପସୃଷ୍ଟିରେ ସର୍ବଦା ସେ ଅକ୍ଷୁଣ୍ଣ ରଖିଛନ୍ତି। ଏହି ମୌଳିକ ଶିଳ୍ପଧର୍ମ କୌଣସି ପ୍ରଚାରକ କଂଠର ସାମୟିକ ଉତ୍ତାପ ଉତ୍ତେଜନାକୁ ଆଶ୍ରୟ ନକରି ଶିଳ୍ପୀକଣ୍ଠର ସ୍ୱରଲାଳିତ୍ୟ ଓ କମନୀୟତା ମଧରେ ହିଁ ସର୍ବଦା ଆତ୍ମପ୍ରକାଶ କରିଛି। ବିଶ୍ୱର ଦଳିତ ଓ ଲାଂଛିତ ମାନବପ୍ରତି କରୁଣାସିକ୍ତ ସହାନୁଭୂତି ମାନସିଂହଙ୍କର ବହୁ କବିତା, କାବ୍ୟ

* ଓଡ଼ିଆ ଅନୁବାଦ - "ପ୍ରତ୍ୟେକ ମନୁଷ୍ୟହିଁ ସମଗ୍ର ମାନବଜାତିର କର୍ମ ପାଇଁ ଦାୟୀ ଏବଂ ସେହିପରି ମଧ୍ୟ ଦାୟୀ ସମଗ୍ର ମାନବଜାତି ପ୍ରତ୍ୟେକ ମନୁଷ୍ୟର କର୍ମ ପାଇଁ।"

Digitized by PPRACHIN, SOA

ଓ ନାଟକ-ନାଟିକା ମଧ୍ୟରେ ପ୍ରକାଶିତ। 'ସେଦିନର କବିତା', 'ଅକ୍ଷତ', 'ମାଟିବାଣୀ', 'ଜୀବନଚିତା' ଓ 'କ୍ରୁଶ' ପ୍ରଭୃତି କବିତାଗ୍ରନ୍ଥ, 'ଢେମା' ଓ 'କମଳାୟନ' କାବ୍ୟ ଏବଂ 'ବୁଦ୍ଧ' ନାଟକରେ ବେଦନାବିଦ୍ଧ ମାନବାତ୍ମାର ଏହି ସଜଳ ଅଶ୍ରୁ-ସଂଗୀତ ଆମେ ଶୁଣିଥାଉଁ। କବିଙ୍କର 'ତକିଆଜୀବର ବିଳାପ' ଶୀର୍ଷକ କବିତାଗୁଚ୍ଛ, 'ଅନୂଢ଼ା', 'ତୀର୍ଥଯାତ୍ରା' 'ସାମାନ୍ୟ ସଂଚୟ' ଓ 'ଅଶ୍ରୁର ହିସାବ' ପ୍ରଭୃତି କବିତାଗୁଡ଼ିକରେ ଏହି ବେଦନାଜାତ ମୂର୍ଚ୍ଛନା ବଳିଷ୍ଠ ଓ ସୁଦୂରପ୍ରସାରୀ। ପୁଣି ଏ ସବୁ କବିତାରେ ଆମେ ଦେଖୁଁ ଯେ ଏ ଯୁଗର ସୃଷ୍ଟି-ବିଶୃଙ୍ଖଳାରେ ଶିଳ୍ପୀପ୍ରାଣ କେବଳ ବିଚଳିତ ନ ହୋଇ ,ସମାଜର ସମସ୍ତ ଅନ୍ୟାୟ-ବୈଷମ୍ୟକୁ ନିଃଶେଷ କରିବାପାଇଁ ମନୁଷ୍ୟକୁ ଆତ୍ମଶକ୍ତିସଚେତନ ଓ ସଂଗ୍ରାମୀ ହେବାକୁ ମଧ୍ୟ ନିର୍ଦ୍ଦେଶ ପ୍ରଦାନ କରିଛି। କବି ନିଜେ ମଧ୍ୟ ଏହି ଆତ୍ମଶକ୍ତିରେ ମହୀୟାନ ହେବାକୁ ସ୍ରଷ୍ଟାଙ୍କ ନିକଟରେ ନିବେଦନ ଜଣାଇ କହିଛନ୍ତି, ''ଜଗତରୁ ଦୁଃଖ ମୁହିଁ ପୋଛି ଦେବି କରେ, ଦେଖିବି ଆନନ୍ଦରେଖା ନିଖିଳ ମୁଖରେ''; ଅଥବା ସେ ଗାଇଛନ୍ତି ''ଜୀବନେ ଜୀବନେ ଜନ୍ମି ରକ୍ତ ମୋର ଦେଇ, ମେଂଚିବି ମାନବଦୁଃଖ କ୍ରୁଶ ଅଙ୍ଗେ ନେଇ।।''

କମଳାୟନ

ଏହି ଯୁଗୀୟ ଜୀବନବୋଧ ଓ ମାନବାତ୍ମାର ବେଦନାବୋଧର ବୃହତ୍ତର ଚିତ୍ର କବିଙ୍କର 'କମଳାୟନ' କାବ୍ୟରେ ଆମେ ବିଶେଷ ଭାବରେ ଲକ୍ଷ୍ୟକରୁ। ନାୟକ ଓ ନାୟିକା, କମଳ ଓ କରୁଣାର ଜୀବନାୟନ ମଧ୍ୟରେ କବି ଭାରତର ସ୍ୱାଧୀନତା-ସଂଗ୍ରାମର ଅତୀତ ଓ ବର୍ତ୍ତମାନ ଏବଂ ବିପର୍ଯ୍ୟସ୍ତ ବିଶ୍ୱଜୀବନର ବର୍ତ୍ତମାନ ଓ ଭବିଷ୍ୟତ୍ ଏହି କାବ୍ୟରେ ପ୍ରଦର୍ଶିତ କରିଛନ୍ତି। ଅଜ୍ଞତା ଓ ସ୍ୱାର୍ଥ ପ୍ରଭୃତି ଅଂତରର ଦାନବୀୟ ଶକ୍ତି ସହିତ ସଂଗ୍ରାମ କରି ଶୁଭ୍ର ମାନବିକତାର ବିଜୟସ୍ତମ୍ଭ ପୃଥିବୀରେ ନିର୍ମାଣ କରିବାକୁ, ସାମ୍ୟ-ମୈତ୍ରୀର କରୁଣାଦୃଷ୍ଟିରେ ପୃଥିବୀକୁ ମଧୁମୟ କରିବାକୁ ଏବଂ ବିଶ୍ୱକୁ ଏକ ପରିବାର ରୂପେ କଳ୍ପନା କରି ହିଂସା-ଦ୍ୱେଷର ବୀଜ ଧରଣୀ ବକ୍ଷରୁ ଲୋପ କରିବାକୁ ଏହି ବୃହତ୍ କାବ୍ୟରେ କବି ନିର୍ଦ୍ଦେଶ ଦେଇଛନ୍ତି। କବିଙ୍କର ପ୍ରତ୍ୟେକଟି ବିଶିଷ୍ଟ କବିତା ଯେପରି ଏକ ଏକ ନୂତନ ଏକ୍ସପେରିମେଣ୍ଟ ବା ଉଦ୍ୟମ, 'କମଳାୟନ' ମଧ୍ୟ ସେହିପରି ଆଧୁନିକ ଯୁଗରେ ମହାକାବ୍ୟ ରଚନାର ଏକ ଚେଷ୍ଟା। ଦାନ୍ତେଙ୍କ 'ଡିଭାଇନ୍ କମେଡ଼ି' ବା କାଳିଦାସଙ୍କ 'ରଘୁବଂଶ' ବା ସେକ୍ସପିୟରଙ୍କ ନାଟକାବଳି ଯେପରି କାଳାତୀତ ହୋଇ ମଧ୍ୟ ଏକାନ୍ତରେ ସେହି ସେହି କବିଙ୍କର ସମସାମୟିକ କାଳର ପ୍ରକୃଷ୍ଟ ପ୍ରତିବିମ୍ବ ବୋଲି ଧରାଯାନ୍ତି, ମନେହୁଏ, ଦୂର ଭବିଷ୍ୟତ୍‌ରେ ଆମ କାଳର ଛବି ଯଦି କେହି ଖୋଜି ବସିବେ, ତେବେ, ହୁଏତ ସେ ତାହା ବିଶେଷ ଭାବରେ ପାଇବେ ଏହି 'କମଳାୟନ'ରୁ। ପ୍ରଥମ ଭାଗରେ କମଳ ଓ କରୁଣାର, ନିଉୟର୍କ-ଜୀବନରୁ ଫେରି ଆମ ଭାରତର ପଲ୍ଲୀ-ଉନ୍ନୟନ ଭିତରେ ପ୍ରାଣତ୍ୟାଗ ଏବଂ ଦ୍ୱିତୀୟଭାଗରେ,

Digitized by PPRACHIN, SOA

ସେମାନଙ୍କର ଏକମାତ୍ର ସନ୍ତାନ ବିଶ୍ୱମିତ୍ରାର ଅକ୍ସଫୋର୍ଡ଼ରେ ଶିକ୍ଷା, ଇଉକ୍ରେନିୟାନ୍ ତରୁଣ ସେପିଲ୍‌କୋ ସହିତ ପ୍ରଣୟ ଏବଂ ୧୯୫୬ର କମ୍ୟୁନିଷ୍ଟ ସାମ୍ରାଜ୍ୟବାଦ ବିରୁଦ୍ଧରେ ଘଟିଥିବା ହଂଗେରୀୟ ବିପ୍ଳବରେ ସେପିଲ୍‌କୋର ଆତ୍ମାହୁତି ଦେଇ ସେହି ପ୍ରଣୟର ବ୍ୟର୍ଥତା, ହଂଗେରୀୟ ସାମରିକ ନେତାର ସ୍ତ୍ରୀ ମେରାୟାଠାରୁ ବିଶ୍ୱମିତ୍ରା ପ୍ରତି ଦୀର୍ଘ କରୁଣ ପତ୍ର ଇତ୍ୟାଦି ଦେଇ, କମଳାୟନ ଯଥାର୍ଥରେ ଉଭୟ ସାମସମୟିକ କାଳର ଓ ପ୍ରକୃତ ଲୋକତନ୍ତ୍ର ଓ ମାନବିକତାର ମହାକାବ୍ୟ ହୋଇଉଠିଛି।

ଗଦ୍ୟସ୍ରଷ୍ଟା ମାନସିଂହ

କାବ୍ୟ-କବିତା-ନାଟକ-ନାଟିକା ପରି, ଗଦ୍ୟ ରାଜ୍ୟରେ ମଧ୍ୟ ମାନସିଂହ ପ୍ରତିଭା ପ୍ରଚୁର ଓ ପ୍ରକୃଷ୍ଟ ଭାବରେ ନିଜକୁ ଆତ୍ମ-ପ୍ରକାଶ କରିପାରିଛି। ଏ କ୍ଷେତ୍ରରେ ତାଙ୍କର ବ୍ୟକ୍ତିତ୍ୱ ଓ ସୃଜନାତ୍ମକ ପ୍ରତିଭା ଯେଉଁଥିରେ ପ୍ରୋଜ୍ଜ୍ୱଳ ଭାବେ ପ୍ରକାଶିତ ତାହା ହେଉଛି ତାଙ୍କର ଓଡ଼ିଆ ସାହିତ୍ୟର ଇତିହାସ, ଶିକ୍ଷକ ଜୀବନର ଗାଥା ଏବଂ କଳା, ସଂସ୍କୃତି ଓ ମାନବ ଜୀବନର ସମସ୍ୟା-ସଂବଳିତ ପ୍ରବଂଧାବଳୀ ଏବଂ ସର୍ବୋପରି ଓଡ଼ିଆରେ ଏନସାଇକ୍ଲୋପେଡ଼ିଆ ପ୍ରତିଷ୍ଠା। ଏହି ସକଳ ଗଦ୍ୟ-ରଚନାର ଅଂତଃସ୍ୱର ବହୁସମୟରେ ତାଙ୍କ କାବ୍ୟ-ପ୍ରତିଭାର ସହଧର୍ମୀ ଓ ସମମର୍ମୀ। ସାହିତ୍ୟ-ବ୍ୟାପାରରେ ସୃଷ୍ଟିକର୍ମହିଁ ହେଉଛି ପ୍ରଧାନ ଏବଂ ସମାଲୋଚନା ହେଉଛି ତାର ଅନୁସାରକ ବା ଅନୁଗାମୀ ମାତ୍ର। ପଦ୍ୟ ଓ ଗଦ୍ୟରେ ଏହି ସମଶକ୍ତିସଂପନ୍ନ ସବ୍ୟସାଚିତ୍ୱହିଁ କବି ମାନସିଂହଙ୍କ ପ୍ରତିଭାର ଏକ ଅନନ୍ୟସାଧାରଣ ଧର୍ମ। ତାଙ୍କର 'ଜୀବନପଥ' ବା 'ଜୀବନୀ ଓ ପ୍ରବଂଧ' ବଳିଷ୍ଠ ଗଦ୍ୟସାହିତ୍ୟର ଯେପରି ନମୁନା, ତାଙ୍କର 'କବି ଓ କବିତା' ବା 'ମାଟିର ମହାକବି ସାରଳାଦାସ', ସାରସ୍ୱତ ସମାଲୋଚନାର ସେହିପରି ଉଜ୍ଜ୍ୱଳଶଂଖ। ଓଡ଼ିଆ ଗଦ୍ୟ ସାହିତ୍ୟର କ୍ରମ-ପରିଣାମ-ପଥରେ କବି ମାନସିଂହଙ୍କର ଏ ସକଳ ଆଲୋଚନା ବା ପ୍ରବଂଧାବଳୀ ନିଜର ସତ୍ୟ, ସୌନ୍ଦର୍ଯ୍ୟ ଓ ସୌଷ୍ଠବ ପାଇଁ ଅବିସ୍ମର ହୋଇ ରହିବେ।

କବିପ୍ରାର୍ଥନା

କାବ୍ୟ-ସ୍ରଷ୍ଟା ଓ ଗଦ୍ୟ-ସ୍ରଷ୍ଟା ଭାବରେ ମାନସିଂହ ତାଙ୍କର ଆଦ୍ୟ ଆବିର୍ଭାବ କାଳରୁହିଁ ଏପର୍ଯ୍ୟଂତ ଗତ ପାୟ ଅର୍ଦ୍ଧଶତାବ୍ଦୀ ଧରି ଉତ୍କଳ ଦେଶର ବୌଦ୍ଧିକ ରାଜ୍ୟରେ ଏକ କ୍ରମାଗତ ପ୍ରଭଂଜନ ହୋଇ ଆସିଛନ୍ତି। ଏହି ପ୍ରତିଭାର ଅଭ୍ୟୁଦୟ, ଅଭିବୃଦ୍ଧି ଓ ଭବିଷ୍ୟତର ସମୀକ୍ଷା ତେଣୁ ପ୍ରୀତିପ୍ରଦ ଓ ମୂଲ୍ୟବାନ୍। କିନ୍ତୁ କବି ନିଜେ ତାଙ୍କର 'ସମାଧି' କବିତାରେ ନିଜର ଭବିଷ୍ୟତ୍ ସମ୍ବନ୍ଧରେ ବିଶ୍ୱପତିଙ୍କ ନିକଟରେ ଯେଉଁ ଅପୂର୍ବ ପ୍ରାର୍ଥନା ଜଣାଇଛନ୍ତି ତାହା ଏଠାରେ ଉଦ୍ଧାର ନ କରି ରହି ପାରୁନାହିଁ।

Digitized by PPRACHIN, SOA

"ହେ ନାଥ, ଭରିଛ ପ୍ରାଣ
ନାନା ଲାଂଛନାରେ,
ଶୂନ୍ୟ ତାହା ଆଜିଯାଏଁ
ଖାଲି ବଂଚନାରେ ;
ଢେବେ କିନ୍ତୁ,
ନାହିଁ ଦିଅ,
ଅଯାଚିତ ନବ ଅପମାନ,
ମାପିତ ହେବାର ମୋର
କ୍ଷୁଦ୍ର ଯାହା ନଗଣ୍ୟ ସମ୍ମାନ,
ମାନଦଂଡ଼େ, ଅର୍ଥ, ହାକିମିର,
ବଂଚେ ମରେ, ଖାଲି କବି,—
ଚକ୍ଷେ ଯା'ର ପର ପାଇଁ ନୀର।
ଛୋଟ ଏକ ସମାଧିଟି ଶ୍ୟାମଘାସ ପରେ,
ଥାଇପାରେ ପଲ୍ଲୀ ବା ନଗରେ,
ଏକମାତ୍ର ଚିହ୍ନରୂପେ
ଦୀନ ଏହି ପୃଥିବୀ-ବାସୀର,
ମୃତ୍ୟୁରାଜ୍ୟେ ଯିବି ଯେବେ, ଛାଡ଼ି କୋଳ ମାଆ ଧରିତ୍ରୀର।
ବସଂତର ପୁଷ୍ପୋତ୍ସବେ,
ଶାରଦ ଜ୍ୟୋତ୍ସ୍ନାରେ
ସ୍ମରି କେବେ, ମୋ ଦେଶର ଯୁବକ-ଯୁବତୀ
ଆସି ସେ ସମାଧି ପରେ
ପୁଷ୍ପଢ଼ାଳି ପ୍ରୀତିଭରେ
କବିରେ ଦେବେ ସେ ଯଦି ଶ୍ରଦ୍ଧାର ଆରତି,
ସେହି ସେ ହୋଇବ ମୋର ଶ୍ରେଷ୍ଠ ପୁରସ୍କାର,
ସେହି ମୋର ମାନଦଣ୍ଡ ଜୀବନ-ଯାତ୍ରାର।"

ତେଣୁ ମାନସିଂହଙ୍କ ପ୍ରତିଭାର ଭବିଷ୍ୟତ-କଳ୍ପନା ସଂପର୍କରେ ବିଶ୍ୱ-ବିଶ୍ରୁତ ଔପନ୍ୟାସିକ ବାଲଜାକ୍‌ଙ୍କର ଅମରବାଣୀ, "Glory is the sunlight of the dead' ବାକ୍ୟକୁହିଁ କବି ମାନସିଂହଙ୍କ ପ୍ରତି ପ୍ରୟୋଗ କରି ଏହି ପ୍ରବଂଧର ଉପସଂହାର କରୁଛି। (କବି ମାନସିଂହଙ୍କ ଜୀବଦ୍ଦଶାରେ ତାଙ୍କ ଦ୍ୱାରା ପ୍ରଣୀତ "ଓଡ଼ିଆ ସାହିତ୍ୟର ଇତିହାସ" ଗ୍ରନ୍ଥରେ ଏଇ ଆଲୋଚନାଟି 'ପରିଶିଷ୍ଟ-୧'ରେ ସନ୍ନିବିଷ୍ଟ।)

■ ■

Digitized by PPRACHIN, SOA

କବି ମାନସିଂହଙ୍କ ପତ୍ର

ଆତ୍ମଚରିତ, ଜୀବନସ୍ମୃତି ଓ ପତ୍ରସାହିତ୍ୟ

କବିଙ୍କ ଭାଷାରେ "ଏ ଜୀବ ନୁହଇ ସ୍ଥିର ସ୍ଥିରଟି ମରଣ,
ମାଟିର ଏ ଘଟ ନିଶ୍ଚେ ମିଶିବ ମାଟିରେ,
ସର୍ବହରା କାଳ ମହାବଳୀଠାରୁ ବଳୀ !
+++ ଲଗାଇଛି ଫାଶ ସେହୁ ସମସ୍ତଙ୍କ ଗଳେ
+++ ସେ ଗୁପତ ଫାଶୁଁ କେହି ନୁହଁନ୍ତି ମୁକତ।"

(ରାଧାନାଥ)

ତେଣୁ ସଂସାରର ସବୁ ବସ୍ତୁ ଯେ ନଶ୍ୱର, ମନୁଷ୍ୟ ଜୀବନ ମଧ୍ୟ ବିନାଶଶୀଳ, ଏ କଥା କାହାରି ନିକଟରେ ଅବିଦିତ ନୁହେଁ। ମାତ୍ର ଏହା ଜାଣି ମଧ୍ୟ ନଶ୍ୱରତା ବିରୁଦ୍ଧରେ ଏକ ନିଃଶବ୍ଦ ପ୍ରତିବାଦ ଓ ପ୍ରଚ୍ଛନ୍ନ ବିଦ୍ରୋହ ମନୁଷ୍ୟ ମନରେ ଚିରକାଳ ଚାଲିଆସିଛି। ନଶ୍ୱରତା ହେଉଛି ପ୍ରକୃତିର ଧର୍ମ, ଅମୋଘ କାଳପ୍ରବାହର କ୍ରିୟା ଏବଂ ନିଷ୍ଫଳ ଜାଣି ମଧ୍ୟ ତା'ର ପ୍ରତିବାଦ କରିବା ହେଉଛି ଜୀବନର ଧର୍ମ, ମନୁଷ୍ୟର ମୌଳ ଅନମନୀୟତାର ସ୍ୱାଭାବିକ ପ୍ରତିକ୍ରିୟା। ମନୁଷ୍ୟ ନାନା ଭାବରେ, ବହୁବିଧ ସୂକ୍ଷ୍ମ ଓ ସ୍ଥୂଳ ଉପାୟରେ ସର୍ବକ୍ଷୟକାରୀ କାଳପ୍ରବାହ ସହିତ ଏକ ପ୍ରକାର ବୁଝାସୁଝା ବା ସାଲିସ୍ କରିବାର ଚେଷ୍ଟା କରିଥାଏ। ଉଦ୍ଦେଶ୍ୟ ହେଉଛି ଏପରି ଏକ ବ୍ୟବସ୍ଥା କରିଯିବା, ଯେଉଁଥିରେ ମନୁଷ୍ୟ ସଂସାରରେ ନ ଥିଲେ ମଧ୍ୟ ସେ ରହିଥିବାର ନିଦର୍ଶନ ରହିଥିବ। ଏଭଳି ବୁଝାସୁଝାର ଗୋଟିଏ ପ୍ରୟାସ ହେଉଛି ଧର୍ମ, ଯେଉଁ ବୁଝାସୁଝାର ରୂପ ମନୁଷ୍ୟର ସ୍ନିଗ୍ଧ ସୁରଭିତ ଆତ୍ମସମର୍ପଣ ମଧ୍ୟରେ ନିହିତ। ଏଇ ସାଲିସର ଅନ୍ୟ ଗୋଟିଏ ବାଟ ହେଉଛି ଆର୍ଟ। କାଳପ୍ରବାହକୁ ସ୍ତମ୍ଭିତ କରିବାର ଏବଂ ନଶ୍ୱରତାକୁ ଅତିକ୍ରମ କରିଯିବାର ପ୍ରୟାସ ହେଉଛି ସକଳ କଳାସୃଷ୍ଟିର ବା ଆର୍ଟର। ମୁହୂର୍ତ୍ତକୁ ମହାକାଳରେ ପରିଣତ କରିବାର ଏବଂ ମୃତ୍ୟୁକୁ ଅମରତ୍ୱରେ ରୂପାନ୍ତରିତ କରିବାର ସାଧନା ହେଉଛି ଶିଳ୍ପୀର, କଳାକାରର। ନିଜ ସୃଷ୍ଟି ମଧ୍ୟରେ, ଗୋଟିଏ ବିକଳ୍ପ 'ମୁଁ' ମଧ୍ୟରେ ନିଜକୁ ସ୍ଥାୟୀ ଭାବରେ ରଖିଯିବାକୁ ସାଧନା କରେ ଶିଳ୍ପୀ। ଛୋଟବଡ଼ ଆହୁରି ଅନେକ ରକମର ବୁଝାମଣା ମନୁଷ୍ୟର ରହିଛି। ଯେପରି ଇତିହାସ-ରଚନା, ଇତିହାସରେ ନାମାଙ୍କନ କରିଯିବା, କିମ୍ୱା ସ୍ମୃତିସ୍ତମ୍ଭ ନିର୍ମାଣ କରିବା ଇତ୍ୟାଦି। ଆତ୍ମଚରିତ ବା ଆତ୍ମକଥା, ସ୍ମୃତିକଥା ବା ଜୀବନସ୍ମୃତି ବୋଲି ଯାହା ଅଭିହିତ, ତାହା ମଧ୍ୟ ନଶ୍ୱରତା ସହିତ ଏକ ପ୍ରକାର ରଫାନାମା। ଜୀବନ-ଯୌବନ-

Digitized by PPRACHIN, SOA

ଧନ-ମାନ' କାଳସ୍ରୋତରେ ଯଦି ଭାସିଯାଏ ତ ଯାଉ କିଛି କ୍ଷତି ନାହିଁ; ମୁଁ ମୋର ଜୀବନର ଦିନଗୁଡ଼ିକୁ ସ୍ମରଣର ସ୍ୱର୍ଣ୍ଣ ସୂତ୍ରରେ ଗୁନ୍ଥି ଯେଉଁ ମାଳାଟି ପ୍ରସ୍ତୁତ କରି ରଖିଗଲି, ତାହା ଚିରକାଳ ଅବିନାଶୀ ଓ ଅମଳିନ ହୋଇ ରହିବ। ଏଇ ଗୋପନ ଅଭିଳାଷ ଆତ୍ମକଥା ବା ସ୍ମୃତିକଥା ମଧ୍ୟରେ ରହିଛି।

ଅନ୍ୟ ଦ୍ୱାରା ରଚିତ ଜୀବନଚରିତ ସହିତ ଆତ୍ମକଥାର ପାର୍ଥକ୍ୟ ମୌଳିକ। ଯେଉଁ ପାର୍ଥକ୍ୟ ପଣ୍ଡିତ ଓ ଐତିହାସିକମାନଙ୍କ ଦ୍ୱାରା ଲିଖିତ ରବୀନ୍ଦ୍ରନାଥଙ୍କ ଜୀବନୀ ସହିତ ରବୀନ୍ଦ୍ରନାଥଙ୍କ ନିଜ ଲେଖା 'ଜୀବନ-ସ୍ମୃତି' ବା 'ପିଲାଦିନ' (ଛେଲେବେଲା)ର କିମ୍ବା କବି ମାନସିଂହଙ୍କ ରଚିତ 'ସରସ୍ୱତୀ ଫକୀରମୋହନ' ସହିତ ଫକୀରମୋହନ ସେନାପତିଙ୍କ ଆତ୍ମ-ଜୀବନ-ଚରିତର। ଅନ୍ୟର ଜୀବନଚରିତରେ 'ମୁଁ'କାର ନାହିଁ, କିନ୍ତୁ ଆତ୍ମକଥା ବା ଜୀବନସ୍ମୃତିରେ କେତେବେଳେ ସ୍ପଷ୍ଟ ଭାବରେ, କେଉଁଠି ପ୍ରଚ୍ଛନ୍ନ ଭାବରେ 'ମୁଁ'କାର ସର୍ବଦା ଉପସ୍ଥିତ। ପର-ଜୀବନଚରିତର ଲେଖକ ଇତିହାସ ନିକଟରେ ମୁଖ୍ୟତଃ ଦାୟବଦ୍ଧ; କିନ୍ତୁ ସ୍ୱରଚିତ ଆତ୍ମକଥା ବା ଜୀବନସ୍ମୃତିର ଲେଖକ ଦାୟବଦ୍ଧ ଆତ୍ମ-ଅଭିଜ୍ଞତା ନିକଟରେ। ଏହିଠାରେ ହିଁ ଆତ୍ମକଥାର ସାହିତ୍ୟିକ ଗୁଣର ଉତ୍ସ। ପର-ଜୀବନଚରିତର ଲକ୍ଷ୍ୟ ନିର୍ଭେଜାଲ ପରୀକ୍ଷଣୀୟ ତଥ୍ୟ ପରିବେଷଣ କରିବା, ଐତିହାସିକ ସତ୍ୟର ବାହକ ହେବା। କିନ୍ତୁ ଆତ୍ମକଥା କେଉଁ ପରିମାଣରେ ଐତିହାସିକ ହେବ ଅଥବା କେଉଁ ମାତ୍ରାରେ ଅନ୍ୟ କିଛି ହେବ, ତାହା ନିର୍ଭର କରେ ଲେଖକର ରୁଚି ଓ ମାନସିକତା ଉପରେ, ଲେଖକର କ୍ଷମତା ଓ ଜୀବନ-ଦୃଷ୍ଟି ଉପରେ। ଯେଉଁଠି ପାଠକର ମୁଖ୍ୟ ଲକ୍ଷ୍ୟ ଇତିହାସ ବା ଐତିହାସିକ ତଥ୍ୟ ନୁହେଁ, ଯାହାର ପ୍ରଧାନ ଲକ୍ଷ୍ୟ ବହିଟିର ସାହିତ୍ୟଗୁଣ ବା ସାହିତ୍ୟରସ, ବହିଟିର ରସରମ୍ୟତାର ସ୍ୱାଦୁତା, ତା' ପକ୍ଷରେ ଇତିହାସର ଦ୍ୱାରସ୍ଥ ନହେଲେ ମଧ୍ୟ ଚଳେ। ମନୁଷ୍ୟଟି ଯେଉଁ ମାପର ହେଉ, ଉଚ୍ଚ କି ନୀଚ, ସୁଖୀ କି ଦୁଃଖୀ ଯାହା ହେଉନା କାହିଁକି, ଜୀବନ-ରସିକ ନ ହେଲେ କେହି ଆତ୍ମକଥା ଲେଖିବାକୁ ବସେନା। ଜୀବନ ଓ ଜଗତ ଯାହାକୁ ଆକର୍ଷଣ କରେନା, ତାହା ନିକଟରେ ଆତ୍ମକଥା, ପରଜୀବନକଥା, ଏପରିକି ଇତିହାସ ମଧ୍ୟ ମୂଲ୍ୟବାନ ରୂପେ ପରିଗଣିତ ହୋଇ ନ ଥାଏ।

ତେବେ ଆମେ ଜାଣିଛୁ ଯେ ଜୀବନଚରିତ ହେଉ ବା ଆତ୍ମକଥା ହେଉ, ତାହା ନାନା ଭାବରେ ରଚିତ ହୋଇପାରେ। କେଉଁଟି ପ୍ରାୟ-ଇତିହାସ, କେଉଁଟି ତତ୍କାଳର କାଳ୍ପନିକ ଗଳ୍ପ, କେଉଁଟି ଇତିହାସକୁ ସୁଧାରି ନେବାର ଚେଷ୍ଟା ମାତ୍ର, ପୁଣି କେଉଁଟି ଇତିହାସ-ଆଶ୍ରୟୀ ହେଲେ ମଧ୍ୟ ପ୍ରକୃତରେ ତାହା ରମ୍ୟରଚନା। ତଥାପି ସକଳ ତ୍ରୁଟି-ବିଚ୍ୟୁତି, ଗ୍ଲାନି ଅଥବା ଗୌରବ ବହନ କରି ଜୀବନୀ-ସାହିତ୍ୟ ବା ଚରିତ-ସାହିତ୍ୟ ସାରସ୍ୱତ ସୃଷ୍ଟିର ଦରବାରରେ ଆଜି ଏକ ମାନ୍ୟତାପ୍ରାପ୍ତ ବିଭାଗ। ପୁଣି ଆତ୍ମକଥା ଓ ଜୀବନସ୍ମୃତି ସହିତ ଘନିଷ୍ଠଭାବରେ ସଂପୃକ୍ତ ସ୍ରଷ୍ଟା ଓ ସାଧକମାନଙ୍କର ରୋଜନାମଚା ବା ଡାଏରୀ ଏବଂ ସେମାନଙ୍କର ବିଭିନ୍ନ ସମୟରେ

Digitized by PPRACHIN, SOA

ଲିଖିତ ପତ୍ରାବଳୀ। ଏଇ ପତ୍ରାବଳୀ ଓ ରୋଜନାମଚା ଅନେକ ସମୟରେ ଆତ୍ମକଥା ଓ ଜୀବନସ୍ମୃତି ଲେଖନରେ ହୋଇଥାନ୍ତି ସହାୟକ ଓ ସଂପୂରକ। ପୁଣି କେତେବେଳେ ନିଜର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା କରି ସେଗୁଡ଼ିକ ଆମକୁ ଦେଇଥାନ୍ତି ରସାସ୍ୱାଦନ ସହ ସ୍ରଷ୍ଟାମାନସ ସହିତ ନିବିଡ଼ ପରିଚିତିର ସୁଯୋଗ। ତେଣୁ ଶିଳ୍ପୀର ବ୍ୟକ୍ତିତ୍ୱ, ତା'ର ଶିଳ୍ପମାନସ ଏବଂ ଶିଳ୍ପରୂପକୁ ଜାଣିବା ପାଇଁ ଏଗୁଡ଼ିକର ଭୂମିକା ଯେ ଏକାନ୍ତ ଅପରିହାର୍ଯ୍ୟ, ତାହା ଅସ୍ୱୀକାର କରି ହେବ ନାହିଁ। ସେଥିପାଇଁ ସାହିତ୍ୟ ରାଜ୍ୟରେ ସାରସ୍ୱତ ସ୍ରଷ୍ଟାମାନଙ୍କର ଡାଏରୀ ଅଥବା ବ୍ୟକ୍ତିଗତ ଜୀବନର ପତ୍ରାବଳୀ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ ମଧ୍ୟ। ବହୁ ବିଦେଶୀ ସାହିତ୍ୟସ୍ରଷ୍ଟାଙ୍କର ଡାଏରୀ ଅଥବା ପତ୍ରାବଳୀ ସହିତ ଆମେ ପରିଚିତ, ଯାହାକୁ ଆଧାର ବା ଆଶ୍ରୟ କରି ସାହିତ୍ୟ-ସମୀକ୍ଷକମାନେ ସେମାନଙ୍କ ସୃଷ୍ଟିର ଅନ୍ତଃରୂପ, ଶିଳ୍ପାଦର୍ଶ ଓ ବ୍ୟକ୍ତିତ୍ୱ ଆବିଷ୍କାର ଓ ଉନ୍ମୋଚନ କରିବାକୁ ସମର୍ଥ ହୋଇ ପାରିଛନ୍ତି। ଏଥିପାଇଁ ପାଶ୍ଚାତ୍ୟ ଦେଶମାନଙ୍କର ଲେଖକମାନଙ୍କର ଚିଠିପତ୍ର ଓ ଡାଏରୀ ଇତ୍ୟାଦୀ ସଂଗୃହୀତ ଓ ସଂରକ୍ଷିତ ମଧ୍ୟ ହେଉଛି। କିନ୍ତୁ ଆମ ଦେଶରେ ଏକମାତ୍ର ରବୀନ୍ଦ୍ରନାଥଙ୍କ ବିପୁଳ ସଂଖ୍ୟକ ପତ୍ରାବଳୀ ରସିକ ଓ ପାଠକମାନଙ୍କ ଦୃଷ୍ଟିକୁ ଯେପରି ଆସିଛି ଏବଂ ଆସୁଛି, ତାହା ଅନ୍ୟ କୌଣସି ମହାନ୍ ସ୍ରଷ୍ଟାଙ୍କ ଭାଗ୍ୟରେ ସେପରି ଘଟିନାହିଁ। ଓଡ଼ିଆ ସାହିତ୍ୟରେ କବି ରାଧାନାଥଙ୍କ ପତ୍ରାବଳୀ 'କବିଲିପି' ଶିରୋନାମାରେ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ଏବଂ କବି ଗଙ୍ଗାଧର ମେହେରଙ୍କ ପତ୍ରାବଳୀ ମଧ୍ୟ ତାଙ୍କର ସୁଯୋଗ୍ୟ ସନ୍ତାନ ଭଗବାନ ମେହେରଙ୍କ ଦ୍ୱାରା ସଂଗୃହୀତ ହୋଇ ଆତ୍ମପ୍ରକାଶ କରିଛି। ଏ ଦୁଇ ବରେଣ୍ୟ ସ୍ରଷ୍ଟାଙ୍କ ଶିଳ୍ପମାନସ ତଥା ବ୍ୟକ୍ତିଜୀବନକୁ ବୁଝିବା ପାଇଁ ଏହି ପତ୍ରାବଳୀ ବହୁ ପରିମାଣରେ ସହାୟକ। ଏ ଦୁଇ ସ୍ରଷ୍ଟାଙ୍କୁ ବାଦ୍ ଦେଲେ ବି ବହୁ ବରେଣ୍ୟ ସାହିତ୍ୟସାଧକ ଅଛନ୍ତି ଯେଉଁମାନଙ୍କର ବ୍ୟକ୍ତିଗତ ଜୀବନର ପତ୍ରାବଳୀ ସଂଗୃହୀତ ଓ ପ୍ରକାଶିତ ହେବା ଏକାନ୍ତ ଆବଶ୍ୟକ।

ସ୍ରଷ୍ଟା ମାନସିଂହ : ଏଇ ପ୍ରସଙ୍ଗରେ କବି ମାୟାଧର ମାନସିଂହଙ୍କ ପତ୍ରାବଳୀ ବିଚାର ଆଲୋଚନାର ପରିସରକୁ ନିଆଯାଇପାରେ। କବି ମାନସିଂହ ଓଡ଼ିଆ ସାହିତ୍ୟର କେବଳ ଜଣେ ଉଜ୍ଜ୍ୱଳ କାବ୍ୟପୁରୁଷ ମାତ୍ର ନୁହନ୍ତି, ଜୀବନଚର୍ଯ୍ୟା ଓ ସାହିତ୍ୟ ଚର୍ଚ୍ଚାରେ ସେ ହେଉଛନ୍ତି ଜଣେ ସିଦ୍ଧ ସାଧକ। ତାଙ୍କର ଗଦ୍ୟଶିଳ୍ପ ମଧ୍ୟ ଅତି ଉଚ୍ଚକୋଟୀର ଏବଂ ପଦ୍ୟର ସୌରଭରେ ତାହା ସୁରଭିତ ଓ ସମୁଜ୍ଜ୍ୱଳ। ତାଙ୍କର ସାହିତ୍ୟସମୀକ୍ଷା ମଧ୍ୟ ମନନଶୀଳ, କାବ୍ୟଧର୍ମୀ ଓ ରସାଳ। ସାହିତ୍ୟର ଇତିହାସ, ସଂସ୍କୃତିର ଇତିହାସ, ଜୀବନୀ ଓ ପ୍ରବନ୍ଧ ଇତ୍ୟାଦି ସାହିତ୍ୟ-ସଂସ୍କୃତିର ବିଭିନ୍ନ ବିଭାଗ ତାଙ୍କ ଲେଖନୀ ସ୍ପର୍ଶରେ ହୋଇଛି ପ୍ରାଣବନ୍ତ ଓ ଋଦ୍ଧିମନ୍ତ। ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ ଓ ଶିକ୍ଷାବିତ୍। ତାଙ୍କର 'ଶିକ୍ଷାବିତ୍‌ର ଗାଥା' ଯେଉଁମାନେ ଅଧ୍ୟୟନ କରିଥିବେ, ଏଇ ମହତ୍‌ପ୍ରାଣ ଶିକ୍ଷକଙ୍କର ମାନସିକତା, ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଅଭିଳାଷ

Digitized by PPRACHIN, SOA

ସହିତ ସେମାନେ ପରିଚିତ ହୋଇ ପାରିଥିବେ। କେବଳ ସେତିକି ନୁହେଁ, ଏଇ ମହତ୍ ପ୍ରତିଭାର ଚିଦାକାଶ ସାମୟିକ ଦୁଃଖ ଓ ବିଷାଦର ଘନଘଟାରେ କିପରି ଆଚ୍ଛନ୍ନ ହୋଇ ଉଠିଥିଲା, ସଂକୀର୍ଣ୍ଣମନା ଓ ନ୍ୟସ୍ତସ୍ୱାର୍ଥ ରାଜନୀତିକ ନେତାଙ୍କ ଚକ୍ରାନ୍ତର ଶରବ୍ୟ ହୋଇ ଦୁଃଖର ଦହନରେ ତାଙ୍କର ଆତ୍ମା କିପରି ବିଳାପ କରି ଉଠିଥିଲା, ତା'ର କାରୁଣ୍ୟଘନ ମର୍ମସ୍ପର୍ଶୀ ଚିତ୍ର ମଧ୍ୟ ପାଠକେ ସେଥିରେ ଲକ୍ଷ୍ୟ କରିପାରିଥିବେ।

ଏଇ ଆଲୋଚନାର ପରିଶେଷରେ ସ୍ରଷ୍ଟା ମାନସିଂହଙ୍କ ଯେଉଁ ପତ୍ରଟିର ଅବତାରଣା କରାଯାଉଛି, ସେଥିରେ ତାଙ୍କର ଶିକ୍ଷାବିତ୍ ଜୀବନର ଏକ କରୁଣ ଓ ଅଶ୍ରୁଳ ଅଧ୍ୟାୟର ଚିତ୍ର ଅଙ୍କିତ। କବି ମାନସିଂହ ଦୀର୍ଘ ଆଠବର୍ଷ କାଳ ସମ୍ବଲପୁରର ଗଙ୍ଗାଧର ମେହେର କଲେଜର ଥିଲେ ଅଧ୍ୟକ୍ଷ। ତାଙ୍କରି ଅଧ୍ୟକ୍ଷତାରେ ମେହେର କଲେଜ ଓଡ଼ିଶାର ଉଚ୍ଚ ଶିକ୍ଷାକ୍ଷେତ୍ରରେ ହୋଇ ଉଠିଥିଲା ଏକ ଆଦର୍ଶ ଓ ଅଗ୍ରଣୀ ଶିକ୍ଷାୟତନ। ମେହେର କଲେଜରେ ସେ ଯେଉଁ ସଂସ୍କାରମୂଳକ ପଦକ୍ଷେପମାନ ଗ୍ରହଣ କରିଥିଲେ ସେଗୁଡ଼ିକ ତାଙ୍କର 'ଶିକ୍ଷାବିତ୍‌ର ଗାଥା' ରେ ବିଶଦ ଭାବରେ ବର୍ଣ୍ଣିତ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ ଓ ଆଭିମୁଖ୍ୟ ପରି ମାନସିଂହଙ୍କ ଦୃଷ୍ଟିରେ ଶିକ୍ଷାୟତନ ହେଉଛି ଏକ 'ମଣିଷ-ତିଆରି କାରଖାନା'। ତେଣୁ ଗଙ୍ଗାଧର ମେହେର କଲେଜକୁ ନିଜର ମାନସପୁତ୍ର ରୂପେ ଗ୍ରହଣ କରି ତା'ର ଲାଳନପାଳନ, ବିକାଶ ଓ ଅଭିବୃଦ୍ଧି ପାଇଁ ଆପ୍ରାଣ ଉଦ୍ୟମ ସେ କରିଥିଲେ। ମେହେର କଲେଜ ତାଙ୍କ ନିକଟରେ ଥିଲା ଶିକ୍ଷାବିକାଶର ଏକ ଯଜ୍ଞସ୍ଥଳୀ ଏବଂ ସେ ଥିଲେ ତା'ର ମନ୍ତ୍ରଜ୍ଞ ପୁରୋହିତ। ତାଙ୍କର ଅଧ୍ୟକ୍ଷତା କାଳରେ ମେହେର କଲେଜରେ ଯେଉଁମାନେ ଥିଲେ ଅଧ୍ୟାପକ ବା ଅନ୍ତେବାସୀ, ସେମାନେ ମୁକ୍ତକଣ୍ଠରେ ତାହା ଆଜି ସ୍ୱୀକାର କରିବେ। କେବଳ ମେହେର କଲେଜର ଉନ୍ନତି ନୁହେଁ, ଓଡ଼ିଶାରେ ଶିକ୍ଷାଦାନର ମାନ କିପରି ସମୁନ୍ନତ ହେବ, ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କିପରି ସଂସାଧିତ ହେବ, ସେଥିପାଇଁ ବହୁ ଚିନ୍ତା ଓ ସ୍ୱପ୍ନ ଆମମାନଙ୍କ ପାଇଁ ସେ ଛାଡ଼ିଯାଇଛନ୍ତି। 'ହୀରାଖଣ୍ଡ ୟୁନିଭର୍‌ସିଟି' ଓ 'ଓଡ଼ିଶା ସାହିତ୍ୟ ଏକାଡ଼େମୀ'ର ପ୍ରତିଷ୍ଠା ଏବଂ ଓଡ଼ିଆ ଭାଷାରେ 'ଜ୍ଞାନକୋଷ' ପ୍ରଣୟନ ତାଙ୍କ ଜୀବନର ଥିଲା ଚିରପୋଷିତ ସ୍ୱପ୍ନ ଯାହାକି ପରବର୍ତ୍ତୀ କାଳରେ ବାସ୍ତବତାରେ ହୋଇଥିଲା ରୂପାୟିତ। ମାତ୍ର ଯେଉଁଭଳି ଚକ୍ରାନ୍ତମୂଳକ ପରିସ୍ଥିତିରେ ଏଇ କବି, ଶିକ୍ଷକ ଓ ଚିନ୍ତାନାୟକଙ୍କୁ ମେହେର କଲେଜରୁ ଅପସାରିତ କରାଗଲା, ତାହା ତାଙ୍କ ଜୀବନରେ ଥିଲା ଏକ ମର୍ମଦାହୀ ଅଧ୍ୟାୟ। ମେହେର କଲେଜର ପରିସରରୁ ତାଙ୍କର ବିଦାୟକାଳୀନ ଦୃଶ୍ୟ କିପରି ଅଶ୍ରୁସଜଳ ଓ କାରୁଣ୍ୟଘନ ହୋଇ ଉଠିଥିଲା, ତାହା ସେ ସମୟରେ ଅ ଧ୍ୟାପକ ଥିବା ଏଇ ଲେଖକ ସ୍ୱଚକ୍ଷୁରେ ଦେଖିଛି ଏବଂ ନିଜ ପ୍ରାଣରେ ମଧ୍ୟ ଅନୁଭବ କରିଛି। ଛାତ୍ର, ଶିକ୍ଷକ, କର୍ମଚାରୀ ଏବଂ ସମବେତ ସାଧାରଣ ନାଗରିକଙ୍କ କଣ୍ଠ ଓ ଚକ୍ଷୁ ମଧ୍ୟ ତାଙ୍କର ବିଦାୟପର୍ବରେ ହୋଇ ଉଠିଥିଲା ବାଷ୍ପାକୁଳ ଓ ଲୋତକାପ୍ଲୁତ। ପ୍ରକୃତି ମଧ୍ୟ ତା'ର ପ୍ରିୟ କବିପୁତ୍ରର

Digitized by PPRACHIN, SOA

ବିରହରେ ସେଦିନ ସତେ ଯେପରି ମ୍ରିୟମାଣ ହୋଇ ପଡ଼ିଥିଲା । କବିଙ୍କ ନିଜ ଭାଷାରେ, "ମୋ ମର୍ମର ହାହାକାର ଓ ନୟନର ଅବାରିତ ଅଶ୍ରୁଧାରାର ସମବେଦନାରେ ଯେପରି ପ୍ରକୃତି ସେଦିନ ନିଜକୁ ମେଘଗମ୍ଭୀର କରି, ଅଜସ୍ର ଆସାରରେ ତା'ର ପ୍ରତିବାଦ ଜଣାଉଥାଏ ।" (ଶିକ୍ଷାବିତ୍ର ଗାଥା, ପୃ ୨୬୫) ହାୟ ! ମେହେର କଲେଜରେ ଆନ୍ତରିକ ଶ୍ରମର ଏହାହିଁ ଥିଲା ଏ ଦେଶର ସରକାରଙ୍କଠାରୁ ତାଙ୍କର ଅନ୍ତିମ ଓ ପରମ ପୁରସ୍କାର । ଗଭୀର ମର୍ମବେଦନାରେ ସେ ତେଣୁ ଲେଖିଛନ୍ତି, "ଏ ଦେଶରେ କିନ୍ତୁ ନ୍ୟସ୍ତସ୍ୱାର୍ଥଙ୍କ ପ୍ରଭାବରେ ଅଯୋଗ୍ୟ, ଅପରାଗମାନଙ୍କର ପୃଷ୍ଠପୋଷକତା ଓ ଭାରବହନ ହିଁ ରାଷ୍ଟ୍ରୀୟ ନୀତିରୂପେ ଆଜି ଦଣ୍ଡାୟମାନ । ଏହି ଗୋଟିଏ ନୀତି ଯୋଗୁ ହିଁ ଯେ, ଏ ଜାତିର ଅଭ୍ୟୁତ୍ଥାନ ଓ ଚାରିତ୍ରିକ ଶକ୍ତିମତ୍ତା କେବେହେଲେ ସମ୍ଭବ ହେବ ନାହିଁ, ଏହା ଦୃଢ଼ ଭାବରେ କୁହାଯାଇପାରେ ।" (ଶିକ୍ଷାବିତ୍ର ଗାଥା, ପୃ. ୮୬) ତାଙ୍କର ଜୀବନଚର୍ଯ୍ୟା ଓ ଶିଳ୍ପ-ସାଧନାର ଶେଷ ଲକ୍ଷ୍ୟ ଥିଲା ଆତ୍ମାର ପୁଷ୍ପୀକରଣ ଓ ମାନବିକତା ତଥା ମାନବିକ ମହିମାର ବନ୍ଦନାଗାନ ଏବଂ ତାହାହିଁ ଥିଲା ଏଇ ମର୍ତ୍ତ୍ୟ-ପ୍ରଣୟୀ କବିର ଅମୃତ-ପିପାସା ଓ ଈଶ୍ୱରାରାଧନାର ସମୁଚିତ ମାର୍ଗ । ତେଣୁ 'ଶିକ୍ଷାବିତ୍ର ଗାଥା'ର ଉପସଂହାରରେ ଯଥାର୍ଥରେ ସେ ଲେଖିଛନ୍ତି, "ଆତ୍ମାର ସେହି ପୁଷ୍ପୀଭବନ, ସେହି ପ୍ରସନ୍ନତା, ସେହି ସୌନ୍ଦର୍ଯ୍ୟ, ସେହି ଐଶ୍ୱର୍ଯ୍ୟ ହିଁ ଏକାଧାରରେ ଈଶ୍ୱରଙ୍କ ନିକଟରେ ଆମର ପରମତମ ନୈବେଦ୍ୟ ଓ ସୁଦୀର୍ଘ ଜୀବନଲୀଳାର ଶେଷ ମହିମାମୟ ପରିଣତି-ଜୀବର ଶିବତମ ଶିକ୍ଷା, ଶୁଭତମ ପନ୍ଥା ଓ ଶ୍ରେୟତମ ଲକ୍ଷ୍ୟ "

ମେହେର କଲେଜରୁ ବିଦାୟ ନେବାର କିଛି ଦିନ ପରେ ତାଙ୍କର କଟକ ଅବସ୍ଥାନ କାଳରେ ଏଇ ଲେଖକ ନିକଟକୁ ୧୯୫୬ ମସିହାରେ ସେ ଯେଉଁ ପତ୍ରଟି ଲେଖିଥିଲେ, ତାହାକୁ ଏଠାରେ ଅବିକଳ ଉଦ୍ଧାର କରାଯାଉଛି ଏବଂ ମୋର ବିଶ୍ୱାସ, ପାଠକମାନେ ସେଥିରୁ ମେହେର କଲେଜ ପ୍ରତି ତାଙ୍କର ଆତ୍ମୀୟତା, ବିଦାୟଜନିତ ତାଙ୍କ ଆତ୍ମାର ବିଳାପ ଓ ମହିମାମୟ ବ୍ୟକ୍ତିତ୍ୱର ଆଲେଖ୍ୟ ସହଜରେ ଲକ୍ଷ୍ୟ କରିପାରିବେ । ସୁଖର ବିଷୟ, ତାଙ୍କର ପ୍ରଣୟ-ପତ୍ରାବଳୀ ଏଥିପୂର୍ବରୁ ଡକ୍ଟର ସୂର୍ଯ୍ୟକାନ୍ତ ଦାସ ଓ କବିପତ୍ନୀ ଶ୍ରୀମତୀ ହେମଲତା ମାନସିଂହଙ୍କ ପ୍ରଯତ୍ନ ଫଳରେ ପ୍ରକାଶିତ । ତାଙ୍କର ଅନ୍ୟାନ୍ୟ ପତ୍ରାବଳୀ ମଧ୍ୟ ସଂଗୃହୀତ ଓ ପ୍ରକାଶିତ ହେବା କାମ୍ୟ ।

ମାନସିଂହଙ୍କ ପତ୍ର :

ପ୍ରିୟ ଚିନ୍ତାମଣି ବାବୁ, କଟକ

୨୬-୯-୫୬

ଆପଣଙ୍କର ପତ୍ର ପାଇଛି । ସେ ପତ୍ରର କି ଉତ୍ତର ଦେବି, ମୁଁ ଜାଣି ନ ପାରିବାରୁ, ଏ ଯାଏଁ ଉତ୍ତର ଦେଇପାରି ନଥିଲି । ଏତ ହୃଦୟ ହୃଦୟରୁ ଅବାଣୀ ବିନିମୟ,

Digitized by PPRACHIN, SOA

ମର୍ମ ସଙ୍ଗେ ମର୍ମର ସାଂକେତିକ ସମବେଦନା-ଯାକୁ ଭାଷାରେ ପ୍ରକାଶ କରିବାକୁ ଯାଇ ଏକ ରୁଦ୍ଧ ଘୁଳ ବାୟୁସ୍ତରରେ ପ୍ରବେଶ କଲାପରି ଲାଗୁଛି, ଯାହାକୁ କି ମୁଁ ପରିହାର କରିବାକୁ ଚେଷ୍ଟା କରୁଛି। ଗଙ୍ଗାଧର ମେହେର କଲେଜ ସାଧାରଣ ଆଖିକି ଗୁଡ଼ିଏ ଇଟାଚୂନର ସ୍ତୂପ ହୋଇପାରେ। କିନ୍ତୁ ସେ ମୋ' ଆଖି ନୁହେଁ, ମୋ ପ୍ରାଣର କି ପ୍ରିୟ, କି ଆତ୍ୟନ୍ତିକ ନିଜର ବସ୍ତୁ, ତାହା କିଏ ବିଶ୍ୱାସ କରିବ ଏ ଦେଶରେ ଯେ, କାହାକୁ କାହିଁକି କହିବାକୁ ଯିବି? ମୁଁ ସେଥିପାଇଁ ସେହି ଆତ୍ମୀଭୂତ ଅନୁଷ୍ଠାନର ଆଉ ନାମ ଧରୁନି। କିନ୍ତୁ ସେହି ମୂକ ବିଦ୍ୟାଳୟ ଠିକ୍ ବିରହିତ ପ୍ରିୟଜନ ପରି ମୋର ଅନ୍ତଃସ୍ଥଳକୁ ଅହରହ ନୀରବ ବିଳାପରେ ପ୍ରତିଧ୍ୱନିତ କରୁଛି। ଆପଣଙ୍କ ପତ୍ରଟି ମୁଁ ଅଫିସ୍‌ରେ ପାଇଲି। ଜଣେ ଭଦ୍ରଲୋକ ସମ୍ମୁଖରେ ବସିଥିଲେ। ତଥାପି ଅଶ୍ରୁ ସମ୍ବରଣ କରିପାରିଲି ନାହିଁ। ହାୟ ମୋର ସେହି ସ୍ନେହାନୁବଦ୍ଧ ବଡ଼ ପରିବାରଟି! ଯାର ସୁଖଦୁଃଖରେ ଏକୀଭୂତ ହୋଇଯାଇଥିଲି ଦୀର୍ଘ ସାତବର୍ଷ, କିପରି ତାକୁ ଭୁଲି ପାରୁଛି? ଆହା, ସେମାନଙ୍କୁ ଆଉ ନିଜର ବୋଲି କହିବାର ଅଧିକାର ମୋଠୁ କେଉଁ ଅପରାଧରେ ଛଡ଼ାଇ ନିଆଗଲା! ସେମାନେ ଭଲ ଅଛନ୍ତି ତ! କେଜାଣି କି ଅବାଞ୍ଛିତ ପରିସ୍ଥିତିରେ ସେମାନେ ମତେ ସ୍ମରୁଥିବେ ପରା! ଜୀବନରେ ବ୍ୟକ୍ତିଗତ ବିରହାଶ୍ରୁ ଜାଣିଥିଲି। ସମଷ୍ଟିର ବିରହ ଏଇ ଭୋଗ କଲି। ଏ ବ୍ୟଥା, ଦେଖୁଛି, ସେ ବ୍ୟଥାଠାରୁ କମ୍ ମର୍ମଦାହୀ ନୁହେଁ। ଶ୍ରୀକୃଷ୍ଣ ଗୋପ-ଗ୍ରାମରୁ ବିଦାୟ ନେବାବେଳର କାରୁଣ୍ୟଘନ ବର୍ଣ୍ଣନା ଯାହା ଆମେ କାବ୍ୟରେ ପଢ଼ି ଆସିଥିଲୁ, ତାହା ଆଜି ମନେ ହେଉଛି, କେବଳ ଆଳଂକାରିକ ନୁହେଁ। ସାଶ୍ରୁ ନେତ୍ରରେ ମେହେର କଲେଜର ଫାଟକ ପାର ହେଲାବେଳେ ଭାବିଥିଲି ମଧ୍ୟ, ନୂତନ ପରିବେଶରେ ସେ ବେଦନା ସ୍ଥାୟୀ ହେବ ନାହିଁ। କିନ୍ତୁ ଏ ଯାଏଁ ତ ଭୁଲି ପାରୁନି। ବିଚ୍ଛେଦର ଦୁଃଖ ସେହିପରି ତୀବ୍ର ରହିଛି। ମଙ୍ଗଲୁ ସଦାନନ୍ଦଠାରୁ ଆରମ୍ଭ କରି ପରେଶ ବାବୁ ଶୁକଦେବ ବାବୁ-ଦାଶରଥି ବାବୁ ପର୍ଯ୍ୟନ୍ତ ପୁଞ୍ଜୀଭୂତ ଭାବରେ ସମସ୍ତଙ୍କ ସ୍ମୃତି ମୋର ଏ ନୂତନ ପରିବେଶ ସହିତ ଆଦୌ ଏକୀଭୂତ ହେବାକୁ ଦେଉନାହିଁ। ମୁଁ ଏ ପର୍ଯ୍ୟନ୍ତ ନୂତନ କ୍ଷେତ୍ରରେ ବିଦେଶୀ ରହିଛି। ମୋର ଚିତ୍ତବୃତ୍ତି ରହିଛି ଦୁଇଶହ ମାଇଲ ଦୂରରେ– "ମୋ କଲେଜ"ରେ। ହାୟ ମନୁଷ୍ୟର ଦୁର୍ବଳତା, କି ତାର ଅନୁଚିତ ଆଶା-ଆକାଙ୍‌କ୍ଷା।

ଜୀବନର ଏଇ କ୍ରମାଗତ ଉତ୍‌ଥାନ ପତନ ଭିତରେ ଆପଣମାନଙ୍କ ପରି ଶିକ୍ଷିତ, ସଂସ୍କୃତିସଂପନ୍ନ, ବୁଦ୍ଧିମାନ, ସଜ୍ଜନ ଗୋଷ୍ଠୀର ଶ୍ରଦ୍ଧା ସ୍ନେହ ଯେ ଲାଭ କରିପାରିଛି, ଭାବୁଛି ସେଇ ଏଇ ଦୀନ-ଦୁଃସ୍ଥ ଜୀବନର ଶ୍ରେଷ୍ଠ ପୁରସ୍କାର। ଜୀବନ କ୍ଷଣସ୍ଥାୟୀ, ଧନ, ମାନ କେବଳ ବାଷ୍ପ। ଯାହାପ୍ରକୃତରେ ମୂଲ୍ୟବାନ, ତାହା ବୋଧହୁଏ ଏଇ ଅଶ୍ରୁ-ମୁକ୍ତାଗୁଡ଼ିକର ପାରସ୍ପରିକ ବିନିମୟ। ବିଧାତାକୁ ଧନ୍ୟବାଦ, ସେ ଏ ବାବଦରେ ଯାହା ହେଉ, ଏ ଅଧମକୁ ଖୁବ୍ ବିତ୍ତଶାଳୀ କରି ପଠାଇଛନ୍ତି।

ଏଠାକୁ ଆସି ଖୁବ୍ ଅସୁବିଧା ଭୋଗୁଛି। ମୋର ନିଜର ଘର ତ ମିଳିନି, ମିଳିବାର ଆଶା ମଧ୍ୟ କମ୍। ବଂଧୁଘରେ ଆଶ୍ରା ନେଇଛୁ। ଗଙ୍ଗାଧର ମେହେର

Digitized by PPRACHIN, SOA

କଲେଜର ଗୋଶାଳା ଏଠି କାହିଁ? ପିଲାଏ ଦୁଇ ମାଇଲ୍ ଦୂରକୁ ପଢ଼ିବାକୁ ଯାଉଛନ୍ତି। ମୋର ଅଫିସ୍ ଘରଠାରୁ ତିନି ମାଇଲ୍ ଦୂରରେ–ଯିବା ଆସିବାରେ ମାସରେ ପ୍ରାୟ ୬୦ ଟଙ୍କା ଖର୍ଚ୍ଚ। ଏଇ ପ୍ରକାର ଅସ୍ୱସ୍ତିକର ପରିସ୍ଥିତି ଭିତରେ ମୁଁ ଆଉ କିଛି ଲେଖିନାହିଁ ଏଠାକୁ ଆସି-ଲେଖିପାରୁ ନାହିଁ। କେଉଁଠି ନିଜର ସ୍ୱାଧୀନ ଆସ୍ଥାନ ଜମାଇବାର ସୁବିଧା ପାଇଲେ ଯାଇ ଅନ୍ତତଃ ଉପନ୍ୟାସଟିର ଦ୍ୱିତୀୟ ଭାଗଟି ଆରମ୍ଭ କରି ଦିଅନ୍ତି। "କୃଷ" ପ୍ରକାଶିତ ହୋଇ ସାରିଲାଣି। ଜନଶକ୍ତି ପୁସ୍ତକାଳୟ ପରିପାଟୀର ସହିତ ପୁସ୍ତକଟିକୁ ବାହାରି କରିବା ପାଇଁ ଖୁବ୍ ଚେଷ୍ଟା କରିଛି ଅନ୍ତତଃ।

ମୋର ସ୍ନେହ ଗ୍ରହଣ କରିବେ। ଅନ୍ୟ ସମସ୍ତଙ୍କୁ ବହୁତ ବହୁତ କହିବେ। ଶ୍ରୀମାନ୍ ଗୌର ମୋର ବିଦାୟ ବର୍ଣ୍ଣନା କରି ଆଠଗଡ଼ ହାଇସ୍କୁଲର ପଣ୍ଡିତ ବୈଷ୍ଣବ ଚରଣ ଦାସଙ୍କ ନିକଟକୁ ଖଣ୍ଡିଏ ପତ୍ର ଦେଇଥିଲେ। ଦିନେ ସେ ପଣ୍ଡିତ ମହାଶୟ ମୋ ଅଫିସ୍‌ରେ ଦେଖା କରିବାକୁ ଆସି, ଅପ୍ରତ୍ୟାଶିତ ଭାବରେ ପକେଟ୍‌ରୁ ସେ ଚିଠିଟି କାଢ଼ି ମତେ ଦେଲେ ପଢ଼ିବାକୁ। ପତ୍ରଟି ପଢ଼ି ମୁଁ ଅଭିଭୂତ ହେଲି; କିନ୍ତୁ ତାଙ୍କୁ କିଛି ନ କହି ଫେରାଇ ଦେଲି। ପରେ ହେମଙ୍କୁ ସେ ପତ୍ର କଥା କହିବାରୁ ସେ ତାହା ପଢ଼ିବାକୁ ଉତ୍‌କଣ୍ଠିତା। ଗୌରଙ୍କୁ କହିବ, ଛୁଟିରେ ଘରକୁ ଆସିଲେ ଚିଠିଟି ଆମ ପାଖକୁ ପଠାଇବାର ବ୍ୟବସ୍ଥା କରିବେ।

ଏଠି ଆମ ଏଇ ଆସିବା ଭିତରେ ତିନିଥର ପ୍ରବଳ ବୃଷ୍ଟି ହୋଇଗଲାଣି। ରେଭେନ୍‌ସା କଲେଜର ଅଧ୍ୟାପକମାନଙ୍କ ଏଇ ଘରଗୁଡ଼ିକ ଆଗରେ ଓ ପଛରେ ତିନି-ଚାରି ଦିନ ଧରି ଆଣ୍ଠୁଏ ଲେଖାଏଁ ପାଣି ଜମା ରହେ। ଅଧ୍ୟାପକମାନେ ଗୋଡ଼ରୁ ଜୋତା କାଢ଼ି, ପ୍ୟାଣ୍ଟକୁ ଆଣ୍ଠୁ ପର୍ଯ୍ୟନ୍ତ ଟେକି ଯିବା ଆସିବା କରନ୍ତି। ଅଦ୍ଭୁତ ଏ ଦୃଶ୍ୟ। ଶୁଣୁଛି ବହୁବର୍ଷ ଧରି ଏଇପରି ଘଟି ଆସୁଛି। କେହି ଶୁଣିବାକୁ ନାହିଁ।

କଲେଜର ସବୁ ବନ୍ଧୁଙ୍କର, କିଛି କିଛି ଖବର ଦେଇ ଚିଠି ଦେବେ। (ଇତି)

ମାୟାଧର ମାନସିଂହ

[ଟିପ୍ପଣୀ–ପତ୍ରରେ ଉଲ୍ଲିଖିତ ଶ୍ରୀମାନ୍ ଗୌର ହେଉଛନ୍ତି ଡକ୍ଟର ଗୌରକିଶୋର ଦାସ ଯେ କି ବର୍ତ୍ତମାନ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି। ସେତେବେଳେ ମେହେର କଲେଜର ସେ ଥିଲେ ଇଂରାଜୀ ଅଧ୍ୟାପକ। ମଙ୍ଗୁ ଓ ସଦାନନ୍ଦ ହେଉଛନ୍ତି କଲେଜର ଦୁଇଜଣ ପିଅନ। ତାଙ୍କର ବିଦାୟ ଉପଲକ୍ଷେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବୃନ୍ଦ ତାଙ୍କୁ ଯେଉଁ ସମ୍ବର୍ଦ୍ଧନା ଓ ମାନପତ୍ର ପ୍ରଦାନ କରିଥିଲେ 'ଶିକ୍ଷାବିତ୍‌ର ଗାଥା'ରେ କବି ତାହା ସକୃତଜ୍ଞ ଚିତ୍ତରେ ଉଲ୍ଲେଖ କରିଛନ୍ତି। ପରେଶ ବାବୁ, ଶୁକଦେବ ବାବୁ ଓ ଦାଶରଥି ବାବୁ (ପରେଶ ଚନ୍ଦ୍ର ରାୟ, ଶୁକଦେବ ମିଶ୍ର ଓ ଡକ୍ଟର ଦାଶରଥି ମିଶ୍ର) ଯଥାକ୍ରମେ ମେହେର କଲେଜର ଥିଲେ ବାଣିଜ୍ୟ, ଗଣିତ ଓ ରସାୟନ ବିଭାଗର ଅଧ୍ୟାପକ।]

■ ■

Digitized by PPRACHIN, SOA

ପଶ୍ଚିମ ଓଡ଼ିଶାର ଲୋକଗୀତ

ଲୋକଗୀତି ବା ଲୋକସଙ୍ଗୀତ ଗ୍ରାମ୍ୟ ସାହିତ୍ୟ ବା ଜାନପଦୀ ସାହିତ୍ୟର ଅନ୍ତର୍ଭୁକ୍ତ। ପ୍ରତ୍ୟେକ ଦେଶର ସାହିତ୍ୟରେ ବିଦଗ୍ଧ ସାହିତ୍ୟର ଧାରା ସହିତ ଲୋକ ସାହିତ୍ୟର ଧାରା ସମାନ୍ତର ଭାବରେ ପ୍ରବାହିତ ହୋଇ ଚାଲିଛି। ଏହି ଲୋକଗୀତିସମୂହ ବିଦଗ୍ଧ କବିଙ୍କ ଆୟାସ-ପ୍ରସୂତ ରଚନାଠୁଁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ନ ଥାଏ ମସ୍ତିଷ୍କର ପ୍ରୟୋଗ ବା କୃତ୍ରିମ ଅଳଙ୍କାରର ଚାତୁରୀ। ଏଗୁଡ଼ିକ ସ୍ୱତଃସ୍ଫୂର୍ତ୍ତ ସ୍ୱକୀୟ ରସ—ମାଧୁରୀରେ ସ୍ନିଗ୍ଧ ; ବିଭିନ୍ନ ସ୍ୱରଗ୍ରାମର ଲଳିତ ଗୀତିମୂର୍ଚ୍ଛନାର ଅଧିକତର ନିକଟବର୍ତ୍ତୀ।

ଭାରତୀୟ ସଂସ୍କୃତିରେ ବୈଦିକ ସଂସ୍କୃତି ସହ ଲୋକ ସଂସ୍କୃତିର ଯେପରି ମନୋଜ୍ଞ ମିଳନ ସମ୍ପାଦିତ, ଆମର କଳା, ଶିଳ୍ପ ଓ ସାହିତ୍ୟରେ ଲୋକଚେତନା ଓ ବିଦଗ୍ଧ ମନନର ମଧୁର ମିଳନ ସେହିପରି ସମ୍ପନ୍ନ ଓ ସୁଦୃଶ୍ୟ। ବିଦଗ୍ଧ କବିତା ଏକକ କବିର ରଚନା; ମାତ୍ର ଲୋକଗୀତି ଗାଁଗହଳର କେଉଁ ପ୍ରତିଭାବାନ୍ ବ୍ୟକ୍ତିର ଏକକ ଉଚ୍ଚାରଣ ହେଲେହେଁ ତାହା ସମଗ୍ର ଜନତାର ଐଶ୍ୱର୍ଯ୍ୟରେ ରୂପାନ୍ତରିତ—ସେଠାରେ କବିର ନାମ ଅବଲୁପ୍ତ ଓ ନିଶ୍ଚିହ୍ନ। ବ୍ୟକ୍ତିଗତ କବିର ଆବେଗ ଓ ଭାବାବେଶକୁ ଆଶ୍ରୟ କରି ଗ୍ରାମ୍ୟ ଜୀବନର ରସଚେତନା ଓ ଗଣଜୀବନର ସରସ୍ୱତୀ ସେଠାରେ ବିମୂର୍ତ୍ତ। ପ୍ରକୃତିର ପ୍ରାଣସ୍ପନ୍ଦନ ବହନ କରି ଏଗୁଡ଼ିକ ମୁକ୍ତ, ଅବାଧ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଯେପରି କୌଣସି ବନ୍ୟ ଝରଣା ପରି ନିଃସୃତ ଓ ପ୍ରବାହିତ। ସଂସ୍କୃତ ଓ ପ୍ରାକୃତର ପାର୍ଥକ୍ୟ ବୁଝାଇବାକୁ ଯାଇ ରାଜଶେଖର କହିଛନ୍ତି— 'ସଂସ୍କୃତ ରଚନା ହେଉଛି ପୌରୁଷସମ୍ପନ୍ନ, ପ୍ରାକୃତ ରଚନା ସୁକୁମାର। ପୁରୁଷ ଓ ମହିଳା ମଧ୍ୟରେ ଯେଉଁ ପାର୍ଥକ୍ୟ, ସଂସ୍କୃତ ଓ ପ୍ରାକୃତ ମଧ୍ୟରେ ସେହି ପାର୍ଥକ୍ୟ ନିହିତ।' ମନେହୁଏ, ବିଦଗ୍ଧ କାବ୍ୟ ଓ ଲୋକସଙ୍ଗୀତ ମଧ୍ୟରେ ଏହି ପାର୍ଥକ୍ୟ ହିଁ ଦୃଷ୍ଟିଗୋଚର। ପ୍ରକୃତିକ୍ରୋଡ଼ର ଏଗୁଡ଼ିକ ଅଯତ୍ନବର୍ଦ୍ଧିତ ପୁଷ୍ପବୀଥିକା।

ଗ୍ରାମ ମଧ୍ୟରେ ମେହନତି ମନୁଷ୍ୟର ପ୍ରତିଦିନର ବିଚିତ୍ର କାର୍ଯ୍ୟକ୍ରମ ଚାଲିଛି ଏବଂ ତାହାରି ମଧ୍ୟେ ମଧ୍ୟେ ଚିରଦିନର ଗୋଟିଏ ରାଗିଣୀ, ଜୀବନର ନିତ୍ୟ ପ୍ରବହମାନ ଏକ ଛନ୍ଦ ଗ୍ରାମ୍ୟ କବିର କଣ୍ଠରେ ବାଙ୍ମୟ ରୂପ ଲାଭ କରିଥାଏ। ଗ୍ରାମବାସୀଗଣ ଯେଉଁ ଜୀବନ ପ୍ରତିଦିନ ଭୋଗ କରି ଆସୁଛନ୍ତି, ନାନାପ୍ରକାର ପର୍ବ-ପର୍ବାଣି, ଯାନିଯାତ୍ରା, ବିବାହ-ବନ୍ଦାପନା, ଚାଷବାସ, ଖେତଖଳାର କାମ, କ୍ରୀଡ଼ା-କୌତୁକ— ଯେଉଁଗୁଡ଼ିକ

Digitized by PPRACHIN, SOA

ମଧ୍ୟରେ ସେମାନଙ୍କ ଜୀବନର ସୁଖ-ସମ୍ଭୋଗର ଆନନ୍ଦ ଧ୍ୱନି ଅଥବା ଅସଂଖ୍ୟ ଅଶ୍ରୁଳ ଓ କରୁଣଦୃଶ୍ୟ– ଯେଉଁଗୁଡ଼ିକ ମଧ୍ୟରେ ତାଙ୍କର ବିରହ ବେଦନାର ରାଗିଣୀ ନିତ୍ୟନିଯତ ଝଂକୃତ, ସମସ୍ତ ଗ୍ରାମର ସେହି ହୃଦୟକୁ କବି ଭାଷା ଓ ବାଣୀ-ରୂପ ଦାନ କରିଥାଏ। ରବୀନ୍ଦ୍ରନାଥ ଯଥାର୍ଥରେ କହିଛନ୍ତି–'ଗଛର ମୂଳ ଯେପରି ମାଟି ସହିତ ଜଡ଼ିତ ଏବଂ ତାହାର ଅଗ୍ରଭାବ ଆକାଶ ଆଡ଼କୁ ବିସ୍ତାର୍ଣ୍ଣ, ସେହିପରି ସର୍ବତ୍ର ସାହିତ୍ୟର ନିମ୍ନଅଂଶ ସ୍ୱଦେଶର ମୃତ୍ତିକା ମଧ୍ୟରେ ଅନେକ ପରିମାଣରେ ଜଡ଼ିତ ହୋଇ ଆବୃତ ରହିଥାଏ; ତାହା ବିଶେଷରୂପେ ଓ ସଂକୀର୍ଣ୍ଣରୂପେ ଦେଶୀୟ ଓ ସ୍ଥାନୀୟ। ତାହା କେବଳ ଦେଶର ଜନସାଧାରଣଙ୍କର ହିଁ ଉପଭୋଗ୍ୟ ଓ ଆୟତ୍ତଗମ୍ୟ; ସାହିତ୍ୟର ଯେଉଁ ଅଂଶଟି ସାର୍ବଭୌମିକ, ତାହା ଏହି ପ୍ରାଦେଶିକ ନିମ୍ନ ସ୍ତରର ସୋପାନ ଉପରେ ଦଣ୍ଡାୟମାନ। ଏହିପରି ଭାବରେ ନିମ୍ନ ସାହିତ୍ୟ ଏବଂ ଉଚ୍ଚ ସାହିତ୍ୟ ମଧ୍ୟରେ ବରାବର ଏକ ଆନ୍ତରିକ ଯୋଗାଯୋଗ ରହିଛି।' ବିଦଗ୍ଧ ଓଡ଼ିଆ କାବ୍ୟ ସାହିତ୍ୟର ଧାରା, ଶୈଳୀ, ରସ ଓ ଭାଷା-ସମ୍ପଦ ଆଲୋଚନା କଲେ ମଧ୍ୟ ଏହି କଥାଟିର ସତ୍ୟତା ସହଜରେ ଉପଲବ୍ଧ କରିହେବ।

ଓଡ଼ିଆ କାବ୍ୟ ସାହିତ୍ୟ ଏହି ସ୍ଥାନୀୟ ଲୋକଗୀତି ଓ ତା'ର ରସ-ସମ୍ପଦଦ୍ୱାରା କିପରି ଋଦ୍ଧିମନ୍ତ, ଏପର୍ଯ୍ୟନ୍ତ ତାହାର ପୂର୍ଣ୍ଣାଙ୍ଗ ଆଲୋଚନା ସମ୍ଭବ ନ ହୋଇଥିଲେ ମଧ୍ୟ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ, ଶ୍ରୀ ଚକ୍ରଧର ମହାପାତ୍ର ଓ ଡକ୍ଟର କୁଞ୍ଜବିହାରୀ ଦାଶ ଓଡ଼ିଆ ଲୋକଗୀତି, ଢଗଢ଼ମାଳି ଓ ପ୍ରବଚନଗୁଡ଼ିକର ଯେଉଁ ସଙ୍କଳନମାନ ପ୍ରକାଶ କରିଛନ୍ତି ସେଥିରୁ ଏହାର ଐଶ୍ୱର୍ଯ୍ୟ ଅନେକାଂଶରେ ଅବଧାରିତ ହୋଇପାରିବ। ମାତ୍ର ଏହି ସଙ୍କଳନଗୁଡ଼ିକରେ ପଶ୍ଚିମ ଓଡ଼ିଶାର ଲୋକ ସଙ୍ଗୀତର ପରିମାଣ ଏବଂ ତା'ର ଯଥାର୍ଥ ପ୍ରାଣସ୍ପନ୍ଦନର ପ୍ରତିନିଧିତ୍ୱ ଶୋଚନୀୟ ଭାବରେ ସ୍ୱଳ୍ପ। ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଓ କଳାହାଣ୍ଡି ଆଦି ଚାରୋଟି ଜିଲ୍ଲାକୁ ଘେନି ପଶ୍ଚିମ ଓଡ଼ିଶାର ବିରାଟ ଭୂଖଣ୍ଡ ଗଠିତ ହୋଇ ଥିଲେହେଁ ସାରସ୍ୱତ ମାନଚିତ୍ରରେ ଲୋକଗୀତିର ସ୍ଥାନ ଆଶାନୁରୂପ ସମ୍ମାନ ଲାଭ କରିବାରେ ସମର୍ଥ ହୋଇପାରି ନାହିଁ।

ପଶ୍ଚିମ ଓଡ଼ିଶାର ଲୋକଙ୍କ ଭିତରେ ବିଶେଷତଃ ଗାଁ-ଗହଳର ଗିରିଜନ, ହରିଜନ ଓ ଇତରଜନଙ୍କ ମଧ୍ୟରେ ଲୋକଗୀତିର ବ୍ୟବହାରର ପରିସର ଏପରି ଗଭୀର ଓ ବ୍ୟାପକ ଯେ, ମନେହୁଏ ସେମାନଙ୍କର ଜୀବନଯାତ୍ରାର ନିତ୍ୟ ସହଚର ଓ ଏକ ଅବିଚ୍ଛେଦ୍ୟ ଅଂଶ ହେଉଛି ଗୀତ। ଏହି ଗୀତଗୁଡ଼ିକର ବିଷୟବସ୍ତୁ ପୁଣି ବିଚିତ୍ର ଓ ବ୍ୟାପକ। କେଉଁଟିରେ ସ୍ଥାନ ପାଇଛି ମନୁଷ୍ୟମନର ଆଦିମ ଯୌନ କାମନା, କେଉଁଟିରେ ଅଙ୍କିତ ହୋଇଛି ନରନାରୀ ପ୍ରାଣର ସ୍ୱାଭାବିକ ପ୍ରଣୟାକର୍ଷଣର ଆଲେଖ୍ୟ, କେଉଁଟିରେ ଖୋଦିତ ହୋଇଛି ଆନନ୍ଦ-ବେଦନା-ସମ୍ବଳିତ ଜୀବନର ଗଭୀର ଅନୁଭୂତି ଏବଂ ସାଧାରଣ ମାନବର ଦୁଃଖ-ଦୁର୍ଦ୍ଦଶା, ଆଶା-ନିରାଶା, ସାମାଜିକ ବିଶ୍ୱାସ ଓ ସଂସ୍କାରର ଚିତ୍ର। ଅନେକ ଲୋକଗୀତ ପୁଣି ରହିଛି, ଯେଉଁଗୁଡ଼ିକ କି ଉଚ୍ଚାଙ୍ଗ

Digitized by PPRACHIN, SOA

ସୌନ୍ଦର୍ଯ୍ୟବୋଧ ଓ ସରସ କାବ୍ୟଚେତନାର ଦ୍ୟୋତକ। ସ୍ଥଳବିଶେଷରେ ରୁଚି, ସୌନ୍ଦର୍ଯ୍ୟ ଓ ସଂଯମର ସୀମା ଲଙ୍ଘନ କରି କେତେକ ଲୋକ-ଗୀତରେ ଇତର ଓ ନଗ୍ନ ଅଶ୍ଳୀଳତା ଆତ୍ମପ୍ରକାଶ କରିଥିବାର ମଧ୍ୟ ଆମେ ଲକ୍ଷ୍ୟ କରୁ ଏବଂ ସେଗୁଡ଼ିକ ଏକାନ୍ତଭାବରେ ଆଦିମ ମନର ବନ୍ୟ ଯୌନତାର ହିଁ ପ୍ରତୀକ। 'ଡାଲଖାଇ' ପର୍ଯ୍ୟାୟର କେତେକ ଗୀତରେ ଏହାର ଅଭିବ୍ୟକ୍ତି ଓ ପରିଚୟ ସୁଲଭ। ବିଭିନ୍ନ ଅବସରରେ ଗାନ ହେଉଥିବା ବିଭିନ୍ନ ଗୀତ ପାଇଁ ସ୍ୱତନ୍ତ୍ର ନାମକରଣ ମଧ୍ୟ ରହିଛି। ପର୍ବ ପର୍ବାଣି ବା କୌଣସି ବିଶିଷ୍ଟ ଉତ୍ସବ ଦିବସମାନଙ୍କରେ ଯେଉଁ ଲୋକସଙ୍ଗୀତର ପ୍ରଚଳନ ରହିଛି, ସେଗୁଡ଼ିକ ମଧ୍ୟରେ 'କରମା' ଓ 'ଡାଲଖାଇ' ଗୀତ ପ୍ରଧାନ। 'ଡାଲଖାଇ' ଗୀତର କେତୋଟି ନମୁନା ବର୍ତ୍ତମାନ ଦେଖନ୍ତୁ–

ଖଣ୍ଡ ଦରଶଣ ମୁଖ ଝଲି ଅଯତନ
ଚନ୍ଦ୍ରସେଣା ଦେଖିଲେ ତ ଧରିବ ପାଚଣ
ନଖଦନ୍ତ ଚିହ୍ନ କାହିଁ ଲୁଚାଇବ ରାହୀ
ଭଲା ଚିହ୍ନା ପଡ଼ିଗଲ ନାଗରୀ କି
କୋପେ ହେବ ବାଇ।
ଗୋରୀ ଯା' ଚାଲି ଯା ଧୀରେ ଧୀରେ
ଛନକା ଛପାଇ ଛାତିରେ। କି ଡାଲ ଖାଇରେ।
ମୁଖର ପାଣି ମୁଖେ ମଲା କି କହିବି ଗୋରୀ
କେତେ ପଚାରିବି ହସି ମରମ ବିଦାରି
ଆମ୍ଭେ ଜାଣିଥିଲେ କିମ୍ପା ହୁଅନ୍ତ ଏତେ ସରି
ଯାହାକି ସେ ବାସ ବଦଲ କରେ ବଂଶୀଧାରୀ
ଏଇଟା ତ ହୋଇଲାଣି ଅଡ୍ଡୁଆ କି ନଣନ୍ଦ ଦୁଆରି,
ଗୋରୀ ଯା' ଚାଲିଯା ଧୀରେ ଧୀରେ
ଛନକା ଛପାଇ ଛାତିରେ
ଟପା ମାରି ଦେବ ଦେଖିଲେ ଶାଣଦିଆ ଛୁରୀ
କି ଡାଲ ଖାଇରେ।

'ଡାଲଖାଇ' ଗୀତପରି ଅନ୍ୟାନ୍ୟ କେତେକ ଲୋକଗୀତିରେ ହିନ୍ଦୁ ସଂସ୍କୃତିର ବହୁ ଆରାଧ୍ୟ ଦେବଦେବୀ, ଯଥା ରାଧାକୃଷ୍ଣ, ରାମସୀତା, ହରପାର୍ବତୀ ବା ଲକ୍ଷ୍ମୀନାରାୟଣ ଆଦି ସାଧାରଣ ଲୋକସ୍ତରକୁ ଓହ୍ଲାଇ ଆସି ସେମାନଙ୍କର ସାମିଲ୍ ହୋଇ ସତେ ଯେପରି ଗୋଟିଏ ପଙ୍କ୍ତିରେ ରସ-ନୈବେଦ୍ୟ ଗ୍ରହଣ କରୁଛନ୍ତି। ସେମାନେ ଆମରି ପରି ସାଧାରଣ ରକ୍ତମାଂସର ଦେହଧାରୀ ମନୁଷ୍ୟ– ପୌରାଣିକ କବି-କଳ୍ପନାର କୌଣସି ଅବତାର ବା ଅତିମାନବ ନୁହନ୍ତି। ବର୍ଷର କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଦିବସ, ଅର୍ଥାତ୍ ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀଦିନ ଏହି 'ଡାଲଖାଇ' ଗୀତୋତ୍ସବର

Digitized by PPRACHIN, SOA

ଆୟୋଜନ ହୋଇଥାଏ। ଏହି ଗୀତଗୁଡ଼ିକ ନୃତ୍ୟ ଓ ବାଦ୍ୟ ସମାଶ୍ରିତ ହୋଇ ଆଦିମ ମନର ନିଃସଙ୍କୋଚ ଭାବପ୍ରବଣତା ଓ ରସଚର୍ଚ୍ଚାକୁ ଅବାଧ ଅଭିବ୍ୟକ୍ତି ପ୍ରଦାନ କରିଥାନ୍ତି।

'କରମା' ଗୀତର କେତୋଟି ପଙ୍‌କ୍ତି ଦୃଷ୍ଟାନ୍ତ ଭାବରେ ଗ୍ରହଣ କରାଯାଇ ପାରେ।

'ଜୁହାର ମା ଗୋ କରମସାନି କହିଦେବୁ ମୋତେ
ଫୁଲେ ଫୁଲେ ଚଢ଼ାଇବି ତୋତେ।
ଜୁହାର ମାଗେ କରମସାନି
ଅପୁତ୍ରୀକି ପୁତ୍ରଦାନୀ
ପୁତ୍ରର ଦୁଃଖ ଲାଗି ଜନେ କରନ୍ତି ଉପାସ ହୋ,
କରମସାନି ଚଲେ ବନବାସ।

x x x x

ଭୁଦୋର ଏକାଦଶୀ ଶନିବାର
ମାଗୋ ତୋହର ପଦେ ଜୁହାର ଜୁହାର
କରମାକେ ଏକାଦଶୀ, ଫୁଲଫୁଟେ ବାରମାସି
ଫୁଲର ନାମ ଅଟେ ଜାଇ ଯୁଇ,
କରମସାନି ନାଚେ ଥେଇ ଥେଇ।

କିନ୍ତୁ କରମା ଗୀତଭିତରେ ଆମେ ଯେତେବେଳେ ଶୁଣୁ—

ମଲ୍ଲୀଫୁଲ ଜହ୍ନିଫୁଲର ଗୁଭା
ଖୋସିଦେଲା ଡାଳିଆ ଖୋସା ଦିଶିଗଲା ଶୋଭା
ଉଦିଲା ରେ ନୂଆ ଜହ୍ନ,
ତାଇ ପିନ୍ଧିକେ ଲାଗେ ମନ
ମଲ୍ଲୀଫୁଲ ଜହ୍ନି ଫୁଲର ଗୁଭା—

ସେତେବେଳେ କର୍ଣ୍ଣ-ତୁଣ୍ଡରେ ଆମେ ଅନାବିଳ କାବ୍ୟରସର ମାଧୁରୀ ପାନ କରିଥାଉଁ।

'ଏ...ଦୁଃଖ ଦେଇଗଲ ହରି
କାନ୍ଦେ ସୀତା ତରୁଡାଳ ଧରି
ପିଲାଗଲା ବାଟେ ବାଟ,
ଚୁକେଲ ଗଲା ଝୁରି ଘାଟ
ଏ ଦୁଃଖ ଦେଇଗଲ ହରି'—

ଏ ଗୀତ-ପଦଗୁଡ଼ିକରେ ଆମେ ରାମ-ସୀତାଙ୍କ ବଦଳରେ ସାଧାରଣ ଯୁବକ-ଯୁବତୀଙ୍କର ପ୍ରଣୟ-ଝଙ୍କାର ଓ ବିରହରାଗିଣୀ ଶୁଣିଥାଉ। କରମା ଗୀତ ବ୍ୟତୀତ ସାଧାରଣ ଲୋକଗୀତି ମଧ୍ୟରେ ଏହାର ଅଭିବ୍ୟକ୍ତି କିପରି ସରସ ଓ ଅଭିନବ ଲକ୍ଷ୍ୟକରନ୍ତୁ—

Digitized by PPRACHIN, SOA

ହଳଦି ବାଟିଲି ରେ ତିନି ଦିନର ବାସି
ଟାଲ୍ ଗାଧି ଯିମାରେ ଏକେଲା ଲାଳସି
ପଟୁଆ ସଙ୍ଗେ ବସି
ପଟୁଆ ସଙ୍ଗେ ବସି କା'ର ଅଧିକାରୀ
ଆଗ ମଙ୍ଗେ ଶ୍ରୀକୃଷ୍ଣ ପଛ ମଙ୍ଗେ ହରି
ଢନେ ଢନେ ବସ ରାଧା ସୁନ୍ଦେରୀ
ମୁହିଁ ଦେମି ପାରି କରି,
ପାରି ହୋଇ ରାଧାରେ ଆର ଖଣ୍ଡି ଠିଆ
ପାରି କଲା ମୂଲ ପରେ ମାଗଇ
ଶ୍ରୀରାମ ନାଉରିଆ।'

(ସୋନପୁର)

ଏଥିରେ ଗ୍ରାମ୍ୟ କବି ବୈଷ୍ଣବ ସାହିତ୍ୟର ବେଣୁବିନୋଦିଆ ଓ କୌତୁକରସିଆ ଶ୍ରୀକୃଷ୍ଣଙ୍କ ନାବକେଳି ଚିତ୍ର ମଧରେ ଶ୍ରୀରାମଙ୍କୁ ମଧ ସାମିଲ୍ କରି ନାଉରିଆ ଆସନରେ ବସାଇ ଗ୍ରାମ୍ୟ ଯୁବକ-ଯୁବତୀଙ୍କର କୌଣସି ଏକ ନଦୀ ପାର ହେଉଥିବା ଦୃଶ୍ୟକୁ ସରସ ଭାବରେ ଅଙ୍କନ କରିବାକୁ ଚେଷ୍ଟା କରିଛି। ସେହିପରି ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛି,

ରାମର ଭାରିଯା ଯେ ନୀଳାବତୀ ରାଣୀ
ଲାଉ କଳସିରେ ବହୁଥିଲା ପାଣି
ଅର୍ଘ୍ୟ ବନ୍ଧାଇବୁ ପରେ ରୁକ୍ମଣୀ
ଗଙ୍ଗାରୁ ନୀର ଆଣି।

ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ କାବ୍ୟିକତାର ତ୍ରିବେଣୀ ସଙ୍ଗମ ଘଟିଛି ପଶ୍ଚିମାଞ୍ଚଳ ଓଡ଼ିଶାର 'ରସରକେଲି' ସଙ୍ଗୀତାବଳୀରେ। ସୌନ୍ଦର୍ଯ୍ୟସୂତ୍ରରେ ନରନାରୀ-ପ୍ରେମର ଆକର୍ଷଣ ସକଳ ଦେଶର ସାହିତ୍ୟରେ ପ୍ରଚାରିତ। ପଞ୍ଚଶରର ଗତିବିଧି ସର୍ବତ୍ର ଅବାରିତ ଓ ଅପ୍ରତିହତ। ସେହି ମନୋଭେଦୀ ପଞ୍ଚଶାୟକର ନିରଙ୍କୁଶ ଶାସନର ମଞ୍ଜୁଳ ଚିତ୍ର ଆମେ ପାଉ ରସରକେଲି ଗୀତାବଳୀରେ। ଯେତେବେଳେ ଆମେ ଶୁଣୁ–

ଝାରକୁ ସୁନ୍ଦର ଦିଶେ ପାହାଡ଼ ପର୍ବତ
ଘରକୁ ସୁନ୍ଦର ଦିଶେ ବାଉଁଶର ଚାଳି
ତିରୀକୁ ସୁନ୍ଦର ମୁଣ୍ଡ ମନୁଆ
ଘିଚି ବାନ୍ଧେ ବାଳ ରସରକେଲିରେ।

Digitized by PPRACHIN, SOA

ରସର କେଳିରେ...
ପାଣି ବରଷଇ ରିମାଇ ଝିମାଇ
ବକ ବସିଅଛେ ମୀନକୁ ଅନାଇ
ସେଇ ପରକାରେ ରହିଲେ ରାମ
ସୀତାକୁ ଅନାଇ।
ରସର କେଳିରେ.....
ଗହକି ଉପରେ ସଉକି
ଖୋସି ଦେଇଛେ ତାଲିଆ ଖୋସା
ଖେଦ୍ ଯାଉଛେ ମହକି।

ସେତେବେଳେ ଏହି ଗୀତଗୁଡ଼ିକର ସ୍ୱର-ମୂର୍ଚ୍ଛନାରେ ଆମର ଅତୃପ୍ତ ରସପିପାସା ଚରିତାର୍ଥ ହୋଇଥାଏ ଏବଂ ନଶ୍ୱର ଦେହରନ୍ଧ୍ରରେ ବିଦେହ ଦେବଦୂତର ବାଂଶରୀ ବାଜି ଉଠିଥାଏ।

ଏହି ଗୀତଗୁଡ଼ିକ ବ୍ୟତୀତ ଖେତ ଖମାର ଓ କୃଷିକର୍ମ ଇତ୍ୟାଦିରେ ବୋଲାଯାଉଥିବା 'ହଳିଆଗୀତ', ଛୋଟ ଛୋଟ ଝିଅମାନଙ୍କ 'ଚିଲୋଲାଇ' ଓ ଅଭିଆଡ଼ୀ ଝିଅମାନଙ୍କ 'ହୁମୋ' ଗୀତ, 'ସଜନୀ ଗୀତ', 'ବଉଲି', 'ବାଙ୍କିଝୁଲକି', 'ଗୁନ୍ଜିକୁଟା', ପୌଷ ପୂର୍ଣ୍ଣିମାର 'ଛେରଛେରା ଗୀତ', ଛାଇଫୁଲ ଓ ଛାମୁଡାଲି ଗୀତ, ମାଇଲାଜଡ଼, ଶବରଶବରୁଣୀ ଓ ରାଇଦାମୋଦର ଗୀତ ପ୍ରଭୃତି ପଶ୍ଚିମ ଓଡ଼ିଶାର ଲୋକଜୀବନରେ ବିଶିଷ୍ଟ ସ୍ଥାନର ଅଧିକାରୀ। ଏଗୁଡ଼ିକରେ କଞ୍ଚା ଗାଉଁଲି ଭାଷାର ବ୍ୟବହାର ସଙ୍ଗେ ସଙ୍ଗେ ଖାଣ୍ଟିଓଡ଼ିଆ ଭାଷା ବା ସଦର ମଫସଲି ଓଡ଼ିଆଭାଷାର ପ୍ରଚଳନ ଦେଖାଯାଇଥାଏ।

'ସୁରୁ ସୁରୁ ବାଉଁଶପାତି
ରଙ୍ଗା ବିଜେ କଲେ ବାଉଡ଼ା ହାତୀ
ଗଜରଘମ୍
ପଇଁରି ବାଜେ ଗମଝମ୍ ଗମ୍‌ଝମ୍।
ବା ଛିଲୋ ଲାଇ
ଆ ଖେଲମା ବାଇ
ବାଇଗଲେ ଲୁଷି
ଆନଗୋ ମା ପିସି
ବାସି ପଖାଲେ ନୁନ୍‌ନି
ସାନ ଦିଅର ଗୁନନି
ଘୁଣ୍ଟୁ ଯା'ରେ ଘୁଣ୍ଟୁ ଯା ମଞ୍ଚା ତଳକୁ
ମଞ୍ଚା ତଳର ଶିଂହ ପାନିଆ ଲୁଉରସି ମୁଡ଼ୁକୁ
ହଟାଳିରେ ହଟାଲି, ଗୋଲାପ ଫୁଲ ଫୁଟାଲି
ତୁଇ ହଟାଳି ଅକାଲେ, ଫୁଟୁ ତୋର କପାଳେ।'

Digitized by PPRACHIN, SOA

ଅଥବା

'ହୁମୋ ନନନନ ଦେଶ ବୋଇଲିରେ
ହୁମୋ ନନନନ ଦେଶ ।
ନ ଖାଇଁ ତୁମର ଗୁଆ ପନସ
ନ ଯାଉ ତୁମର ଦେଶ ।
ମାଠିଆ ମୁହଁ ଚଳକୁ ବୋଇଲିରେ
ମାଠିଆ ମୁହଁ ଚଳକୁ,
ଯେତେ ଗାଳିଦିଅ ପୋଡ଼ା ମୁହଁକୁ
ଆସୁଛି ସଞ୍ଜବେଳକୁ ।
ବାରି ଡେଇଁ ଗଲା ହନୁ,
ବୋଇଲି ରେ ବାରି ଡେଇଁ ଗଲା ହନୁ,
ଖୁସାରେ ଗଜରା ମାଖିଲା ଦିନୁ,
ପାସୋର ନ ଯାଏ ମନୁ ।
ଜହ୍ନ ପାଶେ ନରହରି ବୋଇଲି ରେ
ଜହ୍ନପାଶେ ନରହରି
ଜହ୍ନ ବୁଡ଼ିଗଲେ ମେଘ ଅନ୍ଧାରି,
କୃଷ୍ଣଲାଗି ଏତେ ଘରି ।'

—ବିଭିନ୍ନ ପ୍ରକାର ଗ୍ରାମ୍ୟ ଖେଳ ଓ ନୃତ୍ୟ ଗୀତିକାର ଏଗୁଡ଼ିକ ଉତ୍କୃଷ୍ଟ ନମୁନା । ହଳିଆ ଗୀତଗୁଡ଼ିକ ମଧ୍ୟ ରସର ପରଶମଣି ସ୍ପର୍ଶରେ ରସାଣିତ ଓ ପ୍ରାଣବନ୍ତ—

କାଳିଆ ବଳଦର ପେଟତଳେ ଛଉ
ଆଗର ପାନୁଡି କାହାଘର ବୋହୂ
ଫୁଲମାଳେ ଦେମିରେ ପାନୁଡି
ମୋ ଘରେ ଛନେ ରହୁ ।
ଛନେ ରହୁ ରହୁ ଛ'ମାସ ରହିଲା
ମା' ଘର ବଉଦ କେମନ୍ତେ ପାସୋରିଲା ।

ଅଥବା

ବାରିର ସଜନା ଦୁଆରକୁ ଛାଇ
ଚଇତ ମାସରେ ଆମ୍ବ ବଉଳଇ
ତୁମେ ବଉଳିବ ସାନ ସଙ୍ଗୀତ
କାହାର ଘରେ ଯାଇ ହୋ ।

Digitized by PPRACHIN, SOA

ଏ ପଦଗୁଡ଼ିକ ନିଚ୍ଛକ ରସ ଚର୍ଚ୍ଚାର ଯେପରି ପ୍ରତୀକ,

‘ସଡ଼କ ବାଟରୁ ଉଡ଼ଇ କମ୍ପୁ ଧୂଳି
ଶ୍ରୀକୃଷ୍ଣ ପଚାରନ୍ତି ରାଧିକା କେଡ଼େ ଭଳି
ବାଲୁତ କାଳରୁ ଶ୍ରୀକୃଷ୍ଣ ହୋଇଥିଲା ବିଭା
ଚିହ୍ନି ନ ପାରିଲ ପରା ହେ ଶ୍ରୀକୃଷ୍ଣ
ରାଧିକା ନବଯୁବା ହେ।’

ଅଥବା

‘ଶେମିକି—ମଡୁଆରେ ଜାକୁଡ଼ିକି ଗୁଞ୍ଜ
ପାଞ୍ଚ ମାଇଝିରୁ ଗୁରୀ ବଛିଆ
ଦଇବ କଲା ବାଛରେ।
ଦଇବ ଦାରୁଣରେ ଏତେ ସରି କଲା
କଅଁଳୀ ଝିଅକୁ ଯା’ ବୁଢ଼ାବରେ ଦେଲା
ଦଇବକୁ ଯା’ ନିନ୍ଦା କଲେ ରେ କି ହେବ
କରମେ ଲେଖା ଥିଲାରେ।

—ଏ ପଦଗୁଡ଼ିକ ଗ୍ରାମ୍ୟ ଜୀବନର ତିକ୍ତ-ମଧୁର ସାମାଜିକ ଅଭିଜ୍ଞତାର ସେହିପରି ବାହକ। ବହୁ ଲୋକଗୀତିରେ ମଣିଷର ପ୍ରେମଭାବନା ସହିତ ସାମାଜିକ ବନ୍ଧନ ଓ ଜାତିପ୍ରଥା-ଜନିତ ସଂସ୍କାରର ଚିତ୍ର ମଧ ପରିସ୍ଫୁଟ। ଏହି ଗୀତଗୁଡ଼ିକ ବଂଶପରମ୍ପରାକ୍ରମେ ଲୋକମୁଖରେ ପ୍ରଚଳିତ ଓ ପ୍ରଚାରିତ ହୋଇ ଆସୁଥିଲେ ହେଁ ବିଭିନ୍ନ କାଳରେ ପ୍ରତିଭାବାନ୍ ଗ୍ରାମ୍ୟ କବିଙ୍କ ସ୍ପର୍ଶରେ ଏଗୁଡ଼ିକର ପରିବର୍ତ୍ତନ, ପ୍ରଗତି ଓ ନବକଳେବର ମଧ ସମ୍ପନ୍ନ ହୋଇଚାଲିଛି। ଏବେ ବହୁ ଲେଖକ ପ୍ରାଚୀନ ଲୋକଗୀତିର ଢାଞ୍ଚାରେ ନୂତନ ଲୋକ-ଗୀତିମାନ ରଚନା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ଗଙ୍ଗାଧରଙ୍କ ଶକୁନ୍ତଳା କହିଲାପରି—

‘ମଳୟପର୍ବତୁ ଉନ୍ମୀଳିତ ହୋଇ ଚନ୍ଦନଲତା ଯେସନ
ଉଦ୍ୟାନକୁ ଗଲେ ଝାଉଁଳି ପଡ଼ଇ
ମୋ ଦଶା ହେବ ତେସନ’—

ଠିକ୍ ସେହିପରି ସ୍ୱକୀୟ ପରିବେଶରୁ ବିଚ୍ୟୁତ ହୋଇ ଆଧୁନିକ କବି ରଚିତ ପଲ୍ଲୀ-ଗୀତିଗୁଡ଼ିକ ବହୁଳାଂଶରେ କୃତ୍ରିମ ଓ ନିର୍ଜୀବ। ପ୍ରାଚୀନ ଲୋକଗୀତିଗୁଡ଼ିକ ତତ୍ତ୍ୱବିଦ୍‌ମାନଙ୍କ ପକ୍ଷରେ ଭାଷା-ସମ୍ପଦ ଓ ସାମାଜିକ ଆଚାର ଅଧ୍ୟୟନ ଦୃଷ୍ଟିରୁ ଯେପରି ଗୁରୁତ୍ୱପୂର୍ଣ୍ଣ, ସହଜ ଭାବାବେଶ ଓ ରସାନୁଭୂତିଦୃଷ୍ଟିରୁ ସେହିପରି ଉପଭୋଗ୍ୟ। ଲୋକ-ଗୀତି କିପରି ବିଦଗ୍ଧ କାବ୍ୟସ୍ତରକୁ ଉନ୍ନୀତ ହୋଇପାରେ ଏବଂ ଉଭୟ ମଧ୍ୟରେ ମିଳନର ମନୋଜ୍ଞ ସ୍ୱର୍ଣ୍ଣସେତୁ ନିର୍ମିତ ହୋଇପାରେ, ତାହାର ଏକ ନମୁନା କବି ଲକ୍ଷ୍ମଣ ପତିଙ୍କଦ୍ୱାରା ବିରଚିତ ଏବଂ ବନ୍ଧୁ ଶ୍ରୀ ଦୁର୍ଗାପ୍ରସାଦ ନାୟକଙ୍କ ଦ୍ୱାରା ସମ୍ପାଦିତ ଓ ‘ମେହେର ପ୍ରଦୀପ’ରେ ପ୍ରକାଶିତ ‘ଶବରୀ ଲୀଳା’ରୁ କେଇପଦ ଉଦ୍ଧାର କରି ମୋର ଆଲୋଚନା ଶେଷ କରୁଛି।

Digitized by PPRACHIN, SOA

ଶବର ରୂପ ବର୍ଣ୍ଣନା–

ଶବର ଧାଙ୍ଗଡ଼ ଯାଉଛି ରେ,
ଶବରୁଣୀ ମନ ମୋହୁଛିରେ,
ପିନ୍ଧିଛି ବସନ ବିଶେ ଶୋଭାବନ
ଭାଲେ ବୀରଚିତା ଶୋହୁଚି ରେ ।
କାନ ଫଟା ଫଟା   ମାରେ ଆଖିଇଟା
ଭ୍ରୂଲତା ନଚାଇ ଚାହୁଁଚି ରେ,
ଧନୁର୍ଗୁଣେ ଛିତା   କାନ୍ଧରେ ପଇତା
ଶାଖା ଛଡ଼ଗୁଣ ବହିଛି ରେ ।
କଣ୍ଠେ ଗରଗଡ଼   କାଇଁଚର ମାଳ
ହସ୍ତରେ ଟାଙ୍ଗିଆ ବହିଛି ରେ,
କଟିରେ ଘାଗୁଡ଼ି   କମଣ୍ଡଳ ବାଡ଼ି
ଶିରେ ଚୂଳ ତହିଁ ଖଞ୍ଜିଛିରେ ।
ବାମେ ଝୁଲାମୁଣା   ଘଣ୍ଟିରେ ବାଜଣା
ଗୀତରେ ଲକ୍ଷ୍ମଣ କହୁଛିରେ ।

ଶବରୀର ବେଶଭୂଷାର ବର୍ଣ୍ଣନା–

ଖୁସାତ ଖୁସା ଭ୍ରମରୀ ଖୁସା,
ଚିକ୍କିନି ଖୁସା, ଢଳିଆ ଖୁସା,
ଖୁସା ଦେଖିଲାଗେ, ମୁଇଁକି ହସା,
ଛ'ଶହ ପାଇକ କରିବେ ବସା,
କର୍ପୂର କସ୍ତୁରୀ ହୋଇଛି ମିଶା.
ଛୁଇଁବାକୁ ନାହିଁ କାହା ଭରସା
ରସିକମାନଙ୍କ ବହୁତ ଆଶା,
ଭ୍ରମର ମାଳକୁ ମାଳ ଗୋ ।
ଚାହିଁ ପୁରୁଷ, ହୋଇବେ ବଶ
ମୁହଁରୁ ବହିବ ଲାଳ ଗୋ ।
ଟଭା ଫଳ ଖୁସା–
ଯୂଇ-ଜାଇ ତହିଁ ହୋଇଛି ମିଶା ।

କବି ବଡ଼ଜେନାଙ୍କ ପରି ପଶ୍ଚିମ ଓଡ଼ିଶାର ଏହି ପ୍ରତିଭାବନ୍ତ କବି ଲକ୍ଷ୍ମଣପତିଙ୍କ 'ଶବରୀ ଲୀଳା' ରସସିଦ୍ଧି ଦୃଷ୍ଟିରୁ ଓଡ଼ିଆ ଭାଷା ଓ ସାହିତ୍ୟର ଏକ ଅମ୍ଳାନ ରତ୍ନ ।

■ ■

Digitized by PPRACHIN, SOA

ଯାତ୍ରା ଯୁଗରେ ଓଡ଼ିଆ ରଙ୍ଗମଞ୍ଚ

ଆଜିର ଚଳଚ୍ଚିତ୍ର ଓ ରଙ୍ଗମଞ୍ଚର ବହୁମୁଖୀ ବିକାଶ ଯୁଗରେ ଯାତ୍ରାଯୁଗ ଓ ତାର ରଙ୍ଗମଞ୍ଚକୁ ସ୍ମରଣ କରିବା ଅର୍ଥ ଅତୀତର ଗୌରବଶଶୀ ଅସ୍ତାଚଳବାସିନୀ ରୂପସୀ ଉର୍ବଶୀକୁ ହିଁ ସ୍ମରଣ କରିବା। ସେ ଉର୍ବଶୀର ମୋହିନୀ ମାୟା ଏକଦା ଓଡ଼ିଶାର ଜନଚିତ୍ତକୁ ରୂପମୁଗ୍ଧ ଓ ରସାପ୍ଳୁତ କରି କିପରି ରଖିଥିଲା ତାହା ପ୍ରତ୍ୟେକେ ନିଜର ଶୈଶବ ଓ କୈଶୋର ଜୀବନକୁ ଦୃକ୍‌ପାତ କଲେ ଉପଲବ୍ଧି କରିପାରିବେ। ଆଜିର ଯାନ୍ତ୍ରିକ କୋଳାହଳ ଓ ରଙ୍ଗମଞ୍ଚର ପ୍ରଚାରଧର୍ମୀ ଯୁଗରେ ତାର ରୂପ-ଲାବଣ୍ୟ ଯୌବନର ବିଗତ ମହିମାରେ ଉପନୀତ ହୋଇଥିଲେ ହେଁ ଏଇ ବାର୍ଦ୍ଧକ୍ୟରେ ସୁଦ୍ଧା ତାର ଶୋଭା ପିପାସାରେ ଆମେ ବଶୀଭୂତ। ବହୁକାଳ ଧରି ଗୋଟିଏ ଜାତିର ଅବଚେତନକୁ 'ଯାତ୍ରା' କିପରି ମନ୍ତ୍ରମୁଗ୍ଧ କରି ରଖିଛି, ଏହାହିଁ ତାର ସର୍ବୋତ୍କୃଷ୍ଟ ପ୍ରମାଣ।

ଓଡ଼ିଆ ଯାତ୍ରା ହିଁ ଓଡ଼ିଆ ନାଟକର ଆଦିରୂପ ବା ମୂଳଭିତ୍ତି। ଏଣୁ ପରବର୍ତ୍ତୀ ଓଡ଼ିଆ ନାଟକ, ବିଶେଷତଃ ପୌରାଣିକ ନାଟକ ସହିତ ଏହି ଯାତ୍ରାର ବହୁ ରୂପଗତ ସାମଞ୍ଜସ୍ୟ ରହିଛି। ଯାତ୍ରା 'ଗଣନାଟ୍ୟ' ପର୍ଯ୍ୟାୟର ଅନ୍ତର୍ଭୁକ୍ତ। ଓଡ଼ିଶାର ଗଣନାଟ୍ୟ ସେଗୁଡ଼ିକର ବିଷୟବସ୍ତୁ ଅନୁଯାୟୀ ତିନୋଟି ସଂଜ୍ଞାରେ ନାମିତ ହୋଇଥାନ୍ତି, ଯଥା—ଲୀଳା, ସୁଆଙ୍ଗ ଓ ଯାତ୍ରା। ରାମଲୀଳା, ଭାରତଲୀଳା ଓ କୃଷ୍ଣଲୀଳା ପ୍ରଭୃତି ନାମକରଣରୁ ଲୀଳାର ସ୍ୱରୂପ ଓ ବିଷୟବସ୍ତୁ ସ୍ପଷ୍ଟ ସୂଚିତ ହୋଇଥାଏ। ଆଦିମତମ ଗଣନାଟ୍ୟ ହେଉଛି 'ସୁଆଙ୍ଗ'। କୌଣସି ଦେବଦେବୀଙ୍କ ବିଷୟବସ୍ତୁକୁ ଆଧାର କରି ଏହା ରଚିତ। ପଞ୍ଚସଖା ଯୁଗର ପ୍ରତିଭାବନ୍ତ କବି ରାମାୟଣ-ରଚୟିତା ବଳରାମଙ୍କ 'ଲକ୍ଷ୍ମୀପୁରାଣ' ସୁଆଙ୍ଗ ଏ କ୍ଷେତ୍ରରେ ଏକ ସୁଦୃଢ଼ ସାହିତ୍ୟ-କୀର୍ତ୍ତି ଏବଂ ତାର ପ୍ରଭାବ ଓଡ଼ିଶାର ସାମାଜିକ ଓ ଜାତୀୟ ଜୀବନରେ ସୁଦୂର ପ୍ରସାରୀ। 'ଶୋଭାଙ୍ଗ' ଶବ୍ଦରୁ 'ସୁଆଙ୍ଗ' ଶବ୍ଦଟି ଆସିଛି ବୋଲି ଅନେକ ଆଲୋଚକ ଧାରଣା କରିଥାନ୍ତି। କାରଣ ଶୋଭା ହେଉଛି ଯାତ୍ରାର ପ୍ରଧାନ ଅଙ୍ଗ। ମାତ୍ର ଏହାର ଇତିବୃତ୍ତ ଅନୁଶୀଳନ କଲେ ଜଣାପଡ଼େ ଯେ ପାଣିନୀଙ୍କ ସମୟରେ ଯେଉଁ ସାହିତ୍ୟଘଟିତ ସାଧାରଣ ବିନୋଦନ ବା ପାବ୍‌ଲିକ ଏନ୍‌ଟାର୍‌ଟେନ୍‌ମେଣ୍ଟ ରୀତି ପ୍ରଚଳିତ ଥିଲା ସେଗୁଡ଼ିକ ମଧ୍ୟରେ ଏହା ଅନ୍ୟତମ। ଆଖ୍ୟାନ-ଆଖ୍ୟାୟିକା କହିବା ଓ ଇତିହାସ ପୁରାଣ ପାଠ କରିବା ଥିଲା ଦୁଇଟି ଶ୍ରେଣୀର ବିନୋଦନ। ତୃତୀୟ ଶ୍ରେଣୀର ବିନୋଦନ ଯେଉଁମାନଙ୍କ ଦ୍ୱାରା ସମ୍ପନ୍ନ ହେଉଥିଲା ସେମାନଙ୍କୁ ପତଞ୍ଜଳି 'ଶୌଭନିକ' ବା

Digitized by PPRACHIN, SOA

'ଶୌଭିକ' ନାମରେ ଅଭିହିତ କରିଛନ୍ତି। ଯେଉଁମାନେ ବିଚିତ୍ର ସାଜସଜା ପିନ୍ଧି ନିଜକୁ ଶୋଭିତ କରୁଥିଲେ ସେମାନଙ୍କୁ 'ଶୌଭନିକ' ବା 'ଶୌଭିକ' ବୋଲି କୁହାଯାଉଥିଲା। ଏଇଥିରୁ ବୋଧହୁଏ 'ସୁଆଙ୍ଗିଆ' ଓ 'ସୁଆଙ୍ଗ' ଶବ୍ଦର ଉତ୍ପତ୍ତି। ବସ୍ତୁତଃ ସୁଆଙ୍ଗମାନଙ୍କରେ ସାଜସଜା ବା ଅଙ୍ଗାଭରଣର ପ୍ରଚଳନ ବେଶୀ। ପୁଣି ଓଡ଼ିଆ ଯାତ୍ରାମାନଙ୍କରେ ଗଳ୍ପ, ନୃତ୍ୟ, ସଙ୍ଗୀତ ଓ ଅଭିନୟ ପ୍ରଭୃତି ବିଭିନ୍ନ କଳାର ମିଶ୍ରଣ ହେତୁ ଓଡ଼ିଆ ଜନତା ନିକଟରେ ତାହା ସବୁଠୁ ଅଧିକ ମନୋହାରୀ ଓ ଜନପ୍ରିୟ ବିନୋଦନ ହୋଇ ଆସିଛି। ଓଡ଼ିଆ ଯାତ୍ରାକୁ ତେଣୁ ଅନାୟାସରେ କୁହାଯାଇପାରେ ଆଧୁନିକ ରଙ୍ଗମଞ୍ଚହୀନ ଗାଁ ଦାଣ୍ଡର ମୁକ୍ତାକାଶୀ-ଡ୍ରାମା। ଏହି ଯାତ୍ରା ଓଡ଼ିଆ ଜାତିର ଆଦିମ କାଳରୁ ଯେ ପ୍ରଚଳିତ, ତା'ର ଐତିହାସିକ ପ୍ରମାଣ ମଧ ରହିଛି। ଖଣ୍ଡଗିରିର କୌଣସି ଗୁମ୍ଫାର ଭିତ୍ତି-ଭାସ୍କର୍ଯ୍ୟରେ ଗଣନାଟ୍ୟର ଛବିଥିବା ଏବେ ଆବିଷ୍କୃତ ଏବଂ ଜଣା ପଡୁଛି ଯେ ଦ୍ୱିତଳ ରାଜ-ବାସ ରାଣୀଗୁମ୍ଫା ଜୈନ ଓ ବୌଦ୍ଧଯୁଗରେ ହୁଏତ ଏକ ରଙ୍ଗମଞ୍ଚ ରୂପେ ବ୍ୟବହୃତ ହେଉଥିଲା। ଖୁବ୍ ସମ୍ଭବତଃ, ସେହି ପ୍ରାଚୀନ ଯୁଗର ଓଡ଼ିଆ ଶିଳ୍ପୀମାନଙ୍କର ସେମାନଙ୍କର ପରିଚିତ ଗଣ-ବିନୋଦନକୁ ଖୋଦିତ କରି ରଖିବାର ଏହା ଏକ ଆଦ୍ୟଚେଷ୍ଟା। ସମ୍ରାଟ ଖାରବେଳ ଥିଲେ କଳାରସିକ ଏବଂ ତାଙ୍କର ଏକ ପ୍ରଶସ୍ତି ହେଉଛି 'ଗନ୍ଧର୍ବ ବେଦ-ବୁଦ୍ଧ'। ଉଦୟଗିରିର ରାଣୀ ହଂସପୁରର ଏକ ସ୍ତମ୍ଭରେ ରଙ୍ଗମଞ୍ଚର ଭାସ୍କର୍ଯ୍ୟ ରୂପ ମଧ ବିଦ୍ୟମାନ। ପୁଣି ସମ୍ରାଟ ଅଶୋକଙ୍କ ଶିଳାଲେଖରେ 'ସମାଜ' ଶବ୍ଦଟି ନୃତ୍ୟ, ସଙ୍ଗୀତ ଓ ଅଭିନୟର ଅନୁଷ୍ଠାନସ୍ଥଳୀ ଅର୍ଥରେ ବ୍ୟବହୃତ ହୋଇଛି। 'ନାଟ୍ୟାଭିନୟ' ଭାରତରେ ଏକଦା ସମାଜ ଅର୍ଥରେ ହିଁ ପ୍ରଚଳିତ ଥିଲା ଏବଂ ଏବେ ମଧ ଓଡ଼ିଶାର ଗ୍ରାମାଞ୍ଚଳରେ ଏହା 'ନାଟ୍ୟାଭିନୟ' ବା ଯାତ୍ରାଦଳ ଅର୍ଥରେ ବ୍ୟବହୃତ। ଓଡ଼ିଆ ଯାତ୍ରାର ପ୍ରାଚୀନ ପରମ୍ପରା ଏଇଥିରୁ ସହଜରେ ଅନୁମେୟ। ପୁଣି ଯାତ୍ରାର ପରିଚିତ ନଟ, ନଟୀ ଓ ସୂତ୍ରଧାର ପ୍ରଭୃତି ଶବ୍ଦ ଓ ଚରିତ୍ରଗୁଡ଼ିକର ସଂସ୍କୃତ ନାଟକ ମଧଦେଇ ବୈଦିକ ଯୁଗର ଅନ୍ତିମ ପର୍ବ ପର୍ଯ୍ୟନ୍ତ ଏକ ପ୍ରାଚୀନ ପରମ୍ପରା ବିଦ୍ୟମାନ। ସେଇଥିପାଇଁ କେହି କେହି ଅନୁମାନ କରିଥାନ୍ତି ଯେ ଯାତ୍ରାର ଆଦି ଅର୍ଥ ହେଉଛି 'ଲୋକନୃତ୍ୟ'। ତାହାହିଁ ଲୀଳା ବା ସୁଆଙ୍ଗ ନାମରେ ଥିଲା ପରିଚିତ। ଏହାର ପରିବର୍ତ୍ତିତ ଓ ପରିଣତ ରୂପ ହେଉଛି ଯାତ୍ରାର ଗୀତିନାଟ୍ୟ ବା 'ଗୀତାଭିନୟ'। କେତେକ ଆଲୋଚକ ଅନୁମାନ କରିଥାନ୍ତି ଯେ ଓଡ଼ିଶାରେ ମୁସଲମାନ ଯୁଗର ଆଧିପତ୍ୟ ପୂର୍ବରୁ ଯେଉଁ 'ରାମଲୀଳା'ର ପ୍ରଚଳନ ଥିଲା ତାହା କ୍ରମଶଃ ସାମାଜିକ ବୈଠକ ସ୍ୱରୂପ 'ମଜ୍‌ଲିସ'ର ପ୍ରଚଳନ ମଧରେ ଯାତ୍ରାଭିନୟର ରୂପ ଅର୍ଜନ କରିଛି। ପୁଣି କେହି କେହି କହିଥାନ୍ତି ଯେ ଧର୍ମ ଉପଲକ୍ଷେ ଅନେକ ଲୋକଙ୍କର ଯାତ୍ରା ସମୟରେ ବାଟରେ ଚିତ୍ତ-ବିନୋଦର ପ୍ରୟୋଜନୀୟତାରୁ ଅଥବା ଯାତ୍ରା ଶେଷରେ ତୀର୍ଥ-ଦେବତାଙ୍କର ମହିମା ବର୍ଣ୍ଣନା ପ୍ରୟାସରୁ ଏହାର ହୋଇଛି ଉତ୍ପତ୍ତି। ଏ ପ୍ରସଙ୍ଗରେ ସ୍ଥିର ସିଦ୍ଧାନ୍ତ ଦେବା ଦୁଷ୍କର। କିନ୍ତୁ ଏହାର ପ୍ରାରମ୍ଭ କାଳରୁ ଊନବିଂଶ ଶତାବ୍ଦୀର ଶେଷ ଦଶକ ପର୍ଯ୍ୟନ୍ତ ଅର୍ଥାତ୍ ଆଧୁନିକ ନାଟକର ଅଭିନୟ କାଳ ପର୍ଯ୍ୟନ୍ତ ସମାଜରେ ଯାତ୍ରାଭିନୟର ଥିଲା ଅଖଣ୍ଡ ରାଜତ୍ୱ ଏବଂ ପ୍ରଖର ଦୀପ୍ତିରେ ନ ଥିଲେ ବି ସେ ରାଜତ୍ୱର ଅବସାନ ଏ ପର୍ଯ୍ୟନ୍ତ

Digitized by PPRACHIN, SOA

ମଧ୍ୟ ଘଟିନାହିଁ। ସାହିତ୍ୟିକ ରସସଂପଦ ଦୃଷ୍ଟିରୁ ନାଟକ ପରି ଏହା ସମ୍ମାନିତ ସ୍ଥାନର ଅଧିକାରୀ। ବରଂ ତୃତୀୟ ଶ୍ରେଣୀର ତଥାକଥିତ ଆଧୁନିକ ସାହିତ୍ୟିକ ନାଟକମାନଙ୍କ ଅପେକ୍ଷା କଳାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ଏଗୁଡ଼ିକ ଅଧିକ ସୌନ୍ଦର୍ଯ୍ୟ-ସମ୍ପନ୍ନ।

'ଯାତ୍ରା' ଲୌକିକ ଅର୍ଥରେ ସାଧାରଣତଃ ଯାତ, ନାଚ ବା ନାଟ ଅର୍ଥରେ ବ୍ୟବହୃତ ହୋଇଥାଏ। ଶଅର-ଶଅରୁଣୀନାଚ, ମଧୁମଙ୍ଗଳ, ଚଇତିଘୋଡ଼ା, ରାସଲୀଳା, ରାମଲୀଳା, ଭାରତଲୀଳା, ପାଟୁଆ ଯାତ୍ରା ଓ ଝାମୁ ଯାତ୍ରା ପରି ପଶ୍ଚିମ ଓଡ଼ିଶାରେ ଡାଲଖାଇ ଓ ରସରକେଳି ଏବଂ ଦକ୍ଷିଣ ଓଡ଼ିଶାରେ ଦଣ୍ଡନାଟ, ଗୋଟିପୋ ନାଚ ଓ କୃଷ୍ଣଲୀଳା ପ୍ରଭୃତି ଏହାର ବିଭିନ୍ନ ପ୍ରକୃତିଭେଦ ରହିଛି। ଏହାଛଡ଼ା ଓଡ଼ିଆ ଜାତିର ଅନ୍ୟ ଦୁଇଟି ଗଣ-ବିନୋଦନ ହେଉଛି 'ପାଲା' ଓ ଦାସକାଠିଆ'। ଓଡ଼ିଶାରେ ସଦାଶିବଙ୍କ ରଚିତ ରାମଲୀଳାର ପ୍ରଚଳନ ସାଧାରଣତଃ ଅଧିକ। ଏଥିରେ ଚରିତ୍ରଗୁଡ଼ିକ ମୁଖା ପରିଧାନ ପୂର୍ବକ ଆତ୍ମ-ପରିଚୟ ଦେଇ ଗୀତଗାନ ଓ ବଚନିକା କଥନ ସହ ନାଚିଥାନ୍ତି। ଭାରତୀୟ ସଂସ୍କୃତିର ଦୁଇ ଅମର ମହାକାବ୍ୟ ରାମାୟଣ ଓ ମହାଭାରତର କଥାବସ୍ତୁ ଯୁଗଯୁଗାନ୍ତର ଧରି ବିଦଗ୍ଧ ଭାରତୀୟ ପ୍ରାଣରେ ରସବାରି ସେଚନ ପୂର୍ବକ ତାହାକୁ ଆଧ୍ୟାତ୍ମିକ ଭାବନାରେ ଯେପରି ଉଦାର ଓ ଉଦାତ୍ତ କରି ଆସିଅଛି, ସେହି ଅକ୍ଷୟ ଉତ୍ସ-ନିଃସୃତ ରାମଲୀଳା ଓ କୃଷ୍ଣଲୀଳା ସେହିପରି ଲୌକିକ ପ୍ରାଣକୁ ରସାପ୍ଲୁତ କରିବା ସଙ୍ଗେ ତାହାକୁ ଆଧ୍ୟାତ୍ମିକ ରଙ୍ଗରେ ଅନୁରଞ୍ଜିତ କରି ଆସିଛି। ଏହି ଯାତ୍ରାଗୁଡ଼ିକର ପ୍ରଭାବ ଓଡ଼ିଶାର ଜନଜୀବନ ଏପରିକି କୋମଳମତି କିଶୋର-କିଶୋରୀ ପ୍ରାଣରେ କିପରି ନିବିଡ଼ ଓ ଅନ୍ତରଙ୍ଗ ତାହା ନନ୍ଦକିଶୋରଙ୍କ କାବ୍ୟ-ଚିତ୍ରରୁ ସହଜରେ ଅନୁମେୟ।

"ତାଡ଼କା ରାକ୍ଷସୀ-ବିଶ୍ୱାମିତ୍ର ଋଷି-ରାମ ହନୁମାନ ସାଜ
ଭୀମ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣ ଅର୍ଜୁନ ବେଶ ମନେପଡ଼େ ଆଜ।
ବିଶ୍ୱାମିତ୍ର ସଙ୍ଗେ ଶ୍ରୀରାମ ଲକ୍ଷ୍ମଣ ସାଜି କେହି ଟାଣେ ଟାଣେ
ନାଚି ନାଚି ବାଲେ ଚାଲି ଯାଉଥାନ୍ତି କି ରଙ୍ଗେ ମିଥିଳା ଦାଣେ।
ଭୀମ ସାଜି କେହି ବିରାଟ ରାଜ୍ୟରେ କୀଚକ ସହିତେ ରଣ
ରଚୁଥିଲେ ପରା କପଟ ଭାବରେ କ୍ରୀଡ଼ା ସଙ୍ଗୀ ଦୁଇଜଣ।" ଇତ୍ୟାଦି।

ନାଟ୍ୟାଭିନୟ ପାଇଁ ନାଟ୍ୟ ଶାସ୍ତ୍ରରେ ନାଟ୍ୟଗୃହ ବା ରଙ୍ଗମଣ୍ଡପର ନିର୍ମାଣ ସକାଶେ ତିନିପ୍ରକାର ନାଟ୍ୟଶାଳା ଯଥା— ଆୟତ ବା Rectangular, ଚତୁଷ୍କୋଣ ବା Squre ଏବଂ ତ୍ରିକୋଣ ବା Tringular ର ଉଲ୍ଲେଖ ରହିଛି ଏବଂ ଆଳଙ୍କାରିକ ବିଧାନ ଅନୁଯାୟୀ ଏଗୁଡ଼ିକର ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରଭୃତି ସମୟରେ ସ୍ଥିରୀକୃତ ହୋଇଥାଏ। ମାତ୍ର ଏ ସକଳ ବିଧାନ ସତ୍ତ୍ୱେ ପ୍ରାଚୀନ ଭାରତୀୟ ନାଟ୍ୟାଭିନୟରେ ଏହା ସର୍ବଦା ଓ ସର୍ବତ୍ର ଅନୁସୃତ ହେଉନଥିଲା। କାରଣ ପ୍ରାଚୀନ ସାହିତ୍ୟରେ ଏପରି ଉଲ୍ଲେଖ

Digitized by PPRACHIN, SOA

ରହିଛି ଯେ କୌଣସି କୌଣସି ନାଟ୍ୟଦଳ ଆଧୁନିକ ଯାତ୍ରାବାଲାଙ୍କ ପରି ଦେଶ ବିଦେଶ ଭ୍ରମଣ କରୁଥିଲେ। 'ନାଟମନ୍ଦିର' ବୋଲି ଯେଉଁ ସମସ୍ତ ପ୍ରାଚୀନ ଗୃହର ସନ୍ଧାନ ବା ଭଗ୍ନାବଶେଷ ମିଳିଥାଏ ସେଗୁଡ଼ିକ ମଧ୍ୟରେ 'ରଙ୍ଗପୀଠ'ର ସଂଧାନ ଦୁର୍ଲଭ। ଏହି ଭ୍ରମଣକାରୀ ନାଟକୀୟ ଦଳଟି ଜନସାଧାରଣଙ୍କର ନାଟ୍ୟ-ଦର୍ଶନର କ୍ଷୁଧା ଚରିତାର୍ଥ କରୁଥିଲେ। ଏ ଦିଗରୁ ଯାତ୍ରାଦଳ ସହିତ ତାଙ୍କର ଗଭୀର ସାମଞ୍ଜସ୍ୟ ନିହିତ। ଯାତ୍ରାବାଲାଙ୍କର ରଙ୍ଗପୀଠ ହେଉଛି ମୁକ୍ତାକାଶୀ। ସାଧାରଣ ଚଟାଣ, କେତୋଟି ଖଟର ଏକତ୍ର ସଂଯୋଗ ଅଥବା ମୃତ୍ତିକାପୀଠ ନିର୍ମାଣ ଦ୍ୱାରା ଏହି ରଙ୍ଗପୀଠ ପ୍ରସ୍ତୁତ କରାଯାଇଥାଏ। ଗୋଟିଏ ପରଦା ପକାଇ ନେପଥ୍ୟଗୃହ ବା ସାଜ କୋଠରୀର କାମ ତୁଲାଇ ନିଆ ଯାଇଥାଏ। ଏହାରି ମଧ୍ୟରୁ ନଟ, ନଟୀ ଓ ଅନ୍ୟାନ୍ୟ ଅଭିନେତାଗଣ ଅଭିନୟସ୍ଥଳୀକୁ ପ୍ରବେଶ କରିଥାନ୍ତି। ସମୟ ସମୟରେ ଏହା ମଧ୍ୟ ମୁକ୍ତ ଓ ପ୍ରକାଶ୍ୟ ଭାବରେ ସମାହିତ ହୋଇଥାଏ। ସୂତ୍ରଧାର ବା ମଞ୍ଚାଧ୍ୟକ୍ଷ ଏହାର ହେଉଛନ୍ତି ସର୍ବୋଚ୍ଚ ଓ ସର୍ବମୟ କର୍ତ୍ତା। ଆଧୁନିକ ଅର୍ଥରେ ସେ ହେଉଛନ୍ତି 'Stage manager' ବା ଆଖଡ଼ାଦଳର ଓସ୍ତାଦ୍। ନୃତ୍ୟ ଗୀତ ଓ ଅଭିନୟ କଳାର ଐନ୍ଦ୍ରଜାଲିକ ଚମକରେ ଶ୍ରୋତୃମଣ୍ଡଳୀ ଅଭିଭୂତ ହୋଇ ପଡ଼ିଥାନ୍ତି। ବସ୍ତୁତଃ ଗୀତ ଓ ନୃତ୍ୟ ଯାତ୍ରାଭିନୟର ଦୁଇଟି ପ୍ରଧାନ ଅଙ୍ଗ। ନାଟ୍ୟଶାସ୍ତ୍ରୀଗଣ ସେଥିପାଇଁ କହିଛନ୍ତି—

"ଗୀତେଷୁ ଯତ୍ନଃ ପ୍ରଥମଂ ତୁ କାର୍ଯ୍ୟଃ
ଶଯ୍ୟାହି ନାଟ୍ୟସ୍ୟ ବଦନ୍ତି ଗୀତମ୍
ଗୀତେ ଚ ବାଦ୍ୟେ ଚ ହିଁ ସଂପ୍ରଯୁକ୍ତେ
ନାଟ୍ୟେସ୍ୟ ଯୋଗୋ ନ ବିପତ୍ତି ମେତି।"

ଯାତ୍ରାର ଗୀତ ଅଂଶଟି ମୁଖ୍ୟତଃ ନଟୀ, ନିୟତି ବା ଅଦୃଷ୍ଟକୁମାରୀ ଏବଂ ଦୂତ ଓ ଚାକରମାନଙ୍କଦ୍ୱାରା ସଂପନ୍ନ ହୋଇଥାଏ। ନାଟକର ଯେଉଁ ଚାରି କିସମର ଅଭିନୟ ଯଥା— ଆହାର୍ଯ୍ୟ, ଆଙ୍ଗିକ, ବାଚିକ ଓ ସାତ୍ତ୍ୱିକ ତାହା ପରୋକ୍ଷରେ ଯାତ୍ରାଭିନୟରୁ ଆମେ ଉପଭୋଗ କରିଥାଉଁ। ଏହି ଚାରି ପ୍ରକାର ଅଭିନୟ ମଧ୍ୟରୁ କେତେକାଂଶ ଥାଏ ଲୋକଧର୍ମୀ ଏବଂ କେତେକାଂଶ ଥାଏ ନାଟ୍ୟଧର୍ମୀ। ନୃତ୍ୟ, ନୃତ୍ତ ଓ ନାଟ୍ୟ ଏହି ତିନୋଟିର ସାଧାରଣ ନାମ ଦିଆଯାଇପାରେ 'ନାଚ'। ନୃତ୍ୟ ଓ ଗୀତର ଘନିଷ୍ଠ ସଂଯୋଗ ଥିବା ଦୃଷ୍ଟିରୁ ଅଭିନୟର କଥାବସ୍ତୁ ଅନେକ ସମୟରେ 'ଗୀତାଭିନୟ' ବା 'ଗୀତିନାଟ୍ୟ' ନାମରେ ପରିଚିତ। ଆଧୁନିକ କାବ୍ୟଧର୍ମୀ ନାଟକ ବା 'Poetic Drama' ର ମୂଳ ବୀଜ ଏହି 'ଗୀତିନାଟ୍ୟ' ଗୁଡ଼ିକରେ ତେଣୁ ଲକ୍ଷ୍ୟ କରିବା ସ୍ୱାଭାବିକ।

ଯେ କୌଣସି ସଂସ୍କୃତ ନାଟକମାନଙ୍କ ପରି ଯାତ୍ରା ନାଟ୍ୟଗୁଡ଼ିକରେ ପ୍ରଥମେ ଦୃଷ୍ଟିଗୋଚର ହୋଇଥାଏ ପ୍ରସ୍ତାବନା। ଏ ଅଂଶଟି ହେଉଛି ସୂତ୍ରଧର ବା ପ୍ରଧାନ

Digitized by PPRACHIN, SOA

ନଟ ସହିତ ପାରିପାର୍ଶ୍ୱିକ ବା ସହକାରୀ ନଟ ଅଥବା ନଟୀର ସଂଳାପ। ଏ କଥାବାର୍ତ୍ତାରୁ ନାଟ୍ୟକାରଙ୍କ ନାମ ଓ ପରିଚୟ ଏବଂ ନାଟକର ନାମ ଓ କଥାବସ୍ତୁର ସଂକେତ ଜଣାପଡ଼େ। ଏହି ପ୍ରସ୍ତାବନା ଏକଦା ଆଧୁନିକ ଛପା ପ୍ରୋଗ୍ରାମର କାର୍ଯ୍ୟ କରୁଥିଲା। ତା'ଛଡ଼ା ଏହାର ଏକ ଗୂଢ଼ ଉଦ୍ଦେଶ୍ୟ ମଧ୍ୟ ରହିଥିଲା। ନାଟ୍ୟ ଦର୍ଶକମାନଙ୍କୁ ଏହା ତାଙ୍କର ଅଜ୍ଞାତସାରରେ ବାସ୍ତବ ଜଗତରୁ ଘେନିଯାଉଥିଲା ଏକ କଳ୍ପ ଜଗତକୁ। 'ଅଭିଜ୍ଞାନ ଶାକୁନ୍ତଳମ୍' ନାଟକର ପ୍ରସ୍ତାବନା ଏହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ। ଓଡ଼ିଆ ଯାତ୍ରାର 'ହରିଶ୍ଚନ୍ଦ୍ର' ଗୀତିନାଟ୍ୟରେ ସେହିପରି ପ୍ରସ୍ତାବନା ଲକ୍ଷ୍ୟ କରନ୍ତୁ।

ନଟୀ କହୁଛି—ଆଜି କିମ୍ପା ବିଳମ୍ୱ କରିଲେ ଜୀବେଶ୍ୱର
ଅବିଳମ୍ୱେ ଆସିବାକୁ କହି
ନ ଆସିଲେ କେଉଁ କଥା ପାଇଁ!
(ନଟର ପ୍ରବେଶ ପରେ)

ନଟ କହୁଛି—ପ୍ରିୟେ! ଯେହୁ ଧରେ ଭାଟ ପଣ
ତାର ପହଣ୍ଡକ ବାଟ ଶତେଯୁଣ
ରତ୍ନ କଟକ ଶୋଭିନୀ!
ନାହିଁ କୂଟ କିଛି ମନେ;
ଶୁଣୁଥିଲି ଅନ୍ତରାଳେ ଥାଇ
ତବ ସାଗର ବର୍ଣ୍ଣନ କବିତାଟି
ଆନ ଭାବେ କାଳ ହୋଇନାହିଁ ତ୍ରୁଟି।

ନଟୀ କହୁଛି—ହେ ସଙ୍ଗୀତପ୍ରବୀଣ, ଇଙ୍ଗିତର ସମୟ ଏ ନୁହେଁ
ବିରାଜିତ ଏହି ସ୍ଥାନେ ଶତଶତ ପଣ୍ଡିତମଣ୍ଡଳ
କି ଦେଇ ତୋଷିବା ଏହାଙ୍କ ମନପ୍ରାଣ?
କି ବିଷୟ କରିଅଛ ସ୍ଥିର
ଦିଅ ମୋତେ ପ୍ରକୃତ ଉତ୍ତର।

ନଟ କହୁଛି—ପ୍ରିୟେ! ରାମାୟଣ ପୁରାଣ ଲିଖିତ, ହରିଶ୍ଚନ୍ଦ୍ର ରାଜା
ଉପାଖ୍ୟାନ, ତାହା ଉଦ୍ଧୃତ ହୋଇଣ, ଲେଖା ତାହା
ଗୀତିନାଟ୍ୟ ରୂପେ;
ଏଥିରେ ଅଛଇ ଅନେକ ନୀତିଶିକ୍ଷା
ଶୈବ୍ୟାଙ୍କର ପତିଭକ୍ତି, ହରିଶ୍ଚନ୍ଦ୍ର କର୍ତ୍ତବ୍ୟ ପାଳନ
ପୁଣି ମହାଦାନୀପଣ, ଧର୍ମର ଅସ୍ତିତ୍ୱ,
କ୍ରୋଧିତ ମାନବର ପରାଜୟ,
ପ୍ରଜାଙ୍କର ରାଜାଠାରେ ଭକ୍ତି

Digitized by PPRACHIN, SOA

ଉପକାରୀର ପ୍ରତ୍ୟୁପକାର,
ମହାମହା ଶିକ୍ଷାମାନ ରହିଛି ଏଥିରେ।
ବର୍ଣ୍ଣିତ ହୋଇଛି ତାହା ବିସ୍ତୃତ ଭାବରେ।
ପ୍ରିୟେ! ଏକ ମୌଳିକ ଧାତୁରୁ
ହୋଇପାରେ ଅଳଙ୍କାର ଅଶେଷ ପ୍ରକାର।
ଦକ୍ଷ କାରିଗର କରେ
ନୂଆ ନୂଆ ଭାବ, ନୂଆ ନୂଆ ରାଗ
ଫଳେନ ପରିଚୀୟତେ।

ନଟୀ କହନ୍ତି—ତେବେ ଚାଲ ନାଥ, ରାତ୍ର ଏବେ ହେଲାଣି ଅଧିକ
ନେଇ ସଭା ଅନୁମତି କରିବା ନାଟକ ଅନୁଷ୍ଠାନ।

ବେଶ୍, ଏତିକିରେ ଉତ୍କଣ୍ଠିତ ଦର୍ଶକମଣ୍ଡଳୀର କୋଳାହଳ ସ୍ତବ୍ଧ ଏବଂ ନୀରବତାର ରାଜତ୍ୱ। ଯାପରେ କେତେ ହର୍ଷ, ବିଷାଦ, ହାସ୍ୟ, ଆଶଙ୍କା, କ୍ରୋଧ, ଉତ୍କଣ୍ଠା ଓ ଅଶ୍ରୁମୋଚନରେ ବିତିଯାଏ କେଇ ଘଣ୍ଟା ସମୟ। ବୀର, କରୁଣ, ବାତ୍ସଲ୍ୟ, ହାସ୍ୟ ଓ ଶୃଙ୍ଗାରରସ ସମ୍ବଳିତ ନାଟକାବଳୀକୁ ଦର୍ଶକ ସମାଜ ତନ୍ମୟ ଭାବରେ ଉପଭୋଗ କରି ପରମ ପରିତୃପ୍ତି ଲାଭ କରିଥାନ୍ତି। ନାଟ୍ୟ ସୃଷ୍ଟିର ଆଦିପର୍ବରେ ପ୍ରତ୍ୟେକ ଦେଶରେ ଧର୍ମାନୁଷ୍ଠାନ ସହିତ ନାଟକ ରଚନାର ସମ୍ପର୍କ ଥିଲା ଘନିଷ୍ଠ। ଓଡ଼ିଆ ଯାତ୍ରାଭିନୟର ପ୍ରଥମ ସ୍ତରରେ ତେଣୁ ଧର୍ମଭାବନା ଓ ପୌରାଣିକ କଳ୍ପନାର ପ୍ରତିପତ୍ତି ଥିଲା ପ୍ରବଳ। ଆଧୁନିକ ରଙ୍ଗମଞ୍ଚର ସମସ୍ତ ବାସ୍ତବଧର୍ମୀ ଓ ସ୍ୱାଭାବିକ ଉପକରଣକୁ ବିସ୍ମୃତ ହୋଇ ଦର୍ଶକଗଣ ନାଟକୀୟ ପରିବେଶ ଓ ନାଟ୍ୟୋଲ୍ଲିଖିତ ସମୟ ଚେତନାରେ ଅନୁପ୍ରାଣିତ ହୋଇ ପଡ଼ିଥାନ୍ତି। ଏଲିଜାବେଥୀୟ ଇଂଲଣ୍ଡରେ ମଧ୍ୟ ଏକଦା ଏହାହିଁ ଥିଲା ନାଟ୍ୟାଭିନୟର ପରିସ୍ଥିତି। ନୃତ୍ୟ ଓ ସଙ୍ଗୀତ ବ୍ୟତୀତ ସଂଳାପରେ ମଧ୍ୟ କେତେବେଳେ କାବ୍ୟଧର୍ମୀ ଗଦ୍ୟ ଓ ଅମିତ୍ରାକ୍ଷର ଛନ୍ଦ ବ୍ୟବହୃତ ହୋଇଥାଏ। ଏଥିରେ ନ ଥାଏ ଅଳଙ୍କାରର ବାହୁଲ୍ୟ ବା ଜଟିଳ ସାଜସଜ୍ଜାର ପ୍ରୟୋଜନ।

ଯେଉଁମାନେ ପ୍ରାଚୀନ ଓଡ଼ିଶୀ ଯାତ୍ରାକୁ ରୂପ, ରଙ୍ଗ ଓ ରସରେ ଶ୍ରୀମଣ୍ଡିତ କରି ନବକଳେବର ଓ ନବଜୀବନ ପ୍ରଦାନ କରିଛନ୍ତି, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ହେଉଛନ୍ତି ପ୍ରତିଭାବନ୍ତ ଶିଳ୍ପୀ ବୈଷ୍ଣବପାଣି। ଇଂରେଜମାନଙ୍କ ଆଗମନଜନିତ ରାଜନୈତିକ ବିବର୍ତ୍ତନ ମଧ୍ୟରେ ଯେତେବେଳେ ଶିକ୍ଷା ସଂସ୍କୃତିରେ ପରିବର୍ତ୍ତନ ସଂସାଧିତ ହେଲା, ସେତେବେଳେ ଯାତ୍ରା ସୃଷ୍ଟି ଓ ଯାତ୍ରାଭିନୟରେ ପରିଦୃଷ୍ଟ ହେଲା ନୂତନ ସଂସ୍କାର। ଏହି ଯାତ୍ରା ସଂସ୍କାରରେ ଅଗ୍ରଣୀ ନେତୃତ୍ୱ ନେଇଥିଲେ ଜଗନ୍ନାଥ ପାଣି, ଭିକାରୀ ନାୟକ, ଗୋପାଳ ଦାସ, ଗୋବିନ୍ଦ ଶୂରଦେଓ, ମୋହନ ସୁନ୍ଦର ଦେବ ଗୋସ୍ୱାମୀ, ବାବାଜୀ ବୈଷ୍ଣବଚରଣ, ବାଳକୃଷ୍ଣ ମହାନ୍ତି, କବି ବୈଷ୍ଣବ ପାଣି ଓ କୃଷ୍ଣପ୍ରସାଦ ବସୁ

Digitized by PPRACHIN, SOA

ପ୍ରମୁଖ ଲେଖକଗଣ। ଏମାନଙ୍କ ଅସଂଖ୍ୟ ଲୀଳା, ସୁଆଙ୍ଗ, ପ୍ରହସନ ଓ ଗୀତିନାଟ୍ୟର ସୃଷ୍ଟିଧାରା ଦ୍ୱାରା ଓଡ଼ିଶାର ରଙ୍ଗମଞ୍ଚ ହୋଇଥିଲା ପ୍ଲାବିତ ଓ ରସାପ୍ଲୁତ। ଓଡ଼ିଆ ଗୋପାଳଦାସ ବା ବଙ୍ଗଳାରେ ପରିଚିତ 'ଗୋପାଳ ଉଡ୍ରେ'ଙ୍କ ରଚନାବଳୀ ବଙ୍ଗୀୟ ରସାତୁର ଜନଚିତ୍ତକୁ ଜୟ କରି ଏକଦା ରସସିକ୍ତ କରି ରଖିଥିଲା। କେବଳ ଏକା କବି ବୈଷ୍ଣବ ପାଣିଙ୍କ ରଚନା-ସମ୍ଭାର ମଧ୍ୟ ଶତାଧିକ ଏବଂ ଗୀତିନାଟ୍ୟ ଓ ଗୀତାଭିନୟ ସୃଷ୍ଟିରେ ଯଥାର୍ଥତଃ ସେ ହେଉଛନ୍ତି ଜଣେ ଯୁଗସ୍ରଷ୍ଟା। ତାଙ୍କର 'କର୍ଣ୍ଣବଧ', 'ରଙ୍ଗସଭା', 'କଂସ ଦିଗ୍‌ବିଜେ', 'ଧ୍ରୁବ ଚରିତ', 'ନଳଦମୟନ୍ତୀ', 'ହରିଶ୍ଚନ୍ଦ୍ର ଗୀତିନାଟ୍ୟ' ପ୍ରଭୃତି ଏକ ଏକ ଅମଳିନ ସାରସ୍ୱତ କୀର୍ତ୍ତି। ଏହି ଯାତ୍ରାଭିନୟ ସକଳ ଜନମାନସକୁ ଏକ ଦିଗରେ ପୌରାଣିକ ଆଦର୍ଶରେ ଅନୁପ୍ରାଣିତ କରି ଯେପରି ସତ୍ୟ-ସନ୍ଧାନୀ ଓ ଧର୍ମମୁଖୀ କରାଇଥାଏ, ଅନ୍ୟଦିଗରେ ସେହିପରି ନାନା ପ୍ରକାର ଲୌକିକ ଓ ସମକାଳୀନ ସମସ୍ୟା ଉତ୍‌ଥାପନ କରି ଲୋକଚିତ୍ତକୁ ଯୁଗୀୟ-ସଂକଟ ପ୍ରତି କରିଥାଏ ସଚେତନ ଓ ସମାଧାନକାରୀ। ଦୂତ, ଦୁଆରୀ, ବିଦୂଷକ ଓ ଅଦୃଷ୍ଟକୁମାରୀମାନଙ୍କର ଉପସ୍ଥିତି, ଅଭିନୟ ଓ ସଙ୍ଗୀତ ଆଦି ଏଥିରେ ହୋଇଥାଏ ସବିଶେଷ ସହାୟକ। ନାଟ୍ୟକାରମାନଙ୍କର କବିତ୍ୱ ସହ ସଂସ୍କାରଲିପ୍‌ସା ଏଗୁଡ଼ିକରେ ସହଜରେ ଅନୁଭବ୍ୟ। ବୈଷ୍ଣବ ପାଣିଙ୍କ 'କ୍ଷିତିକି ଭୀତି ହେଲା ପ୍ରବଳ, ପଇସାରେ ପାନ ପାଞ୍ଚଟା ଛଅଟା, ଟଙ୍କାରେ ଛ'ସେର ଅଧେ ଚାଉଳ', ଅଥବା 'ଏ କଳିଯୁଗରେ, ଏଭି ଭଳିକି ଭଳିକି ଢ଼ଙ୍ଗରେ। ପାଟଜମି ଘାସ ଆଣ୍ଠୁଏ ହେଲାଣି ଧାନଫଳେ ଗୋଖୀ ଠେଙ୍ଗରେ', ଅଥବା 'କହ ଟଙ୍କା କେମନ୍ତେ, ତୋତେ କେଉଁ କାରିଗର ତିଆରି କଲା' ପ୍ରଭୃତି ଗୀତପଦର ଅନୁରଣନ କାହା ପ୍ରାଣରେ ବା ଏବେ ବି ଝଙ୍କୃତ ନ ହେଉଛି? ସମକାଳୀନ ସମାଜର ବାସ୍ତବ ଓ ବିଶ୍ୱସ୍ତ ଆଲେଖ୍ୟ ଏଗୁଡ଼ିକରେ ଅଙ୍କିତ। ଏହାଛଡ଼ା ଇନ୍ଦ୍ରଙ୍କର ଗୀତ— 'କାନ୍ଦିଲେ କି ହେବ କରୀନ୍ଦ୍ରଗମନା, ଇନ୍ଦ୍ର କି ସହଜେ ଛାଡ଼ିବ?' ଅଥବା କଂସର ଗୀତ— 'ଦେଖ ଏ ମଥୁରାପୁରୀ, କେଡ଼େ ଶୋଭା ଅଛି ପୂରି, ସୁବର୍ଣ୍ଣ ପାଚେରୀ ଚାରିଦିଗେ, ହେ ମନ୍ତ୍ରୀ' ପ୍ରଭୃତି ବହୁ ସାର୍ଥକ ଓ ରସୋତ୍ତୀର୍ଣ୍ଣ କବିତାର ରଚୟିତା ହେଉଛନ୍ତି ବୈଷ୍ଣବପାଣି।

ମାତ୍ର ଯୁଗୋଚିତ ରୁଚିର ପରିବର୍ତ୍ତନ ଓ ନାଟ୍ୟମଞ୍ଚର ବିକାଶ ସହିତ ଯାତ୍ରା-ନାଟ୍ୟ ଓ ଅଭିନୟ ଆଜି ଯୁଗୋପଯୋଗୀ ସଂସ୍କାର ବରଣ କରିବାକୁ ବାଧ୍ୟ ହୋଇଛନ୍ତି ଓ ହେଉଛନ୍ତି ମଧ୍ୟ। ନୂତନ ଚିନ୍ତା ଓ ନୂତନ ରସଚେତନାର ସଂଚାର ଦ୍ୱାରା ଏହି ଗୀତାଭିନୟଗୁଡ଼ିକୁ ଆମେରିକା ବା ଚୀନ ଦେଶପରି ଆମ ଦେଶରେ ମଧ୍ୟ ପ୍ରଗତିର ବାର୍ତ୍ତାବହ କରାଯାଇପାରେ, ଏଭଳି ଆଶା କରିବା ଏବଂ ସେଥିପାଇଁ ଧ୍ୟାନଦେବା ଆଜି ଜନସାଧାରଣ ତଥା ନାଟ୍ୟସ୍ରଷ୍ଟାମାନଙ୍କର କର୍ତ୍ତବ୍ୟ। ଅସ୍ତାଚଳବାସିନୀ ଉର୍ବଶୀ ଯୌବନର ତନିମା ଓ ଲାବଣ୍ୟରେ ପୁନଃ ପ୍ରତିଷ୍ଠିତ ହୋଇ ନବଯୁଗର ଜନଚିତ୍ତକୁ ରସାମୃତ ପରିବେଷଣ କରୁ, ଏହାହିଁ ଆମର ଆକାଂକ୍ଷା।

■ ■

Digitized by PPRACHIN, SOA

ଓଡ଼ିଆ ସାହିତ୍ୟରେ ଛାୟାବାଦ ଯୁଗର କାବ୍ୟ-ପରମ୍ପରା

ରହସ୍ୟର ଧାରଣା ଓ ଅବବୋଧ ମନୁଷ୍ୟ ଜୀବନର ଯେପରି ଏକ ମୌଳିକ ପ୍ରବୃତ୍ତି, ଶିଳ୍ପୀ ଜୀବନରେ ମଧ୍ୟ ତାହା ସେହିପରି ବଳିଷ୍ଠ ଓ ସହଜାତ ଅନୁଭୂତି। ଯେ କୌଣସି ଉଚ୍ଚାଙ୍ଗ କଳାସୃଷ୍ଟି ମୂଳରେ ଜୀବନର ଏହି ରହସ୍ୟ ଓ ବିସ୍ମୟବୋଧ ବର୍ତ୍ତମାନ। "ଛାୟା ମିଶ୍ର କରେ ଶୋଭେ ବନସ୍ଥଳୀ" ପରି ସୁଖ ଦୁଃଖ, ଆନନ୍ଦ ବେଦନା ଓ ଛାୟାଲୋକର ଅପୂର୍ବ ମିଶ୍ରରାଗରେ ଅନୁରଞ୍ଜିତ ମନୁଷ୍ୟର ରହସ୍ୟ-ବିଜଡ଼ିତ ଜୀବନ କଳାକାର ନିକଟରେ ସୃଷ୍ଟିକର୍ମର ନିତ୍ୟଲୀଳା-ନିକେତନ। ପ୍ରତି ମନୁଷ୍ୟ ପ୍ରାଣର ଏହି ସାମୟିକ ରହସ୍ୟ ଓ ବିସ୍ମୟବୋଧ କବିକଣ୍ଠର ଭାଷାରେ ନିତ୍ୟକାଳୀନ ରସୋତ୍ତୀର୍ଣ୍ଣତା ଅର୍ଜନ କରିଛି ଯେତେବେଳେ କି ସେ ପ୍ରକାଶ କରିଛି— "We are such stuff as dreams are made on and our little life is rounded with a sleep" ଅଥବା "Life is but a walking shadow, a poor player/ that struts and frets his hour upon the stage/ And then is heard no more." ସେକ୍ସପିଅରଙ୍କ ଏହି ବାଣୀ ଆଧୁନିକ ଯୁଗର କବିଗୁରୁ T.S. Eliot ଙ୍କ ଅନୁଭୂତିରେ ଅନ୍ୟ ରୂପରେ ଆତ୍ମପ୍ରକାଶ କରିଛି— "Between the idea and the reality/Between the emotion and the act/Falls the shadow."

ଏହି 'ରହସ୍ୟବାଦ' ଶବ୍ଦଟି ଇଂରାଜୀ 'mysticism' ର ପ୍ରତିଶବ୍ଦରୂପେ ଭାରତୀୟ ଆଞ୍ଚଳିକ ସାହିତ୍ୟରେ ଗୃହୀତ। ମାତ୍ର ଆମ ଦେଶରେ ଏହି ଶବ୍ଦଟିର ବିବିଧ ବ୍ୟାଖ୍ୟା ଦେଖା ଯାଇଥାଏ। "ଅମରକୋଷ"ରେ 'ରହସ୍ୟ' ଶବ୍ଦର ଅର୍ଥ ନିର୍ଜନ ପର୍ଯ୍ୟାୟଭୁକ୍ତ। "ମେଦିନୀକୋଷ"ରେ ଏହାର ଅର୍ଥ ତତ୍ତ୍ୱ, ରତି ବା ଗୁହ୍ୟ। "ରହସି ଭବଂ ରହସ୍ୟମ୍—ଦିଗାଦିତ୍ୱାଦ୍ ଯତ୍।" ଗୋପନୀୟ ମର୍ମ, ନିର୍ଜନ, ଗୂଢ଼ ତତ୍ତ୍ୱ ବା ପରିହାସ ଅର୍ଥରେ ଏହା ଗୃହୀତ। ଭାରତୀୟ ପ୍ରାଚୀନ ବୈଦିକ ସାହିତ୍ୟରେ ଏହି ରହସ୍ୟବୋଧର ଅନୁଭୂତି ବିଚିତ୍ର ଓ ବର୍ଣ୍ଣାଢ୍ୟ ଭାବରେ ଲିପିବଦ୍ଧ। "ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି। ତ୍ୱଂ କୁମାର ଉତବା କୁମାରୀ। ତ୍ୱଂ ଜୀର୍ଣ୍ଣଦଣ୍ଡେନ ବଞ୍ଚସି। ତ୍ୱଂ ଜାତୋ ଭବସି ବିଶ୍ୱେତୋ ମୁଖଃ" (ଅଥର୍ବ ବେଦ) ଅଥବା "ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟାଂ/ସମାନଂ ବୃକ୍ଷଂ ପରିଷସ୍ୱଜାତେ" କିମ୍ବା "ନବଦ୍ୱାରେ ପୁରେ ଦେହୀ ହଂସୋ ଲେଲାୟତେ ବହିଃ" ପ୍ରଭୃତି ଶ୍ଳୋକପଙ୍‌କ୍ତିଗୁଡ଼ିକରେ ଋଷିକବିଙ୍କର ଜୀବନ-ସାଧନାର ରହସ୍ୟାନୁଭୂତି ଉତ୍କୀର୍ଣ୍ଣ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ଆଦିଗ୍ରନ୍ଥ "ବୌଦ୍ଧଗାନ ଓ ଦୋହା" ବା "ଚର୍ଯ୍ୟାଗୀତିକା"ରେ ପ୍ରାୟ ହଜାରେ ବର୍ଷ ତଳେ ସେ କାଳର ସାଧକମାନଙ୍କର ଜୀବନସାଧନାର ରହସ୍ୟାନୁଭୂତିର ଚିତ୍ର ଆମେ ଲକ୍ଷ୍ୟ କରିଥାଉଁ। ସାନ୍ଧ୍ୟ ଭାଷା ବା ରହସ୍ୟଧର୍ମୀ ସାଙ୍କେତିକ ଭାଷାରେ ଏହି କବିତା ବା ଦୋହାଗୁଡ଼ିକ ରଚିତ ହୋଇଥିଲା। ଏହାର ଅନ୍ତରାଳରେ ଜୀବନର ସହଜ ଇନ୍ଦ୍ରିୟାନୁଭୂତିର ଆଲେଖ୍ୟ ଆତ୍ମଗୋପନ କରିଥିଲେ ହେଁ ଶୂନ୍ୟ ଓ ନିର୍ବାଣ-ସାଧନାର ରହସ୍ୟ ମୁଦ୍ରାଙ୍କ ଭଳି ତାହା ଉପରେ ଉତ୍କୀର୍ଣ୍ଣ।

କାଆ ତରୁବର ପଞ୍ଚବି ଡାଳ
ଚଞ୍ଚଳ ଚିଏ ପଇଠ କାଳ॥
ଦିଢ଼ କରିଅ ମହାସୁହ ପରିମାଣ
ଲୁଇ ଭଣଇ ଗୁରୁ ପୁଚ୍ଛିଅ ଜାଣ॥
—ଦୋହାଟି ତାହାର ଏକ ଉଜ୍ଜ୍ୱଳ ନମୁନା।

Madox Ford ତାଙ୍କର The March of Literature ଗ୍ରନ୍ଥରେ ଏକ ସର୍ବକାଳିକ ମନ୍ତବ୍ୟ ଦେଇ କହିଛନ୍ତି "ସହଜ ରସାନୁଭୂତିର ଆଲୋଚନାକୁ ଅନୁସରଣ କରି ସାହିତ୍ୟ ସବୁ ଦେଶରେ ଜନ୍ମଗ୍ରହଣ କରିଥାଏ। ପ୍ରଥମାବସ୍ଥାରେ ତାହାର ପ୍ରକାଶଭଙ୍ଗୀ ସରଳ, ବିସ୍ତୀର୍ଣ୍ଣ ଭାବାବେଶ ବହନ କରି ଓ ଉଦ୍ଦେଶ୍ୟମୁଖୀ ହୋଇ କ୍ରମଶଃ ତାହା ହୁଏ ଅଧିକତର ସରଳ ଓ ଛନ୍ଦହୀନ। ତା ପରେ କାବ୍ୟିକ ରସାନୁଭୂତିର ବିଲୟ ଘଟେ। ଭାଷା ଓ ପ୍ରକାଶଭଙ୍ଗୀ ହୁଏ ଜଟିଳ, କୃତ୍ରିମ ଓ ରୂଢ଼ିବଦ୍ଧ। ଭାଷାର ମନୋରମ କାରୁକମ ଭିତରେ ସାହିତ୍ୟର ଆତ୍ମା ହୁଏ ସଙ୍କୁଚିତ, କିନ୍ତୁ ଏହି କାରୁକମର ମନୋହାରୀ ରୂପବିଭବରେ ଜନସମାଜ ବା କବି ବେଶିଦିନ ମୁଗ୍ଧ ହୋଇ ରହନ୍ତି ନାହିଁ। ବୈଚିତ୍ର୍ୟହୀନ କୃତ୍ରିମତାର କବଳରୁ ମାନବିକତାର ସ୍ୱଭାବସ୍ପନ୍ଦନ ଆତ୍ମା ଲୋଡ଼େ ମୁକ୍ତି। ପୁଣି ଜନ୍ମ ଲଭେ ସହଜ ରସାନୁଭୂତି ଓ ତାହା ଅଭିବ୍ୟକ୍ତି ଲୋଡ଼େ ସରଳ ସୁନ୍ଦର ଓ ସକଳପ୍ରକାର କୃତ୍ରିମ କଳାପାଟବମୁକ୍ତ ପ୍ରକାଶଭଙ୍ଗୀରେ।" ପ୍ରତି ଦେଶରେ ଓ ପ୍ରତି ଯୁଗରେ ସାହିତ୍ୟର କ୍ରମପରିଣାମ ପଥରେ ଏହି ବିବର୍ତ୍ତିତ ଶୃଙ୍ଖଳାକ୍ରମ ଲକ୍ଷ୍ୟଣୀୟ। ଓଡ଼ିଆ ସାହିତ୍ୟ ମଧ୍ୟ ଏହି ନିୟମର ବ୍ୟତିକ୍ରମ ନୁହେଁ। ସହଜ ସୁନ୍ଦର ଐନ୍ଦ୍ରିକ ରସାନୁଭୂତି ମଧ୍ୟରେ ଚର୍ଯ୍ୟାଗୀତି, ଦୋହା, କୋଇଲି ଓ ଚଉତିଶା ଆଦି ଯେଉଁ ଓଡ଼ିଆ ସାହିତ୍ୟ ଜନ୍ମଲାଭ କରିଥିଲା, ଭଣାଛନ୍ଦୋମୟ ସରଳ ବଳିଷ୍ଠଭାବରେ ତାହା ପ୍ରକାଶିତ ହେଲା ସାରଳା, ବଳରାମ, ଜଗନ୍ନାଥଙ୍କ ମନନଶୀଳ, ଉଦ୍ଦେଶ୍ୟମୂଳକ, ସୁବିସ୍ତୃତ ଧର୍ମସାଧନା ଓ ଉଦାର ମାନବିକତାର ସମନ୍ୱୟ ବାଣୀରେ। ଅବଶେଷରେ ଏହା ଶିକାର ହେଲା ଆଳଙ୍କାରିକ କାବ୍ୟଯୁଗର ରୀତିବନ୍ଧ, କୃତ୍ରିମ କଳାପାଟବସର୍ବସ୍ୱ, ରୂଢ଼ିବଦ୍ଧ ରଚନାପଦ୍ଧତିର। ଓଡ଼ିଆ ସାହିତ୍ୟର ଏହା ସ୍ୱାଭାବିକ କ୍ରମ ପରିଣତି।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ମଧ୍ୟଯୁଗରେ ଆଳଙ୍କାରିକ କାବ୍ୟଯୁଗର ଅବ୍ୟବହିତ ପୂର୍ବରୁ ଦେଖା ଦେଇଥିଲା ଧାର୍ମିକ-ସାଧନାର ପଞ୍ଚସଖା ଯୁଗ। ପଞ୍ଚସଖାମାନେ ମୁଖ୍ୟତଃ ଥିଲେ ଶୂନ୍ୟବାଦୀ। ସମଗ୍ର ପଞ୍ଚସଖା ଓ ସେହି ମତବାଦୀ ସାହିତ୍ୟରେ ଶୂନ୍ୟପୁରୁଷ ଅଲେଖ ଓ ନିରଞ୍ଜନ ଆଦି ନାମରେ ପ୍ରକୀର୍ତ୍ତିତ ହୋଇଛନ୍ତି। ଏହି ଶୂନ୍ୟବାଦର ମୂଳଉତ୍ସ ଓ ପ୍ରେରଣା ବୌଦ୍ଧଧର୍ମର 'ନିର୍ବାଣ ସାଧନା' ମଧ୍ୟରେ ନିହିତ। ଚର୍ଯ୍ୟାଗୀତିକାର ପଦାବଳୀଗୁଡ଼ିକରେ ଏହାର ମୂଳବୀଜ ଲକ୍ଷ୍ୟଣୀୟ। ସୃଷ୍ଟିତତ୍ତ୍ୱ ବା ସୃଷ୍ଟିରହସ୍ୟର ବିଶ୍ଳେଷଣ ପଞ୍ଚସଖା ମତବାଦରେ ଏକ ଉଲ୍ଲେଖଯୋଗ୍ୟ ବୈଶିଷ୍ଟ୍ୟ। 'ଶୂନ୍ୟସଂହିତା', 'ବ୍ରହ୍ମାଣ୍ଡ ଭୂଗୋଳ', 'ତୁଳାଭିଣା', 'ପ୍ରେମଭକ୍ତି ଗୀତା', 'ଅଣାକାର ସଂହିତା', 'ନିର୍ଗୁଣ ମାହାତ୍ମ୍ୟ' ବା 'ବିଷ୍ଣୁଗର୍ଭ ପୁରାଣ' ପ୍ରଭୃତି ସେ ଯୁଗର କାବ୍ୟ-ସାହିତ୍ୟରେ ଧର୍ମସାଧନାର ରହସ୍ୟ ଓ ବିବରଣୀ ଲିପିବଦ୍ଧ, ମାତ୍ର ଏହି ରହସ୍ୟବାଦୀ ସାହିତ୍ୟ ପ୍ରଧାନତଃ ଥିଲା ତତ୍ତ୍ୱାଶ୍ରୟୀ– ରସ-ବିଚାରଦୃଷ୍ଟିରୁ ଶୁଷ୍କ ଓ ନିର୍ଜୀବ।

ପରବର୍ତ୍ତୀ କାଳରେ ଏହି 'ରହସ୍ୟବାଦ' 'ଛାୟାବାଦ' ନାମରେ ନୂତନ ଅଭିବ୍ୟକ୍ତି ଅର୍ଜନ କରି ସାହିତ୍ୟକୁ କରିଛି ଛନ୍ଦୋମୟ, ରସାଣିତ, ଲୀଳାଚଞ୍ଚଳ ଓ ଜୀବନମୁଖୀ। ଏଥିରେ ତତ୍ତ୍ୱ ହୋଇଛି ଗୌଣ, ରସଦୃଷ୍ଟି ବା ଜୀବନର ରହସ୍ୟ ଓ ବିସ୍ମୟବୋଧ ହୋଇଛି ମୁଖ୍ୟ। ଇଂରାଜୀ ସାହିତ୍ୟର ରୋମାଣ୍ଟିକ ଯୁଗର ଆଂଶିକ ଚାରିତ୍ରିକ ପ୍ରଭାବ ଓ ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ବା Symbolist movement ର ସୁଦୂରପ୍ରସାରୀ ପ୍ରତିକ୍ରିୟା ସହିତ ଭାରତୀୟ ବ୍ରହ୍ମସାଧନା ବା ପାରସିକ ସୁଫୀ ମତବାଦର ମରମୀ ଚିନ୍ତାଧାରା ଏକାଧାରରେ ସମନ୍ୱିତ ହୋଇ ଏହି ନୂତନ ସାରସ୍ୱତ ଆଭିମୁଖ୍ୟକୁ କରିଛନ୍ତି ପରିପୁଷ୍ଟ ଓ ରସାପ୍ଲୁତ।

ପଞ୍ଚସଖା ସାହିତ୍ୟରେ ହୁଏତ ଆମେ ଦିନେ ପଢ଼ିଥିଲୁ–

'ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା' ବା
'ନୀଳ କନ୍ଦବଟ ମୂଳେ
ନିତ୍ୟ ଖେଳେ ହଂସ ଯମୁନା ଜଳେ ଲୋ।
ଲେଉଟି ହଂସ ପିଉଛି ପାଣି।
ଲାଞ୍ଜରେ ଥଣ୍ଟ ଦେଉଛି ହାଣି ଲୋ' ବା
'ବଙ୍କନାଳ ଭିତରେ ଚିତ୍ତକୁ ନେଇ ରଖ
ବଇଁଶି ଧ୍ୱନିକି ହେରି ବିଜୟ ଅଲେଖ।
ଭଗାରି ପଟିଶି ମୋର ମନ ସ୍ଥିର ହେଉ
ଅନାଦିକି ଇଚ୍ଛାକର ବାଞ୍ଛା ଫଳ ହେଉ।'

ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗର ଅଯମାରମ୍ଭରେ ଏହାକୁ ପରିବର୍ତ୍ତିତ ଭାଷାରୂପରେ ଆମେ ପଢ଼ିଲୁ–

Digitized by PPRACHIN, SOA

'ଅମୃତ ମୂରତି ଆହା ରୂପ ନିରୁପମ
ଅନନ୍ତ ଅନନ୍ତ ବ୍ୟାପି ସ୍ଥାବର ଜଙ୍ଗମ।
ଦେଶକାଳାତୀତ ଦୃଶ୍ୟ କଳ୍ପନା ଅତୀତ
ଅଥଚ ଜ୍ୟୋତିର ଜ୍ୟୋତି ଚକ୍ଷୁ ଅଗ୍ରେ ସ୍ଥିତ।'

କିନ୍ତୁ ରହସ୍ୟଭିତ୍ତିକ ଛାୟାବାଦୀ ଯୁଗର ଓଡ଼ିଆ କାବ୍ୟ ସାହିତ୍ୟରେ ଏହି ଚିନ୍ତାଧାରାର ନୂତନ ସ୍ୱର-ମୂର୍ଚ୍ଛନା ଆମେ ପୁଣି ଶୁଣିଲୁ ଯେତେବେଳେ ଆମେ ପଢ଼ିଲୁ–

'ମାନସ ହଂସ ମୁଁ ମାନସେ ଯିବି ଉଡ଼ି
ମୋ ଦୋଷେ ପଥ ହୁଡ଼ି ଭରମେ ଅବିରତ।
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା,
ତୃପତ ହେଲା ତେବେ ଲୋଡ଼ଇ ଏ ମରତ।'
'ପରାଣ କୁଞ୍ଜେ ଗୋ ତାର ମୁରଲି ଧ୍ୱନି
ପରାଣ ପବନେ ଗୋ ତା ଶୁଭ ଆଗମନୀ।
ଜୀବନେ ଦେବା ନେବା ଭିଆଣ ସବୁ ତା'ର
ସେ ମହାଦାନୀ ହସେ ପରାଣେ ଦେଖି ନାହୁଁ।'

ଅଥବା 'କିଏ ସେ ଡାକୁଛି ନଈ ସେପାରିରେ
ରହି ରହି କେତେ ବାଗରେ
ଦୋଦୋଚିହ୍ନା ସ୍ୱର ଶୁଣିଥିଲି ପରା
କେତେ ଯୁଗ ଯୁଗ ଆଗରେ।
କେଉଁ ଉହାଡ଼ରେ ଥାଇ ସେ ଡାକୁଛି
ଖଣ୍ଡି ସ୍ୱର ତା'ର ନ ହେଉଛି ବୁଝି
କେଉଁ ଗୁହା ଭେଦି ପହଁରି ଆସିଛି
କେଉଁ ନିଛାଟିଆ ସାଗରେ।

ଅଥବା 'ଗାଇଲି ବସି ମୁଁ ଦୁଆରେ ତୁମର
ଦିବାନିଶି ଦୁଃଖରାଗିଣୀ
ଶୁଣିବା କଥା ତ ଦୂରେ ଥାଉ ତୁମେ
ଭାଙ୍ଗି ଦେଲ ମୋର ଖଞ୍ଜଣି।
କଟୁ ବଚନର ଅଚରାଳେ ଲୁଚି
ରହି ନ ପାରୁଛି ହସଟି
ମନର ପରଖ ମନ ସିନା ସଖା
ସୁନାର ପରଖ କଷଟି,
କୋଟି କଣ୍ଟା ପଛେ ବିନ୍ଧୁ ମୋ ଶରୀରେ
ତିନ୍ତୁ ପଛେ ବାସ ତପତ ରୁଧିରେ
ଅମୃତ ଶ୍ରୀକରେ ଛୁଇଁ ଯାଅ ବାରେ
ହେବି ମୁଁ ଅମର ଧରାରେ।'

Digitized by PPRACHIN, SOA

ଏହି କାବ୍ୟ-ପଙ୍‌କ୍ତିଗୁଡ଼ିକ ଯଥାକ୍ରମେ କବି ବୈକୁଣ୍ଠନାଥ, କାନ୍ତକବି ଲକ୍ଷ୍ମୀକାନ୍ତ ଓ ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କର। ଏମାନଙ୍କର କାବ୍ୟିକ ଅନୁଭୂତିରେ ରୂପ ଓ ଅରୂପ, ସୀମା ଓ ଅସୀମ, ଶାନ୍ତ ଓ ଅନନ୍ତର ମିଳନର ରାକ୍ଷୀସୂତ୍ର ଯେପରି ଗ୍ରଥିତ ବିଶ୍ୱକବି ରବୀନ୍ଦ୍ରନାଥଙ୍କର 'ଆମି ଚଞ୍ଚଲ ହେ, ଆମି ସୁଦୂରେର ପିୟାସୀ' ବା ଇଂରାଜୀ କବି ବ୍ଲେକ୍‌ଙ୍କର—

'A world in a grain of sand
And heaven in a wild flower
Hold infinity in a palm
And eternity in an hour'

ମଧ୍ୟରେ ଯେଉଁ ରସାସ୍ୱାଦ ଓ ରହସ୍ୟାନୁଭୂତି ରହିଛି, ତାହା ଏହି ଉଲ୍ଲିଖିତ କବିତ୍ରୟୀଙ୍କ ରଚନା ମଧ୍ୟରେ ଆମେ ଆସ୍ୱାଦନ କରିଥାଉଁ।

ଅତୀତ କାଳର ରହସ୍ୟବାଦୀ କବିତାରେ ମୁଖ୍ୟତଃ ବ୍ରହ୍ମ ଓ ଜୀବନର ସମ୍ବନ୍ଧ ହୋଇଥିଲା ନିରୂପିତ; ମାତ୍ର ଏହି ନୂତନ ରହସ୍ୟଧର୍ମୀ, ମରମୀ ଓ ଛାୟାବାଦୀ କବିତାରେ ଆମେ ଅନୁଭବ କରୁ ଆମରି ଆପଣା ଜୀବନର ଛାୟାଲୋକ-ସମ୍ବଳିତ ରୂପ-ରହସ୍ୟ। ଆଧୁନିକ ମରମୀ କବି ନିଜ ସୃଷ୍ଟି ମଧ୍ୟରେ ଭାବାବେଶ, କଳ୍ପନାବିଳାସିତା ଓ ଅତୀନ୍ଦ୍ରିୟ ଦାର୍ଶନିକ ଚେତନାର ସାର୍ଥକ ସମନ୍ୱୟ ସଂଘଟିତ କରି ତା'ର କାବ୍ୟକବିତାକୁ କରିଥାଏ ମନୋଜ୍ଞ ଓ ବର୍ଣ୍ଣମଞ୍ଜୁଳ। ପ୍ରଥମ ବିଶ୍ୱଯୁଦ୍ଧର ପରବର୍ତ୍ତୀକାଳରେ ଏହି କାବ୍ୟିକ ମତବାଦ ଭାରତୀୟ ସାହିତ୍ୟରେ ଆମେ ଲକ୍ଷ୍ୟ କରୁଁ। ରବୀନ୍ଦ୍ରନାଥଙ୍କର 'ଗୀତାଞ୍ଜଳି'ର ପ୍ରେରଣା ଓ 'ଜୀବନଦେବତା'ର ଧାରଣା ଏ ଯୁଗର କବିମାନସକୁ ବହୁଳାଂଶରେ ପ୍ରଭାବିତ କରିଛି।

ହିନ୍ଦୀ ସାହିତ୍ୟରେ ମୈଥିଳୀଶରଣ ଗୁପ୍ତ, ମୁକୁଟଧର ପାଣ୍ଡେ, ମହାଦେବୀ ବର୍ମା, ଜୟଶଙ୍କର, ସୁମିତ୍ରାନନ୍ଦନ ପନ୍ଥ ଓ ସୂର୍ଯ୍ୟକାନ୍ତ ତ୍ରିପାଠୀଙ୍କର ରଚନାବଳୀରେ ଏହି ଛାୟା-କବିତାର ବିଭାବ ଓ ବିଭବ ଦୃଷ୍ଟିଗୋଚର ହୋଇଥାଏ। ପ୍ରକୃତିର ସାଧାରଣ ଓ ଅସାଧାରଣ ସମସ୍ତ ରୂପ ଉପରେ ସେମାନେ ପ୍ରେମପୂର୍ଣ୍ଣ ଦୃଷ୍ଟିପାତପୂର୍ବକ ଭାଷାକୁ ଚିତ୍ରମୟ, ସଜୀବ ଓ ମାର୍ମିକ ରୂପ ପ୍ରଦାନ କରିଛନ୍ତି। ଛାୟାବାଦୀ କଳାକାରଗଣ ମୁଖ୍ୟତଃ ସୌନ୍ଦର୍ଯ୍ୟବାଦୀ। ଏହି ସୌନ୍ଦର୍ଯ୍ୟବାଦ ଶରୀରସମ୍ବନ୍ଧୀ ନୁହେଁ। 'ସୀମାର ମାଝେ ଅସୀମ ତୁମି ବାଜାଓ ଆପନ୍ ସୁର' ପରି ତାହା ଅଶରୀରୀ ଓ ଅନ୍ତଃସୌନ୍ଦର୍ଯ୍ୟାଶ୍ରୟୀ। ଏମାନଙ୍କ ପ୍ରେମ ବର୍ଣ୍ଣନାରେ ଭୋଗବାସନା ବା ଭୌତିକତା ନାହିଁ— ଅଛି ପ୍ରେମର ସୂକ୍ଷ୍ମ ଆଧାତ୍ମିକ ରୂପ।

'ଏ ଯାତ୍ରୀର ଆତ୍ମସତ୍ତା
ତବ ପ୍ରୀତି ସ୍ମୃତି ଇତିହାସ

Digitized by PPRACHIN, SOA

ବିସ୍ମୃତ ଯେସନେ ସତ୍ୟ
ମାତ୍ର ନିତ୍ୟ ପରମ ପ୍ରକାଶ'
ଅଥବା 'ଏ ସୃଷ୍ଟି ପ୍ରଚ୍ଛନ୍ନ ସତ୍ୟ ଏକ ରୂପଶିଖା
ଶିଖାଇ ସରଳ କରେ ଶତ-ପ୍ରହେଳିକା
ସସୀମ ସେ ରୂପ ତବ ଆଗୋ ରୂପରାଣୀ
ବହି ଦିଶେ କି ବିଚିତ୍ର ଅସୀମର ବାଣୀ' (ବୈକୁଣ୍ଠନାଥ)
ଅଥବା 'ଏ ମଧୁ ଯାମିନୀ ହେବ କି ହେ ତବ
ମଧୁର ପରଶ-ବଞ୍ଚିତ,
ବିଜନେ କୁସୁମ ଶୟନେ
ଅଧରେ ଅଧର ହୃଦୟେ ହୃଦୟ
ନୟନ ଅରପି ନୟନେ,
କେତେ ଜନମର ଅକୁହା କାହାଣୀ
ଗୋପନେ କହିବି କିଞ୍ଚିତ।' (ଲକ୍ଷ୍ମୀକାନ୍ତ)

ପ୍ରଭୃତି କାବ୍ୟ-ପଙ୍‌କ୍ତିଗୁଡ଼ିକରେ ଏହି ପ୍ରଣୟାଦର୍ଶ ଅଙ୍କିତ। ଛାୟାବାଦୀ କବିତାରେ ଅଦୃଷ୍ଟ ଓ ଅଜ୍ଞେୟ ପ୍ରତି ପ୍ରେମଭାବନା, ଲୌକିକ ପ୍ରେମରେ ଅପାର୍ଥିବ ପ୍ରେମର ପ୍ରକାଶ, ଅପ୍ରାକୃତିକ ଓ ଅମାନବରେ ପ୍ରାକୃତ ଓ ମାନବ, ଜଡ଼ରେ ଚୈତନ୍ୟ ଏବଂ ସ୍ଥୂଳରେ ସୂକ୍ଷ୍ମବୋଧ ପ୍ରଭୃତି ବୈଶିଷ୍ଟ୍ୟଗୁଡ଼ିକ ପ୍ରତିପାଦିତ ହୋଇଥାଏ। ଏଥିରେ ପ୍ରକୃତି ଜୀବନର ସଧର୍ମୀ ଓ ଅନ୍ତରଙ୍ଗ। ଛାୟାବାଦୀ କବି ଦୂର୍ବାଦଳରେ ଶୀକର ପଙ୍‌କ୍ତି ଦର୍ଶନ କରି ଜୀବନର ବ୍ୟଥାସିକ୍ତ ଲୋତକର ସନ୍ଧାନ ଲାଭ କରିଛି।

'ଦେଖିଲି କ୍ଷୁଦ୍ର କୁସୁମେ ଜଡ଼ିତ
ସ୍ନିଗ୍ଧ ଶିଶିର ବିନ୍ଦୁ
(ମୋର) ସାର୍ଥକ-ପ୍ରୀତି-ଉପମା-ପିପାସା
ଉଚ୍ଛୁଳେ ଅଶ୍ରୁ ସିନ୍ଧୁ।
ଦଗ୍ଧ ହୃଦୟେ ରୋପି ସେ ଅଶ୍ରୁ
ଗର୍ବେ ଉଠିଲି ଗାଇ,
ପଢ଼ିଛି ଯେତେ ମୁଁ କାବ୍ୟ କବିତା
ଏ ଉପମା କାହିଁ ନାହିଁ।'

ଏହା ହିଁ ଏ ଯୁଗର କାବ୍ୟିକ ଉଚ୍ଚାରଣ। ପ୍ରକୃତିର ମାନବୀକରଣ ଏ କାଳର କବିତାର ପ୍ରଧାନ ବୈଶିଷ୍ଟ୍ୟ।

ଓଡ଼ିଆ କାବ୍ୟ-ସାହିତ୍ୟରେ ଏହି ଛାୟାବାଦୀ କାବ୍ୟଧାରାର ଆଦି ଉତ୍ସ ପୂର୍ବବର୍ତ୍ତୀ ସାରସ୍ୱତ ଯୁଗମାନଙ୍କରେ ଲକ୍ଷିତ ହେଲେ ହେଁ ଏହାର ସରସ ଓ ବର୍ଣ୍ଣାଢ୍ୟ ଚିତ୍ର ବଙ୍ଗ ସାହିତ୍ୟର 'କଲ୍ଲୋଳ ଯୁଗ' ପରି ଓଡ଼ିଆ ସାହିତ୍ୟର 'ସବୁଜ ଯୁଗ'

Digitized by PPRACHIN, SOA

ଓ ତାଙ୍କର ସମକାଳୀନ କବିମାନଙ୍କ କାବ୍ୟକୃତିରେ ଆମେ ସମଧିକ ପରିମାଣରେ ଲକ୍ଷ୍ୟ କରୁଁ। ଏ ଯୁଗର କବି ଏକ ଦିଗରେ ଛନ୍ଦବୈଚିତ୍ର୍ୟ ସମ୍ପାଦନ କରି ଯେପରି ଗାଇଛି–

'ଜଗତେ ହଜେ ନା କିଛି ହଜେ ଜୀବନେ
ବାହାରେ ବେଦନା ନାହିଁ ବେଦନା ମନେ।'

ଅଥବା 'ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ
ଅଚକ୍ଷୁ ଅଚଳେ କାହିଁ ଲୁଚିଛି ସେ ବ୍ୟଥା
ସନ୍ଧ୍ୟା ଗଗନେ ଶୁଣିଲି ଆଜି ଯେ କଥା।'

ଅନ୍ୟ ଦିଗରେ ସେହିପରି ସେ ଗାଇଚି,

'ଘୂରି ଘୂରି ଭାସି ବୁଡ଼ି ବିକଳେ ବିହ୍ୱଳେ
ପିଇବି ଆକଣ୍ଠ ଭରି ଜୀବନର ମଦ୍ୟେ
ସର୍ବାଙ୍ଗେ ବହ୍ନିର ନୃତ୍ୟ କଣ୍ଠେ ବହ୍ନିମାଳା
ନୟନେ ବିଜୁଳି ବକ୍ଷେ ବଜ୍ର ବହ୍ନିଜ୍ୱାଳା।'

ପୂର୍ବରୁ କହିଛି, ରହସ୍ୟ ଚେତନା ବା ବିସ୍ମୟବୋଧ ସ୍ରଷ୍ଟାଜୀବନର ନିତ୍ୟ ସହଚର ଓ ଅନୁଭୂତି। ଏ ଯୁଗର କବି ସେହି ସର୍ବକାଳୀନ ଅନୁଭୂତିକୁ ତେଣୁ ପ୍ରକାଶ କରିଛି–

'At the still point of the turning world
Neither flesh nor fleshless
Neither from nor onwards
... Except for the point the still point'

ଏବଂ ଯେଉଁଭଳି ଅବସ୍ଥାରେ 'The fire and the rose are one', ଉତ୍କଳୀୟ କବି ମଧ ଠିକ୍ ସେହିପରି ପ୍ରକାଶ କରିଛି–

'ସେ ମୃତ୍ୟୁର ବୀଜ ପୋତା ଅଛି
ମୋ ଛାଇରେ, ଛାୟା ପ୍ରତିମାରେ
ସେ ବୀଜରେ, ମୋର ଇ ଜୟନ୍ତୀ
ଜୀବନର ସୁନ୍ଦର ଶ୍ରାବନ୍ତୀ।'

ଏହି ସ୍ୱର ବହୁ ଆଧୁନିକ ଓ ସମକାଳୀନ ସ୍ରଷ୍ଟାଙ୍କ ନିକଟରେ ଶ୍ରୁତି ଗୋଚର।

■ ■

Digitized by PPRACHIN, SOA

ପାଷାଣୀର ପ୍ରାଣ

(କ) ବିଲୋକି ବିଲୋକି ପୁଚ୍ଛା କଲେ ଦାଶରଥି
ବରାଙ୍ଗନା ହେଲା ଶିଳା କି ବଷୟ ଏଥି? (ବୈଦେହୀଶ ବିଳାସ)
(ଖ) ଭାଷିଲେ ଗୌତମ ନାରୀ, ଏଡ଼େ ଅନାୟାସେ
ଛଳିବ ନାରୀରେ ପୁଣି ନିରୁପମ ରୂପେ?
ସବୁଦିନେ ନାରୀ ନିଜ ରୂପ ମୋହ-କୂପେ
ମଜୁଥିବ ହେ ପୁରୁଷ? ଭ୍ରାନ୍ତ ଏ ଧାରଣା,
ଅହଲ୍ୟା ନୋହିବ ଆଉ ରୂପବନେ ବଣା
ଅହଲ୍ୟା ନୁହଇ ଆଉ ଆଶୁ ପ୍ରଣୟିନୀ
ପାଷାଣୀ ସେ ପୁରୁଷର ଚତୁର ଦୟିନୀ
ଶୁଣିବ ନାହିଁ ସେ ଆଉ, ରୂପର ପିପାସା
ବହୁଦିନୁ ମେଣ୍ଟିଛି ତା, ନାରୀର ଏ ଭାଷା
ଶୁଣି ଦାଶରଥି ଚିତ୍ତେ ଉପୁଜିଲା ବ୍ୟଥା,
ବିସ୍ମୟେ ମୁନିଙ୍କୁ ଚାହିଁ ପୁଚ୍ଛିଲେ ବାରତା
କିଏ ଏହି ପାଗଳିନୀ? କି ବେଦନା-ଭାରେ
ପୋଡ଼ି ମରି ଘୂରିବୁଲେ ଏ ଘୋର କାନ୍ତାରେ?''(ପାଷାଣୀ-ମହେଶ୍ୱର ନାୟକ)

ଭାରତବର୍ଷର ନିତ୍ୟ ସ୍ମରଣୀୟା ପଞ୍ଚକନ୍ୟାଙ୍କ ମଧ୍ୟରୁ ଗୌତମ-ପତ୍ନୀ ଅହଲ୍ୟାଙ୍କର ପାଷାଣ-ରୂପାନ୍ତର ଓ ପାଷାଣୀ-ପ୍ରାଣର ପ୍ରସଙ୍ଗ ଉଲ୍ଲିଖିତ ଦୁଇଟି ଉଦ୍ଧୃତି ମଧ୍ୟରେ ସ୍ପଷ୍ଟ; ମାତ୍ର ଏ ଦେଶର ପୌରାଣିକ ପରମ୍ପରାରେ ଅହଲ୍ୟାଙ୍କର ଇତିକଥା ଯେପରି ବର୍ଣ୍ଣିତ, ତାହା ସହିତ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ-ବିପଞ୍ଚୀର ସ୍ୱର ଯେଉଁ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଛି, ତାହା ଦ୍ୱିତୀୟ ଉଦ୍ଧୃତିଟି ମଧ୍ୟରେ ଦୁର୍ଲଭ। ଦ୍ୱିତୀୟ ଉଦ୍ଧୃତିଟି ଜଣେ ଆଧୁନିକ କବିଙ୍କର ଏବଂ ତାଙ୍କର 'ପାଷାଣୀ' କାବ୍ୟଟିର ପ୍ରଥମ ମୁଦ୍ରଣ ୧୯୪୧ରେ ପ୍ରକାଶିତ। ଅହଲ୍ୟାଙ୍କର ଚିତ୍ର ଓ ଚରିତ୍ର ପୌରାଣିକ ପରମ୍ପରାଠୁଁ ଏଥିରେ ବିଚ୍ଛିନ୍ନ ହେଲେ ମଧ୍ୟ ଆଦିକବି ବାଲ୍ମୀକିଙ୍କ ଚିତ୍ରଣ ସହିତ ଏହା ଅଧିକତର ବାସ୍ତବ ଓ ବିଶ୍ୱସ୍ତ ସ୍ୱରସାମ୍ୟ ରକ୍ଷା କରିଚି। ଏଥିରେ ଅହଲ୍ୟାଙ୍କୁ 'ପାଷାଣୀ' ରୂପରେ ଚିତ୍ରିତ ବା କଳ୍ପିତ କରାଯାଇ ନାହିଁ। ଏ ଅହଲ୍ୟା ହେଉଛନ୍ତି ରକ୍ତ-ମାଂସର ଶରୀରଧାରିଣୀ ନାରୀ। ଆତ୍ମକୃତ ପାପର ପ୍ରାୟଶ୍ଚିତପାଇଁ ଅନୁତାପର ଅଗ୍ନି-ଦହନ ମଧ୍ୟରେ ସେ ହୋଇଛନ୍ତି ନିର୍ମଳା ଓ ନିତ୍ୟସ୍ମରଣୀୟା।

Digitized by PPRACHIN, SOA

ଆଦିକବି ବାଲ୍ମୀକି ତାଙ୍କର ମହାକାବ୍ୟ ମଧ୍ୟରେ ସକଳ ବିଶ୍ୱାସ୍ୟ ଓ ଅବିଶ୍ୱାସ୍ୟ ଚିତ୍ରଣ ମାଧ୍ୟମରେ ମାନବ-ଚରିତ୍ରର ଯେଉଁ ବିରାଟ ସମ୍ଭାବନା ଓ ସତ୍ତାର ଚିତ୍ର ପ୍ରଦାନ କରିଛନ୍ତି, ଅହଲ୍ୟାଙ୍କର ନାରୀଚରିତ୍ର ସେଥିମଧ୍ୟରୁ ଅନ୍ୟତମ ; ମାତ୍ର ପୁରାଣ-କଥାରେ ଅହଲ୍ୟାଙ୍କର ଚରିତ୍ର ଯେପରି ଚିତ୍ରିତ, ତାହା ଏଠାରେ ସଂକ୍ଷିପ୍ତ ଭାବରେ ନିମ୍ନରେ ଦିଆଯାଉଛି ।

"ଅହଲ୍ୟା ହେଉଛନ୍ତି ବ୍ରହ୍ମାଙ୍କର ମାନସୀ କନ୍ୟା ଓ ଶତାନନ୍ଦଙ୍କର ଜନନୀ । 'ହଲ' ଶବ୍ଦର ଗୋଟିଏ ଅର୍ଥ ହେଉଛି କଦର୍ଯ୍ୟତା । ସକଳପ୍ରକାର ହଲ୍ୟ ବା ବିରୂପତାଶୂନ୍ୟ ଅଦ୍ୱିତୀୟା ସୁନ୍ଦରୀ ବୋଲି ସତ୍ୟଯୁଗରେ ସ୍ରଷ୍ଟା ବ୍ରହ୍ମା ତାଙ୍କର ସୃଷ୍ଟ ମାନସପୁତ୍ରୀଙ୍କୁ ଅହଲ୍ୟା ନାମ ଦେଇଥିଲେ । ବ୍ରହ୍ମା ଅହଲ୍ୟାଙ୍କୁ ବହୁଦିନ ସକାଶେ ଗୌତମଋଷିଙ୍କର ନିକଟରେ ରକ୍ଷଣାବେକ୍ଷଣର ଭାର ପ୍ରଦାନ କରିଥିଲେ ଏବଂ ଗୌତମ ମଧ୍ୟ ସଂଯତ-ଚିତ୍ତ ହୋଇ ପୁନର୍ବାର ତାହାଙ୍କୁ ପବିତ୍ର ଓ ନିଷ୍କଳଙ୍କ ଅବସ୍ଥାରେ ବ୍ରହ୍ମାଙ୍କୁ ପ୍ରତ୍ୟର୍ପଣ କରିଥିଲେ । ବ୍ରହ୍ମା ଏଥିରେ ସନ୍ତୁଷ୍ଟ ହୋଇ ଗୌତମଙ୍କ ହାତରେ ଅହଲ୍ୟାଙ୍କୁ ଦାନ କରିଥିଲେ । ଅହଲ୍ୟା ହେଉଛନ୍ତି ଗୌତମଋଷିଙ୍କର ସ୍ତ୍ରୀ ଓ ଧର୍ମପତ୍ନୀ । ଗୌତମଙ୍କ ସହିତ ଅହଲ୍ୟାଙ୍କର ବିବାହ ସମ୍ପନ୍ନ ହେବାରୁ ଇନ୍ଦ୍ର ଈର୍ଷାନ୍ୱିତ ହୋଇ ଉଠିଥିଲେ । କାରଣ ସେ ମନେ କରିଥିଲେ ଯେ, ଏଇ ଅପୂର୍ବ ରୂପସୀ ଅହଲ୍ୟା ତାଙ୍କରିହିଁ ପ୍ରାପ୍ୟ । ଦିନେ ଗୌତମ ସ୍ନାନ କରିବା ସକାଶେ ଆଶ୍ରମରୁ ଅନ୍ୟଆଡ଼େ ଚାଲିଯିବା ପରେ ଦେବରାଜ ଇନ୍ଦ୍ର ଗୌତମଙ୍କ ରୂପ ଧାରଣ କରି ଅହଲ୍ୟାଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ତାଙ୍କର ସଙ୍ଗମ ପ୍ରାର୍ଥନା କଲେ । ଅହଲ୍ୟା ଦେବରାଜଙ୍କୁ ଚିହ୍ନିପାରି ମଧ୍ୟ ସେ ସମୟରେ କାମାର୍ତ୍ତ ଥିଲେ ବୋଲି ଦୁର୍ମତିବଶତଃ ତାଙ୍କଦ୍ୱାରା କାମନା ପରିତୃପ୍ତ କରିଥିଲେ । ଇନ୍ଦ୍ର ସେହି ସ୍ଥାନ ପରିତ୍ୟାଗ କରିବା ପୂର୍ବରୁ ଗୌତମ ଉପସ୍ଥିତ ହୋଇଥିଲେ ଏବଂ ଇନ୍ଦ୍ରଙ୍କୁ ଦେଖି କ୍ରୁଦ୍ଧ ଗୌତମ ଅଭିଶାପ ଦେଇଥିଲେ ଯେ ସେ ନପୁଂସକ ହେବେ । ଏହି ଅଭିଶାପ ଦ୍ୱାରା ଇନ୍ଦ୍ରଙ୍କର ଅଣ୍ଡକୋଷ ସହସା ସ୍ଖଳିତ ହେଲା । ଏହାପରେ ଇନ୍ଦ୍ର ଦେବଗଣଙ୍କ କାର୍ଯ୍ୟ ସାଧନ କରିଥିବାରୁ ପିତୃଦେବଗଣଙ୍କ ନିକଟରେ ନିଜର ଦୁର୍ଦ୍ଦଶା ପ୍ରସଙ୍ଗ ଜଣାଇଥିଲେ ଏବଂ ଶାପମୁକ୍ତି ସକାଶେ ଅନୁରୋଧ କରିଥିଲେ । ଅଗ୍ନିଙ୍କ ସାହାଯ୍ୟ ଓ ନିର୍ଦ୍ଦେଶରେ ଦେବଗଣ ଗୋଟିଏ ମେଷାଣ୍ଡ ଉତ୍ପାଟିତ କରି ଇନ୍ଦ୍ରଙ୍କ ଦେହରେ ସଂଯୁକ୍ତ କରିଥିଲେ । ଗୌତମ ପୁଣି ଅହଲ୍ୟାଙ୍କୁ ଅଭିଶାପ ଦେଇଥିଲେ ଯେ, ତୁମେ ରୂପ-ଯୌବନ-ସମ୍ପନ୍ନା ହେଲେ ମଧ୍ୟ ତୁମର ମନ ଅସ୍ଥିର ଓ ଚଞ୍ଚଳ । ସୁତରାଂ ଜଗତରେ ତୁମେହିଁ କେବଳ ରୂପବତୀ ହୋଇ ରହିବ ନାହିଁ । ସହସ୍ର ବର୍ଷର ତୁମକୁ ଏଠାରେ ଅଦୃଶ୍ୟ ଅବସ୍ଥାରେ ବାୟୁଭୁକ୍ ହୋଇ ଅନାହାରରେ ଅନୁତପ୍ତ ହୃଦୟରେ ଜୀବନ ଯାପନ କରିବାକୁ ପଡ଼ିବ । ଦିନେ ଯେତେବେଳେ ରାମଚନ୍ଦ୍ର ଏହି ଗଭୀର ଅରଣ୍ୟକୁ ଆଗମନ କରିବେ, ସେତେବେଳେ ତାଙ୍କର ଅତିଥି ସତ୍କାର କରି ତୁମେ ଶାପମୁକ୍ତ ହେବ । ଏହା ପରେ ଦିନେ ରାମଚନ୍ଦ୍ର ଗୌତମଙ୍କ ଆଶ୍ରମକୁ ଆସିବା ପରେ ଅହଲ୍ୟା ସର୍ବଶାପମୁକ୍ତା ହେଲେ ।

Digitized by PPRACHIN, SOA

ବେଦର ଭାଷ୍ୟକାର କୁମାରିଲଭଟ୍ଟଙ୍କ ମତରେ ଅହଲ୍ୟା-ଇନ୍ଦ୍ର-ଉପାଖ୍ୟାନ ଗୋଟିଏ ରୂପକମାତ୍ର। ଇନ୍ଦ୍ର ସୂର୍ଯ୍ୟର ଏବଂ ଅହଲ୍ୟା ରାତ୍ରିର ରୂପକ ମାତ୍ର। ସୂର୍ଯ୍ୟୋଦୟରେ ରାତ୍ରି ଅଦୃଶ୍ୟ ହୁଏ। ଏହି କାହାଣୀ ଅବଲମ୍ବନ କରିହିଁ ଉପଖ୍ୟାନଟି ପରିକଳ୍ପିତ। ଅନ୍ୟ ମତରେ ଅହଲ୍ୟା ହେଉଛନ୍ତି ଉଷାର ରୂପକ। ଦିବସରେ ଇନ୍ଦ୍ରରୂପୀ ସୂର୍ଯ୍ୟଙ୍କର ଉଦୟରେ ଉଷା ଅସୂର୍ଯ୍ୟଂପଶ୍ୟା ହୁଅନ୍ତି। ଏଇ ଅହଲ୍ୟା ପଞ୍ଚ ପ୍ରାତଃସ୍ମରଣୀୟା କନ୍ୟାମାନଙ୍କ ମଧ୍ୟରୁ ଅନ୍ୟତମା''। (ପୌରାଣିକ ଅଭିଧାନ-ଶ୍ରୀ ସୁଧୀର ଚନ୍ଦ୍ର ସରକାର)

ଅହଲ୍ୟାଙ୍କର ଏହି ପୌରାଣିକ ଇତିଗାଥା ଭାରତର ବିଭିନ୍ନ ପୁରାଣ ଅନୁସରଣକାରୀ ପ୍ରାନ୍ତୀୟ କବିମାନଙ୍କ ଲେଖନୀରେ ଭିନ୍ନ ଭିନ୍ନ ରୂପ ଧାରଣ କରିଅଛି। ଓଡ଼ିଶାର କବି ବଳରାମ, କବି ଧନଞ୍ଜୟ, କବି ଭଞ୍ଜ ବା ରାମ ଚରିତର ଗୀତିକାର କେଶବ ଓ ବିଶ୍ୱନାଥଙ୍କ ହାତରେ ଅହଲ୍ୟାଚରିତ୍ର ବର୍ଣ୍ଣବୈଚିତ୍ର୍ୟ ଓ ରସରମ୍ୟତା ଅର୍ଜନ କରିଛି।

ପ୍ରଥମ ଉଦ୍ଧୃତି ମଧ୍ୟରେ କବି ଭଞ୍ଜ ଅହଲ୍ୟାଙ୍କର ଯେଉଁ ଚରିତ ବର୍ଣ୍ଣନା କରିଚନ୍ତି, ତାହାର ସାରାଂଶ ହେଉଛି—

ବିଧାତା ଉର୍ବଶୀଙ୍କର ସୌନ୍ଦର୍ଯ୍ୟ-ଟାଣ ଭାଙ୍ଗିବାପାଇଁ 'ସର୍ବଲାବଣ୍ୟଧାମା' ଅହଲ୍ୟାଙ୍କୁ ସୃଷ୍ଟି କରିଥିଲେ ଏବଂ ତାହାଙ୍କର ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ଇନ୍ଦ୍ର ତାହାଙ୍କୁ ନିଜର ପ୍ରାପ୍ୟ ବୋଲି ଅଭିଳାଷ ପ୍ରକାଶ କରିଥିଲେ। ବିଧାତା କହିଥିଲେ ଯେ, ଏହି ପୃଥିବୀକୁ ଯେ ପ୍ରଥମେ ପ୍ରଦକ୍ଷିଣ କରି ଆସିବ, ମୁଁ ତାହାଙ୍କୁ ଅହଲ୍ୟାଙ୍କୁ ଦାନ କରିବି। ବ୍ରହ୍ମାଙ୍କର ବାକ୍ୟ ମୁହଁରୁ ବାହାରୁ ବାହାରୁ ସୂର୍ଯ୍ୟ ଓ ଚନ୍ଦ୍ର ପୃଥିବୀ ପରିକ୍ରମାରେ ବାହାରି ଗଲେ, ମାତ୍ର ଗୌତମ ବ୍ରହ୍ମାଙ୍କୁ ବ୍ୟଜନ କରୁଥିଲେ। ସେ ତାଙ୍କୁ ପ୍ରଦକ୍ଷିଣ କରି କର ଯୋଡ଼ିବାରୁ (କାରଣ ସେଇତ ହେଉଛନ୍ତି ବିଶ୍ୱ) ଗୌତମଙ୍କର ଏହି ସେବାରେ ବ୍ରହ୍ମା ଆନନ୍ଦିତ ହୋଇ ଅହଲ୍ୟାଙ୍କୁ ତାଙ୍କୁ ପ୍ରଦାନ କରିଥିଲେ। ଅହଲ୍ୟା ବ୍ରାହ୍ମଣପତ୍ନୀ ହେବାରୁ ସୂର୍ଯ୍ୟ ନିବର୍ତ୍ତି ଯାଇଥିଲେ, ମାତ୍ର ବିରହୀ ମହେନ୍ଦ୍ର ବଶୀକରଣ ମନ୍ତ୍ର ଜପି ଅହଲ୍ୟାଙ୍କ ସହିତ ବାଆବଟତଳେ ସଙ୍ଗମ ପ୍ରାର୍ଥନା କରିଥିଲେ। ଏହାପରେ କବି ଭଞ୍ଜଙ୍କ ବର୍ଣ୍ଣନାନୁଯାୟୀ ଇନ୍ଦ୍ର ହେଲେ ସହସ୍ର ଭଗଧାରୀ ଓ ଅହଲ୍ୟା ହେଲେ ପାଷାଣୀ ବା ପ୍ରସ୍ତରୀଭୂତା ଏକ ନାରୀ।

ଆଦିକବି ବାଲ୍ମୀକିଙ୍କର ବିବରଣୀ ଅନୁସାରେ ବିଶ୍ୱାମିତ୍ର ଯେତେବେଳେ ରାମ-ଲକ୍ଷ୍ମଣଙ୍କୁ ସାଥିରେ ଧରି ମିଥିଳାରେ ପ୍ରବେଶ କଲେ, ରାମ ସେତେବେଳେ ଉପବନରେ ଗୋଟିଏ ପୁରାତନ ଓ ନିର୍ଜନ ଆଶ୍ରମ ଦେଖି ବିଶ୍ୱାମିତ୍ରଙ୍କୁ ପ୍ରଶ୍ନ କରିଥିଲେ ଯେ ଏହି ମୁନିବର୍ଜିତ ଆଶ୍ରମଟି କାହାର ?

ବିଶ୍ୱାମିତ୍ର କହିଥିଲେ ଯେ, ପୂର୍ବେ ଏଠାରେ ଗୌତମଙ୍କର ଆଶ୍ରମ ଥିଲା। ସେ ଏଠାରେ ଅହଲ୍ୟାଙ୍କ ସହିତ ବହୁବର୍ଷ ବାସ କରିଥିଲେ। ଦିନେ ସେ ଅନ୍ୟତ୍ର ଚାଲିଯିବା ପରେ ଶଚୀପତି ଇନ୍ଦ୍ର ଗୌତମଙ୍କ ବେଶ ଧାରଣ କରି ଅହଲ୍ୟାଙ୍କ ନିକଟରେ ଆସି ସଙ୍ଗମ ପ୍ରାର୍ଥନା କରିଥିଲେ।

Digitized by PPRACHIN, SOA

''ଋତୁକାଳଂ ପ୍ରତୀକ୍ଷନ୍ତେ ନାର୍ଥିନଃ ସୁସମାହିତେ।
ସଙ୍ଗମଂ ତ୍ୱହମିଚ୍ଛାମି ତ୍ୱୟା ସହ ସୁମଧମେ'' ।(ଆଦିକାଣ୍ଡ-୪୮ଶ ସର୍ଗ-୧୮ ଶ୍ଳୋକ)

ଇନ୍ଦ୍ର କହିଲେ, ''ହେ ସୁମଧମେ ! ତୁମେ ସଙ୍ଗମୋଚିତ ଅଳଙ୍କାରରେ ଅଳଙ୍କୃତ ହୋଇ ରହିଅଛ, ସୁତରାଂ ତୁମ ସହିତ ସଙ୍ଗମ କରିବାକୁ ମୋର ବାସନା ହେଉଅଛି। ରମଣାର୍ଥୀ ବ୍ୟକ୍ତି ରତି ବିଷୟରେ ବିହିତ କାଳର ପ୍ରତୀକ୍ଷା କରି ପାରେ ନାହିଁ। ଅହଲ୍ୟା ତାହାଙ୍କୁ ଗୌତମ-ବେଶଧାରୀ ସହସ୍ରାକ୍ଷ ଇନ୍ଦ୍ର ବୋଲି ଜାଣି ମଧ ଦୁର୍ବୁଦ୍ଧି ହେତୁ ଦିବ୍ୟ ରମଣରେ କୁତୂହଳବଶତଃ ତାଦୃଶ କର୍ମ କରିବାକୁ ଅଭିଳାଷ ପ୍ରକାଶ କଲେ। ଏହାପରେ ସେ ପୂର୍ଣ୍ଣମନୋରଥା ହୋଇ ସୁରଶ୍ରେଷ୍ଠଙ୍କୁ କହିଲେ–

''ଅଥାବ୍ରବୀତ୍ ସୁରଶ୍ରେଷ୍ଠଂ କୃତାର୍ଥେନାନ୍ତରାତ୍ମନା।
କୃତାର୍ଥାସ୍ମି ସୁରଶ୍ରେଷ୍ଠ ଗଚ୍ଛ ଶୀଘ୍ରମିତଃ ପ୍ରଭୋ ॥
ଆତ୍ମାନଂ ମାଞ୍ଚଦେବେଶ ! ସର୍ବଥା ରକ୍ଷ ଗୌରବାତ୍।
ଇନ୍ଦ୍ରସ୍ତୁ ପ୍ରହସନ୍ ବାକ୍ୟମହଲ୍ୟାମିଦମବ୍ରବୀତ୍।''

(ଆଦିକାଣ୍ଡ-୪୮ ସର୍ଗ-୨୦-୨୧ ଶ୍ଳୋକ)

''ପ୍ରଭୁ ସୁରବର ! ମୁଁ କୃତାର୍ଥ ହେଲି। ବର୍ତ୍ତମାନ ତୁମେ ଶୀଘ୍ର ଏଠାରୁ ପ୍ରସ୍ଥାନ କର ଏବଂ ସର୍ବପ୍ରକାରେ ମୋର ଓ ତୁମର ଗୌରବ ରକ୍ଷା କର।'' ଏହାପରେ ଇନ୍ଦ୍ର ଓ ଅହଲ୍ୟା ଗୌତମଦ୍ୱାରା ଯେପରି ଶାପଗ୍ରସ୍ତ ହୋଇଥିଲେ, ତାହା ପୂର୍ବରୁ ପୌରାଣିକ ଅଭିଧାନରୁ ଉଦ୍ଧୃତ ହୋଇଅଛି। ତଥାପି ଆଦିକବି ବାଲ୍ମୀକିଙ୍କର ମୂଳ ବିବରଣୀ ଏଠାରେ ମୁଁ ଉଦ୍ଧାର କରୁଅଛି।

''ଗୌତମେନୈବମୁକ୍ତସ୍ୟ ସରୋଷେଣ ମହାତ୍ମନା।
ପେତତୁର୍ବୃଷଣୌ ଭୂମୌ ସହସ୍ରାକ୍ଷସ୍ୟ ତତ୍କ୍ଷଣାତ୍॥
ତଥା ଦୃଷ୍ଟ୍ୱାଚ ବୈଶକ୍ରଂ ଭାର୍ଯ୍ୟାମପିଚ ଶପ୍ତବାନ୍।
ଇହ ବର୍ଷ ସହସ୍ରାଣି ବହୂନି ନିବସିଷ୍ୟସି॥
ବାତଭକ୍ଷ୍ୟା ନିରାହାରା ତପ୍ୟନ୍ତୀ ଭସ୍ମଶାୟିନୀ।
ଅଦୃଶ୍ୟା ସର୍ବଭୂତାନାଶ୍ରମେଽସ୍ମିନ୍ ବସିଷ୍ୟସି॥
ଯଦୈତଚ୍ଚ ବନଂ ଘୋରଂ ରମୋ ଦଶରଥାତ୍ମଜଃ।
ଆଗମିଷ୍ୟତି ଦୁର୍ଦ୍ଧର୍ଷସ୍ତଦା ପତା ଭବିଷ୍ୟସି॥
ତସ୍ୟାତିଥ୍ୟେନନ ଦୁର୍ବୃତ୍ତେ ଲୋଭମୋହବିବର୍ଜ୍ଜିତା।
ମତ୍ସକାଶଂ ମୁଦାଯୁକ୍ତା ସ୍ୱଂ ବପୁର୍ଧାରୟଷ୍ୟସି।''

(ଆଦିକାଣ୍ଡ-୪୮ ସର୍ଗ, ଶ୍ଳୋକ-୨୮-୩୨)

ମହାତ୍ମା ଗୌତମ କ୍ରୁଦ୍ଧ ହୋଇ ଏହା କହିବା ଦ୍ୱାରା ସହସ୍ରାକ୍ଷ ଇନ୍ଦ୍ରଙ୍କର ଅଣ୍ଡଯୁଗଳ ସହସା ପତିତ ହେଲା। ମହର୍ଷି ଗୌତମ ଇନ୍ଦ୍ରଙ୍କର ଏପରି ଅବସ୍ଥା ଦେଖି ଭାର୍ଯ୍ୟାଙ୍କୁ ଅଭିଶାପ ଦେଲେ– ''ହେ ଦୁବୃର୍ତ୍ତେ ! ତୁମେ ଏହି ଆଶ୍ରମରେ

Digitized by PPRACHIN, SOA

ସହସ୍ରବର୍ଷ ନିରାହାରା, ବାତଭକ୍ଷା, ଭସ୍ମଶାୟିନୀ ଓ ସମସ୍ତ ପ୍ରାଣୀଙ୍କର ଅଦୃଶ୍ୟା ହୋଇ ଅନୁତାପପୂର୍ବକ ବାସ କରିବ। ଯେତେବେଳେ ଏହି ଘୋର ବନକୁ ଦଶରଥ-ନନ୍ଦନ ଦୁର୍ଦ୍ଧର୍ଷ ରାମଚନ୍ଦ୍ର ଆଗମନ କରିବେ, ସେତେବେଳେ ତୁମେ ଲୋଭ ମୋହ ବିବର୍ଜିତା ହୋଇ ତାଙ୍କର ଅତିଥି ସତ୍କାର କରି ଶୁଚିତା ଅର୍ଜନପୂର୍ବକ ମୋ ସହିତ ମିଳିତ ହେବ।''

ଅନ୍ୟ ଦିଗରେ ରାମଚନ୍ଦ୍ର ଯେତେବେଳେ ଲକ୍ଷ୍ମଣଙ୍କ ସହିତ ବିଶ୍ୱାମିତ୍ରଙ୍କୁ ଅଗ୍ରଭାଗରେ ରଖି ସେହି ଆଶ୍ରମରେ ପ୍ରବେଶ କଲେ, ସେତେବେଳେ ଅହଲ୍ୟାଙ୍କୁ ରାମ ଯେଉଁ ଅବସ୍ଥାରେ ଦେଖିଥିଲେ, ତାହାର କବିତ୍ୱମୟ ବର୍ଣ୍ଣନା ଆଦିକବି ବାଲ୍ମୀକି ତାଙ୍କର ମହାକାବ୍ୟର ଆଦିକାଣ୍ଡରେ ପ୍ରଦାନ କରିଛନ୍ତି।

''ଦଦର୍ଶ ଚ ମାହଭାଗାଂ ତପସା ଦ୍ୟୋତିତପ୍ରଭାମ୍।
ଲୋକୈରପି ସମ ଗମ୍ୟ ଦୁର୍ନିରୀକ୍ଷ୍ୟାଂ ସୁରାସୁରେଃ॥
ପ୍ରଯତ୍ନନ୍ନିର୍ମିତଂ ଧାତ୍ରୀ ଦିବ୍ୟାଂ ମାୟା ମୟୀମିବ।
ଧୂମେନ ଭିପରୀତାଙ୍ଗୀ ଦୀପ୍ତାମଗ୍ନି ଶିଖମିବ॥
ସତୁଷାରାବୃତାଂ ସାଭ୍ରାଂ ପୂର୍ଣ୍ଣଚନ୍ଦ୍ର ପ୍ରଭାମିବ।
ମଧ୍ୟେଽମ୍ଭସେ ଦୁରାଧର୍ଷଂ ଦୀପ୍ତାଂ ସୂର୍ଯ୍ୟପ୍ରଭାମିବ॥
ସାହି ଗୌତମବାକ୍ୟେନ ଦୁର୍ନିରୀକ୍ଷା ବଭୂବହ।
ତ୍ରୟାଣାମପି ଲୋକାନାଂ ଯାବଦ୍ ରାମସ୍ୟ ଦର୍ଶନମ୍॥''
ଶାପସ୍ୟାନ୍ତମୁପାଗମ୍ୟ ତେଷାଂ ଦର୍ଶନମାଗତା॥ (୪୦/୧–୧୭ ଶ୍ଳୋ)

ରାମଚନ୍ଦ୍ର ଦେଖିଲେ ଯେ, ତପସ୍ୟା ପ୍ରଭାବରେ ମହାଭାଗା ଅହଲ୍ୟା ଦୀପ୍ତପ୍ରଭାମୟୀ ହୋଇଛନ୍ତି; ମନୁଷ୍ୟ ଓ ସୁରାସୁର ସମସ୍ତଙ୍କର ସେ ଦୁର୍ନିରୀକ୍ଷ୍ୟା। ବିଧାତା ଯେପରି ତାହାଙ୍କୁ ଏପରି ପ୍ରଯତ୍ନରେ ନିର୍ମାଣ କରିଛନ୍ତି ଯେ, ସେ 'ମାୟାମୟୀ' ଦିବ୍ୟ ପ୍ରତିମା ରୂପେ ପ୍ରତିଭାତ। ସେ ଧୂମବେଷ୍ଟିତ ଦୀପ୍ତ ଅଗ୍ନିଶିଖା ସଦୃଶ, ତୁଷାର-ପରିବୃତ ମେଘାବୃତ ପୂର୍ଣ୍ଣଚନ୍ଦ୍ର ପ୍ରଭା ସଦୃଶ, ଜଳମଧ୍ୟରେ ପ୍ରତିବିମ୍ବିତ ଦୁର୍ଦ୍ଧର୍ଷ ଦୀପ୍ତ ସୂର୍ଯ୍ୟପ୍ରଭାସଦୃଶ। ଗୌତମଙ୍କ ଶାପରେ ସେ ରାମଙ୍କର ଦର୍ଶନପର୍ଯ୍ୟନ୍ତ ତ୍ରିଲୋକର ଦୁର୍ନିରୀକ୍ଷ୍ୟା ହୋଇଥିଲେ, ବର୍ତ୍ତମାନ ଶାପ ମୋଚନ ପରେ ସେ ସମସ୍ତଙ୍କର ଦୃଷ୍ଟିଗୋଚର ହେଲେ।

ଅହଲ୍ୟାଙ୍କର ଏଇ ବୃତ୍ତାନ୍ତରେ ତାଙ୍କର ପାଷାଣ-ମୂର୍ତ୍ତିଧାରଣ ଏବଂ ରାମଙ୍କର ପାଦସ୍ପର୍ଶରେ ଶାପମୁକ୍ତିର କଥା ଆଦୌ ନାହିଁ। ରାମାୟଣର ଉତ୍ତରାକାଣ୍ଡର ନବମ ପରିଚ୍ଛେଦରେ ଅହଲ୍ୟାଙ୍କର ଉପାଖ୍ୟାନ କିଞ୍ଚିତ୍ ଅନ୍ୟ ପ୍ରକାର ଏବଂ ତାହା ପୁରାଣକଥା ସହ କେତେକାଂଶରେ ସହଧର୍ମୀ।

ବର୍ତ୍ତମାନ ଦେଖିବାର କଥା ଯେ, ବାଲ୍ମୀକି-ବର୍ଣ୍ଣିତ ବିଶ୍ୱାମିତ୍ର-ରାମ-ଅହଲ୍ୟା ଓ ଗୌତମଙ୍କର ଉପାଖ୍ୟାନ ଯେପରି ବାସ୍ତବ ଓ ଜୀବନ୍ତ ଭାବରେ ବର୍ଣ୍ଣିତ, ତାହା ପୌରାଣିକ କିମ୍ବଦନ୍ତୀ, ଜନଶ୍ରୁତି, ଲୋକବିଶ୍ୱାସରେ ଦୁର୍ଲଭ ଏବଂ ସେହି ମୌଳିକ ସତ୍ୟ ଆଜି ଏକ କୁଟିଳ ନଦୀପରି ବହୁ ବକ୍ର ପଥରେ ପୁରାଣ ମଧ୍ୟରେ ପ୍ରବାହିତ।

Digitized by PPRACHIN, SOA

ଏ ଦେଶରେ ଆଦିକବି ବାଲ୍ମୀକିଙ୍କର କଳ୍ପନାର ତପୋପୁଞ୍ଜରୁ ଜାତ ତାପସୀ କନ୍ୟା ଓ ବ୍ରହ୍ମାଙ୍କର ମାନସପୁତ୍ରୀ ଅହଲ୍ୟା ବହୁ ପୌରାଣିକ ଓ କାଳ୍ପନିକ କବିମାନଙ୍କ ଲେଖନୀରେ ନିଜ ଆଦିରୂପର ବାସ୍ତବତା ଓ ବିଶ୍ୱସ୍ତତା ପରିହାର କରିଥିଲେ ହେଁ ଆଦିକବିଙ୍କ ମାନସକନ୍ୟା ଅହଲ୍ୟା ହିଁ ଆମର ନମସ୍ୟା ଓ ପ୍ରାତଃସ୍ମରଣୀୟା । କାରଣ ଏ ଦେଶର ସୌନ୍ଦର୍ଯ୍ୟସାଧନାର ପରଂପରା ମଧ୍ୟରୁ ଜନ୍ମଗ୍ରହଣ କରି ସେ ହୋଇଛନ୍ତି ତ୍ରିଭୁବନମୋହିନୀ ଏକ ଅସାମାନ୍ୟ ରୂପସୀ, ରୂପ-ଯୌବନ-ସୌନ୍ଦର୍ଯ୍ୟରେ ସେ ଅଦ୍ୱିତୀୟା, ପୁଣି ନୈତିକ ସ୍ଖଳନର ମହାପାପରେ ସେ ପତିତା ଓ ଅଭିଶପ୍ତା ଏବଂ ଭାରତବର୍ଷର ସାଂସ୍କୃତିକ ସାଧନାର କଷଟିରେ ସେ ହେଉଛନ୍ତି ଅନୁତାପ-ଦହନ-ଦଗ୍ଧା ଏକ ପ୍ରାତଃସ୍ମରଣୀୟା ଶରୀରଧାରିଣୀ ନାରୀ ।

ଭାରତୀୟ ସାହିତ୍ୟର ନବଜାଗରଣର ଆଦିପର୍ବରେ ବିଶ୍ୱକବି ରବୀନ୍ଦ୍ରନାଥ 'ଅହଲ୍ୟାପ୍ରତି' ବୋଲି ଗୋଟିଏ କବିତା ଲେଖିଛନ୍ତି । ସେ ତାଙ୍କର ବହୁ କବିତାରେ ଭାରତର ଅତୀତ ସାହିତ୍ୟକୁ ନୂତନ ରସଭାଷ୍ୟ ଯେପରି ଦେଇଛନ୍ତି, ଅହଲ୍ୟା-ଚରିତକୁ ମଧ୍ୟ ଏହି କବିତାଟି ମଧ୍ୟରେ ଏ ଯୁଗର ରୁଚି-ଅନୁକୂଳ ନୂତନ ରୂପରମ୍ୟତା ଓ ରସଭାଷ୍ୟ ପ୍ରଦାନ କରିଛନ୍ତି । (କବିତାଟି ୧୧-୧୨ ଜ୍ୟେଷ୍ଠ ୧୨୯୭ ବା ଇଂରାଜୀ ୧୮୯୦ ରେ ରଚିତ) ଏହି କବିତାଟିରେ ଅହଲ୍ୟା ଶାପଗ୍ରସ୍ତା ହେବାପରେ ନିଜର ପାଷାଣରୂପରେ ଧରିତ୍ରୀ ସହିତ ସଂଲଗ୍ନ ହୋଇ ନିଜର ଚେତନାରେ ବସୁନ୍ଧରାର ଜାଗ୍ରତ ଓ ସୁପ୍ତ ଚୈତନ୍ୟର ଲୀଳାଚଞ୍ଚଳ କୋଳାହଳ ବା ସ୍ୱପ୍ନଶିରୀ କିପରି ଅନୁଭବ କରିଥିଲେ ଏବଂ ଏହି ବସୁନ୍ଧରାର ପାପତାପ-ରେଖା ଅତିକ୍ରମ କରି ସେ କିପରି ଧରଣୀର ସଦ୍ୟଜାତ କୁମାରୀ ଭଳି ସୁନ୍ଦର, ସରଳ ୦ ଶୁଭ୍ର ଜୀବନଯାପନ କରୁଥିଲେ, ତାହା ହିଁ ଏହି କବିତାଟିର ଉପଜୀବ୍ୟ ।

ତାଙ୍କ ଦୃଷ୍ଟିରେ—

> "ଅପୂର୍ବ ରହସ୍ୟମୟୀ ମୂର୍ତ୍ତି ବିବସନ
> ନବୀନ ଶୈଶବେ ସ୍ନାତ ସମ୍ପୂର୍ଣ୍ଣ ଯୌବନ ।
> ପୂର୍ଣ୍ଣସ୍ଫୁଟ ପୁଷ୍ପ ଯଥା ଶ୍ୟାମ ପତ୍ରପୁଟେ
> ଶୈଶବେ ଯୌବନେ ମିଶେ ଉଠିଯାଛେ ଫୁଟେ
> ଏକ ବୃନ୍ତେ ।"

ଏହା ହିଁ ହେଉଛି ଅହଲ୍ୟାଙ୍କର ପାଷାଣୀପ୍ରାଣର ଅନୁଭୂତି ଓ ଅଭିଜ୍ଞତା । ଅହଲ୍ୟା କବିଙ୍କ ଦୃଷ୍ଟିରେ ତାଙ୍କର ପୂର୍ବକଳ୍ପିତ ଉର୍ବଶୀଭଳି ବିଶ୍ୱର ପ୍ରଥମ ଉଷା ସଦୃଶ ଏକ ବିସ୍ମିତ ପ୍ରଶ୍ନ ଓ ବିସ୍ମରଣୀର ଭୂମିକା । ତେଣୁ ତାଙ୍କ ଦୃଷ୍ଟିରେ ଅହଲ୍ୟା ଆମ ନିକଟରେ—

> "X X ଅପାର ରହସ୍ୟ ତୀରେ
> ଚିର ପରିଚୟ ମାଝେ ନବ ପରିଚୟ ।"

Digitized by PPRACHIN, SOA

କବି ମହେଶ୍ୱର ନାୟକଙ୍କର 'ପାଷାଣୀ' କାବ୍ୟରେ ଅହଲ୍ୟାଙ୍କର ଯେଉଁ ଚିତ୍ର ପ୍ରଦତ୍ତ, ତାହା ମାନବ ଓ ଜୀବନଧର୍ମୀ ଏବଂ କବି ବାଲ୍ମୀକିଙ୍କର ସହଜ ନାରୀ-ଚିତ୍ର ଓ ଚରିତ୍ର ସହିତ ଅଧିକ ବିଶ୍ୱସ୍ତତା ଅର୍ଜନ କରିଛି। ଅହଲ୍ୟାଙ୍କ ଉପରେ ସମଗ୍ର ଭାରତୀୟ ସାହିତ୍ୟରେ ବୋଧହୁଏ ଏହା ହିଁ ଏକ ପୂର୍ଣ୍ଣାଙ୍ଗ କାବ୍ୟ। (ଅଜ୍ଞତା ଥିଲେ ଏ ପ୍ରବନ୍ଧର ଲେଖକ କ୍ଷମଣୀୟ)।

ଏହି କାବ୍ୟଟିରେ ଅହଲ୍ୟା-ଚରିତର ଅତୀତ ପରମ୍ପରାଠାରୁ ବହୁ କବିଜନୋଚିତ ବ୍ୟତିକ୍ରମ ଅବଶ୍ୟ ରହିଛି ; ତଥାପି ଏହା ଏପରି ରସାଳ, ମନୋଜ୍ଞ ଓ କାବ୍ୟଧର୍ମୀ ଯେ, ଏହାର ବର୍ଣ୍ଣଛଟା ଓ ବିଷୟ ବୈଚିତ୍ର୍ୟ କାବ୍ୟାମୋଦୀ ପାଠକ ପ୍ରାଣରେ ନୂତନ ରସଚେତନା ଓ ଜୀବନବୋଧ ସୃଷ୍ଟି କରିଥାଏ।

କବି ତାଙ୍କର କାବ୍ୟର ଆଦ୍ୟଭାଗରେ କହିଛନ୍ତି, ଅହଲ୍ୟା ହେଉଛନ୍ତି 'ଚିର ପ୍ରତାରିତ'। ରାମ-ଲକ୍ଷ୍ମଣଙ୍କୁ ଦେଖି ତାଙ୍କର ପ୍ରତାରିତ ଆତ୍ମା ପୁଣି ଅତୀତର ପୁରାଣ-ଚେତନା ବହନ କରି ଚିତ୍କାର କରି ଉଠିଛି—

'କିଏ ଏ କିଶୋର ଯୁଗ ଶରାସନ କରେ ?
ପୁଣି ଏ ତପସ୍ୱୀ କିଏ କିମ୍ବା ସଙ୍ଗତରେ ?

ସେଥିପାଇଁ ରାମ-ଲକ୍ଷ୍ମଣଙ୍କ ସନ୍ଦର୍ଶନରେ ଅହଲ୍ୟା ଯେଉଁ ଉତ୍ତର ଦେଇଥିଲେ ତାହା ଏହି ପ୍ରବନ୍ଧଟିର ଆଦ୍ୟ ଭାଗର ଦ୍ୱିତୀୟ ଉଦ୍ଧୃତିଟି ମଧ୍ୟରେ ବିଧୃତ। ତଥାପି ରାମଚନ୍ଦ୍ର ଅହଲ୍ୟାଙ୍କୁ ପ୍ରତ୍ୟୁତ୍ତରରେ ଯାହା କହିଥିଲେ, ତାହା ବାଲ୍ମୀକିଙ୍କ ଚିତ୍ରଣ ଓ ବର୍ଣ୍ଣନା ସହିତ ଏକାତ୍ମ।

'X X X ଦେଖ ଗୋ ବରାଙ୍ଗୀ,
ଅନୁତାପ-ବ୍ରତ ତବ ଉଦ୍ୟାପନଲାଗି।
ଚାହିଁଥିଲ ପଥ ଯା'ର, ସେ ନରସତ୍ତମ,
ତୁମରି ପୁରତେ ଉଭା, ବିକାର ଉପମ
ନାଶିବେ ଏ ତବ ଚିହ୍ନ, ଦେବେ ବରାଭୟ,
ଛାଡ଼ ନାରୀ ସବୁ ଭୀତି ସକଳ ସଂଶୟ।"

ଏକଥା ରାମଚନ୍ଦ୍ରଙ୍କଠୁଁ ଶୁଣିବା ପରେ ଅହଲ୍ୟା କହିଛନ୍ତି—

"ଅପରାଧ କ୍ଷମ ମୋର, ମୁଁ ଦୀନା ପାମରୀ,
ଜାଣେ ନାହିଁ ଅତିଥିର ଯୋଗ୍ୟ ସତ୍କାର,
କଳଙ୍କିନୀ ବିଶ୍ୱେ ମୁହିଁ, ତବ କରୁଣାର
କେସନେ ଗୋ ହେବି ଯୋଗ୍ୟ, ବିଶାଳ ଜଗତ
ନିଦେଶିଛି ମୋତେ ଯଦି ଆରଣ୍ୟକ ବ୍ରତ ?'

କବିଙ୍କର ବାଣୀ—

'ଆହତେ ଆଘାତ ଦେଇ ଜାଣନ୍ତି ସରବେ,
ବ୍ୟଥିତର ବ୍ୟଥା କାହିଁ ? କିଏ ଅନୁଭବେ ?'

Digitized by PPRACHIN, SOA

ପରେ ତରୁଣ ରାଘବଙ୍କର ପ୍ରାଣ ପରଦୁଃଖ ଯେତେବେଳେ ଚିହ୍ନି ପାରିଛି, ସେତେବେଳେ ଅହଲ୍ୟାଙ୍କର ମୁଖ ଉଜ୍ଜ୍ୱଳ ହୋଇ ଉଠିଛି ଏବଂ ରାଘବଙ୍କ ନିକଟରେ ନିଜର ଅତୀତ ପାପର ପ୍ରାୟଶ୍ଚିତ୍ତ ପାଇଁ ବେଦନାର୍ତ୍ତ କାହାଣୀ ପ୍ରକାଶ କରି କହିଛନ୍ତି—

'ସେଦିନ ଲଜ୍ଜାର ଯଦି ଖାଇଅଛି ମଥା
ଆଜି ତା'ର ପ୍ରାୟଶ୍ଚିତ୍ତ ଆଜି ପୁଣ୍ୟ ସତ୍ତା
ତୁମରି ଆଶିଷେ ଯଦି ଆତ୍ମ ପରକାଶେ,
କେସନେ ରୋଧିବି ତା'ର ପଥ ଲଜ୍ଜା ତ୍ରାସେ ?
ମୋହ-କୃତ ଦୁଷ୍କୃତିର ଶ୍ରେଷ୍ଠ ପ୍ରାୟଶ୍ଚିତ୍ତ,
ପର ଆଗେ ପରକାଶ, ଶାସ୍ତ୍ରର ବିହିତ'

[ଏଠାରେ ସ୍ମରଣୀୟ ଯେ, ମନୁ ଓ ଅନ୍ୟ କେତେକ ସଂହିତାକାରଗଣ ଅନ୍ୟ ନିକଟରେ ନିଜ ପାପର ପରିପ୍ରକାଶକୁ ହିଁ ପାପର ଯଥାର୍ଥ ପ୍ରାୟଶ୍ଚିତ୍ତ ବୋଲି ଧାରଣା କରିଛନ୍ତି ଏବଂ ଏହି ଅର୍ଥରେହିଁ ଅହଲ୍ୟା ହେଉଛନ୍ତି 'ସତୀ'। ଏହାହିଁ ଭାରତବର୍ଷର ପାରମ୍ପରିକ ଧର୍ମ ଓ ସତ୍ୟ ଦର୍ଶନ। ବାଲ୍ମୀକିଙ୍କ ବର୍ଣ୍ଣନାନୁଯାୟୀ 'ଲୋଭ-ମୋହ-ବିବର୍ଜିତା' ହୋଇ ଅହଲ୍ୟା ଶ୍ୟାମ-ଦୂର୍ବାଦଳ-ତନୁ ରାମଚନ୍ଦ୍ରଙ୍କର ପରିଚୟ ଲାଭ କରିଥିଲେ। ଏହାହିଁ ତାଙ୍କର ଅତୀତର ତରୁଣୀ ପ୍ରାଣ ପକ୍ଷରେ ରୂପ-ପରୀକ୍ଷାର ଏକ ଅଗ୍ନି-କଷଟି। ଏ ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇ ଅହଲ୍ୟା ହୋଇଛନ୍ତି ସତୀ ଓ ଜୀବନ-ବନ୍ଧ୍ୟା।]

କବି ଶ୍ରୀ ନାୟକ 'ପ୍ରାନ୍ତଭାଷ'ରେ ଅହଲ୍ୟାଙ୍କର ଯେଉଁ ଶେଷ ପରିଣତି ଓ ନବ ଜୀବନର ମଞ୍ଜୁଳ ଚିତ୍ର ପ୍ରଦାନ କରିଛନ୍ତି, ତାହା 'ଆଦ୍ୟଭାଷ' ବା 'ପ୍ରାକ୍‌କଥନୀ' ସହ ନିଜର ସହଧର୍ମିତା ରକ୍ଷା କରିଛି। ତଥାପି ଇତିମଧ୍ୟରେ ସେ ଯେଉଁ ସାତଟି ସର୍ଗ ଲେଖିଛନ୍ତି, ସେଥିରେ ଅହଲ୍ୟାଙ୍କ ଚରିତ୍ରର ଯେଉଁ ବର୍ଣ୍ଣାଢ୍ୟ ଓ ବାସ୍ତବ ବର୍ଣ୍ଣନା ଦିଆ ଯାଇଛି, ତାହା ବ୍ୟତିକ୍ରମ ମଧ୍ୟରେ ବଳିଷ୍ଠ ଓ ପରମ୍ପରା-ମାଧ୍ୟମରେ ପ୍ରାଣଧର୍ମୀ।

କବି ଅହଲ୍ୟାଙ୍କର ଅନୁତପ୍ତ ଆତ୍ମାର ପରିପ୍ରକାଶ ମଧ୍ୟରେ ଚିରନ୍ତନ ନାରୀହୃଦୟର ଚିତ୍ର ପ୍ରଦାନ କରି କହିଛନ୍ତି—

"x x x ଅବଳା ହୃଦୟ,
ସତେ କି ବିଚିରଦିନ ପରିଣାମ ଅନ୍ଧ।
ଭୋଗିବାକୁ ଚାହେଁ ଚିର ପ୍ରୀତି ମକରନ୍ଦ।"

ତେଣୁ ଗୌତମଙ୍କ ଦୀର୍ଘ ଅନୁପସ୍ଥିତିରେ ସ୍ୱାମୀଙ୍କର 'ଅନାସକ୍ତ ପ୍ରୀତି-ଯୋଗ'ର ବାଣୀ ବିସ୍ମୃତ ହୋଇ ଅହଲ୍ୟାଙ୍କର ତରୁଣୀ ପ୍ରାଣ ଅତୃପ୍ତ ପ୍ରେମ-ପିପାସାକୁ ଚରିତାର୍ଥ କରିବା ପାଇଁ ଲୋଭ-ମୋହର ପିଚ୍ଛିଳ ପଥରେ ସ୍ୱାଭାବିକ ଭାବରେ ସ୍ଖଳିତ ହୋଇଛି। ଏପରିକି ଶିଶୁ ସନ୍ତାନର ଜନନୀ ଅହଲ୍ୟା ମାତୃତ୍ୱର ଗୌରବ ମଧ୍ୟ ବିସ୍ମୃତ

Digitized by PPRACHIN, SOA

ହୋଇ ଛଦ୍ମବେଶୀ ଇନ୍ଦ୍ରଙ୍କ ସହିତ ପ୍ରଣୟ-ରଜ୍ଜୁରେ ଆବଦ୍ଧ ହୋଇଛନ୍ତି ; କିନ୍ତୁ ନାରୀଚିତ୍ତର ଏଇ ସହଜ ଦୁର୍ବଳତା ମଧ୍ୟରେ ତଥାପି ଯେ ସେ ବିଶ୍ୱର କଲ୍ୟାଣୀ, ତା'ର ସପକ୍ଷରେ ଅହଲ୍ୟାଙ୍କ ମୁଖରେ କବି କହିଛନ୍ତି,

"କିନ୍ତୁ ଚିତ୍ତ ଦୁର୍ବଳତା ଏଇ ଯେ ନାରୀର
ସେଇ ଘେନି କଲ୍ୟାଣୀ ସେ, କରୁଣାର ନୀର–
ଢାଳି ଜାଣେ ନେତ୍ରୁ ଯାହାଯୋଗେ ନରସୃଷ୍ଟି,
କଠୋର ଜୀବନ ଯୁଦ୍ଧେ ଲଭେ ସୁଧାବୃଷ୍ଟି।"

ପୁଣି ପ୍ରଣୟୀ ଇନ୍ଦ୍ରଙ୍କ ମୁଖରେ କବି ପ୍ରୀତିଧର୍ମର ଚିରନ୍ତନ ରୂପ ପ୍ରଦାନ କରି କହିଛନ୍ତି,

"++++ପ୍ରୀତିର ତଉଲେ ନାହିଁ
ଭେଦାଭେଦଭାବ, ଅମରୀର ତୁଲେ।
ସମାନ ଆସନ ଲଭେ ମର୍ତ୍ତ୍ୟର ମାନବୀ,
ପ୍ରଶସ୍ତି ଯାହାର ଗାଏ ଶତମୁଖେ କବି।"

କିନ୍ତୁ ପ୍ରତାରକ ଇନ୍ଦ୍ରଙ୍କ ସହିତ ଅହଲ୍ୟାଙ୍କର ପ୍ରଣୟ-ଦୀପିତ ଦିବାରାତ୍ରିର ଅବସାନ ଅବଶେଷରେ ଘଟିଛି ଏବଂ ଅହଲ୍ୟା ହୋଇଛନ୍ତି ଅନୁତପ୍ତା। 'ବିଷଧର ଶିଶୁ ରୂପ ଧରି ଅନୁତାପ' ତାଙ୍କ ପ୍ରାଣକୁ ଅହରହ ନିର୍ମମଭାବରେ ଦଂଶନ କରିଛି ଏବଂ ରାମଚନ୍ଦ୍ରଙ୍କ ନିକଟରେ ସେ ଯେତେବେଳେ ଆତ୍ମପ୍ରକାଶ କରିଛନ୍ତି ସେତେବେଳେ କବି ରାମଚନ୍ଦ୍ରଙ୍କ ମୁଖରେ ଭାରତୀୟ ସଂସ୍କୃତିର ପାରମ୍ପରିକ ଜୀବନଧର୍ମର ଚିତ୍ର ପ୍ରଦାନ କରି କହିଛନ୍ତି,

"x x x ଏ ଯେ ପ୍ରାୟଶ୍ଚିତ୍ତ ଛଳେ
ଆଚରି ପାଷାଣ-ବ୍ରତ ବିଧି ନବତନ,
ଫେରାଇ ପାରିଛ ନିଜ ପଳାତକ ମନ
ପରଧର୍ମୁ, ପଥପନ୍ଥୁ, ସ୍ୱଧର୍ମ, ସ୍ୱପଥେ,
ଏହି ଘେନି ତବ ନାମେ ସୃଷ୍ଟି ଲୟ ଅନ୍ତେ
ରହିବ ଜାଜ୍ଜ୍ୱଲ୍ୟମାନ...."

ତେଣୁ ଅହଲ୍ୟାଙ୍କର ପାଷାଣୀ ରୂପ କବି-କଳ୍ପନାର କେବଳ ଏକ ରୂପକ ମାତ୍ର-ଅନୁତାପ ମାଧ୍ୟମରେ ଆତ୍ମସଂସ୍କାର ହିଁ ହେଉଛି ଏହାର ବାସ୍ତବ ପ୍ରାଣଧର୍ମ। ମହାକବି ବାଲ୍ମୀକି ଏଇ ଦୃଷ୍ଟିରୁ ହିଁ ଅହଲ୍ୟାଙ୍କର ଚରିତ୍ର ଚିତ୍ରଣ କରିଛନ୍ତି। କବି ଶ୍ରୀ ନାୟକ ବାସ୍ତବତାର ସେହି ପରମ୍ପରା ରକ୍ଷା କରି 'ପାଷାଣୀ' କାବ୍ୟରେ ଅହଲ୍ୟାଙ୍କର ଚିତ୍ର ପ୍ରଦାନ କରିଛନ୍ତି ଏବଂ ଓଡ଼ିଆ କାବ୍ୟ-ସାହିତ୍ୟର କ୍ରମପରିଣାମ-ପଥରେ ଏହି କାବ୍ୟଟି ତାର ଅଭିନବତା, ଆଧୁନିକତା ଓ ସୃଷ୍ଟିସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏକ ଉଜ୍ଜ୍ୱଳ ମାଇଲ ଷ୍ଟୋନ୍। ମାତ୍ର ଦୁଃଖର ବିଷୟ, ଆଲୋଚନାର ବିସ୍ମୃତିଗର୍ଭରେ ଏହା ଉପେକ୍ଷିତ ଓ ଅବହେଳିତ ହୋଇ ରହିଛି। ■ ■

Digitized by PPRACHIN, SOA

ସାରଳା ପୁରସ୍କାର-୧୯୮୧

''ଇଣ୍ଡିଆନ ମେଟାଲସ୍ ପବ୍ଲିକ୍ ଚାରିଟେବଲଟ୍ରଷ୍ଟ'' ତରଫରୁ ୧୯୭୯ ମସିହାଠାରୁ ଦଶହଜାର ଟଙ୍କା ପରିମାଣର ଗୋଟିଏ ବାର୍ଷିକ ପୁରସ୍କାର ଆଧୁନିକ ଓଡ଼ିଆ ସାହିତ୍ୟର ଶ୍ରେଷ୍ଠକୃତିପାଇଁ ଅର୍ପିତ ହୋଇ ଆସୁଛି ଏବଂ ଏଥିରେ ଯେଉଁ ବର୍ଷ ପାଇଁ ପୁରସ୍କାରଟି ପ୍ରଦତ୍ତ ହୋଇଥାଏ, ତାର ପୂର୍ବ ତିନିବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକାବଳୀକୁ ବିଚାରର ପରିସରଭୁକ୍ତ କରାଯାଇଥାଏ। ଆର୍ଥିକ ପରିମାଣ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ପୁରସ୍କାରଟି ସର୍ବୋଚ୍ଚ ଓ ସର୍ବୋତ୍ତମ ବୋଲି ବିଚାର୍ଯ୍ୟ ହେବା ଏକାନ୍ତ ସ୍ୱାଭାବିକ। ଓଡ଼ିଶାର ଶିଳ୍ପପତି ଡକ୍ଟର ବଂଶୀଧର ପଣ୍ଡାଙ୍କ ପ୍ରଯତ୍ନ ଫଳରେ ଏହି ପୁରସ୍କାରଟିର ସୃଷ୍ଟି ଏବଂ ଏହା 'ସାରଳା ପୁରସ୍କାର' ନାମରେ ପରିଚିତ। ଏହି ପୁରସ୍କାର ପ୍ରଦାନ ନିମିତ୍ତ ଯେଉଁ ''ଉପଦେଷ୍ଟା ସମିତି'' ଗଠିତ ହୋଇଛି ସେଥିରେ ସଭାନେତ୍ରୀ ଅଛନ୍ତି ଶ୍ରୀମତି ଇଲା ପଣ୍ଡା, ଏହାର କାର୍ଯ୍ୟକାରୀ ସଭାପତି ହେଉଛନ୍ତି ଡକ୍ଟର କୁଞ୍ଜବିହାରୀ ଦାଶ, ସଦସ୍ୟ ହେଉଛନ୍ତି ଡକ୍ଟର ଭୁବନେଶ୍ୱର ବେହେରା ଓ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଏବଂ ସେକ୍ରେଟାରୀ ଅଛନ୍ତି ଶ୍ରୀ ନିତ୍ୟାନନ୍ଦ ଶତପଥୀ। ଯେ କୌଣସି ଆନୁଷ୍ଠାନିକ ପୁରସ୍କାର ପ୍ରଦାନ କ୍ଷେତ୍ରରେ ଗୋଟିଏ 'କାର୍ଯ୍ୟକାରୀ ପରିଷଦ' ବା 'ଉପଦେଷ୍ଟା ସମିତି' ଅବଶ୍ୟ ରହିଥାଏ ଏବଂ ପୁରସ୍କାର ପ୍ରଦାନ ପାଇଁ ଏକ ନିର୍ଦ୍ଦିଷ୍ଟ ବିଚାରଧାରା ଓ ପଦ୍ଧତି ମଧ୍ୟ ଅନୁସୃତ ହୋଇଥାଏ। ବିଶ୍ୱବିଶ୍ରୁତ ନୋବେଲ ପୁରସ୍କାରଠୁଁ ଆରମ୍ଭକରି ଭାରତୀୟ 'ଜ୍ଞାନପୀଠ ପୁରସ୍କାର' ବା କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପର୍ଯ୍ୟନ୍ତ 'କାର୍ଯ୍ୟକାରୀ ପରିଷଦ' ବା 'ଉପଦେଷ୍ଟା ସମିତି ସର୍ବତ୍ର ଏକ ବିଧିବଦ୍ଧ ବିଚାରପଦ୍ଧତି ଗ୍ରହଣ କରିଥାନ୍ତି ଏବଂ ସେଥିପାଇଁ ଲିପିବଦ୍ଧ ଓ ମୁଦ୍ରିତ ନିୟମାବଳୀ ମଧ ରହିଥାଏ। ମାତ୍ର ପୁରସ୍କାର ପ୍ରଦାନ ସହିତ ଏହି ସମିତି ବା ପରିଷଦ କେଉଁଠି ହେଲେ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ନ ଥାନ୍ତି କିମ୍ବା ଏମାନଙ୍କର ସଭାପତି ଓ ଅନ୍ୟାନ୍ୟ ସଦସ୍ୟବୃନ୍ଦ କୌଣସି କ୍ଷେତ୍ରରେ ନିଜେ ମୂଲ୍ୟାଙ୍କନ ପୂର୍ବକ କୌଣସି କୃତିକୁ ପୁରସ୍କୃତ କରି ନ ଥାନ୍ତି। 'ସାରଳା ପୁରସ୍କାର' ପ୍ରଦାନ କ୍ଷେତ୍ରରେ ସେଇଭଳି ଏକ ନିର୍ଦ୍ଦିଷ୍ଟ ବିଚାରଧାରା ଓ ମୂଲ୍ୟାଙ୍କନ ପଦ୍ଧତି ଓଡ଼ିଶାର ସାହିତ୍ୟିକବୃନ୍ଦ ଓ ବୁଦ୍ଧିଜୀବୀଗଣ ଆଶା କରିବା ଅନ୍ୟାୟ ବା ଅଯୌକ୍ତିକ ନୁହେଁ।

ଗତ ଦୁଇ ବର୍ଷ ଧରି 'ସାରଳା ପୁରସ୍କାର' ଓଡ଼ିଶାର ସାରସ୍ୱତ ମହଲରେ ଯେଉଁ ଆଶା, ଆନନ୍ଦ ଓ ପ୍ରତ୍ୟୟ ସୃଷ୍ଟି କରିଥିଲା, ତାହା ଚଳିତ ବର୍ଷ ବହୁ ସାହିତ୍ୟିକ ତଥା ପାଠକ ପ୍ରାଣରେ ଗଭୀର ହତାଶା ଓ ନୈରାଶ୍ୟ ଭାବ ସଂଚାର କରିଛି। ସାହିତ୍ୟିକ ଚନ୍ଦ୍ରଶେଖର ରଥ ମୋର ବ୍ୟକ୍ତିଗତ ବନ୍ଧୁ ଏବଂ ଆଧୁନିକ ଓଡ଼ିଆ ସାହିତ୍ୟରେ 'ଲଳିତ ନିବନ୍ଧ'ର ଲେଖକ ଭାବରେ ସେ ଖ୍ୟାତିସଂପନ୍ନ ମଧ୍ୟ।

Digitized by PPRACHIN, SOA

ପ୍ରାବନ୍ଧିକ ଭାବରେ ସେ ପୁରସ୍କୃତ ହୋଇଥିଲେ କାହାର କିଛି କହିବାର ଅବକାଶ ନ ଥାନ୍ତା। ମାତ୍ର ଦ୍ୱିତୀୟ ପର୍ଯ୍ୟାୟର ତାଲିକାରେ ଅନ୍ୟ ଲେଖକଙ୍କର ଉତ୍କୃଷ୍ଟ ମାନର ଏକ ପ୍ରବନ୍ଧ ଗ୍ରନ୍ଥ (ଜାତିରେ ମୁଁ ଯବନ) ଥିବାରୁ ବୋଧହୁଏ ଉପଦେଷ୍ଟା ସମିତି ଶ୍ରୀ ରଥଙ୍କ 'ଉତ୍ତର ଅରଣ୍ୟ' ପ୍ରବନ୍ଧ ଗ୍ରନ୍ଥକୁ ପୁରସ୍କୃତ କରିବାକୁ ସାହସୀ ନ ହୋଇ ଅନ୍ୟ ବିଶିଷ୍ଟ କଥାଶିଳ୍ପୀଙ୍କର ଉଚ୍ଚମାନର ଗଳ୍ପଗ୍ରନ୍ଥ ଓ ଉପନ୍ୟାସ ଥିବା ସତ୍ତ୍ୱେ ଶ୍ରୀ ରଥଙ୍କ ଗଳ୍ପ ଗ୍ରନ୍ଥଟିକୁ ପୁରସ୍କୃତ କରିବାକୁ ପ୍ରଚ୍ଛନ୍ନ ଉଦ୍ୟମ କରିଛନ୍ତି। କାରଣ, ପ୍ରବନ୍ଧ କ୍ଷେତ୍ରରେ ସେ ପୁରସ୍କୃତ ହୋଇଥିଲେ ସେମାନଙ୍କର ପ୍ରଚ୍ଛନ୍ନ ଅଭିପ୍ରାୟ ଅତ୍ୟନ୍ତ ସ୍ପଷ୍ଟ ଓ ସୁଦୃଶ୍ୟ ହୋଇ ଉଠିଥାନ୍ତା। ଗଳ୍ପ-ଉପନ୍ୟାସ କ୍ଷେତ୍ରରେ ଅନ୍ୟ ଗ୍ରନ୍ଥ ସବୁ ରହିଛି ସତ, କିନ୍ତୁ କଳାଗତ ମାନ ଓ ଉତ୍କର୍ଷ ନିର୍ଣ୍ଣୟରେ ସମୀକ୍ଷକମାନଙ୍କର ମତାନୈକ୍ୟ ଘଟିବାର ସମ୍ଭାବନାର ପରିସର ବ୍ୟାପକ ଥିବା ଦୃଷ୍ଟିରୁ ଅନ୍ୟ ଉତ୍କୃଷ୍ଟ ଗ୍ରନ୍ଥସମୂହକୁ ନିର୍ବିଚାର ଭାବରେ ଉପେକ୍ଷା କରି ଶ୍ରୀ ରଥଙ୍କ ଗଳ୍ପଗ୍ରନ୍ଥଟିକୁ ସମିତିର ସଦସ୍ୟବୃନ୍ଦ ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ନିଜର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଚରିତାର୍ଥ କରିବାରେ ସଫଳ ହୋଇଛନ୍ତି ବୋଲି ମନେହୁଏ। ଗତବର୍ଷ ଶ୍ରୀ ମନୋଜ ଦାସଙ୍କ 'ଧୂମ୍ରାଭ ଦିଗନ୍ତ' ଶୀର୍ଷକ ଗଳ୍ପଗ୍ରନ୍ଥଟି ପୁରସ୍କୃତ ହେବା ଅବକାଶରେ 'ସାମଗ୍ରିକ ସାଧନା ଓ କୃତିତ୍ୱ' ଦୃଷ୍ଟିରୁ ଏହା ଦିଆଯାଇଥିବା କଥା ଆଲୋଚିତ ହୋଇଥିଲା ଏବଂ ସାମଗ୍ରିକ ସାଧନା ଦୃଷ୍ଟିରୁ ତାଙ୍କର ପୁରସ୍କାରପ୍ରାପ୍ତିରେ ସମସ୍ତେ ଆନନ୍ଦିତ ମଧ୍ୟ ହୋଇଥିଲେ। ଗତବର୍ଷର ଦ୍ୱିତୀୟ ପର୍ଯ୍ୟାୟର ତାଲିକାରେ ପୁରସ୍କାର ଉପଯୋଗୀ ବହୁ ଉଚ୍ଚମାନର ସୃଜନଧର୍ମୀ ଓ ସମୀକ୍ଷାଧର୍ମୀ ଗ୍ରନ୍ଥ ସ୍ଥାନଲାଭ କରିଥିଲେ ଏବଂ ଉପଦେଷ୍ଟା ସମିତିର ମୂଲ୍ୟାଙ୍କନ ଓ ନିଷ୍ପତ୍ତିକ୍ରମେ ଶ୍ରୀ ଦାସଙ୍କ ଗଳ୍ପ ଗ୍ରନ୍ଥଟି ପୁରସ୍କାର ପ୍ରାପ୍ତିର ସୌଭାଗ୍ୟ ଅର୍ଜନ କରିଥିଲା। ମାତ୍ର ଶ୍ରୀ ରଥଙ୍କ ଗଳ୍ପସୃଷ୍ଟିର ସାଧନା ସମ୍ପୂର୍ଣ୍ଣ ଅର୍ବାଚୀନ ଏବଂ ଓଡ଼ିଆ ଗଳ୍ପରାଜ୍ୟରେ ତାଙ୍କର ପଦାଙ୍କ ଏବେ ସୁଦ୍ଧା ସ୍ପଷ୍ଟ ଓ ସୁଦୃଢ଼ ନୁହେଁ। ଅବଶ୍ୟ ୧୦-୬-୮୨ ର ଦୈନିକ 'ଧରିତ୍ରୀ' ର ସମ୍ପାଦକୀୟ ସ୍ତମ୍ଭରେ ଜନୈକ ସାହିତ୍ୟ ଅଧ୍ୟାପକ ଓ ଲେଖକ 'ଶ୍ରୀ ଦେବଦାସ'ଙ୍କ ଛଦ୍ମନାମରେ ସମୀକ୍ଷକ—ସୁଲଭ ସାଧାରଣ ସଂଯମ, ଶାଳୀନତା ଓ ମାତ୍ରାଜ୍ଞାନ ହରାଇ ଆଳଂକାରିକ ଓ ଅତିରଞ୍ଜିତ ଛଟାରେ ନିଜ ବନ୍ଧୁ ଶ୍ରୀ ରଥଙ୍କର ଅହେତୁକ ସ୍ତାବକତା କରିଛନ୍ତି। ସେ ଲେଖାଟି ପଢ଼ିଲେ ମନେ ହେଉଛି ଶ୍ରୀ ରଥଙ୍କର ସକଳ ଲେଖା ଓଡ଼ିଆ ଭାଷା ଓ ସାହିତ୍ୟରେ ଯେପରି 'ନାହିଁ, ନ ଥିଲା ଓ ନୋହିବ' ପର୍ଯ୍ୟାୟର। କବି ରାଧାନାଥ ଏଭଳି ସଂଘବଦ୍ଧ ପାରସ୍ପରିକ ସ୍ତୁତି ବା ସ୍ତାବକତାକୁ ଲକ୍ଷ୍ୟ କରି ଏକଦା କହିଥିଲେ, ଏ ଧରଣର ଆଲୋଚନା ବା ଅଭିମତ କେବଳ 'ଅନ୍ୟୋନ୍ୟ-ଶ୍ଳାଘା-ସମ୍ପାଦନୀ' ସଭାର ସଭ୍ୟମାନଙ୍କ ପକ୍ଷରେ ସମ୍ଭବ। ମନେ ହେଉଛି, ଶ୍ରୀ ଦେବଦାସ ପରିପକ୍ୱ ବୟସରେ ପ୍ରାଜ୍ଞଦୃଷ୍ଟି ଲାଭ କରିବା ପରିବର୍ତ୍ତେ ସାଧାରଣ କାଣ୍ଡଜ୍ଞାନ ହରାଇ କ୍ରମେ 'ଭ୍ରମନ୍ତି ଭ୍ରମରେ ଭ୍ରମନ୍ତି' ଆଡ଼କୁ ଗତି କରୁଛନ୍ତି।

Digitized by PPRACHIN, SOA

୧୯୮୧ ମସିହାର 'ସାରଳା ପୁରସ୍କାର' ପାଇଁ ଦ୍ୱିତୀୟ ପର୍ଯ୍ୟାୟର ରେଫରୀମାନଙ୍କ ନିକଟକୁ ଯେଉଁ ବାରଖଣ୍ଡ ବହିର ତାଲିକା ପ୍ରେରିତ ହୋଇଥିଲା, ସେଗୁଡ଼ିକ ହେଉଛି ଶ୍ରୀ ଶାନ୍ତନୁ ଆଚାର୍ଯ୍ୟଙ୍କ 'ଶକୁନ୍ତଳା', ଶ୍ରୀ ପ୍ରାଣବନ୍ଧୁ କରଙ୍କ 'ସ୍ନାୟୁ-ସଂହାର', ଶ୍ରୀ କାହ୍ନୁଚରଣ ମହାନ୍ତିଙ୍କ 'ସତ୍ୟବତୀ, ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କ 'ଚିତ୍ରନଦୀ', ଶ୍ରୀ ଚନ୍ଦ୍ରଶେଖର ରଥଙ୍କ 'ଉତ୍ତର ଅରଣ୍ୟ' ଏବଂ 'ସମ୍ରାଟ ଓ ଅନ୍ୟମାନେ', ଶ୍ରୀ ଅଖିଳ ମୋହନ ପଟ୍ଟନାୟକଙ୍କ 'ଓ ଅନ୍ଧଗଳି', ମହାପାତ୍ର ନୀଳମଣି ସାହୁଙ୍କ 'ପିଙ୍ଗଳା ସେ ଅନ୍ୟଜଣେ', ଶ୍ରୀ ମନୋରଞ୍ଜନ ଦାସଙ୍କ 'କ୍ଳାନ୍ତ ପ୍ରଜାପତି', ଶ୍ରୀ ରବି ପଟ୍ଟନାୟକଙ୍କ 'ରାଗତୋଡ଼ି', ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ 'ଜାତିରେ ମୁଁ ଯବନ' ଏବଂ ଶ୍ରୀ କିଶୋରୀ ଚରଣ ଦାସଙ୍କ 'ଗମନ'। ଏଇ ଗ୍ରନ୍ଥଗୁଡ଼ିକ ଭିତରୁ ଉପନ୍ୟାସ ହେଉଛି ଦୁଇଟି, ଗଳ୍ପଗ୍ରନ୍ଥ ହେଉଛି ପାଞ୍ଚୋଟି, ନାଟକ ହେଉଛି ଦୁଇଟି, ପ୍ରବନ୍ଧ ଗ୍ରନ୍ଥ ଦୁଇଟି ଏବଂ କାବ୍ୟଗ୍ରନ୍ଥ ଗୋଟିଏ। ଆମେ ଯାହା ଜାଣୁ, ପୁରସ୍କାର ପ୍ରଦାନର ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ରେଫରୀଙ୍କ ମାଧ୍ୟମରେ ପୁରସ୍କାର ପ୍ରାପ୍ତିର ଉପଯୋଗୀ ଗ୍ରନ୍ଥମାନଙ୍କର ନାମ ସଂଗୃହୀତ ହୋଇଥାଏ। ଅବଶ୍ୟ ଏଥିପାଇଁ 'ରେଫରୀ'ମାନଙ୍କୁ ପ୍ରତିଷ୍ଠାନର ସମ୍ପାଦକ ତିନିବର୍ଷ ମଧ୍ୟରେ ପ୍ରକାଶିତ ହୋଇଥିବା ଗ୍ରନ୍ଥମାନଙ୍କର ଏକ ତାଲିକା ପ୍ରଦାନ କରିଥାନ୍ତି। ପୁରସ୍କାର ଉପଯୋଗୀ ଗ୍ରନ୍ଥମାନଙ୍କର ନାମ ଆସିଯିବା ପରେ ସେଗୁଡ଼ିକର ଗୋଟିଏ ତାଲିକା ଦ୍ୱିତୀୟ ପର୍ଯ୍ୟାୟର 'ରେଫରୀ' ବା ସମୀକ୍ଷକମାନଙ୍କ ନିକଟକୁ ପଠାଯାଇଥାଏ। ଏହି ସ୍ତରରେ ୧୦ ଜଣ ବା ୧୨ ଜଣ ରେଫରୀ ରହନ୍ତି ଏବଂ ବିଗତ ବର୍ଷମାନଙ୍କର ପୁରସ୍କାର-ବିଜେତା ଏବଂ ଜ୍ଞାନପୀଠ ପୁରସ୍କାର ବିଜେତା ଶ୍ରୀ ଗୋପୀନାଥ ମହାନ୍ତି ଏହି ୨ୟ ପର୍ଯ୍ୟାୟର ସମୀକ୍ଷକମାନଙ୍କର ଅନ୍ତର୍ଭୁକ୍ତ। ଏହି ୧୦ ଜଣ ବା ୧୨ ଜଣ ସମୀକ୍ଷକ ପ୍ରେରିତ ତାଲିକା ମଧ୍ୟରୁ ଖଣ୍ଡିଏ ଖଣ୍ଡିଏ ଗ୍ରନ୍ଥକୁ ସୁପାରିଶ କରି ପଠାଇଥାନ୍ତି। ତେଣୁ ଦ୍ୱିତୀୟ ପର୍ଯ୍ୟାୟର ସୁପାରିଶ ମଧ୍ୟରୁ ଯେଉଁ ଗ୍ରନ୍ଥଟି ସର୍ବାଧିକ ସୁପାରିଶ ବା ଭୋଟ ପାଇଥାଏ, ସେଇ ଗ୍ରନ୍ଥଟି ପୁରସ୍କୃତ ହେବା ସ୍ୱାଭାବିକ ଏବଂ ଯେକୌଣସି ବିଚାର ବ୍ୟବସ୍ଥା ଦୃଷ୍ଟିରୁ ଏହା ଯୁକ୍ତିସଙ୍ଗତ ଓ ନ୍ୟାୟାନୁମୋଦିତ ମଧ୍ୟ। ଯଦି କୌଣସି ସ୍ଥଳରେ ଏକାଧିକ ଗ୍ରନ୍ଥ ସମାନ ଭୋଟ ପାଇଯାଆନ୍ତି ସେ କ୍ଷେତ୍ରରେ କାର୍ଯ୍ୟକାରୀ ସମିତି ବା ଉପଦେଷ୍ଟା ସମିତିର ହସ୍ତକ୍ଷେପ ଏବଂ ବିଚାର-ସିଦ୍ଧାନ୍ତ ଚୂଡ଼ାନ୍ତ ବୋଲି ଗୃହୀତ ହେବା ସ୍ୱାଭାବିକ। ଅନ୍ୟ ସକଳ ସାରସ୍ୱତ ପୁରସ୍କାର ପ୍ରଦାନ କ୍ଷେତ୍ରରେ ଏହି ନୀତି ନିୟମ ହିଁ ସର୍ବତ୍ର ଅନୁସୃତ ହୋଇଥାଏ ଏବଂ ସ୍ଥଳ ବିଶେଷରେ ପୁରସ୍କାରର ପରିମାଣକୁ ସମଭାବରେ ବଣ୍ଟନକରି ପ୍ରଦାନ କରାଯିବାର ଦୃଷ୍ଟାନ୍ତ ମଧ୍ୟ ରହିଛି।

ମାତ୍ର 'ସାରଳା ପୁରସ୍କାର'ର ବିଚାରପଦ୍ଧତି ଓ ନୀତିନିୟମ ସମ୍ପୂର୍ଣ୍ଣ ଭିନ୍ନ, ଅଭିନବ ଓ ବିସ୍ମୟକର। ଦ୍ୱିତୀୟ ପର୍ଯ୍ୟାୟରେ ଗୋଟିଏ ଗ୍ରନ୍ଥ ସର୍ବାଧିକ ସୁପାରିଶ ଓ ଭୋଟ ପାଇଥିଲେ ମଧ୍ୟ ତାହା ପୁରସ୍କୃତ ହେବାର ସମ୍ଭାବନା ଆଦୌ ନାହିଁ। ତା'ର କାରଣ, ଦ୍ୱିତୀୟ ପର୍ଯ୍ୟାୟର 'ରେଫରୀ' ବା ସମୀକ୍ଷକଙ୍କ ନିକଟରୁ

Digitized by PPRACHIN, SOA

ପୁସ୍ତକଗୁଡ଼ିକ ସୁପାରିଶ ପାଇ ଆସିବା ପରେ ଏହାର 'ଉପଦେଷ୍ଟା ସମିତି'ର ସଭ୍ୟବୃନ୍ଦ (ଉପରେ ୫ ଜଣଙ୍କ ନାମ ଉଲ୍ଲେଖ କରାଯାଇଛି ଏବଂ ଚଳିତ ବର୍ଷ ଡକ୍ଟର ଭୁବନେଶ୍ୱର ବେହେରା ଏଥିରେ ଅଂଶ ଗ୍ରହଣ କରିନାହାନ୍ତି କିମ୍ବା ନିଜର ମତାମତ ମଧ୍ୟ ଦେଇନାହାନ୍ତି ବୋଲି ସମ୍ବାଦ ମିଳେ) ନିଜେ ପରୀକ୍ଷକ ସାଜି ଗ୍ରନ୍ଥଗୁଡ଼ିକୁ ନମ୍ବର ଦିଅନ୍ତି ଏବଂ ସେମାନଙ୍କ ବିଚାରରେ ଯେଉଁ ଗ୍ରନ୍ଥଟି ସର୍ବାଧିକ ନମ୍ବର ପ୍ରାପ୍ତ ହୁଏ, ତାକୁଇ 'ଶ୍ରେଷ୍ଠ ମୌଳିକ କୃତି'ର ମୁଦ୍ରା ଦେଇ ତାର ଲେଖକଙ୍କୁ ପୁରସ୍କାରଟି ସମର୍ପିତ ହୋଇଥାଏ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ୧ମ ପର୍ଯ୍ୟାୟ ବା ୨ୟ ପର୍ଯ୍ୟାୟର ରେଫରୀ ବା ସମୀକ୍ଷକ ନିଯୁକ୍ତି ଏକ ହାସ୍ୟାସ୍ପଦ ପ୍ରହସନ ମାତ୍ର। ଉପଦେଷ୍ଟା ସମିତିର ରୁଚି ଓ ମରଜି ଉପରେ ଏଇ ପୁରସ୍କାର ପ୍ରଦାନ ପ୍ରସଙ୍ଗଟି ସଂପୂର୍ଣ୍ଣ ନିର୍ଭରଶୀଳ। କେବଳ ପ୍ରସ୍ତାବିତ ବା କଳ୍ପିତ ଲେଖକଙ୍କର ଗ୍ରନ୍ଥଟି ତଥାକଥିତ ନିୟମାନୁଯାୟୀ ୨ୟ ପର୍ଯ୍ୟାୟ ଅତିକ୍ରମ କରି ଉପଦେଷ୍ଟା ସମିତି ପାଖରେ ପହଞ୍ଚି ପାରିଲେ ହେଲା, ଯାହାକି ଅତି ସହଜ ଓ ସୁକର ବ୍ୟାପାର ମଧ୍ୟ। ତେଣୁ ଏପରି ସ୍ଥଳେ ଓଡ଼ିଆ ସାହିତ୍ୟର କୌଣସି ଆତ୍ମମର୍ଯ୍ୟାଦାସଂପନ୍ନ ସମୀକ୍ଷକ ବା ସ୍ରଷ୍ଟା ଏଥିରେ 'ରେଫରୀ' ବା ସମୀକ୍ଷକ ସାଜି ସହଯୋଗ କରିବା ମର୍ଯ୍ୟାଦାହାନିକର ଓ ଅପମାନଜନକ।

'କେନ୍ଦ୍ର ସାହିତ୍ୟ ଏକାଡ଼େମୀ' ଏଥିପାଇଁ ଚଳିତ ବର୍ଷଠୁଁ ଶେଷ ପର୍ଯ୍ୟାୟରେ ଥିବା ସମୀକ୍ଷକମାନଙ୍କ ନାମ ଓ ସେମାନଙ୍କ ସୁପାରିଶର କାରଣମାନ ଜନସାଧାରଣଙ୍କ ନିକଟରେ ପ୍ରକାଶ କରିବାକୁ ସ୍ଥିର କରିଛନ୍ତି। 'ସାରଳା ପୁରସ୍କାର' ପ୍ରତିଷ୍ଠାନ ଏକ ଘରୋଇ ସଂସ୍ଥା ହେଲେ ମଧ୍ୟ ବିଚାରର ନିର୍ମଳତା ଏବଂ ସାହିତ୍ୟିକ ଶିଷ୍ଟାଚାର ଓ ସୌଜନ୍ୟ ଦୃଷ୍ଟିରୁ ଏହାର କର୍ମକର୍ତ୍ତାବୃନ୍ଦ ୨ୟ ପର୍ଯ୍ୟାୟର ସମୀକ୍ଷକମାନଙ୍କ ନାମ ଓ ସେମାନଙ୍କଠାରୁ ସୁପାରିଶ ପାଇଥିବା ଗ୍ରନ୍ଥଗୁଡ଼ିକର ଶୀର୍ଷକ ସାହିତ୍ୟିକ, ବୁଦ୍ଧିଜୀବୀ ତଥା ସର୍ବସାଧାରଣଙ୍କ ନିକଟରେ ପ୍ରକାଶ କରିବେ କି? ଚଳିତବର୍ଷ ଉପଦେଷ୍ଟା ସମିତିର ବୈଠକରେ ୪ ଜଣ ମାତ୍ର ସଭ୍ୟ ଉପସ୍ଥିତ ରହିଥିଲେ। ବିଶ୍ୱସ୍ତ ସୂତ୍ରରୁ ଜଣାଯାଏ, ସେମାନଙ୍କ ମଧ୍ୟରୁ ଜଣେ ସଦସ୍ୟ ଯେଉଁ ଗ୍ରନ୍ଥଟିକୁ ସର୍ବୋଚ୍ଚ ନମ୍ବର ଦେଇଥିଲେ ଅନ୍ୟ ତିନିଜଣଙ୍କ ମିଳିତ ଉଦ୍ୟମ ଓ ବୁଝାମଣା ଫଳରେ ସେ ଗ୍ରନ୍ଥଟି ପୁରସ୍କାର ପ୍ରାପ୍ତିର ସୌଭାଗ୍ୟରୁ ବଞ୍ଚିତ ହୋଇଅଛି।

ପୁରସ୍କାର ପ୍ରଦାନ କ୍ଷେତ୍ରରେ ଯଦି ଦଳ, ଗୋଷ୍ଠୀ ବା ଜାତିଆଣ ଭାବ ନିଜର ରୁଚି, ପ୍ରଭୁତ୍ୱ ଓ ପ୍ରତିପତ୍ତି ବିସ୍ତାର କରେ, ଯୋଗ୍ୟ ସାଧକ ଯଦି ତାଙ୍କର କୃତିତ୍ୱ ପାଇଁ ସମ୍ମାନିତ ବା ପୁରସ୍କୃତ ନ ହୁଅନ୍ତି ତେବେ ସେଭଳି ପୁରସ୍କାର ସାହିତ୍ୟ ଜଗତରେ ମିଥ୍ୟା ମୂଲ୍ୟବୋଧ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପୁରସ୍କାର ପ୍ରଦାନ କରୁଥିବା ପ୍ରତିଷ୍ଠାନ ବା ପୃଷ୍ଠପୋଷକ ବ୍ୟକ୍ତିଙ୍କୁ ମଧ୍ୟ ନିଶ୍ଚୟ ସନ୍ଦିଗ୍ଧ ଓ କଳଙ୍କିତ କରିବ। ମୁଁ ଗତ ତିନିବର୍ଷ ଧରି ୨ୟ ପର୍ଯ୍ୟାୟର ଜଣେ ସମୀକ୍ଷକ ଭାବରେ ଏହି ପୁରସ୍କାର ସହିତ ସଂପୃକ୍ତ। ବହୁ ସାହିତ୍ୟିକ ବନ୍ଧୁଙ୍କ ଆଲୋଚନା ଓ ଅଭିମତରୁ ଯେଉଁ ମନୋଭାବ ମୁଁ ଲକ୍ଷ୍ୟ କରିଛି, ତାହାକୁ ସମର୍ଥନ ପୂର୍ବକ ମୋର କର୍ତ୍ତବ୍ୟ ଦୃଷ୍ଟିରୁ ଏଠାରେ ଲିପିବଦ୍ଧ କରୁଛି ମାତ୍ର। ■ ■

Digitized by PPRACHIN, SOA

ସାହିତ୍ୟିକ ଶିଷ୍ଟାଚାର

'ପ୍ରଜାତନ୍ତ୍ର'ରେ ମୋର 'ସାରଳା ପୁରସ୍କାର-୧୯୮୧' ଲେଖାଟି ପ୍ରକାଶିତ ହେବା ପରେ ଓଡ଼ିଆ ସାହିତ୍ୟର ବନ୍ଧୁ ଲେଖକ ଓ ସମ୍ପାଦକ ମୋର ବକ୍ତବ୍ୟକୁ ସମର୍ଥନ ଜଣାଇ ଏହି ଅନ୍ୟାୟ ଓ ଅନୀତିକୁ ଦୃଢ଼ ଭାବରେ ବିରୋଧ କରିଥିବା ସାହିତ୍ୟର ସୁସ୍ଥ ଓ ନିର୍ଭୀକ ମୂଲ୍ୟାୟନ ପାଇଁ ନିଶ୍ଚୟ ମାର୍ଗଦର୍ଶକ ଓ ମଙ୍ଗଳଜନକ ହେବ ବୋଲି ବିଶ୍ୱାସ। ମୋର ମୌଳିକ ଅଭିଯୋଗଗୁଡ଼ିକର କୌଣସି ସଦୁତ୍ତର ନ ଦେଇ ଅନୁଷ୍ଠାନର ସମ୍ପାଦକ ସାଧାରଣ ମନକୁ ବିଭ୍ରାନ୍ତ କରିବା ଭଳି ଗୋଟିଏ ଛଳନାପୂର୍ଣ୍ଣ ସଫେଇ ଅବଶ୍ୟ ଦେଇଥିଲେ। କିନ୍ତୁ ପୁରସ୍କାର–ପ୍ରତିଷ୍ଠାନର ପରବର୍ତ୍ତୀ କ୍ରିୟାକଳାପରେ ମୋର ଅଭିଯୋଗର ସତ୍ୟତା ଅଧିକ ସତ୍ୟ ଓ ବଳିଷ୍ଠ ଭାବରେ ପ୍ରମାଣିତ ହୋଇଛି। ଅର୍ଥାତ୍ ଅନୀତିର ମୌଳିକ ବୀଜକୁ ଅପସାରଣ ନ କରି ଏବଂ ମୂଲ୍ୟାଙ୍କନଜନିତ ନୀତି-ପଦ୍ଧତି ଓ ଆଭିମୁଖ୍ୟର କୌଣସି ପରିବର୍ତ୍ତନ ନ କରି ସଭ୍ୟସଂଖ୍ୟାର ସଂପ୍ରସାରଣ ନାମରେ ବୃହତ୍ତର ଛଳନାର ଆଶ୍ରୟ ଏବେ ନିଆଯାଇ ଦେଶର ଲେଖକ, ସମାଲୋଚକ ଓ ସାହିତ୍ୟରସିକମାନଙ୍କୁ ବିଭ୍ରାନ୍ତ କରିବାର ଯେଉଁ ଅପଚେଷ୍ଟା କରାଯାଇଛି, ତାହା ସମସ୍ତଙ୍କ ନିକଟରେ ବେଶ ସ୍ପଷ୍ଟ ଓ ସୁଦୃଶ୍ୟ।

ସବୁଠୁଁ ବିସ୍ମୟର କଥା, ଶ୍ରୀ ଚନ୍ଦ୍ରଶେଖର ରଥ, (ଯେଉଁ ବିବାଦୀୟ ବ୍ୟକ୍ତି ପରେ ପୁଣି ଅନୁଷ୍ଠାନର ଜଣେ କର୍ମକର୍ତ୍ତା ଭାବରେ ଗୃହୀତ ଏବଂ ଯେଉଁଥିରୁ ଉକ୍ତ ବ୍ୟକ୍ତିଙ୍କର ରୁଚିବୋଧ ଓ ଅନୁଷ୍ଠାନର ମନୋଭାବ ସ୍ପଷ୍ଟ ଜଣାପଡୁଛି। ତା'ଛଡ଼ା ପୂର୍ବରୁ ସାରଳା ପୁରସ୍କାରପ୍ରାପ୍ତ ଦୁଇ ପ୍ରତିଭାଧର ବ୍ୟକ୍ତି ବୋଧହୁଏ କର୍ମକର୍ତ୍ତା ହେବାପାଇଁ ଯୋଗ୍ୟ ନୁହନ୍ତି। ଧନ୍ୟ ଏମାନଙ୍କର ବିଚାର) ତାଳଚେରରୁ ଅନିୟମିତ ଭାବେ ପ୍ରକାଶ ପାଉଥିବା 'ଗୋଧୂଳି ଲଗ୍ନ' ନାମକ ଏକ ପତ୍ରିକାରେ ନିଜ ଆୟୋଜନରେ ସାକ୍ଷାତକାରର ବିବରଣୀଟିଏ ଛପାଇଛନ୍ତି ଏବଂ ସେଥିରେ ନିଜ ପୁରସ୍କାରପ୍ରାପ୍ତିର ଦୈନ୍ୟ ଓ ଅସହାୟତାକୁ ଘୋଡାଇବା ପାଇଁ କେତୋଟି ଚତୁର ଓ ଚଟୁଳ ମିଥ୍ୟାର ଆଶ୍ରୟ ନେଇଛନ୍ତି। ଏହା ପ୍ରକାଶିତ ହେବାପରେ ସାହିତ୍ୟିକ ଶିଷ୍ଟାଚାର ଦୃଷ୍ଟିରୁ ସମ୍ପାଦକ ମୋ ନିକଟକୁ ସଂପୃକ୍ତ ସଂଖ୍ୟାଟି ପଠାଇବା ଉଚିତ ଥିଲା। ମାତ୍ର ସେ ତାହା କରି ନାହାନ୍ତି। ନିକଟରେ କେତେକ ସାହିତ୍ୟିକ ବନ୍ଧୁ ଶ୍ରୀ ରଥଙ୍କର ସେହି ବକ୍ତବ୍ୟମାନ ମୋ ଦୃଷ୍ଟିକୁ ଆଣିବାରୁ ତା'ର ଉତ୍ତରଦେବା ମୋର କର୍ତ୍ତବ୍ୟ ବୋଲି ଜ୍ଞାନ କରୁଛି।

Digitized by PPRACHIN, SOA

ସେହି ସାକ୍ଷାତକାରରେ ତାଙ୍କର 'ଯାତ୍ରୀ' ଶୀର୍ଷକ ଗଳ୍ପଟିକୁ ମୁଁ ଥରେ ପ୍ରଶଂସା କରିଥିବା ବିଷୟ ଯାହା ଶ୍ରୀ ରଥ କହିଛନ୍ତି ତାହା ସତ୍ୟ। (ଅବଶ୍ୟ ଏ ଗଳ୍ପଟି ପୁରସ୍କୃତ ବହିଟି ମଧ୍ୟରେ ନାହିଁ।) ତିନି ଚାରିବର୍ଷର ଗଳ୍ପରଚନା ଭିତରେ ଯାହା କି ସେ ନିଜେ ସ୍ୱୀକାର କରିଛନ୍ତି ଏବଂ ଗଳ୍ପରାଜ୍ୟରେ ତାଙ୍କର ଭାବମୂର୍ତ୍ତି ସ୍ଥିର ହୋଇନାହିଁ ବୋଲି ମଧ୍ୟ କହିଛନ୍ତି, ସେପରି ସ୍ଥଳେ ତାଙ୍କର ଗୋଟିଏ ଗଳ୍ପକୁ ଏକାଠି ଚାକିରୀ ଓ ଚଲାବୁଲା କରୁଥିବା ଜଣେ ବନ୍ଧୁ ପ୍ରଶଂସା କରିଥିବା ନିଶ୍ଚୟ ଅସୁନ୍ଦର ବା ଅସମୀଚୀନ ନୁହେଁ। ଏଇ ଗୋଟିଏ ଗପକୁ ମୁଁ ପ୍ରଶଂସା କରିବା ଦ୍ୱାରା ଗପ ପାଇଁ ତାଙ୍କର ପୁରସ୍କାରପ୍ରାପ୍ତିର ଯୋଗ୍ୟତା ଓ ଯାଥାର୍ଥ୍ୟ କ'ଣ ପ୍ରମାଣିତ ହୋଇ ଯାଉଛି ? ଏବେ ମଧ୍ୟ ମୁଁ କହୁଛି ମୋ ଅଭିଯୋଗର ସତ୍ୟତା ଦୃଢ଼ମୂଳ ଓ ବାସ୍ତବ। ଅନ୍ୟ ବିଭାଗ କଥା ଛାଡ଼ିଦେଲେ ବି କେବଳ କଥାସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଓ ରସସିଦ୍ଧି ଦୃଷ୍ଟିରୁ ବହୁ ଗ୍ରନ୍ଥ ପ୍ରତିଦ୍ୱନ୍ଦ୍ୱୀ ଥିଲେ ମଧ୍ୟ ଶ୍ରୀ ରଥଙ୍କ ଏହି ଅପରିଚିତ ଓ ନ୍ୟୂନମାନର ବହିଟିକୁ ପୁରସ୍କୃତ କରିବା ମୂଳରେ କେଉଁ ପ୍ରଚ୍ଛନ୍ନ ଅଭିପ୍ରାୟ ନିହିତ ଥିଲା, ତାହା ଲେଖକ ଓ ପାଠକ ସମାଜକୁ ଆଜି ଅଜ୍ଞାତ ନୁହେଁ। ସମ୍ପାଦକ, ସଭାପତି ଓ ଦୁଇଜଣ ସଭ୍ୟ (ଜଣେ ସଭ୍ୟ ଅନୁପସ୍ଥିତ) କୁଆଡ଼େ ମାସ ମାସ ଧରି ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନକରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ବୋଲି ସମ୍ପାଦକ ଶ୍ରୀ ଶତପଥୀ ସଫେଇ ଦେଇଛନ୍ତି। ଏ ଚାରିଜଣଙ୍କ ମଧ୍ୟରୁ ଜଣେ ସଭ୍ୟ ପୁଣି ଶ୍ରୀରଥଙ୍କ ସପକ୍ଷରେ ସର୍ବୋଚ୍ଚ ନମ୍ବର ଦେଇନଥିବା ଉଲ୍ଲେଖଯୋଗ୍ୟ।

ଶ୍ରୀ ରଥ ମୋର ଅଭିଯୋଗମୂଳକ ଲେଖାରୁ ଯେଉଁ ଉକ୍ତି ଉଦ୍ଧାର କରିଛନ୍ତି, ତାହାକୁ ସେ ନିଜେ ସାକ୍ଷାତ୍କାର ଭିତରେ ଅଜ୍ଞାତସାରରେ ବୋଧହୁଏ ସ୍ୱୀକାର ମଧ୍ୟ କରିଛନ୍ତି ଏବଂ ମୁଁ ଲେଖିଥିବା "ଅର୍ବାଚୀନ" ପଦ ବା ଓଡ଼ିଆ ଗଳ୍ପରାଜ୍ୟରେ ତାଙ୍କର 'ପଦାଙ୍କ ସ୍ପଷ୍ଟ ନୁହେଁ ଉକ୍ତିକୁ ସମର୍ଥନ ଜଣାଇ ସେ କହିଛନ୍ତି ଯେ ଓଡ଼ିଆ ଗଳ୍ପକ୍ଷେତ୍ରରେ ତାଙ୍କର "ଭାବମୂର୍ତ୍ତି ସ୍ଥିର ହେବା ପାଇଁ ଆଉ କିଛି ସମୟ ଲାଗିବ।"

ମୋର ତୃତୀୟ ଉକ୍ତି ବିଷୟରେ ସାକ୍ଷାତ୍କାରରେ ଯାହା କହିଛନ୍ତି, ତାହା ସମ୍ପୂର୍ଣ୍ଣ ସୁକଳ୍ପିତ ମିଥ୍ୟା ଓ ମନଗଢ଼ା କଥା। ଶ୍ରୀ ରଥ ଆତ୍ମରକ୍ଷା ଉଦ୍ଦେଶ୍ୟରେ ଏବଂ ଅସହାୟତାରୁ ଉଦ୍ଧାର ପାଇବା ପାଇଁ ଏପରି ମିଥ୍ୟା ଛଳନାର ଯେ ଆଶ୍ରୟ ନେଇପାରିବେ, ତା' ମୋର ସଂପୂର୍ଣ୍ଣ କଳ୍ପନାତୀତ। ନିଃସଙ୍କୋଚ ଭାବରେ ବନ୍ଧୁ 'ଦେବ ଦାସ'ଙ୍କର ପ୍ରଶସ୍ତି ଯେ ଜୀର୍ଣ୍ଣ କରିପାରନ୍ତି ତାଙ୍କ ପକ୍ଷରେ ଏପରି ମିଥ୍ୟା ରଚନା ହୁଏତ କିଛି ଅସ୍ୱାଭାବିକ ନୁହେଁ ଏବଂ ଏଇଥିରୁ ହିଁ ତାଙ୍କ ପୁରସ୍କାରପ୍ରାପ୍ତିର ଦୈନ୍ୟ ଓ ଆତ୍ମଗ୍ଳାନି ସ୍ୱତଃ ପ୍ରମାଣିତ ହୋଇ ଯାଉଛି। ତାଙ୍କର ଲେଖକ ଓ

Digitized by PPRACHIN, SOA

ସାମୟିକ ବନ୍ଧୁ 'ଶ୍ରୀ ଦେବଦାସ'ଙ୍କୁ ମୁଁ 'ନୀଳମଣିବାବୁ' ବୋଲି ସର୍ବଦା ସମ୍ବୋଧନ କରେ। ତେଣୁ ଶ୍ରୀ ରଥଙ୍କ ଦ୍ୱାରା ଉଦ୍ଧୃତ ଛଳନାପୂର୍ଣ୍ଣ ବାକ୍ୟଟି ମୋ ମୁହଁରୁ ଉଚ୍ଚାରିତ ହୋଇଥିବା କେତେଦୂର ସମ୍ଭବ ଓ ସ୍ୱାଭାବିକ ତାହା ତାଙ୍କ ପ୍ରକାଶଭଙ୍ଗୀରୁହିଁ ସହଜରେ ଅନୁଭବ୍ୟ। ଲେଖକ ଜଣେ ଛଳନାପ୍ରିୟ ଓ ଦ୍ୱୈତରୂପଧାରୀ ହେବାର ଧାରଣାକୁ ମୁଁ ସର୍ବାନ୍ତଃକରଣରେ ଘୃଣାକରେ। ଚାପରେ ପଡ଼ି ପ୍ରଜାତନ୍ତ୍ରରେ ମୁଁ ଲେଖିବା କଥା ଶ୍ରୀ ରଥ ଯାହା କହିଛନ୍ତି ତାହା କିପରି ମିଥ୍ୟା ଓ କାଳ୍ପନିକ, ମୋର ସ୍ୱଭାବ ଓ ବ୍ୟକ୍ତିତ୍ୱ ସହ ପରିଚିତ ବନ୍ଧୁମାନେ ସହଜରେ ଅନୁଭବ କରି ପାରିବେ। 'ଚାପ' କଥା ଯଦି ଶ୍ରୀ ରଥ ଭାବୁଥାନ୍ତି ତାହା ହେଉଛି ସାରସ୍ୱତ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ନିଚୋଳ ସତ୍ୟର ଆତ୍ମପ୍ରକାଶରହିଁ 'ଚାପ' ଯାହାକି ସଂକୀର୍ଣ୍ଣ ସ୍ୱାର୍ଥ ଓ ଛଳନାର ମୁଖା ଖୋଲି ଦେବା ପାଇଁ ଅଭିପ୍ରେତ। ସେ ଯାହା ହେଉ ତାଙ୍କର ମିଥ୍ୟାଚରଣ ମୋର ସମ୍ମାନ ଓ ବ୍ୟକ୍ତିତ୍ୱହାନିକର ହୋଇଥିବାରୁ ସେ ଲେଖାଟିର ସଂପୃକ୍ତ ଅଂଶର ପ୍ରତିବାଦ କରିବାକୁ ମୁଁ ବାଧ୍ୟ ହେଲି ଏବଂ ଯେଉଁ ନୀତିପଦ୍ଧତିଗତ ତ୍ରୁଟି ଓ ଅନ୍ୟଗ୍ରନ୍ଥମାନଙ୍କ ତୁଳନାରେ ପୁରସ୍କୃତ ଗ୍ରନ୍ଥଟିର ଦୈନ୍ୟ ଦୁର୍ବଳତାର ପ୍ରସଙ୍ଗ ମୁଁ ଉତ୍ଥାପନ କରିଛି ତାରି ଭିତ୍ତି କିପରି ସୁଦୃଢ଼ ଓ ବଳିଷ୍ଠ ତାହା ନିରପେକ୍ଷ ଓ ସତ୍ୟପ୍ରେମୀ ସାହିତ୍ୟିକ ବନ୍ଧୁମାନେ ଉପଲବ୍ଧି କରିବେ।

■ ■

Digitized by PPRACHIN, SOA

ଯନ୍ତ୍ର, ଗଣତନ୍ତ୍ର ଓ ଶିଳ୍ପଜୀବନ

ବିଂଶ ଶତାବ୍ଦୀର ଜୀବନ-ସିଂହାସନରେ ଆଜି ଜୀବନ ବଦଳରେ ଯନ୍ତ୍ରର ଅଭିଷେକ ଓ ପ୍ରତିଷ୍ଠା। ତେଣୁ ଶତାବ୍ଦୀର ମନୁଷ୍ୟର କୃଷ୍ଟି ଓ ଜୀବନ ଯନ୍ତ୍ରସର୍ବସ୍ୱ ଓ ଯନ୍ତ୍ରଧର୍ମୀ ହେବା ସ୍ୱାଭାବିକ। ଏହି ଯନ୍ତ୍ରର ଉପାସନା ଆଜି ଏତେ ପ୍ରବଳ ଓ ପ୍ରଚଣ୍ଡ ହୋଇଉଠିଛି ଯେ, ମନୁଷ୍ୟ ଜୀବନର ମର୍ମବାଣୀ, ଜୀବନର ସ୍ନିଗ୍ଧ କୋମଳ ସ୍ପର୍ଶ ଓ ହୃଦୟର ଅନୁରାଗଭରା ଅଶ୍ରୁ-ହାସ୍ୟର ରାଗିଣୀ ଯନ୍ତ୍ରର କୋଳାହଳ ତଳେ ଅବଲୁପ୍ତ। ତେଣୁ ବିଂଶ ଶତାବ୍ଦୀର ଯାନ୍ତ୍ରିକ ମାନବ ଭୌତିକ ଉନ୍ନତି ଓ ସୁଖ ସମୃଦ୍ଧିର ଚରମ ସୀମାରେ ଉପନୀତ ହୋଇ ମଧ ମଧୁର ଜୀବନର ଗାୟତ୍ରୀ ଓ ବଞ୍ଚିରହିବାର ମଧୁରତା ପାଇଁ ଆଜି ଆକୁଳ ଚିତ୍କାର କରୁଛି। ପ୍ରାଣର ଏହି ଅଶାନ୍ତ ଓ ରୁଦ୍ଧ ବିଳାପ ପ୍ରତି ଯନ୍ତ୍ର ଆଜି ଜଡ଼, ମୂକ ଓ ଅଟ୍ଟହାସ୍ୟମୁଖର। ଯନ୍ତ୍ର ସବୁକିଛି ଦେଇପାରେ, ସବୁକିଛି କରିପାରେ, ଏପରିକି ମନୁଷ୍ୟ ମସ୍ତିଷ୍କର କ୍ରିୟା ମଧ ମନୁଷ୍ୟର ଶ୍ରମଲାଘବ ପାଇଁ କେତେକାଂଶରେ କରିପାରେ; କିନ୍ତୁ ହୃଦୟର ସରସତାଭରା ସ୍ନିଗ୍ଧ-ମଧୁର ଏକ ହାସ୍ୟରେଖା ବା ପ୍ରାଣର ଦରଦଭରା ଦୁଇବିନ୍ଦୁ ତପ୍ତ ଅଶ୍ରୁ ଦେଇପାରିବାର ଶକ୍ତି ଯନ୍ତ୍ରର କାହିଁ? ଯନ୍ତ୍ରର ବଶ୍ୟତା ଆଜି ସ୍ୱୀକାର କରିଛି ମନୁଷ୍ୟର ହୃଦୟ ଓ ମସ୍ତିଷ୍କ। ଯନ୍ତ୍ରର କବଳରୁ ତାକୁ ମୁକ୍ତ କରିବା ପାଇଁ ମନୁଷ୍ୟ ଯଦି ଚେତନଶୀଳ ଓ ଉଦ୍ୟମଶୀଳ ନହୁଏ, ତେବେ ଭାବୀ ବଂଶଧରଙ୍କ ହାତରେ ଆଧୁନିକ ଯୁଗର ମନୁଷ୍ୟ କେତୋଟି ଯନ୍ତ୍ରବ୍ୟତୀତ ଅଧିକ କଣ ବା ଦାନ କରିବ? ସୁସ୍ଥ ମାନବିକ ଚେତନାର ଉଜ୍ଜ୍ୱଳ ଐତିହ୍ୟର ଅଧିକାରୀ ହେବା ପରିବର୍ତ୍ତେ ଆମର ସନ୍ତାନ-ସନ୍ତତି ଏକ ଅସୁସ୍ଥ, ପଙ୍ଗୁ ଅକର୍ମା ଓ ମନୁଷ୍ୟତାହୀନ ମାନବସମାଜ ଗଠନ କରିବେ ସିନା! ମାନବିକ ବିଜୟା ରଥରେ ବସି ପାଞ୍ଚଜନ୍ୟ ବଜାଇବାର ଦାୟିତ୍ୱ ଓ ଅପରାଜେୟ ମାନବିକ-ଚେତନା ବଂଶଧରଙ୍କୁ ଦେବା ବଦଳରେ ଆମେ ହୁଏତ ଦେବା ପାଇଁ ଯାଉଛୁ ମୂକ, ଜଡ଼ ଓ ଅନାତ୍ମୀୟ ଯନ୍ତ୍ର ସମଷ୍ଟି ମାତ୍ର...ଏଥିରେ ମନୁଷ୍ୟର ଜୟଯାତ୍ରାର ପଥ କିପରି ବା ହେବ ବିସ୍ତୀର୍ଣ୍ଣ? ମନୁଷ୍ୟ ଜୀବନର ସରଳ, ଶାନ୍ତ ଓ ଆଦିମ ସାମ-ସଙ୍ଗୀତ କିପରି ବା ଆକାଶ ବତାସ କରିବ ସଂକ୍ରମିତ? ଅତୀତକୁ ବା ଆମର ଅବଶିଷ୍ଟ କଙ୍କାଳରାଶିକୁ ଲକ୍ଷ୍ୟ କରି କି ମନ୍ତବ୍ୟ ବା ଭବିଷ୍ୟତରେ ସେମାନେ ପ୍ରକାଶ କରିବେ? ଏହି ଯାନ୍ତ୍ରିକ ଯୁଗର ହୃଦୟ ଓ ମନୁଷ୍ୟତାହୀନ ମନୁଷ୍ୟର ଅସହାୟ ଓ ବିକଳ ରୂପ ଆଧୁନିକ ଶିଳ୍ପଚେତନାକୁ ଯେପରି ସଂକ୍ରମିତ

Digitized by PPRACHIN, SOA

କରିଛି, ଅନ୍ୟ ଦିଗରେ ତାର ନଗ୍ନ ଓ ସ୍ୱାଭାବିକ ରୂପ ବର୍ତ୍ତମାନର ଶିଳ୍ପସୃଷ୍ଟି ମଧ୍ୟରେ ସେହିପରି ମୁଦ୍ରିତ ହୋଇଛି। କବି ଏଲିୟଟଙ୍କ ଭାଷାରେ—

The wind will say;
Here were decent godless people:
Their only monument the asphalt road
And a thousand lost golf balls.

କିନ୍ତୁ ଭବିଷ୍ୟତ ବଂଶଧରଙ୍କ ହାତରେ ଆମର କରୁଣ ଓ ବିଫଳ ବର୍ତ୍ତମାନ କିପରି ବିବେଚିତ ହେବ, ତାର ଏକ ବାସ୍ତବ ଚିତ୍ର ଦେଇଛନ୍ତି କବି ରାକ୍ସ ଓ୍ୟାର୍ନାର୍।

What is happening will be clear to the man of the
future; for deceit will not be needed.
But our here and now to them will look like a dream
sad, furious, fatal.

ଏହି ଯାନ୍ତ୍ରିକ ଯୁଗର ଅସୁସ୍ଥ ବାତାବରଣ ଓ ବ୍ୟାଧି ଆଧୁନିକ ଶିଳ୍ପଜୀବନକୁ ବିପର୍ଯ୍ୟସ୍ତ କରିବା ସଂଗେ ସଂଗେ ଉଚ୍ଚକୋଟୀର ଶିଳ୍ପସୃଷ୍ଟି କ୍ଷେତ୍ରରେ ଓ ଶିଳ୍ପୀର ସୃଜନ କ୍ଷମତାର ବିକାଶ ସାଧନାରେ ବିରାଟ ଓ ଦାରୁଣ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ। ଯନ୍ତ୍ର ଓ ବିଜ୍ଞାନର ଯାଦୁକରୀ ମୋହ ମନୁଷ୍ୟକୁ ମାନବିକତାଠୁଁ ଆଜି ଦୂରେଇ ନେଇଛି ଓ ମନୁଷ୍ୟକୁ କରିଛି କେତେଗୁଡ଼ିଏ ପ୍ରାଣହୀନ, ମମତାଶୂନ୍ୟ ଓ ସ୍ନେହହୀନ ଯାନ୍ତ୍ରିକ ତାରର ସମଷ୍ଟିମାତ୍ର। ଏହି ଜଡ଼ ଓ ଯାନ୍ତ୍ରିକ ପରିବେଶକୁ ଅତିକ୍ରମ କରି, ରୁଗ୍ଣ ଓ ଖଣ୍ଡିତ ଚୈତନ୍ୟକୁ ପରିହାର କରି ଶିଳ୍ପୀକୁ ଆଜି ହେବା ପାଇଁ ପଡ଼ିବ ଜୀବନମୁକ୍ତିର ସାଧକ, ବ୍ୟାପକ ଓ ବୃହତ୍ତର ଜୀବନର ଦ୍ରଷ୍ଟା। ଯାନ୍ତ୍ରିକ ଉତ୍ତେଜନାର କବଳରୁ ମାନବିକ ଅନୁଭୂତି ଓ ଉପଲବ୍ଧିକୁ ମୁକ୍ତ କରି ଶିଳ୍ପୀକୁ ହେବା ପାଇଁ ପଡ଼ିବ ସୁସ୍ଥ ମାନବୀୟ ଚେତନାର ପଥପ୍ରଦର୍ଶକ। ମନୁଷ୍ୟର ହୃଦୟ-ସିଂହାସନରେ ପ୍ରତିଭାଶାଳୀ ସ୍ରଷ୍ଟା ବା ଶିଳ୍ପୀ କରିବ ଜଡ଼ତା ଓ ଯାନ୍ତ୍ରିକତାର ନୁହେଁ, ଜୀବନର ଅଭିଷେକ—ଜୀବନର ମହନୀୟ ଗୁଣରାଶିର ପ୍ରତିଷ୍ଠା। ବିସ୍ତୃତ ଓ ମୁକ୍ତ ଜୀବନକୁ ଭୁଲି ମନୁଷ୍ୟ ଆଜି ଭୌତିକ ଭୋଗବିଳାସର ଯାନ୍ତ୍ରିକ ମରୀଚିକା ପଛରେ ଧାବମାନ। ଶତାବ୍ଦୀ ଓ ସଭ୍ୟତାର ଏହି ଗତି ଫେରାଇବାର, ମନୁଷ୍ୟକୁ ସ୍ୱ-ମହିମାରେ ପ୍ରତିଷ୍ଠିତ କରିବାର ଦାୟିତ୍ୱ ଜୀବନ-ଜିଜ୍ଞାସାର ପ୍ରତ୍ୟେକ ଆଧୁନିକ ଶିଳ୍ପୀ ଆଜି ଉପଲବ୍ଧି କରି ସୃଷ୍ଟିକ୍ଷେତ୍ରରେ ଜୀବନୀଶକ୍ତି ଓ ପ୍ରାଣପ୍ରାଚୁର୍ଯ୍ୟର ବାହକ ଓ ସାଧକ ହେବା ଆବଶ୍ୟକ।

ଆଧୁନିକ ଶିଳ୍ପ-ଜୀବନ ଓ ଶିଳ୍ପ-ରୁଚି କେବଳ ଯେ ଯନ୍ତ୍ର ଦ୍ୱାରା ପ୍ରଭାବିତ ବା ଆଧୁନିକ ଶିଳ୍ପୀ ନିକଟରେ ଯାନ୍ତ୍ରିକ ସମସ୍ୟାହିଁ ଯେ କେବଳ ଏକମାତ୍ର ସମସ୍ୟା

Digitized by PPRACHIN, SOA

ବା ସଂକଟର କାରଣ, ତାହା ନୁହେଁ, ବର୍ତ୍ତମାନର ଶିଳ୍ପ ଓ ଶିଳ୍ପୀଜୀବନରେ ଅନ୍ୟ ଏକ ପ୍ରଭାବଶାଳୀ ଶକ୍ତି ଓ ସଂକଟର କାରଣ ହେଉଛି ରାଜନୀତିକ ଚିନ୍ତାଧାରା ବା ବିଭିନ୍ନ ରାଜନୀତିକ ମତବାଦ ମଧ୍ୟରେ ସର୍ବାଧିକ ସମର୍ଥିତ ଗଣତନ୍ତ୍ରର ଧାରଣା । ଏକଛତ୍ରବାଦୀ ବା ତଥାକଥିତ ସମାଜବାଦୀ ଶାସନର ବାହୁଛାୟା ତଳେ ଶିଳ୍ପ, କଳା ଓ ସଂସ୍କୃତିର ମାନ କେଉଁ ସ୍ତରର ଏବଂ ଶିଳ୍ପୀର ସ୍ୱାଧୀନତା କେତେଦୂର ସଂରକ୍ଷିତ, ତାହା ଆଜି ସୂର୍ଯ୍ୟାଲୋକ ଭଳି ସ୍ପଷ୍ଟ । ତା' ଛଡ଼ା ତଥାକଥିତ ଗଣତନ୍ତ୍ର ଶାସନର ଛତ୍ରଛାୟା ତଳେ ଶିଳ୍ପୀର ସ୍ୱାଧୀନତା ଓ ଶିଳ୍ପର ଗୌରବ କେତେଦୂର ସଂରକ୍ଷିତ ଓ ସମ୍ମାନିତ ଏବଂ ଗଣତାନ୍ତ୍ରିକ ମତବାଦ ଶିଳ୍ପୀ ଜୀବନକୁ ଆଜି କିପରି ନିୟନ୍ତ୍ରଣ କରିଛି, ତାହାହିଁ ଏଠାରେ ଆଲୋଚ୍ୟ । ଗଣତାନ୍ତ୍ରିକ ସରକାର ଅନ୍ୟାନ୍ୟମାନଙ୍କ ଭଳି ଶିଳ୍ପୀର ବ୍ୟକ୍ତି-ସ୍ୱାଧୀନତାର ପ୍ରତିଷ୍ଠାରେ ସହାୟକ ହେଲେ ମଧ୍ୟ ଅଧିକାଂଶ ମତର ନିୟନ୍ତ୍ରଣ ଦେଶର ସାଂସ୍କୃତିକ ଓ ଶିଳ୍ପୀ ଜୀବନର ବିକାଶ ଓ ପ୍ରଗତି ସାଧନାରେ କେତେଦୂର ସହାୟକ, ତା' ଅନୁଧ୍ୟାନର ବିଷୟ । ପ୍ରତିଭାଶାଳୀ ଶିଳ୍ପୀ ବା ସ୍ରଷ୍ଟା ନିଜ ପ୍ରତିଭାର ସୃଜନୀ ଶକ୍ତି ବଳରେ ଗୋଟିଏ ନୂତନ ଶିଳ୍ପଯୁଗ ସୃଷ୍ଟି କରିପାରେ ଏବଂ ନିଜର ଶିଳ୍ପସୃଷ୍ଟିର ମାଧୁରୀ ଓ ମହତ୍ତ୍ୱ ଦ୍ୱାରା ଯୁଗର ଶିଳ୍ପରୁଚିକୁ ମଧ୍ୟ ନିୟନ୍ତ୍ରଣ କରିପାରେ । ଏଭଳି କ୍ଷେତ୍ରରେ ଶିଳ୍ପସୃଷ୍ଟି ସ୍ୱତଃ ହିଁ ଦେଶ ବା ଯୁଗର ଜୀବନ ପାଇଁ ଉଦ୍ଦିଷ୍ଟ । ପ୍ରତିଭାଶାଳୀ ସ୍ରଷ୍ଟାର ସହୃଦୟ ପାଠକ ବା ଉପରୋକ୍ତ ସଂଖ୍ୟା ପ୍ରଥମତଃ ସ୍ଥଳବିଶେଷରେ ଅଳ୍ପ ହେଲେ ହେଁ ପ୍ରତିଭାର ଯାଦୁକରୀ ଶକ୍ତି ପ୍ରତି ଅଧିକାଂଶର ରୁଚି କ୍ରମଶଃ ଆକୃଷ୍ଟ ହୋଇଥାଏ ଏବଂ ଜନସାଧାରଣଙ୍କର ରୁଚି ମଧ୍ୟ କ୍ରମେ ନିର୍ମଳ ଓ ମାର୍ଜିତ ହୋଇଥାଏ । ଯଦି ଏହା ବଦଳରେ ଅଧିକାଂଶଙ୍କ ମତଦ୍ୱାରା ଗଠିତ ଗଣ-ସରକାର ଶିଳ୍ପସଂସ୍କୃତିକୁ ରାଷ୍ଟ୍ରର ନିୟନ୍ତ୍ରଣାଧୀନ କରିବାକୁ ଚାହାଁନ୍ତି ବା ଅଧିକାଂଶଙ୍କର ମତ ହିଁ ଯଦି ଶିଳ୍ପସୃଷ୍ଟିର ନିୟାମକ ହେବାକୁ ବସେ ଓ ଗଣମତ ହିଁ ଶିଳ୍ପ ରୁଚିକୁ ନିୟନ୍ତ୍ରଣ କରିବାକୁ ଚାହେଁ, ତେବେ ସଂସ୍କୃତି ଓ ଶିଳ୍ପସୃଷ୍ଟିର ବିକାଶ ପଥ ଅବରୁଦ୍ଧ ହେବା ସ୍ୱାଭାବିକ । ଏ କ୍ଷେତ୍ରରେ ଶିଳ୍ପ ଓ ସଂସ୍କୃତିର ସମସ୍ୟା ହେବ ଠିକ୍ ହରିଜନମାନଙ୍କର ମନ୍ଦିରପ୍ରବେଶ ସମସ୍ୟା ଭଳି । ଆନ୍ତରିକ ଶୁଚିତା ଓ ନିର୍ମଳତା ଅର୍ଜନ ନ କରି କେବଳ ଦଳମତ, ଗଣମତ ବା ରାଷ୍ଟ୍ରମତର ଦ୍ୱାହିରେ ହରିଜନମାନେ ମନ୍ଦିର ପ୍ରବେଶ କରି ଦେବଦର୍ଶନ ଲାଭ କରିବାର ଆଶାପୋଷଣ କରିବା ବା ଦାବୀ ଉପସ୍ଥାପନ କରିବା ଯାହା, ଶିଳ୍ପରସିକ ବା ସଂସ୍କୃତି-ସେବକର ଯଥାର୍ଥ ଯୋଗ୍ୟତା ହାସଲ ନ କରି ଶିଳ୍ପ-ସଂସ୍କୃତିର ପୂଜାରୀ ହେବାକୁ ଆଶା କରିବା ଠିକ୍ ସେଇଆ । 'ହରିଜନ' ଶବ୍ଦଟିକୁ ଏଠାରେ ପ୍ରସଙ୍ଗକ୍ରମେ ଦୃଷ୍ଟାନ୍ତରୂପେ କେବଳ ଗ୍ରହଣ କରାଯାଇଥିଲେ ମଧ୍ୟ ଦେବ ଦର୍ଶନର ବା ଦେବତ୍ୱର ଅଧିକାରୀ ହେବାର ଯୋଗ୍ୟତା ପ୍ରତ୍ୟେକ ବ୍ୟକ୍ତି ନିକଟରେ ଯେପରି କାମ୍ୟ, ଶିଳ୍ପ

Digitized by PPRACHIN, SOA

ବା ସଂସ୍କୃତିର ମହତ୍ତ୍ୱ ଉପଲବ୍ଧି କରି ତାର ଗୁଣଗ୍ରାହକ ଓ ଗୁଣାଧିକାରୀ ହେବାରେ ମଧ୍ୟ ପ୍ରତ୍ୟେକଙ୍କ ନିକଟରେ ସେହିପରି ଯୋଗ୍ୟତା ଓ ରୁଚିନିର୍ମଳତା ରହିବା ଆବଶ୍ୟକ। ଗଣମତକୁ ଜୋର ଜବରଦସ୍ତି ଶିଳ୍ପୀଗୋଷ୍ଠୀ ଉପରେ ଲଦିଦେବା ଅର୍ଥ ତାର ସୃଜନୀଶକ୍ତିକୁ ପ୍ରତିହତ କରିବା ଓ ଶିଳ୍ପୀ-ସ୍ୱାଧୀନତାକୁ କ୍ଷୁଣ୍ଣ କରିବା। ଏକଛତ୍ରବାଦୀ ଶାସନ ବ୍ୟବସ୍ଥା ଭଳି ଗଣତନ୍ତ୍ର ତଳେ ମଧ୍ୟ ଏ କ୍ଷେତ୍ରରେ ପ୍ରଭୁତ୍ୱ ଜାରି କରିବାର ଆତଙ୍କର ସମ୍ଭାବ୍ୟତା ବର୍ତ୍ତମାନ। ଅନ୍ୟ ଦିଗରେ ଶିଳ୍ପୀସମାଜ ଶିଳ୍ପୀ-ସ୍ୱାଧୀନତା ନାମରେ କେବଳ ଆଙ୍ଗିକ ବା ରୀତିସର୍ବସ୍ୱତାର ଯେପରି ଉପାସକ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବା ସଙ୍ଗେ ଉଚ୍ଚ, ଉଦାର, ମାନବୀୟ ଭାବନାକୁ ଶିଳ୍ପସଂଗତ ରୂପ ମାଧ୍ୟମରେ ପ୍ରକାଶ କରିବାରେ ସଚେତନ ହେବା କର୍ତ୍ତବ୍ୟ।

ଏହା ବ୍ୟତୀତ ଶିଳ୍ପ କ୍ଷେତ୍ରରେ 'ବ୍ୟକ୍ତି'ର ପ୍ରତିଷ୍ଠା ଓ ବିକାଶ ପାଇଁ ଗଣତାନ୍ତ୍ରିକ ସରକାର ଶିଳ୍ପୀକୁ ସମସ୍ତ ପ୍ରକାର ସ୍ୱାଧୀନତା ଦେବା ଆବଶ୍ୟକ ଏବଂ ଏହି 'ବ୍ୟକ୍ତି' ପୁରୁଷ, ଗଣମତ ବା ଦଳମତର ଛାୟାରେ ଯେପରି କ୍ଷୀଣପ୍ରାଣ ହୋଇ ମୃତ୍ୟୁ ବରଣ ନ କରେ, ସେଥିପାଇଁ ସମସ୍ତ ଦ୍ୱାର ଓ ବାତାୟନପଥ ଆଲୋକ ଓ ପବନ ପାଇଁ ମୁକ୍ତ ରହିବା ବିଧେୟ। ଅବଶ୍ୟ ଶିଳ୍ପସୃଷ୍ଟି ବା ସଂସ୍କୃତି କ୍ଷେତ୍ରରେ ଏହି 'ବ୍ୟକ୍ତି' ପୁରୁଷଟି ଏକାଧାରରେ ହେବ 'ବ୍ୟକ୍ତିକ' ଓ 'ନୈର୍ବ୍ୟକ୍ତିକ'। 'ବ୍ୟକ୍ତି' ନାମରେ 'ବ୍ୟକ୍ତିତ୍ୱ'ର ଯେପରି ଅବମାନନା ବା ଅନାଚାର ନ ହୁଏ ଏବଂ ପ୍ରତ୍ୟେକ ବ୍ୟକ୍ତିସତ୍ତା ସହିତ ତାର ଆତ୍ମୀୟତା ଓ ଅନ୍ତରଙ୍ଗତା ଯେପରି ଅର୍ଜିତ ହୁଏ, ସେଥିପ୍ରତି ସଜାଗ ରହିବା ଶିଳ୍ପୀର ଧର୍ମ। 'ଗଣ ସାହିତ୍ୟ', 'ଗଣ ଶିଳ୍ପ', ଗଣ ବା ଜନସଂସ୍କୃତି ନାମରେ ଜଣ ବା ଏକକର ଅବମାନନା ଯେପରି ଗର୍ହିତ ଓ ଦୋଷାବହ, ଜଣ ବା ଏକକର ଆରାଧନା ନାମରେ ବିସ୍ତୀର୍ଣ୍ଣ ଜୀବନର ସ୍ୱାଦୁ ଓ ସ୍ପର୍ଶରୁ ଶିଳ୍ପ-ଦରବାରକୁ ବଞ୍ଚିତ ରଖିବା ସେହିପରି ଅଶୁଭଙ୍କର।

ପରିଶେଷରେ ଟମାସ୍ ମାନ୍‌ଙ୍କର ଗୋଟିଏ ମନ୍ତବ୍ୟ ଏ ପ୍ରସଙ୍ଗରେ ଉଦ୍ଧାର କରି ଆଲୋଚନା ମୁଁ ସାଙ୍ଗ କରୁଛି। Art is hope...I do not assert that hope for the future of mankind rests upon her shoulders, rather that she is the expression of all happily balanced humanity. I like to think-yes, I feel sure a future is coming, wherein we shall condemn as black magic, as brainless, irresponsible product of instinct, all art which is not controlled by the intellect. We shall condemn it in the same degree to which it is exalted in ages weak, like the one we live in, on the human side.

Digitized by PPRACHIN, SOA

ଅର୍ଥାତ୍, କଳା ହିଁ ଭରସା। ମୁଁ ଜୋର ଦେଇ କହୁନାହିଁ ଯେ, ମାନବଜାତିର ଭବିଷ୍ୟତ ପାଇଁ ସମସ୍ତ ଆଶାଭରସା ତାହାରି ଉପରେ ହିଁ ନିର୍ଭର କରୁଛି। ବରଂ ସମସ୍ତ ମାନବୀୟ ଆଶା-ଆକାଙ୍କ୍ଷାର ତାହା ଅଭିବ୍ୟକ୍ତି ଓ ସୁଖକର ଭାବେ ସମନ୍ୱିତ ସମଗ୍ର ମାନବିକତାର ତାହା ଆଧାର ଓ ପ୍ରତୀକ। ମୁଁ ଭାବେ ଓ ନିଶ୍ଚିତରୂପେ ବିଶ୍ୱାସ କରେ ଯେ, ଏକ ଭବିଷ୍ୟତ ଆସୁଛି, ଯେଉଁଠାରେ କି ସମସ୍ତ କଳା ଯାହା କି ପ୍ରଜ୍ଞାଦ୍ୱାରା ନିୟନ୍ତ୍ରିତ ନ ହୋଇଛି, ତାହାକୁ କେବଳ ଭୌତିକ ଇନ୍ଦ୍ରଜାଲ ଓ ପ୍ରବୃତ୍ତିର ବୁଦ୍ଧିହୀନ ଓ ଦାୟିତ୍ୱହୀନ ଉତ୍ପାଦନ ରୂପେ ଆମେ ବିବେଚନା କରିବା। ଯେଉଁଭଳି ରୁଗ୍ଣ ଯୁଗରେ ଆମେ ବାସ କରୁଛୁ ଓ ରୁଗ୍ଣ ଯୁଗରେ କଳା ଯେଉଁ ପରିମାଣରେ ଉଚ୍ଚାସନ ବା ସମ୍ମାନର ଅଧିକାରୀ ହୋଇଥାଏ, ପରବର୍ତ୍ତୀ ଯୁଗରେ ଆମେ ଠିକ୍ ସେଇ ଅନୁପାତରେ ମାନବିକତା ଦୃଷ୍ଟିରୁ ତାକୁ ନିନ୍ଦା ଓ ଘୃଣା କରିବୁ।

ତେଣୁ ଶିଳ୍ପୀର ସୃଷ୍ଟିକ୍ଷେତ୍ର ଯାନ୍ତ୍ରିକତା ବା ତଥାକଥିତ ଗଣତନ୍ତ୍ରର (ରାଜନୀତି) ପ୍ରଭାବ ଦ୍ୱାରା ଯେପରି ପ୍ରଭାବିତ ନ ହୁଏ ବା ସ୍ରଷ୍ଟାର ଶିଳ୍ପସ୍ୱାଧୀନତା ଯେପରି କ୍ଷୁଣ୍ଣ ନ ହୁଏ, ସେଥିପ୍ରତି କଳାକାରକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ତା' ନହେଲେ ଯନ୍ତ୍ରର ଜଡ଼ ଓ ଜୀବନହୀନ ପରିବେଶ ଶିଳ୍ପଧର୍ମକୁ ଯାନ୍ତ୍ରିକ କ୍ରିୟାରେ ରୂପାନ୍ତରିତ କରିବାର ସମ୍ଭାବନା ଓ ଶିଳ୍ପୀମନ ମଧ୍ୟ ରୁଗ୍ଣ, ବିକଳ ଓ କୃତ୍ରିମ ହୋଇ ପଡ଼ିବାର ଆଶଙ୍କା। ଅନ୍ୟ ଦିଗରେ ତଥାକଥିତ ଗଣରୁଚିକୁ ସମ୍ମାନ ଦେବାକୁ ଯାଇ ଶିଳ୍ପ ନାମରେ ଗତାନୁଗତିକ, ଉଚ୍ଚ ରୁଚି ଓ ମାନବୀୟ ଆଦର୍ଶହୀନ ଏବଂ ପ୍ରଚାରଧର୍ମୀ କେତେକ ସମଗୋତ୍ରୀୟ ଶିଳ୍ପର 'ଉତ୍ପାଦନ' ହେବାର ସମ୍ଭାବନା ମଧ୍ୟ ରହିଛି। ଆତ୍ମାର ବିକାଶ ଓ ନବଜନ୍ମ ପାଇଁ ବୁଦ୍ଧିଶାଣିତ ଶିଳ୍ପଚୈତନ୍ୟର ଉପାଦାନ ଏବଂ ଶିଳ୍ପର ଅନ୍ତରସମ୍ବନ୍ଧୀ ଅଭିବ୍ୟକ୍ତିର ସରସ ଆଧାର ଏ କ୍ଷେତ୍ରରେ ମୃତ୍ୟୁ-ବରଣ କରିବାର ଆଶଙ୍କା। ଆଧୁନିକ ଜଗତର ଯନ୍ତ୍ର ଓ ଗଣତନ୍ତ୍ର (ବିଜ୍ଞାନ ଓ ରାଜନୀତି) ଭଳି ଦୁଇ ମହାଶକ୍ତିର ଧ୍ୱଂସକାରୀ ଦିଗ ପ୍ରତି ସଜାଗ ରହିବା ଶିଳ୍ପୀ ଓ ସ୍ରଷ୍ଟା ପକ୍ଷରେ ତେଣୁ ସର୍ବଦା ଆବଶ୍ୟକ ଓ ଏହି ସଚେତନତା ସୁସ୍ଥ ଶିଳ୍ପୀ ଜୀବନର ବିକାଶ ପାଇଁ ଅନୁକୂଳ ଓ ଶୁଭଙ୍କର।

['ମେଢ଼େର ପ୍ରଦୀପ', ୩ୟ ବର୍ଷ, ୨ୟ ସଂଖ୍ୟାରେ ପ୍ରକାଶିତ (୧୯୫୮ ସାଲ)]

-୦-

Digitized by PPRACHIN, SOA

ପଣ୍ୟ ଓ ପ୍ରତିଭା

ଭଞ୍ଜ ଜୟନ୍ତୀଠୁଁ ଆରମ୍ଭକରି ସାରଳା ଜୟନ୍ତୀ, କବିସୂର୍ଯ୍ୟ ଜୟନ୍ତୀ, ଗଙ୍ଗାଧର ଜୟନ୍ତୀ ବା ଫକୀରମୋହନ ଜୟନ୍ତୀ ଇତ୍ୟାଦି ନାନା ପ୍ରକାର ଜୟନ୍ତୀ ଉତ୍ସବ ଏବେ ଦେଶରେ ଅନୁଷ୍ଠିତ ହେବାର ଉପକ୍ରମ ଓ ସକ୍ରିୟ ଉଦ୍ୟମ ଆରମ୍ଭ ହୋଇଛି। ଏହା ଅବଶ୍ୟ ଆଶା ଓ ଗୌରବର ବିଷୟ। ପ୍ରତିଭାର ଆଦର ବା ପୂଜା ପ୍ରତିଭାବାନ ପୁରୁଷର ଜୀବିତାବସ୍ଥାରେ ତ ଅନେକ ସମୟରେ ହୋଇନଥାଏ, ପ୍ରତିଭାର ମୃତ୍ୟୁ ପରେ ବି ଦେଶ ଓ ଜାତି ଯଦି ପ୍ରତିଭା ପ୍ରତି ସମୁଚିତ ଶ୍ରଦ୍ଧା-ସମ୍ମାନ ପ୍ରଦର୍ଶନ କରେ, ତାହେଲେ ତାର ତ୍ରୁଟି କିୟଦଂଶରେ ମାର୍ଜିତ ହୁଏ। ପ୍ରତିଭା କିନ୍ତୁ କି ଜୀବିତାବସ୍ଥାରେ କି ମୃତ୍ୟୁ ପରେ ସର୍ବଦା ଅମଳିନ ଓ ଭାସ୍ୱର। ଦେଶ ଓ ଜାତି ପ୍ରତିଭାକୁ ଚିହ୍ନି ତାର ପୂଜା କରି ଜାଣିଲେ ନିଜର ସାଂସ୍କୃତିକ ଚେତନା ସହ ଚାରିତ୍ରିକ ତଥା ଆତ୍ମିକ ବିକାଶର ପରିଚୟ ଦେଇଥାଏ। ପ୍ରତିଭାପୂଜା ଦ୍ୱାରା ପ୍ରତିଭାର କୌଣସି ହ୍ରାସ ବା ବୃଦ୍ଧି ଘଟେ ନାହିଁ, ହ୍ରାସ ବା ବୃଦ୍ଧି ଘଟେ ଦେଶ ଓ ଜାତିର ଗୁଣଗ୍ରାହିକା ଚିହ୍ନରା ଶକ୍ତିର। ସୂର୍ଯ୍ୟପୂଜା ଦ୍ୱାରା ସୂର୍ଯ୍ୟୋପାସକର ସିନା ଗୌରବ ବୃଦ୍ଧି ଘଟିବ, ସେଥିରେ ସୂର୍ଯ୍ୟ ଦେବତାଙ୍କର କ୍ଷୟ ବୃଦ୍ଧି ଘଟିବାର ସମ୍ଭାବନା କାହିଁ? ତେବେ ସୂର୍ଯ୍ୟ ଦେବତାଙ୍କର ଏତିକି କେବଳ ଆନନ୍ଦର ବିଷୟ ହୋଇପାରେ ଯେ, ତାଙ୍କର ଆଲୋକବାର୍ତ୍ତାର ଯଥାର୍ଥ ସ୍ୱରୂପ ଉପାସକ ପ୍ରକୃତରେ ହୃଦୟଙ୍ଗମ କରିପାରିଛି।

ତେଣୁ ଆଜି ଦେଶରେ ଜୟନ୍ତୀଉତ୍ସବର ସୁଅ ଯେପରି ବନ୍ୟାବେଗରେ ଛୁଟି ଚାଲିଛି, ସେଥିରେ ଏ ଜାତି ସହସା ଯେ ଏକ ପ୍ରତିଭାପୂଜକ ଓ ଗୁଣଗ୍ରାହକ ଜାତିରେ ପରିଣତ ହୋଇପାରିଛି, ତା' ଅନୁମାନ କରିବାର ଯଥେଷ୍ଟ ଅବକାଶ ରହିଛି। ଏହି ପ୍ରତିଭା-ପୂଜା ଦ୍ୱାରା ସ୍ୱର୍ଗୀୟ ଆତ୍ମା ପରିତୃପ୍ତି ଯେ ନିଶ୍ଚୟ ଲାଭ କରୁଥିବ, ତା' ମଧ କଳ୍ପନା କରିବା ସ୍ୱାଭାବିକ କିନ୍ତୁ ପ୍ରକୃତରେ ଆମେ ଯେଉଁ ଧରଣର ପ୍ରତିଭାପୂଜା ଆଜି କରୁଥାଉଁ, ତା' ଦ୍ୱାରା ଆମର ଗୁଣଚିହ୍ନରା ଜାତୀୟଶକ୍ତିର ପରିଚୟ କେତେଦୂର ମିଳୁଛି, ସ୍ୱର୍ଗୀୟ ଆତ୍ମା ତାର ଦାୟାଦଗଣଙ୍କର ପୂଜାର୍ଚ୍ଚନା ଦ୍ୱାରା କେଉଁ ପରିମାଣରେ ଶାନ୍ତିଲାଭ କରୁଛି ବା ଆମର ପୂଜାପଦ୍ଧତିରେ କେଉଁ ପରିମାଣରେ ଆନ୍ତରିକତା, ନିଷ୍ଠା, ଶୁଚିତା ଓ ସମ୍ମାନବୋଧ ରହୁଛି, ତାହା ବିବେଚନା

Digitized by PPRACHIN, SOA

କରିବାର ସମୟ ଆସିଛି। ଅନେକ ସମୟରେ ଆମର ପ୍ରତିଭା-ପୂଜା ବା ଜୟନ୍ତୀ-ଉତ୍ସବ-ପାଳନ ଏକାନ୍ତ ଆନ୍ତରିକତାଶୂନ୍ୟ, ପ୍ରଚାରଧର୍ମୀ ଓ ସ୍ୱୀୟ ଅହଂମନ୍ୟତା ତଥା ମାନସିକ ଦାରିଦ୍ର୍ୟର ପରିଚାୟକ। ଆମେ ଯାହା ନୋହୁଁ, ତାହା ଦେଖାଇବାକୁ ଓ ଜଣାଇ ଦେବାକୁ ସମସ୍ତେ ଆଜି ତତ୍ପର। ପୁଣ୍ୟ-ସାଧନାର ଯୁଗ ତ ଆମର ନୁହେଁ। ଆମର ଯୁଗ ହେଉଛି ପଣ୍ୟ-ଧର୍ମର ଯୁଗ। ଅର୍ଥନୀତି ବା ରାଜନୀତି ହେଉଛି ଆମର ଆରାଧ୍ୟ ଗୀତା ଓ ଗାୟତ୍ରୀ। ବର୍ତ୍ତମାନ ଦୁନିଆର ସମଗ୍ର ମାନବୀୟ ପରିବେଶ ଏହି ଅର୍ଥନୀତି ବା ରାଜନୀତିର ରାହୁଚ୍ଛାୟା ଦ୍ୱାରା ଆଚ୍ଛନ୍ନ। ଆମେ ପ୍ରତ୍ୟେକ ମାନବିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ଏହି ଅର୍ଥନୀତି ବା ରାଜନୀତିର ମୂଲ୍ୟଚେତନା ଦ୍ୱାରା ଅନୁଭବ କରୁ ଓ ତାହାରି ମାନଦଣ୍ଡରେ ମୂଲ୍ୟ-ନିୟନ୍ତ୍ରଣ କରିଥାଉଁ। ମଣିଷର ଭାବରାଜ୍ୟରେ ତେଣୁ ଆଜି ସାଂସ୍କୃତିକ ସଂକଟର ପରିପ୍ରକାଶ। ସୂକ୍ଷ୍ମ ଓ କୋମଳ ମାନବୀୟ ପ୍ରବୃତ୍ତି ଓ ବୋଧଶକ୍ତି ମଣିଷର ହୃଦୟରୁ କ୍ରମଶଃ ଅବଲୁପ୍ତ ହେବାକୁ ବସୁଛି। ଆଜିର କଳାଚେତନା ତେଣୁ ଅନେକାଂଶରେ କୃତ୍ରିମ, ସ୍ୱତଃସ୍ଫୂର୍ତ୍ତିଶୂନ୍ୟ ଓ ଅସ୍ୱଚ୍ଛନ୍ଦ। ଜର୍ଜ ଅରୱେଲ୍‌ଙ୍କର ଆଧୁନିକ ନଗରବାସୀ ମନୁଷ୍ୟର କଳା-ଚେତନା ପ୍ରତି ପ୍ରକାଶିତ ବିଦ୍ରୂପ "aesthetically inferior to the lowest savage" ଅତିରଞ୍ଜିତ ମନ୍ତବ୍ୟ ନୁହେଁ, ସତ୍ୟର ଏକ ରୂଢ଼ ଓ ଯଥାର୍ଥ ଅଭିବ୍ୟକ୍ତି ମାତ୍ର। ଜୀବନର ଅନ୍ତଃପୁରରେ ତେଣୁ ଆଜି କଳା-ସରସ୍ୱତୀଙ୍କ ସ୍ଥାନ ନାହିଁ, ସ୍ଥାନ ରହିଛି କେବଳ ବାଣିଜ୍ୟ-ଲକ୍ଷ୍ମୀଙ୍କର। ଆମର ପ୍ରତ୍ୟେକ କର୍ମ, ଚିନ୍ତା ଓ ଅନୁଭୂତି ଏହି ବାଣିଜ୍ୟିକ ମନୋବୃତ୍ତି, ଲାଭ-ଲୋକସାନର ମନୋଭାବ ଦ୍ୱାରା ନିୟନ୍ତ୍ରିତ। ରାଜନୀତିର ରାଜ-ସଂସ୍କରଣ ଆଜି ନାହିଁ, ରହିଛି କେବଳ 'ଆଜ-ନୀତି' ବା ଆଜିକ ଚଳିଯିବାର ବିକଳ ମନୋବୃତ୍ତିର ନକଲି ଅଭିବ୍ୟକ୍ତିର ମୁଦ୍ରଣ। ଜୀବନ ତଥା ସୃଷ୍ଟିକ୍ଷେତ୍ରରେ ଏହି ବିକଳ ମନୋବୃତ୍ତିର ସ୍ୱାକ୍ଷର ସ୍ପଷ୍ଟ। ଏହାର ପ୍ରଧାନ କାରଣ ପରିପୂର୍ଣ୍ଣତାର ସନ୍ଧାନୀ ଶିଳ୍ପୀର ସୃଷ୍ଟି-ପ୍ରୟାସୀ ମନ ଆଜି ରାଜନୀତିର ଖଣ୍ଡିତ ଓ ସଂକୀର୍ଣ୍ଣ ଚେତନା ଦ୍ୱାରା ବହୁ ପରିମାଣରେ ପ୍ରଭାବିତ ଓ ନିୟନ୍ତ୍ରିତ। ପ୍ରତିଭାର ପୁଣ୍ୟମନ୍ଦିର ନିର୍ମାଣରେ ପଣ୍ୟ-ଧର୍ମୀ ମନର ପରିଚାଳନା ସୁଦୃଶ୍ୟ। ତେଣୁ ସମୟଚେତନାକୁ ବହନ କରି ସମୟାତୀତର ରସ-ସମ୍ପଦ ଅର୍ଜ୍ଜନ କରିଥିବା ଶିଳ୍ପ-ସୃଷ୍ଟି ସମାଜରେ ଆଜି ବିରଳ।

ଆଜିର ଲେଖକ ଯଦି ଜୀବନ-ନିଷ୍ଠ ଶିଳ୍ପୀ ହେବାକୁ ଚାହେଁ, ଜୀବନ-ଜିଜ୍ଞାସାର ଲେଖକ ହେବାକୁ ଚାହେଁ, କାଳଚେତନାର ମଧ୍ୟ ଦେଇ କାଳାତୀତର କଳା-ଗୌରବ ଅର୍ଜ୍ଜନ କରିବାକୁ ଚାହେଁ, ତେବେ ତାକୁ ଜୀବନସାଗରର ଅତଳ ଗଭୀରତାରେ ଅବଗାହନ କରି ଶିଳ୍ପ-ମୁକ୍ତା ଉତ୍ତୋଳନ କରିବାକୁ ପଡ଼ିବ ଏବଂ ମୃତ୍ୟୁ-ଯନ୍ତ୍ରଣାର ଭିତର ଦେଇ ଜୀବନଗାୟତ୍ରୀ ଜପ କରିବାକୁ ପଡ଼ିବ। କ୍ଷଣିକ ଓ ସାମୟିକ ମନର

Digitized by PPRACHIN, SOA

ପଣ୍ୟଧର୍ମିତା ବିସର୍ଜନ ଦେଇ ଶିଳ୍ପୀକୁ ପୁଣ୍ୟଧର୍ମର ସାଧକ ହେବାକୁ ପଡ଼ିବ । ମାର୍କସ-ଲେନିନ୍ ଧର୍ମକୁ ଦିନେ ଅଫିମ ସହ ତୁଳନା କରିଥିଲେ । ତାର କାରଣ ଧର୍ମକୁ କେନ୍ଦ୍ରକରି ମନୁଷ୍ୟର ସମସ୍ତ ଜୀବନଜିଜ୍ଞାସା ଦିନେ ଆତ୍ମ-ପ୍ରକାଶ କରିଥିଲା ଏବଂ ଜୀବନ କଅଣ, ମୃତ୍ୟୁ କଅଣ, ସ୍ୱର୍ଗ କଅଣ, ପରଲୋକ କଅଣ ବା ଆତ୍ମା କଅଣ—ଏ ସମସ୍ତ ପ୍ରଶ୍ନର ସମାଧାନ ଧର୍ମର ପୃଷ୍ଠଭୂମି ଉପରେ ହିଁ କରାଯାଉଥିଲା । କିନ୍ତୁ ଆଜିର ମଣିଷର ଜୀବନଜିଜ୍ଞାସା ଅଧିକ ଜଟିଳ, ଗଭୀର ଓ ବ୍ୟାପକ । ଆଜିର ସମାଜରେ ଧର୍ମ କେବଳ ଏକମାତ୍ର ଅଫିମ-ନିଶା ନୁହେଁ, ଆଜି ନିଶାର ରୂପ ବହୁମୁଖୀ ଓ ତାର ପ୍ରଭାବ ମଧ୍ୟ ଅତି ବ୍ୟାପକ । ରାଜନୀତି, ଅର୍ଥନୀତି ଓ ସମ୍ବାଦପତ୍ର, ରେଡ଼ିଓ, ସିନେମା, ଏଗୁଡ଼ିକ ମଧ୍ୟରୁ କେଉଁଟି ବା ଆଜି ମଣିଷର ନିଶା ନୁହେଁ ଓ କେଉଁଟି ବା ଧର୍ମର ଅଫିମ-ନିଶାଠାରୁ ଉତ୍କଟତର ଓ ବୀଭତ୍ସ ନୁହେଁ ? ହେମିଂୱେ ଗୋଟିଏ ଗଳ୍ପରେ ତେଣୁ କହିଛନ୍ତି,

Religion is the opium of the people and now economics is the opium of the people, along with patriotism..what about sexual intercourse, was that an opium of the people? But drink was a sovereign opium...Although some people prefer the radio, another opium of the people.

ନିଶାର ଜୋର ଠିକ୍ ଅଛି । ବସ୍ତୁ-ବୈଚିତ୍ର୍ୟର ମଧ୍ୟ ଅଭାବ ନାହିଁ । ଦସ୍ତୟେଭସ୍କିଙ୍କର ବାଣୀ, "The only gain of civilisation for mankind is the greater capacity for variety of sensations—and absolutely nothing more." ଆଜି ବିଂଶ ଶତକର ମଧ୍ୟଗଗନ ଓ ସ୍ପୁଟ୍‌ନିକ୍‌ର ସ୍ପନ୍ଦିତ ଚନ୍ଦ୍ରଲୋକ-ଯାତ୍ରାକାଳରେ ମଧ୍ୟ ଯେ ଏକାନ୍ତ ସତ୍ୟ ରୂପେ ଦଣ୍ଡାୟମାନ, ତାହା ଅସ୍ୱୀକାର କରିବାର ଉପାୟ ନାହିଁ । ଧନତନ୍ତ୍ର, ବିଜ୍ଞାନ ଓ ଟେକ୍‌ନୋଲୋଜିର ଗତ ଏକ ଶତ ବର୍ଷର ଇତିହାସରେ ଏହି ବାଣୀ ଅନ୍ୟତମ ସତ୍ୟରୂପେ ଆଜି ପ୍ରତିଷ୍ଠିତ । Sensation ବା ଉତ୍ତେଜନାର ବୈଚିତ୍ର୍ୟ ବଢ଼ି ବଢ଼ି ମଣିଷର ଜୈବିକ ସ୍ନାୟୁ ଓ ଗ୍ରନ୍ଥିସମୂହ ଏପରି ଯାନ୍ତ୍ରିକ ହୋଇ ଉଠିଛି ଯେ, ସ୍ନାୟୁଗ୍ରନ୍ଥି ସବୁ ଯେପରି ଚୈତନ୍ୟ ଓ ଜୀବନୀଶକ୍ତିହୀନ କେତେକ ତାରର ସମଷ୍ଟି ମାତ୍ର । ପ୍ରତିଦିନ ନୂଆ ଉତ୍ତେଜନାର 'ଶକ୍' ଛଡ଼ା ଏଥିରେ କୌଣସି ଚମକ ବା ଧ୍ୱନିର ସୃଷ୍ଟି ହୁଏନା । କୋକଟେଲ୍‌ର Rock 'n' Roll ଭଳି ଜୀବନ ମଧ୍ୟ ହୋଇଉଠିଛି Rock 'n' Roll ର ମାଦକତାମୁଖୀ । ଆମର ଜୀବନ ଆଧୁନିକ ଧରଣର ଗୋଟିଏ ଗୋଟିଏ ହୋଟେଲ । ଉତ୍ତେଜନାର ତପ୍ତ ଶଳାକା ସବୁ ଯଦି ଗୋଟିଏ ଦିନପାଇଁ ବାହାର କରି ନିଆଯାଏ, ତାହାହେଲେ ପୃଥିବୀର ସହରନଗରବାସୀ ମନୁଷ୍ୟର ଅବସ୍ଥା ଯେ କଅଣ ହେବ,

Digitized by PPRACHIN, SOA

ତାହା ଅକଳ୍ପନୀୟ। ସମ୍ବାଦପତ୍ର ବନ୍ଦ, ରେଡ଼ିଓ ବନ୍ଦ, ନାରୀମୁଖ ଦର୍ଶନ ବନ୍ଦ, ଶୋଭାଯାତ୍ରା-ସ୍ଲୋଗାନ-ବକ୍ତୃତା ବା ଷ୍ଟ୍ରାଇକ୍ ହେବା ବନ୍ଦ, 'Rock 'n' Roll-ର ମୂର୍ଚ୍ଛନା ବନ୍ଦ, ତା'ହେଲେ ଏ ସଭ୍ୟ ମଣିଷର ଅବସ୍ଥା ହେବ କଅଣ? ଦିନେ, ଦୁଇଦିନ ବା ଖୁବ୍ ବେଶୀ ତିନି ଦିନ ପରେ ମଣିଷ ହେବ ବଦ୍ଧ ପାଗଳ, ତା'ପରେ ନୂତନ କୌଣସି ଅଭାବନୀୟ ଉତ୍ତେଜନା ସୃଷ୍ଟିକରି ସେ ହୁଏତ ପ୍ରସ୍ତୁତ କରିବ Rock'n' Roll ର ପରିବେଶ କିମ୍ବା ଶେଷରେ ପରମାଣୁ ଯୁଦ୍ଧର ଉତ୍ତାଳ ଉତ୍ତେଜନାର ମହାସାଗରରେ ଲମ୍ଫ ପ୍ରଦାନ କରି ସେ ଲାଭ କରିବ ମହାନିର୍ବାଣ।

ସୁତରାଂ ଟେକ୍‌ନୋଲୋଜିକ୍ୟାଲ ସଭ୍ୟତା ଆଜି ଉତ୍ତେଜନାସର୍ବସ୍ୱ ଓ ମାଦକ-ବୈଚିତ୍ର୍ୟର ସମ୍ଭୋଗରେ ଜୀବନମହିମା ପ୍ରତିଷ୍ଠିତ। ଧର୍ମର ଅଫିମରେ ଆଜି କାମ ଚଳେନା, ଆଜି ଦରକାର ଧର୍ମର ଅଫିମ ସହିତ ସମ୍ବାଦପତ୍ର, ସିନେମା, ରେଡ଼ିଓ, ରାଜନୀତି, ଅର୍ଥନୀତି, ଷ୍ଟାଟିଷ୍ଟିକ୍‌ସ ଇତ୍ୟାଦିର ବିଭିନ୍ନ ରକମର ନିଶାଦ୍ରବ୍ୟ। ଧର୍ମ ନାମରେ ଦିନେ ଯେଉଁ ଶଠତା, କ୍ରୁସେଡ୍‌, ଇନ୍‌କୁଇଜିସନ୍ ଆଦି ଚାଲିଥିଲା, ତାହା ଆଜି ଚାଲିଚି ରାଜନୀତିର ଦ୍ୱାହିରେ ଓ ସହସ୍ରଗୁଣ ଭୟାବହ ଆକାରରେ। ରାଜନୀତି ନାମରେ ଆଜି ଯେଉଁ ନରହତ୍ୟା ଚାଲିଛି, ଧର୍ମ ନାମରେ ଅତୀତରେ ହୋଇଥିବା ନରହତ୍ୟା ତୁଳନାରେ ତାହା ଅତି ନଗଣ୍ୟ। ଏହି କାରଣରୁ ଜୀବନସମସ୍ୟା ଆଜି ଜଟିଳ ଓ ଜୀବନ-ଜିଜ୍ଞାସା ଗଭୀର। ଆଜିର ଶିଳ୍ପୀ ତେଣୁ ଜର୍ନାଲିଷ୍ଟ ବା ଷ୍ଟାଫରିପୋର୍ଟର ନ ହୋଇ ଗଭୀର ଜୀବନବୋଧ ସହିତ ଶିଳ୍ପସାଧକ ହେବା ବାଞ୍ଛନୀୟ ଓ ଅନ୍ତର୍ଭେଦୀ ଦୃଷ୍ଟିର ରଞ୍ଜନରଶ୍ମି ଦେଇ ସଭ୍ୟତାର, ମନୁଷ୍ୟର ଓ ଜୀବନର କ୍ଷତବିଶ୍ଳେଷଣ ପୂର୍ବକ ବିଶଲ୍ୟକରଣୀ ସୃଷ୍ଟି କରିବା ଆବଶ୍ୟକ। 'ଉତ୍ତେଜନା', 'ଇଜମ୍', 'ଇଡ଼ିଓଲୋଜି'ର ପକ୍ଷପାତିତ୍ୱ, ଦଳାଦଳି ଓ ସଂକୀର୍ଣ୍ଣତା ପରିହାର କରି ବ୍ୟକ୍ତିସତ୍ତାର ବିକାଶ ପାଇଁ ଓ ମନୁଷ୍ୟତାର ପ୍ରତିଷ୍ଠା ପାଇଁ ଶିଳ୍ପୀକୁ ଆଜି ସାମୟିକ ଉତ୍ତେଜନାସର୍ବସ୍ୱ ନ ହୋଇ ଚିରନ୍ତନତାର ଉପାସକ ହେବାକୁ ପଡ଼ିବ। କ୍ୟାମୁ (Albert Camus)ଙ୍କ ଭାଷାରେ "Writers are on the side of life, against death and suffering. It is the only justification for their strange calling." ଶିଳ୍ପୀ ପଳାୟନପନ୍ଥୀ ନ ହୋଇ ଜୀବନର ସପକ୍ଷରେ ରହିବା ବାଞ୍ଛନୀୟ ଓ ମନୁଷ୍ୟର ଅପରାଜେୟ ଶକ୍ତି-ସ୍ତୋତ୍ର ଗାନ କରିବା ଆବଶ୍ୟକ। 'A man can be destroyed, but not defeated.' 'ମନୁଷ୍ୟ ଧ୍ୱଂସ ହୋଇପାରେ; କିନ୍ତୁ ପରାଜୟ ସ୍ୱୀକାର କରେ ନା।' ମନୁଷ୍ୟର ବ୍ୟକ୍ତିସତ୍ତାର ଏହି ଆଦିମ ବୈପ୍ଳବିକ କଣ୍ଠସ୍ୱର ଜୀବନ-ନିଷ୍ଠ ଶିଳ୍ପୀର ଆଜି ସାରସ୍ୱତ-ବାଣୀ ହେବା ବିଧେୟ।

Digitized by PPRACHIN, SOA

ଓଡ଼ିଆ ସାହିତ୍ୟର ସାଧନକ୍ଷେତ୍ର ପାଇଁ ଏଇ ଶିଳ୍ପମାର୍ଗ ଓ ଶିଳ୍ପମନ୍ତ୍ର ମଧ୍ୟ ଆଜି ପ୍ରଯୋଜ୍ୟ ଏବଂ ପ୍ରତ୍ୟେକ ଶିଳ୍ପୀ ସାମୟିକତାର ଉତ୍ତେଜନା ଓ ପଣ୍ୟଧର୍ମୀ ମାନସିକତା ପରିହାର କରି ଚିରନ୍ତନତା ଓ ପୁଣ୍ୟଧର୍ମିତାର ସାଧକ ହେବା ଆବଶ୍ୟକ । ପ୍ରତିଭା ନିଜର ଅନ୍ତର୍ଭେଦୀ ଦୃଷ୍ଟି ବଳରେ ଆଜିର ସାଂସ୍କୃତିକ ସଂକଟକୁ ବିଶ୍ଳେଷଣ କରି ତାର ସମାଧାନର ଇଙ୍ଗିତ ଶିଳ୍ପସଂଗତ ମାର୍ଗରେ ନିଜର ସୃଷ୍ଟି ମଧ୍ୟରେ ପ୍ରଦାନ କରୁ । କେବଳ ସେତିକି ନୁହେଁ, ପୂର୍ବସୂରୀମାନଙ୍କର ପ୍ରତିଭା ପାଖରେ ବାହ୍ୟିକ ଆରାଧନାର ଉପଚାର ଛାଡ଼ି ସାମୟିକ ଉତ୍ତେଜନାନିର୍ଭର ନ ହୋଇ ଯଦି ଆନ୍ତରିକତା ଓ ନିଷ୍ଠା ପ୍ରଦର୍ଶନ କରାଯାଏ, ଆତ୍ମିକ ବିକାଶର ମାର୍ଗ ପ୍ରଶସ୍ତ ହେବା ସଂଗେ ପ୍ରତିଭାର ମୂଲ୍ୟ ଅବଧାରଣରେ ଦେଶ ଓ ଜାତି ସକ୍ଷମ ହେବ ଏବଂ ପ୍ରତିଭାପୂଜାର ପ୍ରକୃତ ଉଦ୍ଦେଶ୍ୟ ମଧ୍ୟ ଜୀବନ ତଥା ଶିଳ୍ପ-କ୍ଷେତ୍ରରେ ସିଦ୍ଧିଲାଭ କରିବ ।

■ ■

'ମେହେର ପ୍ରଦୀପ', ୩ୟବର୍ଷ ଆଷାଢ଼,
୧ମ ସଂଖ୍ୟାରେ ପ୍ରକାଶିତ (୧୯୫୮)

Digitized by PPRACHIN, SOA

ରାଷ୍ଟ୍ର, ଶିଳ୍ପ ଓ ବ୍ୟକ୍ତିସ୍ୱାତନ୍ତ୍ର୍ୟ

ଗତ ସଂଖ୍ୟା 'ମେହେର ପ୍ରଦୀପ'ର ସମ୍ପାଦକୀୟ ସ୍ତମ୍ଭରେ ମୁଁ 'ଯନ୍ତ୍ର, ଗଣତନ୍ତ୍ର ଓ ଶିଳ୍ପ ସମସ୍ୟା' ଶିରୋନାମାରେ ଏକ ଆଲୋଚନା ପ୍ରକାଶ କରିଥିଲି ଏବଂ ଶିଳ୍ପୀର ବ୍ୟକ୍ତିସ୍ୱାତନ୍ତ୍ର୍ୟ ପ୍ରତି ଯେ କୌଣସି ରାଷ୍ଟ୍ରୀୟ ନିୟନ୍ତ୍ରଣ କେତେଦୂର ମାରାତ୍ମକ, ତାର ଏକ ଇଙ୍ଗିତ ମଧ୍ୟ ପ୍ରଦାନ କରିଥିଲି। ଆଜି ସମଗ୍ର ବିଶ୍ୱ-ସାହିତ୍ୟ ଏଇ ମହାବିପଦର ସମ୍ମୁଖୀନ। ସାହିତ୍ୟର ସ୍ୱାତନ୍ତ୍ର୍ୟ ପ୍ରତି ରାଷ୍ଟ୍ରର ନିୟନ୍ତ୍ରଣାଧିକାର କ୍ରମବିସ୍ତୃତ ହେବାର ଆଶଙ୍କା ଆଜି ସର୍ବତ୍ର ପରିଲକ୍ଷିତ। ଏଥିମଧ୍ୟରେ ଏ ଆଶଙ୍କା ବାସ୍ତବ ଘଟଣାରେ ମଧ୍ୟ ରୂପାନ୍ତରିତ ହୋଇଯାଇଛି। ସୋଭିଏତ ରାଷ୍ଟ୍ରରେ ବରିସ୍ ପାସ୍ତାରନାକଙ୍କ ପ୍ରତି ଯେଉଁ ରାଷ୍ଟ୍ରୀୟ ନିୟନ୍ତ୍ରଣ ଓ ଲାଞ୍ଛନାର ସ୍ୱରୂପ ନିକଟ ଅତୀତରେ ପ୍ରଦର୍ଶନ କରାଯାଇ ନୋବେଲ ପୁରସ୍କାର ଗ୍ରହଣରୁ ତାଙ୍କୁ ବଞ୍ଚିତ କରାଗଲା, ସେଥିରୁ ବିଦ୍ରୋହ ଓ ଜୀବନଜିଜ୍ଞାସାର ଶିଳ୍ପୀସମାଜ ପ୍ରତି ରାଷ୍ଟ୍ରୀୟ ନିୟନ୍ତ୍ରଣ କିପରି ମାରାତ୍ମକ ଓ ଅକଲ୍ୟାଣକର, ତାହା ସ୍ପଷ୍ଟ ହୋଇଉଠିଛି। ବରିସ୍ ପାସ୍ତାରନାକ ତାଙ୍କର 'Doctor Zhivago' ଉପନ୍ୟାସ ପାଇଁ ନୋବେଲ ପୁରସ୍କାର ଲାଭ କରିଛନ୍ତି। ଏ ବହିଟି ପଢ଼ିବାର ସୌଭାଗ୍ୟ ଏପର୍ଯ୍ୟନ୍ତ ମୋର ହୋଇନାହିଁ। କିନ୍ତୁ ବିଭିନ୍ନ ପତ୍ରପତ୍ରିକାରେ ଏହି ବହିଟି ଉପରେ ଯେଉଁ ସମସ୍ତ ଟୀକା ଟିପ୍ପଣୀ ବା ଆଲୋଚନା ପ୍ରକାଶିତ ହୋଇଛି, ସେଥିରୁ ଜଣାଯାଏ ଯେ, ବିଶ୍ୱ-ସାହିତ୍ୟର ଶ୍ରେଷ୍ଠ ମାନବତାବାଦୀ ଧାରାରେ ଏହି ବହିଟି ଲିଖିତ ଏବଂ ମାନବତାବାଦ ହିଁ ଏଇ ବହିଟିର ମୁଖ୍ୟ ସମ୍ପଦ। ମାନବାତ୍ମାର ସତ୍ୟଜିଜ୍ଞାସାର ଆକୂତିକୁ ଏଥିରେ ସବୁଠୁଁ ଅଧିକ ମୂଲ୍ୟ ଅର୍ପଣ କରାଯାଇଛି। ଯେ ମାନବତାର ପ୍ରକୃତ ପୂଜାରୀ, ତା' ଚକ୍ଷୁରେ ଦେଶ, ଜାତି ବା ସ୍ୱରାଷ୍ଟ୍ରର ଗୌରବଠୁଁ ସତ୍ୟସନ୍ଧାନର ମହତ୍ତ୍ୱ ଅଧିକ। ଅନମନୀୟ ବ୍ୟକ୍ତିସ୍ୱାତନ୍ତ୍ର୍ୟର ଉଦ୍‌ଗାତା ଡକ୍ଟର ଜୀବାଗୋ ନିଜ ସକାଶେ ଏଇ କଠୋର ସତ୍ୟସନ୍ଧାନର ପଥ ହିଁ ବାଛି ନେଇଥିଲେ। ତେଣୁ ବିପ୍ଳବୋତ୍ତର ରୁଷିଆର ସମାଜ-ଜୀବନରେ ତାଙ୍କୁ ବହୁ ତିକ୍ତ ଅଭିଜ୍ଞତାର ସମ୍ମୁଖୀନ ହେବାକୁ ପଡ଼ିଛି। ଡକ୍ଟର ଜୀବାଗୋ ସତ୍ୟସନ୍ଧାନୀ, ନ୍ୟାୟଅନ୍ୟାୟ-ବିଚାରପରାୟଣ ଓ ସୂକ୍ଷ୍ମ ଅନୁଭୂତିସମ୍ପନ୍ନ ମନୁଷ୍ୟ ହୋଇଥିବାରୁ ସୋଭିଏତ ରାଷ୍ଟ୍ରବ୍ୟବସ୍ଥାର ବିଧିନିଷେଧ ମଧ୍ୟରେ ବାସ କରି ମଧ୍ୟ ତା' ସହିତ ସଖ୍ୟ ଓ

Digitized by PPRACHIN, SOA

ସୌହାର୍ଦ୍ଦ୍ୟ ସ୍ଥାପନ କରିବାକୁ ହୋଇଛନ୍ତି ଅସମର୍ଥ । ଫଳତଃ ତାଙ୍କ ଜୀବନରେ ଲାଞ୍ଛନା ଓ ନିଗ୍ରହ ହୋଇ ଉଠିଛି ଅନିବାର୍ଯ୍ୟ । ଏ ଲାଞ୍ଛନା ଯୁଥ କର୍ତ୍ତୃକ ଏକର ଲାଞ୍ଛନା; ଏ ନିଗ୍ରହ ସମଷ୍ଟି ଦ୍ୱାରା ବ୍ୟକ୍ତିର ନିଗ୍ରହ । ଡକ୍ଟର ଜୀବାଗୋ ବରିସ୍ ପାସ୍ତାରନାକଙ୍କର ଯେପରି ଶୈଳ୍ପିକ ପ୍ରତିନିଧି । ପାସ୍ତାରନାକଙ୍କ ଜୀବନରେ ଯାହା ଘଟିବ, ତାର ପୂର୍ବ ଛାୟାପାତ ଡକ୍ଟର ଜୀବାଗୋଙ୍କ କାହାଣୀରେ ଯେପରି ଘଟିଛି । Max Hayward ଜୀବାଗୋର ଚରିତ୍ର ବର୍ଣ୍ଣନା କରି ଲେଖିଛନ୍ତି—

"As a brilliant doctor he could easily have assured himself a position in the new society, but rather than forego his birthright as a free-thinking intellectual, he prefers to become a social outcast.

His non-acceptance of the Revolution (after a brief initial enthusiasm for it) is not based on political hostility. It is not the political and social programme of the Bolsheviks that he rejects: it is rather their basic assumptions about man, life and history...His objection to Marxism or indeed to any doctrine claiming to provide a total explanation of the historical process and a programme for the transformation of society, is that life is far too complicated and mysterious to be embraced by any theory or system." (Soviet-survey, April-June, 1958)

ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, ଡକ୍ଟର ଜୀବାଗୋ ଜଣେ ପ୍ରକୃତ ସ୍ୱାଧୀନ ଚିନ୍ତାନିଷ୍ଠ ବିବେକୀ ବ୍ୟକ୍ତି । ମାର୍କସୀୟ ମତବାଦ ବା ସେଇ ଛାଞ୍ଚରେ ଗଢ଼ା ସୋଭିଯେତ ରାଷ୍ଟ୍ରବ୍ୟବସ୍ଥା ସମ୍ପର୍କରେ ତାଙ୍କର ଆପତ୍ତି ରାଜନୀତିଗତ ଆପତ୍ତି ନୁହେଁ । ତାଙ୍କ ମତରେ ଜୀବନ ଏତେ ଜଟିଳ ଓ ରହସ୍ୟପୂର୍ଣ୍ଣ ଯେ, କୌଣସି ପ୍ରକାରର ମତାଦର୍ଶ ବା ରାଷ୍ଟ୍ରବ୍ୟବସ୍ଥାର ମାପକାଠି ଦ୍ୱାରା ତାକୁ ମାପିବାର ବା ତାର ସକଳ ସମସ୍ୟା ସମାଧାନ କରିବାର ଚେଷ୍ଟା ଅପଚେଷ୍ଟା ଓ ବାତୁଳତା ମାତ୍ର । ଡକ୍ଟର ଜୀବାଗୋ ଜଣେ ବିପ୍ଳବୀକୁ ଲକ୍ଷ୍ୟ କରି ଉପନ୍ୟାସରେ ତେଣୁ କହିଛନ୍ତି—

"When I hear people talking of re-shaping life it makes me lose all self-control and I fall into despair. Reshaping life! People who can say that never understood the best thing about life. They have never felt its breath, its heart-however

Digitized by PPRACHIN, SOA

much they may have seen or done. They look on it as a lump of raw material which has to be processed by them and ennobled by their touch. But life is never a substance, a material to be moulded, life is the principle of self renewal—it is constantly renewing and remaking and changing and transfiguring itself. It is infinitely beyond your or my dullwitted theories about it.''

ଏହାର ଅର୍ଥ ଅତି ପ୍ରାଞ୍ଜଳ। ଲୋକେ ଯେତେବେଳେ ଜୀବନର ପୁନର୍ଗଠନ ପ୍ରସଙ୍ଗ ବାଢ଼ନ୍ତି ସେତେବେଳେ ଡକ୍ଟର ଜୀବାଗୋଙ୍କର ଧୈର୍ଯ୍ୟରକ୍ଷା ଅସମ୍ଭବ ହୋଇପଡ଼େ। ଜୀବନର ପୁଣି ପୁନର୍ଗଠନ! ଏହା ଖାଲି ଯେପରି ମୁହଁର କଥା ମାତ୍ର!! ଯେଉଁମାନେ ଏ କଥା କହନ୍ତି, ସେମାନେ ଜୀବନର ମର୍ମ ବା ସ୍ପନ୍ଦନ ବିନ୍ଦୁବିସର୍ଗ ମଧ୍ୟ ବୁଝନ୍ତି ନାହିଁ। ଜୀବନ ଯେପରି ମେଣ୍ଡାଏ କାଦୁଅପିଣ୍ଡ, ତାକୁ ଇଚ୍ଛାନୁଯାୟୀ ଛାଞ୍ଚରେ ଢ଼ାଳି ଦେଲେଇ ଚଳିଯିବ। କିନ୍ତୁ ଜୀବନ କାଦୁଅପିଣ୍ଡ ମାତ୍ର ନୁହେଁ; ତାକୁ ବାଡ଼େଇ ପିଟି ଗଢ଼ି ନିଆଯାଇ ମଧ୍ୟ ହୁଏନା। ଜୀବନ ନିଜେ ନିଜକୁ ଗଢ଼ି ତୋଳୁଛି, ବଦଳାଉଛି, ନିତ୍ୟନୂତନ କରୁଛି। ଆମମାନଙ୍କର କେତେକ ନିର୍ବୋଧ 'ବୋଲି'ର ସୀମା ମଧ୍ୟରେ ଜୀବନକୁ ଆବଦ୍ଧ ରଖାଯାଇ ପାରେନା।

ଏଥିରୁ ଡକ୍ଟରେ ଜୀବାଗୋଙ୍କର ମାନସିକ-ଗଠନ ଆମେ ବୁଝିପାରୁ। ପାଷ୍ଟାରନାକ କବି, ଭାବୁକ, ସ୍ୱପ୍ନଦ୍ରଷ୍ଟା ହୋଇଥିବାରୁ ଉଚ୍ଚକୋଟୀର ଶିଳ୍ପୀସୁଲଭ ଜୀବନ-ରହସ୍ୟ-ବୋଧ ଦ୍ୱାରା ସୃଷ୍ଟି ଓ କଳ୍ପନା ଅନୁରଞ୍ଜିତ। ଜୀବନର ଏଇ ମୌଳିକ ଓ ମହାନ୍ ସତ୍ୟଜିଜ୍ଞାସା ଉପରେହିଁ 'ଡକ୍ଟରେ ଜୀବାଗୋ' ଉପନ୍ୟାସର ଆତ୍ମପ୍ରତିଷ୍ଠା। ଫଳବିଶେଷରେ ସୋଭିଯେତ ରାଷ୍ଟ୍ରନାୟକଙ୍କର ଚିନ୍ତା ଓ ବିଶ୍ୱାସ ଉପରେ ଅତି କଟୁ ମନ୍ତବ୍ୟ ଡକ୍ଟର ଜୀବାଗୋ ପ୍ରଦାନ କରିଛନ୍ତି ମଧ୍ୟ। ତେଣୁ ସୋଭିଏତ ସର୍ବାଧିନାୟକ ତଥା ଅନ୍ୟାନ୍ୟ କମ୍ୟୁନିଷ୍ଟ କର୍ତ୍ତାଗଣଙ୍କ ଚକ୍ଷୁରେ ଏହି ମାନବତାବାଦୀ ଓ ସତ୍ୟସନ୍ଧାନୀ ଶିଳ୍ପୀ ଅଭିନନ୍ଦିତ ହେବା ପରିବର୍ତ୍ତେ ନିନ୍ଦିତ, ନିଗୃହୀତ ଓ ଲାଞ୍ଛିତ ହେବା ସ୍ୱାଭାବିକ। ଏପରି କି ଏହି ବହିଟିର ପ୍ରକାଶନ ସ୍ଥଗିତ ରଖିବା ପାଇଁ ସୋଭିଏତ ସରକାର ସର୍କୋଭଙ୍କୁ ମିଲାନ ପର୍ଯ୍ୟନ୍ତ ପ୍ରେରଣ କରିଥିଲା। ସେ ଚେଷ୍ଟା ଅସଫଳ ହେବା ପରେ 'ଡକ୍ଟର ଜୀବାଗୋ' ଉପନ୍ୟାସକୁ ଋଷିଆର ସାହିତ୍ୟପତ୍ର ସବୁ ''a hostile political act directed against the Soviet State'' ଏବଂ ''an artistically squalid, malicious work replete with hatred of socialism'' ରୂପେ ବର୍ଣ୍ଣନା କଲେ ଏବଂ ପାଷ୍ଟାରନାକଙ୍କୁ ଲକ୍ଷ୍ୟ କରି କହିଲେ, ''Pasternak had chosen the path of dishonesty

Digitized by PPRACHIN, SOA

and shame" "and an ignominious end awaits both Doctor Zhivago, that resurrected Judas, and author, whose fate will be that of popular contempt." ନୋବେଲ ପୁରସ୍କାର ଗ୍ରହଣ କରିବା ପାଷ୍ଟାରନାକଙ୍କ ପକ୍ଷରେ ଅଗୌରବଜନକ ଏବଂ ତାହା ଏକ ରାଷ୍ଟ୍ରୀୟ ଅପମାନ ବୋଲି ପ୍ରଚାର ରଷିଆରେ ଚାଲିଥିବା ସମୟରେ ପାଷ୍ଟାରନାକ ଏହି ପୁରସ୍କାର ପ୍ରାପ୍ତି ସମ୍ବାଦରେ ଏକ ତାରବାର୍ତ୍ତାରେ ସୁଇଡ଼ିଶ ଏକାଡ଼େମୀକୁ ଜଣାଇଥିଲେ ଯେ ପ୍ରକୃତରେ ସେ ହୋଇଛନ୍ତି "immensely grateful, touched, proud, astonished, abashed." ସୋଭିଏଟ ରାଷ୍ଟ୍ରର ବିଶିଷ୍ଟ ମୁଖପତ୍ର ଏହି ପୁରସ୍କାରକୁ ଶତ୍ରୁଦେଶର ଏକ ପରିହାସ ଏବଂ ଉପନ୍ୟାସଟିକୁ ସାମ୍ୟବାଦୀ ବିପ୍ଳବର ଏକ କୁତ୍ସାଶ୍ରୟୀ ବ୍ୟଙ୍ଗ ଓ ଏକ ପ୍ରତିକ୍ରିୟାଶୀଳ ରଚନା ବୋଲି ମଧ୍ୟ ପ୍ରଚାର କରିଥିଲା । ଏ ସମସ୍ତ ଦ୍ୱନ୍ଦ୍ୱ ଓ ରାଷ୍ଟ୍ରୀୟ ନିୟନ୍ତ୍ରଣର କଠୋର ପରିଧି ହେତୁ ପାଷ୍ଟାରନାକଙ୍କୁ ପରିଶେଷରେ ନୋବେଲ ପୁରସ୍କାର ଗ୍ରହଣରୁ ବଞ୍ଚିତ ହେବାକୁ ପଡ଼ିଛି ଏବଂ କେବଳ ସେତିକି ନୁହେଁ, କ୍ରୁଶ୍ଚେଭଙ୍କ ନିକଟରେ ତାଙ୍କୁ କ୍ଷମାଭିକ୍ଷା କରିବାକୁ ମଧ୍ୟ ପଡ଼ିଛି । ଏବେ ନିକଟରେ ସୁଇଡ଼େନର ଜଣେ ସାମ୍ବାଦିକଙ୍କ ସହ ସାକ୍ଷାତରେ ପାଷ୍ଟାରନାକ ତେଣୁ କହିଥିଲେ—"Excuse me if I have offended you. Are you possibly a communist ?...Actually, the demands of the hierarchy are very slight. You should hate what you like and love what you abhor!...But this is the most difficult of all..."ପାଷ୍ଟାରନାକଙ୍କ ପ୍ରତି ଏହି ଅମାନବୀୟ ରାଷ୍ଟ୍ରନିୟନ୍ତ୍ରଣ ହେତୁ ବିଶ୍ୱର ବିଶିଷ୍ଟ ମନୀଷୀ, ଦାର୍ଶନିକ, ଲେଖକ ଓ ଚିନ୍ତାନାୟକଗଣ (ଏଲିୟଟ, କ୍ଲାର୍କ, ଫରଷ୍ଟାର, ରସେଲ, ଗ୍ରୀନ, ଅଲଡାସ ହକ୍ସଲି, ଜୁଲିୟନ ହକ୍ସଲି, ମମ୍, ପ୍ରିଷ୍ଟଲି, ରିଡ୍, ସ୍ନୋ, ସ୍ପେଣ୍ଡର, ଓ୍ୱେଷ୍ଟ, ଉଇଲସନ, ରୋଜ ମେକଲେ, ପ୍ରିସ-ଜୋନ୍ସ ଏମାନଙ୍କ ମଧ୍ୟରେ ଅଛନ୍ତି) ବ୍ୟଥିତ ହୋଇ ଏକ ତାରବାର୍ତ୍ତା "Soviet Writers' Union" କୁ ନିମ୍ନଲିଖିତ ମର୍ମରେ ଏବେ ପଠାଇଛନ୍ତି, "We are profoundly anxious about the fate of one of the world's greatest poet Boris Pasternak. We consider his novel "Doctor Zhivago" a moving personal testimoney and not a political document. We appeal to you in the name of the great Russian literary tradition for which you stand not to dishonour it by victimising a writer revered throughout the entire civilised world."

Digitized by PPRACHIN, SOA

ରାଷ୍ଟ୍ର ସହିତ ଶିଳ୍ପ ଓ ଶିଳ୍ପୀର ସମ୍ପର୍କ ଯଦି ଏଭଳି ତିକ୍ତ ଓ ଅମାନୁଷିକ ହୁଏ ଏବଂ ମନୁଷ୍ୟର ବୁଦ୍ଧିବୃତ୍ତି, ଯୁକ୍ତିଶୀଳତା, କଳ୍ପନା ଓ ସୃଜନଶକ୍ତି ଯଦି ସାମାଜିକ ନିୟନ୍ତ୍ରଣର କଠିନ ଶାସନର ଊର୍ଦ୍ଧ୍ୱକୁ ଉଠିବା ପାଇଁ ଅସମର୍ଥ ହୁଏ, ତେବେ ସ୍ୱଭାବତଃ ଏଇ ପ୍ରଶ୍ନ ମନରେ ଉଠେ ଯେ ନୂତନ ଚିନ୍ତା, ନୂତନ ଜୀବନାଦର୍ଶ, ପ୍ରାକୃତିକ ଶକ୍ତିକୁ ସାମାଜିକ ଉପଯୋଗରେ ପ୍ରଯୁକ୍ତ କରିବାର ନବ ନବ କୌଶଳ, ମାନବ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନାନା ଅଭିନବ ଓ ସୃଜନଶୀଳ ସ୍ୱପ୍ନ ପ୍ରଭୃତିର ଉଦ୍ଭବ କିପରି ସମ୍ଭବ ବା ସାମାଜିକ ବିବର୍ତ୍ତନ ଓ ପ୍ରଗତି ମଧ୍ୟ କେଉଁ ପ୍ରକାରେ ସମ୍ଭବ? ଯେଉଁ ସମସ୍ତ ସମାଜରେ ସମାଜର ସର୍ବଜନସ୍ୱୀକୃତ ଆଦର୍ଶ, ରୀତିନୀତି ଓ ମୂଲ୍ୟବିଚାରକୁ ବ୍ୟକ୍ତିମନୁଷ୍ୟର ପ୍ରଶ୍ନ କରିବାର ଏବଂ ବୁଦ୍ଧିବୃତ୍ତି ଓ ଯୁକ୍ତିଶୀଳତାର ଭିତ୍ତିରେ ତାକୁ ଅସ୍ୱୀକାର କରିବାର ଅଧିକାର ଓ ବ୍ୟକ୍ତିକର୍ତ୍ତୃକ ନବ ନବ ଜୀବନାଦର୍ଶ ରୂପାୟନର ଦୁଃସାହସ ସ୍ୱୀକୃତ ହୁଏ, ସେଇ ସମସ୍ତ ସମାଜରେ ମନୁଷ୍ୟର ସୃଷ୍ଟିଶୀଳତା ସଜୀବ ଓ ଅକ୍ଷୁଣ୍ଣ ରହେ। ଏଇ ସମାଜରେ ରାଷ୍ଟ୍ରର ପ୍ରଭାବ ଓ କର୍ମକାଣ୍ଡ ଗୋଟିଏ ସଂକୀର୍ଣ୍ଣ ପରିସର ମଧ୍ୟରେ ଆବଦ୍ଧ ରହେ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଯଦି ବ୍ୟକ୍ତିମନୁଷ୍ୟର ସ୍ୱାଧୀନ ଚିନ୍ତାକୁ ଖର୍ବ କରିବାକୁ ଉଦ୍ୟୋଗୀ ହୁଏ, ତାହେଲେ ମନୁଷ୍ୟର ସୃଜନୀ ପ୍ରତିଭାର ଅପମୃତ୍ୟୁ ଘଟିବା ଅବଶ୍ୟମ୍ଭାବୀ। ତେଣୁ ସାଂପ୍ରତିକ କାଳରେ ଆମ ଦେଶର ଯଥାର୍ଥ ଶିଳ୍ପୀ-ସେ ସାହିତ୍ୟିକ, ସଙ୍ଗୀତକାର, ଚିତ୍ରଶିଳ୍ପୀ ବା ଭାସ୍କର ଯେ କେହି ହୁଅନ୍ତୁ, ରାଷ୍ଟ୍ରର ପୃଷ୍ଠପୋଷକତାକୁ ପରିହାର କରି ଚାଲିବା ଅବଶ୍ୟ କର୍ତ୍ତବ୍ୟ। ଏ ସଙ୍କଟ ଅତିକ୍ରମ କରିବାର କୌଶଳ ଅଧିଗତ ନ ହେଲେ ଭବିଷ୍ୟତରେ ଶିଳ୍ପସାହିତ୍ୟ ଅନ୍ୟାନ୍ୟ ସାଧାରଣ ଜୀବିକା ଭଳି ଏକ ବୈଶ୍ୟ-ବ୍ୟାପାରରେ ପରିଣତ ହେବାର ସମ୍ଭାବନା। ତାର ଆତ୍ମିକ ଓ ଆଧାତ୍ମିକ ଶକ୍ତିର ଭିତ୍ତି ଦୁର୍ବଳ ହୋଇ ପଡ଼ିବା ସଙ୍ଗେ ଶିଳ୍ପୀର ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଓ ସ୍ୱାତନ୍ତ୍ର୍ୟଜନିତ ବୈଚିତ୍ର୍ୟ-ସ୍ୱାଦୁ ଶିଳ୍ପରାଜ୍ୟରୁ ଚିରନିର୍ବାସିତ ହେବାର ଆଶଙ୍କା।

ସର୍ବବିଧ ରାଜନୈତିକ ଚିନ୍ତା ସମ୍ପର୍କରେ ସଚେତନତା ଶିଳ୍ପୀ ପକ୍ଷରେ କିଛି ମାରାତ୍ମକ ନୁହେଁ; କିନ୍ତୁ ମାରାତ୍ମକ ହୋଇଉଠେ ସେତେବେଳେ, ଯେତେବେଳେ ରାଜନୀତିକ ଚେତନାର ସାହିତ୍ୟ ବା ଶିଳ୍ପ କ୍ରୀଡ଼ନକ ବା ଶିକାର ହୋଇ ଉଠିଥାଏ। ଶିଳ୍ପୀ ପକ୍ଷରେ ମାନସିକ ନିରାସକ୍ତି ସର୍ବଦା ଶୁଭଙ୍କର ଓ ଅପରିହାର୍ଯ୍ୟ ଏବଂ ଶିଳ୍ପୀ ସର୍ବଦା ବ୍ୟକ୍ତିସ୍ୱାତନ୍ତ୍ର୍ୟର ସାଧକ। କିନ୍ତୁ ଦୁଃଖର ବିଷୟ, ଅତୀତ ଯୁଗରେ ଧର୍ମ ସାହିତ୍ୟର ଯେଉଁ କ୍ଷତି ସାଧନ କରିଥିଲା, ତା'ଠୁଁ ଶତ ଗୁଣରେ ଭୀଷଣ ଓ ମାରାତ୍ମକ କ୍ଷତି ସାଧନ କରିବାକୁ ଯାଉଛି ଏ ଯୁଗର ରାଜନୀତି ଓ ରାଷ୍ଟ୍ରବ୍ୟବସ୍ଥା। ଶିଳ୍ପୀ ସ୍ମରଣ ରଖିବା ଉଚିତ୍ ଯେ, ରାଜନୀତିର ସମଷ୍ଟିବାଦ ଶିଳ୍ପଗତ ଦାୟିତ୍ୱ ପାଳନ ପଥରେ ଅନ୍ତରାୟ ସ୍ୱରୂପ।

Digitized by PPRACHIN, SOA

ଭାରତବର୍ଷ ସ୍ୱାଧୀନ ହେବା ପରେ ଭାରତୀୟ ରାଷ୍ଟ୍ର ଗତ ଦଶ ବାର ବର୍ଷ ମଧ୍ୟରେ ସାହିତ୍ୟ, ସଙ୍ଗୀତ, ଚିତ୍ରକଳା ପ୍ରଭୃତି ବିଭିନ୍ନ ଶିଳ୍ପର ପୃଷ୍ଠପୋଷକତାରେ ଧ୍ୟାନ ଓ ଉଦ୍ୟୋଗ ପ୍ରକାଶ କରି ଆସିଛି। ଏହି ରାଷ୍ଟ୍ରୀୟ ପୃଷ୍ଠପୋଷକତାକୁ ସାହିତ୍ୟ ଅଥବା ସଙ୍ଗୀତନାଟକ ଏକାଡ଼େମୀ ଦ୍ୱାରା ପ୍ରତିଷ୍ଠାନଗତ ରୂପ ମଧ୍ୟ ପ୍ରଦାନ କରାଯାଇଛି। ଏଇ ସମସ୍ତ ବ୍ୟାପାରରେ ଗୋଟିଏ ବିଷଦୃଶ ଜିନିଷ ଆଖିରେ ଅନେକ ସମୟରେ ପଡ଼ିଥାଏ; ତା' ହେଉଛି ଯେ ରାଷ୍ଟ୍ରର ଯେଉଁମାନେ କର୍ଣ୍ଣଧାର, ସେମାନଙ୍କ ମନରେ ଏଇ ଧାରଣା ସ୍ୱାଭାବିକ ଆସୁଛି ଯ, ସାହିତ୍ୟ-ସଙ୍ଗୀତ-ଶିଳ୍ପର ବିଚାରକ୍ଷେତ୍ରରେ ସେମାନଙ୍କର ପାରଦର୍ଶିତା ଯଥେଷ୍ଟ ରହିଛି। ଅଥଚ ଅଧିକାଂଶ କ୍ଷେତ୍ରରେ ଏ ଧାରଣାର ପ୍ରକୃତ କୌଣସି ଭିତ୍ତି ନାହିଁ। ଜ୍ଞାତସାରରେ ବା ଅଜ୍ଞାତସାରରେ ଶିଳ୍ପୀଗଣ ଯେତେବେଳେ ରାଷ୍ଟ୍ରର ପୃଷ୍ଠପୋଷକତା ଲାଭ କରିବାକୁ ଲାଳସୀ ଓ ଆଗ୍ରହୀ, ସେତେବେଳେ ରାଷ୍ଟ୍ରର କର୍ଣ୍ଣଧାରମାନଙ୍କର ସାହିତ୍ୟ-ଶିଳ୍ପ ସମ୍ପର୍କରେ ଅଜ୍ଞତାର ପ୍ରଭାବ ଶିଳ୍ପକର୍ମ ଉପରେ ପ୍ରତିଫଳିତ ହେବା ସ୍ୱାଭାବିକ। ଏହାର ଫଳ ଅନେକ ସମୟରେ ମାରାତ୍ମକ। ଶିଳ୍ପର ଯଥାର୍ଥ ମୂଲ୍ୟବିଚାର ଯେପରି ଏ ପରିସ୍ଥିତିରେ ସମ୍ଭବପର ନୁହେଁ, ଅନ୍ୟ ଦିଗରେ ରାଷ୍ଟ୍ରୀୟ ଅନୁଗ୍ରହ ଲାଭ କରିବାର ଓ ସମ୍ମାନିତ ହେବାର ପ୍ରଚ୍ଛନ୍ନ ବାସନା ଏ କ୍ଷେତ୍ରରେ ଶିଳ୍ପୀମାନଙ୍କୁ ସେମାନଙ୍କର କଠିନ, ସରଳ, ନିରଳସ ଓ ନିଃସଙ୍ଗ ସାଧନାରୁ ଓଟାରି ଆଣି ଏକ ଅଶିଳ୍ପୀଜନୋଚିତ, ଇତର ବ୍ୟବହାର ମଧ୍ୟରେ ଜଡ଼ିତ ରଖିବାର ସମ୍ଭାବ୍ୟତା ପ୍ରବଳ ଭାବେ ବର୍ତ୍ତମାନ। ରାଷ୍ଟ୍ର ସହିତ ଶିଳ୍ପୀର ଓ ଶିଳ୍ପ ସହିତ ସ୍ୱାତନ୍ତ୍ର୍ୟଧର୍ମୀ ସ୍ରଷ୍ଟାର କିପରି ଯୋଗାଯୋଗ ରହିବା ଆବଶ୍ୟକ, ତାହାରି ଏକ ସଙ୍କେତ ଦେବାପାଇଁ ଏହି ଆଲୋଚନାର ଅବତାରଣା ମାତ୍ର। କହିବା ବାହୁଲ୍ୟ, ଶିଳ୍ପୀ ନିଜର ଶିଳ୍ପଦାୟିତ୍ୱ ପାଳନ କରିବାକୁ ନିଜର ଦୈନ୍ୟ ତଥା ରାଷ୍ଟ୍ରୀୟ ନିଗ୍ରହ ଓ ଲାଞ୍ଛନା ମଧ୍ୟରେ ବି ସର୍ବଦା ସତ୍ୟସନ୍ଧାନୀ, ଜିଜ୍ଞାସାଧର୍ମୀ ଏକ ବିଦ୍ରୋହୀର ଭୂମିକାରେ ଅବତୀର୍ଣ୍ଣ ହେବା ଆବଶ୍ୟକ।)

['ମେହେର ପ୍ରଦୀପ', ୩ୟ ବର୍ଷ, ପୌଷ, ୩ୟ ସଂଖ୍ୟା, ସନ ୧୯୫୮]

■■

Digitized by PPRACHIN, SOA

ସାହିତ୍ୟ ଓ ସଂସ୍କୃତି

ସଂସ୍କୃତିକୁ ଆମ୍ଭେମାନେ ଇଂରାଜୀ 'culture' ଶବ୍ଦର ପ୍ରତିଶବ୍ଦ ରୂପେ ସାଧାରଣତଃ ବ୍ୟବହାର କରିଥାଉଁ। ଫରାସୀ 'culte' ଶବ୍ଦର ମଧ୍ୟଦେଇ ଲାଟିନ୍ 'cultus' ଶବ୍ଦରୁ ଏଇ 'culture' ଶବ୍ଦର ଜନ୍ମ। ଏହାର ପ୍ରଥମ ଅର୍ଥ ହେଉଛି, କୌଣସି ଧାର୍ମିକ ପୂଜା ବା ଉତ୍ସବର ସଙ୍ଗଠିତ ପ୍ରଣାଳୀ। ପୁଣି 'culture'ଶବ୍ଦ କର୍ଷଣ ବା ପାଳନ ଅର୍ଥରେ ମଧ୍ୟ ବ୍ୟବହୃତ। ଉଦାହରଣ ସ୍ୱରୂପ, କୌଣସି ଉଦ୍ଭିଦର କର୍ଷଣ ବା ପଶୁପକ୍ଷୀର ପରିପାଳନ। ପରେ ଏଇ ଶବ୍ଦଟି ଶିକ୍ଷା ଓ ଅନୁଶୀଳନ ଦ୍ୱାରା ମନ, ପ୍ରତିଭା ବା ଆଚରଣର ଉନ୍ନତି, ବିକାଶ ବା ସଂସ୍କାରକୁ ହିଁ ବୁଝାଇଚି। କିନ୍ତୁ 'culture'ର ପ୍ରତିଶବ୍ଦ ରୂପେ 'ସଂସ୍କୃତି' ଶବ୍ଦର ବ୍ୟବହାର ଆମ ଦେଶରେ ଅତି ନୂତନ। ଏଥି ପୂର୍ବରୁ 'culture'ର ପ୍ରତିଶବ୍ଦ ରୂପେ କେତେବେଳେ 'ଅନୁଶୀଳନ' କେତେବେଳେ 'ସଭ୍ୟତା' ବା କେତେବେଳେ 'କୃଷ୍ଟି' ଶବ୍ଦ ହିଁ ଆମେ ବ୍ୟବହାର କରି ଆସୁଥିଲୁଁ। କୃଷ୍ଟି ଶବ୍ଦ ବର୍ତ୍ତମାନ ମଧ୍ୟ ପ୍ରଚଳିତ ଏବଂ 'culture'ର ମୌଳିକ ଅର୍ଥ ଦୃଷ୍ଟିରୁ ଏହା ଅନ୍ୟାୟ ବା ଅସଙ୍ଗତ ମଧ୍ୟ ନୁହେଁ। ଏଇ କୃଷ୍ଟି ଶବ୍ଦ ଅତି ପ୍ରାଚୀନ ଏବଂ ଏହାର ବୈଦିକ ଅର୍ଥ ଆଜି ଅପ୍ରଚଳିତ। ବେଦରେ ଏହା ସାଧାରଣ 'କୃଷକ' ଅର୍ଥରେ ବା 'ସମୁଦାୟ କୃଷକଦଳ' ଅର୍ଥରେ ଏବଂ କେତେବେଳେ କେବଳ ମନୁଷ୍ୟ ଅର୍ଥରେ ମଧ୍ୟ ପ୍ରଚଳିତ ଥିଲା। 'କୃଷ୍ଟୟଃ ଇତି ମନୁଷ୍ୟ'—ନାମ (କୃଷ୍ଟୀର ନିର୍ଦ୍ଦିଷ୍ଟାଃଭିଚଷ୍ଟେ) ସାୟଣାଚାର୍ଯ୍ୟ ବେଦର ଭାଷ୍ୟରେ ଉଲ୍ଲେଖ କରିଥିବାର ଦେଖାଯାଏ। 'ସଂସ୍କୃତି' ଶବ୍ଦଟି ମଧ୍ୟରେ ମାନବିକ କୃତିର ବା ସୃଷ୍ଟିମୂଳକ ସକ୍ରିୟ ପ୍ରୟାସର ଗୋଟିଏ ଇଙ୍ଗିତ ରହିଛି ବୋଲି ତାହା ସବୁଯୁଗର ମନୁଷ୍ୟର ଉପଯୋଗୀ। ଯେଉଁ କାରଣରୁ ହେଉ 'culture'ର ପ୍ରତିଶବ୍ଦ ରୂପେ ସଂସ୍କୃତି ଶବ୍ଦଟିର ପ୍ରଚଳନ 'କୃଷ୍ଟି' ଅପେକ୍ଷା କ୍ରମେ ବଢ଼ି ଚାଲିଛି।

ସଂସ୍କୃତି କହିଲେ କେହି କେହି ସାଧାରଣତଃ ବୁଝିଥାନ୍ତି, କାବ୍ୟ, ସଙ୍ଗୀତ, ଶିଳ୍ପ, ଦର୍ଶନ ବା ଧ୍ୟାନ-ଧାରଣା। କେହି ବା ମନେକରନ୍ତି, ଆଚାର-ଅନୁଷ୍ଠାନ ବା ଭଦ୍ରତା ଶିଷ୍ଟାଚାର। ସେ ସମ୍ପର୍କୀୟ ଭାବନା-ଧାରଣା, ନୀତି-ନିୟମ ମଧ୍ୟ ଏହାର ଅନ୍ତର୍ଗତ। କେହି କେହି ଏହାର କେବଳ ଗୋଟିଏ ଅଂଶକୁ ସବୁକିଛି ବୋଲି ମନେ କରିଥାନ୍ତି। ଯେପରି କେହି କେହି କହନ୍ତି, ଧର୍ମ ହେଉଛି ସଂସ୍କୃତି, କାରଣ ଧର୍ମ ସର୍ବବ୍ୟାପକ। କେହି ବା ସାହିତ୍ୟ, ଶିଳ୍ପ ବା ଦର୍ଶନକୁ ମୁଖ୍ୟ ଅଂଶ ବୋଲି ମନେକରିଥାନ୍ତି। କିନ୍ତୁ ମୂଳର ଗୋଟିଏ କଥା ଏଠାରେ ଅତି ସ୍ପଷ୍ଟ ଯେ, ସଂସ୍କୃତି କେବଳ ମନର ବିଳାସ ନୁହେଁ, ମନର ସୃଷ୍ଟି ସମ୍ପଦ ନୁହେଁ ବା ଦର୍ଶନର ଆତ୍ମାନୁଭୂତି ନୁହେଁ।

Digitized by PPRACHIN, SOA

ଜୀବନର ବାସ୍ତବ ପ୍ରୟୋଜନରେ ଏହାର ଜନ୍ମ ହୁଏ, ମନୁଷ୍ୟର ଜୀବନ-ସଂଗ୍ରାମରେ ଏହା ଶକ୍ତି ଯୋଗାଏ, ଜୀବନ-ଯାତ୍ରାର ବାସ୍ତବ ଉଦ୍ଦେଶ୍ୟକୁ ସିଦ୍ଧକରେ ଏବଂ ସେହି ଜୀବନ-ଯାତ୍ରାର ଘାତ ପ୍ରତିଘାତରେ ସଂସ୍କୃତିର ରୂପ ଓ ରଙ୍ଗ ପରିବର୍ତ୍ତିତ ହୁଏ। ପୁଣି ସଂସ୍କୃତିର ସାହାଯ୍ୟରେ ଜୀବନଯାତ୍ରା ଯେପରି ଅଗ୍ରସର ହୁଏ, ସଂସ୍କୃତି ମଧ୍ୟ ସେହିପରି ଜୀବନ-ଯାତ୍ରା ସହିତ ସମନ୍ୱୟ ରଖି କ୍ରମେ ତା' ସହିତ ନୂତନ ଓ ବିଚିତ୍ରତର ହୋଇଉଠେ। ଜୀବନ ସହିତ ଏହି ସଂସ୍କୃତିର ଯେତେବେଳେ ସମ୍ବନ୍ଧ ଦେଖୁଁ, ସେତେବେଳେ ବୁଝୁଁ ସଂସ୍କୃତି ସ୍ଥାଣୁ ନୁହେ—ତାହାର ରୂପାନ୍ତର ଘଟେ। ସଂସ୍କୃତିର ଅର୍ଥ କେବଳ ସଂସ୍କାରର ପୁନାରାବର୍ତ୍ତନ ନୁହେ, ସଂସ୍କାରର ଏହାହେଉଛି ଐତିହାସିକ ବିବର୍ତ୍ତନ। ସମସ୍ତ ବିବର୍ତ୍ତନର ମଧ୍ୟଦେଇ ମନୁଷ୍ୟ କ୍ରମେ ଅଧିକ ମନୁଷ୍ୟରେ ପରିଣତ ହେଉଛି। ପ୍ରାଚୀନ ସଂସ୍କୃତି ମଧ୍ୟ ହେଉଚି ଏକ ବ୍ୟାପକତର ବିଶ୍ୱ- ସଂସ୍କୃତିରେ ରୂପାନ୍ତରିତ। ତେଣୁ ମାନବ-ଜାତିର ସଂସ୍କୃତିର ଇତିହାସ ଅଧ୍ୟୟନ କଲେ ଆମେ ଦେଖୁଁ ଏହା ମାନବଜାତିର କ୍ରମବର୍ଦ୍ଧିଷ୍ଣୁ ଏକ ପରିପୂର୍ଣ୍ଣତାର ଇତିହାସ। ମ୍ୟାଥ୍ୟୁ ଆର୍ନଲ୍ଡଙ୍କ ଭାଷାରେ—"It places it in thc ever increasing efficacy and in the general harmonious expansion of those gifts of thought and feeling, which make the peculiar dignity, wealth and happiness of human nature....It is in making endless additions to itself, in the endless expansion of its powers, in endless growth in wisdom and beauty, that the spirit of the human race finds its ideal. To reach this ideal, culture is an indispensible aid and that is the true value of culture. Not a having and a resting, but a growing and a becoming, is the character if perfection as culture conceives it,...".

ତେଣୁ ସଂସ୍କୃତିର ଯେ ରୂପାନ୍ତର ଚାଲିଚି, ତାହା ବୁଝି ପରିବର୍ତ୍ତନର ମୂଳ ତତ୍ତ୍ୱଟିର ପରିଚୟ ନେବା ଆମର ପ୍ରୟୋଜନ। ସଂସ୍କୃତିର ମୋଟ ଅବୟବ ଓ ଅବଲମ୍ବନ କ'ଣ ଓ ସେମାନଙ୍କ ଭିତରେ ପରସ୍ପରର ସମ୍ପର୍କ ବା କିପରି, ତାହା ମଧ୍ୟ ଏ ପ୍ରସଙ୍ଗରେ ଆମର ଆଲୋଚ୍ୟ ବିଷୟ। ଇତିହାସ ହିଁ ଏ ଦିଗରେ ଆମର ଯଥେଷ୍ଟ ସହାୟକ ଏବଂ ଐତିହାସିକ ଦୃଷ୍ଟିରେ ସଂସ୍କୃତିର ପରିଚୟ ସାଧନ କରିବାକୁ ହେଲେ ଇତିହାସର ବିଭିନ୍ନ ପ୍ରବାହ ସହିତ ଆମର ପରିଚୟ ହେବା ଆବଶ୍ୟକ। ସଂସ୍କୃତିର ଅର୍ଥ କଅଣ, ଏଇ ପ୍ରଶ୍ନ କରିବା ସମୟରେ ଆମ ମନରେ ଗୋଟିଏ କଥା ନିଶ୍ଚୟ ଜାଗିବା ଉଚିତ—ମନୁଷ୍ୟର ହିଁ କେବଳ ସଂସ୍କୃତି ଅଛି, ଅନ୍ୟ ଜୀବର ସଂସ୍କୃତି ବୋଲି କିଛି ନାହିଁ। ତା'ର ଅର୍ଥ ମନୁଷ୍ୟ ହିସାବରେ ମନୁଷ୍ୟର ଅସଲ

Digitized by PPRACHIN, SOA

ପରିଚୟ ତା'ର ସଂସ୍କୃତି। ଏଇ କୃତି ବା କର୍ମ ବଳରେ ହିଁ ମନୁଷ୍ୟ ମନୁଷ୍ୟ ହୋଇଛି, ପ୍ରକୃତିର ନିୟମ ସେ ବୁଝିଚି ଏବଂ ପ୍ରତିବନ୍ଧକକୁ ଅତିକ୍ରମ କରି ସେ ଅଗ୍ରସର ହୋଇଛି। ପ୍ରାଣୀ-ମାତ୍ରର ହିଁ ଜୀବନର ମୂଳପ୍ରେରଣା ବଞ୍ଚି ରହିବା। ଏଇ ତାଡ଼ନାର ଫଳରେ ମନୁଷ୍ୟ ନିଜର ପରିବେଶ ସହିତ ସମନ୍ୱୟ ସ୍ଥାପନ କରିବାକୁ ଚେଷ୍ଟାକରେ। ଅର୍ଥାତ୍ ମନୁଷ୍ୟ ଚାହେଁ ବଞ୍ଚିବାର କୌଶଳ, ସେ ଯେତେଟା ପାରେ ପ୍ରକୃତି ନିକଟରୁ ଆଦାୟ କରି ନେବାପାଇଁ ଚାହେଁ। ଏହାର ଅନ୍ୟ ନାମ ହେଉଛି ଜୀବନ-ସଂଗ୍ରାମ ବା ଜୀବିକା-ପ୍ରଚେଷ୍ଟା। ମନୁଷ୍ୟର ସଭ୍ୟତା ବା ସଂସ୍କୃତିର ମୂଳ ପ୍ରେରଣା ହେଉଚି ପ୍ରକୃତିର ଦାସତ୍ୱ ନିକଟରୁ ମୁକ୍ତ ହେବା; ଅର୍ଥାତ୍ ଜୀବିକା ଆୟତ୍ତ କରିବା ଓ ତାକୁ ସହଜସାଧ୍ୟ କରିବା। ମଣିଷ ନିଜ ପ୍ରୟାସ ପ୍ରଯତ୍ନ ଫଳରେ ଏଇ ଜୀବିକା କ୍ରମେ ସେ ଆୟତ୍ତ କରିଛି। ଏଇ ପ୍ରୟାସର ନାମ ପରିଶ୍ରମ। ଏଇ ପରିଶ୍ରମ ଦ୍ୱାରା ମନୁଷ୍ୟ ଅନ୍ୟ ଜୀବ ଅପେକ୍ଷା ଉନ୍ନତ ହୋଇଛି, ସ୍ୱାତନ୍ତ୍ର୍ୟ ଲାଭ କରିଚି ଓ ଶେଷରେ ସଭ୍ୟତା ବା ସଂସ୍କୃତିର ଗୋଟିଏ ଗୋଟିଏ ଉପାଦାନ ସୃଷ୍ଟି କରିଛି। ସଂସ୍କୃତିର ମୂଳକଥା ତେଣୁ ଜୀବିକାପ୍ରୟାସ, ଶ୍ରମଶକ୍ତି ଏବଂ ସଂସ୍କୃତିର ମୋଟ ଅର୍ଥ ମାନବ ପ୍ରକୃତିର ଏଇ ସ୍ୱରାଜ୍ୟ ସାଧନା।

ଜୀବଜଗତ ପ୍ରକୃତିର ନିୟମରେ ବନ୍ଧା। ସେହି ନିୟମକୁ ନିଜର ନିୟମ ବୋଲି ମାନିନେଇ ସେମାନେ ବଞ୍ଚନ୍ତି ଓ ମରନ୍ତି। କିନ୍ତୁ ମନୁଷ୍ୟ ଜୀବଜଗତ ମଧ୍ୟରେ ବିଶେଷତ୍ୱ ବା ସ୍ୱାତନ୍ତ୍ର୍ୟ ଲାଭ କରିଅଛି। ବଞ୍ଚିବାର ଉପାୟ, ଜୀବିକାର ଉପାଦାନ ସେ ନିଜର ପରିଶ୍ରମ ଦ୍ୱାରା ସୃଷ୍ଟି କରିପାରେ। ପ୍ରକୃତିର ଏକାନ୍ତ ମୁଖାପେକ୍ଷୀ ସେ ହୁଏନା। ତେଣୁ ସେ ଚେଷ୍ଟାକରି ଚାଲିଚି ତାହାର ଜୀବନଯାତ୍ରା କିପରି ସୁଲଭ ହେବ, ତାହାର ପ୍ରାଣଧାରଣ କିପରି ସହଜ ହେବ। ଏଥିପାଇଁ ତାର ବିପୁଳ ପ୍ରୟାସ, ଅସରନ୍ତି ପରିଶ୍ରମ ଏବଂ ପ୍ରକୃତି ସହିତ ତାହାର ଅଶେଷ ଓ ଅନବରତ ସଂଗ୍ରାମ। ଏହି ସଂଗ୍ରାମରେ ସେ ଯେତିକି ଜୟୀ ହେଉଛି, ଜୀବିକାର ତାଡ଼ନା ଓ ଜୀବନର ତାଗିଦ ସେତିକି ପୂରଣ କରିପାରିଛି ଏବଂ ତାହାର ସଭ୍ୟତା ଓ ସଂସ୍କୃତିରେ କେବଳ ସେତିକିର ହିଁ ନିଦର୍ଶନ ମଧ୍ୟ ରହିଚି। ତେଣୁ ଏଇ ସଭ୍ୟତା ବା ସଂସ୍କୃତି ତାର ସେଇ ଚିର ସଂଗ୍ରାମର ଜୟଚିହ୍ନ ଏବଂ ତାର ବିଜୟାସ୍ତ୍ର ମଧ୍ୟ। ପ୍ରକୃତି ସହିତ ସଂଗ୍ରାମ ଅର୍ଥାତ୍ ଜୀବନ ସଂଗ୍ରାମର ଏଇ ବିଭିନ୍ନ ସ୍ତରରେ, ବିଭିନ୍ନ ପର୍ଯ୍ୟାୟରେ ମନୁଷ୍ୟର ଏହି ଯୁଦ୍ଧାସ୍ତ୍ରର ମଧ୍ୟ ବିଭିନ୍ନ ସ୍ତର, ବିଭିନ୍ନ ପର୍ଯ୍ୟାୟ ଦେଖା ଦେଇଛି, ଜୟଚିହ୍ନ ମଧ୍ୟ ହୋଇଛି ବିଚିତ୍ରତର।

ମୂଳରେ ଆମେ ଦେଖୁଛୁଁ, ସଂସ୍କୃତିକୁ ଏଭାବରେ ବୁଝିବାକୁ ଆମେ ଚାହୁଁନା। ସଂସ୍କୃତି କହିଲେ ଆମେ ବୁଝୁଁ, କାବ୍ୟ, ସଙ୍ଗୀତ, ଶିଳ୍ପ, ଦର୍ଶନ, ଆଚାର, ବିଚାର ଓ ଖୁବ୍ ବେଶୀ ବିଜ୍ଞାନ ପର୍ଯ୍ୟନ୍ତ। କେତେବେଳେ ପୁଣି ଆମେ ଭାବୁଁ ସଂସ୍କୃତି

Digitized by PPRACHIN, SOA

ଦେଶଗତ ଓ କାଳଗତ । ଯେପରି କେତେବେଳେ ଆମେ କହୁଁ ଭାରତୀୟ ସଂସ୍କୃତି, ଗ୍ରୀକ୍ ସଭ୍ୟତା, ଚୀନା ସଭ୍ୟତା, ପାଶ୍ଚାତ୍ୟ ସଭ୍ୟତା ବା ଅଧିକ ଖଣ୍ଡ ଖଣ୍ଡ କରି ଉତ୍କଳୀୟ ସଂସ୍କୃତି ବା ଗାଙ୍ଗେୟ ସଭ୍ୟତା ଇତ୍ୟାଦି। ଅଥବା ଧର୍ମ ଓ ଜାତିଗତ ସୂତ୍ର ଧରି କହୁଁ ହିନ୍ଦୁ ସଂସ୍କୃତି, 'ବ୍ରାହ୍ମନିକ କାଲଚାର' ବା ମୁସଲିମ୍ ସଭ୍ୟତା। ପୁଣି କେତେବେଳେ କାଳର ହିସାବ ଦୃଷ୍ଟିରୁ ପ୍ରାଚୀନ ସଭ୍ୟତା, ମଧ୍ୟ ଯୁଗର ସଭ୍ୟତା ବା ଆଧୁନିକ ସଭ୍ୟତା ବୋଲି ମଧ୍ୟ ଆଖ୍ୟା ଦେଇଥାଉଁ। ଏଇ ସବୁ ହିସାବ ଏକାବେଳକେ ଅବଶ୍ୟ ମିଥ୍ୟା ନୁହେଁ, ସବୁ ସମୟରେ ଏଗୁଡ଼ିକ ପରସ୍ପର ବିରୋଧୀ ମଧ୍ୟ ନୁହନ୍ତି—ତଥାପି ଏପରି ହିସାବ ଯୁକ୍ତି ସଙ୍ଗତ ମଧ୍ୟ ନୁହେଁ। ଯେପରି ଭାରତୀୟ ସଭ୍ୟତା କହିଲେ ତା' ଭିତରେ ହିନ୍ଦୁ ସଭ୍ୟତା ଆସେ, ପୁଣି ସେଥିରେ ପ୍ରାଚୀନ ସଭ୍ୟତାକୁ ମଧ୍ୟ ବୁଝାଇପାରେ ବା ମଧ୍ୟଯୁଗର ସଭ୍ୟତାକୁ ମଧ୍ୟ ବୁଝାଇ ପାରେ। ଏଇ ସବୁ ନାମ ଦ୍ୱାରା ବିଭିନ୍ନ ସଂସ୍କୃତିର ପାର୍ଥକ୍ୟ ବା ପ୍ରକୃତି ସ୍ପଷ୍ଟରୂପେ କରାଯାଏନା। ତଥାପି ଏହିପରି ନାମ ଦେବାରେ ମଧ୍ୟ ସୁବିଧା ରହିଚି, ଜନମନ ତାହା ସହଜରେ ଗ୍ରହଣ କରିବାକୁ ସମର୍ଥ ହୁଏ। ସେମାନଙ୍କ ମନର 'ଯୌଥ ଅହମିକା' ବା group pride ମଧ୍ୟ ତୃପ୍ତିଲାଭ କରେ। କିନ୍ତୁ ଯା'ଫଳରେ ଆମେ ସଂସ୍କୃତିର ବ୍ୟାପକ ଅର୍ଥ ଓ ତାର ବୈଶିଷ୍ଟ୍ୟ ଭୁଲିଯାଉଁ। ସଂସ୍କୃତିର ବୈଶିଷ୍ଟ୍ୟ ମଧ୍ୟ ନିଜର ଅଭିରୁଚି ଅନୁଯାୟୀ ଅନେକେ ନିର୍ଣ୍ଣୟ କରି ପକାନ୍ତି। କେହି ସଂସ୍କୃତିକୁ ନାମ ଦିଅନ୍ତି 'ଆଧ୍ୟାତ୍ମିକ', କେହି ତାକୁ ନାମ ଦିଅନ୍ତି 'ଜଡ଼ବାଦୀ।' ଏପରି ବିଭାଗ ମଧ୍ୟରେ ଗୋଷ୍ଠୀର ବା ଧର୍ମର ଗୁଣାଗୁଣ ଅନେକଟା ରହିଚି; କିନ୍ତୁ ସେ ବୈଶିଷ୍ଟ୍ୟ ପ୍ରାୟ ଆପେକ୍ଷିକ, କାହାରି 'ଏକାନ୍ତ' ବା ନିଜସ୍ୱ ନୁହେଁ। ସେ ବୈଶିଷ୍ଟ୍ୟ ମଧ୍ୟ ନାନାରୂପ ଘାତ ପ୍ରତିଘାତରେ ପରିବର୍ତ୍ତିତ ହୁଏ। ତାହାଛଡ଼ା ସଂସ୍କୃତିର ମୂଳବିଚାରରେ, ରୂପ ନିର୍ଣ୍ଣୟରେ ବା ବୈଶିଷ୍ଟ୍ୟ ବିଶ୍ଳେଷଣରେ ଏପରି ବିଭାଗୀକରଣ ଅତି ଗୌଣ। ସେଠାରେ ମୁଖ୍ୟ କଥା ହେଉଚି, ସେ ସଂସ୍କୃତି ଜୀବନଯାତ୍ରାର କେଉଁ ସୌକର୍ଯ୍ୟ ସାଧନ କରୁଛି। ପ୍ରକୃତି ଉପରେ ଆଧିପତ୍ୟ ବିସ୍ତାରର ଯେ ଅସରନ୍ତି ପ୍ରୟାସ ମନୁଷ୍ୟର, ତାହାର କେଉଁ ସ୍ତରର ଆଭାସ ସେଇ ସଂସ୍କୃତି ଦେଉଛି ? ତେଣୁ ବୈଜ୍ଞାନିକ ଦୃଷ୍ଟିରେ ସଂସ୍କୃତିର ବିଚାର କଲେ ଜଣାଯାଏ, ସଂସ୍କୃତିର ଅର୍ଥ ହେଉଛି ମନୁଷ୍ୟର ଜୀବନ-ସଂଗ୍ରାମର ବା ପ୍ରକୃତି ଉପରେ ଅଧିକାର ବିସ୍ତାରର ସମଗ୍ର ପ୍ରଚେଷ୍ଟା ଏବଂ ସଂସ୍କୃତିର ମୂଳଭିତ୍ତି ମଧ୍ୟ ଅତ୍ୟନ୍ତ ବାସ୍ତବ ଅର୍ଥାତ୍ ଜୀବିକାପ୍ରୟାସକୁ ସହଜାୟତ୍ତ କରିବା। ତେଣୁ କଥାଟା ମଧ୍ୟ ପରିଷ୍କାର; ଜୀବିକାପ୍ରୟାସ ଦ୍ୱାରା ମନୁଷ୍ୟ ଯେପରି ଅଗ୍ରସର ହୁଏ, ସଂସ୍କୃତିର ମଧ୍ୟ ପରିବର୍ଦ୍ଧନ ଘଟେ, ପରିବର୍ଜନ ହୁଏ ଅର୍ଥାତ୍ ତାହାର ପରିବର୍ତ୍ତନ ଚଳେ।

ଏଇ କଥାକୁ ଆଉ ଟିକିଏ ତଳେଇ କରି ବୁଝିବା ଦରକାର। ମନୁଷ୍ୟ ନିଜେ ମଧ୍ୟ ପରିବର୍ତ୍ତିତ ହେଉଛି; ମନୁଷ୍ୟ ଏବଂ ତାହାର ପରିବେଶ ଉଭୟ ପରିବର୍ତ୍ତନର

Digitized by PPRACHIN, SOA

ସ୍ରୋତରେ ପରସ୍ପରକୁ ପରିବର୍ତ୍ତିତ କରି ଚାଲିଛନ୍ତି। ମନୁଷ୍ୟର ଶରୀର ମୋଟାମୋଟି ସବୁ ଠିକ୍ ରହିଛି; ମନୁଷ୍ୟର ଆବେଗ, କାମନା, କ୍ଷୁଧା, ଜନ୍ମମରଣ-ତା ମଧ ସବୁ ଠିକ୍ ରହିଛି। ତେବେ ମନୁଷ୍ୟ ପରିବର୍ତ୍ତିତ ହୁଏ କେଉଁ ଅର୍ଥରେ? ତା'ର ଅର୍ଥ ଏଇ ଯେ, ମନୁଷ୍ୟ ଯେଉଁ ପରିମାଣରେ ପଶୁପକ୍ଷୀ ସଦୃଶ କେବଳ ଜୀବ, ସେଇ ପରିମାଣରେ ସେ ପ୍ରକୃତିର ବାଧ୍ୟ, ପ୍ରାଣୀ-ବିଜ୍ଞାନ ବା ବାୟୋଲଜି ନିୟମର ଅଧୀନ। ସେହି ପରିମାଣରେ ତା'ର ପରିବର୍ତ୍ତନ ମଧ ଘଟେନା। ସେ ଆହାର ଚାହେଁ, ସନ୍ତାନ ଚାହେଁ, ମୃତ୍ୟୁରେ ଭୟ ପାଏ ଏବଂ ସଙ୍ଗମ ଖୋଜେ; କିନ୍ତୁ ମନୁଷ୍ୟ କେବଳ ମାତ୍ର ଜୀବ ନୁହେଁ, ସେ ନିଜର ଜୀବିକା ଆୟତ୍ତ କରିଛି, ଆର୍ଥିକ ସଂସ୍ଥା ଗଢ଼ିଚି। ପ୍ରକୃତି ଉପରେ ନାନାରୂପରେ ସେ ଅଧିକାର ବିସ୍ତାର କରିଛି। ତେଣୁ ଅନ୍ୟ ଜୀବପରି ସେ ଆହାର କରେ। କିନ୍ତୁ କେତେ ବିଚିତ୍ର ଉପାୟରେ ଆହାରକୁ ସେ ପ୍ରସ୍ତୁତ କରେ। ମୃତ୍ୟୁରେ ସେ ଭୟପାଏ ଏବଂ ମୃତ୍ୟୁଭୟକୁ ସେ ଦୂର ମଧ କରିପାରେ। ସେ ସନ୍ତାନ ଚାହେଁ ଏବଂ ସେ ଇଚ୍ଛାକୁ ସେ ନିୟମିତ ମଧ କରିପାରେ। ଯୌନକାମନା ଓ ଜରାମରଣର ସେ ଅଧୀନ; କିନ୍ତୁ ତାକୁ ମଧ ସେ କେତେ ବିଚିତ୍ର କରି ତୋଳେ। ଏଇସବୁ କାରଣରୁ ତାର ପରିବର୍ତ୍ତନର ଅସମ୍ଭବ ସମ୍ଭାବନା ଓ ଅବକାଶ। ଜୀବିକାର ପ୍ରୟୋଜନରେ ମନୁଷ୍ୟର ଜୈବଧର୍ମ ଲୁପ୍ତ ହୁଏ ନାହିଁ। କିନ୍ତୁ ତାର ପ୍ରକାଶଭଙ୍ଗୀ ଓ ଶକ୍ତି ପରିବର୍ତ୍ତିତ ହୋଇଯାଏ, ଯାହା ଫଳରେ ତାହା ଜୀବନ ଯାତ୍ରାର ଅଧିକ ସହାୟକ ହୋଇଉଠେ। ଏହିପରି ଜୈବଧର୍ମ ମନୁଷ୍ୟର ପ୍ରବୃତ୍ତିରେ ପରିଣତ ହୁଏ। ତେଣୁ ଜୀବିକାର ପ୍ରୟୋଜନରେ ମନୁଷ୍ୟର ଆର୍ଥିକ ଜୀବନ ଯେପରି ପରିବର୍ତ୍ତିତ ହୁଏ, ପରିପୁଷ୍ଟ ହୁଏ, ସେହିପରି ତା'ର ପ୍ରବୃତ୍ତି ମଧ ବିକଶିତ ହୁଏ, ବିଚିତ୍ର ନୂତନ ଭଙ୍ଗୀ ଓ ନୂତନ ଶକ୍ତିରେ ପ୍ରକାଶିତ ହୁଏ। ଏଇ ପରିବର୍ତ୍ତନ ଆମର ଜ୍ଞାତସାରରେ ବା ଅଜ୍ଞାତସାରରେ ପ୍ରତିଦିନ ଘଟୁଚି। କାରଣ ଜୀବନଯାତ୍ରାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ମନୁଷ୍ୟ ନିତ୍ୟ ଉତ୍ତୀର୍ଣ୍ଣ ହୁଏନା। ସେହିପରି ବିରାଟ ଭଙ୍ଗାଗଢ଼ା, ବିପୁଳ ବିପ୍ଳବ ପ୍ରତିଦିନ ଘଟେନା; ଘଟେ କେବଳ ଗୋଟିଏ ଗୋଟିଏ ଯୁଗରେ। ସେଇ ଯୁଗାନ୍ତର ଦ୍ୱାରା ସମାଜର ଦେହାନ୍ତର ହୁଏ ଏବଂ ସଂସ୍କୃତିର ମଧ ଘଟେ ରୂପାନ୍ତର। ସେଥିରେ ମାନବ ପ୍ରକୃତି ମଧ ନିଜର ବିକାଶ ପଥରେ ଆଉ ଏକ ପଦ ଅଗ୍ରସର ହୋଇ ଚାଲେ ଏବଂ ବିଶ୍ୱପ୍ରକୃତି ମନୁଷ୍ୟର ବିଜୟ ସ୍ୱୀକାର କରି ତା' ନିକଟରେ ଆଉ ଟିକିଏ ନତି ସ୍ୱୀକାର କରେ। ଏହିପରି ମନୁଷ୍ୟ ଅଗ୍ରସର ହୋଇ ଚାଲିଚି। ସେଇ ପ୍ରସ୍ତର ଯୁଗର ମନୁଷ୍ୟ ଆଜି ନାହିଁ। ଶିଳ୍ପଯୁଗର ମନୁଷ୍ୟ ବର୍ତ୍ତମାନ ସଙ୍ଘବଦ୍ଧ ଶକ୍ତିରେ ସଚେତନ ଓ ସୁପ୍ରତିଷ୍ଠିତ ହେବାକୁ ଯାଉଛି ଏବଂ ସଂସ୍କୃତିର ମଧ ଘଟିବାକୁ ଯାଉଚି ନବଜନ୍ମ ବା ରୂପାନ୍ତର।

Digitized by PPRACHIN, SOA

ମନୁଷ୍ୟର ସାମାଜିକ ଜୀବନ ଓ ମନୁଷ୍ୟର ଅନ୍ତର୍ଜଗତ ଯେଉଁ ସମସ୍ତ ନିୟମ ମାନି ଚଳେ ତାହା ଆଧ୍ୟାତ୍ମିକ ନୁହେଁ, ନିତାନ୍ତ ବାସ୍ତବ। ବସ୍ତୁ ହିଁ ମୂଳଜିନିଷ ଏବଂ ପୃଥିବୀ ବା ମନୁଷ୍ୟ ସମସ୍ତେ ବାସ୍ତବ। କିଛି ଜଡ଼ ନୁହେଁ, ବସ୍ତୁ ମଧ୍ୟ ଜଡ଼ ନୁହେଁ ବା ପ୍ରକୃତି ମଧ୍ୟ ଜଡ଼ ନୁହେଁ। ତାହା ମଧ୍ୟ ଚଞ୍ଚଳ, ପରିବର୍ତ୍ତମାନ ଓ ନୂତନ ଆବିର୍ଭାବର ଉତ୍ସ। ବିଶ୍ୱପ୍ରକୃତିର ଅନ୍ତଃସ୍ଥଳରେ ଯେ ଏକ ଆଲୋଡ଼ନ ଅନିର୍ବାଣ ଭାବେ ପ୍ରଜ୍ୱଳିତ ଏବଂ ସେଇ ଆଲୋଡ଼ନ ଫଳରେ ହିଁ ନୂତନ ସୃଷ୍ଟିର ଆବିର୍ଭାବ, ବିଜ୍ଞାନ ହିଁ ହେଉଚି ତା'ର ସାକ୍ଷ୍ୟ। ବସ୍ତୁପୁଞ୍ଜର ଅନ୍ତଃସ୍ଥଳରେ ଏକ ଘୂର୍ଣ୍ଣି ଅହରହ ଚାଲିଛି। ବିଶ୍ୱର ମୂଳ ଉପାଦାନ ଖୋଜି ବୈଜ୍ଞାନିକ ଦିନେ ପାଇଥିଲା ଇଲେକ୍‌ଟ୍ରନ୍ ଓ ପ୍ରୋଟନ୍। ବର୍ତ୍ତମାନ ଆହୁରି ସନ୍ଧାନ ପାଇଛନ୍ତି ନିଉଟ୍ରନ, ପଜିଟ୍ରନ, ମିସୋଟ୍ରନ ଓ ନିଉଟ୍ରିନୋର। ଏଇ ସବୁ ଉପାଦାନର ଜନ୍ମ ହୁଏ ନୂଆ ନୂଆ ବସ୍ତୁର ସମନ୍ୱୟରେ। ଅବଶ୍ୟ ସେଇ ନୂତନ ଆବିର୍ଭାବର ଅନ୍ତରରେ ମଧ୍ୟ ଚିରନ୍ତନ ଦ୍ୱନ୍ଦ୍ୱ ଗୁପ୍ତ ଥାଏ। ତାହା ହିଁ କ୍ରମେ ପୁଣି ଫୁଟି ବାହାର ହୁଏ, ସଙ୍ଘର୍ଷ ଘଟେ ଏବଂ ନୂତନତରର ଆବିର୍ଭାବରେ ହୁଏ ତା'ର ସମାଧାନ। ଏହିପରି ଭାବରେ ଦ୍ୱନ୍ଦ୍ୱସମନ୍ୱୟ ଦ୍ୱାରା ଚଞ୍ଚଳ ବସ୍ତୁ ନିଜର ଅନ୍ତର୍ଦ୍ୱନ୍ଦ୍ୱର ପ୍ରେରଣା ଫଳରେ ଅଭିନବ ହୋଇଉଠୁଚି। ଉଦାହରଣ ସ୍ୱରୂପ, ହାଇଡ୍ରୋଜେନ ଓ ଅକ୍‌ସିଜେନ କଣିକାର ଦ୍ୱନ୍ଦ୍ୱଫଳରେ ହଠାତ୍ ଦେଖାଦିଏ ଜଳ। ଜଳ କେବଳ ହାଇଡ୍ରୋଜେନ ବା କେବଳ ଅକ୍‌ସିଜେନ୍ ନୁହେଁ, ଉଭୟ ଏଥିରେ ଅଛନ୍ତି କିନ୍ତୁ ତଥାପି ଏହା ଏକ ନୂତନ ବସ୍ତୁ। ପୁଣି ଜଳ ମଧ୍ୟ ଗରମ ହୋଇ କ୍ରମେ ବାଷ୍ପ ଆକାରରେ ଉଡ଼ିଯାଏ ଏବଂ ବାଷ୍ପ ହୁଏ ଗୋଟିଏ ନୂତନ ବସ୍ତୁ। ବସ୍ତୁଚାଞ୍ଚଲ୍ୟର ମୂଳରେ ଅଛି ଏଇ ଦ୍ୱନ୍ଦ୍ୱ ଏବଂ ସେଇ ଅଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ସକାଶେ ବସ୍ତୁ ଏହିପରି ଭାବରେ ବଢ଼ିଚାଲେ; କଣିକାର ପରିମାଣ ବଢ଼ୁ ବଢ଼ୁ (quantitative change) ଶେଷରେ ପୁରୁଣା ବସ୍ତୁ ଏକାବେଳେ ନୂତନ ଧରଣର ଓ ନୂତନ ଗୁଣଯୁକ୍ତ ବସ୍ତୁ ହୋଇଉଠେ ଏବଂ ସେଇ ସମୟ ପାଇଁ ତା' ଭିତରେ ପ୍ରାଚୀନ ବିରୋଧ ମିଳାଇଯାଏ। କିନ୍ତୁ ଦ୍ୱନ୍ଦ୍ୱ ଯେତେବେଳେ ମୂଳଧର୍ମ, ସେତେବେଳେ ଏଇ ନିୟମ ଅନୁସରଣ କରି ନୂତନ ବସ୍ତୁ ପୁଣି ନୂତନତର ହୋଇଉଠେ। ତାହାହିଁ ମଧ୍ୟ ଘଟୁଛି; କେବଳ ପୁରାତନରୁ ନୂତନ ବା ନୂତନରୁ ନୂତନତର ସ୍ତରର ଯେତେବେଳେ ସୃଷ୍ଟିହୁଏ, ସେତେବେଳେ ତାହା ଏକ ବଡ଼ ଧରଣର ବାଧା ଅତିକ୍ରମ କରି ଉତ୍‌କ୍ରାନ୍ତି ଦ୍ୱାରା ଆକସ୍ମିକଭାବେ ଉତ୍ତୀର୍ଣ୍ଣ ହୁଏ। ମନୁଷ୍ୟ ସମାଜରେ ଏଇ ଉତ୍‌କ୍ରାନ୍ତିର ନାମ ବିପ୍ଳବ। ଏହାଫଳରେ ହୁଏ ବିରୋଧର ବିନାଶ, ନୂତନର ଆବିର୍ଭାବ, ପୁଣି ନୂତନର ଅନ୍ତରାଳରୁ ନୂତନତରର ଜନ୍ମ। ଏହାହିଁ 'ଦ୍ୱାନ୍ଦ୍ୱିକ ବସ୍ତୁବାଦ' ବା ଡାୟେଲେକ୍‌ଟିକାଲ ମେଟେରିଆଲିଜମ୍। ମନୁଷ୍ୟ ଇତିହାସରେ ମଧ୍ୟ ଏହାର ପ୍ରମାଣ ମିଳେ ଏବଂ ତାକୁ କୁହାଯାଏ ଐତିହାସିକ ବସ୍ତୁବାଦ ବା historical materialism. ଏଇ ଦ୍ୱନ୍ଦ୍ୱ ବା ସଂଘର୍ଷ ଅଛି ବୋଲି ମନୁଷ୍ୟର ସଭ୍ୟତା ଓ ସଂସ୍କୃତି ସଂଘାତ

Digitized by PPRACHIN, SOA

ମଧ୍ୟ ଦେଇ ଅଗ୍ରସର ହୁଏ, ନୂତନ ଓ ଉନ୍ନତର ହୋଇଉଠେ। ଇତିହାସର ପୃଷ୍ଠାରେ ମଧ୍ୟ ଏଇ ବିପୁଳ ଉତ୍‌କ୍ରାନ୍ତିର ପରିଚୟ ମିଳେ। ଜୀବିକା ପ୍ରୟାସରୁ ମନୁଷ୍ୟର ଇତିହାସ ପ୍ରଥମେ ଆରମ୍ଭ ହୁଏ। କିନ୍ତୁ ପରେ ତା'ର ଇତିହାସ ହୁଏ ଆତ୍ମବିରୋଧର ଇତିହାସ। ଶ୍ରେଣୀବିଭକ୍ତ ସମାଜର ସେଇ ମୂଳତଃ ପ୍ରଚ୍ଛନ୍ନ ବା ପ୍ରକାଶ୍ୟ ଶ୍ରେଣୀବିରୋଧର କାହାଣୀହିଁ ଦ୍ୱନ୍ଦ୍ୱମୂଳକ ପ୍ରଗତିର କାହାଣୀ। ସାଧାରଣ ଜୀବ ପ୍ରାଣଧାରଣ ନିମିତ୍ତ ନିଜ ନିଜ ପରିବେଶ ଉପରେ ନିର୍ଭର କରନ୍ତି। ଏଇ ପରିବେଶ ବିଜ୍ଞାନ ବା ecology ହିଁ ଜୀବଜଗତର ବଡ଼ ଶାସ୍ତ୍ର। କିନ୍ତୁ ମନୁଷ୍ୟ ନିକଟରେ ଏଇ ପରିବେଶ ବିଜ୍ଞାନ ନିଜ ଗୁଣରେ ରୂପାନ୍ତରିତ ହୋଇ ଅର୍ଥ ବିଜ୍ଞାନରେ ପରିଣତ ହୋଇଛି। Ecologyର ସ୍ଥାନ ଗ୍ରହଣ କରିଛି economics; ତେଣୁ ସଂସ୍କୃତିର ମୂଳକଥା ହେଉଚି ଜୀବିକା ବା ଆର୍ଥିକ ଉଦ୍ୟୋଗ। ଜୀବିକାର ତାଡ଼ନାରେ ମନୁଷ୍ୟ ଆୟର କରିବାର ଉନ୍ନତତର ଉପାୟ ସର୍ବଦା ଖୋଜେ, ସମାଜ ତାହାର ଆର୍ଥିକ ବୁନିଆଦି ବାରମ୍ବାର ବଦଳାଏ; କାରଣ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ଲୁକ୍କାୟିତ ରହିଛି ବିରୋଧର ବୀଜ। ଗୋଟିଏ ଗୋଟିଏ ବ୍ୟବସ୍ଥା ଚାଲୁ ଚାଲୁ ସମାଜ ମଧ୍ୟରେ ଉତ୍ପାଦନ ଶକ୍ତିର ତେଜ ଏତେ ବଢ଼ିଯାଏ ଯେ (forces of production),ତାହା ଏତେ ପ୍ରବଳ ହୁଏ ଯେ, ସେତେବେଳେ ପୁରୁଣା ସମାଜ ବ୍ୟବସ୍ଥା, ଅର୍ଥାତ୍ ପରସ୍ପରର ଉତ୍ପାଦନ ସମ୍ପର୍କ (production relations)ଆଉ ସେହି ଉତ୍ପାଦନ ଶକ୍ତିକୁ ସେହି ସମାଜ ରୂପ ମଧ୍ୟରେ ଧରି ରଖିବାକୁ ଅସମର୍ଥ ହୁଏ।

ଯେଉଁ ଦ୍ୱନ୍ଦ୍ୱ ବିଶ୍ୱବସ୍ତୁର ଅନ୍ତର୍ନିହିତ ରୂପେ ଦେଖୁଛୁଁ, ସେହି ଦ୍ୱନ୍ଦ୍ୱ ଏ କ୍ଷେତ୍ରରେ ମଧ୍ୟ ଉତ୍ପାଦନ ଶକ୍ତିର ଓ ଉତ୍ପାଦନ ସମ୍ପର୍କର ଦ୍ୱନ୍ଦ୍ୱରୂପେ ଦେଖାଦିଏ। ପୁରୁଣା ବ୍ୟବସ୍ଥା ନିଜର ବିଲୋପ ବା ବିନାଶ ଚାହେଁ ନାହିଁ, ନୂତନକୁ ସେ ଦବାଇଦେବାକୁ ଚେଷ୍ଟାକରେ। ପ୍ରଭୁଶ୍ରେଣୀ ତାହାର ଅଧିକାର ଛାଡ଼େନା, ନୂତନ ଶକ୍ତିଧର ଶ୍ରେଣୀବିପ୍ଳବ ଦ୍ୱାରା ତାହା କାଢ଼ି ନିଏ। ଏହିପରି ବାରମ୍ବାର ନୂତନ ଶ୍ରେଣୀ ଜୟୀ ହୁଏ, ପୁରାତନର ପ୍ରାଚୀର ଭାଙ୍ଗି ଚୂରମାର ହୋଇଯାଏ। ତା' ସହିତ ପ୍ରାଚୀନ ଶ୍ରେଣୀର ଅନେକ ସୃଷ୍ଟି ମଧ୍ୟ ନଷ୍ଟ ହୁଏ। ତାର ଧ୍ୟାନ-ଧାରଣା, ଭାବନା-ଚିନ୍ତା, ସାହିତ୍ୟ, ସୁକୁମାର କଳା, ରସ ନିଦର୍ଶନ, ଯାହା କିଛି ସୌଧ-ଶିଖରର ମୁକୁଟଶୋଭା ବା ପରମ ଗୌରବ, ତାହା ନଷ୍ଟ ହୁଏ। ଉପାୟ ନାଇଁ, କାରଣ ତା'ର ମୂଳ ଭିତ୍ତି ବଦଳି ଯାଇ ସାରିଛି। କିନ୍ତୁ ସାନ୍ତ୍ୱନା ଏତିକି, ପୁଣି ନୂତନ ଭିତ୍ତିର ସୂତ୍ରପାତ ହେଉଛି ଏବଂ ତାହା ଗଢ଼ା ହେଉଛି ଉନ୍ନତତର ଭୂମିର ଉପରେ। ନୂତନ ସ୍ରଷ୍ଟା ପ୍ରାଚୀନ ସଂସ୍କୃତିର ଜ୍ଞାନବିଜ୍ଞାନ, ତାର ବାସ୍ତବ ଓ ମାନସିକ ସୃଷ୍ଟିର ସାରବସ୍ତୁ ଓ ସୃଷ୍ଟିକଳା କରାୟତ୍ତ କରି ନେଉଛି। ତାହା ବିଲୁପ୍ତ ହେବ ନାହିଁ; ବରଂ ମିଶ୍ରିତ ହୋଇ ନୂତନ ସୃଷ୍ଟି ଓ ରୂପରେ ନବାୟିତ ସଂଜୀବିତ ହୋଇ ଉଠିବ। ସମାଜ ଗୋଟିଏ ସ୍ତର ଅତିକ୍ରମ କରି କିଛିଦିନ ପାଇଁ ପୁଣି ସ୍ଥିର ହେବ, ଗଢ଼ିଉଠିବ ନୂତନ ଆର୍ଥିକ ବ୍ୟବସ୍ଥାର ଉପଯୋଗୀ ମାନସସମ୍ପଦ, ଘଟିବ ପୁରାତନ ସଂସ୍କୃତିର ରୂପାନ୍ତର।

Digitized by PPRACHIN, SOA

କିନ୍ତୁ ତା' ବୋଲି ସଂସ୍କୃତି କହିଲେ ଯେ ଘରବାଡ଼ି, ଧନଦୌଲତ ବା ଯାନବାହନ କେବଳ ବୁଝାଏ, ତା' ନୁହେଁ। କେବଳ ମାତ୍ର ଯେ ରୀତିନୀତି ଆଚାର ଅନୁଷ୍ଠାନକୁ ବୁଝାଏ, ତା' ମଧ୍ୟ ନୁହେଁ। ସଂସ୍କୃତି କହିଲେ ମନୁଷ୍ୟର ମାନସ-ସମ୍ପଦ, ତାର ଚିନ୍ତା, କଳ୍ପନା, ଦର୍ଶନ, ଧ୍ୟାନ, ଧାରଣା ଓ ବିଜ୍ଞାନକୁ ମଧ୍ୟ ବୁଝାଏ। ମୋଟ ଉପରେ ବାସ୍ତବ ଓ ମାନସିକ ସମସ୍ତ କୃତି ବା ସୃଷ୍ଟି ନେଇ ସଂସ୍କୃତି। ସେଥିପାଇଁ ବୈଜ୍ଞାନିକ ମତରେ ସଂସ୍କୃତିର ତିନି ଅବୟବ ବା ତିନି ପ୍ରକାରର ଅବଲମ୍ବନ ରହିଚି। ପ୍ରଥମତଃ ଏହାର ମୂଳ ଭିତ୍ତି ସେଇ ଜୀବନ-ସଂଗ୍ରାମର ବାସ୍ତବ ଉପକରଣ ସମୂହ; ଦ୍ୱିତୀୟତଃ ସଂସ୍କୃତିର ପ୍ରଧାନ ଆଶ୍ରୟ ସମାଜଯାତ୍ରାର ବାସ୍ତବ ବ୍ୟବସ୍ଥା (social structure); ତୃତୀୟତଃ ସଂସ୍କୃତିର ଶେଷ ପରିଚୟ ତାହାର ମାନସ-ସମ୍ପଦ। ଏଇ ହିସାବରେ ଏହା ସମାଜ-ସୌଧର ଶିଖରଚୂଡ଼ା ବା super structure; ତେଣୁ ସାଧାରଣ ଭାବରେ ଆମେ ଯେପରି ମନେକରୁଁ ସଂସ୍କୃତି ଜାତିଗତ, ଦେଶଗତ ବା ଧର୍ମଗତ, ତାହା ଯେପରି ଅର୍ଦ୍ଧ ସତ୍ୟ, ପୁଣି ଯେପରି ମନେକରୁ ସଂସ୍କୃତି ଅର୍ଥ ସାହିତ୍ୟ, କଳା, ଦର୍ଶନ ବା ବିଜ୍ଞାନ, ତାହା ମଧ୍ୟ ସେହିପରି ଅର୍ଦ୍ଧସତ୍ୟ। ସଂସ୍କୃତି ସମାଜ—ଦେହର କେବଳ ଲାବଣ୍ୟଛଟା ନୁହେଁ, ଏହା ତାହାର ସମଗ୍ର ରୂପ।

ସମାଜର ପରିଚୟ ଆମେ ଜାତି ବା ଧର୍ମଦ୍ୱାରା ନିର୍ଦ୍ଦେଶ କରୁଁ। କିନ୍ତୁ ଜାତି ଓ ଧର୍ମର ଠିକଣା ଯେଉଁଠି ଦୁର୍ଲଭ ହୁଏ, ସେଠାରେ ବୈଜ୍ଞାନିକ ଉପାୟଦ୍ୱାରା ସମାଜକୁ ଆମେ ଚିହ୍ନିତ କରୁଁ। ସେଇ ସମୟର ଜୀବିକାର ଉପାଦାନ (means of living) ଦ୍ୱାରା ସେଇ ସମୟର ସମାଜର ପରିଚୟ। ଯେତେବେଳେ ଆମେ ପ୍ରସ୍ତର ଯୁଗର ମଣିଷ ବୋଲି କହୁଁ, ସେତେବେଳେ ପ୍ରସ୍ତରର ଛୁରିକା, ବଲ୍ଲମ, କୁଠାର ଏବଂ ତୀର ଥିଲା ସେମାନଙ୍କର ଜୀବିକାନ୍ୱେଷଣର ଅସ୍ତ୍ର। ସ୍ୱର୍ଣ୍ଣ ଓ ତାମ୍ରଯୁଗର ମଣିଷ ପ୍ରସ୍ତର ଛଡ଼ା ଏଇ ସବୁ ଧାତୁର ବ୍ୟବହାର ସେତେବେଳେ ଶିଖିଚି। ଲୌହଯୁଗର ମଣିଷ ଲୌହର ଉପକରଣ ବ୍ୟବହାର କରି ଜାଣିଛି। ଏଇସବୁ ମନୁଷ୍ୟର ଜାତି ବା ଧର୍ମ କଅଣ ଥିଲା, ଆଜି ଅଜ୍ଞାତ। କିନ୍ତୁ କି ଉପକରଣ ନେଇ ସେମାନେ ଜୀବନଯାତ୍ରା ନିର୍ବାହ କରୁଥିଲେ, ତାହା ଆମ୍ଭେମାନେ ଜାଣୁ ଏବଂ ଏଇ ଉପକରଣ ଦ୍ୱାରା ସେମାନଙ୍କୁ ନାମ ଦେଉଁ ଏବଂ ସେମାନଙ୍କ ସମାଜର ସ୍ୱରୂପ ଚିହ୍ନୁ। କାରଣ ମନୁଷ୍ୟ ଓ ତାହାର ଜୀବିକାର ଉପକରଣ, ଏଇ ଦୁଇ ଯେପରି ମନୁଷ୍ୟର ସମସ୍ତ ଇତିହାସର ମୂଳବସ୍ତୁ। ଏହି ଉପକରଣର ପ୍ରୟୋଗ-ସୌକର୍ଯ୍ୟ ନିମିତ୍ତ ମନୁଷ୍ୟ ଯେଉଁ ବ୍ୟବସ୍ଥା ଗ୍ରହଣ କରେ—ଜୀବିକା ସକାଶେ ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମ୍ପର୍କ ସ୍ଥାପନ କରେ ଏବଂ ଯେଉଁ ଯୌଥବିନ୍ୟାସ ଗଠନ କରି ଚାଲେ, ତାହାର ହିଁ ନାମ ସମାଜ। ଜୀବିକାର ଉପକରଣ ଏବଂ ଜୀବନଯାତ୍ରାରେ ପରସ୍ପରର ସମ୍ପର୍କ, ଏହାଦ୍ୱାରା ହିଁ ସମାଜର ମୁଖ୍ୟ ପରିଚୟ। ପୁଣି ଯେଉଁଠି ସମାଜ ବ୍ୟବସ୍ଥାର ରୂପ ଜଣାଯାଏ,

Digitized by PPRACHIN, SOA

ସେଠାରେ ସମାଜର ସେଇ ବିଶେଷ ରୂପ ଦ୍ୱାରା ସଂସ୍କୃତିର ନାମକରଣ ଆରମ୍ଭ ହୁଏ। ଯେପରି ପଶୁଚାରିକ (pastoral) ସଭ୍ୟତା, କୃଷିମୂଳକ ସଭ୍ୟତା ଇତ୍ୟାଦି। କିନ୍ତୁ ଯେଉଁଠାରୁ ମନୁଷ୍ୟର ସାମାଜିକ ରୂପର ଜ୍ଞାନ ଆମ ପକ୍ଷରେ ସୁଲଭ, ସେଠାରୁ ସଂସ୍କୃତିର ମାନସସମ୍ପଦର ପରିଚୟ ମଧ୍ୟ ଆମ୍ଭେମାନେ ପାଇଥାଉ। କୌଣସି ଚିତ୍ର, କୌଣସି ସଙ୍ଗୀତ, କୌଣସି ମୂର୍ତ୍ତି ବା ବିଗ୍ରହ ଆଚାର ଅନୁଷ୍ଠାନର ରୂପ ନିଜ ଅଙ୍ଗରେ ବହନ କରି ସେଇ ଯୁଗର ମାନସ-ଇତିହାସ ଆମ ସମ୍ମୁଖରେ ଖୋଲିଦିଏ। ଆମ ନିଜର ସଂସ୍କୃତି-ବିଚାର ଯେତେବେଳେ କରୁଁ, ଆମମାନଙ୍କର ସାମାଜିକ ଓ ଆର୍ଥିକ ବିନ୍ୟାସକୁ ଆମେ ବଡ଼ କରି ଦେଖୁନାହିଁ ସତ୍ୟ; କିନ୍ତୁ ଯେତେବେଳେ ଏଇ ସବୁ ପ୍ରାଚୀନ ଓ ଆଦିମ ଜାତିମାନଙ୍କର ଗୀତ, ନାଚ ବା ଚିତ୍ରର ପରିଚୟ ନେଉଁ, ସେତେବେଳେ ଆମେ ଉପଲବ୍ଧି କରୁଁ ଯେ, ସେଇ ସମସ୍ତ ମାନସସମ୍ପଦ ସେମାନଙ୍କର ଜୀବନଯାତ୍ରା ଓ ଜୀବିକାପ୍ରଣାଳୀ ସହିତ କିପରି ଘନିଷ୍ଠ ଭାବରେ ଜଡ଼ିତ ଥିଲା। ପଶୁଚାରୀର ଗାନ, ନାଚ ବା କୃଷିଜୀବୀର ଗାନ, ନାଚ, ତାହାର ପଶୁପାଳନ ବା ତାର କୃଷିକାର୍ଯ୍ୟ ସହିତ ଘନିଷ୍ଠ ଭାବରେ ସମ୍ପର୍କିତ। ଅଧିକାଂଶ ପ୍ରାଚୀନ କବିତା, ଗାନ, ଚିତ୍ର, ଆଖ୍ୟାୟିକା ଏହି ରୂପ ଜୀବିକା-ପ୍ରଚେଷ୍ଟାର ସହାୟକ ଭାବରେ ରଚିତ ହୋଇଥିଲା। ଏଇ ସମସ୍ତ ମାନସ-ପ୍ରୟାସ ଦ୍ୱାରା ସେ ସମୟର ଜୀବିକା-ପ୍ରୟାସ ସବଳ ଓ ସମୃଦ୍ଧ ହୋଇଛି ଏବଂ ସଂସ୍କୃତି ମଧ୍ୟ ପୂର୍ଣ୍ଣତର ହୋଇଛି। ତେଣୁ ବାସ୍ତବ କ୍ଷେତ୍ରରେ ଯେପରି ଜୀବିକାର ନୂତନ ଉପକରଣ ଆବିଷ୍କାର ଦ୍ୱାରା ଜୀବନଯାତ୍ରା ଅଗ୍ରସର ହୋଇଛି, ତାହାଦ୍ୱାରା ସମାଜ-ସମ୍ପର୍କ ନୂତନ ଓ ଉନ୍ନତ ହୋଇଛି ଏବଂ ତା' ଫଳରେ ମାନସିକ କ୍ଷେତ୍ରରେ ନୂତନ ଚିନ୍ତା, ନୂତନ ଚେତନା, ନୂତନ ସୃଷ୍ଟି ସମ୍ଭବପର ହୋଇଛି, ସେହିପରି ମାନସିକ କ୍ଷେତ୍ରରେ ସେଇ ନୂତନ ଚେତନା, ଚିନ୍ତା ଓ ସୃଷ୍ଟି ମଧ୍ୟ ମନୁଷ୍ୟକୁ ବାସ୍ତବ କ୍ଷେତ୍ରରେ ଜୀବିକାର ନୂତନତର ଉପକରଣର ଆବିଷ୍କାର ଓ ନୂତନତର ବାସ୍ତବ ସୃଷ୍ଟିରେ ପ୍ରବୃଦ୍ଧ କରିଅଛି ଏବଂ ମନୁଷ୍ୟର ସାମାଜିକ ଜୀବନଯାତ୍ରାକୁ ମଧ୍ୟ ନୂତନ ଭାବରେ ବିନ୍ୟସ୍ତ କରିବାକୁ ପ୍ରେରଣା ଦାନ କରିଛି। ଏହିପରି ଭାବରେ ବାସ୍ତବ ସୃଷ୍ଟି ଓ ମାନସିକ ସୃଷ୍ଟି ପରସ୍ପରର ସହାୟକ ହୋଇଛନ୍ତି। ଏଇ ତିନିଟିର କ୍ରିୟା-ପ୍ରତିକ୍ରିୟା, ଘାତ-ପ୍ରତିଘାତ ଫଳରେ ପ୍ରତି ଯୁଗର ସଂସ୍କୃତିର ସମଗ୍ର ରୂପ ଫୁଟିଛି। ଗୋଟିଏ ଉପମା ଦେଲେ କୁହାଯିବ, ସାହିତ୍ୟ, ଶିଳ୍ପ, ଦର୍ଶନ, ବିଜ୍ଞାନ ପ୍ରଭୃତି ମାନସିକ ସମ୍ପଦ ଯେପରି ଗଛର ଫଳଫୁଲ; ସମାଜ ଯେପରି ଗଛର କାଣ୍ଡ ଓ ତାର ଶାଖା ପ୍ରଶାଖା; ଏବଂ ଜୀବିକାର ଉତ୍ପାଦନ ପ୍ରଥା ଯେପରି ସେହି ଗଛର ମୂଳ। ମୂଳ ସହିତ ଫୁଲର ସମ୍ପର୍କ ଭୁଲିବାର ନୁହେଁ। ଫୁଲ ଯେ ମିଥ୍ୟା, ଏକଥା ମନେକଲେ ଯେପରି ଭୁଲ ହେବ, ମୂଳ ଓ କାଣ୍ଡଠାରୁ ତାହାକୁ ଏକାବେଳକେ ନିଃସମ୍ପର୍କିତ ମନେକଲେ ମଧ୍ୟ ସେହିପରି ନିଶ୍ଚୟ ଭୁଲ ହେବ।

Digitized by PPRACHIN, SOA

ମୂଳ ଯେପରି ଫୁଲ ନୁହେଁ, ଫୁଲ ମଧ୍ୟ ସେହିପରି ଆକାଶରେ ଫୁଟେନା। ଆଉ ଗୋଟିଏ ଉପମା ମଧ୍ୟ ନିଆଯାଇପାରେ—ଉତ୍ପାଦନପ୍ରଥା ଯେପରି ଗୃହର ଭିତ୍ତି; ସମାଜବନ୍ଧନ ଯେପରି ତାହାର ନିମ୍ନତଳ ବା ଗ୍ରାଉଣ୍ଡଫ୍ଲୋର ଏବଂ ସାହିତ୍ୟ, ଶିଳ୍ପକଳା, ଦର୍ଶନ ଓ ବିଜ୍ଞାନ ପ୍ରଭୃତି ମାନସିକ ସୃଷ୍ଟି ଯେପରି ସେ ଗୃହର କାରୁକାର୍ଯ୍ୟଖଚିତ ସୌଧଚୂଡ଼ା। ଦୂରରୁ ଦେଖିଲେ ସୌଧଚୂଡ଼ାର ରୂପରେ ଆମେ ପ୍ରଥମେ ଆକୃଷ୍ଟ ହେଉଁ, ତାପରେ ତା'ର ନିମ୍ନତଳକୁ ଆମର ଦୃଷ୍ଟି ଯାଇଥାଏ। କିନ୍ତୁ ଭିତ୍ତି ବିଷୟ ସ୍ମରଣ ନ ରଖିଲେ ଭୁଲ ହେବ। କିନ୍ତୁ ଏଇ ପ୍ରତ୍ୟେକଟି ଅବୟବ ଭିତରେ ପରସ୍ପରର ସକ୍ରିୟ ସହଯୋଗ ରହିଛି ଏବଂ ସମସ୍ତ ଅବୟବ ମିଳି ଯେଉଁ ସମଗ୍ର ରୂପ ଫୁଟିଉଠେ, ତାହାହିଁ ସଂସ୍କୃତି, ଫଳଫୁଲଭରା ବୃକ୍ଷ ବା ନାନା-କକ୍ଷ-ସମନ୍ୱିତ ପ୍ରାସାଦ।

ଭାରତବର୍ଷର ଯେ ସଂସ୍କୃତି ନାନା ଭଙ୍ଗାଗଢ଼ାର ମଧ୍ୟ ଦେଇ ଆମ ହାତରେ ଆସି ପହଞ୍ଚିଛି, ତାହା ପ୍ରଧାନତଃ କୃଷିଜୀବୀ ସମାଜର ସଂସ୍କୃତି। ପ୍ରଥମ ମହାଯୁଦ୍ଧର ପରଠାରୁ ଅବଶ୍ୟ ଭାରତବର୍ଷରେ ଆଧୁନିକ ଶିଳ୍ପ ଉଦ୍ୟୋଗର ସୂଚନା ଆରମ୍ଭ ହୋଇଛି। ତଥାପି ଦ୍ୱିତୀୟ ମହାଯୁଦ୍ଧର ପୂର୍ବ ପର୍ଯ୍ୟନ୍ତ ପ୍ରକୃତ ପକ୍ଷେ ଭାରତବର୍ଷର ଜୀବନରେ ଶିଳ୍ପଯୁଗର ରଙ୍ଗ ସ୍ପଷ୍ଟ ହୋଇ ଉଠିପାରିନାହିଁ। ସେତେବେଳେ ଭାରତୀୟ ସମାଜ ପ୍ରଧାନତଃ କୃଷିନିର୍ଭର ହିଁ ଥିଲା। କୃଷିସମାଜ ଏକାନ୍ତ ଭାବେ ପ୍ରକୃତି ନିୟମ ଦ୍ୱାରା ପରିଚାଳିତ, ଋତୁ ସହିତ ତାହାର ଭାଗ୍ୟ ବିଜଡ଼ିତ। କୃଷି-ସମାଜର ସଂସ୍କୃତିରେ, ତାହାର ଜୀବନଯାତ୍ରା ଓ ମାନସ ସୃଷ୍ଟିରେ-ତେଣୁ ପ୍ରକୃତିର ପ୍ରଭାବ ପ୍ରବଳ। ଏହାର ମନୁଷ୍ୟମାନେ ଆତ୍ମନିର୍ଭରଶୀଳ ନୁହନ୍ତି। ସ୍ୱଭାବତଃ ହିଁ ସେମାନେ ହେବେ ଆଶ୍ରିତ, ଅଦୃଷ୍ଟବାଦୀ ଓ ରହସ୍ୟବାଦୀ। ତେଣୁ ସେମାନଙ୍କ ଦର୍ଶନ ଓ ସାହିତ୍ୟରେ ମନୁଷ୍ୟର ବିଜୟର ସ୍ତବ ଅତି ଅଳ୍ପ। ଆତ୍ମନିର୍ଭରଶୀଳ ସ୍ପର୍ଦ୍ଧା ସେଥିରେ ନାହିଁ; ଅଛି ଅଦୃଷ୍ଟବାଦ, ଭାବବାଦ ଓ ସହଜ ଆତ୍ମସମର୍ପଣ। କୃଷି-ସଂସ୍କୃତିର ଏହା ହିଁ ସାଧାରଣ ଲକ୍ଷଣ। ଭାରତୀୟ ସଂସ୍କୃତିର ଗୋଟିଏ ପ୍ରଧାନ ଲକ୍ଷଣ ହେଉଚି ଏହାର ଅଖଣ୍ଡ ଧାରାବାହିକତା। କୃଷିସଭ୍ୟତାର ଭିତରେ ବହୁ ପରିବର୍ତ୍ତନ ଘଟିଚି, ବହୁ ସଂସ୍କୃତିର ସମନ୍ୱୟ ମଧ୍ୟ ସେଥିରେ ରହିଚି। ବହୁ ସାଂସ୍କୃତିକ ଧାରାର ବୈଶିଷ୍ଟ୍ୟକୁ ପୃଷ୍ଠରେ ବହନ କରି ଭାରତୀୟ ସଂସ୍କୃତି ପରିପୁଷ୍ଟ। ଏହି ପ୍ରକାର ସହନଶୀଳତାହିଁ ଭାରତୀୟ ସଂସ୍କୃତିର ଦ୍ୱିତୀୟ ପ୍ରଧାନ ଲକ୍ଷଣ। ଏହାକୁ କୌଣସି କୌଣସି ଦାର୍ଶନିକ କହିଛନ୍ତି, ଭାରତବର୍ଷର ସମନ୍ୱୟ ଶକ୍ତି; କେହି କହିଛନ୍ତି, ବହୁକୁ ଏକ କରିବାର ସାଧନା; କେହି କହିଛନ୍ତି, ସବଳ ଗ୍ରହଣଶୀଳତା, ଅନ୍ୟ କେହି କହିଛନ୍ତି, ଅକ୍ଷମ ନମନୀୟତା। ତେଣୁ ଭାରତୀୟ ସଂସ୍କୃତିର ତୃତୀୟ ଲକ୍ଷଣ ହେଉଛି ତାହାର ବୈଚିତ୍ର୍ୟ। ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ନେଇ ଯେଉଁମାନେ ଗର୍ବ କରନ୍ତି, ସେମାନେ କହିବାକୁ ଚାହାନ୍ତି ଯେ, ଭାରତୀୟ ସଂସ୍କୃତି ଅନାଦି-ଅତୀତ, ଅପରିବର୍ତ୍ତନୀୟ, ତାହା ଏକ ଶାଶ୍ୱତ ସମ୍ପଦ।

Digitized by PPRACHIN, SOA

କିନ୍ତୁ ଏହାର ବୈଶିଷ୍ଟ୍ୟରୁ ପ୍ରମାଣିତ ହୁଏ ଯେ (୧) ଭାରତୀୟ ସଂସ୍କୃତି ଅପରିବର୍ତ୍ତନୀୟ ନୁହେଁ ବରଂ ବାରମ୍ବାର ଏହାର ରୂପାନ୍ତର ଘଟିଛି। (୨) ଭାରତରେ ଏକତ୍ୱ ସାଂସ୍କୃତିକ ହିସାବରେ ସତ୍ୟ ଏଥିପାଇଁ ଯେ, ଭାରତୀୟ ସଂସ୍କୃତି ବୈଚିତ୍ର୍ୟର ସମାହାର। (୩) ଏହି ସଂସ୍କୃତି ପ୍ରାଚୀନ ହେଲେ ମଧ୍ୟ ପ୍ରାଚୀନତମ ସଭ୍ୟତା ନୁହେଁ। ଜୀବିତ ସଭ୍ୟତା ମଧ୍ୟରେ ଚୀନା ସଭ୍ୟତା ମଧ୍ୟ ଏପରି ଦୀର୍ଘାୟୁଷର ଗର୍ବ କରିପାରେ। (୪) ମୋଟାମୋଟି ଏଇ ସଂସ୍କୃତି ସର୍ବାଙ୍ଗରେ କୃଷିଯୁଗ ମଧ୍ୟରେ ହିଁ ନିବଦ୍ଧ। ତେଣୁ ଭାରତୀୟ ସଂସ୍କୃତିର ସ୍ୱରୂପ ବୁଝିବାକୁ ହେଲେ ତାହାର ବିଭିନ୍ନ ଯୁଗର ପରିଚୟ ଏଇ ଭାବରେ ହିଁ ଗ୍ରହଣ ସମ୍ଭବ। ତାହାର ପ୍ରତ୍ୟେକ ଯୁଗର ଉପକରଣଗତ, ସମାଜଗତ ଏବଂ ମାନସଗତ ରୂପ—ଏଇ ତିନି ଅଙ୍ଗ, ତିନି ଅବୟବ ଏବଂ ସେମାନଙ୍କର ପରସ୍ପର ସମ୍ପର୍କର ସକ୍ରିୟ ପରିଣତି, ଏଇ ସବୁ ପ୍ରତ୍ୟେକ ସ୍ତରରେ ହିଁ ବୁଝି ରଖିବା ପ୍ରୟୋଜନ। କିନ୍ତୁ ସଚରାଚର ଦେଖଯାଏ, ଭାରତୀୟ ସଂସ୍କୃତିର ପରିଚୟ ଆମେମାନେ ଧର୍ମ ଦ୍ୱାରା ଗ୍ରହଣ କରିଥାଉଁ। ଯେପରି ହିନ୍ଦୁ ସଂସ୍କୃତି, ବୌଦ୍ଧ ସଂସ୍କୃତି, ଭାରତୀୟ ମୁସଲମାନ ସଂସ୍କୃତି। କିନ୍ତୁ ମନେ ରଖିବା ପ୍ରୟୋଜନ, ସଂସ୍କୃତିର ବିଚାର କ୍ଷେତ୍ରରେ ଏପରି ବିଚାର ଅବୈଜ୍ଞାନିକ।

ସାହିତ୍ୟ ସଂସ୍କୃତିର ମାନସସମ୍ପଦର ଗୋଟିଏ ଅଂଶ। ସମାଜକୁ ଭିତ୍ତିକରି ସାହିତ୍ୟ, ଶିଳ୍ପ ଓ କଳାସୃଷ୍ଟି ସବୁଯୁଗରେ, ସବୁଦେଶରେ ଘଟିଥାଏ। ତେଣୁ ସାହିତ୍ୟରେ ସମାଜଚରିତ୍ରର ପ୍ରତିବିମ୍ବ ପଡ଼ିବା ସ୍ୱାଭାବିକ। ଜୀବନ ଗତିଶୀଳ ଏବଂ ଏଇ ଗତି ଅନୁଯାୟୀ ଜୀବନର ଇତିହାସ ମଧ୍ୟ ନିୟନ୍ତିତ। ପ୍ରତ୍ୟେକ ଐତିହାସିକ ଯୁଗର ମୂଳରେ ସେ ଯୁଗର ଜୀବନଗତିର ସ୍ୱାତନ୍ତ୍ର୍ୟ, ରୁଚିର ବୈଶିଷ୍ଟ୍ୟ ଓ ସମାଜ ଚରିତ୍ରର ସ୍ୱତନ୍ତ୍ର ଦୃଷ୍ଟିକୋଣ ଯେପରି ବିଦ୍ୟମାନ, ପ୍ରତ୍ୟେକ କଳା, ଶିଳ୍ପ ବା ସାହିତ୍ୟର ବିଭିନ୍ନ ଯୁଗର ମୂଳରେ ସେଯୁଗର ସମାଜଚରିତ୍ର ଓ ଜୀବନର ସ୍ୱତନ୍ତ୍ର ଦୃଷ୍ଟିକୋଣ ସେହିପରି ବିଦ୍ୟମାନ। ଏଇ ଯୁଗର ଭିତ୍ତିଭୂମିରୁ ସାହିତ୍ୟ, ଶିଳ୍ପ ବା କଳା ରସସଞ୍ଚୟ କରି ପୁଷ୍ଟ ହୁଏ। ସମସାମୟିକ ସାହିତ୍ୟରେ ସମାଜ-ମାନସର ଅଭିବ୍ୟକ୍ତି ହୋଇଥାଏ ଏବଂ ସମାଜ-ମନର ଉତ୍କର୍ଷ ବା ଅପକର୍ଷର ପରିଚୟ ସାହିତ୍ୟ ଭିତରୁହିଁ ମିଳିଥାଏ। ଏଇ ଆତ୍ମପ୍ରକାଶର ରୂପ ଓ ରୀତି ସମାଜବିନ୍ୟାସ ଦ୍ୱାରା ନିୟନ୍ତ୍ରିତ ଏବଂ ଅନ୍ୟ ପକ୍ଷରେ ସମାଜ ବିନ୍ୟାସ ମଧ୍ୟ ସୃଜନକ୍ରିୟା ଦ୍ୱାରା ପ୍ରଭାବିତ। ଏଇ ଉଭୟର ଘାତ ପ୍ରତିଘାତରେ ସାହିତ୍ୟ, ଶିଳ୍ପ ବା କଳା ଯୁଗେ ଯୁଗେ ବିବର୍ତ୍ତିତ ହେଉଥାଏ।

ସାହିତ୍ୟର ବିବର୍ତ୍ତନ ଓ କ୍ରମପରିଣତି ସମ୍ପର୍କରେ ପ୍ରସିଦ୍ଧ ସମାଲୋଚକ Madox Ford ଗୋଟିଏ ସୁନ୍ଦର ଅଭିମତ ଦେଇଛନ୍ତି। ସହଜ ରସାନୁଭୂତିର ଉଚ୍ଛ୍ୱାସକୁ ଅନୁସରଣ କରି ସାହିତ୍ୟ ସବୁ ଦେଶରେ ଜନ୍ମଲଭେ। ପ୍ରଥମ ଅବସ୍ଥାରେ ତାର ପ୍ରକାଶଭଙ୍ଗୀ ଥାଏ ସରଳ। ବିସ୍ତୃତ ଭାବାବେଗ ଓ ଉଦ୍ଦେଶ୍ୟମୁଖୀ ଧାରଣା ବହନ କରି କ୍ରମେ ତାହା ହୁଏ

Digitized by PPRACHIN, SOA

ସରଳତର ଓ ଛନ୍ଦୋରହିତ। ତା'ପରେ କାବ୍ୟିକ ରସାନୁଭୂତିର ବିଳୟ ଘଟେ। ଭାଷା ଓ ପ୍ରକାଶଭଙ୍ଗି ହୁଏ ଜଟିଳ, କୃତ୍ରିମ ଓ ରୂଢ଼ିବଦ୍ଧ। ଭାଷାର ମନୋହର କାରୁକମ ଭିତରେ ସାହିତ୍ୟର ଆତ୍ମା ହୁଏ ସଙ୍କୁଚିତ। କିନ୍ତୁ ଏହି କାରୁକମର ରୂପସୌରଭରେ ଜନସମାଜ ବା କବି ବେଶୀଦିନ ମୁଗ୍ଧହୋଇ ପାରନ୍ତି ନାହିଁ। ବୈଚିତ୍ର୍ୟହୀନ କୃତ୍ରିମତାରୁ ମାନବିକତାର ଆତ୍ମା ମୁକ୍ତି ଚାହେଁ, ପୁଣି ଜନ୍ମଲାଭ କରେ ସହଜ ରସାନୁଭୂତି ଓ ତାହାର ଅଭିବ୍ୟକ୍ତି ଖୋଜେ ସରଳ, ସୁନ୍ଦର ଓ ସକଳପ୍ରକାର କୃତ୍ରିମ କଳାପାଟବମୁକ୍ତ ସହଜ ପ୍ରକାଶଭଙ୍ଗିରେ। ଦେଶେ ଦେଶେ ଓ ଯୁଗେ ଯୁଗେ ସାହିତ୍ୟର କ୍ରମ-ପରିଣତି ଏଇ ବିବର୍ତ୍ତିତ ଶୃଙ୍ଖଳା ଭିତରେ କଳନା କରାଯାଇପାରେ। ଉଭୟ ନବୀନ ଓ ପ୍ରାଚୀନ ସଂସ୍କୃତି ଏବଂ ସାହିତ୍ୟରେ ଏହାର ଦୃଷ୍ଟାନ୍ତ ରହିଚି। ପ୍ରାଚୀନ ଇଜିପଟ୍‌ର ସାହିତ୍ୟ ଏଇ ସହଜ ରସାନୁଭୂତିରୁ ଜନ୍ମଲାଭ କରି ଶେଷରେ ଆତ୍ମସମର୍ପଣ କରିଚି ଶବ୍ଦଧନ୍ଦା, କୃତ୍ରିମ କଳାପାଟବ ଓ ରୂଢ଼ିବଦ୍ଧ ରଚନାରୀତିର ପାଦଦେଶରେ। ପୁଣି ରାମସିସ ଦ୍ୱିତୀୟଙ୍କ ଆବିର୍ଭାବରେ ଏହା ନୂତନ, ସହଜ ଓ ସରଳପଥରେ ମୁକ୍ତିଲାଭ କରିଛି। ପ୍ରାଚୀନ ଚୀନ ସାହିତ୍ୟ ଓ ସଂସ୍କୃତ ସାହିତ୍ୟର ଗତି ଠିକ୍ ଏଇ ଶୃଙ୍ଖଳାରେ। ଏକ ସୁନ୍ଦର, ସହଜ, ପ୍ରାକୃତିକ ଧର୍ମାନୁଭୂତିର ପ୍ରକାଶ ଭିତରେ ଜନ୍ମଲାଭ କରି ଯେଉଁ ହିବ୍ରୁ ସାହିତ୍ୟ ସଲମନ୍‌ଙ୍କ ଗୀତିରେ ବିକଶିତ ହୋଇଥିଲା, ତା'ର ଗତି ଶିଥିଳ ହୋଇ ପଡ଼ିଥିଲା ପରବର୍ତ୍ତୀ ଯୁଗର ଆଳଂକାରିକ ରଚନାରେ। ପୁଣି ଏଇ ଶୃଙ୍ଖଳା ନିୟନ୍ତିତ କରିଛି ଫରାସୀ, ଜର୍ମାନି ଓ ଇଂରାଜୀ ଆଦି ଆଧୁନିକ ପାଶ୍ଚାତ୍ୟ ସାହିତ୍ୟଗୁଡ଼ିକୁ। ଇଂରାଜୀ ସାହିତ୍ୟରେ ପ୍ରାରମ୍ଭିକ ସ୍ୱଭାବସିଦ୍ଧ ଯୁଗ ପରେ ଆସିଲା ଆଳଙ୍କାରିକ ଟ୍ୟୁଡ଼ର ଯୁଗ। ତା' ପରେ ଦେଖାଦେଲା ସହଜ ସୁନ୍ଦର ପ୍ରକାଶରୀତି ଓ ଗଭୀର ମନନଶୀଳତାର ଅଭିବ୍ୟକ୍ତିସମ୍ପନ୍ନ ମାର୍ଲୋ ଓ ସେକ୍‌ସପିଅରଙ୍କ ଲଳିତ ମଧୁର ଗୀତିଯୁଗ। ଏ ଯୁଗ ଅତିକ୍ରମ କରି ପୁଣି ଆସିଲା କଠିନ ଗଦ୍ୟମୟ (Clarendon), କୁଟିଳ ଛନ୍ଦୋମୟ (Swift), କୃତ୍ରିମ ଅଳଙ୍କାରପ୍ରଧାନ (Pope) ଅଷ୍ଟାଦଶ ଶତାବ୍ଦୀ। ଏହା ପରେ ଊନବିଂଶ ଶତାବ୍ଦୀର ଆବେଗମୟ ସହଜ ସୁନ୍ଦର ଗୀତି-କବି ୱାର୍ଡ଼ସୱାର୍ଥ, ଶେଲୀ ଓ କୀଟସ୍‌ଙ୍କ ଯୁଗ ପଦାର୍ପଣ କଲା। ଏଇ ଶୃଙ୍ଖଳା-କ୍ରମ ଓଡ଼ିଆ ସାହିତ୍ୟରେ ମଧ ସଂରକ୍ଷିତ। ସହଜ ସୁନ୍ଦର ଐନ୍ଦ୍ରିକ ରସାନୁଭୂତି ଭିତରେ ଚର୍ଯ୍ୟାଗୀତି, ଦୋହା, ବୋଇଲି ଓ ଚଉତିଶା ଆଦି ଯେଉଁ ଓଡ଼ିଆ ସାହିତ୍ୟ ଜନ୍ମଲାଭ କରିଥିଲା, ଅଳ୍ପ ଛନ୍ଦୋମୟ ସରଳ ଓ ବଳିଷ୍ଠ ଭାବରେ ତାହା ପ୍ରକାଶିତ ହେଲା ସାରଳା, ବଳରାମ ଓ ଜଗନ୍ନାଥଙ୍କର ମନନଶୀଳ, ଉଦ୍ଦେଶ୍ୟମୂଳକ ସୁବିସ୍ତୃତ ଧର୍ମସାଧନା ଓ ଉଦାର ମାନବିକତାର ସମନ୍ୱୟ ବାଣୀରେ। ପରେ ପୁଣି ଏହା ଶିକାର ହେଲା ଭଞ୍ଜ ଓ ତଦୀୟ ଯୁଗର ରୀତିବଦ୍ଧ, କୃତ୍ରିମ, କଳାପାଟବସର୍ବସ୍ୱ ରୂଢ଼ିବଦ୍ଧ ରଚନା ପଦ୍ଧତିର। ଏହା ଓଡ଼ିଆ ସାହିତ୍ୟର ସ୍ୱାଭାବିକ କ୍ରମ ପରିଣତି

Digitized by PPRACHIN, SOA

ଏବଂ ଏଇ ଶୃଙ୍ଖଳାର କ୍ରମରେ ରାଧାନାଥ ଯୁଗ, ସତ୍ୟବାଦୀ ଯୁଗ, ସବୁଜ ଯୁଗ ଓ ଆଧୁନିକ ଯୁଗର ଆବିର୍ଭାବ ଘଟିଚି।

ପୁଣି ଏଠାରେ ପ୍ରତି ସାହିତ୍ୟିକ ଯୁଗର ସମାଜ-ଭୂମିକାକୁ ଭୁଲିଯିବା ଉଚିତ ନୁହେଁ। ସଂସ୍କୃତ ସାହିତ୍ୟର ବାଲ୍ମୀକି ଓ କାଳିଦାସଙ୍କ ଯୁଗକୁ ଦୃଷ୍ଟାନ୍ତ ରୂପେ ଧରି ଉଭୟ ଯୁଗର ସାହିତ୍ୟକୁ ତୁଳନା କରି ଦେଖିଲେ ସେମାନଙ୍କ ପଛରେ ଥିବା ସମାଜ-ଭୂମିକା ସ୍ପଷ୍ଟ ହୋଇ ଆମ ଆଗରେ ଦେଖାଦିଏ। ବାଲ୍ମୀକିଙ୍କ ଯୁଗ ଅରଣ୍ୟ କୃଷି-ସଭ୍ୟତାର ଯୁଗ। ସେ ପର୍ଯ୍ୟନ୍ତ ମଧ ମନୁଷ୍ୟ ଅରଣ୍ୟ କାଟି ଚାରିଦିଗରେ ନଗରପତ୍ତନ ଶେଷକରି ନାହିଁ। ବନ ସହିତ ଜନପଦର ମିଳନ ଥିଲା ଅତି ନିବିଡ଼। ଏଇ ଜନପଦ-ଜୀବନ ଓ ଅରଣ୍ୟ-ଜୀବନର ମିଳନରେ ହିଁ ଗଢ଼ି ଉଠିଚି ସକଳ ଭାରତୀୟ ସଭ୍ୟତା ଓ ସଂସ୍କୃତି। ଏଇ ମିଳନ ଏବଂ ମିଳନଜାତ ବୃହତ୍ତର ସମାଜ-ଜୀବନର ପରିବର୍ତ୍ତନର ଇତିହାସହିଁ ବାଲ୍ମୀକିଙ୍କ କାବ୍ୟ ମଧରେ ରହିଛି। ବୈଦିକ ଯୁଗରେ ଯେଉଁ କୃଷି ଯୁଗର ପତ୍ତନ ହୋଇଥିଲା, ତାର ଗୋଟିଏ ପରିଣତି ବାଲ୍ମୀକିଙ୍କ ଯୁଗରେ ଦେଖିବାକୁ ମିଳେ। ତେଣୁ ମହାକବିଙ୍କ ବର୍ଣ୍ଣନାରେ ଓ ଉପମାସମୂହ ମଧରେ ଏଇ ଅର୍ଦ୍ଧ ଆରଣ୍ୟ ଜୀବନର ପରିଚୟ ରହିଛି। କୃଷି ସମ୍ବନ୍ଧୀୟ ବହୁ ଉପମା ତାଙ୍କ କାବ୍ୟ ମଧରେ ବର୍ତ୍ତମାନ। ଏଇ କୃଷି ସଭ୍ୟତାର ନିଦର୍ଶନ ଅତି ସ୍ପଷ୍ଟ ହୋଇ ଉଠିଚି ରାଣୀ କୌଶଲ୍ୟାଙ୍କର ଗୋଟିଏ ଉକ୍ତିରେ। ରାମଚନ୍ଦ୍ରଙ୍କ ବନଗମନ ପରେ ବିଷଣ୍ଣ ଦଶରଥଙ୍କୁ ଲକ୍ଷ୍ୟକରି କୌଶଲ୍ୟା କହୁଛନ୍ତି—

କଦାଯୋଧ୍ୟାଂ ମହାବାହୁଃ ପୁରୀଂବୀରଃ ପ୍ରବେକ୍ଷତି
ପୁରସ୍କୃତ୍ୟ ରଥେ ସୀତାଂ ବୃଷଭୋ ଗୋବଧୂମିବ। (ଅ—୪୩।୨୧)

'ବୃଷଭ ଯେପରି ଗୋବଧୂକୁ ସମ୍ମୁଖରେ ରଖି ଆଗମନ କରେ, ସେହିପରି ମହାବାହୁ ରାମ କେବେ ପୁଣି ରଥରେ ସୀତାଙ୍କୁ ସମ୍ମୁଖରେ ରଖି ଅଯୋଧ୍ୟାପୁରୀରେ ପ୍ରବେଶ କରିବେ!' ଏକାନ୍ତ କୃଷିସଭ୍ୟତାର ଯୁଗ ହୋଇ ନଥିଲେ ମାଆ ପକ୍ଷରେ ପୁତ୍ର ଓ ବଧୂଙ୍କୁ ବୃଷ ଏବଂ ଗୋବଧୂ ସହିତ ଉପମିତ କରିବା ସମ୍ଭବପର ହୋଇନଥାନ୍ତା, ଶୋଭନ ମଧ ହୋଇନଥାନ୍ତା। ବନଗାମୀ ରାମଚନ୍ଦ୍ରଙ୍କୁ ଲକ୍ଷ୍ୟକରି କୌଶଲ୍ୟା ପୁଣି କହିଥିଲେ—

ଵତ୍ସଂହି ଧେନୁଃ ସ୍ୱବଙ୍ଗଂ ଗଚ୍ଛନ୍ତମନୁଗଚ୍ଛତି।
ଅହଂତ୍ୱାଂନୁଗମିଷ୍ୟାମି ଯତ୍ର ବତ୍ସ ଗମିଷ୍ୟାମି। (ଅ—୨୪।୯)

'ବତ୍ସ ଯେଉଁ ଦିଗକୁ ଯାଏ, ଧେନୁ ଯେପରି ତାକୁ ଅନୁଗମନ କରେ, ମୁଁ ମଧ ସେହିପରି ତୁମେ ଯେଉଁଠାକୁ ଯିବ, ସେଠାକୁ ତୁମର ଅନୁଗମନ କରିବି।' ହନୁମାନ ଯେଉଁଦିନ ସୀତାଙ୍କ ନିକଟରୁ ଅଭିଜ୍ଞାନ ମଣି ନେଇ ରାମଙ୍କ ନିକଟରେ ପହଞ୍ଚିଥିଲା, ସେଦିନ ସେଇ ମଣିଦର୍ଶନରେ ରାମଚନ୍ଦ୍ର ସୁଗ୍ରୀବଙ୍କ ନିକଟରେ କହିଥିଲେ—

Digitized by PPRACHIN, SOA

ଯଥୈବ ଧେନୁଃ ସ୍ରବତି ସ୍ନେହାଦ୍‌ବତ୍ସସ୍ୟ ବତ୍ସଳା
ତଥା ମମାପି ହୃଦୟଂ ମଣିଶ୍ରେଷ୍ଠସ୍ୟ ଦର୍ଶନାତ୍‌। (ସୁ—୬୬।୩)

'ବତ୍ସଳା ଗାଭୀ ଯେପରି ବତ୍ସ-ଅବଲମ୍ବନ କରି ସ୍ନେହବଶତଃ ଦୁଗ୍ଧ ଶ୍ରବଣ କରେ, ଏଇ ମଣିଶ୍ରେଷ୍ଠକୁ ଅବଲମ୍ବନ କରି ମୋର ହୃଦୟ ସେଇପରି ହେଉଅଛି।' ବେଦରେ ମଧ୍ୟ ଏ ବୃଷ-ଗାଭୀ ଉପମାର ବହୁଳ ପ୍ରଚଳନ ରହିଚି। ବିଶ୍ୱ ପ୍ରକୃତିର ବର୍ଣ୍ଣନା ବା ସ୍ତବରେ ଏହା ବେଶୀ ପରିମାଣରେ ଦେଖାଯାଏ। ଇନ୍ଦ୍ରସ୍ତବ ପ୍ରସଙ୍ଗରେ କୁହାଯାଇଚି—

'ବାଶ୍ରାଇବ ଧେନବଃ ସ୍ୟନ୍ଦମାନା ଅଞ୍ଜଃ
ସମୁଦ୍ର ମିବ ଜଗ୍ମୁ ରାପଃ। (ଋକ୍ ୧।।୩୨।୨)

'ବତ୍ସଗଣ ଯେପରି ଧେନୁପ୍ରତି ଧାବିତ ହୁଅନ୍ତି, ସେହିପରି ସ୍ୟନ୍ଦମାନ ଜଳରାଶି ସମୁଦ୍ରକୁ ପ୍ରାପ୍ତ ହୋଇଥିଲେ।' ଇନ୍ଦ୍ର ମେଘରୂପ କଳା ଗାଭୀକୁ ଦୋହନ କରନ୍ତି। ଏକଥା ମଧ୍ୟ ବହୁସ୍ଥାନରେ ଦେଖିବାକୁ ମିଳେ। ପୁଣି ଉପମା ଦିଆଯାଇଥିବାର ଦେଖ—

'ବାଶ୍ରେବ ବିଦ୍ୟୁନ୍ମିମାତି ବତ୍ସଂନମାତା ସିଷକ୍ତି'
(ଋକ୍ ୧।।୩୮।।୮)

'ଶବ୍ଦଯୁକ୍ତ ପ୍ରସୂତ ସ୍ତନବତୀ ଧେନୁ ସଦୃଶ ବିଦ୍ୟୁତ ଗର୍ଜ୍ଜନ କରୁଛି; ବତ୍ସକୁ ଗାଭୀ ଯେପରି ସେବାକରେ, ସେହିପରି ବିଦ୍ୟୁଦ୍ ମରୁଦ୍‌ଗଣର ସେବା କରୁଛନ୍ତି।

କିନ୍ତୁ କାଳିଦାସଙ୍କ ଯୁଗ ପରିପାଟିର ଯୁଗ। ସେଠାରେ ହୃଦୟ ଖୋଲି ହସିବା କାନ୍ଦିବାର ସୁଯୋଗ କମ୍। ପ୍ରିୟଜନ ପାଇଁ ଶୋକ କରିବାକୁ ହେଲେ ମଧ୍ୟ ନିଖୁଣ ଶ୍ଳୋକ ସମଷ୍ଟିର ଭିତର ଦେଇ ଅନେକ କ୍ଷଣ ବସି ତାକୁ ସଜେଇ ବିଳାପ କରିବାକୁ ହୁଏ। ବାଲ୍ମୀକିଙ୍କ ଯୁଗରେ କୌଣସି ଦିଗରେ କୌଣସି ଧରାବନ୍ଧା ନିୟମ ନଥିଲା। ସେତେବେଳକୁ ସମାଜ, ରାଷ୍ଟ୍ର ଓ ଧର୍ମ ତରଳ ବାଯବୀୟ ଅବସ୍ଥାକୁ ଅତିକ୍ରମ କରି ଏକାବେଳେକେ ଶକ୍ତ ଶୀତଳ ନିୟମବଦ୍ଧ ରୂପ ଗ୍ରହଣ କରି ନଥିଲା। ତାହା ଥିଲା ବୃହତ୍ତର ସମାଜଜୀବନର ସବୁଆଡ଼େ ଗୋଟିଏ ଗଢ଼ି ଉଠିବାର ଯୁଗ। କାଳିଦାସଙ୍କ ଯୁଗ କିନ୍ତୁ ବିଳାସୀ ସାମନ୍ତତନ୍ତ୍ରର ଯୁଗ। ସେଇ ସାମନ୍ତତନ୍ତ୍ରକୁ ଅବଲମ୍ବନ କରି ନାଗରିକ ଜୀବନର ବିଳାସ-ସ୍ୱାଚ୍ଛନ୍ଦ୍ୟରେ ସମାଜ-ଜୀବନ କେନ୍ଦ୍ରୀଭୂତ ହୋଇ ଉଠିଥିଲା। ତେଣୁ କାଳିଦାସଙ୍କ ସାହିତ୍ୟ ମୂଳତଃ ନାଗରିକ ସାହିତ୍ୟ—ରାମାୟଣ ଆରଣ୍ୟକ ସାହିତ୍ୟର ସମଗୋତ୍ରୀୟ। କିନ୍ତୁ ଜୀବନର ବାସ୍ତବତା ଓ ବଳିଷ୍ଠତାର ଅଭାବକୁ କାଳିଦାସ ପୂରଣ କରିଛନ୍ତି କବିକଳ୍ପନାର ବଳିଷ୍ଠତା ଓ ବିରଳ କାରୁନୈପୁଣ୍ୟ ଦ୍ୱାରା। ତା' ଛଡ଼ା କାଳିଦାସଙ୍କ କାବ୍ୟରେ ଜୀବନର ସଜୀବତା ନାହିଁ, କିନ୍ତୁ ଐଶ୍ୱର୍ଯ୍ୟ ଅଛି। ଐଶ୍ୱର୍ଯ୍ୟ ସର୍ବଦା ବହିରୈଶ୍ୱର୍ଯ୍ୟ ନୁହେଁ—ଅନ୍ତରୈଶ୍ୱର୍ଯ୍ୟ ମଧ୍ୟ ଏକାନ୍ତ ଅପ୍ରଚୁର ନୁହେଁ। ଜୀବନର ଏଇ ଐଶ୍ୱର୍ଯ୍ୟ ଉପଯୁକ୍ତ ବର୍ଣ୍ଣନାର ଭିତରେ ଏକ ଚିତ୍ତପ୍ରସାରୀ ମହିମାକୁ ବିକୀର୍ଣ୍ଣ କରି ଦେଇଅଛି।

Digitized by PPRACHIN, SOA

ଏଇ ଦୃଷ୍ଟିକୋଣରୁ ଓଡ଼ିଆ ସାହିତ୍ୟର ଧାରା ବିଶ୍ଳେଷଣ କଲେ ତାହାର ସମଗ୍ର ସମାଜ ଓ ମାନସରୂପ ଆମ ଆଗରେ ମଧ ସ୍ପଷ୍ଟ ହୋଇ ଉଠିବ। ହର୍ଷବର୍ଦ୍ଧନଙ୍କ ମୃତ୍ୟୁପରେ ବଙ୍ଗଳାର ପାଳ ରାଜାମାନଙ୍କର, ମହାରାଷ୍ଟ୍ରର ରାଷ୍ଟ୍ରକୂଟମାନଙ୍କର ଏବଂ ପଶ୍ଚିମ ଭାରତର ଗୁର୍ଜର ପ୍ରତିହାରମାନଙ୍କର ପାରସ୍ପରିକ ଯୁଦ୍ଧ ଫଳରେ ଉ. ଭାରତରେ ଗୋଟିଏ ସାମ୍ରାଜ୍ୟ ବା ଗୋଟିଏ ରାଷ୍ଟ୍ର ଗଠିତ ହେବାର ସମ୍ଭାବନା ଆଉ ନଥିଲା। ଏଣେ ୮ମ ଓ ୯ମ ଶତକରେ ମହାଯାନ ବୌଦ୍ଧଧର୍ମରେ ନୂତନତର ତାନ୍ତ୍ରିକ ଧ୍ୟାନଧାରଣାର ସ୍ପର୍ଶ ଆସି ଲାଗିଥିଲା ଏବଂ ଫଳରେ ଦଶମ ଶତକରୁ ବୌଦ୍ଧ ଧର୍ମରେ ଗୁହ୍ୟ ସାଧନତତ୍ତ୍ୱ, ନୀତି ପଦ୍ଧତି ଓ ପୂଜାଚାରର ପ୍ରସାର ଦେଖା ଦେଇଥିଲା। ଏଇ ଗୁହ୍ୟ ସାଧନାର ଧ୍ୟାନ କଳ୍ପନା କିପରି ମହାଯାନ ଦେହରେ ପ୍ରବେଶ କରି ବୌଦ୍ଧଧର୍ମର ରୂପାନ୍ତର ଘଟାଇଲା ଓ ବିଭିନ୍ନ ଧାରାର ସୃଷ୍ଟି କଲା, ତାହା କହିବା କଠିନ। ସମସ୍ତ କୌମ-ସମାଜକୁ ବୌଦ୍ଧଧର୍ମକୁ ଆକୃଷ୍ଟ କରିବାପାଇଁ ଆଚାର୍ଯ୍ୟ ଅସଙ୍ଗ ଭୂତ, ପ୍ରେତ, ଯକ୍ଷ, ଯୋଗିନୀ, ପିଶାଚ ଓ ମାତୃକ ତନ୍ତ୍ରର ବିଭିନ୍ନ ଦେବଦେବୀ ପ୍ରଭୃତିଙ୍କୁ ମହାଯାନ ଦେବାୟତନରେ ସ୍ଥାନ ଦେବା ବିଷୟ ବୌଦ୍ଧ ଐତିହ୍ୟ ସମର୍ଥନ କରେ। କିନ୍ତୁ ପ୍ରକୃତରେ ଏଇ ସବୁ ଗୁହ୍ୟ, ରହସ୍ୟମୟ ଗୂଢ଼ ଆର୍ଥିକ ମନ୍ତ୍ର, ଯନ୍ତ୍ର, ଧାରଣୀ, ବୀଜ, ମଣ୍ଡଳ ପ୍ରଭୃତି ଆଦିମ କୌମ ସମାଜର ଯାଦୁଶକ୍ତି ଉପରେ ଥିବା ଦୃଢ଼ବିଶ୍ୱାସ ଭିତରୁ ଜନ୍ମ। ବୌଦ୍ଧ ଓ ବ୍ରାହ୍ମଣ୍ୟ ଧର୍ମ, ଉଭୟର ଭାବକଳ୍ପନା ଓ ଧ୍ୟାନଧାରଣାରେ ଏଗୁଡ଼ିକର ପ୍ରବେଶ ଲାଭ କରିବା ଅସ୍ୱାଭାବିକ ନୁହେଁ। ଉଭୟ ଧର୍ମକୁ ନିଜ ନିଜର ପ୍ରଭାବ ବିସ୍ତୃତି ସକାଶେ ଆଦିମ କୌମ ସମାଜର ସମ୍ମୁଖୀନ ହେବାକୁ ପଡୁଥିଲା। ତାଛଡ଼ା ସମାଜର ଯେଉଁ ଜନସାଧରଣ ବୌଦ୍ଧ ବା ବ୍ରାହ୍ମଣ୍ୟ ଧର୍ମରେ ଆଶ୍ରୟ ଗ୍ରହଣ କରୁଥିଲେ, ସେମାନେ ନିଜନିଜର ଧର୍ମବିଶ୍ୱାସ ଓ ଦେବଦେବୀ ନେଇ ଯେ ଆସି ଆଶ୍ରୟ ଗ୍ରହଣ କରୁଥିଲେ, ଏହା ଅତି ସ୍ୱାଭାବିକ କଥା। ବଜ୍ରଯାନର ଏକ ଗୁହ୍ୟ ସାଧନାର ସୂକ୍ଷ୍ମସ୍ତର ହେଉଚି ସହଜଯାନ। ବଜ୍ରଯାନରେ ମନ୍ତ୍ରର ମୂର୍ତ୍ତିରୂପର ବହୁଳ ପ୍ରଚଳନ, ତେଣୁ ତାର ଦେବାୟତନ ମଧ ସୁପ୍ରଶସ୍ତ; ମନ୍ତ୍ର, ମୁଦ୍ରା, ପୂଜା, ଆଚାର ଓ ଅନୁଷ୍ଠାନ ଦ୍ୱାରା ବଜ୍ରଯାନର ସାଧନ ମାର୍ଗ ଆକୀର୍ଣ୍ଣ। ସହଜଯାନରେ ଦେବଦେବୀର ସ୍ୱୀକୃତି ନାହିଁ କିମ୍ବା ପୂଜା-ଆଚାର ଅନୁଷ୍ଠାନର ସ୍ୱୀକୃତି ନାହିଁ। ବ୍ରାହ୍ମଣମାନଙ୍କର ନିନ୍ଦା ତ ସେମାନେ କରୁଥିଲେ, ତା'ଛଡ଼ା ଯେଉଁ ବୌଦ୍ଧମାନେ ମନ୍ତ୍ରଜପ, ପୂଜାର୍ଚ୍ଚନା ଇତ୍ୟାଦି କରୁଥିଲେ, ସେମାନଙ୍କର ନିନ୍ଦାମଧ ସେମାନେ କରୁଥିଲେ। ସହଜଯାନୀ ସିଦ୍ଧାଚାର୍ଯ୍ୟମାନଙ୍କର ଧ୍ୟାନଧାରଣା ଓ ମତବାଦ ଦୋହାକୋଷ ଓ ଚର୍ଯ୍ୟାଗୀତିରେ ଅତି ସ୍ପଷ୍ଟ।

ଏସଜପହୋମ ମଣ୍ଡଳ କମ୍ମେ
ଅନୁଦିନ ଆଛସି ବାହିଉ-ଧମ୍ମେ
ତୋ ବିନୁ ତରୁଣୀ ନିରନ୍ତର ଚୋହେ
ବୋଧି କି ଲବ୍‌ଭଇ ପ୍ରଣବି ଦେହେଁ।

Digitized by PPRACHIN, SOA

'ଏଇ ଜପହୋମ-ମଣ୍ଡଳ କର୍ମ ନେଇ ଅନୁଦିନ ବାହାର ଧର୍ମରେ ଲିପ୍ତରହିଛୁ। ତୋର ନିରନ୍ତର ସ୍ନେହ ବିନା ହେ ତରୁଣି, ଏ ଦେହରେ କଅଣ ବୋଧି ଲାଭହୁଏ ?' ନାନାପ୍ରକାର ଯାଦୁମନ୍ତ୍ର, ଯାଦୁପ୍ରକ୍ରିୟା, ବିଧିବିଧାନ, ମୁଦ୍ରା, ମଣ୍ଡଳ, ଧାରଣା, ଯୋଗସମାଧି ପ୍ରଭୃତି ନେଇ ଏମାନେ ଯେ ଏକ ରହସ୍ୟମୟ ଜଗତ ସୃଷ୍ଟି କରିଥିଲେ, ତାହା ୧୧ଶ-୧୨ଶ ଶତକର ସହଜଯାନୀ ସାହିତ୍ୟରେ ଅତି ସ୍ପଷ୍ଟ। ତାଛଡ଼ା ଯେଉଁସବୁ ଛାୟା, ରୂପକ, ଉପମା, ପ୍ରତୀକ ଓ ଯୋଗାରୂଢ଼ ଶବ୍ଦ ଆଶ୍ରୟ କରି ସେମାନଙ୍କର ସାଧନନୀତି ଓ ଆଦର୍ଶ, ରୀତି, ପ୍ରକ୍ରିୟା ଓ ଅଧ୍ୟାତ୍ମ ଅଭିଜ୍ଞତା ବର୍ଣ୍ଣିତ ହୋଇଛି, ତାହା ସମସାମୟିକ ସାଧାରଣ ନାରନାରୀମାନଙ୍କର ଦୈନନ୍ଦିନ ଜୀବନଯାତ୍ରା, ଯୌନଜୀବନ ଓ ଯୌନପ୍ରକ୍ରିୟା ମଧ୍ୟରୁ ଯେ ସଂଗୃହୀତ, ଏଥିରେ ସନ୍ଦେହ ନାହିଁ। ଏଇ ସବୁର ଅନ୍ତରାଳରେ ସେ ଯୁଗର ସମାଜଚିତ୍ର ବିଦ୍ୟମାନ। ଯୁଗର ମାନସ-ଭୂମିରୁ ଜନ୍ମନିଏ ଯୁଗର ସାହିତ୍ୟ। ଯେତେବେଳେ ଯେଉଁ ଧର୍ମ, ଦର୍ଶନ ଓ ଚିନ୍ତାଧାରା ସମାଜ-ମନକୁ ପ୍ରଭାବିତ କରିଛି, ସେତେବେଳେ ସେ ଧରଣର ସାହିତ୍ୟ, ଶିଳ୍ପ ସମାଜରେ ସୃଷ୍ଟି ହୋଇଛି। ପୁଣି ଏଇ ସୃଷ୍ଟି ସମାଜ-ମନକୁ ନିୟନ୍ତ୍ରଣ କରିବା ସଂଗେ ସଂଗେ ପରିପୁଷ୍ଟ ମଧ୍ୟ କରିଛି। ଏଇ ସମସ୍ତର ସମବାୟରେ ଯୁଗ-ସଂସ୍କୃତିର ସମଗ୍ରରୂପ ମଧ୍ୟ ଫୁଟି ଉଠିଛି। ଏଇ ଧାରା ଓ ଦୃଷ୍ଟିକୋଣରୁ ବିଚାରକଲେ ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ଓ ଆଧୁନିକ ଯୁଗର ସାହିତ୍ୟ ବିଭିନ୍ନ ଯୁଗଭୂମି ଉପରେ କିପରି ବିକାଶ ଲାଭ କରିଚି, ତାହା ସହଜରେ ଅନୁମେୟ ହେବ। ସାରଳାଦାସଙ୍କ ଯୁଗ ଏକ ନବଧର୍ମ ଓ ନବଜୀବନର ନିର୍ମାଣ ଯୁଗ। ସାରଳାଦାସଙ୍କ ରଚନା ପଛରେ ଏକ ବିରାଟ ଜୀବନ, ଧର୍ମ ଓ ସାଧନାର ଭିତ୍ତିଭୂମି ବିଦ୍ୟମାନ। ଦେଶର ଅଗଣିତ ଜନସାଧାରଣଙ୍କ ଜୀବନକୁ ଧର୍ମପଥରେ ସଙ୍ଗଠିତ କରିବାର ବିରାଟ କଳ୍ପନା, ଅଗଣିତ ଜନସାଧାରଣଙ୍କ ବିଶ୍ୱାସକୁ ଏକ ମହାୟାନ ଶିଳ୍ପ-ସୃଷ୍ଟିରେ ପ୍ରତିବିମ୍ବିତ କରିବାର ପ୍ରୟାସ ସାରଳାଦାସ ଓ ତଦୀୟ ଯୁଗର କବିମାନଙ୍କୁ ଏକ ନୂତନ, ଜୀବନ୍ତ ଓ ଗତିଶୀଳ ଭାଷାର ମାଧ୍ୟମରେ ସେମାନଙ୍କର ଶିଳ୍ପସୃଷ୍ଟିପାଇଁ ପ୍ରେରଣା ଦେଇଥିଲା। ତେଣୁ ସାରଳା ସାହିତ୍ୟର ପଛରେ ଥିଲା ପ୍ରାଚୀନ ପାରମ୍ପରିକ ପୌରାଣିକ ଧର୍ମ ଓ ସଂସ୍କୃତି-ପରମ୍ପରାର ମହାନଦୀ ଏବଂ ଅନ୍ୟ ଦିଗରେ ଥିଲା ଜନ ସଂସ୍କୃତି ଓ ଧର୍ମର ଅସୀମ ମହାସାଗର।

ଓଡ଼ିଆ ସାହିତ୍ୟର ପଞ୍ଚସଖାଯୁଗ ଓ ପୌରାଣିକ ଯୁଗରେ ମଧ୍ୟ ଆମେ ଦେଖିବାକୁ ପାଉଁ ସାମାଜିକ, ସାଂସ୍କୃତିକ ଓ ବିଶେଷ ଭାବେ ଧାର୍ମିକ ସଂରକ୍ଷଣ ଓ ସଙ୍ଗଠନର ଉଦ୍ୟମ ହିଁ ସାହିତ୍ୟ ବିକାଶର ସହାୟକ ହୋଇଥିଲା। ଏଇ ସଂଗଠନ ପାଇଁ ଦେଶ ପକ୍ଷରେ ଯେଉଁ ଐତିହାସିକ ଆବଶ୍ୟକତା ଥିଲା ରୀତିଯୁଗ ବା ଭଞ୍ଜଯୁଗ ବେଳକୁ ତାହା ନଥିଲା। ତେଣୁ କାବ୍ୟଯୁଗରେ ଦରବାରୀ ସାହିତ୍ୟର ବିକାଶ ଆମେମାନେ

Digitized by PPRACHIN, SOA

ଦେଖିବାକୁ ପାଉଁ। ଏ ସମୟରେ ଦେଶରେ କୌଣସି ନୂତନ ଧର୍ମର ସମନ୍ୱୟ ବା ସାମାଜିକ ପରିବର୍ତ୍ତନାର ପ୍ରଶ୍ନ ନଥିଲା ଓ ଦେଶର ସାମାଜିକ ଜୀବନ ମଧ ଗତିଶୀଳ ନଥିଲା। ତେଣୁ ଦେଶରେ ଏକ ମାନସିକ ସ୍ଥାଣୁତା ଓ ସ୍ଥିରତା ରାଜତ୍ୱ କରୁଥିଲା। ତେଣୁ ଏହାର ସାହିତ୍ୟ କୌଣସି ଉଦ୍ଦେଶ୍ୟମୂଳକ ରଚନା ନୁହେଁ ବା କୌଣସି ଆବେଗମୟ ଗୀତି କବିତା ମଧ ନୁହେଁ। କବିର ମନ କୌଣସି ଆଦର୍ଶବାଦ, ଧର୍ମ ବା ପ୍ରକୃତିର ଶୋଭାରେ ବିଶେଷ ନିବିଷ୍ଟ ନ ହୋଇ କେବଳ ନାରୀ ଓ ଶୃଙ୍ଗାରଭାବାପନ୍ନ ହୋଇଥିବାର ଇଙ୍ଗିତ ମିଳେ। ଏହି ରସିକତା ବା ଶୃଙ୍ଗାରିକତା ଏ ଯୁଗର ରଚନାର ବିଶିଷ୍ଟ ଚାରିତ୍ରିକ ଲକ୍ଷଣ। ଏ ଯୁଗରେ କୌଣସି ଉଦାତ୍ତ ଭାବନା, ବିସ୍ତୃତ ଦୃଷ୍ଟିଭଙ୍ଗୀ ବା ଗଭୀର ମନନଶୀଳତାର ଅବକାଶ ନଥିବା ଯୋଗୁଁ ଭାଷାର ଚାତୁରୀ, ଅଳଙ୍କାରବାହୁଲ୍ୟ, ରୂଢ଼ିବଦ୍ଧ ପ୍ରକାଶଭଙ୍ଗୀ ଓ କ୍ଲିଷ୍ଟ ରଚନା ସାହିତ୍ୟରେ ଆତ୍ମପ୍ରକାଶ କରିଥିବା ସ୍ୱାଭାବିକ। ଯା' ପରେ ସାମାଜିକ ଓ ରାଷ୍ଟ୍ରୀୟ ପରାଧୀନତାର ପୃଷ୍ଠଭୂମି ଉପରେ ବୈଷ୍ଣବ ସାହିତ୍ୟର ବିକାଶ ଏବଂ ଓଡ଼ିଆ ସାହିତ୍ୟର ମଧ ପଦ୍ୟାବଳୀ ସାହିତ୍ୟର ସୃଷ୍ଟି ଠିକ୍ ଏଇ ଭିତ୍ତିଭୂମିର ଉପରେ।

ତା'ପରେ ସାମାଜିକ ଚିନ୍ତାଧାରା, ଜୀବନ ଓ ଅନୁଭୂତିକୁ ଆଶ୍ରୟ କରି ଏବଂ ଅନୁସରଣ କରି ରାଧାନାଥ ଯୁଗର ସାହିତ୍ୟ, ସତ୍ୟବାଦୀ ସାହିତ୍ୟ ଓ ସବୁଜ ସାହିତ୍ୟ ଓଡ଼ିଆ ସାହିତ୍ୟରେ ସୃଷ୍ଟି ହୋଇଛି ଏବଂ ସାହିତ୍ୟର ରୂପ ମଧ ବିଚିତ୍ରତର ହୋଇଉଠିଚି। ଆଧୁନିକ ସାହିତ୍ୟ ସେହିପରି ଆଧୁନିକ ଯୁଗରୁଚି ଓ ଯୁଗଚିନ୍ତାର ବାର୍ତ୍ତାବହ। ଜୀବନ ପ୍ରତି ବୈରାଗ୍ୟ ବା ବିତୃଷ୍ଣା ନୁହେଁ, ଜୀବନ ପ୍ରତି ଅନୁରାଗ ଓ ଜୀବନର ସନ୍ଧାନ ଆଧୁନିକ ସାହିତ୍ୟର ଧର୍ମ। ଯୁଗର ଅଶାନ୍ତି, ଅସଙ୍ଗତି, ଅନିଶ୍ଚୟତା, ସାମାଜିକ ଓ ଆର୍ଥିକ ବୈଷମ୍ୟ ଆଧୁନିକ ସାହିତ୍ୟରେ ପ୍ରତିବିମ୍ବିତ। ଆଧୁନିକ ସାହିତ୍ୟ ଆଜି ଗଣଜୀବନ ଓ ବାସ୍ତବତାର ଅଭିମୁଖୀ। ବାସ୍ତବ ଜୀବନର ସମାଧାନର ଇଙ୍ଗିତ ଏଇ ଯୁଗସାହିତ୍ୟରେ ପ୍ରତିଫଳିତ ଏବଂ ଆଧୁନିକ ସାହିତ୍ୟ ଏକ ସକ୍ରିୟ, ବଳିଷ୍ଠ ଅସ୍ତିବାଚକ ଭୂମିକା ଉପରେ ପ୍ରତିଷ୍ଠିତ। ମାନବିକତାର ମୁକ୍ତି ସଂଗ୍ରାମରେ ଆଧୁନିକ ସାହିତ୍ୟ ସେନାପତିର ଆସନ ଆଜି ଗ୍ରହଣ କରିଛି। କୃଷିସଭ୍ୟତାର ଉପରେ ଶିଳ୍ପସଂସ୍କୃତି ଆଜି ଯେପରି ବିଶ୍ୱରେ ନିଜର ଆସନ ଦୃଢ଼ କରିବାକୁ ଯାଉଛି, ସାହିତ୍ୟ ମଧ ସେହିପରି କୃଷିସଂସ୍କୃତିର ଚାରିତ୍ରିକ ଲକ୍ଷଣରୁ ମୁକ୍ତ ହୋଇ ଶିଳ୍ପସଂସ୍କୃତିରଭିତ୍ତି ଉପରେ ଦଣ୍ଡାୟମାନ ହେବାକୁ ଯାଉଛି। ଯୁଗସଂସ୍କୃତିର ବାର୍ତ୍ତାକୁ ଗ୍ରହଣ କରି ସାହିତ୍ୟ ସଂସ୍କୃତି ମଧ ଆଜି ସେହିପରି ଜ୍ୟୋତିର୍ମୟ। ବରଂ ଯୁଗସଂସ୍କୃତିର ଜନ୍ମପାଇଁ ସାହିତ୍ୟ, ଶିଳ୍ପ ଓ କଳା ଆଜି ସଂଗ୍ରାମରତ। କାରଣ ସାହିତ୍ୟ, ଶିଳ୍ପ, କଳା ଓ ଯାହାକିଛି ମାନବିକ ଚିନ୍ତାର ନିର୍ଯ୍ୟାସ ଓ ଉତ୍କର୍ଷ, ତାକୁଇ ନେଇ ସମାଜ-ସୌଧର ଶିଖରଚୂଡ଼ା ହୁଏ ନିର୍ମିତ ଏବଂ ସଂସ୍କୃତିର ମଧ ଘଟେ ନବଜନ୍ମ ଓ ରୂପାନ୍ତର।

[‘ପ୍ରଭାତୀ’, ମାର୍ଚ୍ଚ ୧୯୫୫ ସଂଖ୍ୟାରେ ପ୍ରକାଶିତ]

ଗ୍ରନ୍ଥପଞ୍ଜୀ:– ‘ତ୍ରୟୀ’ ଓ ‘ତାନ୍ତ୍ରିକ ବୁଦ୍ଧିଜିମ୍’– ଡକ୍ଟର ଶଶୀଭୂଷଣ ଦାଶଗୁପ୍ତ; ‘ମାର୍ଚ୍ଚ ଅଫ ଲିଟାରେଚାର’ – ମାଡ୍‌କ୍‌ସ ଫୋର୍ଡ଼; ‘ବାଙ୍ଗାଲୀର ଇତିହାସ’– ଡକ୍ଟର ନୀହାର ରଂଜନ ରାୟ; ‘ସଂସ୍କୃତର ରୂପାନ୍ତର’– ଗୋପାଳ ହାଲଦାର; ‘କଲଚାର ଏଣ୍ଡ ଏନାର୍କି’— ମାଥ୍ୟୁ ଆର୍ନଲ୍‌ଡ଼।□□

Digitized by PPRACHIN, SOA

ଏକ ଅସମାପ୍ତ କରୁଣ କାବ୍ୟ

"ନନ୍ଦିକା ଆସିଲା କଣ୍ଟକିତ ପଥେ
ଲଜ୍ଜା-ଉପାନହ ପଦେ
ଉପାୟନ ରୂପେ ଚୈତ୍ରମଣି ଧରି
ନବ ପ୍ରେମ ଗଦଗଦେ।"

ଏଇ ଲଜ୍ଜା-ଉପନହ-ଧାରିଣୀ ଅଭିସାରିକା ନନ୍ଦିକା ପ୍ରତି କବି ଗଙ୍ଗାଧର 'ଉତ୍କଳଲକ୍ଷ୍ମୀ'ରେ ବିଦ୍ରୂପର ଯେଉଁ ଶାଣିତ କଟାକ୍ଷ କରିଛନ୍ତି, ସେ 'ନନ୍ଦିକା' ଓଡ଼ିଆ କାବ୍ୟପାଠକ ନିକଟରେ ଅପରିଚିତା ନୁହେଁ, ସେ ଏକ ଅବିବାହିତା କୁମାରୀ ଓ ପ୍ରଣୟିନୀ। ଆଧୁନିକ ଯୁଗର ପ୍ରତିଷ୍ଠାତା କବି ରାଧାନାଥଙ୍କର ମାନସନନ୍ଦିନୀ ଏଇ ନନ୍ଦିକା ତାଙ୍କର 'ନନ୍ଦିକେଶ୍ୱରୀ' କାବ୍ୟର ପ୍ରାଣଦାତ୍ରୀ ଓ କାବ୍ୟନାୟିକା।

ମାତ୍ର ଏଇ ହତଭାଗିନୀ ନନ୍ଦିକା କେଉଁ କୁକ୍ଷଣରେ କବିମାନସରେ ଜନ୍ମଗ୍ରହଣ କରିଥିଲା କେଜାଣି, ତାର ଜୀବନ ଆଜି ଯେପରି ଏକ ଅସମାପ୍ତ କରୁଣ କାବ୍ୟ ଓ ଅନ୍ୟର ସହାନୁଭୂତି ସମବେଦନାର ଅଧ୍ୟାୟ, ତାର ଜନକ ଓ ସ୍ରଷ୍ଟା ମଧ୍ୟ ସେହିପରି ବହୁ ଦୃଷ୍ଟିରେ ଜଣେ ନିନ୍ଦିତ ଓ କଳଙ୍କିତ କଳାକାର। ପଣ୍ଡିତ ନୀଳକଣ୍ଠ ଯେକି 'ସତ୍ୟବାଦୀ-ଚିନ୍ତାଧାରା'ର ଜଣେ ସ୍ରଷ୍ଟା ଓ ସମୀକ୍ଷକ, ତାଙ୍କର 'କୋଣାର୍କେ' କାବ୍ୟରେ ଏଇ ନନ୍ଦିକା ଚରିତ୍ର ପ୍ରତି ଅଭିଯୋଗ ଆଣି କହିଛନ୍ତି–

"ଘରଛାଡ଼ି କିପାଁ ଯିବେ ସେ ବୀରବାଳା ନନ୍ଦିକା
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା ?"

କବି ରାଧାନାଥଙ୍କର ଅନ୍ୟ କେତୋଟି ଚରିତ୍ର ଭଳି 'ନନ୍ଦିକା' ଚରିତ୍ର ନୀଳକଣ୍ଠଙ୍କ ଦୃଷ୍ଟିରେ ଏକ ବିଜାତୀୟ ଚରିତ୍ର ଓ ତା'ର ଜନ୍ମନକ୍ଷତ୍ର ସ୍ୱଦେଶୀୟ ନୁହେଁ। ସେଥିପାଇଁ ସ୍ୱଦେଶୀ ଓ ଜାତିପ୍ରାଣ ନୀଳକଣ୍ଠ ସ୍ରଷ୍ଟା ରାଧାନାଥଙ୍କୁ ଲକ୍ଷ୍ୟ କରି ଲେଖିଛନ୍ତି– "କବିଙ୍କି ସୁମରି ବିରାଗେ ମୁଖ ଫେରାଅ ପଛେ।" ବହୁ ପ୍ରବନ୍ଧ ଆଲୋଚନାରେ ମଧ୍ୟ କବି ରାଧାନାଥ ନନ୍ଦିକା-ଚରିତ୍ର ପାଇଁ ତୀବ୍ର କଟାକ୍ଷର ଶରବ୍ୟ ହୋଇଛନ୍ତି।

ମାତ୍ର ସୃଷ୍ଟି ନିପୁଣ, କଳାକୁଶଳୀ, ସୌନ୍ଦର୍ଯ୍ୟସେବୀ ଓ ଜୀବନ-କବି ରାଧାନାଥଙ୍କର 'ନନ୍ଦିକା' ଯେ ଏକ ସର୍ବକାଳୀନ ସାର୍ବଭୌମ ଚରିତ୍ର, ସେ କଥା ଯୁଗସ୍ରଷ୍ଟା ରାଧାନାଥଙ୍କର ଅନୁସାରକ ଓ ଅନୁକାରକ ବହୁ ଲେଖକ ଓ ତାଙ୍କର ସମାଲୋଚକେ ସଂକୀର୍ଣ୍ଣ ଜାତୀୟତା, ସ୍ୱଦେଶପ୍ରୀତି ଅଥବା ଶୁଷ୍କ ଓ ଏକନେତ୍ର ଆଦର୍ଶବାଦ ନାମରେ ବିସ୍ମୃତ ହୋଇଥାନ୍ତି। ରାଧାନାଥ ଜୀବନ-ଶିଳ୍ପୀ ଓ ସୌନ୍ଦର୍ଯ୍ୟ-ସ୍ରଷ୍ଟା। ସେ ପୁଣି ଜ୍ଞାନାମୃତର ସାଧକ

Digitized by PPRACHIN, SOA

ଏକ ଅଦମ୍ୟ ଦିଗ୍‌ବିଜୟୀ ଗରୁଡ଼। ବିଶ୍ୱସାହିତ୍ୟର କାବ୍ୟକୋଷରୁ ଚିନ୍ତ୍ର ଓ ଚେତନା ସଂଚୟ କରି ଯେଉଁ କାବ୍ୟଚିତ୍ର ସେ ନିର୍ମାଣ କରିଛନ୍ତି, ଓଡ଼ିଆ କାବ୍ୟସାହିତ୍ୟରେ ଆଧୁନିକତାର ପ୍ରତିଷ୍ଠା ପାଇଁ ତାହା ପ୍ରଥମ ଓ ଯଥାର୍ଥ ସୃଷ୍ଟିଧର୍ମୀ କାବ୍ୟ-ସଂଚୟନ। ରାଧାନାଥ-ସାହିତ୍ୟର ଅନ୍ତର୍ନିହିତ ବାସ୍ତବତା, ବଳିଷ୍ଠତା ଓ ରସଧର୍ମ ତାଙ୍କର ସମକାଳୀନ ଓ ପରବର୍ତ୍ତୀ ବହୁ କାବ୍ୟଶିଳ୍ପୀଙ୍କ ନିକଟରେ ଅନନୁକରଣୀୟ ହୋଇ ରହିଛି ଓ ସ୍ଥଳ ବିଶେଷରେ ଅସ୍ୱାଦ୍ୟ ମଧ ହୋଇଛି। ତେଣୁ ରାଧାନାଥଙ୍କର ଅନ୍ୟ କେତୋଟି ଚରିତ୍ର ଭଳି ପ୍ରେମରାଧିକା ନନ୍ଦିକା ବହୁ ବିମୁଖ ସମୀକ୍ଷକ ନିକଟରେ ନିନ୍ଦିତ ହେବା ଅସ୍ୱାଭାବିକ ନୁହେଁ। ଜୀବନବୋଧ ଓ ରସବୋଧ ନ ଥାଇ ସମୀକ୍ଷକର ଗୌରବ ନେବା ସମୀକ୍ଷକ ପକ୍ଷରେ କ'ଣ ହାସ୍ୟାସ୍ପଦ ପ୍ରହସନ ନୁହେଁ ?

କଥାବସ୍ତୁର ଆହରଣରେ କବି ରାଧାନାଥ ନିଜର ସୃଷ୍ଟି ଓ ଚରିତ୍ର ଚିତ୍ରଣରେ ବିଦେଶୀ କାବ୍ୟ-ପୁରାଣଦ୍ୱାରା ଯେ ପ୍ରଭାବିତ ହୋଇଛନ୍ତି, ଏ କଥା ଆଜି କାହାକୁ ଅଛପା ନାହିଁ। ''ନନ୍ଦିକେଶ୍ୱରୀ''ର 'ନନ୍ଦିକା' ଚରିତ୍ରରେ ମଧ ଏଇ ବିଦେଶୀ କାବ୍ୟ-ପୁରାଣର ପ୍ରଭାବ ସ୍ପଷ୍ଟ। ମାତ୍ର ସକଳ ଆହରଣ ମଧରେ ରାଧାନାଥଙ୍କ ସ୍ୱକୀୟତା, ସୃଷ୍ଟିଚେତନା ଓ ଜୀବନବୋଧ କିପରି ସର୍ବକାଳୀନ ଓ ସାର୍ବଭୌମ ତାହା ସୀମିତ ଦୃଷ୍ଟିକୋଣର ବିଚାର ଓ ଅବବୋଧରେ ବହୁ ସମୟରେ ସଂକୀର୍ଣ୍ଣ ଓ ଖଣ୍ଡିତ ଅଥବା ଅବୋଧ ଓ ଅସ୍ପଷ୍ଟ। ପ୍ରଣୟ-ସାଧିକା 'ନନ୍ଦିକା' ବା ଏ ଦୃଷ୍ଟି-କୋଣର ଶରବ୍ୟ ନ ହୁଅନ୍ତା କିପରି ? ସାହିତ୍ୟସୃଷ୍ଟିରେ ଆହରଣ ବା ଆସଞ୍ଚୟ ବଡ଼ ଏକ ଅପରାଧ ନୁହେଁ। ତା'ହେଲେ ତ ରାଧାନାଥଙ୍କୁ ଛାଡ଼ି କଥାବସ୍ତୁର ଏଇ ଆହରଣ ପାଇଁ ସେଥିରେ ସେକ୍‌ସପିଅର ବା କାଳିଦାସଙ୍କ ଭଳି ମହାନ୍ ସ୍ରଷ୍ଟାଙ୍କୁ ଆମେ ଅପରାଧୀ ବୋଲି ବିଚାର କରୁଥାନ୍ତେ। ରାଧାନାଥ ଏକ ନବଯୁଗର ସ୍ରଷ୍ଟା ଓ ତାଙ୍କର ସୃଷ୍ଟି ମଧ ଆଧୁନିକ ସୃଷ୍ଟି ଓ ଜୀବନର ଆଦି ଜାତକ। ତାଙ୍କର ସୃଷ୍ଟି ଓଡ଼ିଆ କାବ୍ୟ ଜଗତରେ ଆଧୁନିକତାର ଶେଷ ପାଣ୍ଡୁଲିପି ନ ହୋଇ ପାରେ; ମାତ୍ର ସେ ଯେ ଆଧୁନିକତାର ଅଗ୍ରଦୂତ ଓ ପ୍ରତିଷ୍ଠାତା, ଏ କଥା ଅସ୍ୱୀକାର କରିବା ଅସମୀଚୀନ।

ପ୍ରଣୟ-ବିପ୍ଳବିଣୀ ନନ୍ଦିକାର ସ୍ୱରୂପ-ଚିତ୍ର ତାର ମାନସଚୋର ସେନାପତି ଚୋଡ଼ଗଙ୍ଗଙ୍କ ଉକ୍ତିରେ ସ୍ପଷ୍ଟ।

ପବିତ୍ର କେଶରୀ ବଂଶେ ଜାତହୋଇ
ଦେଶଦ୍ରୋହୀ, ରାଜଦ୍ରୋହୀ, ପିତୃଦ୍ରୋହୀ
ତିନି ମହାପାପ ଏକ କରଣୀରେ
ଅଦ୍ଭୁତ ସାଧନା ତୋର ଧରଣୀରେ
କି ସାହସେ ତୋର ଚିତ୍ତବୃତ୍ତି ଗଲା
ଏ ଦାରୁଣ କାର୍ଯ୍ୟେ ତୁ ପୁଣି ଅବଳା ?

Digitized by PPRACHIN, SOA

ଦେଶଦ୍ରୋହ, ରାଜଦ୍ରୋହ ଓ ପିତୃଦ୍ରୋହ—ଏଇ ତିନି ଦ୍ରୋହରେ ନନ୍ଦିକା ଅପରାଧିନୀ। ମାତ୍ର ଏ ତିନିଟି ଦ୍ରୋହ ପାଇଁ ତାର ପ୍ରଣୟିନୀ ନାରୀହୃଦୟହିଁ ଦାୟୀ। ଦେଶାତ୍ମବୋଧ, ରାଜଭକ୍ତି ବା ପିତୃଭକ୍ତିର ଏକ ଉଚ୍ଚତର ଜଗତକୁ ନେଇ କବି ରାଧାନାଥ ନନ୍ଦିକା-ଚରିତ୍ରକୁ ଅଧିଷ୍ଠିତ କରାଇଛନ୍ତି ଏବଂ ଟ୍ରାଜିକ-ରସର ସ୍ରଷ୍ଟା ରାଧାନାଥ ଅନ୍ୟ କେତୋଟି ଚରିତ୍ର ପରି ନନ୍ଦିକାର ପରାଜୟ, ଆତ୍ମଗ୍ଲାନି ଓ ଆତ୍ମହତ୍ୟା ମଧ୍ୟରେ ତାର ନାରୀତ୍ୱର ବିଜୟ-ନିଶାଣ ଦେଶ, କାଳ ବା ଜାତିର ସୀମାତୀତ ଦିଗ୍‌ବଳୟରେ ଉଡ଼ାଇ ଯାଇଛନ୍ତି। ନନ୍ଦିକାର ଏ ଦୁଃସାହସିକତା ପାଇଁ ସେନାପତିଙ୍କ ପ୍ରଶ୍ନର ଜବାବ ରାଧାନାଥ ଏ ଚରିତ୍ର ସୃଷ୍ଟିର ବହୁ ପୂର୍ବରୁ ଆମକୁ ଗୌରୀ ଚରିତ୍ରରେ ଯେପରି ଦେଇଛନ୍ତି:—

ଧନ୍ୟ ସେ ପ୍ରୀତି କି। ମରଣ ଭୀତି କି
ପ୍ରୀତି ସେ ପାରଇ କିଣି,
ଶିରୀଷ ମୃଦୁଳା ଲବଣୀ ପିତୁଳା
ପ୍ରୀତି କଲା ସାହସିନୀ।

ମାତ୍ର 'ଗୌରୀ' ଚରିତ୍ର ବା ପରବର୍ତ୍ତୀ ସୃଷ୍ଟି 'ଚନ୍ଦ୍ରଭାଗା' ଚରିତ୍ରଠାରୁ ନନ୍ଦିକା ଚରିତ୍ର ପୃଥକ୍ ଏବଂ ତାର ପ୍ରଣୟ ଅଧିକତର ଗଭୀର, ବାସ୍ତବ ଓ ବର୍ଣ୍ଣାଢ଼୍ୟ। ନନ୍ଦିକାର ପ୍ରଣୟଚେତନା ଆଧୁନିକ ଭାବଚେତନାର ମଧ୍ୟ ଅଧିକତର ପକ୍ଷପାତୀ। ଆତ୍ମପକ୍ଷ ସମର୍ଥନରେ ସମସ୍ତ ଅଭିଯୋଗର ଉତ୍ତର ଦେଇ ନନ୍ଦିକା ଯେତେବେଳେ କହିଛି—

"ଚିହ୍ନିବାକୁ ଶିଖି ନାହିଁ ପର ମନ
ସେ କି କେବେ ପ୍ରଭୁପଣକୁ ଭାଜନ
ସୁତାରେ ପିତାଙ୍କ ପୂର୍ଣ୍ଣ ଅଧିକାର
ଭଣେ ଯେଉଁ ଶାସ୍ତ୍ର ତାକୁ ନମସ୍କାର।"

ତାହାହିଁ ନନ୍ଦିକା ଚରିତ୍ର ସପକ୍ଷରେ କବି ରାଧାନାଥଙ୍କର କଅଣ ବଳିଷ୍ଠ ଓ ପ୍ରାମାଣିକ ସାକ୍ଷ୍ୟଦାନ ନୁହେଁ? ଏ ସମସ୍ତ ପରେ ଅଭିସାରିକା ନନ୍ଦିକାର ଗଭୀର ଓ ତନ୍ମୟ ପ୍ରୀତିର ଚିତ୍ର ଗୋଟିଏ ମାତ୍ର ଚିତ୍ରକଳ୍ପରେ ରାଧାନାଥ ଦେଇଛନ୍ତି।

"ଚାଲିଛି ନିବିଡ଼ ତିମିରେ ନନ୍ଦିକା
ସିନ୍ଧୁନୀରେ ଜିବା ବାଡ଼ବାଗ୍ନି ଶିଖା।"

ମାତ୍ର ବାଡ଼ବାଗ୍ନି ଶିଖା ଭଳି ପ୍ରଣୟିନୀ ନନ୍ଦିକାର କରୁଣ ଅନ୍ତର୍ଦାହ ଚିରକାଳ ସକାଶେ ଲୋକଲୋଚନ ଓ ପ୍ରଣୟବେଦୀର ଅନ୍ତରାଳରେ ଅନ୍ତର୍ନିହିତ ହୋଇ ରହିଛି। "ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର, ପାରିଲେ ଫିଙ୍ଗି ସେ ଲଭନ୍ତା ନିସ୍ତାର।" ତେଣୁ ପ୍ରଣୟ-ସ୍ମୃତିର ଦୁର୍ବିଷହ ଜ୍ୱାଳା ଓ ଯନ୍ତ୍ରଣାର ବୋଝ ବହନ କରି ନନ୍ଦିକା

Digitized by PPRACHIN, SOA

ଇନ୍ଦ୍ରଧାମରୁ ବିଦାୟ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ 'କଜ୍ଜ୍ୱଳାକ୍ତ ଲୋତକେ ଅଙ୍କିତ' ଯେଉଁ ପତ୍ର ନିଜର ପିତାଙ୍କ ନିକଟକୁ ସେ ଲେଖି ଯାଇଛି, ତାହା ଅତ୍ୟନ୍ତ କରୁଣ ଓ ମର୍ମସ୍ପର୍ଶୀ। ସେ ପତ୍ରଟି ପାଠକରି–

'ଲେଖ ପଢ଼ି ରାଏ ରହି ଏକ ଧ୍ୟାନେ
କି ଭାବିଲେ, ତାହା ତାଙ୍କ ମନ ଜାଣେ,
ନ ହେଲା ନୟନୁ ଅଶ୍ରୁ ବିଗଳିତ
ଏ ଯାତନା ସିନା ଅଶ୍ରୁର ଅତୀତ।'

ମୃତ୍ୟୁ ପରେ ନିଜ ପିତୃହୃଦୟରୁ ନନ୍ଦିକା ସହାନୁଭୂତି ଓ ସମବେଦାର ଶୁଳ୍କ ଯେପରି ଆଦାୟ କରିଛି, ଅଗଣିତ ପାଠକ ପାଠିକା ହୃଦୟରେ ନିଜର ଅଶ୍ରୁ-ଅଭିଷେକ ସେହପରି ସଂପନ୍ନ କରିଛି।

[ଏଠାରେ ସ୍ମରଣୀୟ ଯେ, ସ୍ରଷ୍ଟା ରାଧାନାଥ ଗ୍ରୀକ୍ କବି ଓଭିଡ୍ ବା (ବଂଗୀୟ କବି ମାଇକେଲ ମଧୁସୂଦନ ?) ଙ୍କ ଦ୍ୱାରା ଅନୁପ୍ରାଣିତ ହେଲେ ହେଁ ତାଙ୍କର ବଂଗୀୟ କାବ୍ୟଲିପି 'ଲେଖାବଳୀ' ଓଡ଼ିଶାର କାବ୍ୟ-ରାଜ୍ୟରେ ପତ୍ର-ସାହିତ୍ୟର ପ୍ରଥମ ପାଣ୍ଡୁଲିପି। ପତ୍ରସାହିତ୍ୟ ଆଜି ମୁଖ୍ୟତଃ ଗଦ୍ୟରଚନାର ଅନ୍ତର୍ଗତ ହେଲେହେଁ ଅତୀତ ଯୁଗର ସମାଲୋଚନା-ସାହିତ୍ୟ କାବ୍ୟ-ସାହିତ୍ୟର ଅନ୍ତର୍ଗତ ହେଲାପରି ଏହା କାବ୍ୟସାହିତ୍ୟରହିଁ ଅନ୍ତର୍ଗତ ଥିଲା। ବଂଗୀୟ ରଚନା 'ଲେଖାବଳୀ'ର ଲେଖକ ରାଧାନାଥ 'ନନ୍ଦିକେଶ୍ୱରୀ' କାବ୍ୟରେ ଏହି ପତ୍ରସାହିତ୍ୟର ଆଦି ସଂକେତ ଆମ ଓଡ଼ିଆ କାବ୍ୟସାହିତ୍ୟରେ ସୃଷ୍ଟି କରି ଯାଇଛନ୍ତି। ରାଧାନାଥଙ୍କ 'ଲେଖାବଳୀ'ର ପ୍ରଭାବ କାବ୍ୟଶିଳ୍ପୀ ଗଙ୍ଗାଧର ଓ ଚିନ୍ତାମଣି ମହାନ୍ତିଙ୍କ କୃତିରେ ମଧ୍ୟ ସ୍ପଷ୍ଟ।]

ନନ୍ଦିକେଶ୍ୱରୀ କାବ୍ୟର ରଚନା କାଳ ହେଉଛି ୧୮୮୭। ମାତ୍ର ଓଡ଼ିଶା ଗଡ଼ଜାତରେ ପ୍ରଜା-ଆନ୍ଦୋଳନ ହୁଏ ୧୯୩୮ରେ। ଏଇ ୧୯୩୮ ମସିହାରେ 'ନନ୍ଦିକା' ଚରିତ୍ରକୁ ଆଧାର କରି ଓଡ଼ିଆ କାବ୍ୟଜଗତରେ ସୃଷ୍ଟି ହୁଏ ଆଉ ଦୁଇଟି ଅମର କବିତା। ଗୋଟିଏ କବିତା ଶ୍ରୀରାଧାମୋହନ ଗଡ଼ନାୟକଙ୍କର 'ବିପ୍ଳବୀ ରାଧାନାଥ' କାବ୍ୟ–ପୁସ୍ତିକାଟିର ଅନ୍ତର୍ଗତ। ଏହି ପୁସ୍ତକର ରଚନାକାଳ ୧୯୩୮ ଓ ପ୍ରକାଶ କାଳ ୧୯୪୪। ରାଧାନାଥଙ୍କ ସୃଷ୍ଟିର ଅନ୍ତଃଚେତନା ଓ ଆତ୍ମିକ ସୌନ୍ଦର୍ଯ୍ୟ ଉପଲବ୍ଧ କରିବା ପାଇଁ ଏହି ପୁସ୍ତିକାଟି ସବିଶେଷ ସହାୟକ। ବସ୍ତୁତଃ ରାଧାନାଥଙ୍କ ସୃଷ୍ଟି ପ୍ରତିଭାର ଏହା ଏକ କାବ୍ୟିକ ସମୀକ୍ଷା। ଅନ୍ୟ କବିତାଟି 'ଅସମାପିକା' ଶିରୋନାମାରେ ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ଦ୍ୱାରା ରଚିତ। ୧୯୩୮ରେ ଏହା ଲିଖିତ ହୋଇ ପ୍ରଥମେ 'ସହକାର' ପତ୍ରିକାର ୧୯ଶ ଭାଗ ୮ମ ସଂଖ୍ୟାରେ ଓ ପରେ ୧୯୪୭ରେ 'ପାଣ୍ଡୁଲିପି' କାବ୍ୟ-ଗ୍ରନ୍ଥରେ ପ୍ରକାଶିତ।

ରାଜ ପରିବାର ତଥା ଆଭିଜାତ୍ୟର ଅନ୍ତଃପୁରରେ ଥିବା ଅସହଜ ଓ କୃତ୍ରିମ ପରିବେଶ ଏବଂ ଦୋଷତ୍ରୁଟିର ଚିତ୍ର ସହିତ ନାରୀପ୍ରାଣର ସହଜ

Digitized by PPRACHIN, SOA

ପିପାସା ଓ ଆକୁଳ ଅଶାନ୍ତିର ଆଲେଖ୍ୟ ବିପ୍ଳବୀ ରାଧାନାଥ 'ନନ୍ଦିକେଶ୍ୱରୀ' କାବ୍ୟରେ କିପରି ଅଙ୍କନ କରିଛନ୍ତି ତାର କାବ୍ୟଧର୍ମୀ ସମୀକ୍ଷା ସ୍ରଷ୍ଟା ଶ୍ରୀ ଗଡ଼ନାୟକ ଯଥାର୍ଥ ଭାବରେ ପ୍ରଦାନ କରି ଲେଖିଛନ୍ତି–

''ରାଜ ପରିବାର ଭିତରେ ଆହୁରି
ଆହୁରି ନିର୍ଯ୍ୟାତନା
ଅନ୍ତଃପୁରିକା ତରୁଣୀର ଭାଲେ
ସୂର୍ଯ୍ୟ-ଆଲୋକ ମନା
ରାଜାର ହୃଦୟ ବୁଝି ପାରି ନାହିଁ
ଜେମାର ସହଜ ଆଶା
ସୁଖର ହେଲେହେଁ ଶୁଣି ନାହିଁ ତିଳେ
ଜେମାର ମରମ ଭାଷା
ପିତୃ-ବିରୋଧେ ନନ୍ଦିକା ତେଣୁ
ହୋଇଛି ଅଭିସାରିକା
ନିଶୀଥେ ବାହାର ହୋଇଛି ସତେ କି
ସାଗରେ ବଡ଼ବା-ଶିଖା !
ପ୍ରିୟ ପାଶେ ଯାଇ ଛିଡ଼ା ହୋଇଅଛି
ପରିହରି ଲାଜ ଭୀତି
''ଉତ୍କଳ ଜେମା ନନ୍ଦିକା ମୁହିଁ
ମାଗୁଛି ତୁମର ପ୍ରୀତି''
ଚୋର ସେନାପତି ଗରଜି ଉଠିଛି,
''ଏ କି ଅବିଚାର ତୋର ?
କୁଳପାଂଶୁଳା ରାଜକୁଳେ ତୁହି
ବୋଳିଲୁ କାଳିମା ଘୋର !''
ଫେରାଇ ଦେଇଛି ତାରେ
ଅପମାନେ ବାଳା ମରଣ ବରିଛି
ନିଭୃତ ଶିବିକାରେ ।

କବି ଶ୍ରୀ ରାଉତରାୟ 'ଅସମାପିକା' କବିତାରେ ରାଜକନ୍ୟା ନନ୍ଦିକାର 'ବ୍ୟର୍ଥ ପୂଜାରିଣୀ' ପ୍ରାଣର କାରୁଣ୍ୟ ମଧ୍ୟରେ 'ନାରୀତ୍ୱର ନିର୍ଭୀକ ସ୍ୱାକ୍ଷର' ଲକ୍ଷ୍ୟ କରି ରାଧାନାଥଙ୍କ ମାନସକନ୍ୟାର ପ୍ରାଣବାର୍ତ୍ତା ଯଥାର୍ଥରେ ପ୍ରକାଶ କରି ଲେଖିଛନ୍ତି–

Digitized by PPRACHIN, SOA

କେବେ ଏକ ରାଜାର କୁମାରୀ
ଦୁନିଆକୁ କହିଥିଲା 'ମୁହିଁ ନାରୀ,
ଆଗେ ମୁହିଁ ନାରୀ।'

ଅଥବା

''ନାରୀ ସଦା ନାରୀ''
ଏଇ ମନ୍ତ୍ର ଇତିହାସେ ହେ ରାଜକୁମାରୀ!
ଦେଇଅଛ ତୁମେ ଉପହାର।

ମାତ୍ର ଶ୍ରୀ ଗଡ଼ନାୟକଙ୍କ କବିତାରେ ସ୍ରଷ୍ଟା ଓ ବିପ୍ଳବୀ ରାଧାନାଥଙ୍କ ମର୍ମବାଣୀ ଏକାଧାରରେ ଯେପରି ସ୍ୱାକ୍ଷରିତ ଓ ଶ୍ରୁତିଗୋଚର, ଶ୍ରୀରାଉତରାୟଙ୍କ କବିତାରେ ତାହା ସେପରି ସ୍ୱାକ୍ଷରିତ ବା ଶ୍ରୁତିଗୋଚର ନୁହେଁ। ବରଂ ଶ୍ରୀ ରାଉତରାୟଙ୍କ କବିତାରେ ନନ୍ଦିକାର ପ୍ରାଣବାଣୀ ସହିତ ବିଂଶ ଶତାବ୍ଦୀର ବସ୍ତୁବାଦୀ ଭାବାଦର୍ଶରେ ଦୀକ୍ଷିତ କବିଙ୍କର ସ୍ୱକୀୟ ବିଦ୍ରୋହୀ ମାନସର ସ୍ୱାକ୍ଷର ସ୍ପଷ୍ଟ। ତେଣୁ କବିଙ୍କର ବିଦ୍ରୋହୀ ମନ ଅତୀତ ଯୁଗର ପ୍ରଣୟାଦର୍ଶ ବା ପ୍ରଣୟ ଚେତନାକୁ ଏହି କବିତାରେ ବହୁ ସ୍ଥାନରେ ଅସ୍ୱୀକାର କରି କହିଛି—

ତୁମେ କି ଜାଣିଛ ନିଜେ
ତୁମେ କେବେ ଯାଇଅଛି ମରି
ତୁମ ସାଥେ ମରିଅଛି
ଅଟକିତେ ଶତାବ୍ଦୀ ତୁମରି।

କିମ୍ବା

ଜୀବନର ପ୍ରତିଶୋଧ
ନେଇଥାଅ ଯଦି ଏଇପରି
ବାସ୍ତବ କି କ୍ଷମା ଦେବ ?....

ଏଇ କବିତାଟିରେ ଶ୍ରୀ ରାଉତରାୟଙ୍କ ମାନସ ଗୋଟିଏ ଦିଗରେ ନନ୍ଦିକାର ଅସମାପ୍ତ ଜୀବନକାବ୍ୟ ପ୍ରତି ସମ୍ବେଦନଶୀଳ ହୋଇ ଯେତେବେଳେ କହିଛି, ''ଅଭିଜାତ କରୁ ପ୍ରତିବାଦ, ନାରୀତ୍ୱର ପରମାୟୁ ଭୁଲିଅଛି କାଳର ପ୍ରମାଦ'' ତାର ଠିକ୍ ଅବ୍ୟବହିତ ପରେ ତାଙ୍କର ବାସ୍ତବଚେତନ ମନ ବିପରୀତ ଚେତନା-ସଂକଟର ବଶବର୍ତ୍ତୀ ହୋଇଅଛି, ''ଏକଦା ଯା'ଥିଲା ସତ୍ୟ, ଆଜିମନେ ଆଣଇ ସଂଶୟ x x x ଅତୀତ ପାରେନା ବୁଝି ବିଦ୍ରୋହର ଧ୍ୱଜା ତୋଳେ ମନ'' କିମ୍ବା—

''ମନେହୁଏ ପ୍ରେମ ବଡ଼,
ପୁଣି ଭାବେ ପ୍ରେମଠାରୁ ବଡ଼

Digitized by PPRACHIN, SOA

ଜୀବନର ଏଇ ଗତି, ଧାବମାନ ଅବିଶ୍ରାନ୍ତ ଝଡ଼''—ପୁଣି ଏଇ କାବ୍ୟ ଚେତନାର ଅଭିବ୍ୟକ୍ତି ପରେ ନନ୍ଦିକାକୁ ଲକ୍ଷ୍ୟକରି ସେ କହିଛନ୍ତି, ''ତୁମରି ସେ ପ୍ରେମଠାରୁ ତୁମେ ବଡ଼, ତେଣୁ ସାଥେ ତାର, ତୁମର ହୋଇନି ମୃତ୍ୟୁ।''

ବସ୍ତୁତଃ ଏ କବିତାଟିରେ ପ୍ରଣୟାଦର୍ଶ ପ୍ରତି ସ୍ରଷ୍ଟା ଶ୍ରୀ ରାଉତରାୟଙ୍କର ରୋମାଣ୍ଟିକ ଭାବମାନସ ଓ ବାସ୍ତବଚେତନ ବସ୍ତୁବାଦୀ ଶିଳ୍ପମାନସର ଯୁଗପତ୍ ସମନ୍ୱୟ ବିଦ୍ୟମାନ ଏବଂ କବିପ୍ରାଣର ଏହି ଦ୍ୱୈତ ଚେତନାର ଯୁଗ୍ମଧାରା କବିତାଟିର ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦ ପ୍ରବାହକୁ କେତେକାଂଶରେ ଅବାନ୍ତର ଦୈର୍ଘ୍ୟ ଓ ଆତ୍ମିକ ଦୈନ୍ୟ ପ୍ରଦାନ କରିଛି।

ସେ ଯାହା ହେଉନା କାହିଁକି, ନନ୍ଦିକାର ଜୀବନ ଯେ ଏକ ଅସମାପ୍ତ କରୁଣ କାବ୍ୟ, ରୂପରସର ସାଧନପଥରେ ତାର ପ୍ରାଣର ସକଳ ଆଶା, ସ୍ୱପ୍ନ ଓ ସଂକଳ୍ପର ଉଦ୍ଦାମ ପ୍ରବାହ ସହସା କେଉଁ ଏକ ଧୂସର ମରୁର ବାଲୁକାରାଶି ତଳେ ଅବଲୁପ୍ତ, ତାର ଯୌବନ-ମଞ୍ଜରୀ ବସନ୍ତର ମଦିର ମଳୟ ସ୍ପର୍ଶରେ ମୁକୁଳିତ, ପ୍ରସ୍ଫୁଟିତ ଓ ଉଦ୍ଭିନ୍ନ ହେବା ପୂର୍ବରୁ ବୈଶାଖର ଖରାଝାଞ୍ଜିରେ ଶୁଷ୍କ, ବିମଳିନ ଓ ମୃତ—ଏକଥା ତାର ଜୀବନକାବ୍ୟର ପାଠକ ନିକଟରେ ଆଜି ଅବିଦିତ ନୁହେଁ।

ମାତ୍ର ଏଇ ଅସମାପ୍ତ କରୁଣ କାବ୍ୟହିଁ 'ନନ୍ଦିକା'ର ଯଥାର୍ଥ ପ୍ରାଣ-ପରିଚୟ ଓ ତାର ସ୍ରଷ୍ଟାର ସୃଷ୍ଟି-ମାନସର ମଧ୍ୟ ଯୋଗ୍ୟ ଜୀବନବୋଧର ସଙ୍କେତ। ଶିଳ୍ପୀ ମାଇକେଲଏଞ୍ଜେଲୋଙ୍କ କ୍ରୀତଦାସମାନଙ୍କ ଅସଂପୂର୍ଣ୍ଣ ସ୍ଥାପତ୍ୟର କରୁଣ ଚିତ୍ର ଅବଲୋକନ କରି କବି ଲା'ଫଁତେନ୍ ଅଭିଭୂତ ହୃଦୟରେ ଦିନେ ମନ୍ତବ୍ୟ ଦେଇ କହିଥିଲେ, 'ମୋର ବିଶ୍ୱାସ, ଜଣେ ମହତ୍ ଶିଳ୍ପୀ ତାର ସଂପୂର୍ଣ୍ଣ କୃତି ଅପେକ୍ଷା ତାର ଅସଂପୂର୍ଣ୍ଣ କୃତିରେ ଅଧିକତର ପୂର୍ଣ୍ଣତାର ଅଧିକାରୀ।'' ଏ ମନ୍ତବ୍ୟ 'ନନ୍ଦିକା'ର ଜୀବନ-କାବ୍ୟ ଓ ତାର କବି ରାଧାନାଥଙ୍କ ପ୍ରତି କଣ ପ୍ରଯୋଜ୍ୟ ନୁହେଁ ?

■ ■

Digitized by PPRACHIN, SOA

'ପଶୁ ପକ୍ଷୀର କାବ୍ୟ'

(ଏକ ସଂକ୍ଷିପ୍ତ ସମୀକ୍ଷା)

ପୃଥିବୀରେ କବି ଯେତେ ମହାକାବ୍ୟ, କାବ୍ୟ ଓ ଉପକାବ୍ୟର ସୃଷ୍ଟି କରିଛି, ତାର ନାୟକ–ନାୟିକା ହୋଇଛନ୍ତି ନର ବା ନାରୀ। ମଣିଷ ମଣିଷର ବନ୍ଦନା ଗାଇ ସବୁଠି ଆତ୍ମପ୍ରସାଦ ଅନୁଭବ କରିଛି। ମନୁଷ୍ୟର ଗୁରୁତ୍ୱ ଓ ଚରିତ୍ରର ପରିପୁଷ୍ଟି ପାଇଁ ପଶୁ–ପକ୍ଷୀଙ୍କୁ ସେ ବ୍ୟବହାର କରି ମାନସିକ କଳ୍ପନାର ଜୟ–ଧ୍ୱଜା ଉଡ଼ାଇଅଛି। ମାତ୍ର ପଶୁ–ପକ୍ଷୀ ଉପରେ ସଂପୂର୍ଣ୍ଣ ଓ ଏକକ କାବ୍ୟସୃଷ୍ଟି ପୃଥିବୀର କୌଣସି ସାହିତ୍ୟରେ ହୋଇଥିବାର ସଂବାଦ ଏ ପର୍ଯ୍ୟନ୍ତ ମିଳି ନାହିଁ। ଅବଶ୍ୟ କଥାଶିଳ୍ପରେ ପଶୁପକ୍ଷୀଙ୍କୁ ଆଶ୍ରୟ କରି ସଂପୂର୍ଣ୍ଣ ସୃଷ୍ଟି ଭାରତୀୟ ତଥା ବିଦେଶୀ ସାହିତ୍ୟରେ ସମ୍ଭବପର ହୋଇ ପାରିଛି ଏବଂ ଏ ଦିଗରେ ଏହାର ପରମ୍ପରା ଓ ପ୍ରତିଷ୍ଠା ମଧ ଯଥେଷ୍ଟ ପ୍ରାଚୀନ। ପଶୁପକ୍ଷୀଙ୍କର ଚରିତ୍ର ମଧ୍ୟରେ ମାନବିକ ଚରିତ୍ରର ବୈଶିଷ୍ଟ୍ୟ ଓ ବିକାଶ ପ୍ରଦର୍ଶନ କରିବା ଏ କ୍ଷେତ୍ରରେ ଗଳ୍ପସ୍ରଷ୍ଟାଙ୍କର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିବେଚିତ। କାବ୍ୟ–ଜଗତରେ ମଧ୍ୟ ସାମୟିକ ଭାବରେ ଭାରତୀୟ ତଥା ବିଦେଶୀ ସାହିତ୍ୟରେ ପଶୁପକ୍ଷୀଙ୍କୁ ଆଧାର କରି ସେମାନଙ୍କ ଚାରିତ୍ରିକ ବୈଶିଷ୍ଟ୍ୟ ଓ ବିଭବର ଚିତ୍ର ପ୍ରଦାନ କରାଯାଇଛି। ଆମ ଓଡ଼ିଆ ସାହିତ୍ୟରେ ଏକ ଜନପ୍ରିୟ ବ୍ୟାଲାଡ୍ (Ballad) 'ବଉଳା ଗାଈ ଗୀତ' ବା ବ୍ୟାସକବି ଫକିରମୋହନଙ୍କ 'ବିରହୀ ହଳଦୀ ବସନ୍ତ' କବିତାକୁ ଏ ଜାତୀୟ ରଚନା ବୋଲି ଗ୍ରହଣ କରାଯାଇ ପାରେ। ମାତ୍ର ଶ୍ରୀ ରାଧାମୋହନ ଗଡ଼ନାୟକଙ୍କର 'ପଶୁପକ୍ଷୀର କାବ୍ୟ' ଆମ ଓଡ଼ିଆ ସାହିତ୍ୟରେ ଏକ ଅନନ୍ୟ ସୃଷ୍ଟି ଓ ଅଭିନବ ଦୃଷ୍ଟିକୋଣ।

'ପଶୁପକ୍ଷୀର କାବ୍ୟ'ରେ ସିଂହ, ବ୍ୟାଘ୍ର, ଶ୍ୱାନ, ଶଶକ, ଅଶ୍ୱ, ହସ୍ତୀ, ଗାଭୀ, ଗୃଧ୍ର, କ୍ରୌଞ୍ଚ, କପୋତ, ଈଗଲ, ବୁଲ୍‌ବୁଲ୍, ହଂସ, ଶୁକ ଓ ବଳାକା ପ୍ରଭୃତିଙ୍କୁ ଅବଲମ୍ବନ କରି ଜୀବନ ଓ ଚରିତ୍ର ସୃଷ୍ଟି କରାଯାଇଛି। ପ୍ରାଚ୍ୟ ଓ ପାଶ୍ଚାତ୍ୟର ପୁରାଣ, ଇତିହାସ, କାବ୍ୟ–କବିତା ଓ କଥା-କାହାଣୀରୁ ଆଲୋକ ଆହରଣ କରି କବି ଶ୍ରୀ ଗଡ଼ନାୟକ ଏକ ବିଚିତ୍ର ଓ ବର୍ଣ୍ଣାଢ୍ୟ କାବ୍ୟ–ଦୀପାଳି ଓଡ଼ିଆ ସାହିତ୍ୟରେ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ କବିତା ତହିଁରେ ଏକକ ଓ ସଂପୂର୍ଣ୍ଣ। ଆପାତଦୃଷ୍ଟିରେ ପ୍ରତ୍ୟେକଟି ଅପର ସହିତ ଅସଂଲଗ୍ନ ହେଲେହେଁ ପ୍ରତ୍ୟେକ କବିତା ସଂପୂର୍ଣ୍ଣ କାବ୍ୟର

Digitized by PPRACHIN, SOA

ଗୋଟିଏ ଗୋଟିଏ ଜୀବନ–ରସାଣିତ ସର୍ଗ। ବିଭିନ୍ନତା ମଧ୍ୟରେ କାବ୍ୟଜୀବନର ଅଭିନ୍ନତା ଓ ସମଗ୍ରତା ଏଥିରେ ସଂରକ୍ଷିତ ହୋଇଅଛି।

ପ୍ରଥମ କବିତା 'ପଶୁପକ୍ଷୀର କାବ୍ୟ'ର କେବଳ ପ୍ରଥମ କବିତା ନୁହେଁ, ମହାକବି ବାଲ୍ମୀକିଙ୍କର ତାହା ପ୍ରଥମ ଶ୍ଳୋକ ବା ପ୍ରଥମ କବିତା। ମହାକବି ବାଲ୍ମୀକି ରାମଚରିତର ଅବତରଣିକାରେ କ୍ରୌଞ୍ଚମିଥୁନ କଥା କହିଛନ୍ତି, କଥାରେ ନୁହେଁ– ଶୋକର ଶ୍ଳୋକରେ। ତାଙ୍କର ସେହି ଶ୍ଳୋକ 'ପଶୁପକ୍ଷୀର କାବ୍ୟ' ଲେଖକଙ୍କ ପ୍ରାଣରେ ଅନୁପ୍ରାଣନା ଦେଇଛି ସତ୍ୟ, ମାତ୍ର ପଶୁପକ୍ଷୀମାନଙ୍କର ଅନ୍ୟାନ୍ୟ ମାନସିକ ଓ ହାର୍ଦ୍ଦିକ ବିଭାବରେ ଏଥିରେ ଏକ ସ୍ୱକୀୟ ଆଭିମୁଖ୍ୟ ସୃଷ୍ଟି ହୋଇଛି।

'ଶିଳା–ଶଯ୍ୟାର ସଫେନ ସଲିଳ ଝଲକେ
ବନାନୀର ଛାୟା ଉଜ୍ଜ୍ୱଳ କରି ପଲକେ
ତନ୍ୱୀ ତମସା ବହଇ,
କଳକଳ–ଗୀତ–ବନ୍ଧେ
ପ୍ରୀତି–ଗଦଗଦ–ଛନ୍ଦେ
ରସ–ଉଚ୍ଛଳ ପ୍ରାଣର କାହାଣୀ କହଇ।'

ଏହା କେବଳ ପ୍ରଥମ କବିତାରେ ନୁହେଁ, ପ୍ରତ୍ୟେକ କବିତାରେ, ସତେ ଯେପରି ପ୍ରାଣର କାହାଣୀ କଳକଳ ଗୀତବନ୍ଧରେ, ପ୍ରୀତି-ଗଦଗଦ ଛନ୍ଦରେ ବହି ଯାଇଛି।

ଦଶରଥ–ମିତ୍ର ଜଟାୟୁ ରାମାୟଣର ଏକ ଗୃଧ୍ର। ରାକ୍ଷସରାଜ ରାବଣ ହସ୍ତରୁ ଅପହୃତା ସୀତାଙ୍କୁ ଉଦ୍ଧାର କରିବା ପାଇଁ ସେ ଯୁଦ୍ଧ କରିଛି–ପ୍ରାଣ ମଧ ଦେଇଛି। ସେହି ଶହୀଦ ଜଟାୟୁ ଚରିତ୍ର ଲେଖକ ରାମାୟଣରୁ ଅବିକଳ ଆଣି ନାହାନ୍ତି। ତାଆରି ଆଲୋକରେ କେବଳ ଜଟାୟୁ କବିଲେଖନୀରେ ଏକ ନୂତନ ଚରିତ୍ର ହୋଇ ଛିଡ଼ା ହୋଇଛି ଏବଂ ସମୟରେ, ମାନବ ହୃଦୟ–ଦୁର୍ଲଭ ସତ୍ୟନିଷ୍ଠ ସଂଗ୍ରାମଶୀଳ ପ୍ରାଣର ପରିଚୟ ପ୍ରଦାନ କରିଛି। 'ସାରମେୟ' ମଧ ରାମାୟଣର ଏକ ପ୍ରାଚ୍ଚନ ଚରିତ୍ର। 'ସର୍ବାର୍ଥସିଦ୍ଧି' ନାମକ ଜଣେ ବ୍ରାହ୍ମଣ ଦ୍ୱାରା ଆହତ ହୋଇ ରାଜା ରାମଚନ୍ଦ୍ରଙ୍କ ଛାମୁରେ ସେ ଅଭିଯୋଗ କରିଛି। ଦଣ୍ଡବିଧାନ ସମୟରେ ରାଜା ତା'ର ମତ ଲୋଡ଼ିବାରୁ ସାରମେୟ କହିଛି–

''କାଳିଞ୍ଜରେ ମହାରାଜ
ଶୂନ୍ୟ ଅଛି କୁଳପତି–ପଦ
ବ୍ରାହ୍ମଣକୁ ଦିଅ ତାହା
ତହିଁ ମୋର ପରମ ଆନନ୍ଦ।''

Digitized by PPRACHIN, SOA

ରାଜା ତାହା ଦଣ୍ଡ ମନେ ନକରି ପୁରସ୍କାରବିଧାନ ବୋଲି ମନେ କରିବାରୁ ସାରମେୟ ପୁଣି କହିଛି:—

"ଧନ ମାନ ଉଚ୍ଚାସନେ
ଥାଏନି ତ' ସଂଭୋଗ କେବଳ !
ଶତ ପ୍ରଲୋଭନେ ତହିଁ
ଅଛଇ ତ ପରୀକ୍ଷାର ସ୍ଥଳ।"

ଅତୀତର କଥା ଉପରେ ଏ ଚରିତ୍ର ଓ ଜୀବନସୃଷ୍ଟି ଲେଖକଙ୍କର ନିଜସ୍ୱ।

'ଶକୁନ୍ତର ଦାନ' ଜଟାୟୁ ପରି ଏକ ସଫଳ କବିତା। ମହାଭାରତରେ ଶକୁନ୍ତ ମାତୃତ୍ୟକ୍ତା ଓ ସହାୟହୀନା ଶକୁନ୍ତଳାକୁ ପକ୍ଷଚ୍ଛାୟା ଦେଇ ରକ୍ଷା କରିଅଛି। ମାତ୍ର ଲେଖକ ଏହି କବିତାରେ ଶିଶୁ ପାଇଁ ପ୍ରକୃତିର ସହାନୁଭୂତି ସୃଷ୍ଟି କରିଛନ୍ତି ଏବଂ ଶକୁନ୍ତଠାରେ ମାନବୀୟ ହୃଦୟର ପରିପ୍ରକାଶ କରିଛନ୍ତି। ତେଣୁ ପକ୍ଷୀ—

"ତାପସ ଆଗେ ପକ୍ଷ ଟେକି
ଦେଖାଇ ଦେଲା, 'ଦେଖୁଚ ଏକି ?'
ଆଖିର ଜଳେ କହିଲା କଥା
ସକଳ ସମାଚାର
ଶିଶୁର ପାଶୁ ଘୁଞ୍ଚିଗଲା।
"ଘେନ ଏ ଉପହାର।"

ତା'ପରେ କଣ୍ୱ ଶିଶୁଟିକୁ ବକ୍ଷରେ ତୋଳିଧରି ପକ୍ଷୀକୁ ଅଭିନନ୍ଦନ ଜଣାଇଛନ୍ତି।

"ତ୍ୟକ୍ତ ଏଇ ସଦ୍ୟଜାତା
ଇଆର ତୁହି ଜୀବନ ଦାତା,
ଶକୁନ୍ତରେ ଏ ତୋର ଦାନ
ବିଶ୍ୱ ଧରାଧାମେ,
ଏ ଶିଶୁ ଆଜି ଶକୁନ୍ତଳା
ହେଲା ରେ ତୋହ ନାମେ।"

କଣ୍ୱଙ୍କ କଥାରେ ଲେଖକ ସ୍ୱକୀୟ ପ୍ରାଣର ଅର୍ଘ୍ୟ ଦେବାର ସୁଯୋଗ ଲାଭ କରିଛନ୍ତି।

'କପୋତ ଦମ୍ପତି' ଶ୍ରୀମଦ୍ ଭାଗବତର କଥା। କପୋତକପୋତୀ ଚରା ଭୂଇଁରୁ ଫେରି ଆସି ଦେଖିଲେ ଯେ, ତାଙ୍କର ପୁତ୍ର କନ୍ୟା ଜାଲନିବଦ୍ଧ। ଏ କରୁଣ ଓ ଶୋଚନୀୟ ଦୃଶ୍ୟରେ ଉଭୟେ କାତର ହୋଇ ବିଳାପ କରିଛନ୍ତି। କପୋତୀ ସନ୍ତାନ—ସ୍ନେହରେ ଜାଲକୁ ଡେଇଁ ପଡ଼ିଛି, କପୋତ ମଧ୍ୟ କପୋତୀର ପଥ ଅନୁସରଣ କରିଛି। କବିତାର ପରିସମାପ୍ତିରେ ଯେଉଁ ଗଭୀର ଭାବର ପରିଚୟ ରହିଛି, ତାହା ଅନୁଭବ୍ୟ ଓ ଉପଭୋଗ୍ୟ।

Digitized by PPRACHIN, SOA

"ଗୋଟାଇ ବିକ୍ଷିପ୍ତ ଜାଲ
ହର୍ଷେ ଘେନି ପକ୍ଷୀ—ଭାର
ଗୃହ—ପଥେ ଫେରିଲା ନିଷାଦ,
ମାନବ—ଜନମ ପାଇ
ଲୁବ୍‌ଧକ ଜାଣିଲା ନାହିଁ
ଅତୁଳ ସେ ମୃତ୍ୟୁର ଆସ୍ୱାଦ।"

ମୂଳ ଭାଗବତରେ ମାୟାମମତାର ପରିଣାମ ଭୟଙ୍କର ବୋଲି ଚିତ୍ରିତ ହୋଇଅଛି। ତେଣୁ ମାୟାମମତା ଶ୍ରେୟ ଓ ସ୍ପୃହଣୀୟ ନୁହେଁ। ମାତ୍ର ଲେଖକ ମାୟାମମତାର ମନୋଜ୍ଞତା, ପକ୍ଷୀଜୀବନର ତ୍ୟାଗ ଓ ମଣିଷର ଅମଣିଷତାର ଏକ ଉଜ୍ଜ୍ୱଳ ଚିତ୍ର ଅଙ୍କନ କରିଛନ୍ତି।

'ଚନ୍ଦ୍ର ଦେହେ ଶଶାର ଛବି' କବିତାର କଥାବସ୍ତୁ Donald A. Makingie ଙ୍କର Burmese Wonder Tales ରେ ଅଛି, ମାତ୍ର ତାହା ବୌଦ୍ଧ ଜାତକର 'ଶଶ ଜାତକ' ଗଳ୍ପ। ଏଇଥିରୁ କବିତାର ଉପାଦାନ ଗ୍ରହଣ କରିଥିବା ବିଷୟ ଲେଖକ ନିଜ 'ଟିପ୍ପଣୀ'ରେ ସ୍ୱୀକାର କରିଛନ୍ତି ଏବଂ ଗଳ୍ପର ବ୍ରାହ୍ମଣ ସ୍ଥାନରେ ସେ 'ପାନ୍ଥ' ଚରିତ୍ର ଉଲ୍ଲେଖ କରିଛନ୍ତି। କଟାସ, ଶୃଗାଳ ଓ ବାନରଙ୍କର ଅତିଥି-ସେବାଠାରୁ ଜାତକ—ବର୍ଣ୍ଣିତ ଶଶକର ଆତ୍ମତ୍ୟାଗ ସମ୍ପୂର୍ଣ୍ଣ ଭିନ୍ନ ଓ ଅନୁପମ।

ଜୀବନଦାନୀ ଶଶକ ପ୍ରତି ପାନ୍ଥ ପ୍ରୀତ ହୋଇ କହିଛନ୍ତି—

ନୁହେଁ ରେ ମୁହିଁ ବୁଭୁକ୍ଷିତ
କ୍ଳାନ୍ତ ପଥଚାରୀ
ସ୍ୱର୍ଗର ମୁଁ ଅମର ନାଥ
ଛଦ୍ମ ବେଶଧାରୀ।
ଅବୋଧ ପଶୁ ଜନ୍ମ ପାଇ
ମହାନ୍ ତୁହି ଶଶା,
ଅତିଥି ଲାଗି ଜୀବନ ଦେଲୁ
ମହୀରେ ମହାଯଶା।

'ଗୋଲାପ ଓ ବୁଲ୍‌ବୁଲ୍' କଥା Oscar Wildeଙ୍କର Rose and Nightingale କଥାରୁ ଗୃହୀତ ବୋଲି ଲେଖକ ଉଲ୍ଲେଖ କରିଛନ୍ତି। ତାହା ଏକ ଗଳ୍ପ। ମାତ୍ର ଏଇ କ୍ଷୁଦ୍ର କବିତାର ତନୁ— ତନିମାରେ ଭାବ—ଘନିମା ପରିଣତ ଲେଖନୀର ପରିଚୟ ଦେଇଅଛି। ବୁଲ୍‌ବୁଲ୍ ଧୂସର ଗୋଲାପର ଲୌହିତ୍ୟ ପାଇଁ ଆତ୍ମପ୍ରକାଶ କରିଛି—

---

*ବୌଦ୍ଧ ଜାତକରେ 'ଉଦ୍‌ବିଡ଼ାଳ' ବୋଲି ଉଲ୍ଲିଖିତ। ଏଇ ଉଦ୍‌ବିଡ଼ାଳ ଆମର ପରିଚିତ 'କଟାସ'।
** ଶଶକ ବୌଦ୍ଧଜାତକରେ 'ଶଶପଣ୍ଡିତ' ବୋଲି ଉଲ୍ଲିଖିତ। ଏ ହେଉଛନ୍ତି ସ୍ୱୟଂ 'ବୋଧିସତ୍ତ୍ୱ' ବା 'ବୁଦ୍ଧ'। ତାଙ୍କର ସେବା ଓ ତ୍ୟାଗର ଦୃଷ୍ଟାନ୍ତ ପାଇଁ ଏହି ଜାତକ ଗଳ୍ପର ଅବତାରଣା।

Digitized by PPRACHIN, SOA

'ସବୁ ଲହୁ ଦେଇ ମୁହିଁ ବୁଲ୍‌ବୁଲ୍
କରି ଦେବି ତୋତେ ଲାଲ ବିଲକୁଲ...।'

ତା'ପରେ ବୁଲ୍‌ବୁଲ୍ ଗୋଲାପର କଣ୍ଟକ–ଶାଖାରେ ନିଜର ନଗ୍ନ ବକ୍ଷ ସଂଲଗ୍ନ କରିଦେଇଛି। ପରିଣାମରେ–

ହତ ବୁଲ୍‌ବୁଲ୍ ବିକ୍ଷତ ବୁକେ
ଲଗନ ହୋଇଛି କଣ୍ଟକ–ମୁଖେ
ଗୋଲାପ ଫୁଟିଚି
ଲାଲ ଉକୁଟିଚି
ରକତ–ଆସବ ଲଭି।

'ମରୁର ଈଗଲ' ଗୋଟିଏ ଚୀନା ଗଳ୍ପର କବିତା–ରୂପ। ମରୁଦ୍ୱୀପର ଈଗଲ ବହୁଦୂର ପଥ ଯାଇ ଭିନ୍ନ ଭିନ୍ନ ଦିଗରୁ ଶୁକ୍ତି, ତୃଣ, ଫଳ ଓ ଶସ୍ୟ ଆହରଣ କରି ମରୁଦ୍ୟାନର ସୌଷ୍ଠବ ପୁଷ୍ଟ କରିଛି। ଦିଗ୍‌ବିଦିଗର ପ୍ରଲୋଭନ ଏଡ଼ି ଦେଇ ଜନ୍ମମାଟିର ମାୟା କେଡ଼େ ପ୍ରେୟ ଓ ଶ୍ରେୟ, ତା'ର ପ୍ରମାଣ ସେ ଦେଖାଇ ଦେଇପାରିଛି। ଗାଥା ଭଙ୍ଗୀରେ କବିତାଟିର ପ୍ରାରମ୍ଭ–

'ସନ୍ତାପିତ ଜୀବନେ ଯଥା ଅଶ୍ରୁ ଆବେଦନ
ସୃଜଇ ଟିକେ ସରଗ ଶୁଭାଶିଷ
ବିପୁଳ ମରୁ–ଉରସ ପରେ ଶୀର୍ଣ୍ଣ ମରୁଝର
ଗଢ଼ିଛି ଏକ କ୍ଷୁଦ୍ର ଓଏସିସ୍।

–କବିତାଟିର ବିକାଶ ଓ କ୍ରମପରିଣତିକୁ ଲଳିତ ଛନ୍ଦ ଲାବଣ୍ୟ ଓ କଳାଶ୍ରୀରେ ବିଭୂଷିତ କରିଛି।

'ଚିତ୍ରଗ୍ରୀବ' କବିତାଟି 'ପଞ୍ଚତନ୍ତ୍ର' ଓ 'ହିତୋପଦେଶ'ର ଗଳ୍ପପୀଠିକା ଉପରେ ରଚିତ। କପୋତକୁଳ–ନାୟକ ଚିତ୍ରଗ୍ରୀବ ସ୍ୱଜାତି ଓ ସ୍ୱଜନ ପାଇଁ ଜୀବନଦାନ କରିବାକୁ କିପରି ବ୍ୟାକୁଳ, ତା'ର ମହନୀୟ ଦୃଷ୍ଟାନ୍ତ ଆଜିର ଜୀବନରଙ୍କ ଓ ସ୍ୱାର୍ଥପର ମନୁଷ୍ୟଜାତି ନିକଟରେ କବି ଉପସ୍ଥାପିତ କରିଛନ୍ତି।

''ଆଗ ଏ ସକଳେ ଉଦ୍ଧାର କର, ମୁକ୍ତକର,
ପଛକୁ ରହିଲେ ଗଲେ ଜୀବ ପ୍ରାଣ
ଜାତି ପାଇଁ ମୋର ହେବ ଅବଦାନ,
କି ଲାଗି ମୁଁ ହେବି ଜୀବନରଙ୍କ ସ୍ୱାର୍ଥପର ?''

ଆଜିର ସ୍ୱାର୍ଥାନ୍ୱେଷୀ ଜନନାୟକଗଣ ଏହି କପୋତନାୟକଙ୍କଠୁଁ କିଛି ଶିକ୍ଷା ଲାଭ କରିବା କ'ଣ ଅକର୍ତ୍ତବ୍ୟ ? ଏହି କବିତାର ମୂଷିକରାଜ ହିରଣ୍ୟକର ବନ୍ଧୁବତ୍ସଳତା ତଥା ସମୂହକଲ୍ୟାଣ–ଚେତନା ମଧ୍ୟ ପାଠକ ପ୍ରାଣରେ ଅବିସ୍ମରଣୀୟ।

Digitized by PPRACHIN, SOA

'ରଣସିଂ' ଓ 'ଶକ୍ତିଧର' କବିତା ଦୁଇଟି ହାତୀଙ୍କର ପ୍ରାଣାନୁଭୂତି ଉପରେ ରଚିତ ଏବଂ 'ଶକ୍ତିଧର' କବିତାର ଉପାଦାନ କବି ବୌଦ୍ଧଜାତକରୁ ଗ୍ରହଣ କରିଥିବାର ଉଲ୍ଲେଖ କରିଛନ୍ତି। ଦେଶର ପାଟହାତୀ 'ରଣସିଂ' ସମର ପ୍ରାଙ୍ଗଣରେ ତା'ର ପ୍ରିୟନିଷାଦୀର ମୃତ୍ୟୁ ପରେ ମଧ୍ୟ ଅକୁତୋଭୟ ଭାବରେ ଛିଡ଼ା ହୋଇଛି ଏବଂ ନିଜର ଶୌର୍ଯ୍ୟ ସାଧନାର ପରିଚୟ ପ୍ରଦାନ କରିଛି।

ଜାତିର ପତାକା ମୁଁ ତୋଳିଚି ଊର୍ଦ୍ଧ୍ୱେ,
କରିବି ନାହିଁ ନତ ଜାତିର ମନୋରଥ
ଆଜି ଏ ଯୁଦ୍ଧେ।

ଶେଷରେ ବିଜୟୀ ରଣସେନା ଶିବିର ଅଭିମୁଖରେ ପ୍ରତ୍ୟାବର୍ତ୍ତନ କରିଛନ୍ତି; ମାତ୍ର ପ୍ରିୟ ନିଷାଦୀର ମୃତ୍ୟୁରେ ଶୋକାକୁଳ ରଣସିଂକୁ ସମର କ୍ଷେତ୍ରରୁ ସେମାନେ ଆଣିପାରି ନାହାନ୍ତି। ରଣସିଂର ପରିଚିତ ନିଷାଦୀ–ସୁତକୁ ଯୁଦ୍ଧ କ୍ଷେତ୍ରକୁ ଆଣିବାରୁ ତାର ସସ୍ନେହ–ଆକର୍ଷଣରେ ସେ ଶିବିରକୁ ଫେରିଛି। କିନ୍ତୁ ରାତ୍ରି– ଅବସାନ ମାତ୍ରକେ ପୁଣି ନିଜର ସାଥୀ ଓ ସାରଥି ଚିରନିଦ୍ରାରେ ସୁପ୍ତ ରହିଥିବା ସେଇ ସମର-ପ୍ରାଙ୍ଗଣକୁ ସେ ଚାଲି ଯାଉଛି।

"ଯେଉଁଠି ମୋର ରଥୀ,
ସାରଥି ସୁପ୍ତ,
ସେଇଠି ନିର୍ଭୀକ
ମୁଁ ଏକ ସୈନିକ
ମରଣ–ତୃପ୍ତ।"

'ରଣସିଂ'ର ଦେଶ–ପ୍ରୀତି ଓ ମରଣ–ସାଧନା ମାନବ ଜଗତରେ ମଧ୍ୟ ଅନୁକରଣୀୟ। ସେଇପରି ବୃଦ୍ଧହସ୍ତୀ 'ଶକ୍ତିଧର'ର ରଣପ୍ରୀତି ସଂଗ୍ରାମୀ ଜୀବନ ପାଇଁ ଏକ ଚିରନ୍ତନ ଆଦର୍ଶ।

'ବଉଳା ଓ ମହାବଳ' କବିତାଟି ପଞ୍ଚସଖା ଯୁଗର କବି ବଳରାମ ଦାସଙ୍କର 'ବଉଳାଗାଈ ଗୀତ' କବିତାର ଉପାଦାନ ଉପରେ ରଚିତ। ଅତୀତ କାଳର ଏଇ କାହାଣୀଟି ଓଡ଼ିଶାର ଜନ–ଜୀବନରେ ଆଜି ମଧ୍ୟ ମାନବିକ ସହୃଦୟତା ଓ ସତ୍ୟନିଷ୍ଠାର ଆଦର୍ଶ ଭାବରେ ସ୍ମରଣୀୟ ହୋଇ ରହିଛି। ମାତ୍ର ସେଇ କବିତାର ଦୀର୍ଘ ଓ ସ୍ଫୀତ ପରସିରକୁ ଏକ ସାହିତ୍ୟିକ ବ୍ୟାଲାଡ଼ର ପରିସୀମା ମଧ୍ୟରେ ସଂକ୍ଷିପ୍ତ ଓ ସଂଯତ କରି କବି ଶ୍ରୀ ଗଡ଼ନାୟକ ନୂତନ କାବ୍ୟଶ୍ରୀ ଏଥିରେ ସଂଯୋଜନ କରିଛନ୍ତି। ଏହି କବିତାଟିରେ ବଉଳାର ସନ୍ତାନସ୍ନେହ ଓ ସତ୍ୟନିଷ୍ଠା ସହିତ ହିଂସ୍ର ବ୍ୟାଘ୍ରର ହୃଦୟ ପରିବର୍ତ୍ତନର ଅମରଚିତ୍ର ସାର୍ଥକ ଭାବରେ ଅଙ୍କିତ।

Digitized by PPRACHIN, SOA

"ଧନ୍ୟ ବଉଳା ଧନ୍ୟ ତୋ ପିଲା
ଧରଣୀ ତଳେ
ଜିତିଲୁ ମତେ ଲୋ ଜିତିଲୁ ଆଜି ତୁ
ସତ୍ୟ ବଳେ।
ହିଂସାର ପ୍ରାଣ ଭୋକେ ଯାଉ ଆଜି
ଦୁଃଖ ନାହିଁ,
ପୁଣ୍ୟ ଜୀବନ ରହୁ ଆଜି ତୋର
ସତ୍ୟ ପାଇଁ।"

'ବୋ' ଏକ ଶ୍ୱାନ। ତାର ମୁନିବ-ସ୍ନେହ ପାଇଁ ଇଂରାଜି କବି William Cowper 'The Dog and the Waterlily' କବିତା ରଚନା କରି ତା' ପ୍ରତି ଯେଉଁ ସ୍ନେହ–ଉପହାର ଦେଇଛନ୍ତି, ତା'ରି ଭିତ୍ତି ଉପରେ 'ବୋ' କବିତାଟି ରଚିତ। ମଣିଷ–ମନ–ଦୁର୍ଲଭ ମନ–ଜୟ ପଶୁ ଜଗତରେ ମଧ କିପରି ସହଜ–ସଂଭବ, ତାଆରି ସରଳ ଓ ସରସ ଚିତ୍ର ପାଇଁ କବି ଶ୍ରୀ ଗଡ଼ନାୟକ 'ପଶୁପକ୍ଷୀର କାବ୍ୟ'ରେ ଏହି ଶ୍ୱାନ–ଚରିତ୍ରର ଅବତାରଣା କରିଛନ୍ତି।

'ଶୁଆ ଓ ଦେବଦୂତ' କବିତାର ଉପାଦାନ ମହାଭାରତର ଅନୁଶାସନ ପର୍ବ ଓ ବୌଦ୍ଧ ଜାତକର 'ମହାଶୁକଜାତକ'ରେ ରହିଥିବା ବିଷୟ କବି ନିଜ 'ଟିପ୍ପଣୀ'ରେ ଉଲ୍ଲେଖ କରିଛନ୍ତି। ମାତ୍ର କବି କଥାବସ୍ତୁର ସାମାନ୍ୟ ପରିବର୍ତ୍ତନ କରି ଇନ୍ଦ୍ର ସ୍ଥାନରେ ଦେବଦୂତ ଓ ବ୍ରାହ୍ମଣ ସ୍ଥାନରେ ପାନ୍ଥକୁ ଗ୍ରହଣ କରିଛନ୍ତି। ମିତ୍ରଧର୍ମର ମହତ୍ତ୍ୱ ବର୍ଣ୍ଣନା କରିବାହିଁ ମୂଳ କଥାବସ୍ତୁର ଲକ୍ଷ୍ୟ। ସେହି ଲକ୍ଷ୍ୟସାଧନ ପାଇଁ କବିତାଟିର ମଧ ଆତ୍ମପ୍ରକାଶ। ଆଶ୍ରୟଦାତା ବୃକ୍ଷଟି ବିପନ୍ନ ହେଲେ ସୁଦ୍ଧା ଶୁକପକ୍ଷୀ ତାର ପ୍ରିୟ ତରୁବାସ ଛାଡ଼ି ଯାଇନାହିଁ। ବରଂ ସେ କହିଛି–

"ବିପଦ ପଡ଼ିଲା ବୋଲି ଆଜି ଏଇ ତରୁବାସେ
କେଉଁ ପରି ଆଜି ଉଡ଼ିଯିବି ଭଲା କେଉଁ ଆଶେ ?
ଆନପୁର ପାଇଁ
ହେବି କି ଆଶାୟୀ
ଗଲେ ଯାଉ ପ୍ରାଣ ଉପବାସେ।"

'ବଳାକା' କବିତାର ଉପାଦାନ Edith Hamilton ଙ୍କ Mythology–ରୁ ଗୃହୀତ। ପ୍ରାୟ ଖ୍ରୀ: ପୂ: ୫୫୦ରେ ଗ୍ରୀସ୍‌କବି ଆଇବିକ୍‌ସଙ୍କ ଜୀବନର ଏହା କରୁଣତମ ଘଟନା। ଦସ୍ୟୁଦଳ ଦ୍ୱାରା ନିହତ କବିଙ୍କର ମୃତ୍ୟୁ-ସଂବାଦ ବଳାକାଦଳ ଦ୍ୱାରାହିଁ ଜନଗୋଚର ହୋଇ ପାରିଥିଲା ଏବଂ ନଗରର ନାଟ୍ୟଶାଳାରେ ଜନତା ସେଇ ଆତତାୟୀ ଦଳର ପରିଚୟ ପାଇ ପ୍ରିୟ କବିର ମୃତ୍ୟୁର ପ୍ରତିଶୋଧ ଗ୍ରହଣ

Digitized by PPRACHIN, SOA

କରିଥିଲା । ଗ୍ରୀକ୍‌ପୁରାଣ ବର୍ଣ୍ଣିତ ଏହି କିମ୍ବଦନ୍ତୀରୁ ବଳାକାର ମାନବୋଚିତ ସହ-ମର୍ମିତା ଓ ସମ୍ବେଦନଶୀଳତାର ଚିତ୍ର ସ୍ପଷ୍ଟ । କବି ଶ୍ରୀ ଗଡ଼ନାୟକ ଏହି କାହାଣୀର ନିର୍ଜୀବ କଙ୍କାଳକୁ ରକ୍ତମାଂସରେ ପରିପୁଷ୍ଟ କରି ରସଘନ ରୂପ ପ୍ରଦାନ କରିଛନ୍ତି । ଆମର ନିତ୍ୟପରିଚିତ ଏଇ ଧୂଳିଧୂସର, ନିଷ୍ଠୁର ଓ ପାଶବିକ ପୃଥିବୀରେ କବି କାଳଜୟୀ କାହାଣୀ ଯେପରି ସୃଷ୍ଟି କରି ପାରେ, ଅନ୍ୟ ଦିଗରେ ଗୋଟିଏ ନିର୍ଜୀବ କିମ୍ବଦନ୍ତୀକୁ ମଧ୍ୟ ଅସ୍ଥି–ରୁଧିର ଦେଇ ସେ ଜୀବନ୍ୟାସ ଦେଇପାରେ । 'ବଳାକା' କବିତାଟି ଏହି ଦ୍ୱିତୀୟ ଦିଗର ଏକ ସାର୍ଥକ ଦୃଷ୍ଟାନ୍ତ ।

ଜାତୀୟ ବୀର ପ୍ରତାପସିଂହଙ୍କର ରଣଅଶ୍ୱ 'ଚୈତକ'ର କୃତିତ୍ୱ ଓ ତ୍ୟାଗ ଉପରେ 'ଚୈତକ' କବିତାଟି ରଚିତ । ଐତିହାସିକ Todd ଙ୍କ 'ରାଜସ୍ଥାନରେ' 'ଚୈତକ' ର ଯେଉଁ ମହିମାନ୍ୱିତ ବିବରଣୀ ପ୍ରଦତ୍ତ, ତା'ରି ଉପାଦାନ ଉପରେ ଏଇ କବିତାଟିର ଆତ୍ମପ୍ରତିଷ୍ଠା ବୋଲି କବି ଉଲ୍ଲେଖ କରିଛନ୍ତି । ମାତ୍ର ଏଇ କବିତାରେ ସ୍ରଷ୍ଟା ଶ୍ରୀ ଗଡ଼ନାୟକ 'ଚୈତକ'ର ଆତ୍ମତ୍ୟାଗ,'ଚୈତକ' ପ୍ରତି ପ୍ରତାପସିଂଙ୍କର ମମତାସ୍ନିଗ୍ଧ ଅଚ୍ଛଳ ଆତ୍ମୀୟତା, କୃତଘ୍ନ ଅନୁଜ ଭ୍ରାତାର ପରିଣତ ଆତ୍ମୋପଲବ୍ଧି ଏବଂ ପରିଶେଷରେ ସୌଭ୍ରାତୃର ସୁହୃଦ୍–ମିଳନ ଯେପରି ମନୋଜ୍ଞ ଓ ରସୋତୀର୍ଣ୍ଣ ଭାବରେ ଅଙ୍କନ କରିଛନ୍ତି, ତାହା ଇତିହାସକୁ ଜୀବନଠୁଁ ମଧ୍ୟ ଅଧିକ ଉପଭୋଗ୍ୟ ଓ ଆଦର୍ଶ କରି ଥୋଇଛି ।

'ହଂସଦୂତ' ଶୀର୍ଷକ ଦୁଇଟି କବିତା 'ପଶୁପକ୍ଷୀର କାବ୍ୟ'ରେ ନିହିତ ଏବଂ ଦୁଇଟିଯାକ କବିତାରେ ପକ୍ଷୀର ପ୍ରଣୟ–ଦୌତ୍ୟ ଓ ପ୍ରାଣମମତାର ଚିତ୍ର ଅଙ୍କିତ । ଦୁଇଟିଯାକ କବିତାର ଉପାଦାନ କବି ସଂସ୍କୃତ–ସାହିତ୍ୟର 'ନୈଷଧ' ଓ 'ହଂସ–ଦୂତ'ରୁ ଗ୍ରହଣ କରିଛନ୍ତି । ରାଜା ନଳଙ୍କ ଦ୍ୱାରା ବିଧୃତ ହଂସର କାତର ଓ ଆକୁଳ ମିନତି 'ନୈଷଧ'ର ଏକ ଅବିସ୍ମରଣୀୟ ଶ୍ଳୋକ । ତାହା ହେଉଚି–

> "ମଦେକ ପୁତ୍ରା ଜନନୀ ଜରାତୁରା,
> ନବ ପ୍ରସୂତିର୍ବରଟା ତପସ୍ୱିନୀ ।
> ଗତିସ୍ତୟୋରେଷ ଜନସ୍ତମର୍ଦ୍ଦୟନ,
> ନ ହୋ ବିଧେ ତ୍ୱାଂ କରୁଣାରୁଣଦ୍ଧିନ ।"

ହଂସର ଅଚ୍ଛଳ ଆବେଦନରେ ରାଜା ତାକୁ ମୁକ୍ତି ଦାନ କରିଛନ୍ତି ଓ ସେଇ ଉପକାରର ସ୍ମାରକୀ ପାଇଁ କୃତଜ୍ଞ ହଂସ ତାଙ୍କୁ ରୂପବତୀ, ଗୁଣବତୀ ଓ ଯଶୋବନ୍ତୀ ଦମୟନ୍ତୀଙ୍କର ସନ୍ଧାନ ଦେଇଛି । ହୃଦୟବାର୍ତ୍ତାବହ ଏଇ ହଂସ ଦ୍ୱାରା ହିଁ ପରିଶେଷରେ ନଳ ଓ ଦମୟନ୍ତୀଙ୍କର ପରିଣୟ ସମ୍ଭବପର ହୋଇଛି । ଏଇ କଥାବସ୍ତୁ ଉପରେ ଶ୍ରୀ ଗଡ଼ନାୟକଙ୍କର 'ହଂସଦୂତ' କବିତାଟି ଏକ ଅମଳିନ ସୃଷ୍ଟି । ରାଜା ନଳ ହଂସ ପ୍ରତି ତେଣୁ ନିଜ ଅନ୍ତରର ସଶ୍ରଦ୍ଧ ଅର୍ଘ୍ୟ ଦେଇ କହିଛନ୍ତି,–

Digitized by PPRACHIN, SOA

ହଂସରେ ତୁହି ବିହଗରାଜ,
କେଡ଼େ ଅଦ୍ଭୁତ ସାଧିଲୁ ଆଜ,
ନର ମୁହିଁ ଚିର ଅହଂକାରୀ
ତୋର ପାଶେ ଆଜି ଗଲି ରେ ହାରି ।
ବିନିମୟେ ତୋତେ କି ଦେବି କହ
ହଂସରାଜ ?
ଜୀବନେ ଜୀବନ–ହଂସ ମୋର
ହେଲୁତୁ ଆଜ ।''

ଦ୍ୱିତୀୟ 'ହଂସଦୂତ' କବିତାଟିରେ ହଂସ ଶ୍ୟାମ–ବିରହିଣୀ ରାଧିକା ପାଇଁ ଲଳିତାର ନିର୍ଦ୍ଦେଶରେ ମଥୁରାପ୍ରବାସୀ କୃଷ୍ଣଙ୍କ ନିକଟକୁ ବାର୍ତ୍ତାବହ ଭାବରେ ଗମନ କରିଥିବାର ସରସ ଓ ସାଙ୍କେତିକ ଚିତ୍ର ନିହିତ। ଏଇ ହଂସ ବିରହବିଧୁରା ରାଧା-ଜୀବନର କିପରି ଏକ ଦରଦୀ ଓ ମରମୀ ବନ୍ଧୁ, ତାହା ପ୍ରଦର୍ଶନ କରିବାହିଁ କବିଙ୍କର ଲକ୍ଷ୍ୟ। ସଂସ୍କୃତ 'ହଂସଦୂତ'ର ଆଂଶିକ ଅନୁବାଦ କବି ରାଧାନାଥ ରାୟ ପ୍ରଥମେ କରିଥିଲେ ଏବଂ ପରେ ଶ୍ରୀ ଚକ୍ରଧର ଆଚାର୍ଯ୍ୟ ଓ ଶ୍ରୀ ବଂଶଧୀର ମହାନ୍ତିଙ୍କ ଦ୍ୱାରା ଏହାର ପୂର୍ଣ୍ଣାଙ୍ଗ ଅନୁବାଦ ଓଡ଼ିଆ ସାହିତ୍ୟରେ ହୋଇଥିଲା। ମାତ୍ର ଅତୀତ କଥାବସ୍ତୁର ମର୍ମବାଣୀ ଓ ନିର୍ଯ୍ୟାସ ବହନ କରି ଏହି ସଂକ୍ଷିପ୍ତ ଗୀତି–କବିତାଟିର ଆତ୍ମପ୍ରକାଶ।

'ପଶୁରାଜ' କବିତାଟି 'ଆଣ୍ଡ୍ରୋକ୍ଲିସ ଓ ସିଂହ' ଉପାଖ୍ୟାନ ଉପରେ ରଚିତ। ଏଇ କାହାଣୀକୁ ବିଂଶ ଶତାବ୍ଦୀର ଅନ୍ୟତମ ବିଶିଷ୍ଟ ନାଟ୍ୟକାର ମନୀଷୀ ବର୍ଣ୍ଣାଡ଼୍'ଶ' ସରସ ନାଟ୍ୟରୂପ ପ୍ରଦାନ କରିଛନ୍ତି। କିନ୍ତୁ ଶ୍ରୀ ଗଡ଼ନାୟକ ସ୍ୱୀୟ କବିତାରେ ଧନ–କୁବେରର ନିର୍ମମତା ସହିତ ପଶୁରାଜ ସିଂହର ଉପକାରୀ ଜନପ୍ରତି ସ୍ନେହ–କୋମଳ କୃତଜ୍ଞତାର ହାର୍ଦ୍ଦିକ ଚିତ୍ର ପ୍ରଦାନ କରିଛନ୍ତି। ଶେଷରେ ସିଂହର ମମତା–ସ୍ନିଗ୍ଧ ପ୍ରାଣର ପରିଚୟ ପାଇ ଧନକୁବେରର ହୃଦୟ–ପରିବର୍ତ୍ତନ ଘଟିଛି ଏବଂ ସିଂହ ତଥା କ୍ରୀତଦାସ ଆଣ୍ଡ୍ରୋକ୍ଲିସ ବନ୍ଧ ଓ ପୀଡ଼ିତ ଜୀବନରୁ ମୁକ୍ତିଲାଭ କରିଛନ୍ତି। ଧନ–କୁବେର କହିଛି–

''ପଶୁରାଜ ନୁହେଁ ସିଂହ ତୋର,
ମଣିଷ ନୁହଁଇ ପଶୁରାଜ ମୁଁ
ଦୁନିଆର ତଳେ ଘୃଣ୍ୟ ଘୋର।
କ୍ଷମାକର ମୋତେ ଆଣ୍ଡ୍ରୋକ୍ଲିସ
ଦୁନିଆର ତଳେ ଘୃଣ୍ୟ ମୁହିଁ
ମୁକ୍ତ ତୋହର ସିଂହ ସାଥି
ମୁକ୍ତ ଏବେରେ ମୁକ୍ତ ତୁହି।''

Digitized by PPRACHIN, SOA

'ପଶୁପକ୍ଷୀର କାବ୍ୟ'ର ଶେଷ ସର୍ଗ ଓ ଶେଷ କବିତା ହେଉଛି 'ଲାଇକା'। ବିଜ୍ଞାନୀ ମାନବର କୌତୂହଳ ଓ ଜିଜ୍ଞାସା ପାଇଁ କୁକୁର 'ଲାଇକା' ଚନ୍ଦ୍ରଲୋକକୁ ପ୍ରଥମ ଯାତ୍ରୀ ହୋଇ ସହିଦ ଗୌରବ ଅର୍ଜନ କରିଛି। ଶ୍ରୀ ଗଡ଼ନାୟକ ଏହି କବିତାଟିରେ ବିଜ୍ଞାନସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟର ଜୟଲିପ୍‌ସା ସହିତ 'ଲାଇକା'ର ଅସହାୟ ଆତ୍ମବଳିର କରୁଣ ଆଲେଖ୍ୟ ଅଙ୍କନ କରିଛନ୍ତି। କବି 'ଲାଇକା' ପ୍ରତି ସ୍ନେହ—କରୁଣା—ପରବଶ ହୋଇ ତେଣୁ କହିଛନ୍ତି—

"ଦୃପ୍ତ ପତାକା ଉଠାଇ ଊର୍ଦ୍ଧ୍ୱ ନଭେ
ଦିଗ୍‌ବିଜୟର ଉଲ୍ଲାସେ ଆଜି ମର ଧରଣୀବାସୀ,
ମାତ୍ର ଲାଇକା କରୁଣ ତୋ' ଚିତ୍କାର
ଗଭୀରତର ମୋ ମର୍ମେ ବାଜୁଛି ଆସି।"

'ପଶୁପକ୍ଷୀର କାବ୍ୟ"ର ପ୍ରତ୍ୟେକଟି ପଶୁ ଓ ପକ୍ଷୀ ମାନବିକ ଅନୁଭୂତିର ବିଭବରେ ଋଦ୍ଧିମନ୍ତ ହୋଇ ଉଜ୍ଜ୍ୱଳ ଚରିତ୍ର ରୂପରେ ଆତ୍ମପ୍ରକାଶ କରିଛନ୍ତି। ସମଗ୍ର କାବ୍ୟଗ୍ରନ୍ଥଟି କବି ଶ୍ରୀ ଗଡ଼ନାୟକଙ୍କର ଏପରି ଏକ ବେଦନାବିଦ୍ଧ ମାନସିକ ମୁହୂର୍ତ୍ତର ପରିପ୍ରକାଶ, ଯେତେବେଳେ କି ସେ ମନୁଷ୍ୟ ନିକଟରେ ମନୁଷ୍ୟୋଚିତ ଆଶା ଓ ଆସ୍ଥା ହରାଇଛନ୍ତି। ଯେତେବେଳେ ମନୁଷ୍ୟ ତାଙ୍କ ନିକଟରେ ତଥାକଥିତ ହିଂସ୍ର ଜୀବଜନ୍ତୁଙ୍କଠୁଁ ମଧ ଅଧିକତର ହିଂସ୍ର, ନିର୍ମମ ଓ ପାଶବିକ ଭାବରେ ପ୍ରତୀୟମାନ ହୋଇ ଦେଖାଦେଇଛି। ଗ୍ରନ୍ଥର 'ପଦେ' ଅଧ୍ୟେରେ ମଧ କବି ଏକଥା ମୁକ୍ତ କଣ୍ଠରେ ସ୍ୱୀକାର କରିଛନ୍ତି। ସେଥିପାଇଁ ତାଙ୍କର କବିପ୍ରାଣ ପଶୁପକ୍ଷୀର ଚରିତ୍ରରେ ମାନବ—ଦୁର୍ଲଭ ସ୍ନେହ—ମମତାର ଅଶ୍ରୁବାରି, ଆଶା—ବିଶ୍ୱାସ ଓ ତ୍ୟାଗର ମହନୀୟ ଉତ୍ସ ସନ୍ଧାନ କରିଛନ୍ତି। ଅଧିକାଂଶ କବିତାରେ ଅତୀତର କ୍ଲାସିକ୍ ଚୈତନ୍ୟ ନବଯୁଗର ରୂପ ଓ ରସରମ୍ୟତାରେ ଶାଣିତ ହୋଇ ପ୍ରୋଜ୍ଜ୍ୱଳ ଜୀବନଧର୍ମରେ ଦୀକ୍ଷିତ ହୋଇଉଠିଛି। ଏହି ଗ୍ରନ୍ଥଟି କବି ଶ୍ରୀ ଗଡ଼ନାୟକଙ୍କର କାବ୍ୟଜୀବନର କ୍ରମପରିଣତି ପଥରେ ତେଣୁ ଏକ ସ୍ଥାୟୀ ଓ ନିର୍ଦ୍ଦିଷ୍ଟ ମାଇଲ୍‌ଷ୍ଟୋନ୍ ହୋଇ ରହିବ ଏବଂ ସବୁକାଳର ଓଡ଼ିଆ କାବ୍ୟପାଠକ ପ୍ରାଣରେ ଆଶା—ବିଶ୍ୱାସ,ତ୍ୟାଗ—ମୈତ୍ରୀ ଓ ଜୀବନ- ସାଧନାର ଆଲୋକ—ରଶ୍ମି ବିକିରଣ କରିବ।

-୦-

Digitized by PPRACHIN, SOA

ଚିନ୍ତାମଣିଙ୍କ କବିମାନସ

'ହେ ଅଶ୍ରୁ ! ହେ ଦୟାଳୁ ଦେବତା– ହେ ଜୀବନସଖା, ଆସ, ବନ୍ଧୁ ଆସ। ତୁମ୍ଭେ ଦୀନ ନେତ୍ର– ସିଂହାସନର ରାଜା, ଦୀନର ଦୈନ୍ୟ-ନିମନ୍ତ୍ରଣ ଗ୍ରହଣ କର। ତୁମ୍ଭେ ମୋର ଚିରକାଳର ପୁରୁଣା ବନ୍ଧୁ; ରୋଗ, ଶୋକ, ସନ୍ତାପ ପ୍ରଭୃତିର ଆକ୍ରମଣ କାଳରେ ତୁମ୍ଭେ ବଳେବଳେ ଆସି ସାନ୍ତ୍ୱନା ଦିଅ। ତୁମ୍ଭେ ମନର ପୁଞ୍ଜୀଭୂତ କ୍ଳେଦକୁ ଭସାଇ ଆଣି ଭାରୀ ମନକୁ ଉଶ୍ୱାସ କରିଚ, ତୁମ୍ଭପରି ସୁବନ୍ଧୁ ଦୁଃଖୀଜନର ଆଉ କିଏ ଅଛି ? ତୁମ୍ଭର ମହୋପକାର ମୁଁ ଜୀବନରେ ସର୍ବଦା ଭୋଗ କରିଆସୁଅଛି। ତୁମ୍ଭର ଋଣ ଅପରିଶୋଧ, ଦୟା ଅନନ୍ତ, ତାହା ଭୁଲିବାର କଥା ନୁହେଁ।'

(ଅଶ୍ରୁନିମନ୍ତ୍ରଣ– ଚିନ୍ତାମଣି ମହାନ୍ତି)

ପ୍ରବନ୍ଧ ମଧ୍ୟରେ କବି ଚିନ୍ତାମଣି ମହାନ୍ତିଙ୍କ ଅଶ୍ରୁତପ୍ତ ପ୍ରାଣର ପରିଚୟ ଯେପରି ବର୍ତ୍ତମାନ, ବହୁ କାବ୍ୟ ଓ ଗୀତିକବିତା ମଧ୍ୟରେ ତାଙ୍କର ସେଇ ଅଶ୍ରୁଦଗ୍ଧ ହୃଦୟର ଜ୍ୱଳନ୍ତ ସ୍ୱାକ୍ଷର ଉତ୍‌କୀର୍ଣ୍ଣ। ତାଙ୍କ କବିମାନସର ଅନ୍ତଃପୁରରେ ପ୍ରବେଶ କରିବାକୁ ଏହି ଅଶ୍ରୁହିଁ କଣ୍ଢିକାଠି ସଦୃଶ ସହାୟକ। କବିଙ୍କର 'ଆତ୍ମଲିପି', 'ପୀଡ଼ିତର ପ୍ରାର୍ଥନା', 'ଆତ୍ମବିଳାପ', 'ପୀଡ଼ା', 'ଅଶ୍ରୁପୂଜା', ଓ 'ପ୍ରାର୍ଥନା' ପ୍ରଭୃତି କବିତା ଗୁଡ଼ିକରେ ଆମେ ପଢ଼ିଥାଉଁ–

ଜୀବନ – ସରଣୀ ବିପଦ – ପିଚ୍ଛିଳ,
 ଚାଲୁଅଛି ତହିଁ ହୋଇ ଟଳମଳ
ଜୀବନ – ମରଣ ସନ୍ଧି ସ୍ଥଳେ ମୋତେ,
 କରାଇଛି ଠିଆ ଭାଗ୍ୟ ଅବିରତେ।

ଅଥବା

କି କରିଛି ଅପରାଧ ପ୍ରଭୁ ମୁଁ ଏଭଳି,
 କ୍ଷମାସିନ୍ଧୁ କ୍ଷମାକୁ ସେ ପଡ଼ିଲା କି ବଳି,
କ୍ରମେ ଅଙ୍ଗ ପ୍ରତ୍ୟଙ୍ଗର କ୍ଷମତା ହରିଲ,
 ଜୀବୋନ୍ମୃତ କରି ସୁଦ୍ଧା ତୁଷ୍ଟି ନ ଭଜିଲ
ବହୁ ମର୍ମନ୍ତୁଦ ବ୍ୟଥା ଦେଉଅଛ ଆଣି,
 ପାଷାଣେ କି ତୁମ୍ଭ ହୃଦ ଗଢ଼ା ଚକ୍ରପାଣି ?

Digitized by PPRACHIN, SOA

ତୁମ୍ଭ ଦତ୍ତ ଦ୍ରବ୍ୟ ତୁମ୍ଭେ କରୁଛ ଗ୍ରହଣ,
ତହିଁରେ ଦୁଃଖର ମୋର କି ଅଛି କାରଣ ?
ଜୀବନକୁ ଘେନିଗଲେ ସରିଯାନ୍ତା ସଳ,
କରୁଛ କି ପାଇଁ ଭଳା ଏତେ କଲବଲ ?
ନ ଦେଇଣ ପ୍ରଭୁ କଷ୍ଟ ସହିବା କ୍ଷମତା,
କ୍ଳେଶଭାର ଲଦିବା କି ଯୁକ୍ତିଯୁକ୍ତ କଥା ?
କୁପୁତ୍ର ହୁଅଛି ସିନା, ନ ହୁଏ କୁ-ପିତା,
ମାତ୍ର ତୁମ୍ଭେ ଜାଳୁଅଛ ହୃଦେ ରୁଦ୍ର ଚିତା ।

(ପୀଡ଼ିତର ପ୍ରାର୍ଥନା)

ବେଦନାବିଦ୍ଧ ଓ ଯନ୍ତ୍ରଣାକାତର କବିହୃଦୟର କାରୁଣ୍ୟ ଏହି ପଙ୍‌କ୍ତିଗୁଡ଼ିକରେ କିପରି ଉଚ୍ଛ୍ୱାସମୟ ଅଭିବ୍ୟକ୍ତି ଲାଭ କରିଛି, ମରମୀ ପାଠକମାତ୍ରେଇ ତାହା ସହଜରେ ଅନୁଭବ କରି ପାରିବେ। କାରୁଣ୍ୟର ଏହି ମର୍ମଦାହୀ ମୂର୍ଚ୍ଛନା ତାଙ୍କ କାବ୍ୟ ସୃଷ୍ଟିର ଅନ୍ତଃରୂପକୁ ମଧ୍ୟ ବହୁ ସ୍ଥଳରେ ଅଶ୍ରୁସିକ୍ତ କରି ରଖିଅଛି।
'ମେଘାସନ'ର

'ଦୁଃଖେ ଝୁରି ଝୁରି ସାରିଲି ଆୟୁଷ
ମାତୃ-ଭୂମିର ମୁଁ ଅଲୋଡ଼ା ପାଉଁଶ।
ସ୍ୱଦେଶକୁ ଖାଲି ଦେଇଅଛି ଭାର
ସାଧିନାହିଁ କେବେ ପର ଉପକାର।'

ଅଥବା

'ମହେନ୍ଦ୍ର' କାବ୍ୟର

'କି କରିବି, ଆଜୀବନ ପରାଧୀନ ମୁହିଁ,
ଚାଲେ ପର ଗୋଡ଼େ ବାଟ, ଦେଖେ ପର ନେତ୍ରେ
ଦୃଶ୍ୟ, କହେ ପର ତୁଣ୍ଡେ କଥା, ଗାଏଁ ଗୀତ।'...... ପଙ୍‌କ୍ତି ସମୂହ
ଏହି ମନ୍ତବ୍ୟର ସାର୍ଥକ ନିଦର୍ଶନ।

ଦୁରାରୋଗ୍ୟ ରୋଗଯନ୍ତ୍ରଣା ମଧ୍ୟରେ ଦଗ୍‌ଧୀଭୂତ ଜୀବନ– ଶିଖାର ରଶ୍ମି ଓ ଉତ୍ତାପ ଚିନ୍ତାମଣି ତାଙ୍କର କାବ୍ୟ କବିତାଗୁଡ଼ିକ ମଧ୍ୟରେ ବିକିରଣ କରି ଯାଇଛନ୍ତି। ମାତ୍ର ତାଙ୍କ ଦୁଃଖବାଦ ମଧ୍ୟରେ ଆଶାର ଝଙ୍କାର ଝଙ୍କୃତ। ଏ ପ୍ରସଙ୍ଗରେ ମଧୁସୂଦନ ଓ ଗଙ୍ଗାଧରଙ୍କ ଶିଳ୍ପମାନସର ଆଦର୍ଶ ସ୍ମରଣୀୟ। ସେମାନଙ୍କ ଆଦର୍ଶ ଓ ଆନନ୍ଦବାଦ ଏକପାକ୍ଷିକ। ସେଥିରେ ଆତ୍ମପୀଡ଼ନର କାରୁଣ୍ୟ ପ୍ରକଟିତ ହୋଇନାହିଁ। ଭଗବାନଙ୍କ

Digitized by PPRACHIN, SOA

ନିକଟରେ ତାଙ୍କର ଆତ୍ମବେଦନା କହିବାର କିଛି ନାହିଁ। କିନ୍ତୁ ଚିନ୍ତାମଣି ଭଗବାନଙ୍କୁ ପ୍ରାଣର ସଖା ଓ ପ୍ରଭୁ ମନେକରି ତାଙ୍କ ପାଦରେ ଅଶ୍ରୁ- -ନୈବେଦ୍ୟ ବାଢ଼ିଛନ୍ତି। ଆଲୋଚନାର ପ୍ରଥମ ଦୁଇଟି ଉଦ୍ଧୃତି ଏହାର ବଳିଷ୍ଠ ସାକ୍ଷୀ। ଓଡ଼ିଆ କାବ୍ୟ—ସାହିତ୍ୟରେ ସାଲବେଗ, ଦୀନକୃଷ୍ଣ, କବିସୂର୍ଯ୍ୟ, ଭୀମଭୋଇ, କାନ୍ତକବି ଓ କୁନ୍ତଳାକୁମାରୀ ପ୍ରଭୃତିଙ୍କ ସୃଷ୍ଟିରେ ମଧ୍ୟ ଆତ୍ମପୀଡ଼ନର ଏହି ଅଶ୍ରୁ—ସଜଳ ବାର୍ତ୍ତା ଶ୍ରୁତି ଗୋଚର। ଚିନ୍ତାମଣିଙ୍କର—

ପକ୍ଷାନ୍ତରେ କଲୁ ବହୁ ହିତ ମୋର,
ତୋ ଅଭିଶାପ ହେଲା ମୋ ଭାଗ୍ୟେବର।
ଲଗାଇ ନ ଥିଲେ ତୁ ଚିର ବିବାଦ,
ଲଭନ୍ତି କାହୁଁ ମୁହିଁ ଭାରତୀ ପଦ। (ପୀଡ଼ା)

ଅଥବା

ବେଳ ଥାଉଁ ଥାଉଁ ହୁଅ ସୁଜାଗ୍ରତ,
ନ ମଣ ରେ ଆଉ ହିତକୁ ପିତା
ଗାଇଯା ଗାଇଯା ପ୍ରାଣମୟ ସ୍ୱରେ
ଆଜୀବନ ପୋଷା ଆଶା— କବିତା।
(ପ୍ରାଣବୀଣା)

— ପ୍ରଭୃତି ପଙ୍‌କ୍ତିଗୁଡ଼ିକ ଆତ୍ମନିପୀଡ଼ନ ଓ ଦୁଃଖ ମଧ୍ୟରେ ଆଶା ଓ ଆନନ୍ଦବାଦର ପରିଚାୟକ। ତେଣୁ ଏ ଅଭିବ୍ୟକ୍ତି ବାସ୍ତବ ଓ ବଳିଷ୍ଠ।

ବର୍ତ୍ତମାନ ଚିନ୍ତାମଣିଙ୍କ ସମକାଳୀନ ସୃଷ୍ଟି-ପରିବେଶ ଲକ୍ଷ୍ୟଣୀୟ। ରାଧାନାଥ ଯୁଗର ସର୍ବକନିଷ୍ଠ ଶିଳ୍ପୀ ଓ ରାଧାନାଥ ଯୁଗର ଶେଷ ରଶ୍ମିରେଖା ହେଉଛନ୍ତି ସ୍ରଷ୍ଟା ଚିନ୍ତାମଣି। ତେଣୁ ରାଧାନାଥ ଯୁଗର ମଧ୍ୟାହ୍ନ ମାର୍ତ୍ତଣ୍ଡର ପ୍ରଖର ରଶ୍ମି ପରିବର୍ତ୍ତେ ଅସ୍ତଗାମୀ ସୂର୍ଯ୍ୟର ନିର୍ବାଣୋନ୍ମୁଖ ରଶ୍ମିଜାଳ ଚିନ୍ତାମଣି— ସାହିତ୍ୟରେ ବର୍ତ୍ତମାନ। ସାହିତ୍ୟିକ ଯୁଗ—ନାଟକର ଶେଷ ଅଙ୍କର ଶେଷ ଦୃଶ୍ୟ ଚିନ୍ତାମଣି ସାହିତ୍ୟରେ ଅଭିନୀତ। ଚିନ୍ତାମଣିଙ୍କର ସୃଷ୍ଟି ପର୍ଯ୍ୟାପ୍ତ, ତେଣୁ ତାଙ୍କର ଧ୍ୟାନ ଏକନିଷ୍ଠ ନ ହୋଇ ବହୁନିଷ୍ଠ ହୋଇଥିବାରୁ ଘନିଷ୍ଠ ହୋଇ ପାରିନାହିଁ। ଏ ଦିଗରେ ଗଙ୍ଗାଧରଙ୍କ ସୃଷ୍ଟି ସ୍ୱଳ୍ପ ହେଲେହେଁ ଧ୍ୟାନ ଏକନିଷ୍ଠ ଏବଂ ଅତୀତକୁ ସମ୍ମୋହିନୀ ରୂପ ଦେବାରେ ସେ ସିଦ୍ଧହସ୍ତ। ତେଣୁ ନିଜ ଶୈଳୀର ସମସ୍ତ ପ୍ରଗତିଶୀଳତା ଓ ପୁରୋଦୃଷ୍ଟି ମଧ୍ୟରେ ବି ଚିନ୍ତାମଣିଙ୍କର ସୃଷ୍ଟି ଅବହେଳିତ। କେବଳ କାବ୍ୟ ନୁହେଁ, କ୍ଷୁଦ୍ର କ୍ଷୁଦ୍ର ଖଣ୍ଡକବିତା ମଧ୍ୟ 'ଅମିତ୍ରାକ୍ଷର' ଛନ୍ଦରେ ସେ ଲେଖିଛନ୍ତି, ଯାହାକି ଓଡ଼ିଆ ସାହିତ୍ୟରେ ସମ୍ପୂର୍ଣ୍ଣ ଏକକ। ପ୍ରାଚୀନ ପରମ୍ପରାକୁ ଗ୍ରହଣ କରିଥିଲେ ବି କାବ୍ୟକୁ ସହଜ ଓ ମୁକ୍ତ କରିବାର ସେ ପକ୍ଷପାତୀ। ମାତ୍ର ଆମର ଅତୀତ-ମୋହ ଓ ରକ୍ଷଣଶୀଳ ରୁଚି ଚିନ୍ତାମଣିଙ୍କ ସାହିତ୍ୟ-ବିଚାରରେ

Digitized by PPRACHIN, SOA

ଯଥାର୍ଥ ସହାନୁଭୂତି ପ୍ରକାଶ କରିନାହିଁ। ଏ ସମ୍ପର୍କରେ ଗଙ୍ଗାଧରଙ୍କ ବରପାଲୀ ପରିବେଶ ଓ ଚିନ୍ତାମଣିଙ୍କ ଭଦ୍ରକ ପରିବେଶ ସ୍ମରଣୀୟ। ସେ ଅଞ୍ଚଳର ସାରସ୍ୱତ ଊଷରଭୂମିରେ ସେତେବେଳେ ଗଙ୍ଗାଧର ହେଉଛନ୍ତି ଏକମାତ୍ର ବନସ୍ପତି। ମାତ୍ର ଚିନ୍ତାମଣିଙ୍କ ଆତ୍ମପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶର ଥିଲା ଅଭାବ। ରାଧାନାଥ ଓ ଫକୀରମୋହନଙ୍କ ସାରସ୍ୱତ ପ୍ରତିଭାର ଛାୟାରେ ଆଚ୍ଛନ୍ନ ଓ ଆକ୍ରାନ୍ତ ହୋଇଥିଲା ତାଙ୍କର ପରିବେଶ। ଚିନ୍ତାମଣିଙ୍କ ଶିକ୍ଷା ଥିଲା ସ୍ୱଳ୍ପ, ଦୈନ୍ୟପୂରିତ ଥିଲା ତାଙ୍କର ଜୀବନ। ରୁଗ୍ଣ ଶରୀରରେ ମନକୁ ସୁସ୍ଥ ରଖି ସେ ଯେ ସୃଷ୍ଟି କରୁଥିଲେ, ତାହାହିଁ ପରମ ଆଶ୍ଚର୍ଯ୍ୟ। ସେ ସୃଷ୍ଟି–ସମ୍ଭାର ପୁଣି ବିଚିତ୍ର ଓ ବ୍ୟାପକ।

ରାଧାନାଥ ହିଁ ତାଙ୍କ କବିମାନସର ଗୁରୁ। ନିଜ ସୃଷ୍ଟିର ବହୁ ସ୍ଥଳରେ ତାଙ୍କର ପଦାଙ୍କ ଅନୁସରଣ ସେ କରିଛନ୍ତି। ଓଭିଡ୍‌ଙ୍କ " The Epistles of the Heroines" ଛାୟାରେ ମାଇକେଲ ମଧୁସୂଦନ ଲେଖିଛନ୍ତି 'ବୀରାଙ୍ଗନା'। ସେଇ ଧାରାରେ ରାଧାନାଥ ଲେଖିଛନ୍ତି 'ଲେଖାବଳୀ' (ବଙ୍ଗଳା)। 'ଲେଖାବଳୀ'ର ଚିତ୍ର ଓ ଚରିତ୍ରଗୁଡ଼ିକର ପ୍ରତ୍ୟୁତ୍ତର ଚିନ୍ତାମଣି ଦେଇଛନ୍ତି ତାଙ୍କର 'ପ୍ରତିଲେଖ'ରେ ଏବଂ ଅନୁସରଣରେ ତାଙ୍କର ନିଜସ୍ୱ ସୃଷ୍ଟି ହେଉଛି 'ପ୍ରଣୟ ଚିଟାଉ'। ରାଧାନାଥଙ୍କ 'ଚନ୍ଦ୍ରଭାଗା'ର ପ୍ରଭାବ 'ମୋହିନୀ'ରେ ଏବଂ 'ଚିଲିକା'ର ପ୍ରଭାବ ତାଙ୍କର ମେଘାସନ, ମହେନ୍ଦ୍ର, ସାଳନ୍ଦୀ, ମହୋଦଧି, ଉଦ୍ୟାନଖଣ୍ଡ ଓ ସିଂହରାଜ ଆଦି ବହୁ ପ୍ରକୃତି–ବର୍ଣ୍ଣନାତ୍ମକ କାବ୍ୟରେ ଲକ୍ଷଣୀୟ। ପ୍ରକୃତି ଚିତ୍ରଣରେ (କେବଳ ଗଞ୍ଜାମ ଅଞ୍ଚଳକୁ ବାଦ୍ ଦେଲେ) ରାଧାନାଥଙ୍କ ପ୍ରକୃତିର ପୁନରାବୃତ୍ତି କରିଛନ୍ତି ସେ। ଅନ୍ୟ ଦିଗରେ ଗଙ୍ଗାଧର ହେଉଛନ୍ତି ସମ୍ବଲପୁରୀ ପ୍ରକୃତିର ପ୍ରିୟପୁତ୍ର ଓ ଚିତ୍ରକର। ଗଙ୍ଗାଧରଙ୍କ ପ୍ରକୃତି ଅନ୍ତରଙ୍ଗ; ମାତ୍ର ଚିନ୍ତାମଣିଙ୍କ ପ୍ରକୃତି ବହିରଙ୍ଗ ହୋଇ ରହିଛି। କେବଳ 'ପ୍ରଣୟଚିଟାଉ'ରେ ତାଙ୍କର ପ୍ରକୃତି ମୂର୍ତ୍ତିମତୀ ଏବଂ ଆଦର୍ଶ ଦୃଷ୍ଟିକୋଣରୁ ତାଙ୍କର ପ୍ରକୃତି 'ପରମା ମାତା, ଶାଶ୍ୱତୀ ଓ କଲ୍ୟାଣୀ'।

ପ୍ରଣୟ ଓ ପରିଣୟ ସମ୍ପର୍କରେ ଚିନ୍ତାମଣିଙ୍କ ଦୃଷ୍ଟିକୋଣ ତାଙ୍କର ବହୁ କାବ୍ୟକବିତାରେ ନିହିତ। 'ପ୍ରଣୟ ଚିଟାଉ' ଏ କ୍ଷେତ୍ରରେ ତାଙ୍କର ଏକ ଅମଳିନ ସୃଷ୍ଟି। 'କଳ୍ପଲତା' କାବ୍ୟରେ ପୁଷ୍ପାକର ଓ କଳ୍ପଲତାର ପ୍ରଣୟାଦର୍ଶର ଯେଉଁ ଚିତ୍ର କବି ଆଙ୍କିଛନ୍ତି, ତାହାର ଜନ୍ମ, ରୂପର ମାଦକତା ଭିତରେ ନୁହେଁ– ବୌଦ୍ଧିକତାର ଉନ୍ନତ ସ୍ତରରେ। 'ଶଶୀପ୍ରଭା' ସେହିପରି ତାଙ୍କର ଏକ ଉଲ୍ଲେଖଯୋଗ୍ୟ ଦାନ। 'ସପ୍ତସତୀ'ରେ ଆଦର୍ଶ ପ୍ରଣୟ ଓ ପରିଣୟର ଚିତ୍ର ସେ ପ୍ରଦାନ କରିଛନ୍ତି।

ସମଗ୍ର ଭାବରେ ଦେଖିଲେ କବି ଚିନ୍ତାମଣି ନିଜ ସୃଷ୍ଟି ମଧ୍ୟରେ ସତୀର ପ୍ରଶସ୍ତି ଗାଇଛନ୍ତି ଏବଂ ରାଧାନାଥଙ୍କ ପ୍ରୀତିଚିତ୍ରକୁ ସମର୍ଥନ କରି ଅସାମାଜିକାର ସ୍ତୁତି ମଧ୍ୟ ଗାଇଛନ୍ତି। କାମୁକତା ଓ ଦାମ୍ପତ୍ୟ ପ୍ରୀତିର ପାର୍ଥକ୍ୟ ପ୍ରଦର୍ଶନ କରି ସେ କହିଛନ୍ତି:–

Digitized by PPRACHIN, SOA

ପବିତ୍ର ଦାମ୍ପତ୍ୟ ପ୍ରୀତି, ମାତ୍ର ହେଲେ ତାହା
ବୀଭତ୍ସତା–ବିସର୍ପିତ, ହୁଏ ଅଭିହିତ
କଳଙ୍କ–କାଳିମାମୟ କାମୁକତା ନାମେ। (ବିକ୍ରମାଦିତ୍ୟ)

ପୁଣି ପ୍ରେମର ମହତ୍ତ୍ୱ ଓ ଆଦର୍ଶ ପ୍ରଖ୍ୟାପନ କରି ସେ ଗାଇଛନ୍ତି,–

'ପ୍ରେମ ନୁହେଁ ତାହା ଯେ ପ୍ରେମ ଭଙ୍ଗୁର,
ଅମର ସଙ୍ଗେ କି ତୁଳିତ ଅସୁର ?
ଆତ୍ମା–କୁସୁମ ଯେ ନ ପାରେ ଫୁଟାଇ
ପ୍ରେମ ନାମେ ତାର ଅଧିକାର କାହିଁ ?
ନର ପ୍ରାଣେ ଯେହୁ ଆଣେ ଅମରତା
ପ୍ରେମ ନାମ ତାର ସାର୍ଥକ ସର୍ବଥା।(ସିଂହରାଜ)

'ପ୍ରଣୟ ଚିଟାଉ' ରେ ଏ ସମ୍ପର୍କରେ ତାଙ୍କର ଦୃଷ୍ଟିକୋଣ ଅଧିକତର ବ୍ୟାପକ ଓ ଉଜ୍ଜ୍ୱଳ।

''ଚାହେଁ ସେ ଅନ୍ତରତମ ମିଳନ ଅମୃତ।
ପ୍ରଣୟର ଧର୍ମ ଏହା, କରିପାରେ ଯେହୁ
ମହତ୍ତ୍ୱରେ ପରିଣତ ଆତ୍ମାର କ୍ଷୁଦ୍ରତ୍ୱେ
ଯେ ପ୍ରଣୟ ରୂପଜ ସେ ଇତର ପ୍ରଣୟ।

ଅଥବା

''ଚିହ୍ନି ଜାଣେ ପ୍ରଣୟେ ଯେ, କାନ୍ଦିଜାଣେ ସେହି
ପ୍ରେମରାଜ୍ୟେ ଅଚିହ୍ନରା କାନ୍ଦିବ କା ଲାଗି ?

ଅଥବା

ପ୍ରଣୟ ନ ଖୋଜେ ରୂପ, ଖୋଜେ ସେ ହୃଦୟ,
ଯେ ପ୍ରଣୟ ରୂପଜ, ସେ ସାରଶୂନ୍ୟ, ମୋହ,
କୁତ୍ସିତ ସେ, ଗ୍ରାମ୍ୟ ପ୍ରୀତି ନାମାନ୍ତର ତାର
ନାହିଁ ଯହିଁ ଆତ୍ମଦାନ ନୁହେଁ ସେ ପ୍ରଣୟ।

ପ୍ରଭୃତି ପଙ୍କ୍ତି ଗୁଡ଼ିକର ଚିନ୍ତାଧାରା ଚିନ୍ତାମଣିଙ୍କ ପ୍ରଣୟାଦର୍ଶର ସାର୍ଥକ ବାର୍ତ୍ତାବହ।

ଚିନ୍ତାମଣିଙ୍କ ସୌନ୍ଦର୍ଯ୍ୟପିପାସାର ପରିଚୟ ଯଥେଷ୍ଟ ଗଭୀର ଓ ବ୍ୟାପ୍ତ ନ ହେଲେ ହେଁ ତାର ଉଷ୍ଣତା ସର୍ବଦା ଅନୁଭବ୍ୟ।

Digitized by PPRACHIN, SOA

'ମୃତ୍ୟୁ ଭୟ ତୁଚ୍ଛ ସିନା ସୌନ୍ଦର୍ଯ୍ୟ ନିକଟେ।' (ମହେନ୍ଦ୍ର)
'ଦୃଷ୍ଟି ମାତ୍ରେ ଇଚ୍ଛାହୁଏ ସେ ଶୋଭା ସାଗରେ,
ପିଇବାକୁ ଏବା ଢୋକେ ଅଗସ୍ତ୍ୟ ପରାୟେ'। (ମହେନ୍ଦ୍ର)।
'ଲୋମକୂପଯାକ ହୋଇଗଲେ ଆଖି,
କିଅଁତେ ସେ ଶୋଭା ହୁଅନ୍ତା ବା ଚାଖି।' (ଘୁମୁସର କାବ୍ୟ)

—ପ୍ରଭୃତି ଅଭିବ୍ୟକ୍ତି ଗୁଡ଼ିକରେ ତାଙ୍କର ସୌନ୍ଦର୍ଯ୍ୟବୋଧ ଓ ରୂପ–ପ୍ରାଣତାର ପରିଚୟ ବିଦ୍ୟମାନ। ତାଙ୍କର ସମକାଳୀନ ବହୁ ସ୍ରଷ୍ଟାଙ୍କ ପରି ଚିନ୍ତାମଣି ନିଜର କାବ୍ୟକବିତା ମଧ୍ୟରେ ଦେଶ, ଜାତି ଓ ମାତୃଭାଷାର ଉନ୍ନତି ପାଇଁ ସ୍ୱପ୍ନ ଦେଖିଛନ୍ତି ଏବଂ ଉଦ୍‌ବୋଧନ ମଧ୍ୟ ଦେଇଛନ୍ତି। ଏ ପ୍ରସଙ୍ଗରେ 'କିଏ ତୁମ୍ଭେ ଚିହ୍ନିଚ କି ଆପଣାକୁ ଆପେ', 'ସାହିତ୍ୟ ଜନନୀ', 'ମୋର ମାତୃଭୂମି' କବିତାତ୍ରୟୀ ଉଲ୍ଲେଖଯୋଗ୍ୟ ଏହାଛଡ଼ା କାବ୍ୟ–ପରିଧି ମଧ୍ୟରେ ବି ତାଙ୍କର ଅନୁରୂପ ଚିନ୍ତାଧାରା ବହୁସ୍ଥଳରେ ରହିଛି।

ଚିନ୍ତାମଣିଙ୍କ କବି –ମାନସର ଚାରଣଭୂମି ଥିଲା ସୀମିତ। ଶାରୀରିକ ରୁଗ୍‌ଣତା ଓ ପରିବେଶର ପ୍ରତିକୂଳତା ହେତୁ ତାଙ୍କ ସୃଷ୍ଟି ମଧ୍ୟରେ ବହୁ ତ୍ରୁଟି ରହିବା ସ୍ୱାଭାବିକ। ତାଙ୍କ ସୃଷ୍ଟି ମଧ୍ୟରେ ଜୀବନର ପରିବ୍ୟାପ୍ତି ଅଛି ସତ, ଅନ୍ତରଙ୍ଗତା ଓ ଗଭୀରତାର ପରିଚୟ ବହୁ ସ୍ଥାନରେ ନାହିଁ। ଅନେକ ସମୟରେ ଅନୁସରଣ ତଳେ ତାଙ୍କର ସ୍ୱକୀୟତା ଅବଲୁପ୍ତ ହୋଇଛି। ବର୍ଣ୍ଣନା ବହୁ ସମୟରେ ତାଙ୍କ କାବ୍ୟର ଅଳଙ୍କାର ହୋଇଛି ସତ୍ୟ, ମାତ୍ର ଅଙ୍ଗରେ ତାହା ପରିଣତ ହୋଇ ପାରିନାହିଁ। ଏପରି କି ସୂକ୍ଷ୍ମ ରସବୋଧର ଅଭାବ ମଧ୍ୟ ତାଙ୍କ ସୃଷ୍ଟି ମଧ୍ୟରେ ଆମେ ଅନେକ ସମୟରେ ଲକ୍ଷ୍ୟକରୁଁ। ତଥାପି ଓଡ଼ିଆ ସାହିତ୍ୟକୁ ଚିନ୍ତାମଣି ଯେଉଁ ସିଦ୍ଧିର ଐଶ୍ୱର୍ଯ୍ୟ ଦେଇ ଯାଇଛନ୍ତି, ତାହା ପ୍ରଚୁର ନ ହେଲେ ହେଁ ନଗଣ୍ୟ ନୁହେଁ।

ତାଙ୍କର ସୃଷ୍ଟି– ଉପାଦାନ ଲକ୍ଷ୍ୟକଲେ 'ଅନେକ ସମୟରେ ଆମେ ବିସ୍ମିତ ହୋଇଥାଉଁ। ବିଭିନ୍ନ ଧରଣର କାବ୍ୟକବିତା ରଚନାରେ ତ ସେ ହାତ ଦେଇଛନ୍ତି, ପୁଣି ଲେଖାର ଉପାଦାନ ତାଙ୍କର ବି ବିଚିତ୍ର। 'ଆଛୁଫୁଲ'ଠୁ 'ଫୁଲଚୁଇଁ' ପକ୍ଷୀ ପର୍ଯ୍ୟନ୍ତ, 'ଅବଧାନ'ଙ୍କ ଠାରୁ 'ନୀଳକଣ୍ଠ ଦାସ'ଙ୍କ ପର୍ଯ୍ୟନ୍ତ, 'ତାଳପତ୍ର'ଠୁଁ 'ଅଡୁଆ ସୂତା' ଓ 'ପଇସା ଭଜନ' ପର୍ଯ୍ୟନ୍ତ ଏବଂ 'ଉଦର'ଠୁ ଅମୃତ ଓ ବିଷସପ୍ତକ ପର୍ଯ୍ୟନ୍ତ ତାଙ୍କ ଉପାଦାନର ପରିଧି ବିସ୍ତୀର୍ଣ୍ଣ। ଜୀବନର ଏତେ ବଡ଼ ବିସ୍ତୀର୍ଣ୍ଣ କ୍ୟାନଭାସ୍ ଉପରେ ନିଜର ସୀମିତ ଶକ୍ତିସମ୍ବଳ ରଙ୍ଗ ଓ ତୂଳୀଧରି ଜୀବନର ଚିତ୍ର ବା ଚରିତ୍ର ସୃଷ୍ଟି କରିବାରେ ସେ ଯଦି ଅସଫଳ ହୋଇଥାନ୍ତି, ତଥାପି ଶିଳ୍ପୀ ସମସ୍ତଙ୍କର କରୁଣା ଓ ସହାନୁଭୂତିର ପାତ୍ର। ମାତ୍ର ଚିନ୍ତାମଣି ଆମର ସହାନୁଭୂତି ଓ କରୁଣା ଭିକ୍ଷା କରିନାହାନ୍ତି। 'ବାଳକ ସମାନ' ଆପଣାର ସୃଷ୍ଟି ଭିତରେ ସେ ମୁଗ୍ଧ ଓ

Digitized by PPRACHIN, SOA

ଅନୁରକ୍ତ ଏବଂ ଏକାଧାରରେ ସେ ଯେପରି 'ରଚକ, ଗାୟକ ଓ ଶ୍ରୋତା'। ସେଥିପାଇଁ ତ 'ଶିଶୁର ଭକ୍ତି'ରେ ସେ କହିଛନ୍ତି—

'ଅତଏବ ମାଗୁଅଛି ହେ ମୋ ପ୍ରାଣ ହରି,
ଶଏବର୍ଷ ଯାଏଁ ମୋତେ ରଖ ଶିଶୁକରି।'

ଯା' ଭିତରେ ଚିନ୍ତାମଣିଙ୍କ ସରଳ ମର୍ମବାଣୀ କଅଣ ଝଙ୍କୃତ ନୁହେଁ?

ତାଙ୍କର ରଚନାବଳି ପଢ଼ିଲେ ଓଡ଼ିଆ ସମାଜ ଓ ଜୀବନର ଜୀବନ୍ତ ସ୍ପର୍ଶ ଆମେ ପାଇଥାଉଁ। ଆମର ଆଚାରବିଚାର, ପର୍ବପର୍ବାଣି ଓ ହର୍ଷବେଦନାର ବହୁ ଚିତ୍ର ତାଙ୍କର ଖଣ୍ଡ କବିତା ଗୁଡ଼ିକରେ ନିହିତ। ଏଗୁଡ଼ିକର ଚିରନ୍ତନ କଳାମୂଲ୍ୟ ହୁଏତ ନାହିଁ, ମାତ୍ର ଆମର ରୂପକଳ୍ପନା ପାଇଁ ସେଗୁଡ଼ିକ ଅଳ୍ପ ମୂଲ୍ୟର ଗୋଟିଏ ଗୋଟିଏ ଆରସି କହିଲେ ଅତିରଞ୍ଜନ ହେବ ନାହିଁ। ତଥାପି କବିତାର କଳାଶ୍ରୀ ଦିଗରୁ ବିଚାର କଲେ ତାଙ୍କର 'ତାଳପତ୍ର', 'ଅବଧାନ', 'କ୍ରୀଡ଼ାପୁରଳୀର ଭକ୍ତି' ବା 'ଶିଶୁର ଭକ୍ତି' ପ୍ରଭୃତି କବିତାଗୁଡ଼ିକ ସମ୍ମାନର ଅଧିକାରୀ।

କବି ଚିନ୍ତାମଣି ନିଜେ ନିଜର ମୂଲ୍ୟ କଳନା କରି ନମ୍ରତାର ସହିତ ଆମକୁ କହିଛନ୍ତି—

ସାଫଲ୍ୟ ସହିତ ନାହିଁ ମୋର ଭେଟ
କଳ୍ପନା ପିଷ୍ଟକେ ପୂରାଉଛି ପେଟ। (ଘୁମୁସର କାବ୍ୟ)

x x x

ରହିଲା ହୃଦୟେ ଭେଦି ଦୁଃଖ—ଶଲ୍ୟ,
ଯାଉଅଛି ଘେନି ବିରାଟ ବୈଫଲ୍ୟ। (ଉଦ୍ୟାନ ଖଣ୍ଡ)

ମାତ୍ର ଦୁଃଖ—ଶଲ୍ୟର ଆଘାତରେ ବିରାଟ ବିଫଳତାର ବୋଝ ବୋହି ଚିନ୍ତାମଣି ଇହଧାମରୁ ଯାଇଥିଲେ ହେଁ ତାଙ୍କର କବିହୃଦୟ ଯେଉଁ ସ୍ୱର ଆମର ସାରସ୍ୱତ—ବୀଣାରେ ଛାଡ଼ିଯାଇଛି, ତାହା ସଫଳତା ଠୁଁ ଅଧିକତର କାମ୍ୟ ଏବଂ ତଥାକଥିତ ଆଦର୍ଶଠାରୁ ଅଧିକତର ବାସ୍ତବ ଓ ଜୀବନ୍ତ।

-୦-

Digitized by PPRACHIN, SOA

ଯଦି କାଲି ମରିଯାଏ....

ଯଦି ମୁହିଁ କାଲି ମରିଯାଏ
ଜୀବନଯାତ୍ରା ସରିଯାଏ,
କଳାମେଘ ତଳେ ବାରିଧାରା ହୋଇ
ଜନମି ଯେସନ ଝରିଯାଏ ।
ଚାରିଆଡ଼େ ରବ ସନ ସନ—
ଥରି ଉଠୁଥିବ ଗିରିବନ
ବହି ଯାଉଥିବ ଗିରି ଝରଣାଟି
ମୋହରି ହେବ ସେ ସରଜନ !
ଫୁଲ ଫୁଟିଥିବେ ଦଳେ ଦଳେ
ସବୁଜ ପତର ତଳେ ତଳେ
ସେ ଫୁଲ ଦଳରେ ମହୁ ହୋଇ ମୁହିଁ
କିମିତି ସେ ତଳେ ବୋହିପଡ଼େ ।
ହଠାତ୍ ଯେବେ ମୁଁ ଯାଏ ମରି
କାମଦାମ ଥିବା ନାହିଁ ସାରି
ପୂରଣ କରିବି ଆଉ ଥରେ ଆସି
ସାଗରୁ ଜଳଦ ବାରିପରି ।

[ଯଦି କାଲି ମରିଯାଏ— ଅକ୍ଟୋବର, ୧୯୫୭]

ଏଇ କବିତାର କବି ଶ୍ରୀ ଗୋଦାବରୀଶ ମହାପାତ୍ର ଆଉ ଆଜି ଇହଜଗତରେ ନାହାନ୍ତି। ନିଜର କାମଦାମ ନ ସାରି ଏଇ କାଲି ପରି ଆମ ନିକଟରୁ ସେ ବିଦାୟ ନେଇଛନ୍ତି। କିନ୍ତୁ ସତରେ ସେ କଅଣ ଆମଠୁଁ ବିଦାୟ ନେଇଛନ୍ତି ? ସେ ଆମକୁ ଏ କବିତାଟିରେ ପ୍ରତିଶ୍ରୁତି ଦେଇଯାଇଛନ୍ତି ଯେ, ଘନକୃଷ୍ଣ ଆଷାଢ଼ର ବାରିଧାରା ପରି, ସେଇ ବାରିଧାରା— ସୃଷ୍ଟ କମ୍ପିତ ଗିରିବନର ଗିରି ଝରଣା ପରି, ସବୁଜପତ୍ର—ଶୋଭିତ ପୁଷ୍ପ—ପାଖୁଡ଼ାର ମଧୁପରି ଏବଂ ମର୍ତ୍ତ୍ୟ—ଜୀବନର ରୌଦ୍ରତାପ—ଦଗ୍ଧ ସାଗର ଜଳର ନବ—ରୂପାନ୍ତରିତ ଜଳଦ ପରି ସେ ଆମର ନିତ୍ୟ ସାଥୀ ଓ ସହଚର। ଆମର ମାନସଭୂମିକୁ ଉର୍ବର, ସୃଜନକ୍ଷମ ଓ ଶସ୍ୟସମୃଦ୍ଧ କରିବା ପାଇଁ ସେ ବାରମ୍ବାର ଆମ ପାଖରେ ଉପସ୍ଥିତ ରହିବେ। ଏହି କବିତାଟିରେ ତାଙ୍କ ଆତ୍ମାର ଶେଷବାଣୀ, ଜୀବନବ୍ୟାପୀ ସଂଗ୍ରାମୀ ସାଧନାର ଶାନ୍ତ, ସଙ୍ଗତ ଓ ବୈପ୍ଳବିକ ସ୍ୱର ସତେ

Digitized by PPRACHIN, SOA

ଯେପରି ମୂର୍ତ୍ତ ଓ ଉଚ୍ଚାରିତ। ଏହାହିଁ ଯେପରି ସ୍ରଷ୍ଟା ଗୋଦାବରୀଶଙ୍କର epitaph ବା ସମାଧିଲିପି। ମରଣ ତ ମଣିଷର ଅତି ନିକଟରେ। ତେଣୁ ୧୯୫୭ରେ ସ୍ରଷ୍ଟା ଶ୍ରୀ ମହାପାତ୍ର ଯାହା ଲେଖିଥିଲେ, ସେଥିରେ ମୃତ୍ୟୁର ଚେତନା ସତେ ଯେପରି ପ୍ରଚ୍ଛନ୍ନ ହୋଇ ରହିଥିଲା ଏବଂ ସେତେବେଳେ କଅଣ ଯୌବନ – ପୂଜାରୀ ଗୋଦାବରୀଶ ମରଣକୁ ବରମାଲ୍ୟ ଦେଇ ତାରୁଣ୍ୟର ଚିରଚଞ୍ଚଳ ଉଦ୍ଦାମ ନୃତ୍ୟରେ ତାକୁ ଅଟ୍ଟହାସ୍ୟ କରିଥିଲେ ?

ଅବଶ୍ୟ କବି ଗୋଦାବରୀଶ ମହାପାତ୍ର ଆମ ନିକଟରେ କଥାଶିଳ୍ପୀ, ସଂପାଦକ, ବ୍ୟଙ୍ଗସ୍ରଷ୍ଟା, ହାସ୍ୟରସିକ ଓ କୁଶଳୀ ସାମ୍ବାଦିକ ଭାବେ ମଧ୍ୟ ପରିଚିତ। ମାତ୍ର ମୁଁ ତାଙ୍କୁ ମୁଖ୍ୟତଃ କବି ଓ କଥାଶିଳ୍ପୀ ଭାବରେ ମୋର ଅନ୍ତରର ଅର୍ଘ୍ୟ ସର୍ବଦା ଦେଇଆସିଛି ଏବଂ ଓଡ଼ିଆ ସାହିତ୍ୟରେ ଯେଉଁ ଦୁଇଟି ଦିଗରେ ଅଳ୍ପ କେତେଜଣ ଅନନୁକରଣୀୟ ସ୍ରଷ୍ଟା ଅଛନ୍ତି, ଶ୍ରୀ ମହାପାତ୍ର ସେମାନଙ୍କ ମଧ୍ୟରୁ ଅନ୍ୟତମ।

ତାଙ୍କ ସୃଷ୍ଟି–ପ୍ରତିଭାର ଅନ୍ୟାନ୍ୟ ବିଭାବ ଛାଡ଼ି ମୁଁ ତେଣୁ ତାଙ୍କର ଏକକ କାବ୍ୟ–ବିଭାବ ଉପରେ ସାମାନ୍ୟ ଆଲୋକପାତ କରିବାକୁ ଯାଉଛି। ତା'ପୁଣି ଗୋଟିଏ କବିତାକୁ କେନ୍ଦ୍ରକରି। ଏଠାରେ ଅପ୍ରାସଙ୍ଗିକ ହେଲେ ମଧ୍ୟ ଉଲ୍ଲେଖ କରଯାଇପାରେ ଯେ, ତାଙ୍କ କବିତାର ଅଧିକାଂଶ ଆଭିମୁଖ୍ୟ ତାଙ୍କର କଥାଶିଳ୍ପ ଭିତରେ ମଧ୍ୟ ଦୃଷ୍ଟିଗୋଚର। ଏ ଆଭିମୁଖ୍ୟ ମୁଖ୍ୟତଃ ସ୍ୱଦେଶିକତା, ମାନବ ଓ ଜୀବନପ୍ରୀତି ଉପରେ ପ୍ରତିଷ୍ଠିତ; ମାତ୍ର ତାଙ୍କର ମାନବପ୍ରୀତି ଓ କଳାବୋଧ କେତେକ ସ୍ଥଳରେ ସ୍ୱଦେଶିକତା ଦ୍ୱାରା ବ୍ୟାହତ ମଧ୍ୟ ହୋଇଛି। ଏହି ଦୁର୍ବଳତା ସତ୍ୟବାଦୀ ଚିନ୍ତାଧାରାର ଶିକ୍ଷକ, ଛାତ୍ର ତଥା ସ୍ରଷ୍ଟା ବହୁ ଗୌଣ ଓ ପ୍ରଧାନ ଶିଳ୍ପୀଙ୍କ କୃତିରେ ଲକ୍ଷଣୀୟ। ଏହି ସାମାନ୍ୟ ଜାତୀୟ ଦୁର୍ବଳତାରୁ କବି ମହାପାତ୍ରେ ବା ବାଦ୍ ଯାଆନ୍ତେ କିପରି ?

ସେ ଯାହାହେଉ, ପୂର୍ବୋଲ୍ଲିଖିତ କବିତାଟିରେ ଜଣେ ଜୀବନସଂଗ୍ରାମୀ ଶିଳ୍ପୀର ଶାଶ୍ୱତ ଜୀବନବୋଧର ସ୍ୱାକ୍ଷର ଅଙ୍କିତ। ଏହି କବିତାଟି ସହିତ ତାଙ୍କର ଅଗ୍ରଜ ଶିଳ୍ପୀ କବି ଗୋପବନ୍ଧୁଙ୍କର କେତୋଟି ପଙ୍‌କ୍ତି ତୁଳନୀୟ।

'ଭ୍ରମି ଭ୍ରମି ଅବସନ୍ନ କାୟା
ବିଷମ ଏ ବହୁଦୂର ବାଟେ,
ଦେଖିବଇଁ ଯେବେ ସ୍ନିଗ୍ଧ ଛାୟା
ବିଶ୍ରାମିବି ତହିଁ ଜଳଘାଟେ।
ଶୁଣି ଖଗ ମଧୁର କାକଳି
ଜୀର୍ଣ୍ଣ ବୀଣା ରଖିବି ସମାଦି,
ପକ୍ଷୀଗୀତେ ଦେବି କରତାଳି,
କେହି ମୋର ନଥିବେ ବିବାଦୀ।

Digitized by PPRACHIN, SOA

ତରୁଲତା ନବ କିଶଳୟେ
ବିରଚିଣ କୋମଳ ଆସନ,
ଶୋଇବି ମୁଁ ବିତାନ ହୃଦୟେ
ଶୁଣିବାକୁ ବାୟୁ ସନସନ।'
(ବିଷାଦ ସମୟରେ ଲିଖିତ କେତୋଟି ପଙ୍‌କ୍ତି)

ଜାତୀୟ-ବୀର ସଂଗ୍ରାମୀ ଗୋପବନ୍ଧୁଙ୍କର କବିପ୍ରାଣର ସହଜ ଆବେଗ ଓ ରୋମାଣ୍ଟିକ ଉଲ୍ଲାସ ଏ ପଙ୍‌କ୍ତିଗୁଡ଼ିକରେ ଅନୁଭବ୍ୟ। ଏହାହିଁ ଯେପରି ସଂଗ୍ରାମର ପଞ୍ଚାଗ୍ନି-ପରୀକ୍ଷା ମଧ୍ୟରେ ଜଣେ ଶିଳ୍ପୀର ନିଭୃତ ଆତ୍ମାର ରକ୍ଷାକବଚର ଅଭିଲେଖ। ଉଭୟ କବିତାର ଅଭିବ୍ୟକ୍ତି ମଧ୍ୟରେ ଆତ୍ମିକ ମୁକ୍ତି- ପ୍ରୟାସର ସକ୍ରିୟତା ଓ ଉତ୍ତାପ ଅନୁଭୂତ ହେଲେହେଁ ଶ୍ରୀ ମହାପାତ୍ରଙ୍କ କବିତାଟିରେ ମାନବିକ ମୁକ୍ତିର ଚିରନ୍ତନ ସଂଗ୍ରାମର ସ୍ୱର ବଳିଷ୍ଠ ଭାବରେ ଆତ୍ମ ପ୍ରକାଶ କରିଛି। ଏ ଦୃଷ୍ଟିରୁ ଗୋପବନ୍ଧୁ ଦାଶଙ୍କ କବିତାଟି ଅଧିକ ମାତ୍ରାରେ ଭାବପ୍ରବଣତାର ବାହକ।

ପ୍ରସଙ୍ଗକ୍ରମେ ସତ୍ୟବାଦୀ ଯୁଗର ସମକାଳୀନ ଅନ୍ୟତମ ପ୍ରବୀଣ ସ୍ରଷ୍ଟା ପଦ୍ମଚରଣ ପଟ୍ଟନାୟକଙ୍କର ଗୋଟିଏ କବିତା ଏଠାରେ ସ୍ମରଣ କରାଯାଇପାରେ। କବିତାଟିର ନାମ ହେଉଛି, 'ମୋ ମରଣଟା ଆହ୍ଲା ହେଉ ଭଲ'। ଏହି କବିତାଟିରେ ଶ୍ରୀ ପଟ୍ଟନାୟକ ମରଣକୁ ଶୁଭ-ସମ୍ବର୍ଦ୍ଧନା ଜଣାଇ ଲେଖିଛନ୍ତି-

ମଲା ମୃତ୍ୟୁ ମୋ କପାଳେ ରଖନାହିଁ ହରି,
ମୋ ମୃତ୍ୟୁରେ ଶୌର୍ଯ୍ୟବୀର୍ଯ୍ୟ ଦିଅ ଦିଅ ଭରି,
ଖସୁ ଖଣ୍ଡା ବାଜୁ ବଜ୍ର ଅଛି ଉର୍ଦ୍ଧେ ଚାହିଁ,
ଏତିକି ଇଚ୍ଛା ପଚା ମରଣ ମୋତେ ଦିଅ ନାହିଁ।

ଜୀବଦ୍ଦଶାରେ ମୃତ୍ୟୁ-ବଜ୍ରାହତ କବିଙ୍କର ଏ ଶୁଭ ମରଣର ସ୍ୱପ୍ନ ସଫଳ ହୋଇ ପାରିନାହିଁ ସତ; କିନ୍ତୁ ତାଙ୍କର ଏଇ ଅଭିଳାଷ ଏ ଜାତିର ଜୀବନ ପାଇଁ ଆଜି ସଙ୍କଳ୍ପ-ମନ୍ତ୍ରରେ ପରିଣତ।

କବିର ସୃଷ୍ଟିଶାଳାରେ ଏପରି ଗୋଟିଏ ବା ଅଳ୍ପ କେତୋଟି କବିତା ଥାଆନ୍ତି, ଯାହା ଭିତରୁ ଆମେ ତାଙ୍କ ନିଭୃତ ଆତ୍ମାର ପରିଚୟ ପାଇଥାଉଁ। କେଉଁ ମିଜାଜ୍ ବା moodଟି ତାଙ୍କ ଗୋପନ ପ୍ରାଣର ପ୍ରତିଲିପି, ସେଇ କବିତା ବା କବିତା କେତୋଟି ଆମକୁ ଜଣାଇ ଦିଅନ୍ତି। ଗୋଦାବରୀଶଙ୍କର ଏଇ କବିତାଟି ଏପରି ଏକ କବିତା, ଯାହା ତାଙ୍କର ସମଗ୍ର ଜୀବନର ନିଃଶ୍ୱାସ ଓ ବିଶ୍ୱାସ।

ଇଂରାଜୀ ସାହିତ୍ୟ ବା ପଡ଼ୋଶୀ ବଙ୍ଗସାହିତ୍ୟରୁ ବିଭିନ୍ନ ସ୍ରଷ୍ଟାଙ୍କର ଏଇପରି ସମମର୍ମୀ ଓ ସମଧର୍ମୀ କେତୋଟି କାବ୍ୟପଙ୍‌କ୍ତି ଏଠାରେ ଉଦ୍ଧାର କରୁଛି।

Digitized by PPRACHIN, SOA

(କ) Cast a cold eye
On life, on death
Horseman, pass by!

(Epitaph—Yeats)

(ଖ) I would have written of me on my stone
I had a lover's quarrel with the world.

(Epitaph–Frost)

ଅଥବା

The woods are thick and lovely
And I have promises to keep
And I have miles and miles to walk
Before I go to sleep. (Frost)

(ଗ) Comrades, my tongue can speak
No comfortable words,
Calls to a forlorn hope,
Gives work and not rewards.

X X X X

Ah, if our blood alone
Will melt this iron earth,
Take it, it is well spent
Easing a Saviour's birth.

(C.D. Lewis)

(ଘ) Whereever pain is— there am I;
On every single tear that is shed
I myself am crucified. (Mayakovsky)

(ଙ) କତ ଲକ୍ଷ ବରଷେର ତପସ୍ୟାର ଫଳେ
ଧରଣୀର ତଳେ
ଫୁଟିଯାଛେ ଆଜି ଏ ମାଧବୀ।
ଏ ଆନନ୍ଦ ଛବି
ଯୁଗେ ଯୁଗେ ଢାକା ଛିଲ ଅଲକ୍ଷେର ବକ୍ଷେର ଆଁଚଳେ।

Digitized by PPRACHIN, SOA

ସେଇ ମତୋ ଆମର ସ୍ୱପନେ
କୋନ ଦୂର ଯୁଗାନ୍ତରେ ବସନ୍ତ କାନନେ
ଏକ ବଲାକାର ମୁଖେ ଏକଟୁକୁ ହାସି
ଉଠିବେ ବିକାଶି–
ଏଇ ଆଶା ଗଭୀର ଗୋପନେ
ଆଛେ ମୋର ମନେ। (ରବୀନ୍ଦ୍ର ନାଥ)—

(ଚ) ଏକ ବାର ଯଖନ ଦେହଥେକେ ବେର ହୟେ ଯାବ
ଆବାର କି ଫିରେ ଆସବ ନା ଆମି ପୃଥିବୀତେ ?
ଆବାର ଯେନ ଫିରେ ଆସି
କୋନ ଏକ ଶୀତେର ରାତେ
ଏକଟା ହିମ କମଲାଲେବୁର କରୁଣ ମାଂସ ନିଏ
କୋନ ଏକ ପରିଚିତ ମୁମୂର୍ଷୁର ବିଛାନା କିନାରେ। (ଜୀବନାନନ୍ଦ ଦାସ)

ଏଇ କାବ୍ୟ– ପଙ୍କ୍ତିଗୁଡ଼ିକରେ ପ୍ରତ୍ୟେକ ସ୍ରଷ୍ଟାର ଜୀବନବାଣୀ ଓ ଅନ୍ତିମ ଆଶା—ବିଶ୍ୱାସରେ ପରିଚୟ ସ୍ୱଚ୍ଛ। ଗୋଦାବରୀଶଙ୍କର ଏହି କବିତାଟିର ଶେଷ ପଙ୍କ୍ତି ଦୁଇଟିର ଚେତନ—ବୀଜ ପୂର୍ବସୂରୀ ଗଙ୍ଗାଧରଙ୍କର–

ସାଗର ସଲିଳ ଉଠି ଘନ ହୁଏ ନଭେ
ଲୋକହିତ ସାଧି ପଶେ ସାଗର ଗରଭେ।

ପଙ୍କ୍ତି ଦୁଇଟି ମଧ୍ୟରେ ଅନୁଭବ କରାଯାଇପାରେ। ମାତ୍ର ସମସ୍ତ କବିତାଟିର ବାତାବରଣ, ସଂହତ ରସବୋଧ ଓ ଆତ୍ମାନୁଭୂତି କବିତାଟିକୁ ଏପରି ଉତ୍ତାପ ଓ ଗତିବେଗ ଦାନ କରିଛନ୍ତି ଯେ, ସେ ଚେତନା ଗୋଦାବରୀଶଙ୍କର ସଂପୂର୍ଣ୍ଣ ସ୍ୱକୀୟ ଆତ୍ମୈଶ୍ୱର୍ଯ୍ୟ।

ଏଇ ପ୍ରବୀଣ ସ୍ରଷ୍ଟାଙ୍କ ସହିତ ମୋର ପରିଚୟ ପ୍ରଥମରୁ ତାଙ୍କ ସୃଷ୍ଟି ମାଧ୍ୟମରେ ସଂଘଟିତ ହୋଇଥିଲେହେଁ ତାଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ, ସଂଳାପ ଓ ସଂପ୍ରୀତିର ସୁଯୋଗ କଟକରେ ମୁଁ ଥିବା ସମୟରେ ଦୀର୍ଘ ତିନିବର୍ଷ ଧରି (୧୯୫୯–୧୯୬୨) ଲାଭ କରିଛି। ଏ ଲାଭ ମୋପରି କନିଷ୍ଠ ଶିଳ୍ପୀଙ୍କ ନିକଟରେ ମହାନ୍ ଐଶ୍ୱର୍ଯ୍ୟ ରୂପେ ବିବେଚିତ ହେବା ସ୍ୱାଭାବିକ। ତାଙ୍କର ମଧୁର ସଶ୍ରଦ୍ଧ ବ୍ୟବହାର, ପ୍ରାଣ-ଉଚ୍ଛଳା ହସ, ସଦାସହାସ୍ୟ ମୁଖମଣ୍ଡଳ, ଅପୂର୍ବ ବଚନଚାତୁରୀ ଓ ବାକ୍‌ବୈଦଗ୍ଧ, ପ୍ରତିଭାଦୀପ୍ତ ଦୁଇଟି ଉଜ୍ଜ୍ୱଳ ଚକ୍ଷୁ, ଖଣ୍ଡିଏ ପରେ ଖଣ୍ଡିଏ ସିଗାରେଟ୍ ଟାଣି ଚାଲିଥିବା ଭିତରେ କଥାର ଅସରନ୍ତି ଲହରୀ, କାର୍ଯ୍ୟବ୍ୟସ୍ତ ଜୀବନ ଭିତରେ ଅନ୍ୟ କୌଣସି ଆଗନ୍ତୁକଙ୍କର ହଠାତ୍ ଆବିର୍ଭାବ ଏବଂ କଥାର ସହସା ପୂର୍ଣ୍ଣଚ୍ଛେଦ ଭିତରେ 'ଆଉ ପୁଣି କେତେବେଳେ ଆସିବେ' କହି, କରଯୋଡ଼ ହସ୍ତରେ ସସ୍ତ୍ରମ ବିଦାୟ,– ଏ ସମସ୍ତ ଖଣ୍ଡିଏ ଅଲିଭା ଆଲେଖ୍ୟ ପରି ମୋର ମାନସପଟରେ ଅଙ୍କିତ ଓ ଅବିସ୍ମରଣୀୟ ହୋଇ ରହିବ।

Digitized by PPRACHIN, SOA

ଅନ୍ୟ କଥାପ୍ରସଙ୍ଗ ବାଦ୍‌ଦେଲେ ମୋ ସହିତ ତାଙ୍କର ଆଲୋଚନା ମୁଖ୍ୟତଃ ସାହିତ୍ୟସୃଷ୍ଟି ସମ୍ପର୍କରେ। ଏ ବିଷୟରେ (ମୁଁ ତାଙ୍କୁ ଯେମିତି ବୁଝିବାର ସୁଯୋଗ ପାଇଛି) ନିଜ ସୃଷ୍ଟିର ଫର୍ମ ବା ଟେକ୍‌ନିକ୍‌ରେ ସେ ପାରମ୍ପରିକତାର ପୂଜାରୀ ହେଲେହେଁ ଚିନ୍ତା ଓ ଚେତନାରେ ସେ ପୁରୋଦୃଷ୍ଟି ଓ ଅଗ୍ରଗତିର ଜଣେ ପୁରୋଧା। ଏ ସମ୍ପର୍କରେ ତାଙ୍କର କାବ୍ୟପାଠକମାନଙ୍କୁ ଗୋଟିଏ କବିତାର କେତୋଟି ପଙ୍‌କ୍ତି, ତାର ଶିରୋନାମା ଓ ରଚନା କାଳ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି।

ପ୍ରଳୟ ଯାତ୍ରି! ପ୍ରଳୟ ଯାତ୍ରି! ତବ ଗମ୍ଭୀର ମୂରତି ପାଶେ
ନତ ହିମାଚଳ, ମେରୁ, ମନ୍ଦର, ଧ୍ରୁବତାରା ତୁମେ ସ୍ୱର୍ଗଦେଶେ।
ଏକି ହେ ବାରତା ଆଣିଥିଲ କାହୁଁ ସୁପ୍ତ ନୀରବ ମାନବ ଦ୍ୱାରେ
ଧକ୍‌କା ବାଜିଲା ମନ–ମନ୍ଦିରେ ଅବସାଦମୟ ଅନ୍ଧକାରେ।
ଆସିଥିଲ କାହୁଁ ବିଦ୍ରୋହୀ ଋଷି! ବାରତା ତମରି କରିନ ଶେଷ
ଜଗତର ଆଜି ସିଂହଦୁଆରେ ହେଲା ଅବସାନ ଭୀଷ୍ମବେଶ?
ଗଢ଼ିଥିଲ ଯେଉଁ ରକ୍ତ ମୁକୁଟ ଯାଇଚି କି ସବେ ଲୁଚି ତା' ଆଜି,
ତବ ବୀରତନୁ ଆଦରିଛି ପରା ଏ ମରଧରଣୀ ବାଲୁକାରାଜି।
ସଙ୍ଗୀତ ତବ ମିଶିଛି ସମୀରେ, ଦୁମୁଦୁମୁ ଧରା ଥରୁଛି ଏବେ,
ଜାଣି ହୁଏ ନାହିଁ କେତେ ଯୁଗ ପରେ ଅବସାନ ତା'ର ହେବ ଏ ଭବେ।
ପଛେ ଏ ରହିଲା ବିଶାଳ ବିଶ୍ୱ, ଆଗେ କି ସୁଦୂର ଅଜଣା ଦେଶ
ଚାଲିଗଲ ଖାଲି ରଖିଦେଇ ତବ ସେଦିନର ସେହି ଅଗ୍ନି–ବେଶ! (ଲେନିନ୍)

ବିଶ୍ୱର ଅନ୍ୟତମ ରାଜନୈତିକ ମନୀଷୀ ବିପ୍ଳବୀ ଲେନିନ୍‌ଙ୍କ ପ୍ରତି ଗୋଦାବରୀଶଙ୍କର ଏ ଯେଉଁ ଶ୍ରଦ୍ଧାଞ୍ଜଳି ତା' କଅଣ ଓଡ଼ିଆ କାବ୍ୟ ସାହିତ୍ୟର 'ସବୁଜ–କାଳ' ଓ 'ସତ୍ୟବାଦୀ–ଯୁଗଶେଷ'ର ସନ୍ଧିକ୍ଷଣରେ ବାସ୍ତବ ଚେତନା ଓ ସମାଜବାଦୀ ସ୍ୱପ୍ନର ଆଦିମ ଓ ସାର୍ଥକ ସଂକେତ ନୁହେଁ? ଏହାର ରଚନାକାଳ ୧୯୨୪। ଏହି କବିତାଟି ପୂର୍ବରୁ ଏଇ ଚେତନା–ସମ୍ବଳିତ କବିତା ମୋର ଦୃଷ୍ଟି ପଥାରୂଢ଼ ହୋଇନାହିଁ।

ଗୋଦାବରୀଶଙ୍କ ଲେଖନୀର ସ୍ୱରୂପ କଅଣ ଥିଲା, ତା'ର ଏକ ସ୍ୱଷ୍ଟ ଚିତ୍ର ତାଙ୍କର 'ହେ ମୋର କଲମ' କବିତାରୁ ଆମେ ପାଇଥାଉଁ। ତା'ର କେତୋଟି ପଙ୍‌କ୍ତି ଏଠାରେ ଉଦ୍ଧାର କରାଯାଇପାରେ।

ହେ କଲମ ମୋର ଅତି ଆପଣାର ଅନ୍ତର କଥା କହ
ଦେଖିଚ କି ଏତେ ସତ୍ୟ ନାମରେ ଛଳନା ଦୁର୍ବିଷହ!
କେତେ ଅବତାରେ ଧରଣୀ ବୁକୁରେ ଦେବତା ହୋଇଲା ନର
କାଳ ଇଙ୍ଗିତେ ଲୁଚିଗଲେ ସବୁ ରହିଲା ତୁମରି ଗାର।
ତୁମେ ଗୌତମ, ଶଙ୍କର, ଯୀଶୁ ବଚନ ରଖିଚ ଧରି
ଜାଗ୍ରତ କର ଉଦ୍ୟତ କର ଆଉ ଥରେ ସେଇପରି।

Digitized by PPRACHIN, SOA

ତୁମେ ତ ଟାଳିନ ଛଳନାରେ କେବେ, ଥକିନ ଗୁଣ୍ଡାମିରେ
ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ
ଛେଦନ କରିଚ ବନ୍ଧନ ଯେତେ ଅନ୍ଧେ ଦେଇଚ ଆଖି
କାଳବକ୍ଷରେ ମହା ଅକ୍ଷରେ ପଦେପଦେ ଲେଖିଲେଖି ।
ବିପ୍ଳବ ତବ ସତ୍ୟ ଶାନ୍ତି ଶିବ ସୁନ୍ଦର ରସେ
ଯୁଗଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ । (ରଚନାକାଳ–୧୯୫୦)

ତାଙ୍କର ଲେଖନୀ ସମୟ ବିଶେଷରେ ଦେଶ-କାଳ-ପାତ୍ରର ଆନୁଗତ୍ୟ ସ୍ୱୀକାର କରିଛି ସତ; ମାତ୍ର ସେ ଆନୁଗତ୍ୟର ଊର୍ଦ୍ଧ୍ୱରେ ଏକ ଉନ୍ନତ କାବ୍ୟଚେତନା, ଜୀବନଜିଜ୍ଞାସା ଓ ରସୋଲ୍ଲାପ ତାଙ୍କର ବହୁ କବିତାକୁ ଚିରନ୍ତନତାର ଲାବଣ୍ୟରେ ଶାଣିତ ଓ ରଞ୍ଜିତ କରି ରଖିଛି । 'ଉଠ କଙ୍କାଳ' କାବ୍ୟଗ୍ରନ୍ଥରେ ବହୁ କବିତା ଏହି ମନ୍ତବ୍ୟର ସାର୍ଥକ ନିଦର୍ଶନ ରୂପେ ନିହିତ । ପୁଣି କ୍ଷୁଦ୍ରାତିକ୍ଷୁଦ୍ର ଘଟନା, ବିଷୟବସ୍ତୁ ବା ସାମାନ୍ୟ ଓ ସାଧାରଣ ଚରିତ୍ର ତାଙ୍କ ଲେଖନୀର ଯାଦୁକରୀ ସ୍ପର୍ଶରେ କିପରି ଛନ୍ଦୋମୟ ଓ କାବ୍ୟଶ୍ରୀମଣ୍ଡିତ ହୋଇପାରଚି, 'କଣ୍ଟା ଓ ଫୁଲ' 'ପାହାଚ ତଳର ଘାସ' 'ବଙ୍କା ଓ ସିଧା' କାବ୍ୟଗ୍ରନ୍ଥରୁ ତା'ର ବହୁଳ ପ୍ରମାଣ ଆମେ ପାଇଥାଉଁ । ବସ୍ତୁତଃ ତାଙ୍କର ଜୀବନ ଥିଲା ଶାଣିତ କଣ୍ଟା ଓ ଲଳିତ ଫୁଲର ଅପୂର୍ବ ସମାବେଶ ଏବଂ ବଙ୍କା ଓ ସିଧା ଦୁଇଟି ବାଟର ସମନ୍ୱୟ ଥିଲା ତାଙ୍କର ଯାତ୍ରାପଥ ।

ଏଠାରେ ତାଙ୍କ ସହିତ ହୋଇଥିବା ଆଲୋଚନାର ଦୁଇଟି ସ୍ମୃତି ଲିପିବଦ୍ଧ କରି ମୋର ବକ୍ତବ୍ୟ ଶେଷ କରିବି । 'ଭଞ୍ଜକବି' ତାଙ୍କର ଗୋଟିଏ ଜଣାଶୁଣା କବିତା ଏବଂ ବହୁବର୍ଷ ଧରି ଏହା ଉପାଧି ଶ୍ରେଣୀରେ ପାଠ୍ୟବିଷୟରୂପେ ପ୍ରଚଳିତ ଥିଲା । 'ଭଞ୍ଜକବି ଓ ଭଞ୍ଜ-ସାହିତ୍ୟ' ପ୍ରସଙ୍ଗରେ ଦିନେ ପଚାରିବାରୁ ସେ କହିଲେ– "ଏହା ମୋର ଏକ ସମସାମୟିକ ଲେଖା । ଭଞ୍ଜକବିଙ୍କର ସ୍ମୃତିପୂଜା ଉଦ୍ଦେଶ୍ୟରେ ଏହା ଲିଖିତ ହୋଇଥିଲା । ଭଞ୍ଜ ସାହିତ୍ୟ ସମ୍ପର୍କରେ ମୋର ଯଥାର୍ଥ ଧାରଣା ମୁଁ 'ଭଞ୍ଜବିଚାର' କବିତାଟିରେ ଲିପିବଦ୍ଧ କରିଛି ।" ଏହା କହି ତାଙ୍କର ସ୍ୱଭାବ–ମଧୁର କଣ୍ଠରେ 'ଭଞ୍ଜ ବିଚାର' କବିତାଟି ମୋତେ ପଢ଼ି ଶୁଣାଇ ଥିଲେ । ଏହି କବିତାଟି ତାଙ୍କର 'କଣ୍ଟା ଓ ଫୁଲ' କାବ୍ୟଗ୍ରନ୍ଥରେ ସନ୍ନିବିଷ୍ଟ । ପୁଣି 'ଉଠକଙ୍କାଳ' କବିତାଟି ତାଙ୍କର ଏକ ପରିଚିତ ଓ ପ୍ରତିନିଧିମୂଳକ ଲେଖା ଏବଂ ବହୁବର୍ଷ ଧରି ଉତ୍କଳ ବିଶ୍ୱବିଦ୍ୟାଳୟର 'କବିତା ସଂଗ୍ରହ'ରେ ରହି କଲେଜର ପାଠ୍ୟ ବିଷୟ ରୂପେ ପ୍ରଚଳିତ ହୋଇ ଆସୁଛି । ତା'ର ଶେଷପଦରେ ସବୁଠୁଁ ଭାବଗାମ୍ଭୀର୍ଯ୍ୟପୂର୍ଣ୍ଣ ପଙ୍‌କ୍ତି ଦୁଇଟି ହେଉଛି–

ବାଜିଉଠୁ ବାରେ ମରଣ ବିଜୟୀ ବଂଶୀ ସେ ବୁକୁତଳେ
ଧୂର୍ଜଟି ଜଟାଜୁଟ କମ୍ପାଇ ଯୌବନ କୁତୂହଳେ ।

Digitized by PPRACHIN, SOA

ମାତ୍ର ମୁଦ୍ରଣ ଦୋଷ ହେତୁ 'ଜଗାଜୁଟ' ଶବ୍ଦଟି 'କବିତାସଂଗ୍ରହ'ରେ 'ଜଟାଜୁଟ'ରେ ପରିଣତ ହୋଇଛି। ଏହା ଅନ୍ୱୟ ଓ ଅର୍ଥବୋଧ ପକ୍ଷରେ ଯେପରି ଅନ୍ତରାୟ ଅନ୍ୟ ଦିଗରେ ପଂକ୍ତି ଦୁଇଟି ସେହିପରି ଭାବଗାମ୍ଭୀର୍ଯ୍ୟର ହାନିକାରକ। କିନ୍ତୁ ବର୍ଷ ବର୍ଷ ଧରି ଅଧ୍ୟାପକମାନେ 'ଜଟାଜୁଟ' ବୋଲି ତାକୁ ପଢ଼ି ପିଲାମାନଙ୍କୁ ଅର୍ଥ କହନ୍ତି, ପରୀକ୍ଷାରେ ବ୍ୟାଖ୍ୟା ପଚାରନ୍ତି, ବିଶ୍ୱବିଦ୍ୟାଳୟର ପ୍ରଶ୍ନପତ୍ରରେ ମଧ୍ୟ ସେଇ ପ୍ରମାଦ ବାରମ୍ବାର ଦେଖାଦିଏ। ଅଥଚ ଯେଉଁ ପତ୍ରିକାରେ ଏ କବିତାଟି ପ୍ରଥମେ ପ୍ରକାଶିତ ହୋଇଥିଲା (ଅନ୍ୟ ଶିରୋନାମାରେ) ତା' ସହିତ ମଧ୍ୟ ଥରେ ଯାକୁ ମିଳାଇ ଦେଖିବାର ପ୍ରୟାସ କେହି କରନ୍ତି ନାହିଁ। ଥରେ କଥା ପ୍ରସଙ୍ଗରେ ଶ୍ରୀଯୁକ୍ତ ମହାପାତ୍ରଙ୍କୁ ମୁଁ କହିଲି— 'ଆଜ୍ଞା, ସମସ୍ତେ ତ ଯାକୁ ଭୁଲ୍ କରି ପଢୁଛନ୍ତି ଓ ପଢ଼ାଉଛନ୍ତି; ଆପଣ ଯାର ଶୁଦ୍ଧରୂପଟି ସମ୍ବାଦପତ୍ର ଜରିଆରେ ଶିକ୍ଷକମାନଙ୍କୁ ଜଣାଇ ଦେଲେ ସେମାନେ ତଥା ଛାତ୍ରସମାଜ ଉପକୃତ ହୁଅନ୍ତେ।' କିନ୍ତୁ ଶ୍ରୀ ମହାପାତ୍ରେ ତାଙ୍କର ପରିହାସ–ନିପୁଣ କଣ୍ଠରେ ଉତ୍ତର ଦେଇଥିଲେ,– 'ଆମ ଦେଶରେ ସମସ୍ତେ ତ ଜଟୁ–ଗବେଷକ (ଗୋ–ଏଷକ ଅର୍ଥରେ), ମୁଁ ଅଧିକ ତାକୁ ଆଉ ତାଙ୍କ ଗବେଷଣାରେ କାହିଁକି ସାହାଯ୍ୟ କରିବି ? ସମ୍ବାଦପତ୍ରରେ ଜଣାଇଲେ ବି ସେମାନେ କଥଣ କବିକଥାକୁ ସ୍ୱୀକାର କରିବେ ? ସେମାନେ ପରା ଡିଗ୍ରୀଧାରୀ !' ମୁଁ ନୀରବ ହେଲି ସତ, ମାତ୍ର ଆମପରି ବହୁ ଡିଗ୍ରୀଧାରୀଙ୍କ ଦୁର୍ବଳତା ବିଷୟରେ ସେଦିନ ଚିନ୍ତା କରିଥିଲି।

ଶ୍ରୀଯୁକ୍ତ ମହାପାତ୍ରେ ସଂଳାପ ଭିତରେ ଅନ୍ୟକୁ ଆପଣା ସହିତ ଏପରି ନିଜର କରି ମିଶାଇ ନିଅନ୍ତି ଯେ, କଥାବାର୍ତ୍ତା କରୁଥିବା ଲୋକ ନିଜର ସ୍ୱତନ୍ତ୍ର ସତ୍ତା ସେ ମୁହୂର୍ତ୍ତରେ ହରାଇ ବସେ। କିଶୋର ସହିତ ସେ ଯେପରି କିଶୋର, ତରୁଣ ସହିତ ସେ ଯେପରି ତରୁଣ, ବୟସ୍କ ସହିତ ସେ ସେହିପରି ବୃଦ୍ଧ। ନିଜକୁ ପ୍ରକାଶ କରିବାର ଓ ଅନ୍ୟକୁ ଜାଣିବାର ଅଦମ୍ୟ କୌତୂହଳ ଓ ଜିଜ୍ଞାସାର ଭାବ ତାଙ୍କ ପ୍ରତିଭାଦୀପ୍ତ ଚକ୍ଷୁରେ ସର୍ବଦା ପରିସ୍ଫୁଟ। ଏହି ସ୍ୱଭାବ ହେତୁ ହିଁ ସେ କୈଶୋରର ସାହିତ୍ୟ, ତାରୁଣ୍ୟର ସାହିତ୍ୟ ଓ ପ୍ରଜ୍ଞାର ସାହିତ୍ୟ ସୃଷ୍ଟି କରିବାକୁ ସମର୍ଥ ହୋଇ ପାରିଛନ୍ତି। ବାର୍ଦ୍ଧକ୍ୟରେ ସେ ଦେହତ୍ୟାଗ କଲେ ସତ, କିନ୍ତୁ ତାଙ୍କ ପ୍ରତ୍ୟକ୍ଷ ସଂସର୍ଗରେ ଆସିଥିବା ବ୍ୟକ୍ତି ତାଙ୍କୁ କେବେ ବୃଦ୍ଧ ବୋଲି ଗ୍ରହଣ କରୁ ନଥିଲେ। ମୁଣ୍ଡରେ ଧଳା ବାଳ ତାଙ୍କ ଜରାଗ୍ରସ୍ତ ଜୀବନର ଥିଲା ଏକମାତ୍ର ପରିଚାୟକ; ମାତ୍ର କଥାବାର୍ତ୍ତାରେ ତାଙ୍କର ସ୍ୱାଭାବିକ ସରସତା ଓ ତାରୁଣ୍ୟ, ଏକ ପ୍ରଚଣ୍ଡ, ଉଦ୍ଦାମ ଓ ଅପରାଜେୟ ଜୀବନୀଶକ୍ତି ତାଙ୍କୁ ଚିରଯୁବକ କରି ରଖିଥିଲା। ତାଙ୍କ ସୃଷ୍ଟିରେ ତେଣୁ ବହୁଳାଂଶରେ ଯୌବନର ଏଇ ଉଦ୍ଦାମ ଓ ଅପରାଜେୟ ପ୍ରାଣପ୍ରାଚୁର୍ଯ୍ୟ ଏବଂ ଆଗ୍ନେୟ କଣ୍ଠସ୍ୱର ଲକ୍ଷଣୀୟ ଓ ଶ୍ରୁତିଗୋଚର। ଜୀବନର ମରଣ–ବଂଧୁର ପଥରେ ଯୌବନର ଅଭିଜ୍ଞ ଆତ୍ମାକୁ ଅଭିଷିକ୍ତ ଓ କାଣ୍ଡାରୀ କରି ସେ ତେଣୁ ନିଜର ପ୍ରାଣ–ତରୀ ଝଡ଼–

Digitized by PPRACHIN, SOA

ଝଡ଼।– କ୍ଷୁବ୍ଧ ସାଗରରେ ଚଳାଇଛନ୍ତି ଏବଂ ଜୀବନର ବହୁ ପ୍ରତାରଣା ମଧ୍ୟରେ ସମୟରେ ପଥଭ୍ରଷ୍ଟ ଓ ସଙ୍ଗୀବିହୀନ ହେଲେ ମଧ୍ୟ ଯୌବନର କପୋଳ-ପରିହିତ ଅଗ୍ନିଟୀକା ଓ ଭୀଷ୍ମ–ଶପଥକୁ ପାଥେୟ କରି ଜାତି ଓ ମଣିଷର ଦୁର୍ଦ୍ଦିନ–ତିମିରରେ ନିଜର ଲେଖନୀ–ସୁଦର୍ଶନ ଚଳାଇଛନ୍ତି। ଯୌବନର ଉଲ୍ଲାସ ଓ ମାଦକତାରେ କାଳେ ଅକାଳେ ସେ ପଥଭ୍ରଷ୍ଟ ହେବେ, ସେଥିପାଇଁ 'ମୋର ଯଉବନ' କବିତାର ଉପସଂହାରରେ ସେ ଲେଖିଛନ୍ତି–

ହସ ଝର ଝର ପୂର୍ଣ୍ଣମୀ ଅବସରେ
ଶୋଇ ବା ପଡ଼ିଚି ତମାଳ କୁଞ୍ଜତଳେ
କଳକଳ ଖେଳେ ଯମୁନା ପୁଳିନେ ବସି
ଆନ ଆଶେ ଅବା ପୁହାଇଦେବି ମୋ ନିଶି–
ତହିଁ ବିକଟ ହାସ୍ୟ ପିଞ୍ଜରା ମୋର ଚିରି
ଶୁଣାଇବ ତବ ଉଦ୍ଦାମ–ରଣଭେରୀ।
ଚମକି ନାଚିବ ତନ୍ତ୍ରୀ ମୋ ଅନିବାର
ଚଳାଇ ଝୁଲାଇ ମରଣ–ବରଣ–ମାଳ।

କବି ଗୋଦାବରୀଶ ମହାପାତ୍ର ଯଥାର୍ଥରେ ଥିଲେ ଏଇ ହୀନବଳ ଜାତିର ଯୌବନ-ଉଦ୍ଧାର ପାଇଁ ଜଣେ ଯୋଗ୍ୟ ପ୍ରତିନିଧି ଓ ସ୍ରଷ୍ଟା, ବିଷ ଓ ପୌରୁଷହୀନ ଜାତିର ଜଣେ ନିପୁଣ ବିଷବୈଦ୍ୟ ଓ ଜାଙ୍ଗଳିକ, ଏକ ସୁପ୍ତ ଜାତିର ଜଣେ ଜାଗ୍ରତ ଓ ବିନିଦ୍ର ପ୍ରହରୀ ଏବଂ ଆଜିର ଦୁର୍ନୀତିଗ୍ରସ୍ତ ମାନବିକତା ପାଇଁ ଆଗ୍ନେୟ ଚେତାବନୀର ଏକ ପ୍ରଜ୍ୱଳିତ ମଶାଲ।

ସେ ଆଜି ନାହାନ୍ତି– ତାଙ୍କର ରୁଦ୍ରକାନ୍ତ ରୂପ ଆମ ଦୃଷ୍ଟିରୁ ସବୁକାଳ ପାଇଁ ଅପସୃତ। ତାଙ୍କର ଭୀଷ୍ମବେଶ ମରଣର ଶରଶଯ୍ୟାରେ ଆଜି ନିଦ୍ରିତ; ମାତ୍ର ତାଙ୍କର ରୁଦ୍ରବୀଣା ଓ ସଂଗ୍ରାମର ପାଞ୍ଚଜନ୍ୟ କେବେ ନୀରବ ହେବାର ନୁହେଁ–ତା'ର ସ୍ୱର ଓ ମୂର୍ଚ୍ଛନା ଆମ ପ୍ରାଣରେ ଚିରନ୍ତନ ଓ ଅବିସ୍ମର ହୋଇ ରହିବ। ସେଥିପାଇଁ ତ ସେ ପ୍ରତିଶ୍ରୁତି ଦେଇ ଯାଇଛନ୍ତି ଯେ, ସେ ଆମ ନିକଟରେ ସର୍ବଦା ଉପସ୍ଥିତ–ଆମର ଜୀବନ-ମରଣର ଜଣେ ଦରଦୀ ଓ ମରମୀ ସାଥୀ ଏବଂ ଦୁର୍ଦ୍ଦିନ ତିମିରର ସାରଥି ମଧ୍ୟ। ତେଣୁ ତାଙ୍କର ମୃତ୍ୟୁ ଆମ ଭିତରେ ଅମୃତ ହେଉ–ଯୌବନର ଜୟ ହେଉ ଏବଂ ଜୟ ହେଉ ସେଇ ରୌଦ୍ର–ଦିବସର ପ୍ରତୀକ୍ଷିତ ଆଷାଢ଼ ଆକାଶର, ଯେ ଆମକୁ କରିବ ମାନବିକତାର ଶସ୍ୟରେ ସମୃଦ୍ଧ ଏବଂ ଆମେ ତାଙ୍କରି ପରି ଗାଇ ଉଠିବା–

ଯଦି କାଲି ମରିଯାଏ, ଜୀବନ–ଯାତ୍ରା ସରିଯାଏ...'

■■

Digitized by PPRACHIN, SOA

ରାଧାନାଥ ଓ ଗଙ୍ଗାଧର

ରାଧାନାଥ ଓଡ଼ିଆ କାବ୍ୟ- ସାହିତ୍ୟରେ ଏକ ନବଯୁଗର ସ୍ରଷ୍ଟା। ଆଧୁନିକ ଚିନ୍ତାଧାରା ଓ ଚେତନା ତାଙ୍କ ସୃଷ୍ଟି ମଧ୍ୟରେ ପ୍ରଥମେ ଅଭିବ୍ୟକ୍ତି ଲାଭ କରିଥିବାର ଆମେ ଲକ୍ଷ୍ୟ କରୁଁ। ତାଙ୍କ ସୃଷ୍ଟିକଳ୍ପନାର ବହିଃରୂପ ବା ଫର୍ମ କାବ୍ୟାନୁସାରୀ ହେଲେ ମଧ୍ୟ ତାଙ୍କ ସୃଷ୍ଟିର ଅନ୍ତଃରୂପ ବା ଆତ୍ମା ଆଧୁନିକତାର ସ୍ୱର ଓ ଚେତନା ବହନ କରି ବଳିଷ୍ଠ ବିସ୍ମୟ ଓ ଜୀବନ୍ତ। ରାଧାନାଥଙ୍କ କାବ୍ୟସୃଷ୍ଟିର ବହିଃରୂପକୁ ତାଙ୍କର ସମକାଳୀନ ବହୁ ସ୍ରଷ୍ଟା ଅନୁସରଣ କରିବାକୁ ଆଗ୍ରହୀ ହୋଇଥିବା ଆମେ ଲକ୍ଷ୍ୟ କରୁଁ। ମାତ୍ର ରାଧାନାଥଙ୍କର ବଳିଷ୍ଠ କାବ୍ୟାଦର୍ଶ, ମାନବଜୀବନ ପ୍ରତି କବିପ୍ରାଣର ଅପୂର୍ବ ସମ୍ବେଦନଶୀଳତା ଓ ଯାଦୁକରୀ ସୃଜନକୌଶଳର ଅଧିକାରୀ ହେବାରେ ତାଙ୍କର ସମସାମୟିକ ବା ପରବର୍ତ୍ତୀ କୌଣସି କାବ୍ୟଶିଳ୍ପୀ ଯୋଗ୍ୟ ଶିଷ୍ୟର ସୌଭାଗ୍ୟ ଅର୍ଜନ କରିନାହାନ୍ତି। ରାଧାନାଥ ଯୁଗର କବି ଗଙ୍ଗାଧର, ନନ୍ଦକିଶୋର ଓ ଚିନ୍ତାମଣି ମହାନ୍ତି ପ୍ରଭୃତି ବିଶିଷ୍ଟ ଶିଳ୍ପୀଗଣ ରାଧାନାଥଙ୍କ କାବ୍ୟସୃଷ୍ଟିର ଧାରା ଦ୍ୱାରା ପ୍ରଭାବିତ।

ଏ ପ୍ରସଙ୍ଗରେ ପୁଣି ସ୍ମରଣୀୟ ଯେ, ରାଧାନାଥଙ୍କ ଶିଳ୍ପାଦର୍ଶକୁ ଗଙ୍ଗାଧର ଓ ନନ୍ଦକିଶୋର ସମାଲୋଚନା କରି (ଗଙ୍ଗାଧରଙ୍କ 'ଉତ୍କଳ ଲକ୍ଷ୍ମୀ' ଓ 'ଉତ୍କଳ ଭାରତୀଙ୍କ ଉକ୍ତି' ଏବଂ ନନ୍ଦକିଶୋରଙ୍କର 'କବି ରାଧାନାଥ ଓ ତଦୀୟ କବିତା' ଶୀର୍ଷକ ଆଲୋଚନା ଦ୍ରଷ୍ଟବ୍ୟ) ନିଜ ନିଜର କାବ୍ୟସୃଷ୍ଟିରେ ଆଦର୍ଶବାଦୀ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରିଛନ୍ତି। ମାତ୍ର ସେ ଆଦର୍ଶ ଏକପାକ୍ଷିକ। ଜୀବନର ଅନ୍ତଃନାଡ଼ୀ ସହ ସଂଲଗ୍ନ ବାସ୍ତବତାର ଭୂତଳ–ଜଠରରୁ ତାର ଜନ୍ମ ବା ବିକାଶ ନୁହେଁ କିମ୍ବା କବି ଓ୍ୱର୍ଡ଼ସଓ୍ୱର୍ଥଙ୍କ ' True to the kindred points of Heaven and Home' ର ସ୍ୱଭାବ ପରି ସ୍ୱର୍ଗର ଅତ୍ୟୁଚ୍ଚ ଆଦର୍ଶ ସହିତ ମର୍ତ୍ତ୍ୟ–ଜୀବନର ଆନନ୍ଦ–ବେଦନାର ସୁମଧୁର ସମନ୍ୱୟ ତାହା ନୁହେଁ। କବି ଗଙ୍ଗାଧର ରାଧାନାଥଙ୍କ ସାରସ୍ୱତ ଚେତନା, ଚିତ୍ରସୃଷ୍ଟି ଓ ଚିନ୍ତାଧାରା ଦ୍ୱାରା କିପରି ପ୍ରଭାବିତ ହୋଇଛନ୍ତି, ତାହାରି ଉପରେ କିଞ୍ଚିତ୍ ଆଲୋକପାତ କରିବାକୁ ଏହି ପ୍ରବନ୍ଧଟିର ଅବତାରଣା।

ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ଯେଉଁ ଅନ୍ତରଙ୍ଗତା ଓ ଆତ୍ମୀୟତା ଥିଲା, ତାହା ଉଭୟଙ୍କ ଭିତରେ ବିନିମୟ ହୋଇଥିବା ପତ୍ରାବଳୀ ମଧ୍ୟରେ ସ୍ପଷ୍ଟ। ରାଧାନାଥଙ୍କ ଚରିତ୍ରସୃଷ୍ଟିର ଆଦର୍ଶ ପ୍ରତି ସ୍ଥଳବିଶେଷରେ ଗଙ୍ଗାଧରଙ୍କ ମନରେ ଯେଉଁ ଗ୍ଲାନି

Digitized by PPRACHIN, SOA

ରହିଥିଲା, ତାହା 'ଉତ୍କଳଲକ୍ଷ୍ମୀ'ରେ ସେ ପ୍ରକାଶ କରିଛନ୍ତି। ତଥାପି ରାଧାନାଥଙ୍କୁ ସେ କିପରି ସମ୍ଭ୍ରାନ୍ତ ଓ ସଭକ୍ତ ଦୃଷ୍ଟିରେ ଦେଖୁଥିଲେ, ତାହା ସେଇ 'ଉତ୍କଳଲକ୍ଷ୍ମୀ'ର–

'କାବ୍ୟହିଁ ଗଲେଣି କାବ୍ୟ ରଚିବାକୁ ରାଧାନାଥ ନାମ ବହି
ତାହାଙ୍କ ଭାରତୀ ବଳେ ହେବ ଖ୍ୟାତ ଭାରତେ ଉତ୍କଳ ମହୀ।' ପଦରୁ ସ୍ପଷ୍ଟ।

କବି ରାଧାନାଥ ନିଜର ସ୍ୱଭାବସୁଲଭ ନମ୍ରତା ଓ ସୌଜନ୍ୟ ପ୍ରଦର୍ଶନ କରି ଏହି ପଦଟିକୁ ପାଣ୍ଡୁଲିପିରୁ ବାଦ୍ ଦେବାକୁ ଅନୁରୋଧ କରିଥିଲେ ମଧ ଗଙ୍ଗାଧର ତାହା କରି ନଥିଲେ। ରାଧାନାଥଙ୍କ ପ୍ରତି କବି ଗଙ୍ଗାଧରଙ୍କର ଶ୍ରଦ୍ଧା ଓ ଭକ୍ତି କେତେ ନିବିଡ଼ ଓ ନିଷ୍ଠାପର ଥିଲା, ଏଇ ଘଟଣାରୁହିଁ ଆମେ ତାହା ଅନୁଭବ କରିପାରୁଁ।

ରାଧାନାଥଙ୍କ କାବ୍ୟଜୀବନର ପରିଧି ୧୮୮୬ ଖ୍ରୀ: ଅ: ରୁ ୧୮୯୫ ଖ୍ରୀ:ଅ: ଏବଂ ଗଙ୍ଗାଧରଙ୍କ କାବ୍ୟଜୀବନର ପରିଧି ୧୮୯୨ ଖ୍ରୀ: ଅ: ରୁ ୧୯୨୨ ଖ୍ରୀ: ଅ: ପର୍ଯ୍ୟନ୍ତ। ଅବଶ୍ୟ ୧୮୯୨ ଖ୍ରୀ: ଅ: ପୂର୍ବରୁ ଗଙ୍ଗାଧର ଛୋଟ ଓ ବଡ଼ ଧରଣର କେତୋଟି କବିତା ଲେଖିଥିଲେ ଏବଂ ସେଗୁଡ଼ିକ ମଧ୍ୟରୁ 'ରସ ରତ୍ନାକର' ହିଁ ବଡ଼ ଓ କବିମାନର ସର୍ବୋତ୍ତମ ବାର୍ତ୍ତାବହ। କବି ରାଧାନାଥଙ୍କର 'ଚିଲିକା' କାବ୍ୟର ଅନୁସରଣ ବା ଅନୁକରଣରେ ବହୁ ପ୍ରକୃତି ବର୍ଣ୍ଣନାତ୍ମକ କାବ୍ୟକବିତା ଓଡ଼ିଆ ସାହିତ୍ୟରେ ଆତ୍ମପ୍ରକାଶ କରିଛି। ଏ ପ୍ରସଙ୍ଗରେ ବାସୁଦେବ ସୁଢ଼ଳଦେବଙ୍କର 'ଚିତ୍ରୋତ୍ପଳା', ଗଙ୍ଗାଧରଙ୍କର 'ବେଦବ୍ୟାସ', ଚିନ୍ତାମଣି ମହାନ୍ତିଙ୍କର 'ସାଳନ୍ଦି', 'ମେଘାସନ', 'ମହେନ୍ଦ୍ର', 'ଉଦ୍ୟାନଖଣ୍ଡ', 'ସିଂହରାଜ' ଓ 'ମହୋଦଧି' ପ୍ରଭୃତି କାବ୍ୟ, ମୃତ୍ୟୁଞ୍ଜୟ ରଥଙ୍କର 'ନରାଜ', ବିରୂପାକ୍ଷ କରଙ୍କର 'ବୈତରଣୀ', ଗୋବିନ୍ଦ ମହାପାତ୍ରଙ୍କ 'ହିମାଚଳ', କାମପାଳ ମିଶ୍ରଙ୍କର 'ଅଂଶୁପା', ବଳଭଦ୍ର ବହିଦାରଙ୍କର 'ଚିତୋତ୍ପଳା', ଚନ୍ଦ୍ରମଣି ଦାସଙ୍କର 'ଧାମରା', କାନ୍ତକବି ଲକ୍ଷ୍ମୀକାନ୍ତଙ୍କର 'ବୈତରଣୀ' ଏବଂ ସାଂପ୍ରତିକ କାଳର ଜୟକୃଷ୍ଣ ମିଶ୍ରଙ୍କର 'ମାଲ୍ୟଗିରି' ଓ 'ଅଂଶୁପା' ଏବଂ କୁଞ୍ଜବିହାରୀ ଦାଶଙ୍କର 'ତୁଡ଼ୁମା' ଓ 'ବାଗ୍ରା' ସ୍ମରଣୀୟ। କିନ୍ତୁ ଲକ୍ଷ୍ୟ କରିବାର କଥା, ପ୍ରକୃତି ବର୍ଣ୍ଣନାତ୍ମକ କାବ୍ୟଭାବରେ ସ୍ରଷ୍ଟା ରାଧାନାଥଙ୍କର 'ଚିଲିକା' ଓଡ଼ିଆ ସାହିତ୍ୟରେ ଯେଉଁ ଗୌରବ ଓ ପ୍ରତିଷ୍ଠାର ଅଧିକାରୀ, ତାହା ଲାଭ କରିବାର ସୌଭାଗ୍ୟ ଅନ୍ୟ କୌଣସି କାବ୍ୟ ପାଇନାହିଁ। କବି ଗଙ୍ଗାଧରଙ୍କ 'ଦେବବ୍ୟାସ' ଲୌକିକ ରଙ୍ଗ ଧାରଣ କରି କେବଳ ଶିଳାସମଷ୍ଟିର ବର୍ଣ୍ଣନାମାତ୍ର ହୋଇରହିଛି, ତା' ମଧ୍ୟରେ ସୃଷ୍ଟିସୁଲଭ ସଂହତି ଓ ଚେତନଶକ୍ତିର ଅଭାବ ପରିଦୃଶ୍ୟ।

ରାଧାନାଥଙ୍କ 'ତୁଳସୀସ୍ତବକ'ର ରଚନାପଦ୍ଧତିର ସ୍ୱର ଗଙ୍ଗାଧର ନିଜର 'ମହିମା'ରେ ଅନୁସରଣ କରିଛନ୍ତି। 'ତୁଳସୀସ୍ତବକ'ରେ ରାଧାନାଥ ଉପମା-ସଂଯୋଜନ ମଧ୍ୟରେ ନୀତି ଓ ଆଦର୍ଶ ଯେପରି ପ୍ରକାଶ କରିଛନ୍ତି, ସେହିପ୍ରକାର ପଦ୍ଧତି 'ମହିମା'ରେ ଆମେ ଦେଖୁଁ। ଦୃଷ୍ଟାନ୍ତ ସ୍ୱରୂପ, 'ତୁଳସୀ ସ୍ତବକ'ର

Digitized by PPRACHIN, SOA

ଲକ୍ଷ୍ମଣ ଘନ ଦେଖି ନାଚଇ କେକୀ,
ଭକତ ଯଥା ଭଗବାନ୍‌ଙ୍କୁ ଉପେକ୍ଷି;
ବିଚରେ ଅକାତରେ ଜୀବନ ଘନ,
ଧନ୍ୟ, ଯେ ଦାତା ଜାଣେ ଯାଚକ—ମନ।—

ପଦସହିତ ଗଙ୍ଗାଧରଙ୍କ

'ମହିମା'ର—

ପର ଉପକାର ପୁଣ୍ୟମୟ ବ୍ରତ ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପରଉପକାରେ ଦିଅନ୍ତି ଶସ୍ୟକିରଣ।— ପଦ ତୁଳନୀୟ।

ରାଧାନାଥଙ୍କ 'ଚନ୍ଦ୍ରଭାଗା'ର କାବ୍ୟଚେତନା ଗଙ୍ଗାଧର 'କୀଚକବଧ'ରେ ପ୍ରସଙ୍ଗକ୍ରମେ ଅନୁସରଣ କରିଛନ୍ତି। କବି ରାଧାନାଥ ଇଂରେଜୀ କବି ପୋପଙ୍କର "Windsor forest" ର ପଳାୟମାନା ପରୀ ଓ ଅନୁଧାବନରତ ପାନ୍ (Pan) ଚରିତ୍ରଦ୍ୱୟର ଚିତ୍ରାନୁସାରେ 'ଚନ୍ଦ୍ରଭାଗା'ରେ ପଳାୟନରତ ଚନ୍ଦ୍ରଭାଗା ଓ ଅନୁଧାବନରତ ସୂର୍ଯ୍ୟ ଚରିତ୍ରର ଚିତ୍ର ପ୍ରଦାନ କରିଛନ୍ତି।

କାହିଁ ପଳାଉଛୁ ସୁନ୍ଦରି ! ହୋଇ ଏଡ଼େ କାତର,
ଚରଣ କିଙ୍କର ଜନକୁ କିପାଁ ଏଡ଼େ ତୋ ଡର ?
\+ \+ \+ \+
ପଳାୟନେ ପୁଣି ସୁନ୍ଦରୀ ଦିଶେ ସୁନ୍ଦରତର
ଅସମ୍ଭାଳ—ବେଶ—ଭୂଷଣେ ଆହା, କି ମନୋହର !
ଶାଣ— ଶାଣ୍ଠ ପ୍ରାୟେ ଅଙ୍ଗନା—ଅଙ୍ଗ ଚାରୁଚଳନ,
ବସନ ଉଡ଼ାଇ ଦେଖାଏ ରଙ୍ଗେ ସିନ୍ଧୁ—ପବନ।
\+ \+ \+ \+
ହେମାଙ୍ଗ ହଳଦୀ ବସନ୍ତ ଦେଖି ଯେହ୍ନେ ସଞ୍ଚାଣ
ଅନ୍ତରୀକ୍ଷେ ଧାଏଁ ସଲକ୍ଷେ କ୍ଷଣପ୍ରଭା ସମାନ।
\+ \+ \+ \+
ହଳଦୀ ବସନ୍ତ ଏକାନ୍ତ ପ୍ରାଣଭୟେ ଅସ୍ଥିର
କ୍ଷଣେ ଧୃତ, କ୍ଷଣେ ମୁକତ ମଣେ ନିଜ ଶରୀର।

"ଚନ୍ଦ୍ରଭାଗା" ର ଏଇ ଅଂଶଟି କାବ୍ୟରେ ଏକ ସୌନ୍ଦର୍ଯ୍ୟବିନ୍ଦୁ ଓ ସମସ୍ତଙ୍କର ଦୃଷ୍ଟିନନ୍ଦନ। ନାରୀର ରୂପସୌନ୍ଦର୍ଯ୍ୟ ଏକେତ ଆକର୍ଷଣୀୟ, ସେଥିରେ ପୁଣି ପୁରୁଷ ନିକଟରେ ପଳାୟମାନା ନାରୀର ରୂପବିଳାସ ଅଧିକତର ମନୋଜ୍ଞ ଓ ଆକର୍ଷଣୀୟ। ଓଡ଼ିଆ ସାହିତ୍ୟର ବହୁ କାବ୍ୟଶିଳ୍ପୀ 'ଚନ୍ଦ୍ରଭାଗା'ର ଏହି ଅଂଶଟିକୁ ଅନୁସରଣ ବା ଅନୁକରଣ କରିବା ପାଇଁ ଚେଷ୍ଟା କରିଛନ୍ତି। ଗଙ୍ଗାଧର ନିଜର 'କୀଚକବଧ'ରେ

Digitized by PPRACHIN, SOA

ସଚ୍ଚିଦାନନ୍ଦ ତ୍ରିଭୁବନଦେବ ତାଙ୍କର 'ମାୟା ଶବରୀ'ରେ, ଚିନ୍ତାମଣି ମହାନ୍ତି ତାଙ୍କର 'ମୋହିନୀ' କାବ୍ୟରେ ଏହି ଚିତ୍ର ଦ୍ୱାରା ପ୍ରଭାବିତ। ଗଙ୍ଗାଧର ଲେଖିଛନ୍ତି—

"ଦ୍ରୌପଦୀ ଦ୍ରୁତପଦେ ଧାଆଁନ୍ତି ଆଗ,
ମୃଗୀ ପଳାଏ ଯେହ୍ନେ ଦେଖିଲେ ବାଘ।
ପଛକୁ ଉଡ଼େ ବାମା ଅଞ୍ଚଳ—ବୀଚି,
ମୁକ୍ତ କୁନ୍ତଳ ପୃଷ୍ଠେ ହୁଅଇ ବିଛି,
ହଲଇ କଟି, ହଲେ ବାହୁଯୁଗଳ,
ଚିକୁର ନାଚେ ଶୋଭି ଖଣ୍ଡମଣ୍ଡଳ;
ବନ୍ଧ ଅଧର ଓଷ୍ଠ ରୁଦ୍ଧ ନିଶ୍ୱାସ,
ଉର ବସନ ନାଚେ ହୋଇ ଉଶ୍ୱାସ;......

ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ଲେଖିଛନ୍ତି—

ଦାସଜନଠାରେ ନିଗ୍ରହ କିପାଁ କରୁ ନବୀନା
ଆଜ ମୁଁ ହୋଇଛି ତୋହର ପଦ ପଙ୍କଜେ କିଣା।
+ + + +
ଦ୍ରୁତ ଗତିକରି ଗୋଡ଼ାନ୍ତି ପଛେ ପଛେ ଶ୍ରୀହରି
ବନେ ବନେ ଦେବୀ ପଳାନ୍ତି ଘନେ ଚପଳା ପରି।
+ + + +
ବ୍ୟସ୍ତ ହୋଇ ଦୋଳେ ଚରମେ ଘନ କୃଷ୍ଣ କୁନ୍ତଳ
ତରଣୀ ତନୟା ତରଙ୍ଗ ପ୍ରାୟେ ଦିଶି ଚଞ୍ଚଳ।

ଚିନ୍ତାମଣି ମହାନ୍ତି ଲେଖିଛନ୍ତି—

ହରଙ୍କୁ ସନ୍ନିଧେ ଦେଖି ହରିକଲେ
          କପଟେ ଚଞ୍ଚଳ ଗତି,
ଚହୁଁ ଊର୍ଦ୍ଧ୍ୱଶ୍ୱାସେ, ବାଳା ପଛେ ପଛେ
          ଗୋଡ଼ାଇଲେ ପଶୁପତି।
ପ୍ରାଣ ଆତଙ୍କରେ ପଳାଏ ଯେସନ
          ନିଷାଦଠାରୁ କୁରଙ୍ଗୀ,
ସଙ୍କଷ ତିର୍ଯ୍ୟକ ବଙ୍କିମ ଗତିରେ
          ଆଚରି ବିବିଧ ଭଙ୍ଗୀ।
କିଛି ଦୂର ଯାଇ ପଛକୁ ଲେଉଟି
          ଅନାଏ ଅତି ଚଞ୍ଚଳେ,
ବ୍ୟାଧକୁ ସନ୍ନିଧେ ନିରେଖି ସଭୟେ
          ପୁଣି ଧାବଇ ପ୍ରବଳେ।

Digitized by PPRACHIN, SOA

ସେହିପରି ବାଳା ଅସମ୍ଭାଳ ବେଶେ
ଧାଇଁଛି ହୋଇ ଆକୁଳ
ଦ୍ରୁତଗତି ହେତୁ ଖସି ପଡୁଅଛି
ଖୋଷା–ଖୋସା ଚାରୁଫୁଲ।

ବର୍ତ୍ତମାନ ରାଧାନାଥଙ୍କ କାବ୍ୟର ବର୍ଣ୍ଣନାଭଙ୍ଗୀ, ଚିତ୍ରସୃଷ୍ଟି, ଉପମା–ସଂଯୋଜନ, ଚିନ୍ତା ଓ ଚେତନା ଦ୍ୱାରା ଗଙ୍ଗାଧର ଅନ୍ୟତ୍ର କିପରି ପ୍ରଭାବିତ, ତାଆଗି କେତୋଟି ଦୃଷ୍ଟାନ୍ତ ଉଭୟଙ୍କ ସୃଷ୍ଟି ମଧ୍ୟରୁ ଅବତାରଣା କରୁଛି। ପ୍ରଥମତଃ ବହୁ ସ୍ରଷ୍ଟା ଓ ସମୀକ୍ଷକଙ୍କ ଦ୍ୱାରା ନିନ୍ଦିତ ଓ ନନ୍ଦିତ ରାଧାନାଥଙ୍କ 'ପାର୍ବତୀ' କାବ୍ୟର ପ୍ରସଙ୍ଗ ଦେଖାଯାଉ।

ରାଧନାଥ ଲେଖିଛନ୍ତି:—

କେହି ରହିନାହିଁ ରହିବ ନାହିଁଟି ଭବ–ରଙ୍ଗଭୂମି–ତଳେ,
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ।
ସ୍ମୃତି–ତୀର୍ଥେ ଯାର ନାମ ହୋଇଅଛି ଅମରବର୍ଣ୍ଣେ ଅଙ୍କିତ,
ପୁଣ୍ୟଶ୍ଳୋକ ଐର ନରପତି ହେଲେ କାଳ–ତୁଣ୍ଡେ କବଳିତ,
କାହିଁ ଗଲେ ଇନ୍ଦ୍ରଦ୍ୟୁମ୍ନ ମହୀପତି ଉତ୍କଳ–ଗୌରବ–ରବି
ନୀଳାଚଳେ ସ୍ଥାପି ଏହି କୀର୍ତ୍ତି କଳି–କଳୁଷ–ପର୍ବତ–ପବି ?
କାଳଗର୍ଭେ ଭବେ ଲୀନ ହେଲେ କେତେ ମହୀପତି ମହାଯଶା,
ହୋଇଅଛି ଯାଙ୍କ ଜୀର୍ଣ୍ଣସୌଧ ଏବେ ବ୍ୟାଘ୍ର ଭଲ୍ଲୁକର ବସା !
ଶୈବାଳ ପାଷାଣ–ବେଦିରେ ସଉଧ ହୋଇଛି ନୀଳବରଣ,
କୃମି–ତନ୍ତୁ–ଜାଲ ହୋଇଅଛି ଏବେ ଗବାକ୍ଷର ଆସ୍ତରଣ।
ସ୍ୱର୍ଣ୍ଣ ଦୀପାଲୋକେ ଉଠୁଥିଲା ଯହିଁ ଅଗୁରୁଧୂପର ଘଟା
ତିମିରକୁ ତହିଁ ବୀଜନ୍ତି ବିଜନେ ପକ୍ଷବାତେ ଚମଟା !
ତୋଳିଲେ ଅତୁଳ ଦୁର୍ଗ ଯେଉଁ ବୀର ବିରୂପା–ତଟିନୀ ତୀରେ
ବିରୂପା–ତରଙ୍ଗେ ବୁଦ୍‌ବୁଦ୍ ପରାଯେ ମିଶିଗଲେ କାନନୀରେ !

(ପାର୍ବତୀ)

ଏ ପଦାବଳୀର ଅନୁସରଣରେ ଗଙ୍ଗାଧର ଲେଖିଛନ୍ତି—

ମର୍ତ୍ତ୍ୟ ମଣ୍ଡଳରେ ଜନମିଲେ ଦିନେ ଅବଶ୍ୟ ଅଛି ମରଣ,
ସର୍ବଗ୍ରାସୀ କାଳ ପ୍ରତି ନିମେଷରେ କରୁଛି ଆୟୁ ହରଣ।
ଥିଲେ କେତେ କେତେ ଅମିତ ତେଜସ୍ୱୀ ବସୁନ୍ଧରାପତିମାନେ,
ନାମମାତ୍ର ଅଛି ତନୁ ଯାଇଅଛି ଭୟଙ୍କର ଶ୍ମଶାନେ।

Digitized by PPRACHIN, SOA

ତବଂଶେ ଥିଲେ ନୃପତି—ମୁକୁଟମଣି ପୁରଞ୍ଜୟ ନାମେ
ମରଲୋକ ଇଡି ବ୍ୟାପିଥିଲା ତାଙ୍କ କୀରତି ଅମର ଧାମେ।
ସେହି ଯଶୋଧନ ବୀରଗଣାଗ୍ରଣୀ ଆଜି ଏ ମହୀରେ କାହିଁ?
କାଳର ଅଜେୟ ପରାକ୍ରମକୁ ସେ ଲଘିତ ପାରିଲେ ନାହିଁ।
ତୁମ୍ଭ ପିତାମହ ଦିଲୀପ ଭୂପତି ପିତା ରଘୁ ମହାରାଜ,
ଦୋର୍ଦ୍ଦଣ୍ଡକୁ ଯାର ମଘବା ଶଙ୍କର ସେହି ଅଛନ୍ତି କି ଆଜ?

(ଇନ୍ଦୁମତୀ)

ରାଧାନାଥଙ୍କ 'ପାର୍ବତୀ'ର—

ଋଷିକୁଲ୍ୟାଠାରୁ ସୁବର୍ଣ୍ଣ ତଟିନୀ ଯାଏ ସର୍ବ ଜନପଦ
ନାନା ଉପାୟନେ ପୂଜୁଛନ୍ତି ଆଜ ବୀରଗଙ୍ଗେଶ୍ୱର ପଦ।
ସୁବର୍ଣ୍ଣତଟିନୀ—ଶୁଭ୍ରକୂଳ—କୋଳେ କରନ୍ତି ସ୍ୱର୍ଣ୍ଣସଞ୍ଚୟ
ହେବାପାଇଁ ରାଜ—ମଞ୍ଜୁକେଶୀଙ୍କର ପୟରେ ଶିଞ୍ଜା—ବଳୟ।
ରାଜରାଣୀଙ୍କର କବରୀମଣ୍ଡନ ପାଇଁ ଖଣି ଅନ୍ଧକାରେ
ଖନକେ ଖୋଳନ୍ତି ମଣି ମହାନଦୀ—ବିଷମ—ଶିଳାଶଯ୍ୟାରେ।
+ + + +
କୁଳଙ୍ଗ ଯୋଗାଏ ଉଶୀର ବ୍ୟଜନ, କନିକା ମୁକ୍ତା ପ୍ରବାଳ,
ମହୋଦଧି ବକ୍ଷେ ବହି ଦ୍ୱୀପାନ୍ତରୁ ଆଣନ୍ତି ଯା' ପୋତମାଳ।

—ଚିତ୍ରାନୁସରଣରେ

ଗଙ୍ଗାଧର ଲେଖିଛନ୍ତି—

ନୃପତିମଣ୍ଡଳ ନତଶିର ହୋଇ ପୂଜୁଛନ୍ତି ରଘୁପଦେ,
ରଘୁଙ୍କ ଭବନ ହୋଇଅଛି ପୂର୍ଣ୍ଣ ଦେବଦୁର୍ଲଭ ସମ୍ପଦେ।
ହିମାଦ୍ରି—ନିର୍ଝର—ଧୌତ—ରମ୍ୟାଚଳ—ବିହାରୀ ବାରଣଗଣ
ସିନ୍ଦୂର ଚିତ୍ରିତ ମସ୍ତକେ ପ୍ରାଙ୍ଗଣେ କରୁଛନ୍ତି ବିଚରଣ।
କଇଳାସଗିରି ଉପତ୍ୟକାଚାରୀ 'ଚମରୀ ଶ୍ୱେତଚାମର
ଶୋଭା ସମ୍ପାଦଇ ଶିରେ ସଞ୍ଚାଳିତ ହୋଇ ମହାରାଜାଙ୍କର।
ହିମଗିରି ଗୁହାକୁଞ୍ଜ ଯେଉଁ ମଣି ନାଶୁଥିଲେ ଅନ୍ଧକାର,
ପୁଞ୍ଜପୁଞ୍ଜ ହୋଇ ସଦା ଉଜ୍ଜ୍ୱଳିତ କରୁଛନ୍ତି ନୃପାଗାର।
ମହୋଦଧି ତୁଙ୍ଗ ତରଙ୍ଗ କ୍ଷାଳିତ ଉଜ୍ଜ୍ୱଳ ମୁକ୍ତାପଟଳ
ମାଳମାଳହୋଇ ରାଜପୁରେ କେତେ ଝୁଲିଦିଶେ ଝଲମଲ।

(ଇନ୍ଦୁମତୀ)

Digitized by PPRACHIN, SOA

ରାଧାନାଥଙ୍କର—

ଭବିତବ୍ୟ ଯାହା ଅବଶ୍ୟ ଘଟିବ, କିଏ ତା' କରିବ ଆନ?
କିଏ ଅବା ଏହି ଜ୍ୟୋତିଷ୍କଙ୍କ ଗତି ରୋଧିବାକୁ ବଳବାନ?
ସ୍ୱାତୀ ଚିତ୍ରା ବେନି ତରାଜୁ ତୁଳାର ବିରାଜେ ନଭୋମଣ୍ଡଳେ,
ଏହି ଦଣ୍ଡେ ଧାତା ତଉଲନ୍ତି ଅବା ନରଭାଗ୍ୟ ମହୀତଳେ।
କାହା ଭାଗ୍ୟ ଗୁରୁ କାହା ଭାଗ୍ୟ ଲଘୁ ହେବ ଏ କାଳ ସମରେ
ଅଛି ଏକା ସେହି ବ୍ରହ୍ମାଣ୍ଡ—ଠାକୁର ଅନନ୍ତ—ଜ୍ଞାନ—ଗୋଚରେ;
ସେହିପାଇଁ ସିନା ଶ୍ରୀହସ୍ତେ ରଖନ୍ତି ଅଜ୍ଞେୟ ଅଦୃଷ୍ଟ କଣ୍ଠୁ,
ଯା ଭେଦ ନପାଇ ଭାବି ଭାବି ବଣା ହୁଅନ୍ତି ଶିବ—ବିରଞ୍ଚି।

ପଙ୍‌କ୍ତିଗୁଡ଼ିକର ଛାୟା ଗଙ୍ଗାଧରଙ୍କର—

ଭବେ ଭବିତବ୍ୟ ଅବଶ୍ୟ ଘଟଇ, ନହୁଏ କେବେ ଅନ୍ୟଥା,
ମୂଢ଼ଜନେ ସିନା ତହିଁ ପାଇଁ ବୃଥା ହୃଦେ ପୋଷୁଥାନ୍ତି ବ୍ୟଥା।
ବିଧିବିଧାତବ୍ୟ ବିଷୟ ନ ବୁଝି କ୍ଷୋଭ କରିବାର ମନେ
ପ୍ରାକୃତମାନବ ପରାୟେ ଉଚିତ ନୁହେଁ ଭବାଦୃଶ ଜନେ।
+ + + +
କର୍ମଫଳ ଘେନି ଜନ୍ମ ଲଭୁଛନ୍ତି ଜୀବଗଣ ବସୁଧାରେ,
ଫଳ ଭୁଞ୍ଜି ସାରି ଯାଉଛନ୍ତି ପୁଣି କୃତକର୍ମ ଅନୁସାରେ।
ଜୀବନ ପ୍ରଦୀପ ଜଳୁଥାଏ ଦେହେ ଆୟୁସ୍ତୈଳ ଥିବାଯାଏ,
ଆୟୁସ୍ତୈଳ ସବୁ ନିଃଶେଷିତ ହେଲେ ନିର୍ବାଣ ସେ ହୋଇଯାଏ।
ଅଚିନ୍ତ୍ୟ ପୁରୁଷହସ୍ତେ ଅଛି ସେହି ତୈଳ ଦେବା ଅଧିକାର,
ଅପକ୍ଷପାତରେ ବଣ୍ଟନ କରନ୍ତି କର୍ମ ଦେଖି ଯେ ଯାହାର।

—ପଙ୍‌କ୍ତିଗୁଡ଼ିକ ମଧ୍ୟରେ ପ୍ରତିଫଳିତ।

Digitized by PPRACHIN, SOA

ରାଧାନାଥଙ୍କର—

ଯହିଁ ଯା ଶୋଭିବ ସେହି ତା ବିଧାତା ଖଞ୍ଜିଛନ୍ତି ସେହି ସ୍ଥାନେ,
ରସାଣିଛି ପୁଣ ଶୋକ ସେ ମୂରତି ମଧୁର—ସିଗ୍ଧ—ରସାଣେ,
ମ୍ରିୟମାଣା ଆହା, ଅମ୍ବୁରାଶି ତଳେ କିମ୍ବା ବିମ୍ବାଧରା ରମା,
ଅଥବା ବହୁଳ ପକ୍ଷେ ପ୍ରାଚୀମୂଳେ ହିମାଂଶୁ—କଳା ଚରମା,
ବନେ ନିର୍ବାସିତା ସୀତା ଅବା ରାମ— ହୃଦୟ—ଜ୍ୟୋତ୍ସ୍ନା—ରୂପିଣୀ,
ହିମାଚଳେ କାମ— ବିୟୋଗ—ବିଧୁରା କିମ୍ବା କାମ—ସୀମନ୍ତିନୀ,
କାଳିନ୍ଦୀ—ପୁଳିନେ ଶ୍ୟାମ—ବିରହିଣୀ ଅବା ବୃଷଭାନୁ—ସୁତା,
ଅବା ନବରମା କରୁଣା—ସମୁଦ୍ର—ମନ୍ଥନରୁ ସମୁଦ୍ଭୂତା,
+ + + +
ନୀଳ—ପକ୍ଷ୍ମମାଳେ ଅଶ୍ରୁବିନ୍ଦୁ ଝଳେ, ସ୍ୱଚ୍ଛ ମୁକ୍ତାଫଳ ଜିଣି,
ଦିବୁଁ ଅବତୀର୍ଣ୍ଣ ଭବତଳେ, ଆହା କରୁଣା କି ଶରୀରିଣୀ।

ପଙ୍‌କ୍ତିଗୁଡ଼ିକର

ପ୍ରାଣସ୍ପନ୍ଦନ ଗଙ୍ଗାଧରଙ୍କର 'ତପସ୍ୱିନୀ'ରେ ଆମେ ଅନୁଭବ କରୁଁ

ସ୍ୱର୍ଗପୁରୁ କେଉଁ ଦେବୀ କି ସଦ୍ୟ ଶାପର ଫଳେ
ସଦେହରେ ଖସି ପଡ଼ିଛି ଆସି ଅବନୀ ତଳେ ?
ଭ୍ରମୁ ଭ୍ରମୁ କିବା ଅଭ୍ରରେ ଅଭ୍ରମାତଙ୍ଗ ଚଢ଼ି
ପୁରନ୍ଦର—ପୁରଶୋଭିନୀ ପଡ଼ିଅଛନ୍ତି ଗଡ଼ି ?
କିଏ ବା ଭାବିଲା, ଜାହ୍ନବୀ ଅବା ମୂର୍ତ୍ତିମତୀକି
ଲୋତକ—କଲ୍ଲୋଳେ ଭସାଉଛନ୍ତି ବସୁମତୀକି ?
କରକା ପରାୟେ କରୁଣା କିବା ସ୍ୱର୍ଗରୁ ଗଳି
ପର ଦୁଃଖ—ତାପେ କ୍ରମଶଃ ଭବେ ଯାଉଛି ଗଳି ?

ରାଧାନାଥଙ୍କ ''ପାର୍ବତୀ''ରେ ଅନ୍ନପୂର୍ଣ୍ଣାର ଚରିତ୍ର—

ବୋଇଲେ, ''ସେକଥା କହିବାକୁ ଯେବେ ହୃଦ ହେଉଅଛି ଘାରି
ତୁମୀ ହ ସେକଥା ଶୁଣିବାକୁ ମନ ବଳୁନାହିଁ ସୁକୁମାରୀ !''
ବୀଣା—ଜିଣା ସ୍ୱରେ କହେ ହେମା, ''ଆହା, ଏ ସ୍ନେହ ପାଇବି କାହୁଁ ?
ତୁମ୍ଭଠାରେ ଦୁଃଖ ନ କହିବି, ତେବେ କହିବି କାହାକୁ ଆଉ ?
ଭବ—ମରୁ—ସ୍ଥଳେ ଦୟାମୟି ! ତୁମ୍ଭେ ଶୀତଳ—ବାରି—ନିର୍ଝର,
ତରଳ ହେବାକୁ ଜାଣେ ପର—ଦୁଃଖେ କୋମଳ ତୁମ୍ଭ ଅନ୍ତର,
ଦେବି ଗୋ, ପ୍ରାବୃଟେ ତଟିନୀ ଯେସନେ ନପାରେ ବାରି ସମ୍ଭାଳି,

Digitized by PPRACHIN, SOA

ଅସମ୍ଭାଳେ ହ୍ରଦୁଁ ପୂର ପ୍ରବାହକୁ ବେନି କୂଳେ ଦିଏ ଢାଳି,
ଦୁଃଖୀ ସେହିପରି, ହୃଦେ ଯେବେ ତା'ର ବଳିପଡ଼େ ହୃଦବ୍ୟଥା
ସମ–ଦୁଃଖୀ ଜନେ ହୃଦୟ ଫିଟାଇ କହେ ନିଜ ଦୁଃଖକଥା,
କରୁଣା ବିହୁନେ ଦୁଃଖୀକି ମୁଖର କରଇ ଆବର କିଏ ?
ତୋପରି କରୁଣାମୟୀ ଭବେ ସିନା କୋଟିରେ ମିଳେ ଗୋଟିଏ !

ଏହି ପଙ୍‌କ୍ତିଗୁଡ଼ିକର ଆଲୋକଚିତ୍ର 'ତପସ୍ୱିନୀ'ର–

ତା ଚାହିଁ କହିଲା ସଖୀ, "ଛାଡ଼ ସେହି କଥା,
ଚାପଲ୍ୟ ମୋ କ୍ଷମାକର, ବୃଥା ଦେଲି ବ୍ୟଥା।"
ବୋଇଲେ ଜାନକୀ, "ସଖି–ଆତ୍ମପରିଚୟ
ନ ଦେଇ ପରାଣ ମୋର ହେଉଛି ଅଥୟ।
ଭରସା କରିଛି ମୋର ଅନ୍ତିମ ଜୀବନ
ତୁମ୍ଭ ସହକାରେ ଏଥି କରିବି ଯାପନ।
ନ କହିବି ନିଜ କଥା ଯଦି ତୁମ୍ଭ ପାଶ,
କରିବ କି ରୂପେ ତୁମ୍ଭେ ମୋ ପ୍ରତି ବିଶ୍ୱାସ ?
କହିଦେଲେ ଲଘୁ ହେବ ମୋର ଦୁଃଖଭାର;
ବୁଝିବ ତହିଁରେ ତୁମ୍ଭେ କିପରି ସଂସାର।–

ପଙ୍‌କ୍ତି ଗୁଡ଼ିକ ମଧ୍ୟରେ ସ୍ପଷ୍ଟ।

ପୁଣି 'ପାର୍ବତୀ'ର–

ସଦା ମନେ ଶୁଚି, ପାପେ ଅଭିରୁଚି କେବେତ ନଥିଲା ତା'ର,
ମାନସ–ସରସୀ ବିହାରିଣୀ ହଂସୀ କେବେ କି ଲୋଡ଼େ କାସାର !

ଓ

କି ଅଛି ଜଗତେ ସ୍ନେହମୟ ପିତା ସ୍ନେହସଙ୍ଗେ ହେବ ଲକ୍ଷ୍ୟ ?
ପିତୃସ୍ନେହ ସଙ୍ଗେ ତୁଳା ଲଭିବାକୁ କେବଳ ସିନ୍ଧୁ ସେ ଶକ୍ୟ।–

ପଙ୍‌କ୍ତିଗୁଡ଼ିକର

ସ୍ୱର ଓ ଶ୍ୱାସ ଗଙ୍ଗାଧରଙ୍କ–

ତହିଁରେ ଚତୁରୀ ବରବର୍ଣ୍ଣିନୀର, ମାନସ ଭୁଲିଲା ନାହିଁ,
ମାନସର କେଳିଲାଳସୀ ମରାଳୀ କାସାରେ ରସିବ କାହିଁ ?

(ଇନ୍ଦୁମତୀ)

ଓ

'ଦୁହିତାର ଦୋଷ କ୍ଷମିବାକୁ ପିତା ତୁଲ୍ୟ ନାହିଁ ତ୍ରିଭୁବନେ'
(ପ୍ରଣୟବଲ୍ଲରୀ)– ପଙ୍‌କ୍ତିଗୁଡ଼ିକ ମଧ୍ୟରେ ଅନୁଭବ୍ୟ।

Digitized by PPRACHIN, SOA

'କାଦମ୍ବରୀ'ର ଚିନ୍ତାନୁପ୍ରାଣିତ ରାଧାନାଥଙ୍କ 'ପାର୍ବତୀ'ରେ ଅନ୍ନପୂର୍ଣ୍ଣାର ଉକ୍ତି–
'ମାତ୍ର ସ୍ନେହମୟ ପିତା ମୋର ପକ୍ଷେ ସ୍ନେହେ ହେଲେ ମାତା ପିତା'– ର ପ୍ରଭାବ ଗଙ୍ଗାଧରଙ୍କ 'ପ୍ରଣୟବଲ୍ଲରୀ'ରେ ଶକୁନ୍ତଳାର–
'ପାଳିଛନ୍ତି ମୋତେ ତାତ ପିତୃମାତୃ ସ୍ନେହ କରି ସମନ୍ୱୟ'– ଉକ୍ତି ମଧ୍ୟରେ ଦୃଷ୍ଟିଗୋଚର। 'ପାର୍ବତୀ' କାବ୍ୟର ଏ ସମସ୍ତ ଚିତ୍ର ଓ ବର୍ଣ୍ଣନା ଦ୍ୱାରା ଗଙ୍ଗାଧର ପ୍ରଭାବିତ ହୋଇଛନ୍ତି ସତ୍ୟ, କିନ୍ତୁ 'ପାର୍ବତୀ' କାବ୍ୟର ଅନ୍ତର୍ନିହିତ ବାସ୍ତବତା ଓ ଶିଳ୍ପଚେତନା କେବଳ ତାଙ୍କ ସୃଷ୍ଟି ମଧ୍ୟରେ ନୁହେଁ, ସମଗ୍ର ଓଡ଼ିଆ କାବ୍ୟସାହିତ୍ୟରେ ଦୁର୍ଲ୍ଲଭ ଓ ଅନନ୍ୟ।

'ପାର୍ବତୀ' ବ୍ୟତୀତ ରାଧାନାଥଙ୍କ 'ଚନ୍ଦ୍ରଭାଗା', 'ନନ୍ଦିକେଶ୍ୱରୀ', 'ଚିଲିକା', 'ଯଯାତିକେଶରୀ' ଓ 'ଦରବାର'ର ପ୍ରଭାବ ମଧ୍ୟ 'ଗଙ୍ଗାଧର'ଙ୍କ ସୃଷ୍ଟିରେ ପ୍ରତିଫଳିତ। 'ଚନ୍ଦ୍ରଭାଗା'ର–

'ଅର୍ଦ୍ଧେନ୍ଦୁ–ଲଲାଟେ ସିନ୍ଦୂରବିନ୍ଦୁ ରମଇ ଆଖି,
ନୁହଇ ସିନ୍ଦୂର, ରହିଛି ସ୍ମର ହୃଦୟ ଲାଖି।
–ଚିତ୍ର ସହ ଗଙ୍ଗାଧରଙ୍କ

ତପସ୍ୱିନୀ'ର–

'ଲଳିତ ଦିଶୁଛି ଲଲାଟେ ତାର ସିନ୍ଦୂର ବିନ୍ଦୁ,
ମୁଖକମଳକୁ ହୋଇଛି ଯେହ୍ନେ ପୂର୍ଣ୍ଣିମା ଇନ୍ଦୁ।'
ଚିତ୍ରକଳ୍ପନା ତୁଳନୀୟ।

'ନନ୍ଦିକେଶ୍ୱରୀ'ର–

କୁଆଁତରା ତହିଁ ମଧେ ବିରାଜିତା
ପ୍ରାଚୀ କରିଛି କି ରାମାନନ୍ଦୀ ଚିତା।–
ପଙ୍‌କ୍ତି ଦୁଇଟି

ଗଙ୍ଗାଧରଙ୍କ 'ବେଦବ୍ୟାସ'ର–

ଉଭୟ ପାର୍ଶ୍ୱରେ ଶୁଭ୍ର ବେଳିନନ୍ଦୀ,
ଦିଶନ୍ତି ଯେସନେ ଚିତା ରାମାନନ୍ଦୀ–
ପଙ୍‌କ୍ତି ଦୁଇଟି ସହ ତୁଳନୀୟ।

ରାଧାନାଥଙ୍କ 'ଚିଲିକା'ର ଶତ୍ରୁସଂହାରିଣୀ ରୁଦ୍ର ମୂର୍ତ୍ତିର ଚିତ୍ର–କଳ୍ପନା–,

ବିଜୟ–ଉଲ୍ଲାସ–ମଦେ ବାହି ତରୀ
ବାହୁଡ଼ିଲା ଯେବେ ସ୍ୱଦେଶେ ମଘରୀ
ତା ଉଲ୍ଲାସ–ଗୀତ ତୋହରି ପ୍ରତାପେ
ପରିଣତ ହେଲା ପଲକେ ବିଳାପେ।

Digitized by PPRACHIN, SOA

ଉତ୍ତରଲେ ଯାଇ ଓଗାଳିଲୁ ବାଟ,
ଆକାଶ ପାତାଳ ଛାଡ଼ିଲେ କୁହାଟ,
+ + + +
ତୋ ଉର ଦର୍ପଣେ ସଘନେ ବିମ୍ବିତ
ହୋଇ ଚମକିଲା ଜୀମୂତେ ତଡ଼ିତ,
ଦେଖାଇଦେଲା ତୋ ସଂହାର–ମୂରତି,
ପ୍ରକୃତିର ସେହି କରାଳ–ଆରତି,
ଯାଦେଖି ଆତଙ୍କେ ଦୈତ୍ୟ–ଆଖଣ୍ଡଳ
ବିଫଳ ମଣିଲା ନିଜ ଭୁଜବଳ।–

ସହିତ ଗଙ୍ଗାଧରଙ୍କ 'ତପସ୍ୱିନୀ'ରେ ପ୍ରକୃତିର ପ୍ରଳୟଙ୍କରୀ ମୂର୍ତ୍ତିର ଚିତ୍ରକଳ୍ପନା ତୁଳନୀୟ ଓ ଉଭୟ ଚିତ୍ର ମଧ୍ୟରେ ସମଧର୍ମିତା ବର୍ତ୍ତମାନ।

କରିବାକୁ ନିୟତିର ସହିତ ସମର
ତୃଣରାଜ ଖଡ୍‌ଗ-କରେ ଗର୍ଜିଲା ପ୍ରଖର।
+ + + +
ବ୍ୟାହତ ହୃଦୟ ଜୀର୍ଣ୍ଣ ଶରୀର ବାଦଲ
ଦଉଡ଼ି ଆସିଲା କୋପେ ଘେନି ଦଳବଳ।
ଚକ୍ଷୁ ଚମକାଇ କରି ଗଭୀର ଗର୍ଜନ
ଦେଖାଇଲା ନିୟତିର ଉପରେ ତର୍ଜନ।
+ + + +
ସତୀଙ୍କ ରୋଦନେ ଗତି ସ୍ତମ୍ଭିଲା ବାତର,
ଜଳସ୍ଥଳ ଘେନି ହେଲା ନିସର୍ଗ କାତର।
ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗ–ଆବଳି
ବନ୍ଦ ହୋଇଗଲା ବନେ ବିହଙ୍ଗ କାକଳି।
ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା–ଶୀଳା–ବଲ୍ଲୀ–କଳେବର (ତପସ୍ୱିନୀ)

'ଚିଲିକା'ର–

ମୂର୍ତ୍ତିପରିଗ୍ରହି ଉଦେ କି ସାହସ ?
କିମ୍ବା କ୍ଷାତ୍ରଧର୍ମ କିମ୍ବା ବୀରରସ ?–
ପଙ୍‌କ୍ତି ଦୁଇଟି ସହିତ

Digitized by PPRACHIN, SOA

ଗଙ୍ଗାଧରଙ୍କ 'ଇନ୍ଦୁମତୀ'ର—

ଶ୍ରୀମୁଖ—ମୁକୁରେ ଉସାହ ସାହସ ହେଉଛି ପ୍ରତିବିମ୍ବିତ,
କ୍ଷତ୍ରିୟ ଧର୍ମ କି ବୀରରସ ଅବା ବିଗ୍ରହ ଧରି ଶୋଭିତ।—

ପଙ୍କ୍ତି ଦୁଇଟି ତୁଳନୀୟ। ଏ ଉଭୟ ଚିତ୍ରସୃଷ୍ଟିର ମୂଳ ପ୍ରେରଣା 'ରଘୁବଂଶ'ରେ ନିହିତ।

'ବ୍ୟୂଢ଼ୋରସ୍କୋ ବୃଷସ୍କନ୍ଧଃ ଶାଳପ୍ରାଂଶୁର୍ମହାଭୁଜଃ
ଆତ୍ମକର୍ମକ୍ଷମଂ ଦେହଂ କ୍ଷାତ୍ରୋଧର୍ମ ଇବାଶ୍ରିତଃ॥ (୧ମ ସର୍ଗ)

'ଅଭିଜ୍ଞାନ ଶାକୁନ୍ତଳମ୍'ର 'ନ ପ୍ରଭାତରଲଂ ଜ୍ୟୋତିରୁଦେତି ବସୁଧାତଳାତ୍'ର କଳ୍ପନା ରାଧାନାଥଙ୍କ 'ଯଯାତି କେଶରୀ'ରେ ଆମେ ଲକ୍ଷ୍ୟ କରୁଁ।

ପୁଣ୍ୟଭୂମି ନୋହିଥିଲେ କି ଏ ବାଳା ଜନମିଥାନ୍ତା ଉତ୍କଳେ,
ତ୍ରିଦଶ—ସୁନ୍ଦରୀ ସୌଦାମିନୀ କେବେ ସ୍ଫୁରେ କି ବସୁଧାତଳେ ?

ଏହି କଳ୍ପନା ସହିତ ଗଙ୍ଗାଧରଙ୍କର—

ଭୂମିତଳେ ବଜ୍ର ନଥାଏ, ସହଜ ମାତ୍ର ତାହା ଜଳଧରେ,
ପ୍ରଜା—କର—ଦଣ୍ଡ ନ ହୁଏ ପ୍ରଚଣ୍ଡ, ପ୍ରଚଣ୍ଡ ନୃପତି କରେ।—

ପଙ୍କ୍ତି ଦୁଇଟି ତୁଳନୀୟ। ମାତ୍ର ଗଙ୍ଗାଧର ରୂପ—କଳ୍ପନା ଗ୍ରହଣ କରିଥିଲେହେଁ ନିଜର ଲକ୍ଷ୍ୟସିଦ୍ଧି ପାଇଁ ସେଥିରେ ନବଚେତନା ସଞ୍ଚାର କରିଛନ୍ତି।

ରାଧାନାଥଙ୍କର 'ଦରବାର'ର—

କେତେକେତେ ଭୋଜ ଦେଇଅଛ ଭାଇ;
ଦେଇଅଛ ଡାଲା ଭରି ମେବା ନାନା,
କେତେଥର ଦେଇଅଛ ନାଚଖାନା,
ଦୁଃଖୀରଙ୍କୀ ତଣ୍ଟି ଚିପି ବାରମ୍ବାର
ଦାତାପଣ କେତେ କରୁଛ ପ୍ରଚାର!— ପଙ୍କ୍ତି ଗୁଡ଼ିକର ଭାବସମ୍ପଦ

ଗଙ୍ଗାଧରଙ୍କ 'ତାକୁ ମଧ ବୋଲିଥାନ୍ତି ଧର୍ମ ଅବତାର' କବିତାଟିରେ ପରିଲକ୍ଷିତ।

ଉପସଂହାରରେ କେବଳ ଏତିକି କହିଲେ ଯଥେଷ୍ଟ ହେବ ଯେ, ରାଧାନାଥ—ପ୍ରତିଭା ପ୍ରତି ଗଙ୍ଗାଧର ବହୁଦିଗରୁ ଋଣୀହେଲେ ହେଁ ନିଜର ସ୍ୱଭାବସିଦ୍ଧ ସୃଜନଶୀଳତାର ସ୍ୱାକ୍ଷର ଓଡ଼ିଆ କାବ୍ୟସାହିତ୍ୟରେ ଅଙ୍କନ କରି ଯାଇଛନ୍ତି। ସେ ସ୍ୱାକ୍ଷର ସମସ୍ତ ପ୍ରଭାବ ମଧ୍ୟରେ ମ୍ଳାନ ବା ଅବଲୁପ୍ତ ହେବାର ନୁହେଁ।

-୦-

Digitized by PPRACHIN, SOA